ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**କରୋନା ମହାମାରୀ ବର୍ତ୍ତମାନ ଗୋଷ୍ଠୀ ସଂକ୍ରମଣ ସ୍ତରରେ, ନିଜକୁ ରକ୍ଷା କରିବାକୁ ହେଲେ, ସଚେତନ ରହନ୍ତୁ, ନିଜର ଯତ୍ନ ନିଅନ୍ତୁ, ସାମାଜିକ ଦୂରତ୍ୱ ପାଳନ କରନ୍ତୁ, ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରନ୍ତୁ ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| ଲକ୍‌ଡାଉନ୍ ପରେ ! ! ! | | ୨୦ |
| କାହାଣୀ ବିଭାଗ | | ୨୨ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୨୩ |
| ସମୟର ଶେଷ | ସୁବଳ ମହାପାତ୍ର | ୨୭ |
| ଦୁଇ ଆତ୍ମାର ମିଳନ | ରେଶମା ମହାନ୍ତି | ୩୨ |
| ରାଜୁ ଗାଇଡ଼ | ଜନ୍ମେଜୟ ପଣ୍ଡା | ୩୬ |
| ଶ୍ରାବଣର ଜଳାଭିଷେକ | ଗଦାଧର ବଳ | ୪୨ |
| ଅଳ୍ପାୟୁ | ସରୋଜିନୀ ମିଶ୍ର | ୪୭ |
| ବଣ ମୂଲକର କଥା | ସତ୍ୟନାରାୟଣ ମିଶ୍ର | ୫୧ |
| ଭିକ୍ରମ୍ | ପ୍ରଶାନ୍ତ ନାୟକ | ୫୩ |
| ମୁଠିଭିକ୍ଷା | ବାଲାଜୀ ସେଠୀ | ୬୭ |
| ମାଆ | ଦେବେନ୍ଦ୍ର ସାମଲ | ୭୬ |
| ଏକ ଟଙ୍କା | ବିଚିତ୍ରାନନ୍ଦ ଜେନା | ୭୮ |
| ନିଶବ୍ଦ ସଂଳାପ | ବିରଞ୍ଚିନାରାୟଣ ମିଶ୍ର | ୭୯ |
| ଅଙ୍କୁର | ବିନୟ ମହାପାତ୍ର | ୮୩ |
| ଘର ଆଉ କେତେବାଟ | ଅସିତ କୁମାର ପଣ୍ଡା | ୯୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କୃତଜ୍ଞତା | ସଞ୍ଜୀବ ଦାସ | ୯୮ |
| ବାଃ ରାଧୁଆ ବାଃ | ନାରାୟଣ ଚନ୍ଦ୍ର ସେନାପତି | ୧୦୧ |
| ସିମି ବଡ଼ ହୋଇଯାଇଛି | ଅନସୁୟା ପଣ୍ଡା | ୧୦୯ |
| ମୁଁ ଶକୁନି | କାର୍ତ୍ତିକ ପାଣିଗ୍ରାହୀ | ୧୧୮ |
| ହେ ଅତୀତ | ଶାନ୍ତନୁ କୁମାର ରାଉତ | ୧୨୦ |
| ତନ୍ଦ୍ରାଚ୍ଛନ୍ନ ତନ୍ଦ୍ରା | ଶୁଚିସ୍ମିତା ଗୌଡ଼ | ୧୨୩ |
| ଲଙ୍କାଗଛର ଜନ୍ମକାହାଣୀ | କୁଞ୍ଜବିହାରୀ ସାହୁ | ୧୩୧ |
| କର୍ତ୍ତବ୍ୟ | ବିଜୟେନ୍ଦ୍ର ପ୍ରତାପ ସିଂହ | ୧୩୫ |
| ଅପେକ୍ଷାର ପୂର୍ଣ୍ଣଚ୍ଛେଦ | ଇତିଶ୍ରୀ ମହାରଣା | ୧୪୧ |
| ରୂପମନ୍ତ୍ର | ଲିପ୍‌ସା ପଟେଲ | ୧୪୫ |
| ସକାଳ ମେଘ | ତ୍ରିଲୋଚନ ଦାସ | ୧୫୧ |
| ଭିନ୍ନ ଏକ ଜନ୍ମଦିନ | ନିରୁପମା ପ୍ରଧାନ | ୧୬୨ |
| କୋକେଇ | ଲଳିତ ମୋହନ ମହାନ୍ତି | ୧୬୫ |
| ଲକ୍‌ଡାଉନ୍ | ଶିବଶଙ୍କର ସାହୁ | ୧୬୭ |
| କରୋନା ପଞ୍ଜିକ | ଡା ସୌମ୍ୟରଞ୍ଜନ ମିଶ୍ର | ୧୭୦ |
| ତାରାନାଥ ତାନ୍ତ୍ରିକ | ଦୀପକ ଷଡ଼ଙ୍ଗୀ | ୧୭୩ |
| କୃରତା ଓ କୁକର୍ମର ଅନ୍ତକ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୦ |
| **କବିତା ବିଭାଗ** | | **୧୮୨** |
| ମାତୃଦିବସ | ପୁଷ୍ପାଞ୍ଜଳୀ ପଟ୍ଟନାୟକ | ୧୮୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କରୋନା କିଏ | ପୁଷ୍ପାଞ୍ଜଳୀ ପଟ୍ଟନାୟକ | ୧୮୪ |
| କରୋନା ଶିଖାଇଲା | ସୁବ୍ରତ ମଲ୍ଲିକ | ୧୮୫ |
| କରୋନା ଯୋଦ୍ଧାଙ୍କୁ ନମସ୍କାର | ବୈଦ୍ୟନାଥ ପଣ୍ଡା | ୧୮୬ |
| କରୋନା କାହାଣୀ | ସୁଧାଂଶୁ ଶେଖର ସାହୁ | ୧୮୭ |
| କରୋନା ବନାମ ପଡ଼ୋଶୀ | ଶୁଭସ୍ମିତା ନାୟକ | ୧୮୯ |
| ଜୀବନଯୁଦ୍ଧ | ପୁଷ୍ପଲତା ସାହୁ | ୧୯୦ |
| କରୋନା | ସେବକାନ୍ତ ନନ୍ଦ | ୧୯୧ |
| କରୋନା | ସମ୍ବେଦନା ମିଶ୍ର | ୧୯୨ |
| ଗୃହବନ୍ଦୀ | ସଂଯୁକ୍ତା ମହାପାତ୍ର | ୧୯୩ |
| ଗୃହବନ୍ଦୀ | ଯୁବରାଜ କୁଦେଇ | ୧୯୪ |
| ତାଲାବନ୍ଦ | ହୀରାବତୀ ପାତ୍ର | ୧୯୬ |
| ପ୍ରବାସୀ ଶ୍ରମିକ ପାଇଁ | ରାଜେନ୍ଦ୍ର ସାମଲ | ୧୯୭ |
| ସାହାଯ୍ୟ ପାଇଁ କଣ ଫଟୋ ଲୋଡ଼ା | ଦେବବ୍ରତ ବାରିକ | ୧୯୮ |
| ଚୀନ ପ୍ରିୟତମା | ଗୌରୀ ପଣ୍ଡା | ୧୯୯ |
| ପୁଣି ଆମେ ହସିବା | ଚିନ୍ମୟ ଶୁଭ୍ରାଂଶୁ | ୨୦୧ |
| ଲକ୍‌ଡାଉନ୍ | ଜଗଜୀବନ ସେଠୀ | ୨୦୨ |
| ଲକ୍‌ଡାଉନ୍ | ସନାତନ କଟା | ୨୦୩ |
| ବୋଝ | ଶିବଶଙ୍କର ସାହୁ | ୨୦୪ |
| କରୋନା କ୍ଲେଶ | ଲକ୍ଷ୍ମଣ ମହାନ୍ତି | ୨୦୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବୁଢ଼ାବାପ ଆଜି ହସୁଛି | ପ୍ରିୟବ୍ରତ କର | ୨୦୭ |
| ମହାମାରୀ କରୋନା | ସାଇପ୍ରସାଦ ସାହୁ | ୨୦୮ |
| କେବଳ ଆମେ ହେଲେ ସଚେତନ | ଲଳିତ ମୋହନ ମହାନ୍ତି | ୨୧୦ |
| କରୋନା ହାରିବ | ଜିତେନ୍ଦ୍ର କୁମାର କହଁର | ୨୧୧ |
| ମହାମାରୀ | ରବିନ୍ଦ୍ରନାଥ ବାହିନୀପତି | ୨୧୩ |
| ସୁଖ ସୌଦାଗର | ଅନାମ ଚରଣ ସାହୁ | ୨୧୪ |
| ପୃଥିବୀ ମୁହଁରେ ତୁଣ୍ଡି | ନାରାୟଣ ଚନ୍ଦ୍ର ସେନାପତି | ୨୧୫ |
| ଜ୍ୱାଇଁପୁଅ ତୁମେ କଣ କଲ | ସତ୍ୟବାନ ନାୟକ | ୨୧୭ |
| ସନ୍ତୁଳନ | ନିବେଦିତା ଜେନା | ୨୧୯ |
| କେଉଁଦିନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୨୦ |
| ମମତା ଦିଦିର ଭକତ | ଶିଶିର କୁମାର ପଣ୍ଡା | ୨୨୧ |
| ଚିନ୍ତା ଚେତନାରେ... କରୋନା | ଚନ୍ଦ୍ରକାନ୍ତ ଜେନା | ୨୨୨ |
| ବିଦେଶୁ ଭାଇ ମୋ ଫେରିଛି | ତପନ କୁମାର ବାରିକ | ୨୨୫ |
| ସମୟ | ଉର୍ମିଳା ଦାସ | ୨୨୭ |
| ନିବେଦନ | ଗୁପ୍ତେଶ୍ୱର ଚାନ୍ଦ | ୨୨୮ |
| ପଞ୍ଜୁରୀ ଭିତରେ ସାରୀ | ଅନୁସୂୟା ମିଶ୍ର | ୨୨୯ |
| ବିଶ୍ୱମାତା | ଦେବାଶିଷ ସାହୁ | ୨୩୧ |
| ମା | ଆକାଂକ୍ଷା ଅରୁଣିମା ସାହୁ | ୨୩୨ |
| ମାଆ | ରାଜେନ୍ଦ୍ର ବୋଡ଼କିଆ | ୨୩୩ |

Magazine Downloaded from www.aahwaan.com


| | | |
|---|---|---|
| ପ୍ରତୀକ୍ଷା | ସୁବାସ ଚନ୍ଦ୍ର ମୁଦୁଲି | ୨୩୫ |
| ସୀମାହୀନ ତମ ମନ | ଡା ନୀଳମାଧବ କର | ୨୩୬ |
| ସ୍ୱାଦ | ଶ୍ରୀକ୍ଷେତ୍ର ସୁନ୍ଦର | ୨୩୭ |
| ଶବ | ସରୋଜ ସାହୁ | ୨୩୮ |
| ଏକାକୀତ୍ୱ | ଅସୀମା ସାହୁ | ୨୩୯ |
| ଗୁରୁପୂଜା | ଦେବରାଜ ମେହେର | ୨୪୦ |
| ଗୁରୁ | ବାଦଲ ମହାରଣା | ୨୪୧ |
| ଓମ୍ ସାଇ | ଜ୍ଞାନରଞ୍ଜନ ଦେ | ୨୪୨ |
| ଆସିବ ନିଶ୍ଚୟ ପ୍ରଭୁ | ପରମାନନ୍ଦ ରାଜହଂସ | ୨୪୩ |
| ପାଠଶାଳା | ଜନ୍ମେଜୟ ପଣ୍ଡା | ୨୪୫ |
| ସ୍ୱାଦ | ଚନ୍ଦ୍ରେଶ୍ୱର ସନବର୍ଷିଆ | ୨୪୬ |
| ତିନୋଟି ପାହାଚ | ସଞ୍ଜୟ କୁମାର ଜେନା | ୨୪୮ |
| ଫୁଲ ଓ ସୁତା | ଅଲେଖ ମେହେର | ୨୪୯ |
| ବିନ୍ଦୁ | ରାଜେଶ ରଥ | ୨୫୧ |
| ରବିବାର | ମଞ୍ଜୁରାଣୀ ମିଶ୍ର | ୨୫୨ |
| କ୍ଷଣଭଙ୍ଗୁର ଜୀବନ | ଶ୍ରୀରାଜଶେଖର ସି 'ଚିମା' | ୨୫୪ |
| ମୁଁ ଆଉ ତମେ | ଲିଟନ୍ କୁମାର ବେହେରା | ୨୫୫ |
| ଲୁହର ଶ୍ରାବଣ | ଅଶ୍ୱିନୀ କୁମାର | ୨୫୬ |
| କେବେ କେବେ ତୁମେ | ନିରଞ୍ଜନ ସାହୁ | ୨୫୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୁଁ ଧନୀ ହେବି | ଦୁର୍ଯ୍ୟୋଧନ କରଡ଼ା | ୨୫୯ |
| ପରିଚୟ | ଅଲିଭା ସାହୁ | ୨୬୩ |
| ଅତନ୍ଦ୍ର ନିବିଡ଼ତା | ଡଃ ମନୋରଞ୍ଜନ ବିଷୋୟୀ | ୨୬୪ |
| ଅଶୁଣା କାହାଣୀ | ପପୁ ପଧାନ | ୨୬୫ |
| ଆହ୍ୱାନ | ବେଣୁଧର ସୁରୁଜାଲ | ୨୬୭ |
| ପଛରେ ଭାବିଲେ କି ଲାଭ | ଭାରତୀ ସାହୁ | ୨୬୯ |
| ଦରିଦ୍ରର ଦୁଃଖ | ରଞ୍ଜନ କୁମାର ସୁର | ୨୭୦ |
| ମୁଁ ଯିବି ଶାଶୁଘର | ହେମନ୍ତ ପାତ୍ର | ୨୭୨ |
| ମାରନାହିଁ ତୁମେ ଛାଟ | ନରେନ୍ଦ୍ର ପ୍ରସାଦ ବେହେରା | ୨୭୪ |
| ମୁଁ ମରିଗଲେ | ରାହୁଲ କୁମାର ନନ୍ଦ | ୨୭୬ |
| ମୋ ଜଗା | ସୁଦିପ୍ତା ବେହେରା | ୨୮୦ |
| ଲୁଚି ରହିଥିବା କଥା | କମଳ ଲୋଚନ ମଲ୍ଲିକ | ୨୮୧ |
| ଆଜି ମୁଁ ଧର୍ଷିତା | ଐଶ୍ୱର୍ଯ୍ୟା ମିଶ୍ର | ୨୮୨ |
| ତୁମ ବିନା | ସାର୍ଥକ ପ୍ରସାଦ ସାହୁ | ୨୮୪ |
| ଜୀବନ | ଗଣେଶ ବାରିକ | ୨୮୬ |
| ଜୀବନ | ରାମ ପ୍ରସାଦ ସିଂହ | ୨୮୭ |
| ପ୍ରେମ | ଶ୍ୟାମସୁନ୍ଦର କୁମ୍ଭାର | ୨୮୮ |
| ଫୁଲଟିଏ | ତୁଷାରକାନ୍ତ ମୁନା | ୨୮୯ |
| ଟିକି କଣ୍ଢେଇ | ରୋହିତ ସେଠୀ | ୨୯୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବୋଝ | ନାରାୟଣ ସାହୁ | ୨୯୩ |
| ମରୀଚିକା | ବିରେନ୍ଦ୍ର ନାୟକ | ୨୯୫ |
| ମୁଁ ଝୁରେ | କାହ୍ନୁ ଚରଣ ସାହୁ | ୨୯୭ |
| ପ୍ରେମ ସଂଜ୍ଞା | ଅଜିତ କୁମାର ଭୋଇ | ୨୯୮ |
| ଭୋକ | ବାଲାଜୀ ସେଠୀ | ୨୯୯ |
| ମଜଦୂର | ଷଡ଼ାନନ ନାୟକ | ୩୦୧ |
| ଅଦିନିଆ ମେଘ | ପ୍ରୀତିରଞ୍ଜନ ନାୟକ | ୩୦୪ |
| କହିପାରେ ନାହିଁ | ପୁଷ୍ପାଞ୍ଜଳୀ ପଣ୍ଡା | ୩୦୫ |
| ଘର | ଆଶିଷ କୁମାର ସ୍ୱାଇଁ | ୩୦୬ |
| ଗର୍ବର ହେଉ ଖର୍ବ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୦୭ |
| ଆହେ ଦୀନବନ୍ଧୁ | ଅଜୟ କୁମାର ବେହେରା | ୩୦୯ |
| ଖରା ବର୍ଷା ଶୀତ | ନୂତନ କୁମାର ବେହେରା | ୩୧୧ |
| ସ୍ୱପ୍ନ ନାୟିକା | ଗଣେସ ଦାସ | ୩୧୩ |
| ଉଦ୍ଧାର | ପଙ୍କଜ କୁମାର ମାହାନା | ୩୧୬ |
| ବୋଝ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୩୧୭ |
| ଅଭିନୟ | ପ୍ରଣତୀ ମହାପାତ୍ର | ୩୧୯ |
| ବୃକ୍ଷ | ନବୀନ ସାହୁ | ୩୨୦ |
| ପ୍ରକୃତିରାଣୀ ରୂପ | ଆଶୁତୋଷ ମେହେର | ୩୨୩ |
| ପରିବାର | ବାସନ୍ତୀଲତା ଜେନା | ୩୨୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରେମ ଏକତରଫା | ପ୍ରଭାଷ ଚନ୍ଦ୍ର ଟୋଲଟିଆ | ୩୨୬ |
| ନାରୀ ଦିବସ | ଓମ୍ ପ୍ରସାଦ ପ୍ରଧାନ | ୩୨୭ |
| ସ୍ୱପ୍ନ ପରିପନ୍ଥୀ | ପ୍ରଭାତ ବଳ | ୩୨୯ |
| ସମର୍ପଣ | ସମ୍ୟଜିତ ପାତ୍ର | ୩୩୦ |
| ସମ୍ପର୍କର ବାସ୍ନା | ଅରୁପ ଗିରି | ୩୩୧ |
| ବର୍ଷା ଅବକାଶ | ସୌମେନ୍ଦ୍ର ମହାନ୍ତି | ୩୩୨ |
| ହୁଅନାହିଁ ତୁମେ ପୁସ୍ତକ କୀଟ | ଦୀନବନ୍ଧୁ ବେଜ | ୩୩୪ |
| କଳିଯୁଗର କୃଷ୍ଣ | ସୌମ୍ୟରଞ୍ଜନ ପାଲ | ୩୩୫ |
| ସ୍ୱପ୍ନ ବନାମ ବାସ୍ତବତା | ରାଜେନ୍ଦ୍ର କୁମାର ସାହୁ | ୩୩୬ |
| ଲୁହ ନଉକା | ରାମଚନ୍ଦ୍ର ପ୍ରଧାନ | ୩୩୮ |
| ଆଜିର ମଣିଷ | କୃଷ୍ଣଚନ୍ଦ୍ର ଡାକୁଆ | ୩୩୯ |
| ନିର୍ଯ୍ୟାତିତା ନାରୀ | ବିନୟ କୁମାର ଦଣ୍ଡସେନା | ୩୪୧ |
| ଗୋପାଳପୁର ବେଳାଭୂମି | ଲକ୍ଷ୍ମୀକାନ୍ତ ମହାପାତ୍ର | ୩୪୩ |
| ଅତୀତ | ଉତ୍ତମ ମହାପାତ୍ର | ୩୪୫ |
| ରହସ୍ୟମୟ ଜୀବନ | କ୍ଷୀରୋଦ କୁମାର ସାହୁ | ୩୪୬ |
| କନ୍ୟା ସନ୍ତାନ | ଇତିଶ୍ରୀ ମଲ୍ଲିକ | ୩୪୮ |
| ଘରକୁ ଆସିବୁ ବୋଲି | ତାରା ପ୍ରସାଦ ଜେନା | ୩୪୯ |
| ନାରୀ | ଶାନ୍ତନୁ କୁମାର ରାଉତ | ୩୫୦ |
| ବୋଉ | ଶୁଭକାନ୍ତ ସାହୁ | ୩୫୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ହଁ ମୁଁ ଆଜିବି ବଞ୍ଚିଛି | ସିଦ୍ଧେଶ୍ୱର ତ୍ରିପାଠୀ | ୩୫୪ |
| ବିବାହ ବନ୍ଧନ | ପ୍ରଶାନ୍ତ କୁମାର ପଧାନ | ୩୫୫ |
| କବିତା ଗୋ ତୁମେ | ଶରତ ଚନ୍ଦ୍ର ଜାଲି | ୩୫୬ |
| ଧୁ ଧୁ ଖରା | ସସ୍ମିତା ମିଶ୍ର | ୩୫୮ |
| ଅକ୍ଷୟ ତୃତୀୟା | ସାଗର ନାୟକ | ୩୬୦ |
| ଘରଜୋଇଁଆ | ସୌଭାଗ୍ୟ ଗିରି | ୩୬୧ |
| ମନେପଡ଼େ ପ୍ରବାସରେ | ନିବେଦିତା ମହାପାତ୍ର | ୩୬୨ |
| ଭିଡ଼ ମୁଁ | ପରମିତା ମିଶ୍ର | ୩୬୪ |
| ଚାଷୀ | ଜୟନ୍ତ କୁମାର ସାହୁ | ୩୬୬ |
| ଏଇ ପ୍ରେମ ମୋତେ... | ସତ୍ୟବ୍ରତ ସାହୁ | ୩୬୭ |
| ଉତ୍କଳଗୌରବ | ମନୋରଞ୍ଜନ ମୁଦୁଲି | ୩୬୮ |
| ତୁମେ | ଶୁଚିସ୍ମିତା ଗୌଡ଼ | ୩୬୯ |
| ବିଦାୟ | ବରୁଣ କୁମାର ଦାସ | ୩୭୧ |
| ଈଶ୍ୱରଙ୍କ ସନ୍ତାନ | ଋତୁପୂର୍ଣ୍ଣା ମହାନ୍ତି | ୩୭୨ |
| ଦୁଇଟି ପ୍ରାର୍ଥନା | ଶମ୍ଭୁନାଥ ଦାସ | ୩୭୩ |
| ଡାକବଙ୍ଗଳା | ସନାତନ ମହାକୁଡ଼ | ୩୭୬ |
| ସମ୍ବଲପୁରୀ ବିଭାଗ | | ୩୭୮ |
| ଭୋକ୍ | ପ୍ରସନ୍ନ ପ୍ରୟାସ ଭୁଏ | ୩୭୯ |
| କଏଦୀ ନମ୍ବର ୧୯ | ସତ୍ୟନାରାୟଣ ମିଶ୍ର | ୩୮୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ହେତାସ ଭାଏଁଲ୍ | ମୁରଲୀ ଶିକ୍କା | ୩୮୨ |
| ଲୋଭ୍ | ଜିତେନ୍ଦ୍ର ପାଣ୍ଡେ | ୩୮୪ |
| ହନୁମାନ୍ କେ ଧିଆନ୍ | କ୍ଷମାନିଧି ସାହୁ | ୩୮୬ |
| ସପନର୍ ରାନୀ | କ୍ଷମାନିଧି ସାହୁ | ୩୮୭ |
| ଜତ୍ ଜୁନହାଁ କେ ତତ୍ ସୁନା | ଅରୁଣ କୁମାର ଭୋଇ | ୩୮୯ |
| ନୂଆଁ ପାହା | ଚିତ୍ତରଞ୍ଜନ ପଧାନ | ୩୯୧ |
| ମାଏଟ୍ | ନବୀନ ପଧାନ | ୩୯୨ |
| ଭୋକର୍ ଭୂଗୋଲ୍ | ଫିରୋଜ କୁମାର ପଟେଲ୍ | ୩୯୩ |
| ଝି ଟେ ହେତା କାଏଁ ମୋର୍ | ଫିରୋଜ କୁମାର ପଟେଲ୍ | ୩୯୫ |
| ଆମର୍ ବର୍'ଗଡ୍ | ବିଶ୍ୱନାଥ ଭୁଏ | ୩୯୮ |
| ଝି ଜନମ୍ | ଜିତେନ୍ଦ୍ର ସାହୁ | ୩୯୯ |
| ମୁନୁଷ୍ | ରମଣି କାନ୍ତ ସାହୁ | ୪୦୦ |
| ଆସାର୍ ସୁନା ଫାସ୍ | ସହଦେବ ଧରୁଆ | ୪୦୧ |
| ଫଲସା ଫୁଲର୍ ମନର୍ କଥା | ମନୋରଞ୍ଜନ ସୁରୁଜାଲ | ୪୦୨ |
| ଚିଠି | ରମଣୀରଞ୍ଜନ ବିଶ୍ୱାଳ | ୪୦୩ |
| ସେ ଭାଏଲ୍ ମରିୟମ୍ ଆଏ | ନାଟ୍ୟମହର୍ଷି ଭରତ ଧରୁଆ | ୪୦୪ |
| ଗାଁର୍ ମହକ୍ | ସାଇ ପ୍ରସାଦ ସାହୁ | ୪୦୬ |
| **ପ୍ରବନ୍ଧ ବିଭାଗ** | | **୪୦୯** |
| ସଚେତନତାର ଶାଢ଼ୀ ଚାଲେଞ୍ଜ | ସୌଭାଗ୍ୟ ଗିରି | ୪୧୦ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଯୋଦ୍ଧାର ଅଭିପ୍ରାୟ | ସଂଜୀବ ଦାସ | ୪୧୩ |
| ମହାବିଷୁବ ସଂକ୍ରାନ୍ତି | ନରେନ୍ଦ୍ର ପ୍ରସାଦ ବେହେରା | ୪୧୪ |
| ତା ହେଲେ ଲକ୍‌ଡାଉନ୍ ଆଉ କାହିଁକି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୪୧୭ |
| ପ୍ରବାସୀ ଓଡ଼ିଆ | କୈଳାଶ ଚନ୍ଦ୍ର ସାହୁ | ୪୧୯ |
| ଫାଶି ମିଳିଲେ ବି ପ୍ରସ୍ତୁତ | ସତୀଶ ବିଶ୍ୱାଳ | ୪୨୧ |
| କରୋନା ଓ ପ୍ରବାସୀ ଭାରତୀୟ | ଅଭିମନ୍ୟୁ ବେହେରା | ୪୨୭ |
| କରୋନାର ପ୍ରତିକାର | ଇଂ ବିଦ୍ୟାଧର ପଣ୍ଡା | ୪୩୦ |
| ଗୌତମ ବୁଦ୍ଧ | ଦେବେନ୍ଦ୍ର ସାମଲ | ୪୩୫ |
| ଗଣମାଧ୍ୟମରେ କିଏ ? | ପଙ୍କଜ ପାଣିଗ୍ରାହୀ | ୪୪୦ |
| ସଂଗୀତର ଆତ୍ମା ପର୍ଯ୍ୟନ୍ତ ଗତି | ଆଶିଷ କୁମାର ପଣ୍ଡା | ୪୪୪ |
| ଦାସବାବୁଙ୍କ ପରିବାର | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୪୪୬ |
| ବିଶେଷ ସୂଚନା | | ୪୪୯ |


ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ଟାଇପ୍ ହୋଇଥିବା ଆଲେଖ୍ୟକୁ ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଉପସ୍ଥାପିତ କରି ପଠାଇଲେ ତାହା ପ୍ରକାଶନ ହେତୁ ତୁରନ୍ତ ଯୋଗ୍ୟ ବିବେଚିତ ହେବ । ଧନ୍ୟବାଦ ।

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୨୦ ସଂସ୍କରଣ ଆପଣଙ୍କୁ ଉପହାର ଦେଉଥିବା ବେଳେ ବର୍ତ୍ତମାନର ବିଶ୍ୱ ପରିବେଶ ପାଇଁ ଚିନ୍ତିତ ସମସ୍ତ ପାଠକପାଠିକାଙ୍କୁ ଭଗବାନ ଆଶୀର୍ବାଦ କରନ୍ତୁ ଏବଂ ସମସ୍ତେ ନିରୋଗୀ ହୋଇ ସୁସ୍ଥ ଓ ଆନନ୍ଦମୟ ଜୀବନ ପାଆନ୍ତୁ ବୋଲି ଆଶା କରୁଛି ।

ଆମେ ସମସ୍ତେ ବର୍ତ୍ତମାନ ଏକ ଅଭୂତପୂର୍ବ ସମୟ ଦେଇ ଗତି କରୁଛେ । ଆମ ଜୀବନ ବସ୍ତୁତଃ ବନ୍ଦୀର ଜୀବନ ହୋଇଯାଇଛି । ଅଧିକାଂଶ ସମୟ ଘରେ ବନ୍ଦ ହୋଇ ରହିବା ଦ୍ୱାରା ଅନେକ ବନ୍ଧୁ ବିରକ୍ତିବୋଧ କରୁଥିବା ବେଳେ, କିନ୍ତୁ ମୋର ପ୍ରିୟ ସାହିତ୍ୟିକ ବନ୍ଧୁମାନେ ଏହି ସମୟକୁ ସୁବିନିଯୋଗ କରୁଥିବେ ବୋଲି ଆଶା । ସୋସିଆଲ୍ ମିଡ଼ିଆରେ ସାହିତ୍ୟକୁ ନେଇ ଅନେକ ଚର୍ଚ୍ଚା ପରିଚର୍ଚ୍ଚା ଚାଲିଛି । ହୁଏତ ଅନେକ ପାଠକ ସେ ବିଷୟରେ ଅବଗତ ନଥାଇ ପାରନ୍ତି । ସାହିତ୍ୟର ଏକ ଦିଗ ହେଉଛି, ଅନ୍ୟର ଉଦାହରଣ ଦେଇ କବିତା ବା ସାହିତ୍ୟ ସୃଷ୍ଟିକରିବା । ଏହାର ଅନେକ ନିଦର୍ଶନ ଆପଣଙ୍କୁ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ । ଏହାକୁ ମେଟାଫର୍ ବୋଲି କୁହାଯାଏ । ସାହିତ୍ୟରେ ପୁରୁଷଙ୍କୁ ରାମ ସହ ତୁଳନା କରି ରଚନା ମାନ ସୃଷ୍ଟି କରାଯାଇଛି ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଆମେ ସିନେମା ହେଉ ବା ଧାରାବାହିକ ସବୁଠାରେ ଦେଖୁଥିବା ମୁଖ୍ୟ ଚରିତ୍ରମାନଙ୍କରେ ରାମଙ୍କ ଭଳି ବ୍ୟକ୍ତିତ୍ୱ ଖୋଜିଥାଉ, ସେହିଭଳି ସ୍ତ୍ରୀ ମାନଙ୍କ ମଧ୍ୟରେ ସୀତାଙ୍କ ଚରିତ୍ର ଖୋଜୁ । କାରଣ ସେମାନେ ଆମ ପାଇଁ ସର୍ବଶ୍ରେଷ୍ଠ ପୁରୁଷ ଓ ନାରୀ ବୋଲି ଆମେ ଜାଣିଛୁ । ଯୁଗଯୁଗରୁ ଏହା ରହି ଆସିଛି । ଯେତେବେଳେ ବି ଆମେ ପୁରୁଷ ବା ମହିଳା କଥା ଚିନ୍ତାକରୁ ସେତେବେଳେ ରାମ ଓ ସୀତାଙ୍କ ଚରିତ୍ର ଆମ ଭାବନାରେ ଆସିଥାଏ ।

ବିଗତ ଦିନରେ କିଛି ସାହିତ୍ୟିକ କିନ୍ତୁ ଏମିତି କିଛି ସାହିତ୍ୟର ସୃଷ୍ଟି କରିଦେଲେ ଯେଉଁଥିରେ ସେମାନେ ସୀତା ଓ ରାମଙ୍କୁ ଅପମାନିତ କରିବା ଭଳି ପଦମାନ ଯୋଡ଼ିଦେଇ ରଚନା କରିଲେ । ଏହାପରେ ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ପ୍ରଥମେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲା, ଗୋଷ୍ଠୀଭୁକ୍ତ ହୋଇ ପରସ୍ପରକୁ କାଦୁଅ ଫୋପଡ଼ାଫୋପଡ଼ି ଆରମ୍ଭ ହେଲା, ଏହା ପରେ ପରେ ପରିସ୍ଥିତି ବହୁତ ଖରାପ ଆଡ଼କୁ ଗତି କରିବା ପରେ ଏବେ ଶୁଣାଯାଉଛି ଯେ ସେହି ସାହିତ୍ୟିକଙ୍କ ବିରୋଧରେ ପୋଲିସରେ ମାମଲା ରୁଜୁ କରାଯାଇଛି ।

ନିଜର ଉଦ୍ଭଟ କଳ୍ପନାକୁ କବିତାର ନାମ ଦେବାପାଇଁ ଯଦି ସମଗ୍ର ଭାରତୀୟତା ପାଇଁ ପୂଜ୍ୟା ସୀତାଙ୍କୁ ଅପମାନିତ କରିବାକୁ ପଡ଼େ ତା ହେଲେ ସେ କବିତା ଆଦୌ ଗ୍ରହଣୀୟ ହୋଇ ପାରେନା । ଏହା ଆମକୁ ମଧ୍ୟ ମାନସିକ ଭାବେ ଆହତ କରିଛି । ତେଣୁ ଯେଉଁମାନେ ଏହି କବିତା ରଚନା କରୁଛନ୍ତି ସେମାନେ ଏହିଭଳି ଦୁଃସାହସ କରିବାରୁ କ୍ଷାନ୍ତ ରୁହନ୍ତୁ । ଆମ ଭିତରେ ଥିବା କଳ୍ପନାଶୀଳତାକୁ ଆମେ ସମଷ୍ଟିଗତ ଭାବେ ଯଦି ସକାରାତ୍ମକ ଭାବେ ବ୍ୟବହାର କରି କିଛି ସୃଜନ କରିବା ତା ହେଲେ ନିଶ୍ଚୟ ଆମେ ସମ୍ମାନିତ ହେବା, କିନ୍ତୁ ଯଦି ଆମେ କିଛି ଅଲଗା କରିବା ବୋଲି ଚିନ୍ତା କରି ଉଦ୍ଭଟ କଳ୍ପନାକୁ କବିତାର ରୂପ ଦେବା, ତା ହେଲେ ଆମେ ଆଦୌ ସମ୍ମାନୀୟ ହୋଇ ରହିବା ନାହିଁ । ପ୍ରତ୍ୟେକ ସାହିତ୍ୟିକର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜ ପ୍ରତି ଦାୟିତ୍ୱବୋଧ ରହିବା ଅତ୍ୟନ୍ତ ଜରୁରୀ । ସେହି ଦାୟିତ୍ୱବୋଧ ଆମକୁ ଉତ୍ତମ ସର୍ଜନା କରିବାପାଇଁ ପ୍ରୋତ୍ସାହିତ କରୁ । ଆମର କଲମ ଅଧିକ ଋଦ୍ଧିମନ୍ତ ହେଉ ।

ସାମାଜିକ ଗଣମାଧ୍ୟମରେ ଏହି ବିଷୟକୁ ନେଇ ଚାଲିଥିବା ପରସ୍ପରର ପ୍ରତି ଆକ୍ଷେପ, ଆରୋପ ପ୍ରତ୍ୟାରୋପ ଫଳରେ ସମୁଦାୟ ସାହିତ୍ୟିକ ସମାଜ ନିନ୍ଦିତ ହେଉଛନ୍ତି । ସାହିତ୍ୟ ପ୍ରତି ରୁଚି ରଖୁନଥିବା ବ୍ୟକ୍ତିମାନେ ମଧ୍ୟ ଏହି ମାମଲାରେ ନିଜସ୍ୱ ମତାମତ ଦେଇ କୁତ୍ସାରଟନା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଉଭୟ ପକ୍ଷଙ୍କୁ ବିନିତ ଅନୁରୋଧ ଏହିଭଳି ବ୍ୟବହାରରୁ କ୍ଷାନ୍ତ ହୁଅନ୍ତୁ ।

ବିଶ୍ୱ ମହାମାରୀ କରୋନାକୁ ନେଇ ଆମେ ଚିନ୍ତିତ ହେବା ସ୍ୱାଭାବିକ । ଓଡ଼ିଶା କରୋନା ଯୁଦ୍ଧରେ ବହୁତ ଉନ୍ନତ ସ୍ଥିତିରେ ଥିଲା । କିନ୍ତୁ ଉତ୍ତରରେ ପଶ୍ଚିମବଙ୍ଗ ଏବଂ ପଶ୍ଚିମରେ ଗୁଜୁରାଟରୁ ଆସିଥିବା ପ୍ରବାସୀଙ୍କ ପାଇଁ ଏବେ ଅବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଯାଇଛି । ଯେତେବେଳେ ଓଡ଼ିଶାରେ କରୋନା ରୋଗୀ ଚିହ୍ନଟ ଦର ୩୦ ଦିନରେ ଦ୍ୱିଗୁଣିତ ହେଉଛି ବୋଲି ଖବର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଯେଉଁଦିନ ଦେଇଥିଲେ ସେଦିନ ପ୍ରତ୍ୟେକ ସାଧାରଣ ଓଡ଼ିଆ ନିଶ୍ଚୟ ଭାବରେ ଉତ୍‌ଫୁଲିତ ମନେ କରିଥିବ, କିନ୍ତୁ ଦୁଃଖର କଥା ଦିନଟିଏ ପରେ ପଶ୍ଚିମବଙ୍ଗରୁ ଆସିଥିବା ରୋଗୀଙ୍କ ସୁଅ ଛୁଟିବାକୁ ଲାଗିଲା । ଦେଖୁ ଦେଖୁ ଯାଜପୁର, ଭଦ୍ରକ ଆଉ ବାଲେଶ୍ୱର ଜିଲ୍ଲାରେ କରୋନା ରୋଗୀ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇବାକୁ ଲାଗିଲା ।

ଯେମିତି ଏ ସବୁ ଆମ ପାଇଁ କୌଣସି ଧକ୍କା ନଥିଲା, ମଇ ମାସ ପ୍ରଥମ ସପ୍ତାହରେ ଗୁଜୁରାଟରୁ ଆସିଥିବା ଅନେକ ପ୍ରବାସୀଙ୍କ ପାଇଁ ଏହି ସଂଖ୍ୟା ଏତେ ମାତ୍ରାରେ ବୃଦ୍ଧି ପାଇଲା ଯେ ଗ୍ରୀନ୍ ଜୋନ ଥିବା ଗଞ୍ଜାମ ଜିଲ୍ଲା ମାତ୍ର ଦୁଇ ଦିନରେ ଅରେଞ୍ଜ୍ ଜୋନ୍ ଏବଂ ପୁଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଦିନରେ ରେଡ୍ ଜୋନରେ ବଦଳି ଗଲା । ଜିଲ୍ଲାବାସୀ ଦୀର୍ଘ ଚାଳିଶିଦିନର ଯେଉଁ ବ୍ରତ କରିଥିଲେ ଯେ କରୋନାକୁ ଜିଲ୍ଲାରେ ପ୍ରବେଶ କରାଇ ଦେବେ ନାହିଁ ଏବଂ ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ସମସ୍ତ ପ୍ରଚେଷ୍ଟାକୁ ସମ୍ମାନ ଦେଇ ଆସିଥିଲେ ତାହା ପ୍ରବାସୀଙ୍କ ଆସିବା ସହ ନଷ୍ଟ ହୋଇଗଲା । ଏବେ ନିଜର କୌଣସି ଦୋଷ ନ ଥାଇ ସୁଦ୍ଧା ଜିଲ୍ଲାବାସୀ ରେଡ୍ ଜୋନରେ ରହିବାପାଇଁ ବାଧ୍ୟ ହେଉଛନ୍ତି । ଆଗାମୀ ଦିନରେ ଓଡ଼ିଶାକୁ ଲକ୍ଷାଧିକ ଏମିତି ପ୍ରବାସୀ ଆସିବେ, ସେତେବେଳେ ଅବସ୍ଥା କଣ ହେବ ତାହା ଭାବିଲେ ଚିନ୍ତା ହେଉଛି ।

ଆମେ ଏହାକୁ ଏଡ଼ାଇ ଦେଇ ପାରିବା ନାହିଁ । କାରଣ ଯେଉଁ ପ୍ରବାସୀମାନେ ଦୀର୍ଘ ଚାଳିଶିଦିନରୁ ଅଧିକ ବାହାରେ ରହିଛନ୍ତି ସେମାନେ ମଧ୍ୟ ସଂଗୃହୀତ ଅର୍ଥ ଓ ଆୟ ସରି ଆସିବା ବେଳକୁ ଏବେ ସେମାନେ ନିଜ ପରିବାରକୁ ଫେରି ଆସିବା ପାଇଁ କହିବା ସ୍ୱାଭାବିକ କଥା । ନିଶ୍ଚୟ ଯେତେବେଳେ କୌଣସି ବିପଦ ଆସେ ଆମେ ସମସ୍ତେ ନିଜ ପରିବାରକୁ ହିଁ ଖୋଜୁ । ଏବେ ଚିନ୍ତା କରିବା କଥା ଯେଉଁମାନେ ଦୀର୍ଘ ଚାଳିଶିଦିନ ଘରୁ ଦୂରରେ ରହଥିଲେ ସେମାନେ ନିଜ ଘରକୁ ଫେରିବା ପାଇଁ ଇଚ୍ଛା କରିବା କିଛି ଅନୁଚିତ ଦାବୀ ନଥିଲା । ହେଲେ ସେମାନଙ୍କୁ ଓଡ଼ିଶା ଆଣିବାପୂର୍ବରୁ ଯେଉଁ ସବୁ ନିତିନିୟମକୁ ମାନିବାର ଥିଲା ସେ ସବୁକୁ ଅଣଦେଖା କରାଗଲା । ପ୍ରଥମ ପର୍ଯ୍ୟାୟରେ ବସରେ ନିୟମଠାରୁ ଅଧିକ ଯାତ୍ରୀ ଠୁଳ ହୋଇ ଆସିଲେ, ସେମାନଙ୍କ ମଧ୍ୟରେ ଥିବା କରୋନା ରୋଗୀଙ୍କ ଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପୀଥିଲା । ଏମିତି ପ୍ରାୟ ଦୁଇଶହ ବସ୍ ଏବଂ ପରେ ପରେ ଅନେକ ଟ୍ରେନରେ ପ୍ରବାସୀ ଓଡ଼ିଶା ଆସିଛନ୍ତି । ଏବେ ସେମାନଙ୍କ ମଧ୍ୟରେ କରୋନା ବଣ୍ଟନ ହୋଇଥିବା ଅସ୍ୱାଭାବିକ ନୁହେଁ । ଦେଖାଯାଉ ଆଗାମୀ ଦିନରେ ଓଡ଼ିଶା ଏବଂ ବିଶେଷକରି ଗଞ୍ଜାମ ଜିଲ୍ଲା କରୋନା ରୋଗୀଙ୍କ ସଂଖ୍ୟାରେ କେଉଁଭଳି ଅବଦାନ ଦେଉଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣ ମାନଙ୍କୁ ଅନୁରୋଧ ନିଶ୍ଚୟ ଭାବରେ ସାମାଜିକ ଦୂରତ୍ୱ ଏବଂ ବ୍ୟକ୍ତିଗତ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବର୍ତ୍ତମାନ ସମାଜରେ କରୋନା ବ୍ୟାପୀବାର ସମୟ ଉପନୀତ । ଆଜି ନହେଲେ କାଲି ନିଶ୍ଚୟ କରୋନା ଆମ ସମାଜରେ ବ୍ୟାପିବ, ସେତେବେଳେ ଆମେ ଜାଣିପାରିବା ନାହିଁ, କିଏ କରୋନା ରୋଗୀ ଆଉ କିଏ ନୁହଁ, ସେଥିପାଇଁ ସବୁବେଳେ ମାସ୍କ ବ୍ୟବହାର କରିବା, ବାରମ୍ବାର ହାତ ଧୋଇବା, ଅନ୍ୟମାନଙ୍କ ଠାରୁ ଅନ୍ୟୁନ ଛଅଫୁଟ ଦୁରରେ ରହିବା ।

ଆହ୍ୱାନ ଇ-ପତ୍ରିକାରେ ଚଳିତ ସଂସ୍କରଣରେ ଅନେକ ନୂତନ ଲେଖକ ଲେଖିକାଙ୍କ ଲେଖା ପ୍ରକାଶିତ ହୋଇଛି । ଭଲ ଲାଗୁଛି ଯେ ଆହ୍ୱାନ ଇ-ପତ୍ରିକା ଲେଖକଲେଖିକାଙ୍କୁ ଆକର୍ଷିତ କରୁଛି । ଆଶା କରୁଛି ଏହି ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିବା ଭଳି ସାହିତ୍ୟିକ ସୃଷ୍ଟି କରିବାରେ ସକ୍ଷମ ହେବ । ଆପଣ ସମସ୍ତେ ସୁଖରେ ସ୍ୱାସ୍ଥ୍ୟରେ ଏବଂ ନିଶ୍ଚିନ୍ତରେ ରହନ୍ତୁ ବୋଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଆଶା କରୁଛି ଆହ୍ୱାନର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍‌ଡାଉନ୍ ପରେ ! ! !

ଲକ୍ ଡାଉନ୍ ଖୋଲିଗଲେ ସୁଦ୍ଧା ଆପଣଙ୍କୁ ସାବଧାନ ରହିବାକୁ ପଡ଼ିବ । କାରଣ ଯେତେଦିନ ପର୍ଯ୍ୟନ୍ତ କରୋନା ରୋଗପାଇଁ ଟୀକା ଆସିନାହିଁ, ଆପଣ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ହୋଇନାହାନ୍ତି ବୋଲି ମନେ କରିବେ ।

ସାମ୍ପ୍ରତିକ ସମୟରେ କରୋନା ପାଇଁ ସମସ୍ତେ ଚିନ୍ତିତ । ବିଭିନ୍ନ ରାଷ୍ଟ୍ର ନିଜସ୍ୱ ସ୍ତରରେ ଏଥିପାଇଁ ଆବଶ୍ୟକ ଟୀକା ନିର୍ମାଣ ହେତୁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏବଂ ଶୀଘ୍ର ଏହି ଟୀକା ଉପଲବ୍ଧ ହୋଇପାରେ ବୋଲି ଅନୁମାନ କରାଯାଉଛି । କିନ୍ତୁ ଯେତେଦିନ ଯାଏଁ କରୋନା ଭୂତାଣୁର ଟୀକା ଆସିନାହିଁ, ସେତେଦିନ ଯାଏଁ କିଛି ସାବଧାନତା ଆମେ ସମସ୍ତେ ଯଦି ଅବଲମ୍ବନ କରିବା ଆମ ସମସ୍ତଙ୍କ ପାଇଁ ତାହା ଶୁଭଙ୍କର ହେବ ।

୧. ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ ବିଦେଶ ଯାତ୍ରା ସ୍ଥଗିତ ରଖନ୍ତୁ ।

୨. ଅତ୍ୟାବଶ୍ୟକ ନଥିବେ ବିମାନ ଯାତ୍ରା ଯଥା ସମ୍ଭବ କମ କରିବେ ।

୩. ଅନ୍ୟୁନ ଏକ ବର୍ଷ ପର୍ଯ୍ୟନ୍ତ, ଜନଗହଳି ପୂର୍ଣ୍ଣ ସ୍ଥାନ ଏବଂ ବିବାହ, ବ୍ରତ ଆଦି ଉତ୍ସବ ତଥା ଯାନିଯାତ୍ରା ଆଦି ସ୍ଥାନକୁ ଯିବେ ନାହିଁ ।

୪. ଘରେ ହିଁ ରୋଷେଇ କରି ସୁଷମ ଖାଦ୍ୟ ଖାଆନ୍ତୁ । ହୋଟେଲ୍, ରେସ୍ତୋରାଁରେ ଖାଇବା କିମ୍ବା ଅର୍ଡ଼ର କରି ଘରକୁ ଆଣି ଖାଇବା କମ କରିବେ ।

୬. ଯଥା ସମ୍ଭବ ଅନ୍ୟମାନଙ୍କଠାରୁ ଦୁରତ୍ୱ ବଜାୟ ରଖିବେ ।

୭. ଥଣ୍ଡା, କାଶ, କଫ ଆଦି ଦ୍ୱାରା ପୀଡ଼ିତ ବ୍ୟକ୍ତିଠାରୁ ଦୂରତା ନିଶ୍ଚୟ ରଖିବେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୮. ସବୁବେଳେ ମୁହଁରେ ରୁମାଲ କିମ୍ବା ମାସ୍କ ବ୍ୟବହାର କରିବେ ।

୯. ଦିନରେ ଅନ୍ୟୁନ କିଛି ସମୟ ପାଇଁ ସୂର୍ଯ୍ୟାଲୋକକୁ ଯିବେ ଏବଂ ବ୍ୟାୟାମ କରିବେ ।

୧୦. ସିନେମା ହଲ୍, ପାର୍କ, ସମୁଦ୍ର କୂଳ, ଆଦି ସ୍ଥାନକୁ ଯିବେ ନାହିଁ ।

୧୧. ସର୍ବସାଧାରଣ ବ୍ୟବହାର କରୁଥିବା ସ୍ଥାନ ଯଥା ବ୍ୟାଙ୍କ, ଷ୍ଟେସନ୍, ବସଷ୍ଟାଣ୍ଡ, ଦୋକାନ, ସେଲୁନ୍ ଆଦି ସ୍ଥାନକୁ ଅତ୍ୟାବଶ୍ୟକ ନଥିବେ ଯିବେନାହିଁ ।

୧୨. ବନ୍ଧୁମାନଙ୍କ ସହ ଯେତେ କମ ମିଳାମିଶା କରିବେ ।

୧୩. ଯଦି ଆପଣଙ୍କୁ ମନେ ହୁଏ ଯେ ଆପଣ ସଂକ୍ରମିତ ହୋଇ ପାରନ୍ତି, ନିଜକୁ ଘରେ ଏକାନ୍ତରେ ରଖିବା ବ୍ୟବସ୍ଥା କରିବେ । ଏବଂ ଆବଶ୍ୟକ ହେଲେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହେଲ୍ପଲାଇନ୍ / ଫୋନ୍ ସହ କଥା ହୋଇ ପାରିବେ ।

୧୪. ନିଜର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ସୁଷମ ଖାଦ୍ୟ ଓ ଭିଟାମିନ୍ ଆଦି ଖାଇ ପାରିବେ ।

୧୫. ଖୁବ୍ ଶୀଘ୍ର କରୋନା ସଂକ୍ରମଣ ହ୍ରାସ ପାଇବାକୁ ଲାଗିବ, ତା'ପରେ ଆପଣ ସ୍ୱାଧୀନ ଭାବରେ ଜୀବନଯାପନ କରି ପାରିବେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ଅସାଧାରଣ ଘଟଣାମାନ

ନେଉଳର ଠେକୁଆ ଶିକାର

ଏ କଥାଟା ସେମାନଙ୍କ ଆଗରେ ଘଟିଥିଲା । ସେମାନେ ଏଥିରେ ଭାଗ ନେଇ ନଥିଲେ । ଅପରାହ୍ନ ସମୟ । ସିଂହର ଦଳ ଟିକିଏ ଉଚ୍ଚ ସ୍ଥାନରେ ବିଶ୍ରାମ ନେଉଥାନ୍ତି । ସେଠୁ ପ୍ରାୟ ଅଧ କିଲୋମିଟର ଦୂରତା ପର୍ଯ୍ୟନ୍ତ ଭଲଭାବେ ଦେଖାଯାଉଥାଏ । ପଡିଆର ଶେଷ ଆଡକୁ ଏମିତି ଘଟଣା ଘଟିଥିଲା ।

ନେଉଳଟି ସେଦିନ ପଥର ଉପରୁ ଅନାଇ ରହିଥିଲା । ତାର ମୁହଁ ନାଲି । ଦେହ ପାଉଁଶିଆ କଳା । ନେଉଳର ଖୁବ୍ ଚକ୍‌ଚକିଆ ଲାଲ୍ ଲାଲ୍ ଆଖି । ସେ ଲାଲ୍ ଲାଲ୍ ଆଖିରେ ରାସ୍ତାରେ କଣ ଘଟୁଛି ସେ ଭଲ ଭାବେ ଦେଖୁଥିଲା । ପୂରା ଶରୀର ପଛ ଗୋଡଲମ୍ବା ହୋଇ ହୋଇ ଯାଇଥିଲା । ମୋଟା ଲାଙ୍ଗୁଡଟି ଧୂସରିଆ, ବାହାର ଆଡକୁ ସୁନେଲି ହୋଇ ଆସୁଛି । ଶେଷରେ ଲମ୍ବାହୋଇ ତଳକୁ ଝୁଲିଯାଇ ଥିଲା ଆଉ ଗୋଟିଏ କଳା ପଥର ଉପରେ ବଙ୍କି ଯାଇଥିଲା ।

ଚାରିଆଡେ ପଥର । ସେ ପଥୁରିଆ ଜମି ଭିତରେ ନେଉଳଟି ତନ୍ନ ତନ୍ନ କରି ରାସ୍ତାକୁ ଅନାଇଥାଏ । ତାର କାନ ଦୁଇଟି ଠିଆ ହୋଇଥିଲା । ନେଉଳ କାନ ଛୋଟ, ବଡ ନୁହେଁ । ତାହା ପ୍ରାୟେ ଲୋମ ଭିତରେ ଢାଙ୍କିଯାଇଛି । କିନ୍ତୁ ନେଉଳର ସବୁଠୁ ଦେଖିବାର ଜିନିଷ ହେଉଛି ତାର ମୁହଁ । ନାଲି ସୁନ୍ଦର ଛୋଟିଆ ମୁହଁଟିଏ । ଆଖି ଦୁଇଟି ସବୁବେଳେ ତନ୍ନ ତନ୍ନ କରି ଦେଖି ଚାଲିଥାଏ । ହଠାତ୍ ନେଉଳ ଖୁବ୍ ଚଞ୍ଚଳ ହୋଇଉଠିଲା । ସେପଟେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠେକୁଆଟିଏ ଦୌଡି ଦୌଡି ଆସୁଥାଏ । ଠେକୁଆ ଦୌଡିବାର ଭଙ୍ଗି ହୋଇଛି କୁଦା ମାରିବ, ଟିକିଏ ଦୌଡି ଯିବ ଆଉ ପୁଣି କୁଦା ମାରିବ ତାପରେ ଟିକିଏ ରହିଯିବ । ଠେକୁଆଟି ଗୋଟିଏ ବୁଦା ପାଖରେ ଲୁଚି ପଡିଲା । ଲୁଚି ପଡି ସେ ରାସ୍ତାକୁ ଖୁବ ଜୋରରେ ଅତିକ୍ରମ କରିବାକୁ ଚାହୁଁଥିଲା । ତାପରେ ସେ କୁଦା ମାରିବାକୁ ଲାଗିଲା ।

ସେପଟେ ନେଉଳ ତାକୁ ଭଲ ଭାବରେ ଲକ୍ଷ୍ୟ କରିଥାଏ । ଲାଗୁଥିଲା ନେଉଳଟି ବୋଧହୁଏ ଅନେକ ଦିନରୁ ଭୋକିଲା ଅଛି । ତେଣୁ ସେ ରାସ୍ତା ଆଡକୁ ମାଡି ଆସିଲା । ତାକୁ ଦେଖି ଠେକୁଆଟି ଏତେ ବିଚଳିତ ହେଲା ନାହିଁ । ନେଉଳର ସ୍ୱାଭାବିକ ଖାଦ୍ୟ ଠେକୁଆ ନୁହେଁ । ତା ଛଡା ଠେକୁଆ ଠାରୁ ନେଉଳ ଉଚ୍ଚତାରେ ଅନେକ କମ୍ । ଓଜନ ଠେକୁଆର ଅଧିକ ହୋଇପାରେ । ତେଣୁ ସେ ସେଥିପାଇଁ ହଠାତ୍ ବିଚଳିତ ହେଲାନାହିଁ । ନେଉଳମାନେ ସାଧାରଣତଃ ବଡ ଠେକୁଆକୁ ଆକ୍ରମଣ କରିନଥାନ୍ତି । ସେମାନଙ୍କ ଆକାରଠୁ ଠେକୁଆର ଆକାର ଅଧିକ । ନେଉଳ ସାଧାରଣତଃ ଦିବାଚର । ଏହାର ଖାଦ୍ୟ ମଧ୍ୟରେ ପୋକ, ଜୋକ, ବିଛା, ବୁଢ଼ୀଆଣି ଆଦି ଥା'ନ୍ତି ତା ଛଡା ବେଙ୍ଗ, ଝିଟିପିଟି, ମୂଷା, ସାପମାନଙ୍କୁ ନେଉଳ ସାଧାରଣତଃ ଖାଇଥାଏ । ଠେକୁଆ ସଂପୂର୍ଣ୍ଣ ଭାବରେ ଏକ ନୂଆ ପ୍ରାଣୀ । ଏହା ନେଉଳର ଖାଦ୍ୟ ଭିତରେ ନଥାଏ ।

ନେଉଳ ତା ପାଖାପାଖି ଆସିଗଲା । ନେଉଳର ଗୋଜିଆ ମୁଣ୍ଡଟି ମାଟିକୁ ଲାଗି ଯାଇଥାଏ । ଗୋଡଗୁଡିକ ଆଗକୁ ଲମ୍ବିଯାଇଥାଏ । ସେ ଦୌଡୁଥାଏ । ସେ ମାଡିଆସି ଠେକୁଆକୁ ହଠାତ୍ ଆକ୍ରମଣ କରିବାକୁ ଚେଷ୍ଟା କଲା । ଠିଆ ହୋଇଯାଇ ଠେକୁଆକୁ ନିଜର ମୁନିଆ ନଖରେ ମାରିବାକୁ ଚେଷ୍ଟା କଲା । ଠେକୁଆଟି ପ୍ରଥମେ କିଛି ବୁଝିପାରିଲା ନାହିଁ । ଏମିତି କଣ ଘଟୁଛି ? ଠେକୁଆର ଆକାର ବଡ ହେତୁ ସେ ନେଉଳକୁ ପ୍ରତି ଆକ୍ରମଣ ମଧ୍ୟ କରୁଥାଏ । କିନ୍ତୁ ଏମିତି ପ୍ରତି ଆକ୍ରମଣରେ ଲାଭ ନାହିଁ ବୋଲି ସେ ବୁଝୁଥାଏ । ନେଉଳର

 Magazine Downloaded from www.aahwaan.com

ଏମିତି ପ୍ରତି ଆକ୍ରମଣରେ କିଛି କ୍ଷତି ହେବାନହିଁ ।

ତେଣୁ ଠେକୁଆଟି ବୁଲି ପଡିଲା ଆଉ ସେଠାରୁ ଦୌଡି ଚାଲିଯିବାକୁ ଚେଷ୍ଟା କଲା । ନେଉଳ କିନ୍ତୁ ଖୁବ୍ ଚଞ୍ଚଳ ପ୍ରାଣୀ । ସେ ଠେକୁଆ ଆଡକୁ ପୁଣି ମାଡି ଆସିଲା । ଆଉ ତାକୁ କାମୁଡିବାକୁ ଚେଷ୍ଟା କଲା । ଠେକୁଆ ଏପଟ ସେପଟ ଡେଉଁଥାଏ । କିନ୍ତୁ ନେଉଳ ନଛୋଡବନ୍ଧା । ସେମିତି ତା ପଛରେ ଲାଗିଥାଏ ଆଉ କାମୁଡିବାକୁ ଚେଷ୍ଟା କରୁଥାଏ । ନଖରେ ତାକୁ ରାମ୍ପୁଡିବାକୁ ଚେଷ୍ଟା କରୁଥାଏ ଏମିତି ସେମାନଙ୍କ ଲଢେଇ ଅନେକ ସମୟ ଧରି ଚାଲିଲା ।

ସେପଟେ ଗୋଟିଏ କଳା ଡାମରା କୁଆ ଗଛ ଉପରେ ବସିଥାଏ । ଆଉ ଏ ଲଢେଇ ଦେଖୁଥାଏ । କଳା କୁଆମାନେ ପଡିଥିବା ଉଚ୍ଛିଷ୍ଟକୁ ଖାଇଥାନ୍ତି । ଅନେକ ସମୟରେ ଶବରୁ ମାଂସ ଖାଇଥାନ୍ତି । ଲାଗୁଥିଲା ଯେମିତି ସେ କଳା କୁଆଟି ମଧ୍ୟ ଅନେକ ଦିନ ହେଲା ଭୋକିଲା ଥିଲା । କୁଆଟି ଉପରୁ ଉଡି ଆସିଲା ଆଉ ଉପରୁ ମାଡିଆସି ଠେକୁଆକୁ ଥଣ୍ଟ ମାରିବାକୁ ଚେଷ୍ଟାକଲା । କୁଆଟିର ଡେଣା ସଂପୂର୍ଣ୍ଣ ଖୋଲି ଯାଇଥାଏ । ଥଣ୍ଟ ପୂରା ଖୋଲି ଯାଇଥାଏ । ଡେଣା ଚକ୍ର ଆକାରରେ ଅଧା ବୁଲି ଯାଇଥାଏ । ତାର ଗୋଡର ପଞ୍ଝା ସବୁ ଖୋଲି ଯାଇଥାଏ । ସେ ଉପରୁ ଠେକୁଆକୁ ପଞ୍ଝା ମାରୁଥାଏ । ଏମିତି ଇଏ ଏକ ଥିଲା ଅସ୍ୱାଭିବକ ଘଟଣା ଗୋଟିଏ ଶିକାର ପଶୁ ସାଧାରଣତଃ ଏକାକି ଶିକାର କରୁଥାଏ । ଏଠି ଭିନ୍ନ ପ୍ରଜାତିର ଦୁଇଟି ଶିକାରୀ ଆସି ଆକ୍ରମଣ କରୁଛନ୍ତି । ହେଟାବାଘ, ବିଲୁଆ ବା ସିଂହମାନେ ଦଳ ହୋଇ ଆକ୍ରମଣ କରି ଶିକାର କରନ୍ତି । କେହି ଆଉ ଏକ ଭିନ୍ନ ପ୍ରାଣୀର ସାହାଯ୍ୟ ନିଅନ୍ତି ନାହିଁ ।

ଏପଟେ ନେଉଳ ଠେକୁଆକୁ କାମୁଡିବାକୁ ଚେଷ୍ଟା କରୁଥାଏ, ଆମ୍ପୁଡିବାକୁ ଚେଷ୍ଟା କରୁଥାଏ । କାଉଟି ଉପରୁ ପଞ୍ଝା ମାରିବା ବେଳେ ଠେକୁଆଟି ମୁଣ୍ଡକୁ ଉପରକୁ ଉଠାଇ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦେଉଥାଏ । ଏହି ସମୟରେ ନେଉଳ ତାକୁ ଗୋଡ କିମ୍ବା ପଛକୁ କାମୁଡି ଦେଉଥାଏ । ଠେକୁଆ ଦେହରୁ ରକ୍ତ ବାହାରୁଥାଏ । ଏ ଲଢ଼େଇ ଅନେକ ସମୟ ଧରି ଚାଲିଲା । ଠେକୁଆ ଜୋରରେ ଦୌଡି ପଳେଇଲା ବେଳକୁ କୁଆଟି ଉଡିଆସି ତାକୁ ଖୁମ୍ପି ଦେଉଥାଏ । ଆଉ ନେଉଳ ଦୂରରେ ରହିଲେ ମଧ୍ୟ ତା ପାଖକୁ ମାଡି ଆସୁଥାଏ ।

ଠେକୁଆଟି ଯେତେ ପାରିଲା ମୁକାବିଲା କଲା କିନ୍ତୁ ଆକ୍ରମଣକୁ ଆଉ ସମ୍ଭାଳି ପାରିଲାନାହିଁ । ଏପଟେ ନେଉଳ ତୀକ୍ଷ୍ଣ ଦାନ୍ତ । ତୀକ୍ଷ୍ଣ ପଞ୍ଝାରେ ତାକୁ ଆକ୍ରମଣ କଲାବେଳେ ଉପରୁ ଚଞ୍ଚୁ ଦ୍ୱାରା କୁଆ ଆକ୍ରମଣ କରୁଥାଏ । ଏ ସଣ୍ଟୁଆସି ଆକ୍ରମଣରେ ଠେକୁଆଟି ହାରିଗଲା । କିଛି ସମୟ ପରେ ଅତିରିକ୍ତ ରକ୍ତହାନି ଯୋଗୁଁ ଠେକୁଆଟି ତଳେ ପଡିଗଲା ଆଉ ନେଉଳ ସାଙ୍ଗେ ସାଙ୍ଗେ ତାକୁ ମାରିଦେଲା । ନେଉଳର ମୁହଁସାରା ରକ୍ତ । ନେଉଳଟି ସାଙ୍ଗେ ସାଙ୍ଗେ ଠେକୁଆକୁ ମାରି ଖାଇବାକୁ ଲାଗିଲା ।

କାଉଟି ନେଉଳକୁ କିଛି ବିରକ୍ତ ନ କରି ଉପରକୁ ଉଡିଗଲା ଆଉ ଗୋଟିଏ ଡାଳରେ ବସି ଅପେକ୍ଷା କରି ରହିଲା କେତେବେଳେ ନେଉଳ ତାର ଭୋଜନ ଶେଷ କରିବ । ନେଉଳର ଓଜନ ଠାରୁ ଠେକୁଆ ଅନେକ ବଡ ତେଣୁ ଖାଇ ଖାଇ ମଧ୍ୟ ତାର ଅଧା ପର୍ଯ୍ୟନ୍ତ ମାଂସ ଖାଇପାରିବ ନାହିଁ । ତେଣୁ କାଉକୁ ଖାଇବା ପାଇଁ ଯଥେଷ୍ଟ ମିଳିବ । ସେ କା' କା' କରି ଡାକୁଥାଏ ତାର ଆଉ ଗୋଟିଏ ସାଥି ଉଡିଆସିଲା ସେ ମଧ୍ୟ କଳା ଡାମରା କାଉ । ସେ କଳା କାଉ ଦୁଇଟି ଗଛ ଡାଳରେ ବସି ମଲା ଠେକୁଆକୁ ଲକ୍ଷ୍ୟ କରୁଥାନ୍ତି । ମଝିରେ କା'କା' କରୁଥାନ୍ତି । ଏପଟେ ନେଉଳ ଶାନ୍ତିରେ ଖାଇ ଚାଲିଥାଏ । କୁଆମାନେ ଶିକାର କରନ୍ତିନି । ଏଣେ ତେଣେ ପଡିଥିବା ଖାଦ୍ୟ ସଂଗ୍ରହ କରିଥାନ୍ତି । ତେଣୁ ଏ କ୍ଷେତ୍ରରେ ସେମାନେ ଆଶ୍ଚର୍ଯ୍ୟ ଜନକଭାବେ ଏକ ନେଉଳକୁ ସାହାଯ୍ୟ କଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଶେଷ



ସୁବଳ ମହାପାତ୍ର

ଇଟାଲୀର ସାନମାରିନୋ ସହର । ମୋ କମ୍ପାନୀ ଅନସାଇଟରେ ମୋତେ ପଠେଇଥାଏ ଛଅମାସ ପାଇଁ । ହଠାତ ଆରମ୍ଭ ହୋଇଗଲା ମହାମାରୀ କରୋନା । ସବୁଆଡେ ଲକ ଡାଉନ, କିଛି ଜାଗାରେ ସଟ ଡାଉନ । ବାହାରକୁ ବାହାରିବାର କୌଣସି ଚାରା ନାହିଁ । ପ୍ରତିଦିନ ଶହ ଶହ ସଂଖ୍ୟା ରେ ଲୋକ ମରୁଥାନ୍ତି । କବାଟ ଖୋଲି ବାହାରକୁ ଆସିବା ସମ୍ଭବ ନୁହେଁ । ଭରଷା କେବଳ ବାଲକୋନି । ପ୍ରାୟ ତିନିସପ୍ତାହ ଘରେ ବସି ବସି ବିରକ୍ତ ହୋଇଯାଇଥିଲି ମୁଁ । ସେଦିନ ଠିକ କଲି ଟିକେ ଛାତ ଉପରୁ ବୁଲି ଆସିବି । ଆପାର୍ଟମେଣ୍ଟରେ ଅନ୍ୟ ଲୋକମାନେ ବି ଅଛନ୍ତି । କାଳେ କିଏ ଛାତ ଉପରକୁ ଯାଇଥିବ ବୋଲି ଭାବି ଡର ଲାଗୁଥାଏ, ତଥାପି ସାହସ କରି, ମୁହଁ ନାକ ଘୋଡେଇ ହୋଇ, ଗ୍ଲୋବସ ପିନ୍ଧି, ନିଜକୁ ନିଜେ ସମ୍ପୂର୍ଣ୍ଣ ଭାବେ ଘୋଡେଇ ହୋଇ, କୌଣସି ବି ମେଟାଲ ଜାତୀୟ ଜିନିଷ ଯେମିତି କି କବାଟ ର ହ୍ୟାଣ୍ଡେଲ, ସିଡ଼ି ର ଗ୍ରୀଲ, ଛିଟିକିଣି ଇତ୍ୟାଦି କୁ ନ ଛୁଇଁ ବଡ ସନ୍ତର୍ପଣରେ ଛାତ ଉପରେ ଯାଇ ପହଞ୍ଚିଲି । କେହି ନଥିଲେ, ଟିକେ ଆଶ୍ୱସ୍ଥ ହେଲି । ଅଳ୍ପ ଅଳ୍ପ ଖରା ପଡିଥାଏ । ଖରା ଆଡକୁ ପିଠି ଦେଖେଇ ଛାତ ଉପରେ ପଡିଥିବା ସିମେଣ୍ଟ ବେଞ୍ଚ ରେ ବସି ପଡ଼ିଲି ।

କେହି ଜଣେ ଛାତ ଉପରକୁ ଆସୁଥିବାର ଶବ୍ଦ ଶୁଭିଲା । ବୁଲି ଚାହିଁଲି, ଜଣେ ସ୍ତ୍ରୀ ଲୋକ, ବୟସ ପାଖାପାଖି ୪୫-୫୦ ଭିତରେ, ତୋଫା ଗୋରା, ଏଠିକାର ବାସିନ୍ଦା । ବୁଲି ବୁଲି ଆସି ମୋ ବସିଥିବା ବେଞ୍ଚ ପାଖରେ ପଡିଥିବା ଆଉ ଏକ ବେଞ୍ଚରେ ବସି ପଡିଲେ ପ୍ରାୟ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଦେଢ଼ ମିଟର ଦୂରରେ । ସୁପ୍ରଭାତର ସମ୍ଭାଷଣ ପରେ ମୁହଁ ତଳକୁ କରି ବସି ରହିଲେ ସେ । ମୁହଁ ଅସମ୍ଭବ ଭାବେ ଗମ୍ଭୀର ଦେଖା ଯାଉଥାଏ । ଯେପରି କୌଣସି ଏକ ଚିନ୍ତାରେ ଗଭୀର ଭାବେ ଚିନ୍ତିତ ଥାଆନ୍ତି ସେ । କିଛି ସମୟ ବିତିଗଲା । ସାମ୍ନାରେ ଥିବା ଆପର୍ଟମେଣ୍ଟରେ କିଛି ହଲଚଲ ଦେଖା ଯାଉଥାଏ । ଭଲରେ ଦେଖିଲି, ବାହାରେ ପୋଲିସ ଗାଡି ଥୁଆ ହୋଇଥାଏ । ଲୋକମାନେ ନିଜ ନିଜ ଘର ଭିତରୁ କିଛି ଏକ ଜିନିଷ ଦେଖିବାକୁ ଚେଷ୍ଟା କରୁଥାନ୍ତି । ପୋଲିସ ମାନେ ଧାଁ ଦଉଡ ଲଗେଇଥାନ୍ତି । ବୁଝି ନପାରି ପାଖରେ ବସିଥିବା ମହିଳାଙ୍କୁ ପଚାରିଲି ସେଠି କଣ ଚାଲିଛି ?

ମୁଣ୍ଡ ଉଠେଇ ମୋତେ ଚାହିଁଲେ ସେ, କହିଲେ, "ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର କରିଛି ପୋଲିସ । ବୋଧେ ଦୁଇ କି ତିନିଦିନ ହେବ ମହିଳା ଜଣଙ୍କ ଘର ଭିତରେ ହିଁ ମରି ଯାଇଛନ୍ତି । ଶବ ପଚି ଗନ୍ଧ ହେବାରୁ ପଡୋଶୀମାନେ ପୋଲିସକୁ ଖବର ଦେଲେ ଆଉ ପୋଲିସ ଆସି ଶବ ଉଦ୍ଧାର କାର୍ଯ୍ୟରେ ଲାଗିଛି ।"

– ଆପଣ ଜାଣନ୍ତି ତାଙ୍କୁ ? ମୁଁ ପଚାରିଲି । ।

– ହଁ, ଜାଣେ । ଇସାବେଲ୍ଲା । ତାଙ୍କ ସ୍ୱାମୀଙ୍କର ଗୋଟେ ଫ୍ୟାକ୍ଟ୍ରି ଅଛି ଏଠୁ ପ୍ରାୟ ପନ୍ଦର ଶହ କିଲୋମିଟର ଦୂରରେ । ତାଙ୍କ ସ୍ୱାମୀ ସେଠି ରୁହନ୍ତି ଓ ସପ୍ତାହରେ ଥରେ କିମ୍ବା ପନ୍ଦର ଦିନରେ ଥରେ ଘରକୁ ଆସନ୍ତି । ଏଠି ଇସାବେଲ୍ଲା, ତାଙ୍କ ଶାଶୁ, ଶ୍ୱଶୁର ଓ ଦୁଇ ଛୁଆଙ୍କ ସହ ରୁହନ୍ତି । ଏବେ କିନ୍ତୁ ଘରେ କେହି ନଥିଲେ କାରଣ କରୋନାରେ ଆକ୍ରାନ୍ତ ହୋଇ ଗୋଟେ ପରିବାରର ପାଞ୍ଚଜଣ ମରି ସାରିଥିଲେ । ଇସାବେଲ୍ଲା ଥିଲେ ପରିବାରର ଶେଷ ସଦସ୍ୟ । ସେ ବି ଚାଲିଗଲେ ।

– କଣ ଏମିତି ? ଏସବୁ କେମିତି ହେଲା ? ଜିଜ୍ଞାସାର ସହ ମୁଁ ପଚାରିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– ସେ କହିଲେ, "ଲକ ଡାଉନ ଘୋଷଣା ହେଉ ହେଉ ଇସାବେଲ୍ଲାଙ୍କ ସ୍ୱାମୀ ଘରକୁ ଫେରି ଆସିଲେ । ଘରେ ରହିବାର, ଛୁଆଙ୍କ ପାଖେ ରହିବାର ସୌଭାଗ୍ୟ ତ କେବେ ଜୁଟୁନି, ତେଣୁ ଏ ସମୟର ସଦୁପଯୋଗ କରିବା ପାଇଁ ସେ ଚାଲି ଆସିଲେ । ସେ ଚିନ୍ତା କରୁଥିଲେ, ଏ ଲକ ଡାଉନ ସରିବା ଯାଏଁ ପୁରା ପରିବାର ଏକାଠି ରହିବେ ଓ ଖୁସି ମଜା କରିବେ । ରାତିରେ ଟ୍ରେନରେ ବସି, ସକାଳୁ ସକାଳୁ ଆସି ପହଞ୍ଚିଯାଇଥିଲେ ସେ । ଟିଭି, ମାଇକରେ ଘନ ଘନ ଘୋଷଣା ହେଉଥାଏ, 'ଯଦି ଆପଣ ବାହାର ଜାଗାରୁ ଆସିଛନ୍ତି, ତେବେ ନିକଟସ୍ଥ ଡାକ୍ତରଖାନାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରେଇ ନିଅନ୍ତୁ । ହୋଇପାରେ ଆପଣଙ୍କୁ ନିଜ ଘରେ ୧୪ ଦିନ ପାଇଁ ହୋମ କ୍ୱାରେଣ୍ଟାଇନରେ ରଖା ଯାଇପାରେ କିମ୍ବା ଆପଣଙ୍କୁ କ୍ୱାରେଣ୍ଟାଇନ ସେଣ୍ଟରରେ ରଖା ଯିବାର ସବୁ ବନ୍ଦୋବସ୍ତ କରା ଯାଇପାରେ ।'

ଛୁଆଙ୍କ ସହ ରହିବାର ଆଶା ମିଳେଇବାକୁ ଲାଗିଥିଲା ତାଙ୍କର । ତେଣୁ ଜାଣି ଜାଣି ସେ ଏକଥା କାହାକୁ ଇନଫର୍ମ କରି ନଥିଲେ ଓ ଲୁଚି କି ରହି ଯାଇଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ କରୋନା କେବଳ ବୁଢା ବୁଢ଼ୀଙ୍କୁ ହୁଏ । ଦିନ ଗଡି ଚାଲିଥିଲା । ପ୍ରାୟ ଛଅ ସାତଦିନ ପରେ ତାଙ୍କ ବାପା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ, ଡାକ୍ତର ଦେଖେଇବାରୁ ଜଣାଗଲା ସେ କରୋନାରେ ଆକ୍ରାନ୍ତ । ପରେ ପରେ ଘରର ସବୁ ସଦସ୍ୟଙ୍କ ନମୁନା ସଂଗ୍ରହ କରାଯାଇ ଟେଷ୍ଟ କରାଗଲା । ସମସ୍ତଙ୍କ ଠାରେ କରୋନା ପଜିଟିଭ ଆସିଲା । ତୁରନ୍ତ, ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇ ଚିକିତ୍ସା ଆରମ୍ଭ ହେଲା । ସେଠି ସମସ୍ତେ ଅଲଗା ଅଲଗା ରୁମରେ ରହୁଥିଲେ । କେହି କାହା ସହ ମିଶିବାର କି କେହି କାହାକୁ ଦେଖିବାର ସୁଯୋଗ ନଥିଲା । କେବଳ ଡାକ୍ତର, ନର୍ସଙ୍କ ଠାରୁ ଶୁଣିବାକୁ ମିଳୁଥିଲା ଯେ ସମସ୍ତେ ଭଲ ଅଛନ୍ତି । ପ୍ରାୟ ପଚିଶ ଦିନ ପରେ ଇସାବେଲ୍ଲା ଭଲ ହେଲେ । ବାହାରକୁ ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣିଲେ ପରିବାରର କେବଳ ତାଙ୍କୁ ଛାଡି ବାକି ସମସ୍ତେ ଜଣେ ପରେ ଜଣେ ଜୀବନ ଛାଡି ସାରିଛନ୍ତି । ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ସହ ପିଲା ଦୁଇଟି ବି ତାଙ୍କୁ ଛାଡି ଯାଇ ସାରିଛନ୍ତି । ଏବେ ସେ ଏକା । ମୁଣ୍ଡରେ ବଜ୍ର ପଡିଲା ତାଙ୍କର । ସେମାନଙ୍କ ଶବ ଦେଖେଇବାକୁ ଅନୁରୋଧ କଲେ ସେ । କିନ୍ତୁ ନା, ଶେଷ ସମୟରେ କେହି ବି କାହାର ମୁହଁ ଦେଖି ପାରିଲେନି । ଜଣେ ପରେ ଜଣେ, ସମସ୍ତଙ୍କୁ ମାଟିତଳେ ପୋତି ସାରିଥିଲେ ସେମାନେ ।

ପାଗଳ ପ୍ରାୟ ଅବସ୍ଥାରେ ଘରକୁ ଆସିଲେ ସେ । ଘରର ପ୍ରତି କୋଣରେ ତାଙ୍କୁ ଶାଶୁ, ଶ୍ୱଶୁର, ସ୍ୱାମୀ, ପୁଅ, ଝିଅ ଦେଖା ଯାଉଥିଲେ । ଅଳ୍ପ କିମ୍ବା ବିନା ଆହାର, ବିନା ନିଦ୍ରାରେ ଛଅ ଦିନ ବିତି ସାରିଥିଲା । କଣ କରିବେ, କୁଆଡେ ଯିବେ, କିଏ ଅଛି ତାଙ୍କର ଏ ସମୟରେ ସାହାଯ୍ୟ କରିବାକୁ ? କରୋନା ଯେମିତି ମାଡି ଚାଲିଛି ନିଜ ସମ୍ପର୍କୀୟ ବି କେହି ଆସି ନଥିଲେ ଡାକ୍ତରଖାନା ରେ ଥିବା ବେଳେ । ଆଉ ଏବେ କଣ ?

ଅପର୍ଯ୍ୟାପ୍ତ ସମ୍ପତ୍ତି, ବ୍ୟାଙ୍କ ବାଲାନ୍‌ସ, ଫ୍ୟାକ୍ଟ୍ରି, ଘର, ଗାଡି ଏସବୁ କଣ ଖୁସି ଦେଇ ପାରିବ ତାଙ୍କୁ ? ଯେଉଁଠି ପରିବାର ରେ ସେ ଏକା ଜୀବିତ, ସେଠି ଏସବୁର କାମ କଣ ? ଏସବୁ କଣ କେବେ ପରିବାର ର ସୁଖ ଦେଇ ପାରିବ ?

ଅତ୍ୟଧିକ ଟେନସନ, ରକ୍ତଚାପ, ବିନା ଖାଦ୍ୟ, ବିନା ନିଦ୍ରାରେ ଚୌକିରେ ବସିଥିବା ଅବସ୍ଥାରେ ତାଙ୍କର ହୃଦଘାତ ହେଲା ଓ ସେଇଠି ଟଳି ପଡିଲେ ସେ ।

ଭଲ ହେଲା, ବଞ୍ଚି ବି କଣ କରିଥାନ୍ତେ ସେ ? ଜୀବନ ସାରା ଜଳି ଜଳି ମରିଥାନ୍ତେ ଯାହା । ଭଲହେଲା କି ଏକାଥରେ ଜୀବନ ଚାଲିଗଲା ।"

– ଆଖିରେ ଲୁହ ଆସି ସାରିଥିଲା ମୋର । ଭାବୁଥିଲି, "ଯଦି ତାଙ୍କ ସ୍ୱାମୀ ଆସୁ ଆସୁ କ୍ୱାରେଣ୍ଟାଇନରେ ରହିଥାନ୍ତେ ତେବେ ଚଉଦ ଦିନ ପରେ ପୁରା ପରିବାର ଏବେ ହସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁସିରେ ଜୀବନ ବିତାଉଥାନ୍ତେ । ଗୋଟିଏ ଛୋଟିଆ ଭୁଲ, ମାତ୍ର କେତୋଟି ଦିନ ପରିବାର ପାଖରେ ରହିବାର ଲୋଭ ହିଁ ପୁରା ପରିବାର ର ମୃତ୍ୟୁ ର କାରଣ ହେଲା ।”

ହେଲେ, ଇସାବେଲ୍ଲାଙ୍କ ମୃତ୍ୟୁ ବିଷୟରେ ଏତେ ଖବର ଏ ମହିଳା ଜଣଙ୍କ ଜାଣିଲେ କିପରି ? ଇସାବେଲ୍ଲା ତ ଘର ଭିତରେ ଥାଇ ମୃତ୍ୟୁ ବରଣ କଲେ, ତିନି କି ଚାରିଦିନ ପରେ ଗଳିତ ଶବ ଉଦ୍ଧାର ଚାଲିଛି ଏବେ । ସେ କିପରି ମରିଛନ୍ତି, ପୋଷ୍ଟମର୍ଟମ ପରେ ଜଣା ପଡିବ । ତେବେ....

ହଠାତ ମୋ ମୋବାଇଲରେ ଭ୍ରୁମ୍, ଭ୍ରୁମ୍ କରି ଏକ ନୋଟିଫିକେସନ ଆସିଲା । ମୋବାଇଲ ଖୋଲି ଦେଖିଲା ବେଳକୁ କୌଣସି ଏକ ନିଉଜ ଚ୍ୟାନେଲର ନୋଟିଫିକେସନ ଯାହା ଏ ଏରିଆରେ ମରିଥିବା ମହିଳାଙ୍କ ବିଷୟରେ ଥିଲା । ଲିଙ୍କ ଓପେନ କରି ଭିତରକୁ ଯାଇ ଫୋଟୋ ଦେଖିଲି, ମରିଥିବା ମହିଳା ଜଣଙ୍କ ମୁହଁ ମୋ ପାଖରେ ବସିଥିବା ମହିଳାଙ୍କ ମୁହଁ ସହ ସମାନ ଥିଲା ।

ହଠାତ ମୋବାଇଲରୁ ମୁହଁ ଉଠେଇ ମହିଳାଙ୍କ ଆଡେ ଚାହିଁଲି । ପାଖରେ କେହି ନଥିଲେ । କାନ ପାଖରେ ଏକ ଶୀତଳ ପବନ କହି କହି ଯାଉଥିଲା... ଦୁନିଆଁକୁ ଏ ବିଷୟରେ ଟିକେ ଅବଗତ କରେଇ ଦେବେ... ଆମ ପରି ଭୁଲ ଆଉ କେହି ନ କରନ୍ତୁ, ଆଉ କାହାର ବି ଜୀବନ ନ ଯାଉ....

ଖରା ପାଇଁ କି ଭୟରେ ଜାଣିନି... ମୋ ଦେହରୁ ଝାଳ ବୋହିବାକୁ ଲାଗିଥିଲା...

ଅତର୍କ୍ଛା ମୁଁ ମୋ ରୁମ ଆଡେ ଧାଇଁବାକୁ ଲାଗିଲି....

ଖଲାରୀ, ଅନୁଗୁଳ, ଓଡିଶା, ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦

subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇ ଆତ୍ମାର ମିଳନ



ରେଶମା ମହାନ୍ତି

ଏକ ହିଲଷ୍ଟେସନ । କୋହଲା ପାଗକୁ ବର୍ଷାର ଆଗମନ । କିଛି ପକ୍ଷୀଙ୍କର କିଚିରି ମିଚିରି ଶବ୍ଦ । ହଠାତ ମୋ ନିଦ ଭାଙ୍ଗିଗଲା । ସତେ ଯେମିତି ବର୍ଷ ବର୍ଷ ଧରି ମୁଁ ଶୋଇ ରହିଥିଲି, ଆଜି ମୋ ନିଦ ଭାଙ୍ଗିଛି । ସବୁ କିଛି ନୂଆ ନୂଆ ଲାଗୁଥାଏ । ସାମ୍ନାରେ ଗୋଟେ ବଡ ମନ୍ଦିର ଓ ତାକୁ ଲାଗି ମଣ୍ଡପଟେ । ଘଣ୍ଟ ଘଣ୍ଟିର ନାଦ ହଠାତ ବନ୍ଦ ହୋଇଗଲା । ସନ୍ଧ୍ୟା ସମୟରେ ମନ୍ଦିରର ଝୁଣାଧୂଆଁ ଓ ଯଜ୍ଞ କୁଣ୍ଡର ଧୂମ କୁଣ୍ଡଳୀ ସତେ ଯେମିତି ବର୍ଷା ପାଗରେ କୁହୁଡିର ଭ୍ରମ ସୃଷ୍ଟି କରୁଥାଏ । ଖୁବ ସୁନ୍ଦର ଭାବରେ ସଜା ହୋଇଛି ମଣ୍ଡପଟି । ଚତୁର୍ଦ୍ଦିଗ ପ୍ରତିଫଳିତ ହୋଇଉଠୁଥାଏ ମଣ୍ଡପର ଆଲୋକ ସଜ୍ଜାରେ ।

ଉତ୍ସବ ମୁଖରିତ ପରିବେଶ ହଠାତ କେମିତି ନିଆଁରେ ପାଣି ଢାଳିଲା ପରି ନିରବି ଗଲା । ମୁଁ ବିଚଳିତ, ମନ କାହିଁକି ବ୍ୟସ୍ତ ହୋଇପଡୁଥାଏ ମୋର । କାହିଁକି କେଜାଣି ଛାତି ମୋର ଫାଟି ପଡୁଥାଏ । ହଠାତ ମୋ ଦୃଷ୍ଟି ପଡେ ମୋ ପ୍ରାଣର ପ୍ରିୟା ରୁପାର ବାପାଙ୍କ ଉପରେ । ମାନେ ମୋ ଭାବି ଶ୍ୱଶୁର । ମୁଣ୍ଡରେ ହାତ ଦେଇ ବସିଛନ୍ତି ସେ । ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ । ମନ ଭିତରେ ଭାବି ଯାଉଥାନ୍ତି କେତେ କଥା । ଝିଅ ବାହାଘରରେ ବାପାର ଚିନ୍ତା ହେବା ସ୍ୱାଭାବିକ ।

ଆସ୍ତେ ଆସ୍ତେ ପାଦ ବଢ଼େଇଲି ମଣ୍ଡପ ଆଡେ । ବାହାରେ ଲେଖା ଯାଇଥାଏ, "ରୁପା ସହିତ ହିତେଶ" । ତେବେ ଆଜି ମୋ ବାହାଘର ? କିନ୍ତୁ ଆଜି ତ ୧୪ ତାରିଖ । ବାହାଘର ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଲି ।

ମୁଁ ତ ରୁପା ପାଇଁ valentine ଗିଫ୍ଟ ନେଇ ଆସୁଥିଲି ଗାଡ଼ିରେ । କାହାକୁ ତ କିଛି କହିନଥିଲି ରୁପାକୁ surprise ଦେବି ବୋଲି । ହଁ ଆସୁଥିଲି ତ... ହେଲେ.....ଫେବୃଆରୀ ୧୫ରେ ତ ବାହାଘର ଥିଲା ଆମର.. ! ! ଗିଫ୍ଟ ଦଉ ଦଉ କଣ ଗୋଟେ ଦିନ ପଳେଇଲା... କିଛି ବୁଝିପାରୁନଥାଏ ମୁଁ....

ଆଗକୁ ଚାଲିଲି । ରୁପା ସଜ ହଉଥିବା କକ୍ଷ ଆଗରେ ଭାରି ଭିଡ । ନିଜ ମାନସପଟକୁ ଝାଙ୍କିବାକୁ ଚେଷ୍ଟା କଲି.. କିନ୍ତୁ ନା.. ମୋର ତ କାଇଁ ମନେ ପଡୁନି କିଛି.. ଆଜି କ'ଣ ଆମ ବାହାଘର ? ? ତଳକୁ ଅନେଇ ନିଜ ଡ୍ରେସକୁ ଦେଖୁଥାଏ.. ଚିରା ମଇଳା ଯେମିତି ଘୁଷୁଡ଼ି ଘୁଷୁଡ଼ି ଯାଇଛି ବହୁତ ଦୁରକୁ.. ଏ ତ ବାହା ହେଉଥିବା କୋଉ ବରର ଡ୍ରେସ ନୁହେଁ.. ମୋ ବାହାଘର ନା ? ମୋ ଲୁହ ମାନେ ମୋ ଆଖିକୁ ପଚାରୁଥାନ୍ତି..

ଠିକ ସେଇ ସମୟରେ ସାମ୍ନାରୁ ଶୁଭେ କିଛି କୋଳାହଳ.. ଯାହାକି ରୁପା ସଜ ହେଉଥିବା ରୁମପାଖରୁ ଆସୁଥିଲା... ବୋଧହୁଏ ସେଠି ମୋ ରୁପା ସଜ ହଉଛି.. ମାତ୍ର ଏ କ'ଣ ! ! ! କୋଳାହଳ ଘନୀଭୂତ ହୋଇ ଚିତ୍କାରର ରୂପ ଧାରଣା କରୁଥାଏ.. ସମସ୍ତେ ଦୌଡିକି ଯାଉଥାନ୍ତି.. କିନ୍ତୁ ମୋ ପାଦ କାଇଁ ଚାଲୁନି... କେବଳ ଅନବରତ ଲୁହ ବୋହି ଚାଲୁଥାଏ.. କିନ୍ତୁ କାହିଁକି ? କିଛି ବୁଝି ପାରୁନଥାଏ ମୁଁ.. କିଛି ସମୟ ପରେ ଦେଖେ ରୁପାର ଭଉଣୀ ସେ ରୁମରୁ ବାହାରି ଆସୁଛନ୍ତି କାନ୍ଦି କାନ୍ଦି.. ମୁଁ ପଚାରେ କ'ଣ ହେଇଛି ? ? କିନ୍ତୁ ସେ ମତେ ଦେଖିପାରୁ ନଥାନ୍ତି ନା କଣ ମୋ କଥାକୁ ବି କର୍ଣ୍ଣପାତ କରୁନଥାନ୍ତି... ତା ପରେ ମୋ ପ୍ରିୟାର ପ୍ରିୟ ସାଙ୍ଗମାନେ ଆସନ୍ତି କାନ୍ଦି କାନ୍ଦି.. ମୁଁ ପଚାରେ କଣ ହେଇଛି କୁହ ମତେ.. କେହି କିଛି ଶୁଣିପାରୁ ନାହାନ୍ତି, ମୋ ପ୍ରତି କାହା ଦୃଷ୍ଟି ବି ଯାଉନି.. ଚାଲି ଯାଉଛନ୍ତି ସମସ୍ତେ କାନ୍ଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାନ୍ଦି... କଣ ସମସ୍ତେ ରାଗିଛନ୍ତି ମୋ ଉପରେ ?

ମୁଁ ଚିଲ୍ଲାଉଛି, କୁହ କିଏ କ'ଣ ହେଇଛି ହେଲେ ମୋ କଥା କାହାକୁ ଶୁଭୁନି ନା କେହି ଦେଖି ପାରୁନାହାନ୍ତି ମତେ ? କାହିଁକି ? ? କାହିଁକି କେହି ଜଣେ ହେଲେ ମୋ ସହ କଥା ହେଉ ନାହାନ୍ତି ? ତେବେ କ'ଣ ଗୋଟେ ହେଇଛି ମୋ ରୁପାର.. କେହି କିଛି କହୁନାହାନ୍ତି କାହିଁକି ? ? ମୋ କୋହ ବଢିଚାଲେ.. ମନ ଅଶାନ୍ତ ଓ ଶରୀର ଜଡ..କିନ୍ତୁ ଲୁହ ଗଡା ବନ୍ଧ ଭାଙ୍ଗି ବୋହିଯାଉଛନ୍ତି..

ଚାଲି ଚାଲି, ପାଦକୁ ଘୋଷାରି, ବନ୍ଦ କବାଟ ମଧ୍ୟରେ ଖୁବ ସହଜରେ ପ୍ରବେଶ କରିଗଲି ମୁଁ... ଆଶ୍ଚର୍ଯ୍ୟ ହେଲି, ବନ୍ଦ କବାଟ ଭିତରକୁ କେମିତି ଆସିଲି ମୁଁ ? ଆଖିର ଚିରସ୍ରୋତା ବହି ଚାଲିଥାଏ.. .ଗୋଟେ ଶୀତଳ ମୃଦୁ ମଳୟ ଅନୁଭୂତ ହୁଏ ହଠାତ... ଚିର ପରିଚିତ ବାସ୍ନା......କେହି ଜଣେ ଆଲିଙ୍ଗନ କରେ ମତେ..ହଁ ମୋ ରୁପା... ବୋଧ ହୁଏ ନିଜର ସତ୍ତା ଫେରି ପାଇଲି ମୁଁ... ଦୁଇଟି ଆତ୍ମାର ମିଳନ... ଆଃ କି ଶାନ୍ତି..

ହଠାତ ଆଉ ଏକ ରୁପା ମୋ ଦୃଷ୍ଟି ଆକର୍ଷଣ କଲା । ଯିଏକି ଝୁଲୁଥାଏ ଫ୍ୟାନ ରେ.. ଯୋଉ ଓଢଣା ଟାଣି ମୋର ହାତ ଧରି ଯିବ ଭାବିଥିଲା ସେଇ ଓଢଣୀକୁ ପଙ୍ଖାରେ ଲଗାଇ ଝୁଲି ଯାଇଛି ସେ... ଫେରି ଚାହିଁଲି... ମୋ ପାଖରେ ଥିବା ରୁପା କହି ଚାଲିଥାଏ, କେମିତି ସହିଥାନ୍ତି ? valentine ଭଳି ଦିନରେ ଏ କି ଉପହାର ମତେ ଦେଲ ହିତେଶ ? ? ? ଏଇ ତମ ଭଲ ପାଇବା ଥିଲା. ? ? ? କେତେ ସ୍ୱପ୍ନ ଦେଖିଥିଲେ ହେଲେ ଏ ସବୁ କ'ଣ ହେଇଗଲା ? ?

ଅବାକ ହୋଇ ଚାହିଁ ରହିଥିଲି ମୁଁ... ବାହାରୁ କୋଳାହଳ ଶୁଭୁଥିଲା, "ବାହା ହେବାକୁ ଆସୁଥିବା ଜ୍ୱାଇଁର ଅକାଳ ମୃତ୍ୟୁ କେମିତି ସହିବ ଜଣେ ବାପା ? ରୁପାର ବାହାଘର ଥିଲା... କେତେ ପରିଶ୍ରମ କରି ଝିଅ ବାହାଘର ପାଇଁ ଯୋଗାଡ ଯନ୍ତ୍ର କରିଥିଲା ସେ... କିନ୍ତୁ କ'ଣ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଗଲା... କ'ଣ ଏବେ କରିବ ???.... କେମିତି ରୁପା କୁ କହିବ ତୋ ମଥା ରେ ଆଜି ସିନ୍ଦୁର ଲାଗିପାରିବନି... କେମିତି କହିବ ଯାହାକୁ ଜ୍ୱାଇଁ କରିଥାନ୍ତି ସେ ଆର ପାରିକୁ ଚାଲିଗଲା..ଏକ ରୋଡ଼ ଆକ୍ସିଡେଣ୍ଟ ରେ..... ??"

ଆଉ ଜଣେ କେହି କହୁଥାଏ, "କିନ୍ତୁ ସେ କଣ ଜାଣିଛନ୍ତି ଯେ ସେତେବେଳକୁ ହିତେଶ ଘରୁ ଆସିଥିବା ଫୋନକଲ ବିଷୟରେ ଘର ପରିବାର ଜାଣିସାରିଲେଣି ଆଉ କେହି ରୁପାକୁ ବି ଜଣେଇ ଦେଇଛି.... ରୁପା ନିଜକୁ ବନ୍ଦ କରିଦେଇଛି ସମସ୍ତଙ୍କୁ ରୁମରୁ ବାହାର କରି... କେମିତି ବି ସହିଥାନ୍ତା ସେ ? କେଇ ଘଣ୍ଟା ପରେ ଯାହା ହାତ ଧରିଥାନ୍ତା ସେ ଗତ ରାତିରୁ ଆଉ ନାହିଁ.. ଦୀର୍ଘ ଛଅ ବର୍ଷର ପ୍ରେମ ସମ୍ପର୍କରେ ଭଟ୍ଟା... ଧୈର୍ଯ୍ୟହରା ହୋଇ କଣ କଲା ରୁପା.... କିଏ କେଉଁଠି ଅଛ ବଞ୍ଚାଅ ତାକୁ... କବାଟ ଖୋଲ... ଭାଙ୍ଗିଦିଅ ଏ କବାଟ...

କଥାସବୁ ଶୁଣି ଆତଙ୍କିତ ଓ ଆଶ୍ଚର୍ଯ୍ୟ ଭାବେ ଠିଆ ହୋଇ ରହିଲି ମୁଁ । ତେବେ ମୁଁ କଣ ମୃତ ?? ଆଉ ରୁପା ବି ? ଆଉ ଥରେ ଚାହିଁଲି ପଙ୍ଖାରେ ଝୁଲୁଥିବା ରୁପା ଆଡେ...

ହଠାତ କବାଟ ଭାଙ୍ଗି କେହି ଜଣେ ଭିତରେ ପ୍ରବେଶ କଲା ପରି ଲାଗିଲା... ମୁଁ ଓ ରୁପା ହାତ ରେ ହାତ ଛନ୍ଦି ଚାଲିବାକୁ ଆରମ୍ଭ କଲୁ...

ପଛରେ, କେବଳ ଶୁଭୁଥାଏ ରୁପା ମୃତ ଶରୀର ନିକଟରେ ଏକତ୍ରିତ ହୋଇଥିବା ବନ୍ଧୁ ଓ ପରିବାର ବର୍ଗଙ୍କ କ୍ରନ୍ଦନର ସ୍ୱର... ସେପଟେ ଉତ୍ସବ ମୁଖରିତ ମଣ୍ଡପଟି ଶ୍ରୀହୀନ ହୋଇ ପଡିଥାଏ କିଛି କ୍ଷଣ ମଧ୍ୟରେ...

ନିମାପଡା, ପୁରୀ, ଓଡିଶା

ଭ୍ରାମ୍ୟଭାଷ : ୭୭୩୫୬୭୦୦୧୪ ଇମେଲ୍ : mohanty.reshma91@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଜୁ ଗାଇଡ୍



ଜନ୍ମେଜୟ ପଣ୍ଡା

"Oh my god, very painful " - ଫିସ ଫିସ ଇଂରାଜୀରେ କହିଲା ଶେଯ ଉପରେ ଶୋଇଥିବା ସୁନ୍ଦରୀ ତରୁଣୀଟି । ଦେହର କଷ୍ଟ ଆହୁରି କ୍ଷୀଣ କରିଦେଉଥିଲା ତାର କଥାକୁ ।

"ଟିକେ ପାଣି ଦେବି କି ?" ଶେଯ ପାଖରେ ଦୀର୍ଘ ୪ ଦିନ ହେଲା ଜଗିବସିଥିବା ତରୁଣଟି ପଚାରିଲା । ଅଧିକ କିଛି କହିବାର ପରିସ୍ଥିତିରେ ନଥିଲା ତରୁଣୀଟି । ବହୁ ସମୟ ଧରି ଅପେକ୍ଷା କରିଥିବା ତରୁଣ ପାଇଁ ଏତିକି ଆଶ୍ୱାସନା ଯଥେଷ୍ଟ ଥିଲା ଅନ୍ତତଃ ତରୁଣୀଟି କଥା ପଦେ ତ କହିଲା ।

ବିଦେଶୀମାନଙ୍କ ସହ କଥା ହେବାର କଳା ତାକୁ ବେସ ଜଣାଥିଲା । ଏଇ ମାତ୍ର ୩ ବର୍ଷ ତଳେ ସେ ଯୋଗ ଦେଇଥିଲା ଟୁରିଜିମ ଇଣ୍ଡଷ୍ଟ୍ରିରେ । ସଂସ୍ଥା ତରଫରୁ ସେ ଆମେରିକା ଯାଇ ସେଠାରେ ୬ ମାସ ରହି ଆସିଛି । ଏଣୁ ସେଠାକାର ଅଧିବାସୀଙ୍କର ହାବଭାବ, ଚାଲିଚଳନ ବିଷୟରେ ସେ ବେଶ୍ ପରିଚିତ । ସେହି ମହାଦେଶରୁ ଓଡିଶାକୁ ଆସୁଥିବା ଟୁରିଷ୍ଟ ମାନଙ୍କର ଦାୟିତ୍ୱ ନ୍ୟସ୍ତ ଥାଏ ତରୁଣ ଉପରେ । ଅବଶ୍ୟ ସେ ଏ କାମରେ ବେଶ୍ ପାରଙ୍ଗମ । ତା ସହ ଯୋଗଦେଇଥିବା ଗାଇଡ଼ମାନଙ୍କ ଠାରୁ ସେ ବହୁତ ଉପର ପୋଷ୍ଟରେ । ପ୍ରତିବର୍ଷ ପଦୋନ୍ନତି । ତାର ସମ୍ପୂର୍ଣ୍ଣ ମନେ ଅଛି ଯେ ସେ ଏହି ତରୁଣୀଟିକୁ ଦେଖିଥିଲା ଗତ ସପ୍ତାହେ ତଳେ ଆମେରିକାରୁ ଆସିଥିବା ଟୁରିଷ୍ଟ ମାନଙ୍କ ସହ । ପୂର୍ବଦିନ ସେ ନିଜେ ହିଁ ସେମାନଙ୍କୁ ଜଗନ୍ନାଥ ମନ୍ଦିର, ସମୁଦ୍ର ବେଳାଭୂମି, ମାଉସୀମା ମନ୍ଦିର, ଲୋକନାଥ ମନ୍ଦିର ସବୁ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କରେ ଗୋଟି ଗୋଟି ତଥ୍ୟ ସେମାନଙ୍କୁ ବୁଝାଉଥିଲା ସେମାନଙ୍କ ଭାଷାରେ । ସନ୍ଧ୍ୟା ୫ଟା ବେଳେ ସେମାନଙ୍କୁ ଛାଡ଼ିଦେଇ ଆସିଥିଲା ହୋଟେଲ ମେଘଦୂତରେ ଯୋଉଠି ବ୍ୟବସ୍ଥା ହୋଇଥିଲା ସେମାନଙ୍କ ରହିବା ପାଇଁ । ଅଥଚ ସେହି ତରୁଣୀ ଆଜି ଶଯ୍ୟାଶାୟୀ ! ଶୋଇନି ତ ତାକୁ ଶୁଆଇଦେଇଛନ୍ତି କେଇ ଜଣ ଲମ୍ପଟ ପୁରୁଷ ।

ସନ୍ଧ୍ୟା ୭ଟା ବେଳେ ପୁରୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହୋଇ ତରୁଣୀଟି ବାହାରିଥିଲା ଏକାକୀ ଟିକେ ସମୁଦ୍ରକୂଳକୁ ଉପଭୋଗ କରିବା ପାଇଁ । ନିଜ ଭିତରେ ନିଜେ ହଜି ଜୀବନର ସବୁ ପ୍ରଶ୍ନର ଉତ୍ତର ପାଇଁ । ହେଲେ ସେ ଜାଣିନଥିଲା ଉତ୍ତର ଖୋଜୁ ଖୋଜୁ କେତେବେଳେ ସେ ପୁଣି ଗୋଟେ ପ୍ରଶ୍ନବାଚୀ ସାଜିବ ? ତା ଉପରେ ହୋଇଛି ଆକ୍ରମଣ, ବଳାତ୍କାର । ଧର୍ଷଣକାରୀ ମାନେ ଲୁଟିନେଇଛନ୍ତି ତାର ପର୍ସ,ମୋବାଇଲ ଆଉ ଟଙ୍କା ସବୁ ତା ସହିତ ଲୁଟିନେଇଛନ୍ତି କୁଆଁରୀ ଝିଅର ମୂଲ୍ୟବାନ ଇଜ୍ଜତ ଟିକକ ।

ତରୁଣଟି ପ୍ରତିଦିନ କାର୍ଯ୍ୟ ସାରି ଫେରେ ପେଣ୍ଠକଟାସ୍ଥିତ ତାର ବାସଭବନକୁ । ସେଦିନ ଫେରୁଥିବା ବେଳେ ତାକୁ ପରିସ୍ରା ଲାଗିଲା । ଏକାନ୍ତ ଜାଗାଟିଏ ଖୋଜୁ ଖୋଜୁ ପହଂଚି ଯାଇଥିଲା ସେ ନିକଟସ୍ଥ ଝାଉଁ ବଣ ପାଖରେ ଯୋଉଠି ବିବସ୍ତ୍ର ହୋଇ ପଡି ରହିଥିଲା ତରୁଣୀଟି ଅତି ଦୟନୀୟ ଅବସ୍ଥାରେ । ତାର ଏତାଦୃଶ ଅବସ୍ଥା ଦେଖି ତରୁଣର ପ୍ୟାଣ୍ଟରେ ପରିସ୍ରା ହୋଇଯିବା ସ୍ୱାଭାବିକ କଥା । ନିଜ ପାଖରେ ଥିବା ଗାମୁଛାଟିକୁ ଗୁଡେଇଦେଲା ଅଚେତ ଥିବା ତରୁଣୀର ଶରୀରରେ । ହସ୍ପିଟାଲ ପର୍ଯ୍ୟନ୍ତ ଯିବା ପାଇଁ ସମସ୍ତେ ଅମଙ୍ଗ ହେଲେ । ଆମ୍ବୁଲାନ୍ସକୁ ଫୋନ କଲା ସେ । କିଛି ସମୟ ପରେ ପହଁଚିଲା ଆମ୍ବୁଲାନ୍ସ ଏବଂ ଉଦ୍ଧାର କଲା ଯୁବତୀଟିକୁ । ସେବେଠାରୁ ତରୁଣଟି ଜଗିବସିଛି ତା ଶେଯ ପାଖରେ ଉଜାଗର ରହି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ପାଣି ଟିକେ ଦେବି କି ?"-ପୁଣି ଥରେ ପଚାରିଲା ତରୁଣଟି ।

"ହଁ, ଭାରି ଶୋଷ "-ତରୁଣୀଟି ତାର ଚିରାଚରିତ ଇଂରାଜୀ ଭାଷାରେ କହିଲା । ଅବଶ୍ୟ ତରୁଣଟି ବେଶ୍ ଭଲ ଇଂରାଜୀ କହିପାରେ ଓ ବୁଝିପାରେ ମଧ୍ୟ । ବୋଧେ ତରୁଣଟି ପାଣି ଗ୍ଲାସଟେ ଦେବାପାଇଁ ପୂର୍ବରୁ ପ୍ରସ୍ତୁତ ନଥିଲା, ପ୍ରଥମେ ସେ ଥତମତ ହେଲା ଏବଂ ପର ମୁହୂର୍ତ୍ତରେ ନିଜ ବ୍ୟାଗରୁ ପାଣି ବୋତଲଟି କାଢି ତରୁଣୀର ଅଧାଖୋଲା ଓଠରେ ଟିକେ ଟିକେ କରି ଦେଲା । କେଇବୁନ୍ଦା ପାଣି ପି ସାରି ସେ ଠେଲିଦେଲା ତରୁଣର ହାତକୁ ।

"ମତେ ଜାଣିପାରୁଛ ? ମୁଁ ରାଜୁ, ରାଜୁ ଗାଇଡ଼ ।" ତରୁଣଟି ଅତି ବିକଳ ହୋଇ ପଚାରିଲା ।

"Ohh....no...." ରାଜୁ କହିଲା । ପୁଣି ଥରେ ତରୁଣୀର ଆଖି ମୁଦି ହୋଇଗଲା ।

ସମୟ ଗଡିଚାଲେ । ଯା ଭିତରେ ଦୀର୍ଘ ୮ ଦିନ ବିତିଗଲାଣି । ଏବେ 'ଏଭେଲିନ' ଭଲ ହୋଇ ଆସିଲାଣି । ପୁରା ନାଁ "ଏଭେଲିନ ଫର୍ଣ୍ଣେଣ୍ଡିଜ ।" ବୟସ ପାଖାପାଖି ୨୫ - ୨୬ ହେବ । ରାଜୁ ତାର ଫୋନରୁ କଲ କରି ବୁଝିସାରିଛି ଯେ ତା ମମି ଡାଡିଙ୍କର ପୂର୍ବରୁ ବିବାହ ବିଚ୍ଛେଦ ହୋଇସାରିଛି ଏବଂ ସେମାନେ ଏଭେଲିନର ମୁହଁ ମଧ୍ୟ ଦେଖିବାକୁ ଚାହୁଁନାହାନ୍ତି । ହୁଏତ ସେଦିନ ଏଭେଲିନର ଏକାକୀତ୍ୱ ଭାରି କଷ୍ଟ ଦେଇଥିଲା ଦରଦୀ ରାଜୁକୁ । ତେଣୁ ତାକୁ ନେଇଆସିଲା ତାର ନିଜସ୍ୱ ବାସଭବନକୁ । ରାଜୁର ବି ନିଜର ବୋଲି କେହି ନଥିଲେ, ଏକାକୀ ରହୁଥିଲା ସେ । ଏଭେଲିନର ମଧ୍ୟ କୌଣସି ଆପତ୍ତି ନଥିଲା । ରାଜୁ ଯେ ତାକୁ ପୁନର୍ଜୀବନ ଦେଇଛି । ସମୁଦ୍ରକୂଳ ଥାନାରେ କେସ ଫାଇଲ ହୋଇଥିଲେ ବି ଏଭେଲିନ କ୍ଷମା କରି ଦେଇଥିଲା ସେହି ଲମ୍ପଟ ଗଣଧର୍ଷଣକାରୀ ମାନଙ୍କୁ । ସବୁ ଦୁଃଖକୁ ଛାତିତଳେ ଚାପି ଦେଇ ରାଜୁ କୁ ଅନୁରୋଧ କରିଥିଲା ଏ କେସ ଫେସରେ ନ ପଶିବା ପାଇଁ । ଅବଶ୍ୟ ଏ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଟଣା ତାଙ୍କ ଦେଶରେ ଖୁବ ସାଧାରଣ । ତଥାପି ତା ଦୁଃଖକୁ ରାଜୁ ଉପରେ ଲଦି ଦେବାକୁ ହୁଏତ ଚାହୁଁ ନଥିଲା ସେ । ରାଜୁ ତା ପାଇଁ ବହୁତ କଷ୍ଟ ସହି ସାରିଲାଣି । ତେଣୁ ଏଭେଲିନ ଏ ସବୁକୁ ବୋଧହୁଏ ତା କପାଳ ଲିଖନ ବୋଲି ଭାବି ନେଇଥିଲା । ହେଲେ  ବାରମ୍ବାର ରାଜୁକୁ "thank u" କହିବା, ତା ସହ ଘଟିଯାଇଥିବା ସବୁ ଘଟଣାକୁ ମନେପକେଇ କାନ୍ଦିବା ଏବଂ ପାଶ୍ଚାତ୍ୟ ସଂସ୍କୃତି ଆଧାରରେ ରାଜୁର ହାତପାପୁଲିକୁ ଜାବୁଡି ଧରି ଚୁମ୍ବନଟିଏ ଆଙ୍କି ଦେବାପାଇଁ କେବେ ବି ଭୁଲୁନଥିଲା ଏଭେଲିନ ।

ପ୍ରାୟ ସମୟରେ ଲୁହ ଜକେଇ ଆସେ ଏଭେଲିନ ଆଖିରେ, ରାଜୁ ପୋଛିଦେବାକୁ ହାତ ବଢାଏ, ହେଲେ ପାରେନି । ଭାରି ଯନ୍ତ୍ରଣା ହେଉଥାଏ ରାଜୁର ଛାତିରେ । କେଉଁ ଏକ ଅଜଣା ଯନ୍ତ୍ରଣା ? ଯାହା ଅସ୍ତବ୍ୟସ୍ତ କରୁଥାଏ ତାକୁ ପ୍ରତି ମୁହୂର୍ତ୍ତରେ । ଏଭେଲିନର ସ୍ନେହଭରା କଥା, ନିଜର ନିଜର ପଣିଆ, ମାଆଟିଏ ପରି ରାଜୁର ମୁଣ୍ଡ କୁଣ୍ଡେଇ ଦେବା, ସେ କେଉଁ ସାର୍ଟ ପିନ୍ଧିଲେ ସୁନ୍ଦର ଦିଶେ ସେଇ ସାର୍ଟଟି ଆଣି ଜୋର କରି ତା ହାତରେ ଧରେଇଦେବା, ବିଭିନ୍ନ ପ୍ରକାର ତାଙ୍କ ଦେଶର ଖାଇବା ବନେଇ ରାଜୁକୁ ପରଷିବା, ପଡୋଶୀଙ୍କ ଠାରୁ ଓଡ଼ିଆ ଖାଦ୍ୟ ସବୁ ଶିଖି ତା ପାଇଁ ବନେଇବା, ରାଜୁର ଥଣ୍ଡାଟିକେ ହେଲେ ବି ଅତି ବ୍ୟସ୍ତ ହୋଇପଡିବା, ରାଜୁ ତାର ନିଜର କେହି ନ ହୋଇଥିଲେ ବି ତା କୋଳରେ ମୁଣ୍ଡରଖି ଶୋଇ ଏଣୁ ତେଣୁ ଗପିବା ଇତ୍ୟାଦି ଇତ୍ୟାଦି । ଏ ସବୁ ରାଜୁକୁ ଏଭେଲିନର ପ୍ରେମରେ ପକେଇବା ପାଇଁ ଯଥେଷ୍ଟ ଥିଲା ।

ରାଜୁ ନିଜ ଅଜାଣତରେ ଏଭେଲିନର ପ୍ରେମରେ ପଡି ସାରିଥିଲା । ପରନ୍ତୁ କହି ପାରୁନଥିଲା କାଳେ ଏଭେଲିନ ତାକୁ ମନା କରିଦେବ ।

ଦିନେ ଏଭେଲିନ ରାଜୁକୁ କହିଲା "ରାଜୁ ଜାଣିଛ ! ମତେ ତୁମକୁ ଛାଡି ଯିବାକୁ ଆଦୌ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଚ୍ଛା ନାହିଁ, ହେଲେ କେତେ ଦିନ ଆଉ ଏମିତି ତୁମ ଉପରେ ବୋଝ ହୋଇ ରହିଥାନ୍ତି ସେଥିପାଇଁ ବହୁ ଚିନ୍ତା କଲାପରେ ଆଜି USA ଯିବା ପାଇଁ ଭିସା ଆଉ ପାସପୋର୍ଟ ପାଇଁ ଆବେଦନ କରିଛି ।" କିଛିଦିନ ପରେ ଆସିଯିବ । ରାଜୁ ଟିକେ ଅଶ୍ୱସ୍ତି ଅନୁଭବ କଲା । କିଛି ନ କହି ପାରିଲେ ବି ତାର ଛାତି ଭିତରେ ଭୀଷଣ ଯନ୍ତ୍ରଣା ହେଉଥିଲା । ଖାଲି କ୍ଷୀଣ ସ୍ୱରରେ ହଡ଼ବଡ଼େଇ ହୋଇକି କହିଲା -"ହଁ.. ହଁ... ଠିକ କରିଛ ।" ଆଖି ତାର ଜକେଇଆସୁଥିଲା ଏଭେଲିନର ଦୂରେଇଯିବା ଭୟରେ ।

ଯଥା ସମୟ ଉପନୀତ ହେଲା । ଏଭେଲିନର ବିଦାୟ ବେଳ ଆସିଗଲା ଯୋଉଦିନକୁ ରାଜୁ ବହୁତ ଭୟ କରୁଥିଲା । ରାଜୁ ଚାହିଁଥିଲେ ହୁଏତ ତାର ଭିସା ରଦ୍ଦ କରିଦେଇ ପାରିଥାନ୍ତା । ହେଲେ ନିଜ ସ୍ୱାର୍ଥ ପାଇଁ ସେ କେମିତି ଏତେ ସ୍ୱାର୍ଥପର ହୋଇପାରିଥାନ୍ତା । ଏଭେଲିନ ଆଖିରେ ହିରୋ ପାଲଟିଯାଇଥିବା ରାଜୁ କେମିତି ଅବା ଭିଲେନ ବନିଯାଇ ପାରିଥାନ୍ତା । ଏଭେଲିନକୁ ବାଇକରେ ବସେଇ ଚାଲିଲା ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ଅଭିମୁଖେ । ବାଟସାରା ମଝିରେ ମଝିରେ କାନ୍ଦି ପକାଉଥାଏ । ପୁରା ଚୁପ ଥାଏ ମୂକଟିଏ ପରି । ଏଭେଲିନ ଯାହା କହିଲେ ବି କିଛି ଉତ୍ତର ଦେଉ ନଥାଏ ସେ । କୋହକୁ ଚାପି ଖାଲି ଶବ୍ଦ ବିହୀନ କାନ୍ଦ କାନ୍ଦୁଥାଏ । ବାଟସାରା ଯେତେ ମନ୍ଦିରଥାଏ ଖାଲି ଏତିକି ପ୍ରାର୍ଥନା କରୁଥାଏ ମନେ ମନେ ଯେ, "ପ୍ରଭୁ ଦୟାକରି ଏଭେଲିନକୁ ଏଇଠି ଅଟକେଇ ଦିଅନ୍ତୁ ସବୁଦିନ ପାଇଁ, ମୋ ପାଖକୁ ଫେରେଇ ଦିଅନ୍ତୁ ବୋଲି ।" ହଠାତ ବାଇକ ମିରରକୁ ଚାହିଁଦେଲା ଏଭେଲିନ ଖିଆଲୀ ଭାବରେ । ଆଉ ତାର ନଜରରେ ପଡିଗଲା ରାଜୁର ଏ କୋହ ଭିଜା ପ୍ରେମର ଲୁହବୁନ୍ଦାମାନ ।

"Please, ରାଜୁ stop !" ଏଭେଲିନ କହିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କଣ ହେଲା ଏଭେଲିନ ? " ରାଜୁ ପଚାରିଲା କାନ୍ଦ କାନ୍ଦ କଣ୍ଠରେ । ଏଭେଲିନ କହିଲା, "ଟିକେ ହେଲମେଟ ଖୋଲିଲ ।" ହେଲମେଟ ଖୋଲିବା ପରେ ରାଜୁର ଶିଥିଳ ପଡ଼ିଯାଇଥିବା ମୁହଁକୁ ଦେଖିକି ସେ କହିଲା, "tell me, Do you love me, Raju ? "

ରାଜୁ ନିଜ ଭଲପାଇବାକୁ ଆଉ ରୋକି ପାରି ନଥିଲା ସେହି ଦୁର୍ବଳ ମୁହୂର୍ତ୍ତରେ । ଭୋ ଭୋ ହୋଇ କାନ୍ଦି ଉଠି କହିଲା, "ପ୍ଲିଜ୍ ଏଭେଲିନ ମତେ ଛାଡି ଯାଅନା, ତୁମ ବିନା ମୁଁ ବଞ୍ଚି ପାରିବିନି ।" ଏତିକି ଶବ୍ଦ ରାଜୁର ଗଭୀର ପ୍ରେମକୁ ଜାହିର କରିବା ପାଇଁ ଯଥେଷ୍ଟ ଥିଲା । ଏଭେଲିନ ବୁଝିଯାଇଥିଲା ରାଜୁ ତାକୁ କେତେ ଭଲ ପାଏ । ଏଭେଲିନ ମଧ୍ୟ ରାଜୁକୁ ମନେ ମନେ ଭଲ ପାଉଥିଲା ।ତାର ସରଳ ହୃଦୟ, ପର ହୋଇକି ବି ତା ପାଇଁ ସାହାଯ୍ୟ, ସ୍ନେହୀ ପଣିଆ ଏମିତି କେତେ କଣ ଯାହା ସବୁ ଏଭେଲିନକୁ ବାଧ୍ୟ କରିଥିଲା ରାଜୁର ପ୍ରେମରେ ପଡିବାପାଇଁ । କିନ୍ତୁ ସେ ମଧ୍ୟ ଡରୁଥିଲା କାଳେ ତା ପରି ଗୋଟେ କଳଙ୍କିନୀକୁ ରାଜୁ ସ୍ୱୀକାର କରିବାକୁ ଅମଙ୍ଗ ହେବ । ଆଉ ତା ସ୍ୱପ୍ନର ସୌଧଟା ଭାଙ୍ଗିରୁଜି ଚୁରମାର ହୋଇଯିବ ।

ଉଭୟ ନିଷ୍ପତି ନେଲେ ଭାରତୀୟ ରୀତି ନିତିରେ ସେମାନଙ୍କର ବିବାହ ହେବ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ନିଜର ସୁନ୍ଦର ଘରସଂସାର କରିବେ । ଉଭୟେ ଉଭୟଙ୍କ ପ୍ରେମରେ ଭିଜି ଜୀବନକୁ ଉପଭୋଗ କରିବେ ଏକାକାର ହୋଇ ।

ସେହିଦିନଠାରୁ ସବୁଦିନ ପାଇଁ ଏଭେଲିନ ରହିଗଲା ଓଡ଼ିଶାରେ, ଓଡ଼ିଆଣୀ ବୋହୂଟିଏ ହୋଇ । (ପ୍ରେମ କେମିତି ବି ହୋଇପାରେ, କାହା ସହ ବି ହୋଇପାରେ ଏବଂ ଯେ କୌଣସି ମୁହୂର୍ତ୍ତରେ ହୋଇ ଯାଇପାରେ ।)

ଦାଶରଥିପୁର, ବଡ଼ମ୍ବା, କଟକ, ୭୫୪୦୩୧

ଭ୍ରାମ୍ୟଭାଷ : ୭୦୦୮୭୫୨୬୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣର ଜଳାଭିଷେକ



ଗଦାଧର ବଳ

ନାୟକ ବାବୁ ଜିଲ୍ଲା ଜଜ୍ କୋର୍ଟର ବରିଷ୍ଠ କର୍ମଚାରୀ,ପରିଣତ ବୟସରେ ଯୁବ ସୁଲଭ ଲକ୍ଷଣ । କିନ୍ତୁ ପ୍ରଚଣ୍ଡ ଶିବ ଭକ୍ତ । ସୋମବାର ନିରୋଳା ଉପବାସ । ପାଣି ବି ସ୍ପର୍ଶ କରନ୍ତି ନି ସେ, ମନ୍ଦିରରୁ ଦିଅଁ ଦର୍ଶନ ନକରି ଫେରିବା ପର୍ଯ୍ୟନ୍ତ । ଶିବରାତ୍ରୀରେ ତ ନିରୋଳା ଉପବାସ । ଛେପ ମଧ୍ୟ ଢୋକନ୍ତି ନାହିଁ, ମନ୍ଦିର ଚୁଡାକୁ ମହାଦୀପ ନ ଉଠିବା ଯାଏ । ସବୁଠୁଁ ନିଷ୍ଠାର ମାସ ତାଙ୍କ ପାଇଁ ଶ୍ରାବଣ ମାସ । ପ୍ରତ୍ୟକ ସୋମବାର ବିଭିନ୍ନ ଶିବ ମନ୍ଦିର ବୁଲି ବୁଲି ଭୋଳାନାଥଙ୍କୁ ଜଳାବିଶେକ କରନ୍ତି ସପତ୍ନୀକ ।

ପତ୍ନୀ ସାବିତ୍ରୀଦେବୀ ମଧ୍ୟ ସ୍ୱାମୀଙ୍କ ପରି ପ୍ରଚଣ୍ଡ ଶିବ ଭକ୍ତ । ମନ୍ଦିରରୁ ଫେରି ସ୍ୱାମୀଙ୍କ ପାଦୁକା ନ ପାଇବା ଯାଏ, ଜଳ ମଧ୍ୟ ସ୍ପର୍ଶ କରନ୍ତି ନାହିଁ ସେ । ପତିଙ୍କ ପାଦରେ ପାଦ ମିଶାଇ, କାନ୍ଧରେ କାନ୍ଧ ମିଶାଇ ସଂସାର ଗଢିବାକୁ ଶପଥ ନେଇଛନ୍ତି ଉଭୟ । ବିବାହ ବନ୍ଧନରେ ଆବଦ୍ଧ ହେବାରେ ପ୍ରାୟ ୪୦ଟି ବସନ୍ତ ବିତାଇ ସାରିଲେଣି ଇତି ମଧ୍ୟରେ । ନିଜର ସ୍ୱଳ୍ପ ବେତନ ସେମାନଙ୍କ ଚଳନିରେ ବାଧା ଉପୁଜେଇନି କେବେ । ପିଲାପିଲି କହିଲେ ଗୋଟିଏ ଝିଅ । ସେ ପୁଣି ରାଜଧାନୀର କେଉଁ ଏକ ମହାବିଦ୍ୟାଳୟରେ ଉଚ୍ଚତର ଶିକ୍ଷାରେ ଗବେଷଣା କରୁଛି । ଅଫିସରେ ବହୁ କର୍ମଚାରୀ କାମ କରିଦେବା ବାହାନାରେ ବିଭିନ୍ନ ମିଛ ସତ କହି କୌଶଳ କ୍ରମେ ବିଭିନ୍ନ ପ୍ରକାରର ଉତ୍କୋଚ ନିଅନ୍ତି । ନ ହେଲେ ଫାଇଲ ସେମିତି ଟେବୁଲ ଉପରେ ପଡି ରହେ, ମାତ୍ର ନାୟକ ବାବୁଙ୍କ କଥା ନିଆରା । ତାଙ୍କ କାମରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ଅଭିଯୋଗ ପଡିଲେ ଅଫିସର ସବୁ କାମ ସେଦିନ ବନ୍ଦ, ଖଣ୍ଡପ୍ରଳୟ ହୋଇଯାଏ । ହାକିମଙ୍କ କାନରେ କଥା ନ ପହଞ୍ଚିବା ପର୍ଯ୍ୟନ୍ତ ସେ ଚୁପ ହୋଇ ବସନ୍ତି ନାହିଁ । ମୋଟାମୋଟି ଭାବେ କହିବାକୁ ଗଲେ ନାୟକ ବାବୁଙ୍କୁ ଯେମିତି ଦୁର୍ନୀତି ପାଖ ପଶିବାକୁ ସାହସ ହିଁ କରିନାହିଁ । କେହି କୌଣସି ଉପହାର, ଉପଢୌକନ ଦେଲେ ସସମ୍ମାନେ ତାକୁ ଅନେକ ବୁଝାନ୍ତି କାହାରିକୁ ଉତ୍କୋଚ ଟଙ୍କାଟିଏ ମଧ୍ୟ ନ ଦେବାକୁ ।

ପ୍ରଚଣ୍ଡ ଶିବଭକ୍ତ ପତିପତ୍ନୀ ସେଦିନ ଶ୍ରାବଣର ଶେଷ ସୋମବାର ସହର ସନ୍ନିକଟ ପାହାଡ ଉପର ଥିବା ଶିବ ମନ୍ଦିରକୁ ଜଳାଭିଷେକ ପାଇଁ ଯାଇଥିଲେ । ବହୁ ପୁରାତନ ଶିବ ମନ୍ଦିର କେହି କେହି କହନ୍ତି ପାତାଳୀ ଠାକୁର ସେ । ଯାହା ନିଷ୍ଠାର ସହ ମାଗିଲେ ବର ଦିଅନ୍ତି, ମନୋସ୍କାମନା ବି ପୁରଣ ହୁଏ । ସେଇଥି ପାଇଁ ବୋଧହୁଏ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ କାଉଡିଆ ବହୁ କଷ୍ଟ ସହି ଧାଇଁ ଆସନ୍ତି ଶିବଲିଙ୍ଗରେ ଜଳାଭିଷେକ କରି ନିଜ ନିଜର ମାନସିକ ପୁରଣ କରିବାକୁ । ଶ୍ରାବଣ ମାସ ସୋମବାର ଦୀର୍ଘ ଲାଇନରେ ଭକ୍ତମାନେ ମହାଦେବଙ୍କ ପ୍ରସ୍ତର ଲିଙ୍ଗରେ ଦୁରଦୁରାନ୍ତରୁ କାନ୍ଧରେ ବୋହି ଆଣିଥିବା ଜଳ ଭାରରୁ ଜଳ ଢାଳି ମାନସିକ ପୁରଣ କରନ୍ତି ।

ଏମିତିରେ ନାୟକ ବାବୁ ଜଳାଭିଷେକ କରିବା ପରେ ଆଣ୍ଠୁ ମାଡି ମନ୍ଦିର ବେଢାରେ ସହସ୍ରାଧିକ ବାର ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କରିବା ପରେ ଘରକୁ ଫେରନ୍ତି । ତେଣୁ ବିଳମ୍ବ ହେବା କାରଣରୁ ପତ୍ନୀ ସାବିତ୍ରୀ ଦେବୀ ସେଦିନ ମନ୍ଦିର ବେଢା ପରିଭ୍ରମଣ କରି ପାର୍ଶ୍ୱ ଦେବା ଦେବୀଙ୍କୁ ଦର୍ଶନ କରିବାକୁ ଚାଲିଗଲେ । ହଠାତ୍ ତାଙ୍କ ଦୃଷ୍ଟିକୁ ଆସିଲା ବୃଦ୍ଧ ପତିପତ୍ନୀଙ୍କ ଉପରେ । ପରିଣତ ବୟସରେ ଉଭୟ ମନ୍ଦିର ବେଢାର ଏକ ବଉଳ ଗଛର ଛାଇରେ ତଳେ ବସିଥାନ୍ତି । ଉଭୟଙ୍କର ଶ୍ୱେତ ଅଲୁଳାୟିତ କୁନ୍ତଳ । ଆବୃତ ଚର୍ମ ଦର୍ଶାଉଥାଏ ବୟସର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିସୀମା । ସାଧାରଣ ଶାଢ଼ୀଟିଏ ଆବୃତ କରି ରଖିଥାଏ ବୁଢ଼ୀର ହାଡୁଆ କଂକାଳ ଯୁକ୍ତ ଶରୀରକୁ । ବୁଢ଼ା ମଧ୍ୟ ମଇଳା ଗଂଜିଟିଏ ସହ ମଳି ଟୁକୁଟୁକୁ ଧୋତିଟିଏ ପରିଧାନ କରିଥାଏ । ବେଶଭୁଷାରୁ ଲାଗୁଥାଏ ଯେମିତି ଉଭୟ ଭିକ୍ଷାବୃତ୍ତି ପାଇଁ ମନ୍ଦିର ବେଢ଼ାରେ ବସିଛନ୍ତି । ସାବିତ୍ରୀ ଦେବୀ ଧାର୍ମିକ ମାନସିକତା ହେତୁ ତାଙ୍କ ଘରୁ କୌଣସି ବାଟ ଭିକାରୀକୁ ଖାଲି ପେଟରେ ଫେରାନ୍ତି ନାହିଁ । ମନ୍ଦିର ଯିବାବେଳେ ସାଥିରେ କିଛି ଟଙ୍କା ମଧ୍ୟ ଆଣିଥାନ୍ତି, ମନ୍ଦିର ବାହାରେ ବସିଥିବା ଭିକାରୀମାନଙ୍କୁ ଦାନ ଦେବାକୁ । ନିଜର ଦେବା ପଣିଆ ମାନସିକତା ତାଙ୍କ ଅଜାଣତରେ କେତେବେଳେ ଗଛ ମୂଳରେ ବସିଥିବା ବୁଢ଼ାବୁଢ଼ୀଙ୍କ ପାଖକୁ ତାଙ୍କୁ ଟାଣି ନେଇ ଯାଇଥିଲା । ସେ ନିଜପାଖରେ ରଖିଥିବା କିଛି ଖୁଚୁରା ମୁଦ୍ରାକୁ କାଢ଼ି ବୁଢ଼ାବୁଢ଼ୀଙ୍କୁ ଦେବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆଗ୍ରହବଶତଃ ସେମାନଙ୍କୁ ସମୟ ଅତିବାହିତ କରିବା ବାହାନାରେ ଦୁଃଖସୁଖ ପଚାରିବାକୁ ମନସ୍ଥ କରିଥିଲେ ।

ତ ସାବିତ୍ରୀ ଦେବୀ ପଚାରିଲେ, "ମାଉସୀ କିଛି ଖାଇବ ?"

ବୁଢ଼ୀ ଲୋକଟି ଥୁରୁଥୁରୁ କଣ୍ଠରେ ଉତ୍ତର ଦେଇଥିଲା, "ନା ମାଆ ଘରୁ ଖାଇ ଆସିଛୁ । କିଛି ଦରକାର ନାହିଁ ।"

ସାବିତ୍ରୀ ଦେବୀ ତାଙ୍କ ପର୍ସରୁ ଟଙ୍କା କାଢ଼ି ବଢ଼ାଇ ଦେବାକୁ ଚେଷ୍ଟା କରିବାରୁ ବୁଢ଼ୀ ତାଙ୍କୁ ବାରଣ କରିଥିଲା । ତ ସାବିତ୍ରୀ ଦେବୀ ପୁଣି ପଚାରିଥିଲେ, "ଏ ବୟସରେ ପାହାଡ଼ ଉପରେ ଥିବା ମନ୍ଦିରକୁ ପ୍ରତି ସୋମବାର ତମକୁ ଏହି ଗୋଟିଏ ସ୍ଥାନରେ ବସୁ ଥିବାର ଦେଖୁଛି, କଣ ଠାକୁରଙ୍କୁ ବର ମାଗିବାକୁ ଆସୁଛ ?"

ବୁଢ଼ୀ ମାଉସି ନିଜର ମୁଣ୍ଡ ହଲାଇ 'ହଁ' କହିଥିଲେ ।

ସାବିତ୍ରୀ ଦେବୀ ଆଗ୍ରହର ସହ ପୁଣି ପଚାରିଥିଲେ, "କି ବର ମାଗିଲ ମାଉସୀ, ସ୍ୱାମୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆୟୁସ ବୃଦ୍ଧି, ପିଲାମାନଙ୍କର ମଂଗଳ, ନା ଧନ ସଂପତ୍ତି ବୃଦ୍ଧି, ନା କିଛି ମାନସିକ ରଖିଛ ?"

ବୁଢୀ ମାଉସି ପ୍ରକୃତିସ୍ଥ ହୋଇଯାଇଥିଲେ ସାବିତ୍ରୀ ଦେବୀଙ୍କ ପ୍ରଶ୍ନରେ । ନିଜର ବିଳମ୍ବିତ ଉତ୍ତରପ୍ରଦାନ ଶୈଳୀ ସାବିତ୍ରୀ ଦେବୀଙ୍କ ଆଗ୍ରହକୁ ଦ୍ୱିଗୁଣିତ କରି ଦେଇଥିଲା ସେ ସମୟେ । ସାବିତ୍ରୀ ଦେବୀଙ୍କ ଆଗ୍ରହର ଅନ୍ତ ଘଟାଇ ବୁଢୀ ଉତ୍ତର ଦେଇଥିଲା, "ମୋ ମରଣ ପୁର୍ବରୁ ମୁଁ ମୋ ସ୍ୱାମୀର ମରଣ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରିବାକୁ ଆସିଥିଲି ମା ।"

ବୁଢୀର ଉତ୍ତର ସାବିତ୍ରୀ ଦେବୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ ତଥା ସ୍ତମ୍ଭିଭୁତ କରିଦେଇଥିଲା । ମନେ ମନେ କହି ଉଠିଥିଲେ, "କି ଅଲକ୍ଷଣୀ ବୁଢୀଟା ଇଏ ? ଆଜିପରି ଦିନରେ କି ପାପ କଥା ମୁହଁରେ ଧରୁଛି ?" ନିଜର ଅଭିବ୍ୟକ୍ତିକୁ ପରିପ୍ରକାଶ ନ କରି ନିଜର ଚିରାଚରିତ ଢଙ୍ଗରେ ସାବିତ୍ରୀ ଦେବୀ ପୁଣି ପଚାରିଥିଲେ, "ଆଜି ପରା ଦିନରେ ଲୋକ ମାନସିକ ରଖି ସ୍ୱାମୀର ଆୟୁଷ ମାଗନ୍ତି, ମାତ୍ର ତମେ ଜଣେ ସଧବା ନାରୀ ହୋଇ ସ୍ୱାମୀର ଆୟୁଷ ମାଗିବା ପରିବର୍ତ୍ତେ ତାଙ୍କର ମରଣ ଚାହୁଁଛ କେମିତି ?"

ବୁଢୀ ତାର ଥୁରୁ ଥୁରୁ କୋହ ଭରା କଣ୍ଠରେ ପୁଣି କହିବା ଆରମ୍ଭ କରିଥିଲା, "ଦେଖ ମା, ମୋ ବୁଢା ବାହାଘରଠୁଁ ଆଜି ପର୍ଯ୍ୟନ୍ତ ମୋ କୋଳରେ ମଥା ରଖି ନ ଶୋଇଲେ ତାକୁ ନିଦ ଆସେନି, ମୁଁ ଖୁଆଇ ନ ଦେଲେ ଖାଏ ନାହିଁ । ତ ତୁ କହ ମାଆ ମୁଁ ଯଦି ଠାକୁରଙ୍କୁ ତାଙ୍କ ଆୟୁଷ ମାଗେ ବା ସଧବା ବେଶରେ ମୋର ମରଣହୁଏ, ଏ ବୁଢାଟା କରିବ କଣ ? ତା ସେବାସୁଶ୍ରୁଷା, ଦେଖାଶୁଣା କରିବ କିଏ ?"

ସାବିତ୍ରୀ ଦେବୀ ପୁଣି ଆଗ୍ରହ ସହକାରେ ପଚାରିଥିଲେ, "ତମର ପିଲାପିଲି କେହି କଣ ନାହାନ୍ତି, ତମକୁ ଦେଖା ଶୁଣା କରିବା ପାଇଁ ?"

ବୁଢୀ ପୁଣି କହି ଚାଲିଥିଲା, "ହଁ ମା, କେତେ ସୋମବାର ଉପାସ କରିବା ପରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଶ୍ରାବଣର ଜଳାଭିଷେକ କରିବା ପରେ ଏହି ମହାଦେବ ଆମକୁ ଗୋଟିଏ ପୁଅ ଦେଇଥିଲେ । ତାକୁ ପାଠସାଠ ପଢେଇ ଇଂଜିନିୟର କଲୁ, ସେ ବିଦେଶରେ ଭଲ କଂପାନୀରେ ମୋଟା ଅଂକର ଦରମାରେ ଚାକିରି ବି କଲା । ତାର ବାହାଘର ବି ତାର ପସନ୍ଦ ମୁତାବକ ତାର ସହପାଠୀନି ସହ ୧୦ ବର୍ଷ ତଳେ କରାଇଦେଲୁ । ଉଭୟ ବିଦେଶରେ ଗୋଟିଏ କଂପାନୀରେ ମୋଟା ଅଂକର ଦରମାରେ ଚାକିରି କରି ସେଠାରେ ରହୁଛନ୍ତି । ନାତିଟିଏ ବି ଆମର ୮ ବର୍ଷର ହେଲାଣି । ସେମାନେ ଚାକିରିବ୍ୟସ୍ତତା ଭିତରେ ବାହାଘର ଠାରୁ ଘରକୁ ଫେରି ନାହାନ୍ତି । ମାସକୁ ମାସ ଦରମାରୁ କିଛି ଟଂକା ଆମେ ବୁଢାବୁଢୀ ଚଳିବା ପାଇଁ ଦେଇ ପଠାନ୍ତି । ସେଥିରେ ଆମେ ଚଳିଯାଉ । ନିଜର କାମଧନ୍ଦା ପଛରେ ଗୋଡାଇ ପିଲାର ଯତ୍ନ ନେଇ ପାରୁନାହାନ୍ତି ସେମାନେ, ତେଣୁ ସେମାନେ ଆମ ନାତିକୁ ବୋର୍ଡିଂ ସ୍କୁଲରେ ରଖି ଦେଇଛନ୍ତି ।”

ସାବିତ୍ରୀ ଦେବୀ କଥାରେ ରୋକ ଲଗାଇ କହିଲେ, “ତମେ ଦୁହେଁ ତାଙ୍କ ପାଖକୁ ପଳାଇ ଯାଉନ, ସେଠାରେ ରହିବ ?”

ବୁଢୀ ପୁଣି କହି ଚାଲିଲା, “ପୁଅ ଆମର ଅନେକ ଥର କହିଲାଣି ତାଙ୍କ ପାଖକୁ ପଳାଇ ଯିବା ପାଇଁ, କିନ୍ତୁ ସେମାନଙ୍କୁ ତ ନିଜର ପିଲାକୁ ଦେଖିବାକୁ ତର ନାହିଁ, ଆମେ ଗଲେ ସେଠାରେ କେମିତି ରହିବୁ, ତା ପରେ ଗାଁରେ ପୁଅ ପାଠପଢାରେ ସବୁ ଜମି ବିକିଦେବା ପରେ, ଘରବାଡି କିଛି ଅଛି, ତାକୁ ଦେଖାଶୁଣା କରିବ କିଏ ? ପୁଅ ଆମକୁ ନେବାକୁ କହିବାରୁ ବୋହୂ ମଧ୍ୟ ବିରୋଧ କରୁଛି, ଆମେ ଗାଁଉଲି ଲୋକ, ସେଠାରେ ଚଳି ପାରିବୁ ନାହିଁ, ସେମାନଙ୍କ ମାନସମ୍ମାନର ଆଞ୍ଚ ଆସିବନି ନା ମା ?

ତୁ କହ ମା, ମୁଁ ଯଦି ମରିଯାଏ, ଏ ବୁଢାକୁ ଦେଖାଶୁଣା କରିବ କିଏ ? ମୋ ମରିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ନିଶ୍ଚୟ ପୁଅବୋହୂ ଆସି ବୁଢାଟାକୁ ଏ ବୟସରେ କେଉଁ ବୃଦ୍ଧାଶ୍ରମରେ ଛାଡି ଦେଇ ଯିବେ । ମୁଁ ମଲାପରେ ବୁଢାଟା ଏତେ କଷ୍ଟ କେମିତି ଏକାଏକ ସହିବ ? ତେଣୁ ମୁଁ ଶ୍ରାବଣ ମାସରେ ବହୁ କଷ୍ଟରେ ବୁଢାକୁ ଧରି ଆସି ମହାଦେବଙ୍କୁ ଜଳାଭିଷେକ କରିଥାଏ, ବୁଢାଟାକୁ ମୋ ଯିବା ଆଗରୁ ଶୀଘ୍ର ମୋ ପାଖରୁ ନେଇଯିବା ପାଇଁ ।"

ବୁଢୀର କଥା ସାବିତ୍ରୀ ଦେବୀଙ୍କ ପତିଭକ୍ତିକୁ ଦ୍ୱିଗୁଣିତ କରି ଦେଇଥିଲା ସେଦିନ । ମନେମନେ ସେ ଭାବୁଥିଲେ ଗୋଟିଏ ପୁଅଟିଏ ପାଇଁ କେତେ ଠାକୁର ପୂଜା, ଉପବାସ, ମାନସିକ ଇତ୍ୟାଦି ନ କରିଛନ୍ତି ସେମାନେ । ଆଜି ହୃଦୟଙ୍ଗମ କଲେ ଯେ ବୁଢୀର ସ୍ୱାର୍ଥପର ପୁଅଟିଏ ଅପେକ୍ଷା ଝିଅଟିଏ ତାଙ୍କର ବହୁ ଶିବ ପୂଜାର ଫଳ ବୋଧହୁଏ । ସ୍ୱାର୍ଥପର ମଣିଷ, କେବେ ବି ପଛକୁ ଚାହେଁ ନାହିଁ ସେ । ନିଜର ଅଜଣାତରେ କେତେବେଳେ ତାଙ୍କ ଆଖିରୁ ଅମାନିଆ ଲୁହ ଧାର ବୋହି ଚାଲିଥିଲା । ପଛ ଆଡୁ ନାୟକ ବାବୁ ଡାକିଥିଲେ ଘରକୁ ଯିବା ପାଇଁ ..........

ବରିଷ୍ଠ ଆଇନଜିବୀ, ଭଦ୍ରକ, ୯୪୩୭୨୧୨୮୮୪୧



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳ୍ପାୟୁ



ସରୋଜିନୀ ମିଶ୍ର

ଆଜି କୁମାରପୂର୍ଣ୍ଣିମୀ । ଛବିଳ ସନ୍ଧ୍ୟାର ଶାନ୍ତ କମନୀୟ ପରିବେଶକୁ ବିଦାୟ ସମ୍ବର୍ଦ୍ଧନା ଜଣାଇ, ରଜନୀରାଣୀକୁ ସ୍ୱାଗତ କରୁଥିଲା ବସୁନ୍ଧରା । ଶ୍ୱେତ ପାଟବସ୍ତ୍ର ପରିଧାନ କରି କୁମୁଦବନ୍ଧୁ, ଟିକିଟିକି ତାରାଫୁଲେ ସୁସଜ୍ଜିତ ସୁନୀଳ ଅମ୍ବରର ଶୋଭାବର୍ଦ୍ଧନ କରୁଥାନ୍ତି । ରୂପେଲି ଚାନ୍ଦରୁ ଝରି ଆସୁଥାଏ ଶୀତଳ ଜ୍ୟୋତ୍ସ୍ନା । ରୌପ୍ୟରଞ୍ଜିତ ପାଣ୍ଡୁର ଆଲୋକରେ ପ୍ରକୃତିରାଣୀର ନୈସର୍ଗିକ ଶୋଭା ଶତଗୁଣିତ ହୋଇ ସ୍ୱପ୍ନପୁରୀ ସୃଷ୍ଟି କରୁଥାଏ ।

ହଠାତ୍ ରଙ୍ଗୀନ୍ ପ୍ରଜାପତି ପରି, ଖୁବ୍ ଖୁସି ମନରେ ଜେଜେମା ଜେଜେମା ଡାକି ଘର ଭିତରକୁ ପଶି ଆସିଲା ଅନୁଷ୍କା । ଅନୁଭା ଦେବୀଙ୍କର ଏକମାତ୍ର ଅଲିଅଳି କନ୍ୟା । ଭାବିଥିଲା ଜେଜେମାଙ୍କୁ ତା ନୂଆ ଡ୍ରେସ ବିଷୟରେ କେତେ କଣ କହିଯିବ । କିନ୍ତୁ ଏ କଣ ! ଜେଜେମା ଠାକୁରଙ୍କ ପାଖରେ ବସି କାନ୍ଦୁଛନ୍ତି କାହିଁକି ? ଗୁଣୁଗୁଣୁ ହୋଇ କ'ଣ ସବୁ କହି ଯାଉଛନ୍ତି । ଧିରେ ଧିରେ ଯାଇ କାନଡେରି ଶୁଣିଲା । କ'ଣ ବୁଝିଲା କେଜାଣି, ଚୁପ୍ ଚାପ୍ ଯାଇ ଜେଜେମାଙ୍କ ଗୋଡରେ ବସି ପଡିଲା । କୁନି କୁନି ହାତପାପୁଲିରେ ଦୁଇ ଆଖିରୁ ଲୁହ ପୋଛିଦେଇ ପଚାରିଲା - ଜେଜେମା, ତମେ କାହିଁକି କାନ୍ଦୁଚ ? ତମେ କାହିଁକି ନୂଆ ଶାଢୀ ପିନ୍ଧିନ ?

ହଠାତ୍ କିଛି କହି ପାରିଲେନି ଅଳକା ଦେବୀ । ତରଙ୍ଗାୟିତ ହୋଇ ଉଠିଲା ଅତୀତର ଜର୍ଜରିତ ଭାବନା । ମାନସପଟ୍ଟରେ ବାରମ୍ବାର ପିଟି ହୋଇ ଯାଉଥାଏ ଗୋଟିଏ ପରେ ଗୋଟିଏ ଭାବନାର ଢେଉ । ବୋହୂ ବିରୁଦ୍ଧରେ କହି ଏକମାତ୍ର ପୁତ୍ରର ସୁନାର ସଂସାରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ କ'ଣ ନିଆଁ ଲଗେଇ ପାରିବେ ? ନା । ଦୁଃଖର ଝାଞ୍ଜିଖରା, ବେଦନାର ହାଡଭଙ୍ଗା ଶୀତକୁ ତ ସେ ଅତିକ୍ରମ କରିସାରିଲେଣି, ଏବେ ଆଉ ଭାଙ୍ଗିପଡିଲେ ଚଳିବ ? ନା । ତାଙ୍କୁ ସହିବାକୁ ହେବ । ମରୁବାଲି ଜଳକୁ ଶୋଷିଲା ପରି ଆଖିର ଲୁହ ଏବଂ ହୃଦୟର କୋହକୁ ଚାପିରଖି ଅଳକା ଦେବୀ ନାତୁଣିକୁ ନିଜ ଆଡକୁ ଆଉଜେଇ ଆଣିଲେ । କହିଲେ, ନାଇଁରେ ମା, କ'ଣ ଗୋଟେ ଆଖିରେ ପଡିଗଲା ତ, ସେଥିପାଇଁ ଲୁହଟିକେ ବାହାରି ପଡିଲା ।

ଅବୁଝା ନୟନରେ ଜେଜେମାଙ୍କର ମୁହଁକୁ ଚାହିଁ ରହିଲା ଅନୁଷ୍କା । କାହିଁକି କେଜାଣି ଜେଜେମାଆଙ୍କର କଥା ତାକୁ ସତ ଲାଗିଲାନି । ସେ ଭାବିଲା ଜେଜେମାଆ ତ ମତେ କେବେ ମିଛ କହନ୍ତି ନାହିଁ, ଆଜି କାହିଁକି ମିଛ କହୁଛନ୍ତି ? ସେ ତ ମତେ ବି ସବୁବେଳେ ସତ କହିବା ପାଇଁ ଉପଦେଶ ଦିଅନ୍ତି । ଯଦି ସେ ସତ କହୁଛନ୍ତି ତାହେଲେ ସେ ଠାକୁରଙ୍କୁ ଏମିତି କାହିଁକି କହୁଥିଲେ ? ଉତ୍ତରହୀନ ପ୍ରଶ୍ନର ବୁଢିଆଣୀ ଜାଲରେ ଛନ୍ଦି ହୋଇପଡିଲା ଅନୁଷ୍କା । ମାତ୍ର ସାତବର୍ଷର ଶାନ୍ତ, ସରଳ, ନିଷ୍କପଟ, ଅଫୁଟା କଳିଟିଏ ସେ । କ'ଣ ବା  ବୁଝିବ ? ସେ କ'ଣ ବୁଝି ପାରିବ, ନିୟତିର ବିସ୍ତାରିତ ମାୟାଜାଲରେ ମନୁଷ୍ୟ ଏକ କ୍ଷୁଦ୍ରାତି କ୍ଷୁଦ୍ର କୀଟଟିଏ । ଯେଉଁ ମାୟାଜାଲରେ ପଡି ସେ ଦେଖି ଚାଲିଥାଏ ଅନେକ ରଙ୍ଗୀନ ସ୍ୱପ୍ନ, ଭୂଲି ଯାଇଥାଏ ସ୍ୱପ୍ନ କେବେ ସତ ହୁଏନା ।

ହଠାତ୍ ବାପାଙ୍କ ଡାକ ଶୁଭିଲା । ଅନୁ, ଅନୁ କୁଆଡେ ଗଲୁ ? ଅଜା ଆସିଲେଣି । ଦେଖ ତୋ ପାଇଁ କେତେ ମିଠା ଆଣିଛନ୍ତି । ଅଜା ଆସିଥିବା ଶୁଣି ଦୌଡିଗଲା  ଅନୁଷ୍କା । ଅଜାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା । ଅଜା ଆଶୀର୍ବାଦ କଲେ - 'ଦୀର୍ଘାୟୁ ଭବ' । ଅଜାଙ୍କ ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ଅନୁଷ୍କା । ପଚାରିଲା - ଅଜା ଦୀର୍ଘାୟୁ ମାନେ କ'ଣ ? ଅଜା କହିଲେ, ଦୀର୍ଘାୟୁ ମାନେ - ବେଶୀ ଆୟୁଷ ହେଉ । ଅନୁଷ୍କା କ'ଣ ଭାବିଲା କେଜାଣି, କହିଲା - ଅଜା, ତମେ ମତେ ଭୂଲ ଆଶୀର୍ବାଦ ଦେଇଦେଲ । ଠିକ୍ ଆଶୀର୍ବାଦ ଦିଅ ନା । ଏହା କହି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଗୋଡକୁ ଜାବୁଡି ଧରି ବସି ରହିଲା । ତାର ଏକା ଜିଦ୍, ଠିକ୍ ଆଶୀର୍ବାଦ ନ କଲା ପର୍ଯ୍ୟନ୍ତ ସେ ଉଠିବ ନାହିଁ । ସେମିତି ଗୋଡକୁ ଧରି ବସିରହିବ ।

ଅଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ - ମୁଁ କ'ଣ ଭୁଲ ଆଶୀର୍ବାଦ କଲି ମା ? ଆଚ୍ଛା ତୁ କହ, ଠିକ୍ କ'ଣ ? ଅନୁଷ୍କା କହିଲା - ଅଜା, ଟିକିଏ ସମୟ ପୂର୍ବରୁ ଜେଜେମା ଠାକୁରଙ୍କୁ କହୁଥିଲେ, "ହେ ଠାକୁର ମତେ ଶୀଘ୍ର ନେଇଯାଅ । ଆଉ ବଞ୍ଚିବାକୁ ଇଚ୍ଛା ହେଉନାହିଁ । ଜୀବନଟା ଦୁର୍ବିସହ ହୋଇପଡିଲାଣି ।" ମମି ମଧ୍ୟ ଜେଜେମାଙ୍କୁ କହିବାର ଶୁଣିଚି, "ଶୀଘ୍ର କାହିଁକି ମରୁନ ?" ତା'ମାନେ ଅଳ୍ପଦିନ ବଞ୍ଚିବାଟା ଭଲ । ବେଶୀଦିନ ବଞ୍ଚିବାଟା ଖରାପ । ତେଣୁ ତମେ ମତେ 'ଅଳ୍ପାୟୁ ଭବ' କହି ଆଶୀର୍ବାଦ କଲେ ମୁଁ ତୁମକୁ ଛାଡିଦେବି । ଜେଜେମା ଯଦି ବେଶୀଦିନ ବଞ୍ଚିବେନି ମୁଁ ବି ବେଶୀଦିନ ବଞ୍ଚିବାକୁ ଚାହୁଁନି । ଅନୁଷ୍କାର ଉତ୍ତର ଶୁଣି ସ୍ତବ୍ଧ ଏବଂ କିଂକର୍ତ୍ତବ୍ୟବିମୁଢ ହୋଇ ଅଭୟବାବୁ ଚାହିଁ ରହିଥିଲେ ନିଜ ଝିଅ ଅନୁଭାଙ୍କୁ । ନିଜର ଭୂଲ ବୁଝିପାରିଥିଲେ ଅନୁଭାଦେବୀ । ଲଜ୍ଜାରେ ମୁଣ୍ଡତଳକୁ ହୋଇଗଲା । ଅନୁତାପର ଦାବାଗ୍ନିରେ ଜର୍ଜରିତ ହୋଇପଡିଲେ । ମନ ଭିତରର ଅକୁହା ପ୍ରଶ୍ନବାଣ ତାଙ୍କୁ କ୍ଷତବିକ୍ଷତ କରି ପକାଇଲା । ଭୂଲ ତ ସେ କରିଛନ୍ତି, କହିବେ ବା କାହାକୁ ? 'ଅଜାଗା ଘା ଦେଖି ହୁଏନି କି ଦେଖାଇ ହୁଏନି' ।

ଶାଶୁଙ୍କୁ ତ ସେ ବହୁତ କଟୁବଚନ ଶୁଣାଇଛନ୍ତି, କିନ୍ତୁ ବାପାଙ୍କୁ କ'ଣ କହିପାରିବେ, ନିଜର ଏକମାତ୍ର କନ୍ୟା ଅନୁଷ୍କାକୁ 'ଅଳ୍ପାୟୁଭବ' କହି ଆଶୀର୍ବାଦ କରିବାପାଇଁ ? କେମିତି ବୁଝାଇବେ ଝିଅକୁ ? ମୁଣ୍ଡରେ ହାତଦେଇ ବସିପଡିଲେ ଅନୁଭାଦେବୀ । ଆଖିରୁ ବହି ଯାଉଥିଲା ଧାରଧାର ଲୁହ ।

ଅଚ୍ୟୁତରାଜପୁର, ବାଣପୁର, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଣମୂଲକର କଥା



ସତ୍ୟନାରାୟଣ ମିଶ୍ର

ସେଦିନ ବଣମୂଲକରେ ତିନିଟି ଜାଗାରେ ଭୋଜିର ଅୟୋଜନ । ଗୋଟିଏ ଜାଗାରେ ମୁଖିଆ ହାତି, ଆଉ ଗୋଟେ ଜାଗାରେ ବାଘ, ତ ଆଉ ଗୋଟିଏ ଭାଲୁ । ଜଙ୍ଗଲର୍ ବାକି ସବୁ ଜୀବ ଏହି ତିନିଟି ଦଳରେ ଭାଗ ଭାଗ ହେଇ ମିଶିଥାନ୍ତି । ସମସ୍ତେ ନିଜ ନିଜ ଦଳପତିର ବଡୀମା ଅନ୍ୟମାନଙ୍କ ଆଗରେ ବର୍ଣ୍ଣନା କରନ୍ତି । ବାଘଦଳର ଜୀବମାନେ କହନ୍ତି ଆମ ଦଳପତି ଭାରି ବଳୁଆ, ସେ ହଉଛନ୍ତି ମା ଦୁର୍ଗାଙ୍କ ବାହନ, ସେ ଆମ ଜାତୀୟ ପଶୁ, ତାଙ୍କୁ ସଭିଏଁ ଭୟ କରନ୍ତି, ତେଣୁ ସେ ଆମ ପସନ୍ଦ ନେତା । ଭାଲୁ ଦଳରେ ଥିବା ଜୀବମାନେ କହନ୍ତି 'ଆମ ନେତାକୁ ସଭିଏଁ ଡରନ୍ତି, କାହିଁକିନା ସେ ଭାରି ଭୟଙ୍କର, ସେ ଶ୍ରୀରାମଙ୍କ ପରମ ଭକ୍ତ ମଧ୍ୟ । କୃଷ୍ଣଙ୍କ ଶଶୁର ବୋଲି ପୁରାଣ ବର୍ଣ୍ଣିତ । ତେଣୁ ସେ ଆମର ଅତି ପ୍ରିୟ, ହାତୀ ଦଳର ଜୀବମାନେ କହନ୍ତି, 'ଆମ ଦଳପତି ସମସ୍ତଙ୍କଠୁ ବଡ଼ । ସେ ନିରାମିଷ ଭୋଜନ କରନ୍ତି, କାରଣ ସେ ନିଜ ମୁଣ୍ଡକୁ ଗଣେଶଙ୍କୁ ଦେଇ ଦେବ ମହାଦେବଙ୍କ ପ୍ରିୟ, ମା ମହାଲକ୍ଷ୍ମୀଙ୍କ ଅତି ଆପଣାର । ଇନ୍ଦ୍ରଙ୍କ ବାହନ ମଧ୍ୟ । ତାଙ୍କ ସୌନ୍ଦର୍ଯ୍ୟକୁ ଉପମା ଦେଇ କବିମାନେ କବିତା ଲେଖିଥାନ୍ତି, ସେ ସବୁ ଶୁଭ କାମର ପ୍ରତୀକ । ତେଣୁ ହାତୀ ଆମର ଅତି ପ୍ରିୟ ନେତା । ଏହିପରି ନିଜ ନିଜ ନେତାଙ୍କ ବଡବୋଲି ପ୍ରଚାର କରନ୍ତି ସଭିଏଁ । ଯେତେବେଳେ ଭୋଜି ସ୍ଥାନରେ ପହଂଚି ଗଲେ, ସବୁ ଓଲଟା । ବାଘ ଦଳରେ କିଛି ଜୀବଙ୍କ ପାଇଁ ଖାଇବାକୁ ଅନୁମତି ମିଳିଲା ତ କେତେ ଜଣଙ୍କୁ ଫେରାଇ ଦିଆଗଲା । ଭାଲୁ ଏବଂ ହାତୀ ଦଳରେ ବି ସେହି ଅବସ୍ଥା । କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବ ଖାଇ ପାରିଲେ । ଯେଉଁମାନେ ଫେରିଆସିଲେ ସେମାନେ ନିଜକୁ ଅପମାନିତ ମନେ କଲେ । ଅସନ୍ତୋଷ ପ୍ରକାଶ କରି ନିଜ ଦଳପତି ବିରୁଦ୍ଧରେ କୁତ୍ସିତ ମନ୍ତବ୍ୟମାନ ଦେଇ ଚାଲିଲେ । ହାତୀ ସମର୍ଥକ ଜୀବ କହିଲେ, "ଶଳା ହାତୀର ଦେହ ସିନା ବଡ ହେଲେ ତା ଆଖି ଯୋଡିକ ନିହାତି ସାନ ସାନ । ସିଏ ତ ଗଜ ମୂର୍ଖ । ଲୋକଙ୍କ ଧାନବିଲରେ ପଶି ପାଚିଲା ଧାନଗଛ ସବୁନଷ୍ଟ କରିଦିଏ, ଘରଦ୍ୱାର ଭାଙ୍ଗି ପକାଏ, ଇଏ କଉ ଭଲ ଯେ, ବାଘକୁ ସମର୍ଥନ କରିଥିବା ଅସନ୍ତୁଷ୍ଟ ଜୀବମାନେ ତା ବିରୁଦ୍ଧରେ ନାନା କଥା କହି ଚାଲିଲେ । ଶଳା ବାଘଟା ଆମକୁ ଆଛା ଧୋକା ଦେଲା ହୋ, "ସିଏ କଉ ବଳବାନ୍ ଯେ, ତା'ଠୁ ଆଉରି ବଳୁଆ ଜୀବ ପୃଥିବୀରେ ଅଛନ୍ତି । ସିଏ ତ ଚୋର, ଲୁଚି ରହି ନୀରିହ ଜୀବଙ୍କୁ ଶିକାର କରେ ।"

ଭାଲୁକୁ ପୂର୍ବରୁ ସମର୍ଥନ କରିଥିବା ଅସନ୍ତୁଷ୍ଟ ଜୀବମାନ ମଧ୍ୟ ତା ବିରୋଧରେ ନାନା କଥା କହିଲେ । ସେଇଠୁ ଆରମ୍ଭ ହେଲା ଦଳବଦଳ । ପରସ୍ପର ମଧ୍ୟରେ କାମୁଡ଼ା କାମୁଡି, ରାମ୍ପୁଡା ରାମ୍ପୁଡି, ଖଣ୍ଡଯୁଦ୍ଧ । କ୍ଷଣିକ ଭିତରେ ଶାଗୁଆ ବନଭୂମି ଗୋଟାକ ରକ୍ତରଞ୍ଜିତ ହେଇ ଲାଲ ଦେଖାଗଲା । ଶୁଆଟିଏ ସାରୀ କି କହିଲା "ଦେଖଲୋ ସାରି ସ୍ୱାର୍ଥ ପାଇଁ ଏମାନେ କଣ ନ କରି ପାରନ୍ତି; ଅତି ଆପଣା ଲୋକମାନଙ୍କୁ ପର କରିଦେଇ ପରମ ଶତ୍ରୁକୁ ନିଜର କରୁଛନ୍ତି । ଉପକାରୀକୁ ଭୁଲି ନବଗତକୁ ସ୍ୱାଗତ କରୁଛନ୍ତି, ଏଇଟା କଣ ଜୀବ ପଣିଆ ?"

ସାରୀ କହିଲା, "ଘୋର କଳିକାଳ, ଆଗକୁ ଆହୁରି କଣ ହେବ ଦେଖୁଥା ... "

ସିନ୍ଧେକେଲା, ବଲାଙ୍ଗିର

ଭ୍ରାମ୍ୟଭାଷ : ୯୫୮୩୭୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିକ୍ରମ



ପ୍ରଶାନ୍ତ ନାୟକ

ତୁମର ଏହି ଫରଫରିଆ ଧଳା ରଙ୍ଗ ମୋର ମନର ମାନସରେ ଏକ ସଫେଦ ପକ୍ଷୀର ଚିତ୍ର ଆଙ୍କି ଦେଉଛି । ମା ରାଣ, ମୋତେ ତ ଧଳା ରଙ୍ଗ ବିଲକୁଲ ପସନ୍ଦ ନୁହେଁ । ଏହି ହାତର ସ୍ପର୍ଶରେ ତୁମେ ଲହୂଲୁହାଣ ହୋଇଯିବ । ସେହି ଲହୂ ତୁମ ଧଳା ରଙ୍ଗରେ ଲାଲ ରଙ୍ଗ ଯୋଡି ଦେବ; ହୁଏତ ଅନ୍ୟ ସବୁ ରଙ୍ଗ ମଧ୍ୟ ବୋଳିଦେଇ ପାରେ । ବା, କି ସୁନ୍ଦର ଦିଶିବ ତୁମେ, ବା ବା ବା । ଏହି କୁହୁକ ବିଦ୍ୟା କେବଳ ଏହି ହାତକୁ ହିଁ ଜଣା, ଆଉ କାହାକୁ ବି ଜଣାନାହିଁ । ତେଣୁ ହେ ଧବଳ ସାଧବୀ, ଏହି କୁହୁକ ବିଦ୍ୟାର ଅଭିଜ୍ଞତାକୁ ଆଦରରେ ସ୍ୱାଗତ କର ଓ କିଛି ସମୟ ପାଇଁ ସ୍ପର୍ଶର ରଙ୍ଗକୁ ଆଲିଙ୍ଗନ କର ।

ଏହାଥିଲା କଲେଜ ଡ୍ରାମାରେ ଖଳନାୟକ ଭାବରେ ଅଭିନୟ କରୁଥିବା "ଭିକୁଆ"ର ଡାଇଲଗ୍ । ସେ ଖୁବ ପରିଶ୍ରମ କରି ସେହି ଧାଡ଼ିଗୁଡ଼ିକୁ ମନେ ରଖିବା ସହିତ ପ୍ରକୃତ ଖଳନାୟକ ଭଳି ଅଭିନୟ କରିବାକୁ ମଧ୍ୟ ପ୍ରାକ୍ଟିସ କରିଚାଲିଛି । କିଛିଦିନ ମଧ୍ୟରେ କଲେଜର ଅଡିଟୋରିଅମରେ ଡ୍ରାମା ହେବ । ସବୁ ଛାତ୍ରଛାତ୍ରୀ, ଶିକ୍ଷକ ମଣ୍ଡଳୀ ଓ ନିମନ୍ତ୍ରିତ ଲୋକମାନଙ୍କ ସମ୍ମୁଖରେ ଭିକୁଆ ଖଳନାୟକ ହୋଇ ଡ୍ରାମାର ନାୟିକା "ମଧୁଲେଖା"ଙ୍କୁ ଅପମାନିତ କରିବ । ଭିକୁଆଟା ଭଲ ପିଲାଟା, ଖୁବ ଲମ୍ବା ଚୌଡା, କିଛିମାତ୍ରାରେ ଦାନ୍ତରା, ବାଳଗୁଡିକ ଖୁବ ଘଞ୍ଚ କୁଞ୍ଚୁକୁଞ୍ଚିଆ, ଦାଢ଼ି ଉଠିଲାଣି, କପଡା ହଳେ ମାସେ ଉପରେ ପିନ୍ଧେ, ତେଣୁ ଶରୀରରୁ ବାହାରୁଥିବା ଦୁର୍ଗନ୍ଧ ଓରଫ ସୁଗନ୍ଧ କ୍ଲାସରୁମ ସହିତ ପ୍ରାୟ ଅଧା କଲେଜକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରସାର ହୋଇଯାଏ । ତେଣୁକରି କଲେଜର ଡ୍ରାମା ଗୋଷ୍ଠୀ ନିର୍ଣ୍ଣୟ ନେଲେ ଏବଂ ନେହୁରା ହେଲେକି "ଭିକୁଆ ଓରଫ ଭିକ୍ରମ ତେନାପାଲୀ"ହିଁ ଖଳନାୟକ ଚରିତ୍ରକୁ ପୂର୍ଣ୍ଣରୂପରେ ମଞ୍ଚ ଉପରେ ଦୃଶ୍ୟମାନ କରିପାରିବେ । ଏମିତିବି କଲେଜର କୌଣସି କନ୍ୟା, ସେ ଉର୍ବସୀ ହେଉ ଅବା ମେନକା, ଭିକୁଆର ଆଖପାଖରେ ନଜର ଆସୁନଥିଲେ; କମସେକମ ଏହି ଡ୍ରାମା ବାହାନାରେ କଲେଜର ସବୁଠୁ ସୁନ୍ଦରୀ କନ୍ୟା "ମଧୁଲେଖା"ର ପାଖକୁ ତ ଆସିପାରିବେ ଏବଂ ତାଙ୍କର ସେହି ଗୋରା ଗୋରା ହାତକୁ ଧରି ଡେିଲ୍ଗ କହିପାରିବେ । ବଦଳରେ ତାଙ୍କୁ ଆହୁରି ଏକ ଉପହାର ମଧ୍ୟ ମିଳିବାର ଥିଲା; କି ମଧୁଲେଖା ନିଜକୁ ଅପମାନରୁ ରକ୍ଷା କରିବାକୁ ଯାଇ ଭିକୁଆକୁ ଦୁଇଟି ଥାପଡ଼ ମଧ୍ୟ ଲଗେଇବେ, ଧାଡାଙ୍ଗ ଧାଡାଙ୍ଗ । ଥାପଡ଼ ଦୁଇଟି ବିଲକୁଲ ମହତ୍ୱପୁର୍ଣ ନଥିଲା, ସବୁଠୁ ମହତ୍ୱପୁର୍ଣ ଥିଲାକି ମଧୁଲେଖା ନିଜର ସେହି ଗୋରା ଗୋରା ହାତର ଲମ୍ବା ଲମ୍ବା ପତଳା ପତଳା ଆଙ୍ଗୁଠି ଦ୍ୱାରା ଗଠିତ ପାପୁଲିରେ ଭିକୁଆର ଗାଲକୁ ସ୍ପର୍ଶ କରିବେ । ଭିକୁଆ ସେତିକିରେ ଖୁସି ଏବଂ ନିଶ୍ଚୟ ସେ ଖଳନାୟକ ଅଭିନୟ କରିବେ ବୋଲି ନିର୍ଣ୍ଣୟ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଥିଲେ । ମଧୁଲେଖା ତ ଭୁଲରେ ବି ଭିକୁଆର ପାଖକୁ ଆସିନଥିଲେ ଏବଂ ଡ୍ରାମା ବାହାନାରେ ମଧ୍ୟ ଆସିବାକୁ ରାଜି ହୋଇନଥିଲେ । ଡ୍ରାମାଗୋଷ୍ଠୀ ତାଙ୍କୁ ବୁଝାଇଥିଲେକି ଖଳନାୟକର ଅର୍ଥ କି ସେ ଖଳ ପ୍ରକୃତୀର, ରୂପରେ ଏବଂ ଗୁଣରେ । ଭିକୁଆ ଏହି ଦୁଇଟି ଯାକ ଗୁଣର ଅଧିକାରୀ, ତାଛଡା ଏଇଟା ଗୋଟିଏ ଡ୍ରାମା, ଜୀବନର ସତ୍ୟତା ନୁହେଁ । କିନ୍ତୁ ମଧୁଲେଖା ଯୁକ୍ତି କରିଥିଲେକି ଏତେ ସୁନ୍ଦରୀ ନାୟିକା ସହିତ ବଡ଼ମିଜ କରିବାକୁ ହେଲେ ସେହିଭଳି ହ୍ୟାଣ୍ଡସମ ଖଳନାୟକ ମଧ୍ୟ ହେବା ଉଚିତ । ଡ୍ରାମାଗୋଷ୍ଠୀ ଉତ୍ତର ଦେଲେ କି ଖଳନାୟକ ଯଦି ଏତେ ହ୍ୟାଣ୍ଡସମ ଦରକାର ତେବେ ତାଠୁ ଅଧିକ ହ୍ୟାଣ୍ଡସମ ଧନବାନ ସର୍ବଗୁଣସମ୍ପନ୍ନ ନାୟକ ତ ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେଜରେ ମିଳିବେନାହିଁ । ତେଣୁ ବାଧ୍ୟହୋଇ ତାଙ୍କୁ ନାୟୀକା ପରିବର୍ତ୍ତନ କରିବାକୁ ପଡିବ ଏବଂ କଲେଜର ଦୁଇନମ୍ବର ସୁନ୍ଦରୀଙ୍କୁ ନାୟୀକା ଭାବରେ ଅଭିନୟ କରିବାକୁ ରାଜି କରାଇବାକୁ ପଡିବ ।ଏକଥା ଶୁଣିବା ପରେ ମଧୁଲେଖା ଭାବିଲେ ଯଦି ଦୁଇନମ୍ବର ସୁନ୍ଦରୀ ଭଲ ଅଭିନୟ କରି ପିଲାମାନଙ୍କ ହୃଦୟ ଜିତିଯିବେ, ତେବେ ତାଙ୍କର ପ୍ରଶଂସକ ସଂଖ୍ୟା କମିଯିବେ, ତେଣୁ ସେ ଭିକୁଆ ସହିତ ଅଭିନୟ କରିବାକୁ ରାଜି ହୋଇଗଲେ । ଭିକୁଆ ଏହି ସବୁ କଥା ଶୁଣିଲାପରେ ଭାବିଲା "ସେ କଣ ଏତେ ଖରାପ" କି ତାଙ୍କୁ ସୁନ୍ଦରୀମାନେ ଖଳନାୟକ ଭାବରେ ମଧ୍ୟ ଗ୍ରହଣ କରିପାରିବେ ନାହିଁ । ଭିକୁଆଙ୍କୁ ରାଗ ଆସିନଥିଲା, ସେ ବରଂ ଖୁସିଥିଲେକି ଇଶ୍ୱରଙ୍କର ମଣିଷ ତିଆରି କାରଖାନାରେ ବେଳେବେଳେ ତ୍ରୁଟିଯୁକ୍ତ ମଣିଷ ନିର୍ମାଣ ହୋଇଥାଏ; ଏଇଟା ତ ଇଶ୍ଵରଙ୍କର ଭୂଲ, ଭିକୁଆର ଥୋଡି ଭୂଲ ।

ଡ୍ରାମା ଜଡିତ ଚର୍ଚ୍ଚା କଲେଜରେ ବ୍ୟାପିବାକୁ ଲାଗିଲା; ଅଧିକାଂଶ ଯୁବକମାନେ ନାୟୀକା ମଧୁଲେଖା'ଙ୍କୁ ଦେଖିବା ପାଇଁ ଉତ୍ସାହିତ ଓ ଅପେକ୍ଷାରତ ଥିଲେ । ଯୁବତୀମାନେ ନାୟକ'ଙ୍କୁ ଦେଖିବାକୁ ଆଖି ମେଲେଇ ବସିଥିଲେ । ଖୁବ କମ ଦର୍ଶକ ଥିବେ ଯେକି ଭିକୁଆ'ଙ୍କୁ ଖଳନାୟକ ଭାବରେ ଦେଖିବାକୁ ଇଚ୍ଛା ରଖିଥିବେ । ଖଳନାୟକ ତ ଏମିତି ବି ଖରାପ, ତେଣୁ ଏହା ପ୍ରାୟ ପ୍ରତ୍ୟେକ ଦର୍ଶକଙ୍କର ମନରେ ଏକ ଧାରଣା ସୃଷ୍ଟି କରିଥିଲାକି ତାଙ୍କର ଶାରୀରିକ ରୂପ ଭେକ ଠୁ ଆରମ୍ଭ କରି ମାନସିକ ଚରିତ୍ର ଇତ୍ୟାଦି ସବୁ କିଛି ଖରାପ । ତେଣୁ ତାଙ୍କର କଣ ଅଭିନୟ ଦେଖିବ, ତାହା ଏମିତିବି ଖରାପ ହିଁ ହେବ । ପୁରା କଲେଜଟାରେ ଭିକୁଆ ର ଗୋଟିଏ ସାଙ୍ଗ, ସେ ମଧ୍ୟ ଭିକୁଆ ଠୁ ଅଧିକ ଅଳସୁଆ । ସେ ହିଁ ଜଣେ, ଯେକି ଭିକୁଆ'ଙ୍କୁ ପ୍ରୋତ୍ସାହିତ କରୁଥିଲେ କି ମଞ୍ଚ ଉପରେ ମଧୁଲେଖା ସହିତ ସେହି କେତୋଟି ମିନିଟ ସମୟରେ ପୂର୍ଣ୍ଣ ଫାଇଦା ଉଠାଇବା ଉଚିତ । ବହୁଚର୍ଚ୍ଚିତ ଡ୍ରାମା ଦିନଟି ଆସିଗଲା । କଲେଜରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର୍ବାଣୀର ମହଲ, ସେଦିନ ପାଠପଢା ହେବନି, କେବଳ ମସ୍ତି ହିଁ ମସ୍ତି । ଅଡିଟୋରିଅମ ଖଚାଖଚ ଭରପୁର, ପିମ୍ପୁଡି ଚାଲିବାକୁ ଜାଗା ନଥିଲା । ଖୁବ ଆୱାଜ ସହିତ ସିଟି ବାଜୁଥିଲା, ସମସ୍ତେ ଅପେକ୍ଷାରତ କି କେବେ ମଞ୍ଚ ଉପରୁ ପରଦା ହଟିବ । ଏକ, ଦୁଇ, ତିନ କହୁ କହୁ ପରଦା ଉଠିଲା ଏବଂ କରତାଳିର ଶବ୍ଦରେ ଅଡିଟୋରିଅମ ଦୋହଲିବାକୁ ଲାଗିଲା । ପ୍ରଥମ ସିନ, ନାୟୀକା "ମଧୁଲେଖା" ସଜବାଜ ହୋଇ ଧଳା ରଙ୍ଗର ଶାଢ଼ିଟି ପିନ୍ଧି ସାଧବବୋହୂ ପରି ଅତି ସୁନ୍ଦରୀ ଦିଶୁଥିଲେ ଏବଂ ନିଜର କିଛି ସଙ୍ଗିନୀ ମାନଙ୍କ ସହିତ ହସିଖୁସି ରାସ୍ତାରେ ଚାଲି ଯାଉଥିଲେ । ସେ ନିଜର ସଙ୍ଗିନୀମାନଙ୍କୁ ତାଙ୍କର ମନପସନ୍ଦ ଯୁବକ ବିଷୟରେହିଁ କିଛି କହୁଥିଲେ । ସେ ବର୍ଣ୍ଣନା କରୁଥିବା ଚରିତ୍ରଟି ସେହି ନାଟକର ନାୟକ । ଡ୍ରାମା ଆଗେଇ ଚାଲିଥିଲା; ନାୟକ ମଧ୍ୟ ମଞ୍ଚ ଉପରକୁ ଆସିଯାଇଥିଲେ ଏବଂ ଦର୍ଶକମାନଙ୍କ ମଧ୍ୟରେ କୌତୁହଳ ଓ କୋଳାହଳ ବଢିଚାଲିଥିଲା । ହିନ୍ଦୀ ଚଳଚିତ୍ର ପରି ମଧୁଲେଖା ନିଜର ନାୟକ ସହିତ ସୁନ୍ଦର ଗୀତ ଗାୟି ନାଚିବା ସମୟରେ ଦର୍ଶକମାନଙ୍କ ମଧ୍ୟରୁ ଜଣେ ଖୁବ ଲମ୍ବା ଚୌଡା ବ୍ୟକ୍ତି ମଞ୍ଚ ଉପରକୁ ଉଠିଯାଇ ନାୟକଙ୍କ ଉପରେ ଆକ୍ରମଣ କରିଥିଲେ । ସେ ହିଁ ଥିଲେ ଭିକୁଆ ଓରଫ ଖଳନାୟକ । ମଞ୍ଚ ଉପରକୁ ଯାଉ ଯାଉ ସମସ୍ତେ ନୀରବ ହୋଇଗଲେ । ଶୂନଶାନ ଶାନ୍ତି । ଭିକୁଆ ନାୟକଙ୍କୁ ନାୟୀକା ଠୁ ଅଲଗା କରିଦେଇଥିଲେ । ନାୟୀକା ଚିତ୍କାର କରୁଥିଲେ । ଭିକୁଆ ଓ ନାୟକଙ୍କ ମଧ୍ୟରେ ଘମାସର ଲଢେଇ, କେତେବେଳେ ନାୟକ ତଳେ ତ କେତେବେଳେ ଭିକୁଆ ଉପରେ, ଅର୍ଥାତ ନାୟକ ଶକ୍ତିରେ ଭିକୁଆର ବରାବରି କରିପାରୁନଥିଲେ । ନାୟକଙ୍କୁ ଘାୟଲ କରିବା ପରେ ଭିକୁଆ ଅପେକ୍ଷା କରିଥିବା ସେହି ସମୟ ଆସିଗଲା, ସେ ଖୁବ ଜୋରରେ ନାୟୀକା ମଧୁଲେଖା'ର ହାତକୁ ଧରିଥିଲେ ଏବଂ ତାଙ୍କୁ ନିଜ ଆଡକୁ ଟାଣି ଆଣିଥିଲେ । ନାୟକ ଘାୟଲ ପଡ଼ିଥିବାରୁ ନାୟୀକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ନିକଟକୁ ଯିବାକୁ ଚେଷ୍ଟା କରୁଥିଲେ ଏବଂ ଭିକୁଆ'ଙ୍କୁ ଅଭଦ୍ର ଅଜ୍ଞେଜ୍ଞେକୀ ଜ୍ଞାନହୀନ ଭାବରେ ବର୍ଣ୍ଣନା କରିବାକୁ ଯାଇ ଲିଖିତ ଡୈଲ୍ଗ କହିବାକୁ ଲାଗିଲେ । ଏହି ସମୟରେ ଭିକୁଆ ନିଜର ଡୈଲ୍ଗ " ତୁମର ଏହି ଫରଫରିଆ ଧଳା ରଙ୍ଗ ମୋର ମନର ମାନସରେ ଏକ ସଫେଦ ପକ୍ଷୀର ଚିତ୍ର ଆଙ୍କି ଦେଉଛି ।  ମା ରାଣ, ମୋତେ ତ ଧଳା ରଙ୍ଗ ବିଲକୁଲ ପସନ୍ଦ ନୁହେଁ । ଏହି ହାତର ସ୍ୱର୍ଶରେ ତୁମେ ଲହୂଲୁହାଣ ହୋଇଯିବ ।  ସେହି ଲହୂ ତୁମ ଧଳା ରଙ୍ଗରେ ଲାଲ ରଙ୍ଗ ଯୋଡି ଦେବ; ହୁଏତ ଅନ୍ୟ ସବୁ ରଙ୍ଗ ମଧ୍ୟ ବୋଳିଦେଇ ପାରେ । ବା,  କି ସୁନ୍ଦର ଦିସିବ ତୁମେ,  ବା ବା ବା ।  ଏହି କୁହୁକ ବିଦ୍ୟା କେବଳ ଏହି ହାତକୁ ହିଁ ଜଣା,  ଆଉ କାହାକୁ ବି ଜଣା ନାହିଁ ।  ତେଣୁ ହେ ଧବଳ ସାଧବୀ, ଏହି କୁହୁକ ବିଦ୍ୟାର ଅଭିଜ୍ଞତାକୁ ଆଦରରେ ସ୍ୱାଗତ କର ଓ କିଛି ସମୟ ପାଇଁ ସ୍ୱର୍ଶର ରଙ୍ଗକୁ ଆଲିଙ୍ଗନ କର ।" ପୂର୍ଣ୍ଣରୂପରେ ଏକ ଦକ୍ଷ ଅଭିନେତା ଭଳି କହିପାରିଥିଲେ । ସେ ସମ୍ପୂର୍ଣ୍ଣ ଚରିତ୍ର ମଧ୍ୟରେ ଲୀନ ହୋଇଯାଇଥିଲେ ଏବଂ ଖଳନାୟକ ପରି ତାଙ୍କର ଆଖିରୁ ଅଗ୍ନି ବର୍ଷା ହେଉଥିଲା, ଶକ୍ତିର ଚରମ ସୀମାରେ ଥାଇ ସେ ନାୟିକାର ହାତକୁ ଧରିଥିଲେ, ତାଙ୍କଦ୍ୱାରା ଉଚ୍ଚାରିତ ପ୍ରତେକ ଶବ୍ଦ ଦର୍ଶକମାନଙ୍କ କାନରେ ପ୍ରତିଧ୍ୱନି ପରି ବାରମ୍ବାର ଟକ୍କର ଦେଉଥିଲା । ସେ ସୁନ୍ଦର ଅସୁନ୍ଦର ଭୁଲିଯାଇ ଚରିତ୍ରକୁ ଏମିତି ଜାବୁଡି ଧରିଥିଲେକି ପୁରା ଅଡିଟୋରିଅମରେ କିଛିବି ଆବାଜ ନଥିଲା । ମଞ୍ଚ ଉପରେ ଥିଲେ ଘାୟଲ ନାୟକ, ନାୟୀକା ମଧୁଲେଖା ଏବଂ ଏକ ବେନାମୀ ଚରିତ୍ର "ଖଳନାୟକ" । ଭିକୁଆ ଆଉ ନଥିଲେ, ସେ ଚରିତ୍ରକରଣ ହୋଇଯାଇଥିଲେ । ଏହି ସମୟରେ ନିଜକୁ ଖଳନାୟକ'ର ହାତମୁଠାରୁ ମୁକୁଳେଇବାକୁ ଯାଇ ନାୟୀକା ମଧୁଲେଖା ଖଳନାୟକ ଓରଫ ଭିକୁଆ ର ଗାଲରେ ଦୁଇଟି ଥାପଡ଼ ଲଗାଇଥିଲେ । ଧଡାଙ୍ଗ ଧଡାଙ୍ଗ, ଭିକୁଆ ଅପେକ୍ଷା କରିଥିବା ସମୟ ଆସିଥିଲା, ମଧୁଲେଖା ତାଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାପୁଲିରେ ଭିକୁଆ ର ଗାଲ ଲାଲ କରିଦେଇଥିଲେ । ବହୁତ ଦିନର ତମନ୍ନା ପୂର୍ଣ ହୋଇଥିଲା, ସେ କଲେଜର ସବୁଠୁ ସୁନ୍ଦରୀ କନ୍ୟା ମଧୁଲେଖା ର ହାତର ସ୍ୱର୍ଶ ପାଇଥିଲେ । କିନ୍ତୁ ମଞ୍ଚ ଉପରେ ଥିବା ଖଳନାୟକ ଆଉ ଭିକୁଆ ନଥିଲେ, ସେ ଚରିତ୍ରରେ ଏପରି ଲୀନ ହୋଇଯାଇଥିଲେ କି ତାଙ୍କୁ ଏହି ସ୍ୱର୍ଶର ମିଠା କି ଖଟା ଅନୁଭୂତୀ ନଥିଲା । ଦର୍ଶକମାନଙ୍କ ମଧ୍ୟରେ କେବଳ ଜଣେ ଥିଲେ ଯେ କି ଖୁବ ଜୋରରେ ତାଳି ମାରିଥିଲେ, ବାକି ସମସ୍ତେ ଚୁପ ଥିଲେ । ସମସ୍ତଙ୍କୁ ଏହା ଦୃଶ୍ୟମାନ ଥିଲା କି ମଞ୍ଚ ଉପରେ ଅଭିନୟ କରୁଥିବା ନାୟକ ଓ ନାୟୀକା ସେହି କଲେଜର ସବୁଠୁ ହ୍ୟାଣ୍ଡସମ ଯୁବକ ଓ ସବୁଠୁ ସୁନ୍ଦରୀ କନ୍ୟା ମଧୁଲେଖା ଥିଲେ ଏବଂ ସେଦୁହେଁ ନିଜର ରୂପ ବଳରେ ସମସ୍ତଙ୍କର ଆଖିର ତାରା ଥିଲେ ଏବଂ ପ୍ରେମ ଆଦର ପାଉଥିଲେ; କିନ୍ତୁ ସବୁଠୁ ଅଧିକ ଦୃଶ୍ୟମାନ ଥିଲା କି ମଞ୍ଚ ଉପରେ କଲେଜର ସବୁଠୁ ଅସୁନ୍ଦର ଅଗୁଣୀ ଭିକୁଆ ନଥିଲେ ବରଂ ତାଙ୍କ ସ୍ଥାନରେ ସେହି ଭିକୁଆର ଶରୀରଧାରି ଏକ ପ୍ରଖ୍ୟାତ ଅଭିନେତା ଥିଲେ ଯେକି ଖଳନାୟକର ଚରିତ୍ରକୁ ଜୀବନଦାନ କରିଥିଲେ । ସେଉଠୁ ଜନ୍ମ ନେଇଥିଲେ ରାଜ୍ୟ ଯାତ୍ରା ଓ ଚଳଚିତ୍ର ଜଗତର ଅତି ପ୍ରସିଦ୍ଧ ଖଳନାୟକ "ଭିକ୍ରମ ଓରଫ ଭିକ୍ରମାଦିତ୍ୟ" ।

କଲେଜର ସମୟ ଶେଷ ହୋଇଗଲା । ସମସ୍ତେ ନିଜ ନିଜ ଜୀବନରେ ଆଗକୁ ବଢିଲେ । କିଏ ଇଂଞ୍ଜିନିଅର ହୋଇଗଲେ ତ କିଏ ଓକିଲ । ମଧୁଲେଖା ମଧ୍ୟ ଆଗେଇଥିଲେ; ସେ ବିବାହ ପରେ ନିଜ ପରିବାର ସହିତ ବିଦେଶରେ ରହୁଥିଲେ, ଯେହେତୁ ତାଙ୍କର ପତି ବିଦେଶରେ ଚାକିରୀ କରୁଥିଲେ । ଶୁଣିବାକୁ ମିଳିଥିଲା କି ମଧୁଲେଖା ପ୍ରେମ ବିବାହ କରିଥିଲେ ଏବଂ ତାଙ୍କର ପତି ବହୁତ ହ୍ୟାଣ୍ଡସମ । ରୂପର ମାଧୁର୍ଯ୍ୟ ମଧୁଲେଖା ସହିତ ଏବେ ବି ଯୋଡି ହୋଇ ରହିଥିଲା । ସେହିପରି କଲେଜ ଡ୍ରାମାର ହ୍ୟାଣ୍ଡସମ ନାୟକ

 Magazine Downloaded from www.aahwaan.com

ଜନଗହଳି ଭିତରେ କେଉଁଠି ହଜିଯାଇଥିଲେ । କହିବାକୁ ଗଲେ ସେହି ସମୟରେ ପାଠ ପଢୁଥିବା ସମସ୍ତ ଯୁବକ ଯୁବତୀମାନେ ଜୀବନଯାତ୍ରାର ରଙ୍ଗମଞ୍ଚରେ ଅଜାଣତର ଭାବରେ କେଉଁଠି ନା କେଉଁଠି ଅଭିନୟ କରୁଥିବେ । ଯଦି ହଜି ନଥିଲେ କେହି ଜଣେ, ସେ ଥିଲେ ସବୁଠୁ ଅସୁନ୍ଦର ଅଭଦ୍ର ଅଗୁଣୀ ଅଜ୍ଞାନୀ ଅବିବେକୀ ଯୁବକ "ଭିକ୍ରମ" । କଲେଜର ଚାରିକାନ୍ଥର ସୀମା ବାହାରେ ଯେଉଁ ଜନସମାବେଶ ସେହିଦିନ ଅଡିଟୋରିଉମରେ ଡ୍ରାମା ଦେଖିବାକୁ ପାଇନଥିଲେ, ସେହି ଜନସମାବେଶର ପ୍ରେମ ଓ ଆଦର ଜୀବନ୍ତ କରି ରଖିଥିଲେ ସେହି ଚରିତ୍ର ଭିକ୍ରମ । ଚଳଚିତ୍ର ଜଗତରେ ଚାଞ୍ଚଲ୍ୟ ସୃଷ୍ଟିକରିଥିଲେ ସେ ନିଜର ଅଭିନୟ କରିବାର କଳା ହେତୁ । ଏବେକା ସମୟରେ ସେ ଏକଯୋଡି କପଡ଼ାକୁ ମାସଟିଏ ପିନ୍ଧୁ ନଥିଲେ କି ଶରୀରରୁ ତାଙ୍କର ଦୁର୍ଗନ୍ଧ ଆସୁନଥିଲା । ସେ ପ୍ରବଳ ଲୋକପ୍ରିୟତା ଓ ପ୍ରଚୁର ଧନର ମାଲିକ ହୋଇଯାଇଥିଲେ । ଯେଉଁ ସବୁ କାରଣ ହେତୁ କଲେଜର କୌଣସି ପିଲା ଭିକୁଆ'ର ପାଖେ ପସୁନଥିଲେ ସେହିସବୁ କାରଣଗୁଡିକ ଆଜିର ଭିକ୍ରମ କୁ ଲୋକଙ୍କର ପସନ୍ଦିତା ଖଳନାୟକ ଭାବରେ ପ୍ରତିଷ୍ଠା କରାଇପାରିଥିଲା । ତାଙ୍କ ସହିତ ଭେଟ କରିବାକୁ ଚଳଚିତ୍ର ଜଗତର ନିର୍ଦ୍ଦେଶକ ଏବଂ ପ୍ରଯୋଜକମାନେ ମାସେ ମାସେ ଅପେକ୍ଷା କରନ୍ତି, ଜଣେ ବ୍ୟକ୍ତି ଏପରି ଥିଲେ ଯେକି କେଉଁ ବି ସମୟରେ ତାଙ୍କ ନିକଟକୁ ଯାଇ ଭେଟ କରିପାରନ୍ତି, ସେ ହେଲେ ଭିକୁଆର କଲେଜ ସମୟର ସେହି ଅତି ଅଳସୁଆ ସାଙ୍ଗ । ସେ ବର୍ତ୍ତମାନ ସମୟରେ ଭିକ୍ରମ ଚରିତ୍ରଧାରୀ ଖଳନାୟକଙ୍କର ସେକ୍ରେଟାରୀ । ଦୁହେଁ କଲେଜ ବେଳକୁ ସ୍ମରଣ କଲେ ପରସ୍ପରଙ୍କୁ ପ୍ରଶ୍ନ କରନ୍ତି ଯେ ସତରେ କଣ ଈଶ୍ୱରଙ୍କର କାରଖାନାରେ ତ୍ରୁଟିଯୁକ୍ତ ମଣିଷ ନିର୍ମାଣ ହୋଇଥାଏ ।

ବର୍ଷର ବାରମାସରେ ଭିକ୍ରମ ସବୁବେଳେ ବ୍ୟସ୍ତ ରହୁଥିଲେ । କାର୍ଯ୍ୟବ୍ୟସ୍ତତା, ଅଭିନୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାର ଓ ଶିଖିବାର ଇଚ୍ଛା ଶକ୍ତି ତାଙ୍କର ନିଜର ଜୀବନରୁ ଭିକୁଆ କୁ ଅଲଗା କରିନେଲା । ସେ ଆଉ ସାଧାରଣ ନଥିଲେ । ସେ ଦର୍ଶକମାନଙ୍କ ପାଇଁ ଅସାଧାରଣ ହନିଯାଇଥିଲେ । ଏହା ମଧ୍ୟରେ ପ୍ରାୟ କୋଡିଏ ବର୍ଷ ବିତିଗଲାଣି । ଭିକ୍ରମ ପ୍ରାୟ ଚାଳିଶି ବର୍ଷରୁ ଉର୍ଦ୍ଧ ବୟସରେ ପଦାର୍ପଣ କଲେଣି । ଏତେ ଲୋକପ୍ରିୟ ହେଲେ ମଧ୍ୟ ତାଙ୍କର ମନରେ ଏବେବି କଲେଜ ଡ୍ରାମାର ନାୟିକା ମଧୁଲିକା କହିଥିବା କଥାଗୁଡ଼ିକ ବସା ବାନ୍ଧି ରହିଥିଲା " ଏତେ ସୁନ୍ଦରୀ ନାୟିକା ସହିତ ବଉମିଜ କରିବାକୁ ହେଲେ ସେହିଭଳି ହ୍ୟାଣ୍ଡସମ ଖଳନାୟକ ମଧ୍ୟ ହେବା ଉଚିତ" । ତେଣୁ ସେ କୌଣସି କନ୍ୟାଙ୍କୁ ବିବାହ କରିବାକୁ ଭୟ କରିଥିଲେ ଏବଂ ନିଜର ଅଭିନୟକୁ ନିଜ ଜୀବନର ସଙ୍ଗିନୀ ଭାବରେ ଗ୍ରହଣ କରିଥିଲେ । ଏହି ସମୟରେ ନୂତନ ଯୁବ ପିଢୀ ଚଳଚିତ୍ରରେ ପ୍ରବେଶ କଲେଣି ଏବଂ ତାଙ୍କ ତୁଳନାରେ କମ ବୟସର ହ୍ୟାଣ୍ଡସମ ଯୁବକମାନେ ଖଳନାୟକ ଭୂମିକାରେ ମଧ୍ୟ ଅଭିନୟ କଲେଣି, କିନ୍ତୁ ସେହି ଲମ୍ବା ଚୌଡା ଅଧା ଦାନ୍ତୁରା ଭିକ୍ରମ ର ଚାହିଦା କମ ହୋଇ ନାହିଁ । ଏହାର କାରଣକି ଭିକ୍ରମ ନିଜର ସାଧାରଣ ଜୀବନରେ ଭିକୁଆ ପରି ଜୀବନ ନିର୍ବାହ କରନ୍ତି । ସେ ବେଶଭୁଷା ରୂପରେଖ ଠାରୁ ଦୂରେଇରହି ଚରିତ୍ରରେ ଲୀନ ହୋଇ ଅଭିନୟ କରନ୍ତି । ସେ କୁହନ୍ତି ଯେ ଖଳନାୟକ ଚରିତ୍ରକୁ ଜୀବନ୍ତ କରିବାକୁ ହେଲେ ତାଙ୍କୁ ହାତରେ ମଦ ବୋତଲ କି ବନ୍ଧୁକ ଧରିବାର ଆବଶ୍ୟକତା ପଡେ ନାହିଁ ।

ଭିକ୍ରମ ଓ ତାଙ୍କର ସେହି ଅଳସୁଆ ସାଙ୍ଗ ଜୀବନରେ କିଛି ଗୋଟେ ଭଲ କାମ କରିବା ବିଷୟରେ ପ୍ରାୟ ଅଲୋଚନା କରୁଥିଲେ । ସେହି ଆଲୋଚନାରୁ ଆରମ୍ଭ ହୋଇଥିଲା ଏକ ଅଜଣା ଅଶୁଣା କାର୍ଯ୍ୟକ୍ରମ । ଯେହେତୁ ଭିକୁଆ ଛୋଟ ଥିବାବେଳେ ନିଜର ପିତାଙ୍କୁ ହରାଇଥିଲେ ଏବଂ ମାତା ହିଁ ଏକା ପିଲାମାନଙ୍କୁ ବଡ଼ କରିଥିଲେ, ପିତା ହେଉନ୍ତି ହୋଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଢ଼ିବା ତାଙ୍କ ପାଇଁ ଖୁବ କଷ୍ଟଦାୟକ ଥିଲା । ତେଣୁ ତାଙ୍କର ସେହି କାର୍ଯ୍ୟକ୍ରମ ମାଧ୍ୟମରେ ସେ ଖୋଜିଖୋଜି ପିତା ଛେଉଣ୍ଡ ପିଲାମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଉଥିଲେ; ସେହି ପିଲା କି ତାଙ୍କ ପରିବାର ମଧ୍ୟ ଜାଣିବାକୁ ପାଉନଥିଲେ କି ସାହାଯ୍ୟ କରୁଥିବା ବ୍ୟକ୍ତି କି ସଂସ୍ଥା କିଏ, କେଉଁଠି ଇତ୍ୟାଦି । ସେ ଏହି କାର୍ଯ୍ୟକ୍ରମ ବିଷୟରେ କାହାକୁ ବି କିଛି କହୁନଥିଲେ ନା ଟିଭି ଖବରକାଗଜରେ କେବେ କେହି ଏବିଷୟରେ ଲେଖୁଥିଲେ । ଅଳସୁଆ ସାଙ୍ଗ ନିଜର ଅଳସ ଭାଙ୍ଗିଲେ ତାଙ୍କର ମୁଣ୍ଡ ଭଲ କାମ କରେ, ତେଣୁ ଭିକୁଆର ସେ ହିଁ ମାର୍ଗଦର୍ଶକ । ସେ ହିଁ ଏହି କାର୍ଯ୍ୟକ୍ରମର ଗୁପ୍ତ ନାମ ରଖିଥିଲେ "ମଧୁଲେଖା"; କିଏ ଆଉ ନୂଆ ନାଁ ଟିଏ ଭାବିବ, ଯାହା ଜାଣିଛନ୍ତି ସେହିଥିରେ ଚଳେଇଦେଲେ । ମଧୁଲେଖା ମାଧ୍ୟମରେ ବହୁତ ପିଲାମାନଙ୍କୁ ସାହାଯ୍ୟ ମିଳୁଥିବାରୁ ଭିକୁଆ ନିଜକୁ କିଛିମାତ୍ରାରେ ମୂଲ୍ୟବାନ ଭାବିବାକୁ ବାଧ୍ୟ ହୋଇଥିଲେ; ତାଙ୍କୁ ଅନୁଭୂତୀ ହେଉଥିଲାକି ଇଶ୍ୱରଙ୍କର କାରଖାନାରେ ତ୍ରୁଟିଯୁକ୍ତ ମଣିଷ ବୋଧହୁଏ ନିର୍ମାଣ ହେବାଟା ସମ୍ପୂର୍ଣ୍ଣ ମାତ୍ରାରେ ଠିକ ନୁହେଁ ।

ଦୁଇ ହଜାର ପନ୍ଦର ମସିହା କଥା । ଛୁଟି ସମୟରେ ମଧୁଲେଖା ଓ ପରିବାର ନିଜ ଘର ପରିବାର ସହିତ ସମୟ ବିତାଇବାକୁ ଭାରତ ଆସିଥିଲେ । ମଧୁଲେଖା'ର ବଡ଼ ପୁଅ ପ୍ରାୟ ୧୫ ବର୍ଷର, ସାନ ଝିଅ ୮ ବର୍ଷ ବୟସର । ପରିବାର ତରଫରୁ ତିରୁପତୀ ଦେବତାଙ୍କ ନିକଟରେ ମାନସିକ ଥିଲା କି ପୁଅର ୧୫ ବର୍ଷ ଜନ୍ମଦିନରେ ସେ ତିରୁପତୀ ମନ୍ଦିରରେ ଲଣ୍ଡା ହେବେ ଏବଂ ଦର୍ଶନ କରିବେ । ତେଣୁ ମଧୁଲେଖା, ସ୍ୱାମୀ, ପୁଅ ଓ ଝିଅ, ସାଥିରେ ଶାଶୁ ଓ ଶଶୁର ବାହାରିଗଲେ ତିରୁପତୀ ମନ୍ଦିର ଅଭିମୁଖେ । ରାଷ୍ଟ୍ରୀୟ ରାଜପଥ, ତେଣୁ ରାସ୍ତା ଭଲ, ମଧୁଲେଖା'ର ସ୍ୱାମୀ ନିଜେ କାର ଚଳାଉଥିଲେ । ପ୍ରାୟ ୫ ଘଣ୍ଟା ସମୟ ମଧ୍ୟରେ ସେମାନେ ପହଞ୍ଚି ଗଲେ ମନ୍ଦିରରେ । ମାନସିକ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ପୁଅ "ନାଗାର୍ଜୁନ", ଲଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଏବଂ ସପରିବାର ଦେବ ଦର୍ଶନ କରିବା ପରେ ପ୍ରସାଦ ସେବନ କଲେ । ହସଖୁସିରେ ସମସ୍ତେ ମନ୍ଦିର ମଧ୍ୟରେ କିଛି ସମୟ ବିତାଇଲେ । ଘରକୁ ଫେରିବାର ସମୟ ହୋଇଯାଉଥିଲା । କିନ୍ତୁ ସମସ୍ତେ ଥକି ଯାଇଥିଲେ । ତିରୁପତୀ ସହରରେ ରାତ୍ରୀ ବିତାଇବାକୁ ଭାବିଲେ, କିନ୍ତୁ ବିଧିର କିଛି ଅଲଗା ବିଧାନ ଲେଖା ଥିଲା । ମଧୁଲେଖା'ର ସ୍ୱାମୀ କହିଲେକି ବ୍ୟସ୍ତ ହେବାର କିଛି ଦରକାର ନାହିଁ । ସମସ୍ତେ ଗାଡ଼ିରେ ବସିବସି ଶୋଇଯାଅ, ସେ ଗାଡ଼ି ଚଲେଇ ଘରେ ଠିକରେ ପହଞ୍ଚାଇଦେବେ । ସମସ୍ତେ ତାଙ୍କୁ ଭରଷା କରୁଥିଲେ, ତେଣୁ ତୁରନ୍ତ ସେମାନେ ଘର ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । ସନ୍ଧ୍ୟା ସମୟ ବିତିଗଲାଣି । ରାତ୍ରୀର ଅନ୍ଧକାରରେ ଆଗରୁ ଆସୁଥିବା ଗାଡ଼ିଗୁଡ଼ିକର ହେଡଲାଇଟ ଆଖିରେ ପଡୁଥିବାରୁ ବହୁତ ସାବଧାନୀର ସହିତ ଗାଡ଼ି ଚଳାଉଥିଲେ । ତାଙ୍କ ନିକଟରେ ଅର୍ଥାତ ଆଗ ପାସେଞ୍ଜର ସିଟରେ ମଧୁଲିକା'ର ଶଶୁର ବସିଥିଲେ । ବୟସର ବାର୍ଦ୍ଧକତା ଓ ଦିନସାରା ବୁଲିବୁଲି ଥକିଯାଇଥିବାରୁ ଶୋଇପଡ଼ିଥିଲେ । ମଧୁଲିକା ନିଜର ଶାଶୁ ଓ ପିଲା ଦୁହିଁଙ୍କ ସହିତ ପଛ ସିଟରେ ବସିଥିଲେ; ବସିଥିଲେ କଣ ଶୋଇପଡ଼ିଥିଲେ । ଏହି ସମୟରେ ବିଧିର ବିଧାନ ରୂପ ନେଲା । ଗାଡ଼ି ଚଳାଇବା ସମୟରେ କ୍ଷଣକ ପାଇଁ ଆଖିଲାଗିଗଲା ଏବଂ ଏହି ସମୟର ଅନ୍ତରାଳରେ କାର ସ୍ଲୋ ଲାଇନରୁ ଡାହାଣକୁ ମାଡ଼ିଗଲା ଏବଂ ପଛରେ ବହୁତ ଗତିମାନ ବସଟି କାରର ଡାହାଣପଟ ଆଗଭାଗକୁ ଖୁବ ଜୋରରେ ଟକ୍କର ଦେଲା ଯେ କ୍ଷଣକ ମଧ୍ୟରେ କାରଟି ଏକ ଖେଳଣା ଭଳି ଦୁଇତିନିବାର ଓଲଟିବାକୁ ଲାଗିଲା । ଶେଷକୁ କାରଟି ଭାଙ୍ଗିରୁଜି ରାସ୍ତାର ବାମଦିଗକୁ ଗତିକରି ତଳକୁ ଖସିପଡିଲା । ଏହି ଦୁର୍ଘଟଣାଟି ଏପରି ରୂପ ନେଇଥିଲାକି ଗୋଟିଏ କ୍ଷଣ ମଧ୍ୟରେ ମଧୁଲିକା ଓ ତାଙ୍କର ଶାଶୁ ଉଭୟ ବିଧବା ହୋଇଯାଇଥିଲେ । ପଛରେ ବସିଥିବା ୪ଜଣ ଖୁବ ମାତ୍ରାରେ ଆହତ ହୋଇଥିଲେ କିନ୍ତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଗରେ ବସିଥିବା ୨ଜଣ ନିହତ ହୋଇଯାଇଥିଲେ । ତିରୁପତୀ ଦେବଦର୍ଶନରୁ ଫେରିବା ସମୟରେ ପରିବାରଟି ନିଜର ସର୍ବସ୍ୱ ହରାଇଥିଲେ । ହଠାତ ମଧୁଲିକା ସବୁକିଛି ହରାଇଥିଲେ । ସେ ନିଜକୁ ନିଜେ ସମ୍ଭାଳିବେ, ନା ଶାଶୁଙ୍କୁ ନା ପିଲା ଦୁଇଙ୍କୁ । ଏହାହିଁ ଥିଲା ବିଧିର ବିଧାନ । ପରଦିନ ଏହି ଦୁର୍ଘଟଣାଟି ଖବରକାଗଜରେ ଏକ ଖବର ହୋଇ ରହିଯାଇଥିଲା । ବାସ, ଥକାହାରା ଅବସ୍ଥାରେ ବିଶ୍ରାମ କରିବା ନିହାତି ଆବଶ୍ୟକ ଥିଲା, କିନ୍ତୁ ସେହି ଅବସ୍ଥାରେ ଗାଡ଼ି ଚଳାଇ ଯେ କୌଣସି ବ୍ୟକ୍ତି ବି ନିଜ ସହିତ ନିଜର ଅନ୍ୟ ସହଯାତ୍ରୀମାନଙ୍କର ଜୀବନକୁ ବିପଦର ନିଆଁରେ ସ୍ୱାହା କରିପାରେ । ଏହିପ୍ରକାର ଦୁର୍ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ମଧୁଲିକା'ର ସ୍ୱାମୀ ଓ ପରିବାର କିଛି ଶିକ୍ଷା ପାଇପାରିନଥିଲେ ।

ପୁଅ ନାଗାର୍ଜୁନ ଜଣେ ଭଲ ଛାତ୍ର ଏବଂ ସେ ବିଦେଶରେ ଯେଉଁ ବିଦ୍ୟାଳୟରେ ପଢୁଥିଲେ, ସେହି ବିଦ୍ୟାଳୟ ମାଧ୍ୟମରେ ସେ ସ୍କଟଲ୍ୟାଣ୍ଡର ଆବରଡିନ ରେ ଏକ ପ୍ରସିଦ୍ଧ ୟୁନିଭରସିଟିରେ ଅଣ୍ଡରଗ୍ରାଜୁଏଟ ଶିକ୍ଷାପାଇଁ ଚୟନ ହୋଇଥିଲେ । କିନ୍ତୁ ସେ ଯେ ସେହି ବିଦ୍ୟାଳୟ ଛାଡିସାରିଥିଲେ । ମଧୁଲିକା ଜୀବନର କଟୁ ରୁପକୁ ସହ୍ୟ କରିବାକୁ ଚେଷ୍ଟା କରୁଥିଲେ; ପିଲା ଦୁହେଁ ଯେ କଣ କରିବେ । ବିଦ୍ୟାଳୟ ମଧ୍ୟ ଏହି ଖବର ପାଇପାରିଥିଲେ ଏବଂ ପ୍ରିନ୍‌ସିପାଲ ନିଜେ ମଧୁଲିକାଙ୍କୁ ଫୋନ କରି ଏପରି ଜୀବନ ପରିବର୍ତ୍ତନକାରୀ ଦୁର୍ଘଟଣା ହେତୁ ଦୁଃଖ ପ୍ରକାଶ କରିଥିଲେ; ସେ ଏହାବି କହିଥିଲେ ଯେ କୌଣସି ଭାବରେ ହେଉ ବରଂ ନାଗାର୍ଜୁନ ଭଳି ଛାତ୍ର ଆବରଡିନ ଯିବା ଉଚିତ । ମଧୁଲିକା ଯେ କଣ କରିବେ; ତାଙ୍କର ନିଜର ବାପା ମା ବୃଦ୍ଧ ହେଲେଣି; ଧନୀ ହେଲେ ମଧ୍ୟ ଏବେ ସେସବୁ ଧନ ଓ ସମ୍ପତ୍ତି ଉପରେ ସେମାନଙ୍କର ଏବେ ଆଉ ଅଧିକାର ନାହିଁ, ସବୁକିଛି ସେମାନଙ୍କର ସୁପୁତ୍ର କବ୍ଜା କରିନେଇଛନ୍ତି । ନାଗାର୍ଜୁନ ଆବରଡିନ ଯିବାକୁ ଇଛୁକ ନଥିଲେ, ସେ ମା ମଧୁଲିକାଙ୍କୁ ଏକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡିପାରିବେ ନାହିଁ କିମ୍ବା ତାଙ୍କବିନା ରହିପାରିବେ ନାହିଁ । ମଧୁଲିକା ଓ ତାଙ୍କର ପରିବାର କେଉଁ ଏକ ଅଦୃଶ୍ୟ ଦୁନିଆରେ ହଜିଗଲେ; କିଏବି ଜାଣନ୍ତିନାହିଁ ସେମାନଙ୍କର ବିଷୟରେ ।

ଅଳସ ସାଙ୍ଗ ନିଜର ଅଳସ ଭାଙ୍ଗି କାମକୁ ବାହାରୁଥିଲେ, ଅର୍ଥାତ ଭିକ୍ରମ ର ବଙ୍ଗଳାରେ ଥିବା ଅଫିସକୁ । ସେ ଭିକ୍ରମ ର ମାର୍ଗଦର୍ଶକ ଥିଲେ; କିନ୍ତୁ ନିଜେ ବିବାହ କରି ସାଂସାରିକ ଜୀବନର ମଜା ନେଉଥିଲେ । ହଁ ପ୍ରାୟ କାନ୍ଦନ୍ତି ଆସି ଭିକ୍ରମ ନିକଟରେ ଏବଂ କୁହନ୍ତି ଭିକୁଆ ତୁ ଭଲ କରିଛୁ ବିବାହ ନକରି । ଏକଥା ଶୁଣି ଭିକୁଆ ଖଳନାୟକର ଚରିତ୍ରକୁ ପ୍ରବେଶ କରିଯାଇ କୁହନ୍ତି "ଆରେ ରେ ମିଛୁଆ, ମା ରାଣ, ତୁ ଟା ଦୁଇ ପଟୁଆ ଦାଢ଼ ଥିବା କତା ଟା, ଦୁଇ ପଟରେ ମଜା ନେଇ ଆସି ସକେଇ ହେଉଛୁ କଣ ନା ସାଂସାରିକ ଜୀବନ ଖୁବ କଷ୍ଟଦାୟକ; ଆରେ ଏ ଅଳସ ତୋର କଳସ ଟାକୁ ଖୁଂପିଦେବି, ଭିକ୍ରମ ର ବାହୁରେ ଏତେ ବଳ ଯେ ଥରେ ସେ ଯେଉଁ କଳସକୁ ଧରେ ସେ କଳସ ଆଉ କେବେ ପାଣି ଭରିବାରେ ସକ୍ଷମ ହୁଏ ନାହିଁ, ସେ ବନିଯାଏ ଭଙ୍ଗା କଳସ, ଆଉ ତାକୁ କେହିବି କାଖେଇ ନିଅନ୍ତିନି, ବୁଝିଲୁ ନା ଆଉ ବୁଝେଇବି, ମା ରାଣ, ଚକ୍କାଚୁର କରିଦେବି, ହା ହା, ହା ହା ହା, ହା ହା ହା ହା; ଏତିକି ଶୁଣି ଅଳସ ସେଠୁ ପାର ହୋଇଯାଏ ।" । ସବୁଦିନ ପରି ଅଳସ ନିଜର କାରଟିକୁ ପାର୍କିଙ୍ଗ କରି ଅଫିସ ରୁମକୁ ଚାଲିଗଲେ ଏବଂ ସେହିଦିନର ଚଳଚିତ୍ର ସୁଟିଂ କାର୍ଯ୍ୟକ୍ରମ କେବେ କେଉଁଠି ଥାଏ, ତାର ଯୋଗାଡ଼ରେ ଲାଗିଗଲେ । ଭିକ୍ରମ ସହିତ ପହଞ୍ଚିଗଲେ ସୁଟିଂ ସ୍ଟୁଡ଼ିଓରେ । ଭିକ୍ରମ ସୁଟିଂରେ ବ୍ୟସ୍ତ ହୋଇଗଲେ; ଅଳସ ପୁଣି ଗଛମୂଳରେ ଶୋଇବାକୁ ଲାଗିଗଲେ । ସାଧାରଣତଃ ସେ ହାତରେ ପୁରୁଣା ଖବରକାଗଜ ଧରନ୍ତି ଓ ଗଛମୂଳେ ବିଛେଇଦେଇ ସୁଟିଂ ସରିବା ପର୍ଯ୍ୟନ୍ତ ଶୋଇ ଯାଆନ୍ତି; ସେଦିନ ମଧ୍ୟ ଠିକ ସେହିପରି କଲେ । ଖବର କାଗଜ ବିଛେଇ ଶୋଇବା ବେଳକୁ ସେଥିରେ ପ୍ରକାଶିତ ଦୁର୍ଘଟଣାର ଫଟୋ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାଣୀଟି ତାଙ୍କ ନଜରରେ ପଡିଗଲା; କାହିଁ କେଜାଣି ଅଳସର ଆଖି ଦୁଇଟି ସେହି ଖବରକୁ ପଢିବାକୁ ବାଧ୍ୟ ହେଲେ । ପଢିବାପରେ ସେ ଖୁବ ଭୟଭୀତ ହୋଇଗଲେ ଏବଂ ଆଉ ଶୋଇପାରିଲେ ନାହିଁ । ସୁଟିଂ ସାରି ଫେରିବା ସମୟରେ ସେ ସେହି ବିଷୟରେ ଭିକ୍ରମ'ଙ୍କୁ ମଧ୍ୟ ଶୁଣାଇଲେ ଏବଂ ଖବର କାଗଜଟି ଦେଖାଇଲେ । ପୁଣି ଦୁଇଟି ଛୁଆ ବାପ ଛେଉଣ୍ଡ ହୋଇଗଲେ; ସେଦୁହିଁଙ୍କୁ ଖୋଜି ପାଇବା ଏବଂ ଅଜ୍ଞାତ ହିସାବରେ ସାହାଯ୍ୟ କରିବାର କାର୍ଯ୍ୟଭାର ଭିକ୍ରମ ତୁରନ୍ତ ଅଳସ କାନ୍ଧରେ ଲଦିଦେଲେ । ସେହି ଫଟୋଟିରେ ଆହତ ଓ ନିହତ ଲୋକମାନଙ୍କର ଚିହ୍ନଟ କରିବା କଷ୍ଟକର ଥିଲା କିନ୍ତୁ ମଧୁଲିକା କାର୍ଯ୍ୟକ୍ରମ ଏହିଥର ପ୍ରକୃତ ମଧୁଲିକାଙ୍କ ସହିତ ଯୋଡିହୋଇଥିଲା ।

ଅଳସ ପହଞ୍ଚିଥିଲେ ସେହି ସ୍ଥାନରେ ଏବଂ ନିଜର କିଛି ଖାସ କର୍ମଚାରୀଙ୍କ ମାଧ୍ୟମରେ ସବୁକିଛି ଖବର ଏକତ୍ରୀତ କରିଥିଲେ । ତାଙ୍କର ଅଳସ ଟା ସେହି ସମୟରେ ଭାଙ୍ଗିଥିଲା ଯେବେ ସେ ସେହି ପରିବାରର ଫଟୋରେ ମଧୁଲିକାଙ୍କୁ ମଧ୍ୟ ଦେଖିଥିଲେ । ହଠାତ କଲେଜ ସମୟର ଚିତ୍ର ଆଖି ଆଗରେ ନାଚିଯାଇଥିଲା । ସେ ଭୟରେ ଥରିବାକୁ ଲାଗିଲେ । ସମ୍ପର୍କ ଭଲ  ନଥିଲେ ମଧ୍ୟ କୌଣସି ମଣିଷ ଅନ୍ୟ ଜଣେ ମଣିଷର ଦୁଃଖରେ କେବେ ଖୁସି ହୋଇପାରେ ନାହିଁ । ସେ ଖୁବ ଭୟଭୀତ ହୋଇ ଆସି ଭିକୁଆ ପାଖରେ ପହଞ୍ଚିଲେ ଏବଂ ଅନର୍ଗଳ ଭାବରେ ଏକା ନିଶ୍ୱାସରେ ପୁରା କାହାଣୀଟି ଗପିଗଲେ । ଆଜି ଭିକୁଆକୁ ରାଗ ଆସୁ ନଥିଲା । ସେ ଦୁଃଖୀ ହୋଇଯାଇଥିଲେ । ସେ ଭୁଲିଯାଇଥିଲେ କି କଲେଜ ସମୟରେ ମଧୁଲିକା ତାଙ୍କୁ ଅପମାନିତ କରିଥିଲେ, କିନ୍ତୁ ସେ ଏହା ହୃଦୟଙ୍ଗମ କରିସାରିଥିଲେ କି ମଧୁଲିକା ହିଁ ଏକମାତ୍ର କାରଣ ଯେ ସେ ନିଜକୁ ଭିକୁଆ ରୁ ଭିକ୍ରମ ରେ ପରିବର୍ତ୍ତନ କରିପାରିଲେ । ତାଙ୍କର ସେହି ଅପମାନ ହିଁ କୁବେର'ର ଆଶୀର୍ବାଦ ଥିଲା । ସେ ଆଜି

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଠିଭିକ୍ଷା



ବାଲାଜୀ ସେଠୀ

"ମୁଠିଭିକ୍ଷା"......ଆଜିର ଅବକ୍ଷୟମୁଖୀ ସମାଜର ପ୍ରତିଛବି ।

ହେଇଟି ଶୁଣୁଛ.... ! କାଲି ମୋର ଆଖି ଓଷ ଆଉ ବିପି ଓଷ ଯେମିତି ହେଲେ ଆଣିବ । ନହଲେ କାଲିଠାରୁ ମୋ ପାଇଁ ବି ଖାଇବା ନେଇକି ଆସିବ ! ମୁଁ ଆଉ ପାରିବିନି ....। ବାରିପଟେ ଚୁଲିମୁଣ୍ଡରୁ ପାଟି କରୁଥିଲେ ରୁକ୍ମଣୀ ଦେବୀ । ଶୁଖିଲା ନଡ଼ିଆ ବାହୁଙ୍ଗି ଦୁଇପଟକୁ ଚୁଲିରେ ମୁହାଁଇ ରୋଷେଇ କରୁ କରୁ ଧୂଆଁ ପଶି ଆଖିରୁ ଧାର ଧାର ଲୁହ ବୋହି ଧଇଁ ଉଠିଗଲାଣି .... ।

ସେପଟେ ତ୍ରିନାଥ ବାବୁ ଦାଣ୍ଡଘରେ ଗାମୁଛା ପକାଇ ଆସନରେ ବସି ଜପ କରୁଛନ୍ତି । ହନୁମାନ ଚାଳିଶା ସହିତ ବିଭିନ୍ନ ଶ୍ଳୋକ, ମନ୍ତ୍ର ବିଳିବିଳୋଉଛନ୍ତି ।

ତ୍ରିନାଥ ଭୋଇ । ବୟସ ପ୍ରାୟ ପଞ୍ଚସ୍ତରୀ ! ଶିକ୍ଷିତ ଲୋକ । ସରକାରୀ ଚାକିରୀଟିଏ ପାଇଁ ସୁଯୋଗ ଆସିଥିଲା । ଦୂର ସ୍ଥାନରେ ପୋଷ୍ଟିଂଗ୍ ମିଳିବାରୁ ମାଁଙ୍କ ଆକଟରେ ଚାକିରୀ କଲେନାହିଁ । ରୁକ୍ମଣୀ ଦେବୀଙ୍କ ପାଣିଗ୍ରହଣ ପରେ ତାଙ୍କ ସଂସାର କିଛିଦିନ ଖୁସିବାସୀରେ ଚାଲିଥିଲା । ସୁଖକୁ କିଏ ବା ଅଣ୍ଟିରେ ବାନ୍ଧି ସବୁଦିନ ପାଇଁ ରଖିପାରିବ.... ! କେତେବେଳେ ଯେ ଖୁସିର ଅଣ୍ଟି ଗଣ୍ଠି ଫିଟି ଯାଇ ଦୁଃଖ, ଲାଉ ହୋଇ ପିଠିରେ ଓହଳି ପଡେ, ଆଉ ମେରୁଦଣ୍ଡକୁ ବଙ୍କା କରିଦିଏ କାହାକୁ ଜଣା ନଥାଏ ... ।

ଗୋଟି ଗୋଟି ହୋଇ ପଛକୁ ପଛ ପାଞ୍ଚଟି ଝିଅ ଅବେଳରେ ବାହୁଡ଼ି ଗଲେ.... । ରୁକ୍ମଣୀ ଦେବି କେତେ ଓଷା, କେତେ ବ୍ରତ, ମାନସିକ କରି କରି ଦେହ କଣ୍ଟା ହେଲାଣି । ତ୍ରିନାଥ ବାବୁ ବି ଅତି ଧର୍ମ ପରାୟଣ ବ୍ୟକ୍ତି । ସେ ବି ସତସଙ୍ଗ, ନାମ ସଂକୀର୍ତ୍ତନ, ମନ୍ଦିର ପିଢାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା କରନ୍ତିନି । ପୁଅ ହେଉ ବା ଝିଅ ବଂଶରକ୍ଷା ପାଇଁ ସନ୍ତାନଟିଏ ଲୋଡ଼ା । ସ୍ୱାମୀସ୍ତ୍ରୀ ଚିନ୍ତାରେ ବୁଡିରହିଥାନ୍ତି ।

ରୁକ୍ମଣିଦେବୀ ଷଷ୍ଠ ଥର ପାଇଁ ଗର୍ଭଧାରଣ କଲେ । ଏଥର ତ୍ରିନାଥ ବାବୁ ମାନସିକ କଲେ ଯେ ? ପୁଅ ହେଉ ବା ଝିଅ ଛୁଆଟି ଯଦି ବଂଚି ରହେ ତାକୁ ବାର ବର୍ଷ ହେଲେ, "ମୁଠି ଭିକ୍ଷା" କରି ବଦ୍ରିକାଯାଇ ବଦ୍ରିନାଥଙ୍କୁ ଦର୍ଶନକରି ମାଳା ଚଢାଇବେ । ନାତିନାତୁଣୀ ଦେଖିଲେ ଯଦି ବଂଚିଥାଏ ତେବେ ଖାଲିପାଦରେ ଯାଇ ଚାରିଧାମ ଦର୍ଶନ କରିବେ..... । ବଦ୍ରିନାଥଙ୍କ ସୁଦୟା ହେଲା । ଠିକ୍ ସମୟରେ ରୁକ୍ମଣିଦେବୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ । ଶିଶୁ ପୁତ୍ରର ନାମ ରଖିଲେ ବଦ୍ରୀ ନାରାୟଣ । ଆଉ ଏକ ସନ୍ତାନର କାମନା କରି ପଛକୁ ପଛ ଦୁଇଟି ଶିଶୁ ପୁତ୍ରକୁ ଜମ ଦେବଙ୍କ ହାତରେ ଟେକି ଦେଲେ । ଯା' ଭାଗ୍ୟରେ ଯାହା ଅଛି ! ଯାହା ଭୋଗ କରିବାକୁ ଭାଗ୍ୟରେ ନାହିଁ ତାହା ଯେ କୌଣସି ମୂଲ୍ୟରେ ଅର୍ଜିଲେ ବି ତାହା ଭୋଗ କରିହୁଏ ନାହିଁ..... ! ଏହା ଅସତ୍ୟ ନୁହେଁ ।

ଏକୋଇର ବଳା ବିସିକେଶନ ବଦ୍ରିନାରାୟଣକୁ ବାପାମା ସଯତ୍ନେ ପାଳିଲେ । ପୁଅ ବଡ ହେଲା । ପାଠ ପଢିଲା । ପୁଅକୁ ବାର ବର୍ଷ ହେଲାରୁ ବାପା ତ୍ରିନାଥ ପାଖ ସହରକୁ ଯାଇ ବଜାର, ବସଷ୍ଟାଣ୍ଡ, ଆଦି ବିଭିନ୍ନ ଜାଗାରେ ବୁଲି ବୁଲି  'ମୁଠି ଭିକ୍ଷା' ମାଗିବା ଆରମ୍ଭ କରିଦେଲେ । ବଦ୍ରିକା ଯାଇ ମାନସିକ ପୁରଣକଲେ ଗାଁରେ ଚାଳଛପର ଘରଖଣ୍ଡେ ଛଡା ଆଉ କିଛିନାହିଁ । ରୁକ୍ମିଣୀଦେବୀ ପର ଜମିକୁ ଭଡାରେ ଆଣି ଚାଷକରି ତିନି ଜଣିଆ ପରିବାରକୁ ଯେନ ତେନ ଚଳାଇନିଆନ୍ତି । ପୁଅ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢିଲା । ଆର୍ଥିକ ଅନଟନକୁ  ଦୂର କରିବାକୁ ସୁଦୂର ମୁମ୍ବାଇକୁ ଚାଲିଗଲା । ସେଠାରେ ଏକ ହୀରା କମ୍ପାନୀରେ କାମ କଲା । ଭଲ ଦୁଇ ପଇସା ରୋଜଗାର କଲା । ତିନି ଚାରିବର୍ଷ ପରେ ଚାଳ ଛପର ଘରକୁ ଭାଙ୍ଗି ତିନି ବଖୁରିଆ ଛାତ ଘରଟେ ତିଆରି କଲା । ବାରିପଟେ କୂଅଟେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୋଳି ପାଣି ମୋଟର ଲାଗେଇଦେଲା । ଘରେ ବିଦ୍ୟୁତ ଆଲୁଅ ଜଳିଲା, ରଙ୍ଗୀନ ଟିଭି ଲଗେଇଲା । ବାପାମା ଖୁସି ହେଲେ । ମା'ର ଦୁଃଖ ଟିକେ ଲାଘବ ହେଲା । ନାମ, ଜପ, ସଂକୀର୍ତ୍ତନ, ସତସଙ୍ଗ ଯିବା ତ୍ରିନାଥ ବାବୁଙ୍କ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ରୋଜଗାର କରିବା, ଘର ଚଳେଇବା ଘରର ହାନିଲାଭ ବୁଝିବା ଏ ସବୁରେ ତାଙ୍କର ନିଘା ନଥିଲା । କେତେବେଳେ କୋଉଠି ଖାଇବେ, କୋଉଠି ରହିବେ, କଣ କରିବେ ତାଙ୍କର କିଛି ହିସାବ ନାହିଁ ।ତଥାପି ସଂସାର ଚାଲିଥାଏ ।

କାନ୍ଥରେ ଟଙ୍ଗା ହୋଇଥିବା କାନ୍ଥ ଘଣ୍ଟାରେ ସବୁଠାରୁ ବଡ କଣ୍ଟାଟି ଅନବରତ ଘୁରୁଛି । ବଦ୍ରିର ବିବାହ ବୟସ ହେଲା । ନିଜ ପସନ୍ଦର ଝିଅଟିଏ ଦେଖି ବାହାହେଲା । ଶିକ୍ଷିତା, ସୁନ୍ଦରୀ, ଆଧୁନିକା ବୋହୁଟିଏ ଘରକୁ ଆସିବାରୁ ବାପାମା ଭାରି ଖୁସି ହେଲେ । ବୋହୁକୁ ନିଜ ଝିଅ ଭଳି ଆଦର ଯତ୍ନ କଲେ । ତାର ମନ ନେଇ ଚଳିଲେ ଏମିତି ଖୁସିରେ ବିତିଗଲା କିଛି ଦିନ ।

ପୁଅ ମନ ମା ଠାରୁ ବେଶୀ କିଏ ଜାଣିବ ..... ?

ବଦ୍ରୀ ତ ରୁକ୍ମିଣୀଦେବୀଙ୍କ ଜୀବନ । ତାକୁ ସେ ମର୍ମେ ମର୍ମେ ବୁଝିଛନ୍ତି । ପିଲାବେଳେ ବଦ୍ରୀ ପୁନେଇ ଚାନ୍ଦକୁ ଦେଖି ହଟୁଥିଲା । "ତାକୁ ଧରି ଆଣିଦେ ମା.... । ମୁଁ ତା ସାଥିରେ ଖେଳିବି ... ।" ମା ବଦ୍ରୀକୁ କୋଳେଇ ଧରି ବାରିପଟକୁ ଧାଇଁ ଯାଉଥିଲେ ଆଉ କହୁଥିଲେ; "ଧନ ଜହ୍ନ ଆମ ବାରିପଟେ ଅଛି । ଚାଲ ତା ସାଥିରେ ଖେଳିବୁ .... ।" ପାଣି ଭର୍ତ୍ତି ଥିବା ବାରିହାଣ୍ଡିରେ ଜହ୍ନ ଦେଖାଇ, ହାଣ୍ଡିକୁ ହଲାଇ ଦେଇ କହୁଥିଲେ "ଦେଖେ ତତେ ଦେଖି ଜହ୍ନ କେମିତି ନାଟ କରୁଛି ।" ଚହଲା ପାଣିହାଣ୍ଡିରେ ଜହ୍ନ କୁ ଦେଖି ତାଳିମାରି ନାଚି ଉଠୁଥିଲା ବଦ୍ରୀ ।

ଚାରି ମାସ ପରେ ବଦ୍ରୀ ମୁମ୍ବାଇରୁ ଫେରିଲା । ପ୍ରତିଦିନ ରାତିରେ ଖୋଇଲା ବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ତ୍ରୀ ଠାରୁ କର୍ଣ୍ଣମନ୍ତ୍ର ଶୁଣିଲା । ଅଭିଯୋଗ ବି । "ତୁମ ମାଙ୍କୁ ଗ୍ୟାସରେ ରୋଷେଇ କରିବା ଜଣା ନାଇଁ । ତୁମ ବାପା ଘରେ କୁଟା ଦିଖଣ୍ଡ ନ କରି ଅନ୍ନଧ୍ୱଂସ କରୁଛନ୍ତି । କୁଆଡେ ବୁଲିଯିବାକୁ ବାରଣ । କାହା ସହିତ କଥା ହବାକୁ ବାରଣ । କାହା ଘରକୁ ଯିବାକୁ ବାରଣ କରୁଛନ୍ତି ତୁମ ମା । ଘର ଭିତର ବସି ବସି ମୁଁ ବୋର୍ ହେଇ ଯାଉଛି ... । ଏ ଘରେ ମୁଁ ଆଉ ରହିପାରିବି ନାହିଁ । ତୁମ ସାଙ୍ଗରେ ମୋତେ ବି ନେଇଯାଅ । ନହଲେ ମୋ ବାପାଘରେ ଛାଡ଼ି ଦେଇ ଯାଅ... ଇତ୍ୟାଦି... ଇତ୍ୟାଦି ।"

କଥାରେ ଅଛି "ନୀତି କୁହାକୁ ମହନି ଓଷ ସରିନାହିଁ !" ବଦ୍ରିନାରାୟଣ ଦୋଛକିରେ ପଡିଲା । ବାପାମା'ଙ୍କୁ କିଛି କହିପାରୁଛି ନା ସ୍ତ୍ରୀର ମନ ଭାଙ୍ଗି ପାରୁଛି । ପୁଅର ମୁହଁ ଦେଖିଲେ ମା'ତାର ଅନ୍ତର ପଢିପାରେ ! ବୋହୁକୁ ସାଙ୍ଗରେ ନେଇ ମୁମ୍ବାଇ ଯିବାକୁ ରୁକ୍ମିଣୀଦେବୀ ନିଜ ଆଡୁ କହିଲେ ।

ଯାହା ହେଉ ବଦ୍ରିର ବିନା କୌଣସି ଝାମେଲାରେ ସମସ୍ୟା ହାଲୁକା ହୋଇଗଲା । ବାପା ମା'ଠାରୁ ଆଶୀର୍ବାଦ ନେଇ ସ୍ତ୍ରୀକୁ ଧରି ବଦ୍ରୀ ମୁମ୍ବାଇ ଯିବାକୁ ବାହାରିଲା । ଗଲାବେଳେ ରୁକ୍ମିଣୀଦେବୀ କହିଲେ, "ଭଗବାନ ତୁମ ଦୁଇ ଜଣକୁ କୋଟି ପରମାୟୁ ଦିଅନ୍ତୁ ! ଭଲରେ ଯାଅ, ଭଲରେ ରୁହ ! ହେଲେ ଖୁବ ଶୀଘ୍ର ମୋ ଘରକୁ ନାତି କି ନତୁଣୀଟିଏ ଧରି ଆସ ।"

ତିନି ଚାରି ବର୍ଷ ପରେ ବଦ୍ରୀ ସସ୍ତ୍ରୀକ ଘରକୁ ଫେରିଛି । ସାଙ୍ଗରେ ବର୍ଷକର ଛୁଆ "ସୁରଜିତ" । ତ୍ରିନାଥ ବାବୁ ଆଉ ରୁକ୍ମିଣୀଦେବୀ ଖୁସିରେ ଫାଟିପଡିଲେ, ନାତିକୁ ପାଇ ଉଭୟ ସ୍ୱାମୀସ୍ତ୍ରୀ ଆତ୍ମସନ୍ତୋଷ ଲାଭ କଲେ । କୃତ୍ୟ କୃତ୍ୟ ହୋଇଗଲେ । ତାଙ୍କର ସବୁ ଅଭିଳାଷ ପୂର୍ଣ୍ଣ ହୋଇଗଲା । ଆଉ କଣ ଦରକାର ଯେ... ?

ଗାଁରେ ପନ୍ଦରଦିନ ରହିଲେ ପୁଅ ବୋହୂ । ଫେରିଗଲା ବେଳେ ରୁକ୍ମିଣୀଦେବୀ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ । କାନ୍ଦି କାନ୍ଦି ପୁଅବୋହୂ ଆଉ ଗେହ୍ଲା ନାତି ସୁରଜିତକୁ ବିଦାୟ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲେ । ଏଥର ମାନସିକ ପୂରଣ କରିବାର ବେଳ ଆସିଗଲା । ଚାରିଧାମ ଯାଇ ଦିଅଁ ଦର୍ଶନ କରି ନାତିର ଦୀର୍ଘାୟୁ କାମନା ନିମନ୍ତେ 'ମୁଠିଭିକ୍ଷା' ପ୍ରକ୍ରିୟା ତ୍ରିନାଥ ବାବୁ ଆରମ୍ଭ କରିଦେଲେ ।

ମୁଠି ଭିକ୍ଷା ଏବଂ ତୀର୍ଥ ଭ୍ରମଣରେ ପନ୍ଦର ବର୍ଷ ବିତିଗଲା । ମୁଠି ଭିକ୍ଷା କେତେବେଳେ ଭିକ୍ଷାବୃତ୍ତିରେ ପରିଣତ ହୋଇଯାଇଛି ତ୍ରିନାଥ ବାବୁଙ୍କର.... ! ରକ୍ମିଣୀଦେବୀ ଆଉ କୋଉ କାମକୁ ପାରୁନାହାନ୍ତି । ପୁଅ ବଦ୍ରୀନାରାୟଣ ତା ପରିବାରକୁ ନେଇ ଯାଇଛି ତ ଯାଇଛି । ପନ୍ଦର ବର୍ଷ ହୋଇଗଲା । ନା ପଇସା ନା ଖବର .... । ସେମାନଙ୍କୁ ଟିକେ ଦେଖିବାକୁ ବୁଢା ବୁଢ଼ୀ ଦୁଇଜଣଙ୍କ ଆଖିରୁ ପାଣି ମରିଲାଣି । ବୃଦ୍ଧ ବାପାମା ଦୁଇଟା ବଂଚିଛନ୍ତି କି ମରିଗଲେଣି ତାହା ବି ତା ପାଖରେ ଖବର ନାହିଁ । ବୁଢା ବୁଢ଼ୀ ଦୁଇଟା ମରଣ ଆସିବା ଯାଏଁ ତ ବଞ୍ଚିବାକୁ ପଡିବ ! ହେଲେ ମନରେ ପ୍ରବଳ ଇଛା । ମରିବା ଆଗରୁ ଥରେ ନାତିକୁ ଦେଖିବେ ଯାହା ପାଇଁ ଏତେ ଓଷା, ଏତେ ବ୍ରତ ଆଉ ଯାହାର ଆୟୁ ଦୀର୍ଘାୟୁ କରିବାକୁ ତ୍ରିନାଥ ବାବୁ ଚାରିଧାମ ଦର୍ଶନ କରି ଆଶୀର୍ବାଦ କାମନା କରୁଛନ୍ତି, ତାକୁ ଥରେ ଏ ନେତ୍ରରେ ନ ଦେଖି ମରିଗଲେ ଚାରିଧାମ ବୁଲିବାର ଲାଭ କଣ.... ? ଏବେ ମଧ୍ୟ ରକ୍ମିଣୀଦେବୀ ତାଙ୍କ ନାତି ସୁରଜିତର ଲଙ୍ଗଳା ବୟସର ରୂପକୁ ମନେରଖିଛନ୍ତି । ନାତିର ଯୁବକ ଚେହେରାକୁ ଯେବେ ସେ କଳ୍ପନା କରନ୍ତି ପୁଅ ବଦ୍ରୀର ଚେହେରାଟି ତାଙ୍କ ମାନସ ଚକ୍ଷୁରେ ନାଚି ଉଠେ । ତ୍ରିନାଥ ବାବୁ ପୁରୀ, ଦ୍ୱାରିକା ଓ ରାମେଶ୍ୱରମ୍ ଯାଇ ଭଗବାନଙ୍କ ଦର୍ଶନ କରି ଆସି ସାରିଛନ୍ତି । ଆଉ ଗୋଟେ ଧାମ ଯିବାକୁ ବାକିଅଛି । ହେଲେ ଏଥର ଏକା ଯିବାକୁ ଚାହୁଁ ନାହାନ୍ତି । ରକ୍ମିଣୀଦେବୀଙ୍କୁ ସାଙ୍ଗରେ ନେଇ ଯିବେ । ଯେତେ କଷ୍ଟ ହେଉ ପଛେ ! ପୁଅ ପାଇଁ ବଦ୍ରିକା ଯାଇ ବଦ୍ରିନାଥଙ୍କୁ ଦର୍ଶନ କରିଥିଲେ ଏଥର ନାତି ପାଇଁ କରିଥିବା ମାନସିକ ବଦ୍ରିକାରେ ହିଁ ପୂର୍ଣ୍ଣ କରିବେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦୀର୍ଘ ପନ୍ଦର ବର୍ଷ ପରେ ବଦ୍ରୀ ଆସିଛି । ସ୍ତ୍ରୀ ଓ ପୁଅକୁ ଧରି । କାରଣ ଶଶୁରର ଦେହାନ୍ତ ହୋଇଯାଇଛି । ଆଠ ଦଶଦିନ ରହି ପୁଣି ଚାଲିଯିବ । ସମୟର ତାଳେ ତାଳେ ବଦଳି ଯାଇଥିଲା ବଦ୍ରୀ । ତାର ରହଣି ସହଣୀ ଷ୍ଟାଟସ୍ ଖାଦ୍ୟ ପେୟ ସବୁ କିଛି ।

ମୁମ୍ବାଇରେ ଫ୍ଲାଟ୍ ଟିଏ କିଣିଛି ତାର ସ୍ତ୍ରୀ ମଧ୍ୟ ଫେସନ୍ ଡିଜାଇନର୍ ଭାବେ ଏକ ନାମୀ ଦାମୀ କମ୍ପାନୀରେ କାମ କରୁଛି । ନାମୀ ଦାମୀ ବେସରକାରୀ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢୁଛି ସୁରଜିତ୍ । ଷୋହଳ ବର୍ଷର ଯୁବକ ନାତିକୁ ଦେଖି ରୁକ୍ମିଣୀଦେବୀ ନାତିକୁ କୁଣ୍ଢେଇଧରି କଇଁ କଇଁ ହୋଇ ଘଡ଼ିଏ ଯାଏଁ କାନ୍ଦିଲେ । ତ୍ରିନାଥ ବାବୁ ତନ୍ତବୁଣା ଛିଣ୍ଡା ଚୌକି ଉପରେ ବସି ଆନନ୍ଦଶ୍ରୁ ଢାଳୁଥିଲେ । ଏକଲୟରେ ଅନାଇଁ ରହିଥିଲେ ସୁରଜିତକୁ । ତାଙ୍କୁ ସାକ୍ଷାତ ପ୍ରଭୁ ବଦ୍ରିନାଥଙ୍କ ଦର୍ଶନ କଲା ଭଳି ଲାଗୁଥିଲା .... ।

ଘରର ଅବସ୍ଥା ଦେଖି ନିଜକୁ ଦୋଷୀ ଦୋଷୀ ଅନୁଭବ କରୁଥିଲା ବଦ୍ରୀ । କୂଅ ଅଛି । କୂଅ ଭିତର ପାର୍ଶ୍ୱରୁ ବର-ଓସ୍ତ ଗଛ ଉଠି ଛତା ଭଳି ଠିଆ ହୋଇଛି । ପାଣି ମୋଟର କଳଙ୍କି ଲାଗି ଲାଗି ଜଉମୁଦା ହୋଇଗଲାଣି । ଘରେ ବିଜୁଳି ଜଳୁନି, ଡିବିରି କଳାରେ ଘର ଛାତ ସିଲିଙ୍ଗରୁ ଅଳନ୍ଧୁ ଗୁଡାକ ତରଳି ପିତୁ ପରି କାଳି ଟୋପା ଟୋପା ହୋଇ ପଡୁଛି । କୂଅରୁ ଦୁଇ ବାଲ୍ଟି ପାଣି କାଢି ଦେହରେ ଢାଳି ହେଇଗଲା ବଦ୍ରୀ । ସ୍ତ୍ରୀ ଚିତ୍କାର କରୁଥିଲା ... । ଗାଧାଅନି ଏଲର୍ଜି ହୋଇଯିବ, ଇନ୍ଫେକ୍ସନ୍ ହୋଇଯିବ.... ! ଘରର ଅବସ୍ଥା ଦେଖି ବୋହୁ କ୍ଷଣିଏ ରହିବାକୁ ନାରାଜ । ବାପଘରକୁ ଯିବାକୁ କାକୁର୍ତ୍ତି ହେଉଛି । ତାକୁ ଅଟକାଇ ବାକୁ କାହାର ଜୂ ନାହିଁ... । ବଦ୍ରୀ ମୁମ୍ବାଇ ଫେରିଲା ଦିନ ଘରକୁ ଆସିଥିଲା । ସେ ପୁଣି ଏକେଲା । ବାପାମା'ଙ୍କୁ କହିକି ଯିବ ! ନାତିକୁ ଆଉଟିକେ ଦେଖିବେ ବୋଲି କେତେ ବ୍ୟାକୁଳ ହୋଉଥିଲେ ବୁଢାବୁଢ଼ୀ ଦିଟା । ସୁରଜିତ ଆସିବାକୁ ଚାହୁଁଥିଲା କିନ୍ତୁ ତା ମମି ତାକୁ ଛାଡ଼ିଲାନି ବୋଲି କହିଲା ବଦ୍ରୀ । ମା ରୁକ୍ମିଣୀଦେବୀଙ୍କ ହାତରେ କିଛି ଟଙ୍କା ଗୁଞ୍ଜି ଦେଇ

Magazine Downloaded from www.aahwaan.com

ଲୋକ ଦେଖାଣିଆ ପ୍ରଣାମ କରିଦେଇ ବଦ୍ରୀ ଚାଲିଗଲା .... ।

ସୁରଜିତର ବିଟେକ୍ ଇଂଜିନିଅରିଂ ପାଠ ସାରିଲାଣି । ବିଦେଶ ଯିବାକୁ ବାହାରିଛି । ଚାକିରୀ କରିବାକୁ ନୁହେଁ ବରଂ ସେ ଯିବ ତାର ଜାପାନୀ ପ୍ରେମିକାକୁ ଦେଖା କରିବାକୁ । ଶ୍ୱେତାଙ୍ଗୀ ଜାପାନୀ ଲଳନା "ଜୁଲିଆ" । ଦିଲ୍ଲୀରେ ରହି ପାଠ ପଢିଲା ବେଳେ ସୁରଜିତ ଓ ଜୁଲିଆ ଦେଖା ସାକ୍ଷାତ ହୋଇଥିଲା । ଜୁଲିଆ ସୁରଜିତ ଠାରୁ ଦୁଇ ବର୍ଷ ବଡ । ଦୁହିଁଙ୍କ ଭିତରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । ନିବିଡ଼ତା ବଢିଥିଲା । ଧୀରେ ଧୀରେ ଏହି ବନ୍ଧୁତ୍ୱ ପ୍ରେମର ରୂପ ନେଇସାରିଥିଲା । ସାତ ଦରିଆ ଡେଇଁ ଉଭୟେ ଉଭୟଙ୍କୁ ସାକ୍ଷାତ କରୁଥିଲେ । ଜୁଲିଆ ଏକ ମଲ୍ଟିନେସନାଲ୍ କମ୍ପାନୀରେ ଚାକିରୀ କରୁଛି । ସୁରଜିତ ଏଇ କିଛି ମାସ ହେଲା ଏକ ଜାତୀୟ ବ୍ୟାଙ୍କରେ ଚାକିରୀ ପାଇଛି । ବ୍ରହ୍ମପୁରରେ ପୋଷ୍ଟିଂଗ୍ ହୋଇଛି । ନିଜ ଗାଁ ଠାରୁ ମାତ୍ର ପଚାଶ କିଲୋମିଟର ଦୂରରେ । ଉଚ୍ଚ ପଦବୀ । ଉଚ୍ଚ ଦରମା । ଏବେ ଖର୍ଚ୍ଚ କରିବାକୁ ଆଉ ମମି, ଡାଡି ଉପରେ ନିର୍ଭର କରିବାକୁ ପଡୁନି । ବଦଳି ଯାଇଛି ତାର ଆଦବ କାଇଦା । ଆପାଦମସ୍ତକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆସେ ବିଦେଶରୁ । ଜୋତା, ଘଡି, ଚଷମା, କଫି ଆଦି ସବୁ ବିଦେଶୀ । ବ୍ରହ୍ମପୁରରେ ଫ୍ଲାଟଟିଏ ଭଡାରେ ନେଇଛି ସୁରଜିତ । ଛୁଟି ନେଇ ବିଦେଶୀ ଯାଇପାରୁଛି, ହେଲେ ବୃଦ୍ଧ ଜେଜେବାପା ଜେଜେମା'ଙ୍କୁ ଥରେ ଦେଖିବାକୁ ସମୟ ହେଉନି..... ! ନା ଗାଁକୁ ଆସିଲେ ନିଜର ଆଭିଜାତ୍ୟରେ କଳଙ୍କି ଲାଗିଯିବ ... ? ? ବିଦେଶୀ ପ୍ରେମିକାକୁ ଆମନ୍ତ୍ରଣ କରିଛି ଓଡ଼ିଶା ବୁଲେଇ ଦେଖେଇବ... ! !

ପାଚିଲା ତାଳଦିଟା କେତେବେଳେ ଝଡି ପଡିବେ କିଛି ଠିକ ନାହିଁ । ରୁକ୍ମିଣୀଦେବୀ ଆଉ ଭଲ ଭାବରେ ଦେଖିପାରୁ ନାହାନ୍ତି । ଉଚ୍ଚ ରକ୍ତ ଚାପ ତା ସାଙ୍ଗକୁ ପେଟ ବେମାରୀ । 'ମୁଠି ଭିକ୍ଷା'ରୁ ସଂଗ୍ରହ ହୋଇଥିବା ଅର୍ଥ କେତେଥର ରୁକ୍ମିଣୀଦେବୀଙ୍କ ଦେହ ମୂଲେ ଖର୍ଚ୍ଚ ହୋଇଗଲାଣି । ଅପରେସନ ଆଖି । ନିତି ଡ୍ରପ୍ ନପକାଇଲେ ଲୁହ ବୋହୁଛି । ଔଷଧ ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଇଲେ ମୁଣ୍ଡ ବୁଲା, ପେଟ ବ୍ୟଥା ବାହାରୁଚି । ତ୍ରିନାଥ ବାବୁଙ୍କର ପିଲାଦିନେ ପୋଡି ଯାଇଥିବା ବାମପାଦଟି ଏ ବୟସରେ ବରଦାନ ପାଲିଟିଚି । ଚାଲିବାକୁ କଷ୍ଟ ହେଲେ ମଧ୍ୟ ଭିକ୍ଷା ମିଳିବାରେ ବିଶେଷ ସହାୟକ ହେଉଛି । ପ୍ରତିଦିନ ସକାଳେ ଗାଁରୁ ବାହାରୁଥିବା ମିନି ବସ୍ ରେ ସହରକୁ ଯାଆନ୍ତି । ବସ୍ କଣ୍ଡକ୍ଟର ଚିହ୍ନାପରିଚିତ ଥିବାରୁ ପଇସା ମାଗେନି । ସହରର ଗଳିକନ୍ଦି, ବଜାର, ବସଷ୍ଟାଣ୍ଡ ବୁଲି ବୁଲି ଭିକ୍ଷାବୃତି କରି ଯାହା ପାଆନ୍ତି ସନ୍ଧ୍ୟା ବେଳେ ଦୁଇ ପ୍ରାଣୀଙ୍କ ପାଇଁ ଆବଶ୍ୟକ ସଉଦା ପତ୍ର ନେଇକି ଆସନ୍ତି । ବଳକା ପଇସା ଏକ ମାଟିର କୁମ୍ପିରେ ସଞ୍ଚୟ କରନ୍ତି ବଦ୍ରିକା ଯିବାପାଇଁ ... ।

ଆଜି ସକାଳୁ କାହା ମୁହଁ ଚାହିଁଥିଲା ମଣିଷ କେଜାଣି ... ! ସକାଳୁ ଆସି ବାର ଘଣ୍ଟ ହେଲାଣି ଚାହା କପେ ଖାଇବାକୁ ବି ପାଞ୍ଚ ଟଙ୍କା ପାଇଲାନି ..... । ସଂଜରେ ଫେରିଲା ବେଳେ ସ୍ତ୍ରୀ ପାଇଁ ଔଷଧ ବି କିଣି ନେବାକୁ ପଡିବ । ନହେଲେ ବୁଢ଼ୀର କୋଉ ଘଡି କୋ କଥା କିଏ ଜାଣେ ... ! ଧୋବ ଫରଫର ଦାମୀ କାର୍ ଟିଏ । କଳା କାଚ ଝରକା ଭିତରୁ କାଚଗୋରୀ ତରୁଣୀର ଚେହେରାଟି ଝଲମଲ କରୁଛି । ଥକିଯାଇଥିବା ପାଦ ଦୁଇଟି ଗାଡି ନିକଟରେ ଅଟକିଲା । ବାଙ୍କୀ ବାଡିଟି କାଖରେ ଜାକି ଦେଇ ସାତସିଆଁ ସାର୍ଟ ପକେଟରୁ ଔଷଧ ଚିଠାଟିକୁ ବାହାରକରି ଦୁଇହାତରେ ଖୋଲି ତରୁଣୀକୁ ଦେଖାଇଲେ । ଗାଡିର ଝରକା କାଚକୁ ତଳକୁ ଟାଣିଦେଲେ ତରୁଣୀ ଜଣଙ୍କ । ଗାଡିର ଏସିରୁ ବାହାରୁଥିବା ଦୁଲୁକାଏ କାକର ପବନ ଆସି ତ୍ରିନାଥ ବାବୁଙ୍କ ଦେହରେ ନେସି ହୋଇଗଲା । ଆଖିରେ ସନ୍‌ଗ୍ଲାସ ପିନ୍ଧା ବିଦେଶୀନୀକୁ ଦେଖି ଇଂରେଜୀ ଭାଷାରେ ସମ୍ଭାଷଣ କଲେ । ନମସ୍କାର ଜଣାଇ କେଇପଦ କଥାହେଲେ । ଓଷଧ କିଣିବାକୁ ସାହାଯ୍ୟ ମାଗିଲେ । ବିଦେଶୀନୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଗାଡି ଡ୍ରାଇଭର ଜଣଙ୍କ ଭଲ ଭାବରେ ଇଂରେଜୀରେ କଥାବାର୍ତ୍ତା କରିପାରୁ ନଥିବା ବେଳେ ଜଣେ ବୃଦ୍ଧ ଭିକାରି ପ୍ରାଞ୍ଜଳ ଭାବେ ଇଂରେଜୀ ଆଉ ହିନ୍ଦୀରେ କଥାବାର୍ତ୍ତା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କରିପାରୁଛି ... । ବିଦେଶିନୀ ଜଣଙ୍କ ତ୍ରିନାଥ ବାବୁଙ୍କୁ ଅପେକ୍ଷା କରିବାକୁ କହି ନିଜ ମୋବାଇଲରୁ କିଛି ବାର୍ତ୍ତା ଲେଖି ପଠାଇଲେ । ହଁ.... ବିଦେଶିନୀ ଜଣଙ୍କ ହେଉଛନ୍ତି ସେଇ ଜାପାନୀ ଲଳନା "ଜୁଲିଆ" । ମେସେଜ୍ ଦେଖି ସୁରଜିତ ଏଟିଏମ୍ କାଚଘର ଭିତରୁ ଗାଡି ନିକଟକୁ ଚାହିଁଲା । ତା' ଡାଡିଙ୍କ ପୁରୁଣା ସାର୍ଟକୁ ସାତସିଆଁ କରି ପିନ୍ଧିଥିବା ବୃଦ୍ଧ ଭିକାରୀକୁ ଦେଖିଲା । ସୁରଜିତ ଟଙ୍କା ଉଠାଇସାରି ବାହାରକୁ ଆସି ପାଖ ଦୋକାନରୁ ହେଲେମେଟ୍ ଟିଏ କିଣିଲା । ମୁଣ୍ଡରେ ହେଲେମେଟ୍ ପିନ୍ଧି ଗାଡି ଭିତରେ ବସିଗଲା । ଟଙ୍କା ଭର୍ତ୍ତି ଲଫାପାଟିଏ ଜୁଲିଆକୁ ଦେଇ ସେଇ ବୃଦ୍ଧ ଭିକାରୀକୁ ଦେଇଦେବା ପାଇଁ ସୁରଜିତ କହିଲା । ତ୍ରିନାଥବାବୁ ଜୁଲିଆ ହାତରୁ ଲଫାପାଟି ଗ୍ରହଣ କରୁ କରୁ ଆଶୀର୍ବାଦ ଦେଲେ ଏବଂ କହିଲେ ମୋର ନାତି ବି ଦେଖିବାକୁ ଠିକ୍ ଏହି ହେଲେମେଟ୍ ପିନ୍ଧା ବାବୁଙ୍କ ପରି ... । ଧନ୍ୟବାଦ ଜଣାଇ ଗାଡିର ଗ୍ଲାସ୍ ବନ୍ଦ କରିଦେଲା ଜୁଲିଆ । ଚାରିଚକିଆ ଗାଡିର ଡ୍ରାଇଭରର ପଛ ସିଟରେ ବସିଥିବା ହେଲେମେଟ ପିନ୍ଧା ସୁରଜିତକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହେଇଥିଲା ଜୁଲିଆ । ସୁରଜିତର ଆଚରଣକୁ ଜୁଲିଆ ବୁଝିପାରୁନଥିଲା । ବିଦେଶୀ ଭାଷାକୁ ଦରବୁଝା ଡ୍ରାଇଭର କିନ୍ତୁ ଠିକ୍ ବୁଝିପାରୁଥିଲା ..... । ସହରର ରାଜରାସ୍ତାର ଭିଡ ଭିତରେ ଗାଡିଟି ଧୀରେ ଧୀରେ ହଜିଗଲା । ‘ମୁଠି ଭିକ୍ଷା’ରେ ପ୍ରାପ୍ତ ଲଫାପାଟିକୁ ଅଶ୍ରୁଳ ସ୍ନେହାଞ୍ଜଳୀ ଅର୍ପଣ କରିଥିଲେ ତ୍ରିନାଥ ବାବୁ....... । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା'ଆ



ଦେବେନ୍ଦ୍ର ସାମଲ

ମୋର ଏହି ଅବସ୍ଥା ଭିତରେ ଦିନେ ମୁଁ ପଚିଶ ବର୍ଷ ଅତିକ୍ରମ କରିଥିଲେ । ମା'ଙ୍କ ପରଲୋକ ପରେ ମୋ ଜନ୍ମଦିନ ମନେ ରଖିବାକୁ କେହି ନଥିଲେ । ଅତୀତରେ କଥାକୁ ଭୁଲି ମୁଁ ଦିନଟା ବିତାଇ ଦେବି ବୋଲି ସ୍ଥିର କଲି । ସବୁଠାରୁ ପୁରୁଣା ଯେଉଁ ଜନ୍ମଦିନ ମନେ ପଡୁଥିଲା । ତାହା ଆଜି ବି ମୋର ମନ ପଡିଯାଏ ବୋଧହୁଏ ମୋତେ ।

ସେଦିନ ଚାରି ବର୍ଷ ପୁରିଥାଏ ସେଦିନ ସକାଳୁ ସକାଳୁ ମୋର ମା ଚକୁଳି ପିଠା କରି ସାଥିରେ ଥିବା ସମସ୍ତ ଛୋଟ ପିଲାମାନଙ୍କୁ ଡାକିବା ପାଇଁ ମେତେ କହିଲା । ମୁଁ ଚାହୁଁ ଚାହୁଁ ସାରା ଆକାଶ ବନିଗଲା ଘମାଘୋଟ କଳା । ଦୂରାନ୍ତର ପାହାଡ ଶିଖରସବୁ ଦେହରେ ଧକା ଖାଇ ମେଘମାନ ଭୟଙ୍କର ବିଶୃଙ୍ଖଳା ଦିଶୁଥିଲା ପରେ ପରେ ପୃଥିବୀ ଭିତରେ ଫଟାଇ ଦେଲା ଭଳି ଏକ ବଡ ଘଡ ଘଡି ହେଲା ।

ମୁଁ ଏକା ନିଃଶ୍ୱାସରେ ଦୌଡିଯାଇ ମା କୋଳ ଭିତରେ ମୁହଁ ଲୁଚାଇଲି । କୋଡିଏ ବର୍ଷ ପରେ ଆଜି ସେମିତିକା ମନ ହେଲା ଜନ୍ମଦିନ ଅବସରରେ ମା ତେଣୁ ବିଶେଷ ଭାବରେ ମନେ ପଡୁଥିଲା । ଆଜିର ଜନ୍ମଦିନରେ କିଛି ବିସ୍ମୟ ହେଲା ଭଳି ଘଟଣାମାନ ଘଟିନଥିଲା । କିନ୍ତୁ କିଛି ବିଶେଷ ଉପହାର ଆଣିଲା ଭଳି ଥିଲା ।

ଦିନ ସାରା ଗୋଟିଏ ରୁଦ୍ଧ କୋଠରୀ ଭିତରେ ରହି ମୋର ମା'କୁ ଖୋଜି ଚାଲିଥାଏ । ଆଖିରୁ ଧାର ଧାର ଗଙ୍ଗା ଯମୁନା ବୋହି ଚାଲିଥାଏ । ତଥାପି ମୁଁ ମୋର ମା ଛବିକୁ ଆଖିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଙ୍କି ଚାଲିଥାଏ । ସନ୍ଧ୍ୟା ହେଲା ଘରୁ ବାହାରିବା ପାଇଁ ମନ କଲି । ମୁଁ ଧୀରେ ଧୀରେ ରାସ୍ତାକୁ ବାହରି ଆସିଲି ।

ମୋର ବାଟରେ ହଠାତ୍ ଏକ ଆଘାତ ଦେଲା ଭଳି ଗୋଟିଏ ଉଲ୍ଲାସପୂର୍ଣ୍ଣ ଶବ୍ଦ;

- ଦେବୁ ।

ଏହି ଦୁଇ ପଦ ଡାକରେ କେତେ ଯେ ଭରି ରହିଛି ମଧୁରତା ତାହା ମାପିବା ବହୁ କଷ୍ଟ କର । କେଜାଣି ଏହି ଡାକରେ ଏତେ ମା'ର ମମତା ଭଳି ଲାଗେ । ମା ହରାଇଛି ସତ କିନ୍ତୁ ମା ଏହା ମୋ ________

ଭ୍ରାମ୍ୟଭାଷ : ୯୪୩୯୯୦୯୪୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ ଟଙ୍କା...



ବିଚିତ୍ରାନନ୍ଦ ଜେନା

ବହୁତ ଥର ଏକଟଙ୍କାକୁ ନଜର ଦେଇନି ଅମରେଶ । ଅନେକ ଥର ତ ୧୯୯ ଟଙ୍କା ରିଚାର୍ଜ କରି ୨୦୦ଟଙ୍କା ବଢ଼େଇ ଦେଇଛି ଦୋକାନୀକୁ ତ ପୁଣି କେବେ କେବେ ୨୪ଟଙ୍କାର ପରିବା କିଣି ୨୫ଟଙ୍କା ବଢ଼େଇ ଦେଇଛି । ମେଡ଼ିସିନ ଦୋକାନ ତେଜରାତି ଦୋକାନରେ ଛାଡ଼ିଦେଇ ଆସିଛି ଯେମିତି ଏକ ଟଙ୍କା ତା ପାଇଁ ଏତେଟା ଜରୁରୀ ନୁହଁ । ହେଲେ ଅମରେଶ କଣ ଜାଣିଥିଲା ଏକ ଟଙ୍କାଟି ପାଇଁ ସେ ଏମିତି ହଟ ହଟା ହେବ ଏତେ ଲୋକଙ୍କ ଆଗରେ । ଏମିତି ଆଗରୁ ଏକ ଟଙ୍କା ପାଇଁ କିଣି ପାରି ନଥିଲା ବିଶାଲରୁ ମନ ପସନ୍ଦର ଜିନିଷଟିକୁ । ହେଲେ ଆଜି ଗାଡିଟି ଖରାପ ହୋଇଯିବା ହେତୁ ତରବରିଆ ବସରେ ଚଢ଼ି ଆସିଲା ସେ, ପର୍ସଟି ରହିଗଲା ଟେବୁଲ ଉପରେ । ବସର ଆଗ ସିଟଟି ବି ପାଇ ଯାଇଥିଲେ, ସିଟରେ ବେକ ଭାଙ୍ଗି ଇଅର ଫୋନ କାନରେ ଦେଇ ଶୋଇ ପଡ଼ିଲେ ଅମରେଶ । ଅଧାବାଟରେ କଣ୍ଡକ୍ଟର କାନ୍ଧକୁ ହଲାଇ ପଇସା ପଇସା କହିବାରୁ ଆଖିକୁ ଖୋଲି ପକେଟରେ ହାତ ମାରିଲା ବେଳକୁ ପର୍ସ ନାହିଁ, ମନେପଡ଼ିଲା ଟେବୁଲରେ ଛାଡି ଆସିଛନ୍ତି ହେଲେ ଏବେ କଣ କରିବେ ସେ, ବେଗରେ ହାତ ପୁରାଇ ଦେଖିଲେ ଭଡା ଠାରୁ ମାତ୍ର ଏକ ଟଙ୍କା କମ ଅଛି କଣ ନେବ ବସ କଣ୍ଡକ୍ଟର ଏହା ଭାବି ବଢ଼େଇ ଦେଲେ କଣ୍ଡକ୍ଟର ହାତକୁ ଖୁଚୁରାକୁ ଗଣି ବଡ ପାଟିରେ ଦୁଇ ପଦ ଶୁଣାଇ ଦେଲା କଣ୍ଡକ୍ଟର, ସବୁତ ଏକ ଟଙ୍କା ଦୁଇ ଟଙ୍କା କମ ଦେବ ଆଉ ପଚାରିଲେ କହିବ କଲେଜ ପଢୁଛୁ, କେତେ କିଲୋମିଟର ହେଉଛି କି ପୁଣି ଆଗ ସିଟ ବି ବାଛିକି ନେଇଯିବ ଆମେ ବସ ଚଲେଇବୁ କେମିତି । ବସରେ ବସିଥିବା ସବୁ ଲୋକ ଅନେଇଥାନ୍ତି ଅମରେଶକୁ । ଅମରେଶକୁ ଭାରି ଖରାପ ଲାଗୁଥାଏ ଆଉ ମନେ ମନେ ଭାବୁଥାଏ ଏକ ଟଙ୍କାର ମହତ୍ୱକୁ....... ।

ସେଣ୍ଡତୀରା, ବନ୍ତ, ଭଦ୍ରକ, ୯୪୩୮୪୬୬୦୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଶବ୍ଦ ସଂଳାପ



ବିରଞ୍ଚିନାରାୟଣ ମିଶ୍ର

ଆଜି ସକାଳୁ ସକାଳୁ ଖବର ପାଇଲି ଯେ ସୂର୍ଯ୍ୟ ବମ୍ବେ ଟାଟା ମେମୋରିଆଲ ହସ୍ପିଟାଲରେ ଆଡ଼ମିଶନ ହୋଇଛନ୍ତି । ତା ହେଲେ କଣ ସୂର୍ଯ୍ୟଙ୍କୁ କ୍ୟାନ୍‌ସର ହୋଇଛି ?

ଆକାଶ ଛିଣ୍ଡି ପଡିଲା ପରି ଲାଗିଲା, ପାଦତଳୁ ମାଟି ଖସିଗଲା ପରି ଲାଗିଲା । ବ୍ୟସ୍ତ ବିବ୍ରତ ହୋଇ ପଡିଲି । କେବେ ଗଲେ ବମ୍ବେ ? ଭୁବନେଶ୍ୱରରେ ତ କୋଉ ହସ୍ପିଟାଲରେ ଦେଖାଇଥିବେ ? ଅଥଚ ମୋତେ ଟିକେ ବି ଖବର ଦେଲେନି କାହିଁକି ? ରୋଗ ତ ଦିନେ ଦୁଇଦିନ ତଳେ ହୋଇନଥିବ, ଜଣେଇଲେଣି କାହିଁକି ? କଣ ରାଗରେ ହେଲେ ରାଗରେ କଣ ଏମିତି କରାଯାଏ ? ଏବେ ମୁଁ କଣ କରିବି ? ବମ୍ବେ ତ ଏକୁଟିଆ ମୁଁ ଯାଇପାରିବିନି । ଆଜି ଯାଏଁ ସୂର୍ଯ୍ୟ ବିନା ବାହାରକୁ କେବେ ବି ଗୋଡ କାଢି କୁଆଡେ ଯାଇନି, କାହାକୁ ସାଙ୍ଗରେ ନେଇକି ଯିବି ? କିଏ ବା ସଂଗେ ସଙ୍ଗେ ମୋ ସହ ବାହାରିକି ଯିବ ? ସୂର୍ଯ୍ୟକୁ ଛାଡ଼ି ଦୁଇ ତିନିଥର ବାହାରକୁ ଯାଇଛି କିନ୍ତୁ ସେତେବେଳେ ମୋ ଭଉଣୀ ଭିଣୋଇ ଥିଲେ, ସେ ବି ଏବେ ନାହାନ୍ତି । ଯଦି ବା ସାହସ କରିଯିବି ତେବେ ବମ୍ବେ ସହରର ରାସ୍ତାଘାଟ ଗଳିକନ୍ଦି ସବୁ ମୋ ପାଇଁ ନୂଆ, ଏକୁଟିଆ ତ ଜମା ଯାଇ ପାରିବିନି । ସୂର୍ଯ୍ୟ ତୁମେ କଣ କଲ ମୋତେ ବଂଚି ଥାଉ ଥାଉ ମାରିଦେଲ । ଛୁଟି ବି କୋଉ ମିଳିବ ? ଛୁଟି ମାଗୁ ମାଗୁ ପଟ୍ଟନାୟକ ବୁଢା ଲାଙ୍ଗୁଡ଼ରେ ଠିଆ ହବ ।

ଭାତ ବାଢ଼ିସାରି ବୋଉ ଡାକିଲାଣି ଖାଇବାକୁ, ମନ ଜମା ହଉନି ବାଧ୍ୟରେ ଖାଇ ବସିଲି । ପେଟକୁ ଭାତ ଯାଉନି କୋହ ଉଠାଇ କାନ୍ଦିବାକୁ ଇଚ୍ଛା ହଉଚି କିନ୍ତୁ କାନ୍ଦି ପାରୁନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳ୍ପ କିଛି ଖାଇ ଅନ୍ୟମନସ୍କ ହୋଇ ବୋଉ ଦେଇଥିବା ଟିଫିନ ବକ୍ସକୁ ଗାଡି ଡ଼ିକିରେ ରଖି ଅଫିସ ବାହାରି ପଡ଼ିଲି । ଘରୁ ଅଫିସର ଦୂରତା ମାପୁ ମାପୁ ମୁଁ କେତେବେଳେ ଯେ ଅଫିସରେ ପଂହଂଚି ଗଲିଣି ଜାଣି ପାରିନି । ଅଫିସରେ କାମ ହିଁ କାମ ଟିକେ ବି ଫୁରୁସତ ନାହିଁ । କାମ କରିବାକୁ ଇଚ୍ଛା ନଥିଲେ ବି ସବୁ କାମ ସରିଲା ବେଳକୁ ୨:୩୦ ବାଜିଗଲାଣି । ଟିଫିନ ଖାଇବାକୁ ଇଚ୍ଛା ହେଲାନି । ଅନ୍ୟ ସହକର୍ମୀମାନେ ସେମାନଙ୍କ ଟିଫିନ ଖାଇସାରି ନିଜ ନିଜ କାମରେ ବ୍ୟସ୍ତ ହେଲେଣି । ପାଖ ସିଟରେ ବସିଥିବା ଲୀନା କେତେଥର ଟିଫିନ ଖାଇବା କଥା ପଚାରି ସାରିଲାଣି । କହିଲି ଆଜି ଟିଫିନ ଖାଇବାକୁ ଇଚ୍ଛା ହଉନି । ଥଟାରେ ଲିନା କହିଲା କଣ ମନ ଭଲ ନାହିଁ ନା ଦେହ ? ?

ସତରେ ମୁଁ ନିଜେ ନିଜକୁ ପଚାରୁଥିଲି କୋଉଟା ମୋର ଭଲ ନାହିଁ ଦେହ ନା ମନ ?

ସୂର୍ଯ୍ୟ ପାଖକୁ ଫୋନ୍ କଲି ହେଲେ ତାଙ୍କ ଫୋନ ସ୍ୱିଚ୍ ଅଫ୍ ସୂଚାଇ ଦେଲା । ମେସେଜ୍ କଲି ସୂର୍ଯ୍ୟ ତୁମେ କିପରି ଅଛ ? ମୋ ପାଖକୁ ଫୋନ୍ କର । ଅନେକ ସମୟ ଅପେକ୍ଷା କରିବା ପରେ ସୂର୍ଯ୍ୟ ଠାରୁ କିଛି ବି ଉତ୍ତର ଆସିଲାନି । ଅଫିସ ଫୋନରୁ ଫୋନ୍ କଲି ସମାନ କଥା ସ୍ୱିଚ୍ ଅଫ୍ ହିଁ ଅଛି । ଧୀରେ ଧୀରେ ବ୍ୟସ୍ତତା ମୋତେ କଲବଲ କରି ପକାଇଲା । ଅଫିସରେ କାମ କରିବାକୁ ଜମା ମନ ହେଲାନି । ଘରକୁ ଯିବାକୁ ଆହୁରି ୩-୪ ଘଣ୍ଟା ଅଛି । ଫୋନ୍ ଦେଖିଲା ବେଳକୁ ମିତା ମେଡ଼ମଙ୍କ ୫-୬ ମିସ୍‌କାଲ୍ ଅଛି । ମେଡ଼ମଙ୍କୁ ଫୋନ୍ କଲି ସେ ଫୋନ ଉଠଉ ଉଠଉ ଅଭିଯୋଗରେ ପୋତି ପକେଇଲେ ମୋ କଥା ଶୁଣିବାକୁ ସମୟ ବି ଦେଲେନି । ପଚାରିଲେ କି କାମ କରୁଚ କହିଲ ? କେତେଥର ଫୋନ କାଲିଣି, କେମିତି ବୁଝାଇ କହିବି ଯେ କାମରେ ନୁହଁ ବୋଲି, କେମିତି କହିବି ମୋ ମନର ସାତତାଳ ପାଣି ସେ ପାଣିର ସାତ ତାଳ ପଙ୍କ ଭିତରେ ସିନ୍ଦୁକ, ସେ ସିନ୍ଦୁକ ଭିତରେ ଫରୁଆ, ଫରୁଆ ଭିତରେ ଥିବା ମୋ ମନର ଭଅଁର ଉଡିଯାଇଛି ବୋଲି । ଲୁହରେ ଆଖି

Magazine Downloaded from www.aahwaan.com

ଜକେଇଗଲା, କହିଲି ମନଟା ଭଲ ଲାଗୁନି ଘରକୁ ଗଲେ ଫୋନ କରିବି ।

ସୂର୍ଯ୍ୟ ସଦାବେଳେ ଏମିତି ମୋ କଥାକୁ ଟିକେ ବି ଗୁରୁତ୍ୱ ଦିଅନ୍ତିନି । ମୋ ମେସେଜ୍ କଣ ଦେଖି ନଥିବେ ? କେତେ ବ୍ୟସ୍ତରେ ମୁଁ ଅଛି ସେକଥା ସେ କିଆଁ ଜାଣିବେ ? ଫୋନକୁ ବାରମ୍ବାର ଦେଖୁଚି ଲାଭ କିଛି ନାହିଁ ।

ବ୍ୟସ୍ତତା ଭିତରେ କେତେବେଳେ ୭ଟା ବାଜିଗଲାଣି ଜାଣିପାରିନି । ଘରକୁ ଯିବାକୁ ବାହାରିଲି । ଆସିଲାବେଳେ ଧୂପକାଠି, କଦଳୀ ଓ ନଡ଼ିଆ ଆଣିବାକୁ ବୋଉ ବାରମ୍ବାର କହିଥିଲା, ନବାକୁ ଇଛା ନଥିଲେ ସୁଦ୍ଧା ଧୂପକାଠି ଛକରୁ ନେଇ ଘରକୁ ଗଲି ।

ଡିକିରୁ ଟିଫିନ ବକ୍ସ ଓ ଧୂପକାଠି ବାହାର କରି ବୋଉକୁ ଦେଇ ସିଧା ବାଥରୁମକୁ ଚାଲିଗଲି । ଧୁଆଧୋଇ ହୋଇ ଡ୍ରେସ୍ ବଦଳାଇ ସୋଫାରେ ବସିଲା ବେଳକୁ ବୋଉ କହିଲା କିଲୋ ଟିଫିନ ଖାଇନୁ କି ? କଦଳୀ ନଡ଼ିଆ ବି ଆଣିନୁ ? ହଉ ଏବେ ଟିଫିନ ଖାଇଦେ ଚା କରୁଛି ପିଇ ଦେଇ ହାଟକୁ ଯା । ପରିବା ଗୁଆ, ଗୁଣ୍ଡି ପାନ ଘରେ କିଛି ନାହିଁ । ବିରକ୍ତରେ କହିଲି ମୁଁ ହାଟକୁ ଯାଇପାରିବିନି । ଯିବୁନି କଣ ମ ଏଇଟା ପରା ବଡହାଟ ପାଳି ଆଜି ଗୁରୁବାର ପୁଣି ଯାଇ ସୋମବାରରେ ହାଟ । ଯା ଯା ଚା'ପିଇ ଦେଇ ଶୀଘ୍ର ହାଟକୁ ଯା । ସତରେ ରବିବାର ଦିନ କିଏ ସବୁ ଘରକୁ ଆସିବାର ଅଛି, ନ ଆଣିଲେ ହବ କେମିତି ? ବାଧ୍ୟହୋଇ ହାଟକୁ ଗଲି ସବୁକାମ ସାରି ହାଟରୁ ଫେରିଲା ବେଳକୁ ୯:୩୦ ହେଲାଣି । ପରିବା ସବୁକୁ ଫ୍ରିଜରେ ରଖି ସରିଲା ବେଳକୁ ବୋଉ ଅଟା ଆଣି ରୁଟି କରିବାକୁ ବରାଦ କରିସାରିଲେଣି । ଟିକିଏ ଫୁରୁସତ ନାହିଁ ଖାଲି କାମ ଉପରେ କାମ । ନହେଲେ ବି କେମିତି ହବ ବୋଉ ମୁଁ ତ ଦୁଇ ଜଣ ମୁଁ ନକଲେ ସେ କରିବ । ଅଟା ଚକଟି ରୁଟି କଲା ବେଳକୁ ଭାଇ ଭାଉଜ ଆସି ପଂହଁଚିଗଲେ । ଭାଇର ବରାଦ ତା ପାଇଁ ହାଟରୁ ପରିବା ଆଣିବା ପାଇଁ । କହିଲି ମୁଁ ହାଟ ସାରି ଫେରିଲିଣି ଯଦି ନବୁ ଆମ ପରିବାରୁ କିଛି ନେଇଯା ।

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ଫୋନ ଦେଖିଲି ସୂର୍ଯ୍ୟ ଠାରୁ କିଛି ବି ମେସେଜ୍ ଆସିନି । ବ୍ୟସ୍ତ ଲାଗିଲା ହେଲେ କରିବି କଣ ? ମୋ ଠାରୁ ୨୦୦୦ କିଲୋମିଟର ଦୂରରେ ସେ ଅଛନ୍ତି, ସାଙ୍ଗରେ ତାଙ୍କର କିଏ ଯାଇଛନ୍ତି ଓ ସେମାନଙ୍କର ଫୋନ ନମ୍ବର ମୁଁ ବି ଜାଣିନି । ସୂର୍ଯ୍ୟଙ୍କ ଫୋନ ନମ୍ବର ଛଡିଦେଲେ ମୋ ପାଖେ ଆଉ କିଛି ନାହିଁ । ତାଙ୍କ ଫୋନ ସ୍ୱିଚ୍ ଅଫ୍ ତାଙ୍କ ବିଷୟରେ ଜାଣିବା ମୋ ପକ୍ଷେ ପୁରା ଅସମ୍ଭବ । କାହାକୁ ପଚାରିବି କିଏ ସେ ମୋ ପ୍ରଶ୍ନର ଉତ୍ତର ଦେବ ?

ଭାଇ ଭାଉଜ ଗଲାପରେ ବୋଉ ମୁଁ ଖାଇ ଶୋଇବାକୁ ଗଲୁ । ଦିନଯାକର ପରିଶ୍ରମରେ ଶେଯରେ ପଡୁପଡୁ ଆଖିକି କେତେବେଳେ ନିଦ ଆସିଯାଇଛି ମୁଁ ଜାଣିପାରିନି । ସକାଳୁ ଉଠିଲା ବେଳକୁ ୭ ଟା ବାଜିଗଲାଣି ସକାଳ କାମ ରୋଷେଇ ବାସ ସବୁ ସାରି ଖାଇ ସାରି ଟିଫିନ ଧରି ଅଫିସ ବାହାରିଲା ବେଳକୁ ୯ଟା ବାଜିଗଲାଣି । ଫୋନ ଦେଖିବାକୁ ସମୟ ଟିକେ ବି ନାହିଁ, ତଥାପି କାହିଁକି କେଜାଣି ଫୋନଟା ଦେଖିବାକୁ ଇଛା ହେଲା ତରତରରେ ଫୋନଟା ବାହାର କରି ଦେଖିଲା ବେଳକୁ ଯାହା ଦେଖିଲି ମୁଁ ହତବମ୍ବ ହୋଇଗଲି ପାଦତଳୁ ପୃଥିବୀ ଟା ତଳକୁ ତଳ ଚାଲିଯାଉଛି, ଅମାନିଆ ମନଟା ବୁକୁ ଫଟାଇ କାନ୍ଦି ଉଠିଲା । କୋହ ମୋର ଉଠିଗଲା ବୋଉ ଆଶ୍ଚର୍ଯ୍ୟ ହୋଇ ପଚାରିଲା କଣ ହେଲାକି କୋହଭରା କଣ୍ଠରେ କହିଲି ବୋଉ ଆଜି ଭୋର ୫ଟାରେ ସୂର୍ଯ୍ୟ ଚାଲିଗଲେ । ଆମ ଦୁଇଜଣଙ୍କ କାନ୍ଦରେ ଶ୍ରାବଣର ଲୁହର ବନ୍ୟା ଆସିଗଲା । କିଏ କାହାର କୋହକୁ ରଖି ପାରିନଥିଲୁ । ମୁଁ ଶେଷଥର ପାଇଁ ବୋଉ ଆଡେ ଚାହିଁ କାନ୍ଦି କାନ୍ଦି କହୁଥିଲି ବୋଉ ସତରେ କଣ ସୂର୍ଯ୍ୟ ଆମକୁ ଛାଡି ଚାଲିଗଲେ । ଅଫିସକୁ ଫୋନ କରି ଜଣେଇ ଦେଲି, ମୁଁ ଆଜି ଅଫିସ ଯିବିନି ।

ମଲ୍ଲିପୁର (ନିଆଳ), ଗଡ଼ନିଆଳ, ଖୋର୍ଦ୍ଧା
୭୫୨୦୫୫, ଭ୍ରାମ୍ୟଭାଷ : ୯୪୩୯୦୧୧୦୬୩ / ୯୬୯୨୦୩୫୪୫୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅଙ୍କୁର



ବିନୟ ମହାପାତ୍ର

ସମୟ ସଂଧ୍ୟା ସାତଟା ପାଖା ପାଖି ହେବ । ଷ୍ଟ୍ରିଟ୍ ଲାଇଟସବୁ ଜଳି ସାରିଲାଣି । ଅଫିସ ଫେରନ୍ତା ବାବୁମାନେ ଗୋଟିଗୋଟି ହୋଇ ଘର ବାହୁଡିବାରେ ଲାଗିଲେଣି । କିଏ ଚାଲିଚାଲି ଯାଉଛି ତ କିଏ ସାଇକେଲର ଘଣ୍ଟି ବଜେଇ ବଜେଇ, କିଏ ସ୍କୁଟରରେ ତ କିଏ ବାଇକରେ ସମସ୍ତେ ଘରମୁହାଁ ଛୁଟିଛନ୍ତି । ସମସ୍ତଙ୍କ ଗାଡିର ଗତିରୁ ଘରେ ଶୀଘ୍ର ପହଞ୍ଚିବାର ବ୍ୟଗ୍ରତା ସ୍ପଷ୍ଟ ବାରିହୋଇ ଯାଉଥାଏ । ଅଫିସ୍ ଯିବାବେଳର ଧୀରପଣ ଏବେ ଅଫିସ ଫେରନ୍ତା ବେଳରେ ତୀବ୍ରତାରେ ପରିଣତ ହୋଇଯାଇଛି । ସୁନିତାର ଅଫିସ ମଧ୍ୟ ସଂଧ୍ୟା ସାତଟାରେ ବନ୍ଦହୁଏ, ଘରକୁ ଫେରିବାର ରାସ୍ତାରେ ସୁନିତାର ସ୍କୁଟି ସୁକୁଟା ସାହୁର ପାନଦୋକାନ ସାମ୍ନାରେ ଧୂଳି ଉଡେଇ ଚାଲିଗଲା । କେଜାଣି କାହିଁକି କେଉଁ ଏକ ଅଜଣା ଭୟରେ ଏଇ ପାନଦୋକାନ ସାମ୍ନାରେ ତାର ସ୍କୁଟିର ସ୍ପିଡ୍ ଆପେ ଆପେ ବଢିଯାଏ ।

ସହର ଠାରୁ ଟିକିଏ ଦୂରରେ ଏଇ ଅପରନ୍ତାଟାରେ ବରଗଛମୂଳେ ସୁକୁଟା ସାହୁର ପାନଦୋକାନଟା । ସବୁଦିନ ସନ୍ଧ୍ୟାବେଳେ ତା ପାନଦୋକାନଟା ପଞ୍ଚାଏ ବେକାର ଟୋକାଙ୍କର ଆଡ୍ଡା ବନିଯାଏ । ସେମାନଙ୍କ ଭିତରୁ କିଏ ମାଟ୍ରିକ୍ ଫେଲ୍, କିଏ ପ୍ଲସଟୁ, କାହାକୁ ବି.ଏ କରିବାକୁ କୋଉ କଲେଜରେ ସିଟ୍ ମିଳିନି ତ ଆଉ କିଏ ବି.ଏ ପାଶ କରୁକରୁ ତିନି ଚାରଥର ଝୁଣ୍ଟି ସାରିଲାଣି । ଦରପାଠୁଆ, ଅଧା ପାଠୁଆ ବେକାର ଭେଣ୍ଡିଆସବୁ, କିନ୍ତୁ ଭଲ ଚାକିରୀଟିଏ ଖୋଜିବା ବାହାନାରେ ବୟସ ବଢେଇ ଚାଲିଛନ୍ତି । ଏବେ କିଏ କେଉଁ ରାଜନୈତିକ ଦଳର କେଉଁ ବାହିନୀରେ ମିଶିଛି ତ କିଏ ଭକ୍ତ ସାଜି ଯାଇଛି । ପାର୍ଟିର ରାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉକି, ବନ୍ଦ ଡାକରା ହେଉ ପ୍ରଥମେ ଏମାନଙ୍କୁ ଡକାଯାଏ ହୋ ହାଲ୍ଲା, ଭଙ୍ଗାରୁଜା କରିବା, ରାସ୍ତା ମଝିରେ ଟାୟାର ଜଳେଇ ଗଲା ଆସିଲା ଲୋକଙ୍କ ରାସ୍ତା ଓଗାଳି ଧମକ ଚମକ କରିବା କି ମାରପିଟ କରିବା ପାଇଁ ।ଏମାନେ ନଥିଲେ ନେତାଙ୍କ ସଭାରେ ଗହଳି କେଉଁଠୁ ଯୋଗାଡ ହେବ ? କାମ ସରିଲେ ଦେହ ଦରଜ ଲାଘବ କରିବାପାଇଁ ମଦ ମାଉଁସ ପାଇଁ ଟଙ୍କା କେଇଟା ଗୁଞ୍ଜି ଦିଆଯାଏ ଏମାନଙ୍କ ହାତରେ । ଆଉ ଏମାନ ହେଉଛନ୍ତି ଏ ଦେଶର ଭବିଷ୍ୟତ ନେତା, କାଲି କିଏ ସରପଞ୍ଚ ହେବ ଆଉ କିଏ କରପୋରେଟର, ନେତାମାନଙ୍କ ପଛେପଛେ ବୁଲି ବୁଲି ଟ୍ରେନିଂ ପୁରା କରୁଛନ୍ତି, ଏବେ ପ୍ରୋବେସନରେ, ଆଗାମୀ କାଲି ବିଧାନ ସଭା ବାହାରେ ନହେଲେ ଭିତରେ ଶୋଭା ପାଇବେ ।

ଭାରତର ଭବିଷ୍ୟତ ଏହି ଉଦୀୟମାନ ଯୁବ ନେତାମାନଙ୍କୁ ବାପା କି ମାଆ ଯଦି ଘରପାଇଁ କାମଟିଏ କରିଦେବାକୁ କହିଦେଲେ, ତେବ ସରିଲା ତାଙ୍କ କଥା ।ଆକାଶକୁ ପୁରା ମୁଣ୍ଡରେ ଉଠେଇ ନେବେ ।ଘରପାଇଁ ପରିବା କି ରାଶନ ବ୍ୟାଗ ବୋହି ଆଣିଲେ ଦରପାଠ ପଢୁଆ ଏଇ ପିଲାଙ୍କର ଇଜ୍ଜତ ଉପରେ ସତେ କଳଙ୍କ ଲାଗିଯାଏ । କିନ୍ତୁ ସବୁଦିନ ସଂଧ୍ୟାବେଳେ ଏଇଠି ଏକାଠି ହୋଇ ପାନ ଖିଲେ ଖିଲେ ଚୋବାଇ, ଅବା ସଫଳ ପୁଡିଆଟିଏ ପାଟିର ପକେଇ ଗୁଲିଗପ କରିବା, ଯିବା ଆସିବା ଲୋକଙ୍କ ବିଷୟରେ ଜଣା ଅଜଣା କାହାଣୀ ଗଢି ଗପ ମାରିବା, ଏକୁଟିଆ ଝିଅଟିଏ ଦେଖିଲେ ଅସଭ୍ୟ ଭାଷାରେ କମେଟ୍ ମାରିବା ଏତିକି କେବଳ ଏମାନଙ୍କର କାମ । ଟାଇମ୍ ପାଶ କରିବାକୁ ଦୁନିଆ ଯାକର ଗୁଲିଖଟି ଖବର କେଉଁଠୁ କେଜାଣି, କେମିତି ସେମାନଙ୍କୁ ମିଳିଯାଏ । ଏତେ ଖବର ସେମାନେ କେମିତି ଏକାଠି କରନ୍ତି, କେବଳ ସେମାନେହିଁ ଜାଣନ୍ତି । କୋଉ ନିଉଜ ଟିଭି ଚ୍ୟାନେଲରେ ଯଦି ସାମ୍ବାଦିକ ହୋଇଯାଆନ୍ତେ ତେବେ ଦିନ ଦୁଇଟାରେ ସତକହୁଛି ସବୁ ରିପୋର୍ଟରମାନଙ୍କ ଭିତର ଟପ୍ ରେ ପହଞ୍ଚି ଯାଆନ୍ତେ । ଆଉ ଚାନେଲର ଟିଆରପିକୁ କୋଉଠୁ ନେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଉଠେ ପହଞ୍ଚେଇ ଦିଅନ୍ତେ ତାର ହିସାବ ନାହିଁ ।

ସୁନିତାର ସ୍କୁଟି ଚାଲିଗଲା ପରେ ବି ଟୋକା ପଞ୍ଚାକ ସେଇ ଧୂଳିଉଡା ରାସ୍ତାଆଡକୁ ସେମିତି ଭୋକିଲା ଆଖିରେ ଅନେଇ ରହିଥାଆନ୍ତି ।ଜଣେ କହିଲା, ମାଆ କଶମ୍, ଆବେ କି ମାଲ ହେଇଚି ବେ, ଶଳା ଏମିତି ଗୋଟେ ଝିଅ ମିଳିଯାଆନ୍ତାକି, ଆପନ କା ଲାଇଫ୍ ସେଟ୍ ହୋଇଯାଆନ୍ତା ।ଆଉଜଣେ ତା ମୁଣ୍ଡକୁ ପଛରୁ ଠୁକେଇ ଦେଇ କହିଲା, ଆବେ ଏତେ ସପନ ଦେଖେନା, ଏତେ ସପନକୁ ରାତି କାଇଁବା ।ସମସ୍ତେ ହୋ ହୋ ହୋଇ ହସି ଉଠିଲେ ।ସୁନିତାର ସ୍କୁଟି ଚାଲିଯିବା ପରେ ଗୋଟେ କିଏ ଟୋକା କହିଲା, ଜାଣିଲ ଭାଇ, ଏ ଝିଅଟାର ଚରିତ୍ର ମୋତେ ଭଲ ନୁହେଁ ।ଆଜି କାଲିକା ପାଠପଢା ଆଧୁନିକ ଝିଅ, ଉପରେ ପୁଣି କମ୍ପାନୀ ଚାକିରୀ ।ଦେଖୁନ କେମିତି ଟାଇଟ୍ ଜିନ୍ସ ପିନ୍ଧି ଫେସନ କରୁଛି ।କାଲି ସଂଧ୍ୟାବେଳେ ମୁଁ ତା ଅଫିସ ପାଖଦେଇ ଯାଉଥିଲି, ମୋ ନଜର ପଡିଗଲା ।ସେ ତାର ଅଫିସରୁ ବାହାରିଲା ଆଉ ତା ପଛେ ପଛେ ଗୋଟେ ଛଫୁଟିଆ ସ୍ମାର୍ଟ ଟୋକା, ତା ଅଫିସରେ ଚାକିରୀ କରୁଥିବ ବୋଧେ ।ଦିହେଁ ହାତ ଧରା ଧରିହୋଇ ବୁଲି ବାହାରିଲେ ସେଇଠୁ ।ମୁଁ ବି ତାଙ୍କ ପଛ ପଛେ ହୋଇଗଲି, ଦେଖିବାକୁ କି ଘଟଣାଟା କଣ ? ଯାହା ଦେଖିଲି, ମାଆ ରାଣ ସତ କହୁଛି, ମୋ ମୁଣ୍ଡ ପୁରା ୩୬୦ଡିଗ୍ରୀ ଘୁରିଗଲା ।ସେ ଟୋକି, ଟୋକାଟା ସାଙ୍ଗରେ ଗପି ଗପି ରେଷ୍ଟୁରାଣ୍ଟରେ ପହଞ୍ଚିଗଲେ ।କଣ କଣ ସବୁ ଖାଇଲେ, କଫି ପିଇଲେ ।ହସି ହସି ଦିହେଁ ଗପୁଥାଆନ୍ତି, ମତେ ଯାହା ଲାଗୁଛି ସେ ଟୋକାଟା ତାର ବୟଫ୍ରେଣ୍ଡ ହୋଇଥିବ ନିଶ୍ଚୟ ।କହିଲ ଦେଖି, ଯୋଉ ଝିଅ ଅଫିସରୁ ବାହାରି ବୟଫ୍ରେଣ୍ଡ ସାଙ୍ଗରେ ବୁଲି ବୁଲି ପ୍ରେମ କରୁଛି ସେ ଝିଅଙ୍କର ଚରିତ୍ର କେମିତି ହୋଇଥିବ ।ଏଇଟା ଘୋର କଳିଯୁଗ ସବୁ ଓଲଟା ହୋଇ ଗଲାଣି, ମାଆ ବାପା ସଂସ୍କାର ଟିକିଏବି ଶିଖେଇଲେନି ଝିଅଟାକୁ । ଆଉଗୋଟେ କିଏ କହିଲା ଆରେ ସେମିତି ଝିଅ ଯେତେକ ସବୁ ଚରିତ୍ରହୀନା ।କଳିକାଳରେ

 Magazine Downloaded from www.aahwaan.com

ପାପ ବଢିବଢି ଯାଉଛି । ଇଜ୍ଜତ ମହତକୁ କାହାର ଖାତିରି ନାହିଁ । ସଂସ୍କୃତି ପରମ୍ପରା ସବୁ ପୋଡି ଖାଇ ଗଲେଣି, ଭୂଲି ଗଲେଣି ଆମ ହିନ୍ଦୁ ପରମ୍ପରା ଆମର ଓଡିଆ ଘରର ଚଳଣୀ ରଙ୍ଗ ଢଙ୍ଗ ସବୁ ।

ସୁକୁଟା ପାନଦୋକାନୀ ସବୁ ଦେଖୁଥିଲା, ସବୁ ଶୁଣୁଥିଲା, ଏମିତିକା କଥା ଶୁଣି ସେ ଆଉ ଥୟଧରି ରହିପାରିଲାନି । ଗୁଆକାତିରେ ଗୁଆ କାଟୁ କାଟୁ ଟୋକାପଞ୍ଝାଙ୍କୁ ଥରେ ଦେଖିଲା, ପୁଣି କହିଲା, ଆରେ ହେ ବାବୁମାନେ, ସେ ଝିଅକୁ ତ ତାର ବାପାମାଆ ସଂସ୍କାର ଶିଖେଇ ପାରିଲେନି, ସେଇଟା ବଡ ଦୁଃଖର କଥା ହେଲେ ତୁମେ ସବୁ ଏତେ ସୁନ୍ଦର ସୁନ୍ଦର ସଂସ୍କାର କେଉଁଠୁ ଶିଖିଲ ? ତୁମକୁ ହିନ୍ଦୁ ସଂସ୍କୃତି, ଓଡିଆ ପରମ୍ପରା ଜଣା ଅଛିଟି ? ଯୋଉଁ ସଂସ୍କୃତି ପରମ୍ପରାରେ ନାରୀକୁ ଦେବୀ ବୋଲି କୁହାଯାଏ ସେଇ ସଂସ୍କୃତି କଥା କହୁଛଟି ? ପରଝିଅ ବୋହୁଙ୍କୁ କିପରି ସମ୍ମାନ ଦେବାକୁ ହୁଏ ସେ ସଂସ୍କାର ଟିକକ ତୁମକୁ ତୁମ ବାପା ମାଆ ଟିକିଏବି ଶିଖେଇ ନାହାନ୍ତି ?

ତମେ ଜାଣିଛ ସେ ଝିଅଟି କିଏ ? ସେ ଆମରି ଗାଆଁର ଇଞ୍ଜିନିୟର ବାବୁଙ୍କ ଝିଅ । ପୁନାରୁ ସଫ୍ଟଓୟାର ଇଞ୍ଜିନିୟରିଂ ପଢି ଏବେ ଇଞ୍ଜିନିୟର ହୋଇ ଫେରିଛି । ନାଆ ତାର ସୁନିତା । ମୁଁ ଶୁଣିଥିଲି ସେ ତାଙ୍କ କଲେଜରେ ଟପ୍ କରିଥିଲା, ଆଉ ସେଇଠୁ ତାକୁ ବିଦେଶ ଯିବାପାଇଁ ଚାକିରୀ ମଧ୍ୟ ମିଳି ଯାଇଥିଲା । ବିଦେଶ ଯାଇଥିଲେ ବହୁତ ଟଙ୍କା ମିଳିଥାଆନ୍ତା ତାକୁ, ହେଲେ ସେ ଗଲାନି । ଏଇ ସଂସ୍କାର ତାକୁ ତାର ବାପ ମାଆ ଦେଇଛନ୍ତି । ତୁମପରି ଫେଲଫାଲ ହେଇ ଛତରାମି କରିବାକୁ ଶିଖେଇ ନାହାନ୍ତି ।

ଜାଣିଛ, ସେ ବିଦେଶ ଯିବାକୁ କାହିଁକି ରାଜିହେଉନି ବୋଲି ବାପା ପଚାରିଲାରୁ ସେ ଝିଅଟି କଣ କହିଲା ? କହିଲା ଏଇ ଦେଶର ପାଣି ପବନରେ ମୁଁ ବଡ ହୋଇଛି, ଏଇଠି ପାଠପଢି ଯୋଗ୍ୟ ହୋଇଛି, ମୋ ଦେଶ, ମୋ ମାତୃଭୂମୀ ମୋତେ ଏତେ କିଛି ଦେଇଛି,

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ସେଇଥି ପାଇଁ ମୁଁ ମୋ ବୁଦ୍ଧିବିଦ୍ୟା ମୋ ଦେଶ କାମରେ ଲଗେଇବି, ବିଦେଶ ଅପେକ୍ଷା ମୋ ଦେଶପାଇଁ ମୁଁ ଅଧିକ ଜରୁରୀ, ମୁଁ ମୋ ମାଟି ମାଆର କରଜ ଶୁଝିବି । କମ୍ ଟଙ୍କା ମିଳୁ ପଛେ, ନିଜ ଦେଶରେ ରହିବି । ଆଉ ଏଇ ଯୋଉ କମ୍ପାନୀରେ ସେ ଏବେ ଚାକିରୀ କରୁଛି, ସେଇଠାରୁ ତାକୁ ମାସକୁ ଲକ୍ଷେଟଙ୍କା ଦରମା ମିଳୁଛି । ଆଉ ଯୋଉ ଟୋକା କଥା କହୁଛନା, ସିଏ ବି ଗୋଟେ ଇଞ୍ଜିନିୟର, ସେ ଦୁଇଜଣଙ୍କର ବାହାଘର ବି ଠିକ୍ ହୋଇସାରିଛି । ଏଇମାସରେ ତାଙ୍କର ନିର୍ବନ୍ଧ ହେବ ।

କିଛି ନଜାଣି ଏମିତି ଗୁଲିଗପ କରିବା ତୁମ ମାନଙ୍କର ଗୋଟେ ବଡ ଖରାପ ଅଭ୍ୟାସ । ତାଛଡା ଆଉ ଗୋଟିଏ କଥା ମୋତେ କହିଲ, ଯଦି ସେ ଝିଅଟି ତୁମର ଭଉଣୀ ହେଇଥାଆନ୍ତା ଆଉ କେହି ଟୋକା ତା ବିଷୟରେ ଏମିତି କିଛି କହନ୍ତା, ତେବେ ତୁମେ କଣ କରିଥାନ୍ତ ? ମରିବା ମାରିବା ଯାଏ କଥା ଯାଆନ୍ତା, କିନ୍ତୁ ପରଝିଅ, ପର ଭଉଣୀ ତୁମପାଇଁ ଥଟ୍ଟା ମଜ୍ଜା ଗୁଲିଗପର କାହାଣୀ ହୋଇଯାଏ । ଏମିତି କିଛି ଅଭଦ୍ର କମେଣ୍ଟ କରିବା ପୂର୍ବରୁ ସେ ଝିଅ ଭିତରେ ତୁମମାନଙ୍କୁ ନିଜ ଭଉଣୀର ମୁହଁ ଦିଶେନା । ତୁମ ନିଜ ଭଉଣୀ ହୋଇଥିଲେ ଏମିତି କମେଣ୍ଟ କରିଥାଆନ୍ତ ? ମୁହଁ ଖୋଲିବା ଆଗରୁ ଟିକିଏ ବି ଲାଜକି ସରମ ଆସେନି ତୁମ ମନରେ ?

ଆଉ ଗୋଟିଏ କଥା କହିଲ ବାବୁମାନେ, ଯଦି ସେମିତି ଗୋଟିଏ ଝିଅ ତୁମ ଭିତରୁ କାହାକୁ ପ୍ରେମ କରୁଥାଆନ୍ତା, ତେବେ ବି କଣ ତୁମେ ସେ ଝିଅଟିକୁ ଚରିତ୍ରହୀନା କହିଥାଆନ୍ତ ? ତୁମର ଯଦି ପ୍ରେମିକାଟିଏ ଥାଆନ୍ତା ତେବେ ସେଇ ଝିଅଟିବି କଣ ଚରିତ୍ରହୀନା ହୋଇଥାଆନ୍ତା, ନାହିଁ, ତୁମ ପ୍ରେମିକା ତୁମପାଇଁ ସୁନ୍ଦରୀ, ଚରିତ୍ରବତୀ, ଭଲ ପ୍ରେମିକାଟିଏ ହୋଇଥାନ୍ତା ? ସିଏତ ତୁମ ପାଇଁ ଲାସ୍ୟମୟୀ, ହାସ୍ୟମୟୀ ଲଇଲା ବା ଜୁଲିଏଟ ପରି ପ୍ରେମର ଦେବୀଟିଏ ହୋଇଥାଆନ୍ତା, ନା କଣ କହୁଛ ? ନିଜକୁ ଥରେ ଦେଖ, ତୁମ ଆଜି କଣ

 Magazine Downloaded from www.aahwaan.com

ଆଉ ସିଏ କଣ ? ତୁମେ କେଉଁଠି ଆଉ ସିଏ କେଉଁଠି ? ସେ ଅଙ୍ଗୁର ପରି ଆକାଶରେ ଝୁଲୁଛି, ଆଉ ତୁମେ ନିରାଶ ଶିଆଳଟି ଗଛ ମୂଳରେ ବସି ଅଙ୍ଗୁର ଖଟା କହି ମୁହଁ ଆମ୍ବିଳା କରୁଛ । ମୁଁ ବୁଝି ପାରେନି, ଏମିତି କାହିଁକି ହୁଏ ? ନିଜ ମାଆ, ନିଜ ଭଉଣୀର ଇଜ୍ଜତ ବହୁତ ମୂଲ୍ୟବାନ ଲାଗେ କିନ୍ତୁ ଆଉ କାହାର ମାଆ ଭଉଣୀ ଆମ ପାଇଁ ଶସ୍ତା ଖେଳଣା କିମ୍ବା ଗୁଲିଗପ ପାଇଁ ମସଲା ପରି ଲାଗେ ?

ତୁମ ପାଇଁ ତ ସବୁଝିଅ ଖରାପ, କାରଣ ତୁମେ ସେଇ ପୁରୁଣା ମାନଧାତା ଯୁଗରେ ଅଟକି ରହିଛ । ତୁମେ ଭାବୁଛ ଆଜି ଯୁଗରେ ବି ଝିଅମାନେ ପୁରୁଣାକାଳର ଝିଅଙ୍କପରି ବାରହାତି ଶାଢିରେ ଗୁଡେଇହୋଇ ମୁହଁ ତଳକୁ କରି ଚାଲନ୍ତା । ତମେ ବସ୍ କହିଲେ ବସନ୍ତା, ଉଠ୍ କହିଲେ ଉଠନ୍ତା, ହସ୍ କହିଲେ ହସନ୍ତା । ଦୁଇ ଚାପୁଡା ମରିଲେ ବି ଓଁ କି ଚୁଁ କରନ୍ତାନି । ବୁଝିଲ ବାବୁମାନେ ତୁମେ ସେଇ ଆକବରଙ୍କ ଜମାନାରେ ଅଟକିଗଲ । ଆଖିଖୋଲ, ଆଗକୁ ଦେଖ, ଆଜି ଝିଅମାନେ ପୁଅମାନଙ୍କୁ ପଛରେ ପକେଇ କେଉଁଠି ଯାଇ ପହଞ୍ଚିଲେଣି । ତୁମେ ଫଟା ଜିନ୍ସ ପିନ୍ଧିଲେ ଷ୍ଟାଇଲ ହୋଇଯାଉଛି, ଆଉ ଝିଅଟିଏ ଜିନ୍ସ ପିନ୍ଧିଦେଲେ ଶାସ୍ତ୍ର ଅଶୁଦ୍ଧ ହୋଇଯାଉଛି । ଝିଅଙ୍କ ଡ୍ରେସ ଦେଖିଲେ ତୁମର ପରମ୍ପରା କଥା ମନ ପଡୁଛି । କହିଲ ଦେଖି ଆମ ପରମ୍ପରାରେ ପୁରଷମାନଙ୍କର ପାରମ୍ପରିକ ପୋଷାକ କଣ ? ଜଣା ଅଛି ତୁମକୁ ? ଜାଣିନ ଯଦି କହୁଛି ଶୁଣ, ଆମ ଓଡିଆ ମାନଙ୍କର ପାରମ୍ପରିକ ପୋଷାକ ହେଉଛି ଧୋତି, କୁର୍ତ୍ତା ଆଉ ଖଣ୍ଡେ ଗାମୁଛା, ତମେ କେତେଜଣ ଧୋତି ପିନ୍ଧିଛ ଦେଖି !

ପ୍ରଥମେ ନିଜକୁ ଯୋଗ୍ୟକର, ତାପରେ ହାତ ବଢାଅ, ଜହ୍ନ ବି ହାତରେ ମିଳିଯିବ । ମୁଁ ବି ପାଠ ପଢିଲି, ଇକୋନୋମିକ୍ସରେ ଟପର ଥିଲି, ୟୁନିଭରସିଟିରେ । ଚାକିରୀ କେବେ ମିଳିବ ବୋଲି ଅପେକ୍ଷା କରି ଘରେ ବସି ରହିବାକୁ ଇଛା ହେଲାନି । ସେଥିପାଇଁ ଏଇଠି

ଆହ୍ୱାନ ଓଡ଼ିଆ

 Magazine Downloaded from www.aahwaan.com

ପାନ ଦୋକାନ ଖୋଲିଦେଲି, 500 ଟଙ୍କାରେ ଆରମ୍ଭ କରିଥିଲି ଏ ଦୋକାନ । ଆଉ ଜାଣିଛ, ରାତିରେ ଯେତେବେଳେ ଦୋକାନ ବନ୍ଦକରି ମୁଁ ଘରକୁ ଯାଏ, ଏଇ ଦୋକାନରୁ ପାଞ୍ଚହଜାର ଟଙ୍କା, ମୋର ଗୋଟିଏ ଦିନର ପରିଶ୍ରମର ପାଉଣା ଗର୍ବର ସହିତ ଘରକୁ ନେଇଯାଏ । ଦିନଯାକର ନିଜ ପରିଶ୍ରମର ଫଳ । ଆଜି ଯଦି ମୋତେ ଚାକିରୀଖଣ୍ଡେ ମିଳିଯାଏ ହୁଏତ ମୁଁ ମୋ ଦୋକାନ ଛାଡି କେବେବି ଯିବିନି ।

ସବୁକିଛି ସରକାର ଯୋଗାଇ ଦେବେ ଭାବି ଘରେ ଶୋଇ ରହିଲେ, କି ବଜାରରେ ବୁଲି ବାଲୁଙ୍ଗାଗିରୀ କଲେ ଲୋକଙ୍କ ଦୃଷ୍ଟିରେ ଛୋଟ ହୋଇଯିବ ସିନା କିନ୍ତୁ ହାତକୁ କିଛି ଆସିବନି, ନା ଧନ ନା ସମ୍ମାନ । କେତେଦିନ ଆଉ ନିଜର ଭାଗ୍ୟ, ଭଗବାନ ଆଉ ସରକାରଙ୍କୁ ଗାଳି ଦେଇ ଦେଇ ବୟସ ଗଡେଇ ଚାଲିବ ? ଏବେ ବି ସମୟ ଅଛି, ନିଜକୁ ସୁଧାର ନିଜକୁ ଯୋଗ୍ୟ କର । ଯେତେବେଳ ଯାଏ ଅଙ୍ଗୁର ପର୍ଯ୍ୟନ୍ତ ମୁହଁ ପହଞ୍ଚି ନପାରୁଛି ସେତେବେଳ ଯାଏ ଅଙ୍ଗୁର ସବୁ ବେଳେ ଖଟା ବୋଲି ମନେହୁଏ ! ନିଜର ଯୋଗ୍ୟତା ବଢିଗଲେ ଅଙ୍ଗୁର ଆପଣାଛାଏଁ ହାତ ପାହାନ୍ତାରେ ପହଞ୍ଚି ଯିବ । ନା କଣ କହୁଛ ବାବୁମାନେ ? ଟୋକାପଞ୍ଚାକ ଜଣେ ଆଉଜଣଙ୍କ ମୁହଁକୁ ଚାହିଁଲେ, ଆଉ ଧୀରେ ଧୀରେ ଗୋଟିଏ ଗୋଟିଏ ହୋଇ ସବୁ ସେଇଠୁ ବାଟକାଟି ଚାଲିଗଲେ । ସେଇ ଦିନଠାରୁ ସୁକୁଟା ପାନ ଦୋକାନ ସାମ୍ନାରେ ବାଲୁଙ୍ଗା ଟୋକାଙ୍କର ଆଉ ଖଟି ଜମେନା ।

ନନ୍ଦନ ବିହାର, ପଟିଆ
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର ଆଉ କେତେବାଟ



ଅସିତ କୁମାର ପଣ୍ଡା

ଏଇ ଆଠ ମାସ ହେବ ଶଙ୍କର ନିଜ ସ୍ତ୍ରୀ ପିଲାଙ୍କୁ ଧରି ଚାଲି ଆସିଥିଲା ବିଶାଖାପାଟଣା । ଏଠିକାର ଏକ ପ୍ଲାଷ୍ଟିକ ପାଇପ୍ କାରଖାନାରେ କାମ କରି ଗୁଜୁରାଣ ମେଣ୍ଟାଇବା ସହ ମୁଣ୍ଡରେ ଲଦା ହୋଇଥିବା ପାହାଡ ଭଳି ଋଣ ବୋଝରୁ ଖଣ୍ଡିଏ ଖଣ୍ଡିଏ ପଥର ଖସେଇ ହାଲୁକା କରିବାକୁ ଚେଷ୍ଟା କରୁଥିଲେ ସ୍ୱାମୀ ସ୍ତ୍ରୀ । କଣ ବି ଆଉ ଉପାୟ ଥିଲା ଯେ ତାଙ୍କ ପାଖରେ ? ଗାଁରେ ସମ୍ବଳ ବୋଲି ସେଇ କୁଡିଆ ଖଣ୍ଡକ । ସେଇଟା ପୁଣି ଭୂମିହୀନ ଭାବେ ସରକାରଙ୍କଠୁ ପାଇଥିବା ଜାଗା ଉପରେ । ହେତୁ ହେବା ଦିନରୁ ଶଙ୍କର ବାପାଙ୍କ ସହ ମିଶି ଅନ୍ୟର ଜମି ଭାଗ ଚାଷ କରି ଚଳୁଥିଲା । ବାପାଙ୍କ ଅନ୍ତେ ସେ ବି ସେଇଥିରେ ନିଜ ଛୋଟ ପରିବାର ଚଳେଇ ନେବାକୁ ବହୁତ୍ ଚେଷ୍ଟା କରିଥିଲା । କିନ୍ତୁ ସେ ସମୟ ଆଉ ଏ ସମୟ ଭିତରେ ଅନେକ ଫରକ୍ । ଆଉ କଣ ଖତ ପାଉଁଶର ଚାଷ ଅଛି ନା ଜଳ ପାଇଁ ମେଘ ଦୟାକୁ କେହି ଚାହିଁ ବସୁଛି । ଆଗରୁ ଜମିରେ କେବଳ ଲଙ୍ଗଳ ପରେ ବିହନ ବୁଣିଦେଇ ଚାଷ ହେଉଥିଲା ଏବେ ତ ବିହନ ସହ ପଇସା ବୁଣିବାକୁ ପଡୁଚି । ଜଳକର ଜମିକର ଆଉ ସାର କୀଟନାଶକ ପଇସା ହିସାବ କଲା ବେଳକୁ ଡର ଲାଗୁଚି ସେତିକି ଅମଳ ହେବ କି ନାହିଁ । ନିଜ ନାମରେ ଜମି ଖଣ୍ଡେ ନଥିବାରୁ ନା କୃଷି ଋଣ ନେଇ ପାରୁଛନ୍ତି ନା ସରକାରୀ ଦରରେ ଧାନ ବିକ୍ରି କରି ହେଉଛି । ଯେଉଁ ଜମି ମାଲିକ ଦିନେ ଜମିକୁ ଓହ୍ଲେଇ ନାହାନ୍ତି ସରକାରୀ ଖାତାରେ ସେଇମାନେ ହିଁ ଚାଷୀ । ଋଣ ମିଳିଲେ ତାଙ୍କର ଋଣ ଛାଡ ହେଲେ ତାଙ୍କର । ଶଙ୍କର ଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗ ଚାଷୀ ଗାଁ ମହାଜନ ଙ୍କ ଠୁ ମୋଟା ସୁଧ ନେଇ ଯେତିକି ଚାଷ କରନ୍ତି ସେତିକି ର ଉପଯୁକ୍ତ ମୂଲ୍ୟ ବି ପାଆନ୍ତି ନାହିଁ । ସରକାର ଚାଷୀ ଙ୍କ ଠୁ ଧାନ କିଣିବାକୁ ଯେଉଁ ଦର ଧାର୍ଯ୍ୟ କରନ୍ତି ସେ ଦର ରେ ବିକିବାକୁ ହେଲେ ଚାଷୀ ହେଇଥିବା ଜରୁରୀ । ଶଙ୍କର ତ ସରକାରୀ ଖାତା ଅନୁସାରେ ଚାଷୀ ନୁହେଁ ଏଣୁ ପେଟ ବିକଳ ରେ ଯିଏ ଯେଉଁ ଦର ରେ କିଣିଲା ଦେବାକୁ ବାଧ୍ୟ । ଅବଶ୍ୟ ତା ଠୁଁ କିଣା ହେଇଥିବା ଧାନ ବେଳେ ବେଳେ ସରକାରୀ ମଣ୍ଡି ରେ ବଡ଼ ଚାଷୀ ଙ୍କ ନାମରେ ବିକ୍ରି ହେବାର ଦେଖେ ସେ । କିନ୍ତୁ ସେଥିରୁ ତାକୁ କଣ୍ ମିଳିବ ? ମହାଜନ ଠୁ ଆଣିଥିବା ଚାଷ ଋଣ ତ ସୁଝିବାକୁ ହିଁ ପଡିବ । କିନ୍ତୁ କେଜାଣି କାହିଁକି ବର୍ଷ ବର୍ଷ ଧରି ସ୍ୱାମୀ ସ୍ତ୍ରୀ ଦିନ ରାତି ଦେହ କୁ ମାଟିରେ ମାଟି କରି ଖଟି ଚାଲିଥିଲେ ବି ମହାଜନ ର ଟଙ୍କା ଶୁଝିବା ବଦଳ ରେ ପ୍ରତି ବର୍ଷ ବଢ଼ି ଚାଲିଛି । ଆଗେ ସେମାନେ ଦୁଇ ଥିଲେ ଏବେ ତିନି ହେଲେଣି । ପୁଅ ଜଗା ହେବା ଦିନରୁ ଶଙ୍କର ର ଚିନ୍ତା ପୁଅ କୁ ସେ ଏମିତି ଜୀବନ ଜିଁବାକୁ ଦେବନି । ତାକୁ ପଢେଇବ । ମଣିଷ ପରି ମଣିଷ ଟିଏ କରିବ । କିନ୍ତୁ କେମିତି ?ଏଠି ଏ ଭାଗ ଚାଷ କରି ଗଣ୍ଡେ ଭଲ ଖାଇବାକୁ ବି ପାଉ ନାହାନ୍ତି ସେମାନେ । ଜଗା ପାଇଁ ଏତେ ସ୍ୱପ୍ନ କେଉଁଠୁ ସାଉଁଟି ପାରିବେ ? ଜଗା ଦୁଇ ବର୍ଷ ହେବ ସ୍କୁଲ୍ ଗଲାଣି ଏବେ ଠୁ ଯଦି ତା ପାଇଁ କିଛି କିଛି ସଞ୍ଚୟ ନକରିବେ ଆଗକୁ ଅଧିକ ପଢେଇବେ କେମିତି ? ଗାଁ ରେ ରହି ସଞ୍ଚୟ କଣ ପୁରୁଣା କରଜ୍ ତ ସୁଝି ହେଉ ନାହିଁ ।

ଶେଷରେ ସ୍ୱାମୀ ସ୍ତ୍ରୀ ସ୍ଥିର କଲେ ବାହାରକୁ ଯିବାକୁ ହିଁ ପଡ଼ିବ । ନିଜ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯିବା ଛଡ଼ା ଆଉ କିଛି ଉପାୟ ହିଁ ନାହିଁ ତାଙ୍କ ପାଖରେ ।ପଡୋଶୀ ଜେନା ଘର ପୁଅ ଦିପୁ ବାବୁଲି ଆଉ କିଛି ଗାଁ ପିଲାଙ୍କ ସହ ବିଶାଖାପାଟଣା ରେ ରହି କାମ କରୁଛନ୍ତି । ନିଜେ ସେଠି ଚଳିବା ସହ ଘର କୁ ନିୟମିତ ପଇସା ପଠାଉଛନ୍ତି । । ସେମାନଙ୍କ ସହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଗାଯୋଗ କରି ସ୍ତ୍ରୀ ମିନୁ ଓ ପୁଅ ଜଗା କୁ ଧରି ବାହାରି ପଡ଼ିଲା ଶଙ୍କର । ଘରେ ପାଳିଥିବା ଛେଳି ଦୁଇ ଟିକୁ ବିକି ବାହାରି ଯାଇଥିଲେ ଦାଦନ ଖଟିବାକୁ । କେତେ ସ୍ୱପ୍ନ ଦେଖିଥିଲେ ସେଇଠି ରହି ସ୍ୱାମୀ ସ୍ତ୍ରୀ କାରଖାନା ରେ କାମ କରିବେ । ପୁଅ କୁ ସେଇଠି ପଢ଼େଇବେ । କେବଳ ମହାଜନ ର କରଜ ପଇସା ଶୁଝିବା ପର୍ଯ୍ୟନ୍ତ ଟିକିଏ କଷ୍ଟ । ତାପରେ ଦୁହିଙ୍କ ରୋଜଗାର ପଇସାରେ ସେମାନେ ତାଙ୍କ ସବୁ ସ୍ୱପ୍ନ କିଣି ପକେଇବେ । ଆଉ ସେଇ ସ୍ୱପ୍ନ କିଣିବାର ସ୍ୱପ୍ନ ରେ ବିଭୋର ସେ ପ୍ରତି ମାସ ଗାଁ ମହାଜନ ପାଖକୁ ପଇସା ପଠେଇ ଚାଲେ । ଯେତେ ଯେତେ କରଜ ଶୁଝି ଶୁଝି ଆସୁଥାଏ ସେତେ ସେତେ ଅଧିକ ସ୍ୱପ୍ନ ଦେଖି ଚାଲିଥିଲା ଶଙ୍କର ।  ହଠାତ୍ କେଉଁଠି ଥିଲା କେଜାଣି କରୋନା ମହାମାରୀ ମାଡ଼ି ଆସିଲା ତାର ସବୁ ସ୍ୱପ୍ନ କୁ ଭାଙ୍ଗି ଚୂର୍ ମାର କରି ଦେବାକୁ ।

ପୁରା ଦେଶରେ କରୋନା ର ମୁକାବିଲା ପାଇଁ ୨୧ ଦିନ ର ଲକ୍ ଡାଉନ୍ ଘୋଷଣା କରା ଯାଇଛି । କେହି କୁଆଡେ ଘରୁ ବାହାରକୁ ଯିବେ ନାହିଁ । କଳ କାରଖାନା ଦୋକାନ ବଜାର ସବୁ ବନ୍ଦ୍ । ଶଙ୍କର ତାଙ୍କ ଗାଁ ପିଲା ଙ୍କ ସହ ନିଜ ଭଡ଼ା ଘରେ ଆଜି ୨୧ ଦିନ ହେଲା ବନ୍ଦ ଅଛି । କାମ ଧନ୍ଦା ସମସ୍ତଙ୍କର ବନ୍ଦ୍ । ପାଖରେ ଯାହା ଖର୍ଚ୍ଚ ପାଇଁ ଅଳ୍ପ ସ୍ୱଳ୍ପ ପଇସା ଥିଲା ତା ବି ସରି ଆସିଲାଣି । କାରଖାନା ବନ୍ଦ ଥିବାରୁ ମାଲିକ ପାଖରୁ ବି କିଛି ମିଳିବା ଆଶା ନାହିଁ । ଏଣେ କାମ ବନ୍ଦ୍ ଜାଣି ଘର ମାଲିକ ଭଡ଼ା ପଇସା ପାଇଁ ତାଗିଦ୍ କରୁଚି । ଯଦିଓ ସରକାର ଙ୍କ ତରଫରୁ ଏବେ ଘର ମାଲିକ ମାନଙ୍କୁ ଘର ଭଡ଼ା ପାଇଁ ଜୋର୍ ଦେବାକୁ ମନା କରାଯାଇଛି ତଥାପି କିଏ ମାନୁଚି ? ସିଧା ସିଧା ନକହି କେବେ ପାଣି ବନ୍ଦ୍ ତ କେବେ ଲାଇଟ କାଟି ଦେଇ ଘର ଭଡ଼ା ପାଇଁ ଚାପ ଦିଆ ଯାଉଚି । ପାଖରେ ଖାଇବା କୁ ପଇସା ନାଇ ତ ଘର ଭଡ଼ା ଏ ସମୟରେ କେଉଁଠୁ ଆଣି ଦେବେ ? ତା ଛଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇଟା ତ ଗାଁ ନୁହେଁ ଯେ ସାହି ପଡିଶା ଠୁ ଧାର ଉଧାର ଆଣି ଚଳେଇ ହେବ । ପର ରାଇଜ ରେ କିଏ କାହା ଦୁଃଖ ଶୁଣିବ ? ଆଖ ପାଖରେ ଯେଉଁ ଚିହ୍ନା ପରିଚିତ ଓଡ଼ିଆ ପିଲା ରହୁଛନ୍ତି ସମସ୍ତଙ୍କ ଅବସ୍ଥା ତ ସମାନ । ଚାରି ଦିନ ହେଲା କାହାର ବି ଚୁଲି ଲାଗୁନି । ନା ସଉଦା ପତ୍ର ଅଛି ନା କିଣିବାକୁ ପଇସା ଅଛି । ସରକାର ସମସ୍ତଙ୍କୁ ଖାଦ୍ୟ ଯୋଗାଇ ଦେଉ ଛନ୍ତି ବୋଲି ଖବର ରେ କହୁଚି କିନ୍ତୁ କାହିଁ ଏମାନଙ୍କ ପାଖରେ ତ କିଛି ଖାଦ୍ୟ ପହଞ୍ଚୁ ନାହିଁ । ବୋଧହୁଏ ଓଡ଼ିଶା ଭଳି ଏଠିକାର ସରକାରୀ ଖାତାରେ ମଧ୍ୟ ଏମାନଙ୍କ ନାମ ନାହିଁ । କେତେବେଳେ କେମିତି କିଛି ସ୍ୱୟଂ ସେବକ ଭେଟି ଗଲେ ଖାଦ୍ୟ ପୁଡିଆ ମିଳି ଯାଉଚି ନହେଲେ ନାହିଁ । ତଥାପି ସେ ବଦାନ୍ୟ ମାନଙ୍କୁ ଧନ୍ୟବାଦ୍ ଦିଏ ଶଙ୍କର କାରଣ ସେଇ ମାନେ ଦେଇ ଥିବା ଖାଦ୍ୟ ପୁଡିଆ କୁ ବାଣ୍ଟି ମିଶି ଖାଇ ଆଜିକୁ ତିନି ଦିନ ହେଲା ବଞ୍ଚିଚନ୍ତି ସେମାନେ । ନ ହେଲେ ଏ ପରିସ୍ଥିତି ରେ ଖାଇଥାନ୍ତେ କଣ୍ ବଞ୍ଚନ୍ତେ କେମିତି .? ଆଜି ଲକ୍ ଡାଉନ୍ ର ଶେଷ ଦିନ । କାଲି ଠୁ କାରଖାନା ରେ କାମ ଆରମ୍ଭ ହେଇଗଲେ ପୁଣି ସବୁ ଠିକ୍ ହେଇଯିବ ।

ପୁଣି ସ୍ୱପ୍ନ ଦେଖିବାରେ ଲାଗିଯାଇଥିଲା ଶଙ୍କର । ଏ ଅଭାବୀ ମଣିଷ ଗୁଡା କେଉଁ ଉପାଦାନରେ ଗଢା କେଜାଣି ? ଯେତେ ଅଭାବ ଅସୁବିଧା ଭିତରେ ଥିଲେ ବି ସ୍ୱପ୍ନ ଦେଖିବାରେ କାର୍ପଣ୍ୟ କରନ୍ତି ନାହିଁ । ଯେମିତି ଶଙ୍କର ଦେଖୁଥିଲା ରାତି ପାହିଗଲେ ସବୁ କିଛି ଠିକ୍ ହୋଇଯିବାର ସ୍ୱପ୍ନ । କିନ୍ତୁ ପୁଣିଥରେ ସ୍ୱପ୍ନ ଭାଙ୍ଗିଲା । ସକାଳେ ପୁଣି ଲକ୍ ଡାଉନ୍ ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ହେଇଗଲା । କରୋନା ର ପ୍ରକୋପ କମିବା ବଦଳ ରେ ବଢ଼ିଛି ।ଏଣୁ ଏ ସମୟରେ ଲକ୍ ଡାଉନ୍ ଉଠେଇ ସରକାର ଲୋକଙ୍କ ଜୀବନ କୁ ବିପନ୍ନ କରି ପାରିବେ ନାହିଁ । ଯା ଅର୍ଥ କାରଖାନା ଚାଲୁ ହେବନି, ସେମାନେ ଏମିତି ଏଠି ବନ୍ଦୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିବେ ଭୋକ ଓପାସ ରେ । ଯଦି ଏମିତି ଆଉ କିଛି ଦିନ ରହିବାକୁ ହୁଏ କାରୋନା ରେ ନ ହେଲେବି ଭୋକ ରେ ତ ନିଶ୍ଚୟ ମରିଯିବେ । କେଜାଣି କେଉଁଠୁ ଏ ରୋଗ ଆସିଲା ? କହୁଛନ୍ତି କୁଆଡେ ବିଦେଶ ରୁ ଫେରୁଥିବା ଲୋକ ଙ୍କ ଦ୍ୱାରା ଆମ ଦେଶକୁ ଆସିଚି । ବିଦେଶ କଣ ଶଙ୍କର ତ ବିଶାଖା ପାଟଣା ଆସିବା ପୂର୍ବରୁ ଡେଲାଙ୍ଗ ଡେଇଁ କେବେ ଖୋର୍ଦ୍ଧା ପଟକୁ ବି ଆସିନି । ଯିବା ଭିତରେ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ଯାଇଛି ତାଙ୍କ ଡେଲାଙ୍ଗ ଷ୍ଟେସନ ରୁ ଟ୍ରେନ ରେ । ସେଇ ଜଗା କାଳିଆ କୃପାରୁ ପୁଅ ଟିଏ ପାଇଥିଲା ବୋଲି ନାମ ଦେଇଥିଲା ଜଗା । ଆଜି କିନ୍ତୁ କାଳିଆ କାହିଁକି ବିମୁଖ ସେ ବୁଝି ପାରୁନି । ବଡ଼ ବଡ଼ ଧନୀ ମାନି ଲୋକ ବିଦେଶରୁ ରୋଗ ଧରି ଆସିଲେ ଅଥଚ ହୀନିମାନ ହେଉଛନ୍ତି ତା ଭଳି ଅଭାବୀ ଖଟିଖିଆ ଲୋକ ମାନେ ।

ବାବୁଲି ଆସି ଖବର ଦେଲା "କରାେନା ସଂକ୍ରମଣ ଯେଉଁ ଭଳି ବଢ଼ି ବଢ଼ି ଯିବାର ସୂଚନା ମିଳୁଛି ଏ ଲକ୍ ଡାଉନ୍ କେତେଦିନ ରହିବ ତାହା କହିବା କଷ୍ଟ । ହୁଏତ ଆଗକୁ ଆହୁରି ବଢ଼ି ପାରେ । ଏଣୁ ଏଠିକାର ଓଡ଼ିଆ ପିଲା ସମସ୍ତେ ଘରକୁ ଯିବାକୁ ବାହାରୁଚନ୍ତି"

"ଘରକୁ କେମିତି ଯିବ ? ବସ ଟ୍ରେନ ସବୁ ପରା ବନ୍ଦ୍"

"ଚାଲି ଚାଲି ପଳେଇ ଯିବା "

"ପାଗଳ ହେଇଗଲୁ କି ବାବୁଲି ? କଣ କମ୍ ରାସ୍ତା ହେଇଚି କି ?"

"ଆଉ କଣ କିଛି ଉପାୟ ଅଛି ଶଙ୍କର ଭାଇ ? ଏଠି ରହିଲେ ଭୋକରେ ମରିଯିବା ? ମହାରାଷ୍ଟ୍ର ରୁ ପିଲା ସାଇକେଲ ରେ ଓଡ଼ିଶା ଯାଉଛନ୍ତି ବୋଲି ଖବର ଶୁଣିଲି ଟି ଭି ରେ । ଆମେ ତାଙ୍କ ତୁଳନା ରେ ଓଡ଼ିଶା ର ବହୁତ୍ ପାଖରେ ଅଛେ । ଯେତେଦିନ ଲାଗିଲେ ଲାଗିବ ଚାଲି ଚାଲି ଘରେ ପହଞ୍ଚି ଗଲେ ଅନ୍ତତଃ ବଞ୍ଚି ଯିବା ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- "ପଇସା ନାହିଁ କି ଦୋକାନ ଖୋଲା ନଥିବ ।ଖାଇବା କଣ୍ ବାଟରେ ?"

- "ଏଠି ଯେମିତି ମଝିରେ ମଝିରେ ଜଣେ ଅଧେ ଖାଇବା ଆଣି ବାଣ୍ଟି ଦେଉଛନ୍ତି ସେମିତି ରାସ୍ତା ରେ ଯେଉଁଠି ଯେମିତି ମିଳିବ ଖାଇବା ।"

ଇଚ୍ଛା ନଥିଲେ ବି ଜଗନ୍ନାଥ ଙ୍କ ଉପରେ ସବୁ ଛାଡ଼ି ବାହାରି ପଡ଼ିଲା ଶଙ୍କର ସ୍ତ୍ରୀ ପିଲାଙ୍କୁ ଧରି ।ବାବୁଲା ଠିକ୍ କହୁଚି ଆଉ କିଛି ଉପାୟ ବି ନାହିଁ ତାଙ୍କ ପାଖରେ ।କଷ୍ଟେ ମଷ୍ଟେ ଓଡ଼ିଶା ପହଞ୍ଚି ଗଲେ ପ୍ରାଣ ବଞ୍ଚିଯିବ । ଏଠି ବାହାର ଦେଶ ରେ ଭୋକ ରେ ମରି ହଜି ଗଲେ ବି କେହି ଖୋଜିବେନି ।ନିଜ କଥା ଅଲଗା ହେଲେ ଜଗାର ଭୋକିଲା ମୁହଁ ବାପା ମାଆ ହୋଇ କେମିତି ସହିବେ । ତା ଛଡା ତାଙ୍କ ଅଖପାଖର ସବୁ ଓଡ଼ିଆ ପିଲା ବାହାରିଛନ୍ତି ପଳେଇ ଯିବେ ।ସେମାନେ ପଳେଇ ଗଲେ ଏମାନେ କେମିତି ଏକା ରହି ପାରିବେ ? ଠିକ୍ ରେ ତ ତେଲଗୁ ବୁଝି ବି ପାରନ୍ତିନି ।ଏଣୁ ଘରକୁ ଫେରିବା ବ୍ୟତୀତ ଆଉ କୌଣସି ରାସ୍ତା ନଦେଖି ଶଙ୍କର ବି ଚାଲିଛି ଅନ୍ୟ ଓଡ଼ିଆ ପିଲାଙ୍କ ସହ ।

ଆଜି ଚାଲିବାର ତିନି ଦିନ ହେଇଗଲାଣି । ବାଟରେ କେତେ ଜାଗାରେ ପୋଲିସ ଅଟକେଇଛି ତ କେଉଁଠି ଡାକ୍ତର ଦଳ ପରୀକ୍ଷା କରିଛନ୍ତି ସମସ୍ତଙ୍କୁ । କେଉଁଠି ପାଣି ମିଳିଛି ତ କେଉଁଠି ଗାଳି । କେଉଁଠି ଖାଇବା ତ କେଉଁଠି ପୋଲିସର ଲାଠି ମିଳିଛି । ସବୁକୁ ଅତିକ୍ରମ କରି କାଲି ରାତି ବାରଟାରେ ଓଡ଼ିଶା ସୀମାରେ ପହଞ୍ଚିଥିଲେ । ଇଚ୍ଛାପୁରରେ ସମସ୍ତେ ଏକ ଦୋକାନ ବାରଣ୍ଡାରେ କେଇ ଘଣ୍ଟା ଶୋଇଥିଲେ ଏବେ ପୁଣି ସକାଳଠୁ ଚାଲିବା ଆରମ୍ଭ କରିଛନ୍ତି । ଖରା ଟାଣ ହେବା ପୂର୍ବରୁ ଯେତିକି ଅଧିକ ଚାଲିଯାଇ ପାରିବେ ଭଲ । ହାଇୱେ ରେ ଖରାରେ ଚାଲିବା ଏତେ ସହଜ ବି ନୁହେଁ ତା ଛଡ଼ା ସାଥିରେ ମିନୁ ଓ ଜଗା । ମିନୁ ଥକି ପଡିଥିଲେ ବି ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି ସମସ୍ତ ଙ୍କ ସାଥି ରେ ରହିବା ପାଇଁ ।ଜଗା କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ପାରୁନି । ବାରମ୍ବାର ପଚାରେ ""ଘର ଆଉ କେତେ ବାଟ ମାଆ ? । ମିନୁ କଣ ଉତ୍ତର ଦେବ ? ତିନି ଦିନ ଧରି ଖାଲି କହି ଆସୁଚି" ଆଉ ଅଳ୍ପ ବାଟ ରହିଲା" । ସାତ ଆଠ ବର୍ଷ ର ପିଲା ସେ ତିନି ଧରି ଏକ ଅସରନ୍ତି ବାଟ ରେ ଚାଲିଛି । ତାକୁ ସବୁ ବେଳେ କୋଳ ରେ ଧରି ଚାଲିବା ନା ଶଙ୍କର ପାଇଁ ସମ୍ଭବ ନା ମିନୁ ପାଇଁ । ତଥାପି ଶଙ୍କର ମଝିରେ ମଝିରେ ଟିକିଏ କୋଳେଇ ନେଇ କିଛି ବାଟ ଚାଲେ ପୁଣି ଛାଡ଼ି ଦିଏ ନିଜେ ଚାଲିବା ପାଇଁ ।

ଖରା ଟିକିଏ ଟିକିଏ ଟାଣ ହୋଇ ହୋଇ ଯାଉଛି । । ଯେମିତି ହେଉ ବ୍ରହ୍ମପୁର ପର୍ଯ୍ୟନ୍ତ କଷ୍ଟ କରି ପହଞ୍ଚିଲା ପରେ ବିଶ୍ରାମ ନେବେ । ସମସ୍ତେ ଆଗେଇ ଗଲେଣି କିନ୍ତୁ ସେମାନେ ରହି ଗଲେଣି ପଛକୁ । ଶଙ୍କର ଆଗରେ ରହି ଜଲ୍‌ଦୀ ଜଲ୍‌ଦୀ ଚାଲିବାକୁ କହୁଥାଏ ମିନୁ କୁ । କିନ୍ତୁ ଜଗା ଚାଲି ପାରିଲେ ତ ।

"ମାଆ ଘର ଆଉ କେତେ ବାଟ ? ମୋ ମୁଣ୍ଡ କେମିତି କେମିତି ହେଲାଣି ଆଉ ଚାଲି ପାରିବିନି ।"

"ଆଉ ଟିକିଏ ଚାଲ୍ ମୋ ଧନ କେଉଁଠି ଟିକିଏ ଗଛ ଛାଇ ଦେଖିଲେ ବସିବା"

" ମୁଁ ଆଉ ପାରିବିନି ମା ଏଇଠି ବସିବା" କହୁ କହୁ ଗଛ ପଡ଼ିଲା ଭଳି ଅଚେତ୍ ହୋଇ ପଡ଼ିଲା ଜଗା"

"ଜଗା ବାପା ! ମୋ ଜଗା ର କଣ ହେଲା ?ଚିତ୍କାର କରି ଜଗା କୁ କୋଳରେ ଧରି ଭୋ ଭୋ ହେଇ କାନ୍ଦିବାରେ ଲାଗିଲା ମିନୁ । ଶଙ୍କର ବି ଦଉଡ଼ି ଆସି ଅଚେତ୍ ଜଗା ମୁହଁରେ ପାଣି ମାରି ତା ଚେତା ଫେରେଇବାକୁ ଚେଷ୍ଟା କରୁଥିଲା । ବାପା ମାଆଙ୍କ ବୁକୁଫଟା ଚିତ୍କାର ରେ ଫାଟି ପଡୁଥିଲା ନିର୍ଜନ ରାଜପଥ । କିନ୍ତୁ ଶୁଣିବାକୁ କେହି ନଥିଲେ ଆଖି ପାଖରେ । ଗାଆଁ ପିଲା ମାନେ ବୋଧ ହୁଏ ବହୁତ୍ ଆଗକୁ ଯାଇ ସାରିଥିଲେ । ଜଗା ଧୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୀରେ ଆଖି ଖୋଲିଚାହିଁଲା ମିନୁ ମୁହଁକୁ । " ମାଆ ଘର ଆଉ କେତେ ବାଟ ?ମୋ ମୁଣ୍ଡ ରେ ଭୀଷଣ ଯନ୍ତ୍ରଣା ମାଆ । ଭାରି କଷ୍ଟ । ଆଉ କେତେ ବାଟ ମାଆ ?"

କାହାକୁ ସାହାଯ୍ୟ ମାଗିବ ଶଙ୍କର କିଛି ବୁଝି ପାରୁ ନଥିଲା । ତା ଆଖି ଆଗରେ ତା ଜଗା ଯନ୍ତ୍ରଣା ରେ ଛଟ ପଟ ହେଉଛି । ଅଥଚ ସେ କେବଳ ଚିତ୍କାର କରି କାନ୍ଦିବା ଛଡା ଏ ଶୁନଶାନ୍ ରାଜପଥ ରେ ଆଉ କିଛି କରି ପାରୁନି । ଲକ୍ ଡାଉନ୍ ପାଇଁ ଗାଡ଼ି ମଟର କିଛି କୁଆଡୁ ଆସୁନି କି ଆଖ ପାଖରେ ମଣିଷ ଙ୍କ ଚିହ୍ନ ବର୍ଣ୍ଣ ବି ନାହିଁ । ଧୀରେ ଧୀରେ ଜଗା ର ହାତ ପାଦ ଥଣ୍ଡା ପଡି ପଡି ଯାଉଥିଲା । ଶଙ୍କର ଓ ମିନୁ ର ସବୁ ସ୍ୱପ୍ନ ଜଗା ର ପ୍ରତିଟି ନିଶ୍ୱାସ ସହ ଲିଭି ଲିଭି ଯାଉଥିଲା । ତାର ନିରୀହ ଆଖି ଦୁଇଟି ସବୁଦିନ ପାଇଁ ବନ୍ଦ୍ ହେବା ଆଗରୁ ତା ଓଠରେ ଅସ୍ପଷ୍ଟ ସ୍‌ୱରରେ ସେଇ ଗୋଟିଏ ପ୍ରଶ୍ନ ହିଁ ଥିଲା "ଘର ଆଉ କେତେ ବାଟ ?"

(ତିନିଦିନରେ ୧୦୦ କିଲୋମିଟର ଚାଲି ଚାଲି ଗାଁରୁ ଅଳ୍ପ ଦୂରରେ ଟଳିପଡିଥିବା ଛତିଶଗଡର ବାର ବର୍ଷିୟା ବାଳିକା ଜମଲୋ ମାଡକାମ୍ କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ )

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃତଜ୍ଞତା



ସଞ୍ଜୀବ ଦାସ

ସୁମନ୍ତ ବାପାଙ୍କ ଚିଠି ପାଇ ଆଜି ଫେରୁଛି । ତିନି ସପ୍ତାହର ଟ୍ରେନିଂ ପରେ କମ୍ପାନୀର ଶାଖା ଦପ୍ତରରେ ଯୋଗ ଦେବାପାଇଁ । ବାପା ଅମରେନ୍ଦ୍ର ଲେଖିଥିଲେ, 'ତୁ ତୋ ଭୁବନେଶ୍ୱର ଅଫିସରେ ଜଏନ୍ କରି ସଅଳ ଗାଁକୁ ଆସିବୁ, ଗୁରୁତ୍ୱପୂର୍ଣ୍ଣ କଥାଟିଏ କହିବାର ଅଛି ।' ସେହି ଅନୁସାରେ ସୁମନ୍ତ ସନ୍ଧ୍ୟାରେ ଗାଁ ରେ ପହଞ୍ଚିଲା । ଯଦିଓ ତାର ନୂଆ ନୂଆ ଚାକିରୀରେ ସେ ଛୁଟି ନେବାକୁ ଚାହୁଁ ନଥିଲା, ବାପାଙ୍କ ଆଦେଶ ଆଗରେ ତା'ର କିଛି ଜୁ ନଥିଲା । ସନ୍ଧ୍ୟାରେ ଅମରେନ୍ଦ୍ର ପୁଅକୁ ତାଙ୍କ ମନକଥା କହିଦେଲେ । ତାଙ୍କ ତରଫରୁ ସେ ବନ୍ଧୁବାନ୍ଧବ ତଥା କୁଟୁମ୍ବଙ୍କ ସହିତ ସଲାହ ମସୁରା କରି କୁଳୀନ ପାତ୍ରୀସହିତ ତା'ର ବାହାଘର ଠିକ୍ କରିଦେଇଛନ୍ତି । ବାପାଙ୍କ ସାଂଗେ ମୁହିଁ କଥା କହିପାରୁନଥିବା ସୁମନ୍ତ କେବଳ ମୁଣ୍ଡ ନୁଆଇଁ ସମ୍ମତି ଜଣାଇଥିଲା ।

ଘରେ ସମସ୍ତେ ଆନନ୍ଦରେ ବିଭୋର ହୋଇପଡ଼ିଥିଲେ । ପରଦିନ ଆୟୋଜନ ପାଇଁ ସମସ୍ତେ ଲାଗିଗଲେ, ବାହାଘର ଧୂମଧାମରେ ହେଇଗଲା । ଏମିତି ବନ୍ଦୋବସ୍ତ ଦେଖି ସୁମନ୍ତ ଏତେ ଖୁସି ହୋଇଯାଇଥିଲା ଯେ ତା ବୋଉକୁ କହିଥିଲା, 'ସତରେ, ବାପା ମୋ ମନ ଜାଣି ସବୁ ଠିକ୍ କରିଛନ୍ତି, ମୋ ଖୁସିର ସୀମା ନାହିଁ, ବୋଉ ।" ତା ବୋଉ ତାକୁ କହିଥିଲେ, "ନା, ସୁମ୍, ଏସବୁ ଯାହାଙ୍କ ଯୋଗୁଁ ସମ୍ଭବ ହେଇଛି, ବାହା ଝାମେଲା ସରିଲେ ସବୁ ବଖାଣିବି ।"

ଆଜି ଅଷ୍ଟମଙ୍ଗଳୀ । ବାହା'ର ଶେଷ ଚରଣରେ ସବୁ ବାକିଥିବା କାମ ସରିଲେ ବନ୍ଧୁବାନ୍ଧବ ଯେ ଯୁଆଡ଼େ ନିଜ କାମରେ ଯିବେ । ସେଥିପାଇଁ ମା ସୁମତି ଭାରି ବ୍ୟସ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଆନ୍ତି । ଶେଷ କଉଡ଼ି ଖେଳ ଖେଳି ସୁମନ୍ତ ତା ବଡ଼ ଦେଇ ସାଙ୍ଗରେ ଆସୁଥିବା ବେଳେ ବଡ଼ ମା ସହିତ ବାଡ଼ି ପଟେ ଭେଟ ହେଇଗଲା । ସୁମନ୍ତ ଜନ୍ମ ବେଳେ ଏଇ ବଡ଼ମାଆ ଏତେ ଖୁସି ହୋଇଯାଇଥିଲେ ଯେ ସେ ତାକୁ ନିଜେ ହସ୍ପିଟାଲରେ ଗାଧୋଇ ପାଧୋଇ ବହୁ ସମୟ କୋଳେଇ ରଖିଥିଲେ । ୱାର୍ଡର ସେବିକା କୁନି ସୁମନ୍ତକୁ ଝୋଲାରେ ଶୁଆଇ ଦେବା ପୂର୍ବରୁ ବଡ'ମା ତାକୁ ଗେହ୍ଲେଇ ଦେଇ ତା ମୁହଁରେ ବଡ଼ ବୋକଟିଏ ଦେଇଥିଲେ । କିନ୍ତୁ କାହିଁକି କେଜାଣି ସୁମନ୍ତର ବଡ଼ ମାଆଙ୍କ ପ୍ରତି କେମିତି ଗୋଟେ ଅସୂୟା ଭାବ ଜାତ ହୋଇଥିଲା ଯେତେବେଳେ କେହିଜଣେ ନିଜ ସମ୍ପର୍କୀୟ ସେ ଭାରି ଲୋଭୀ ବୋଲି କହିଥିଲେ । ସେ କୁଆଡେ ସବୁ ନେବା ଜାଣନ୍ତି, ଦେବା ନୁହଁ । କିନ୍ତୁ, ବଡ'ମା ଯେ ଅତି ସ୍ନେହୀ ଓ ପରୋପକାରୀ ସେ ଜାଣି ନଥିଲା ।

ଆଜି ଭେଟପରେ ଯେତେବେଳେ ବଡ'ମା ତାକୁ ଆଶୀର୍ବାଦ ଦେଇ ଖୁସିରେ ତା'ପାଇଁ କ'ଣ ଭେଟି ଆଣିଛି ପଚାରନ୍ତେ ସୁମନ୍ତ ଖୁବ୍ ରାଗି ଯାଇଥିଲା । ତଥାପି ନିଜକୁ ପରମୂହୁର୍ତରେ ସମ୍ଭାଳି ନେଇ କହିପକାଇଲା, “ତମେ ମତେ କ'ଣ ଦେଇଛ ଯେ ଗିଫ୍ଟର ଆଶା ରଖିଛ ମୋଠୁଁ ।” ବଡ'ମା'ଙ୍କ ପାଦତଳୁ ଯେମିତି ମାଟି ଧସିଯାଉଥିଲା, ସେ ଭାବୁଥିଲେ ସତରେ କ'ଣ ସେ କିଛି ଭୁଲ କରିଦେଲେ କି ? ମନେପଡିଲା ତାଙ୍କର ସେ ଦିନର ସେହି ୱାର୍ଡ କଥା, ହସ୍ପିଟାଲର । ଆଜି ବି ପୁଣିଥରେ ସୁମନ୍ତକୁ ଭିଡିଆଣି ତାକୁ ଶକ୍ତ ବାତ୍ସଲ୍ୟ ଭରା ଚୁମାଟିଏ ଦେଇ ଦେଲେ ବଡ଼'ମା । ହାତବଢେଇ ତା ମୁଣ୍ଡକୁ ଆଉଁସି ଦେଉ କହିଲେ, “ଧନରେ, ହସ୍ପିଟାଲରେ ସେଦିନ ମୁଁ ତୋ ଜନ୍ମ ସମୟର ତୋ ଦେହରେ ଲାଳ ଛିଟିକାରୁ ଯେଉଁ ଅମୃତ ପାନ କରିଥିଲି ଆଉ ଏକ ଅନୁପମ ଆନନ୍ଦରେ ବାତ୍ସଲ୍ୟ ପ୍ରେମରେ ନିଜକୁ ଭୁଲି ଯାଇଥିଲି, ତାଠୁଁ ବେଶୀ କ'ଣ ଦେଇପାରିବି ଆଜି, ଏ ଦିନରେ ତୋ ଜୀବନର ଏକ ବଡ଼ ଅଧ୍ୟାୟର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅୟମାରମ୍ଭରେ ? ଠାକୁରଙ୍କୁ ଡାକି ତୋ କାନରେ ଦୀର୍ଘାୟୁ ହେବାର ମନ୍ତ୍ରଫୁଙ୍କି ବା ଠାରୁ ବଳି ଆଉ କ'ଣ ବଡ଼ ଉପହାର ଦେଇ ପାରିବି ?" ବଡ'ମା ଶ୍ୱାସରୁଦ୍ଧ ହୋଇ ଯାଉଥିଲେ ଅବା !

ସୁମନ୍ତ ତାଙ୍କ ପାଦତଳେ ପଡ଼ି ଆଉଥରେ ଆଶୀର୍ବାଦ ନେଉଥିବା ବେଳେ ତା ବୋଉ ପହଞ୍ଚି ଯାଇଥିଲେ । କହିଥିଲେ, "ଇଏ ତ ତୋର ଯଶୋଦା, ସୁମ, ମୁଁ କେବଳ ଜନ୍ମଦାତ୍ରୀ ଦେବକୀ ।"

ସିଡିଏ, କଟକ,୭୫୩୦୧୪

ଭ୍ରାମ୍ୟଭାଷ : ୭୩୭୧୭୧୯୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଃ ରାଧୁଆ ବାଃ



ନାରାୟଣ ଚନ୍ଦ୍ର
ସେନାପତି

"ରାମ ନାମ ସତ୍ୟ ହେ ହରିନାମ ସତ୍ୟ ହେ" ଧ୍ୱନିରେ କମ୍ପି ଉଠୁଥିଲା ମେଦିନୀ । ପାଖରୁ କିଛି ନରମ ଗରମ ମିଶା ଗଳାର କରୁଣ ଧ୍ୱନି ଗଗନ ପବନକୁ ପ୍ରକମ୍ପିତ କରୁଥିଲା । ହେଲେ ନଥିଲା ଭାଇଙ୍କ କାନ୍ଧ କି ସାହି ପଡିଶା ଲୋକଙ୍କ କାନ୍ଧଛୁଆଁ କୋକେଇ । କେବଳ ପୋଲିସମାନଙ୍କ ମେଳରେ ଧଳାକପଡା ଘୋଡା ଅଚିହ୍ନା କିଏ ଜଣେ ? ନିଜ ଆନ୍ଦୋଳିତ ମନକୁ ବାରମ୍ବାର ପ୍ରଶ୍ନ କରୁଥିଲା ରାଧୁଆ । ହେଲେ ତା ଅଜ୍ଞାନ ମନର ବିଜ୍ଞାନ କଳି ପାରୁନଥିଲା ସେ ଘଟଣା ଦୁର୍ଘଟଣାର ସାରାଂଶ । ଖାଲି ଅନୁମାନର ପେଡିରୁ ସାଉଁଟା ଅଭିଜ୍ଞତାର ଛୁଆଁକୁ ଛୁଇଁ ଚିହ୍ନିଲା ନିଶ୍ଚୟ ତା ଗାଁର କିଏ ଚାଲିଯାଇଛି ଆରପୁରକୁ ବୋଧେ । ହେଲେ ଏମିତି ଅନେକ ଶବ ବୁହା ସେ ଦେଖିଛି କିନ୍ତୁ ଆଜିର ନିଆରା ଶବ ସତ୍କାର ତା ମନକୁ ବହୁତ ଆଘାତ ଦେଇଛି । ମନେ ମନେ କହୁଥାଏ ହାଇହୋ ଜୀଇଁଲା ବେଳେ କିଛି ଦିଅ କି ନଦିଅ ଏ ମଲାବେଳେ ଏ ଲୋକକୁ ଏତେ ଅସମ୍ମାନ କାହିଁକି ? ପୁଣି ମୋ ଗାଁ ମାଟିରେ । ଅନ୍ୟାୟ ଅନ୍ୟାୟ ଘୋର ଅନ୍ୟାୟ । ଆରେ ଏ ରାଧୁଆ ଥାଉ ଥାଉ ତୁମର ଏତେ ସାହସ ଶଳା ଏ ମାଟିଆ ମାମୁଁଙ୍କ ହାତରେ ଚୋରଙ୍କୁ ଅପମାନ ଦେଲା ପରି ଅସମ୍ମାନ କରୁଛ ? ଛି ଛି ଲାଜ ନାହିଁ ତୁମ ନିର୍ଲ୍ଲଜ ମୁହଁକୁ । ମାଇଚିଆ ପରି ଚାରି କଡ଼ରେ ଛିଡା ହୋଇଛ ମୁହଁରେ ତୁଣ୍ଡି ଦେଇ । ଯାହା ହେଉ ଆଜି ମୁଁ ପଶିବି ଆଉ ସିଏ ଯିଏ ହୋଇଥାଉ ନା କାହିଁକି ତା ଶବ ସତ୍କାରରେ ସହଯୋଗ କରିବି । ଏହା କହି ଅପାଠୁଆ ନିର୍ବୋଧ ରାଧୁଆ ବିଜୁଳି ବେଗରେ ମାଡିଗଲା ଆଗକୁ । ହଠାତ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଲିସର ବାଡ଼ି ତା ଆଗରେ କାଠଯୋଡ଼ି ବନ୍ଧ ପରି ଛିଡା ହେଲା ।ଜଣଙ୍କ ପାଟିରୁ ବାହାରିଲା ଯାଉଛୁ ନା ଏ ପୋଲିସ ବାଡିର ଗେହ୍ଲ ଦେଖିବୁ ।ଏହାପରେ ଆଉ ଜଣେ ପୋଲିସ ତା ହାତରେ ଟିକେ ଡେଟଲ କି କଣ ପକାଇ ଆଉ ଜଣେ ପାଣି ଢାଳି ଛଅ ଭଙ୍ଗୀରେ ଧୋଇବା ଶିଖାଇ ଗାଁ ଟ୍ୟୁସନମାଷ୍ଟର ପରି କେତେ ରଙ୍ଗ ଦେଖେଇ ଧୋଇବାକୁ କହିଲେ । ରାଧୁଆ ସେମାନଙ୍କୁ ଚାହିଁବାରୁ ଆଉ ଜଣେ ଧମକ ଦେଇ କହୁଥାଏ ବଡ ଡିଜାଇନ ରେ ଚାହୁଁଛୁ ବେ, ଶଳା ଗାଁ ଦାଦା ଦେଖାଉଛୁ । ମୁହଁରେ ମାସ୍କ ନାହିଁ କୁଆଡେ ବୁଲୁଛୁ ବେ । ଏହାପରେ ଜଣେ ପୋଲିସ ତା ମୁହଁରେ ତୁଣ୍ଡିଟେ ଲଗାଇଦେଇ କହିଲା, ଯାଆରେ ପୁଅ ସିଧା ଘରକୁ, ଏଠି ଯଦି ବାହାଦୁରୀ ଦେଖେଇବୁ ନା ବାହାଦୂର ମାନଙ୍କ ଠେଙ୍ଗିଣୀ ମାଡ଼ ତୋ ମୁହଁର ମାନଚିତ୍ର ତିଆରି କରି ଦେବ ।

ଏ କଥା ଗୁଡାକ ରାଧୁଆ ଦେହରେ ବାଣ ପରି ଗଳି ଯାଉଥିଲା । ସେ ଖାଲି ରକ୍ତ ଚାଉଳ ଚୋବେଇ ହେଉଥାଏ । ମନେ ମନେ କହୁଥାଏ, ଆରେ... ଏ ରାଧୁଆ ସିନା ଦିଅକ୍ଷର କମ୍ ପଢ଼ିଛି, ବେଶି ବୁଦ୍ଧି ନାହିଁ ତାର, ହେଲେ ଜାଣିନରେ ପୁଅ.... ତା ବଡ଼ଭାଇ ସତ୍ୟ ପରା ଡ଼ଃ ସତ୍ୟପ୍ରକାଶ ଆଉ ତା ବାପା ଅମରେନ୍ଦ୍ର ବାବୁ ରିଟାୟର୍ଡ଼ ସ୍କୁଲ ମାଷ୍ଟର । ଆରେ ଏ ତିନି ଖଣ୍ଡ ମୌଜାର ଲୋକଙ୍କ ବିଚାର ପରା ଏସବୁ ଆମ ଘରେ ହୁଏ । ଆବେ ଅଢ଼େଇ ଟଙ୍କିଆ ମାଟିଆ ପୋଷାକ ପିନ୍ଧା ସରକାରୀ ଅଫିସର ତୁମେ ମୋତେ ଧକ୍କା ମାରିପାରିଲ । ପୁଣି ମୋ ଗାଁର ଦାନ୍ତ ନିପିଟା ବେହିଆ କେତେଟା ଏ ଶବ ପାଖକୁ ନ ଆସି କି ପୋଲିସଙ୍କୁ ପ୍ରତିବାଦ ନ କରି ମୁଣ୍ଡ ନୁଆଇଁ କାପୁରୁଷ ପରି ଛିଡା ହୋଇଛ । ଛି ଛି । ଏହା କହି କ୍ଷୀପ୍ର ବେଗରେ ଚାଲିଗଲା ନିଜ ଘରକୁ । ଏମିତିକି ବାଟରେ ବଡ଼ଭାଇ ଯେତେ ଡାକିଲେ ବି ସେ ଆଡ଼ ଆଖିରେ ଚାହିଁଲା ନାହିଁ କି କାନ ବି ଦେଲାନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘରେ ପହଞ୍ଚି ମାଆ ପାଖରୁ ଯାହା ଶୁଣିଲା ସେଥିରେ ତା ପାଦରୁ ମାଟି ଖସିଗଲା । ସେ ଆଉ କେହି ନୁହଁ ସେ ଥିଲେ ତାଙ୍କ ଗାଁ ପଟ୍ଟନାୟକ ଘର ସିନିୟର ଆଡଭୋକେଟ ବିଶ୍ୱମ୍ଭର ବାବୁଙ୍କ ପୁଅ ବସନ୍ତ କୁମାର ଯେ କି ଦୁବାଇରେ ଜୁନିୟର ସାଇଁଣ୍ଟିଷ୍ଟ ଭାବେ କାମ କରୁଥିଲେ, ସେ ଏକ ଅଜଣା ରୋଗରେ ମୃତ୍ୟୁବରଣ କରିଛନ୍ତି । ଏହା ଶୁଣି ତାଙ୍କ ହୃଦୟଟା ସତେ ଯେମିତି ଫାଟିଗଲା । ଭୋ ଭୋ ରଡି ଛାଡି ଚିତ୍କାର କଲା ସେ । ଯେତେ ଚାହିଁଲେ ବି ତାକୁ କେହି ବୋଧ ବି କରିପାରୁ ନ ଥିଲେ ।

ରାଧୁଆଟା ସିନା ବେଶି ପଢିନି ହେଲେ ଗାଁ ପ୍ରାଇମେରୀ ସ୍କୁଲରେ ସାଥିହୋଇ ପାଠ ପଢୁଥିଲେ ଦୁହେଁ । ପାଠ ଆସେନାହିଁ ବୋଲି ସାର୍ ମାନେ ରାଗିଲେ ତା ସହ କେହି ସାଙ୍ଗ ହୁଅନ୍ତି ନାହିଁ, କେହି ପାଖରେ ବସାନ୍ତି ନାହିଁ କେବଳ ସେହି ବସନ୍ତ ତାକୁ ସାଙ୍ଗ କରେ ଆଉ ପାଖରେ ବସାଏ । ତାକୁ ତା ଖାତା ଦେଖି ଲେଖିବାକୁ ଦେଉଥିବାରୁ ବିଚରା ବିନାଦୋଷରେ ବହୁତ ମାଡ଼ ବି ଖାଏ । ସତ୍ୟ ଆଉ ଅମରେନ୍ଦ୍ର ବାବୁ ବହୁତ ଚେଷ୍ଟା କଲେ ରାଧୁଆକୁ ବୋଧ କରିବାକୁ ହେଲେ ଆଗ୍ନେୟଗିରିର ନିଆଁ ସହଜରେ ନ ଲିଭିବା ପରି ସେ ଆଦୌ ଥୟ ହେଉ ନ ଥାଏ । ଖାଲି କହୁଥାଏ ମୋତେ ତୁମେ ଦୁହେଁ ଛୁଅଁନା । ସ୍ୱାର୍ଥପର ଅମଣିଷ କୋଉଠିକାର । ଆରେ କାଲିପରି ଲାଗୁଛି ଆମ ମାନୀ ବାହାଘର ପାଇଁ ପାଞ୍ଚ ଲକ୍ଷ ଟଙ୍କା ନିହାତି ଦରକାର ଥିଲା । ତୁମ ପେନସନ ଟଙ୍କା ମିଳିଲାନି, ଭାଇ ଏଣେ ଡକ୍ଟରେଟ କରିବାକୁ ଟଙ୍କା ଦରକାର, ରାତି ପାହିଲେ ବାହାଘର । କଥାଟା ଶୁଣୁ ଶୁଣୁ ପାଞ୍ଚ ଲକ୍ଷ ଟଙ୍କା ବଢ଼େଇଦେଲା ସେ । ହେଲେ ସେ ଲୋକଟା ମରି ପଡିଛି ତା ପାଖକୁ ଯାଇପାରିଲ ନାହିଁ । ଛି ଛି କି ଅମଣିଷ ତୁମେ ଦୁହେଁ ।

ସତ୍ୟ ଓ ଅମରେଶ ଯେତେ ବାରଣ କଲେ ବି ପଦୁଟିଏ କହିବାକୁ ସୁଯୋଗ ଦେଉ ନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଥାଏ ସେ । ଶେଷରେ କହିଲା କ'ଣ ମୋତେ ଭାଗବତ ଶୁଣାଉଛ ଶୁଣାଅ ।

ଅମରେନ୍ଦ୍ର କହିଲେ ବାପା ରାଧୁ, ଆରେ ପୋଲିସ ପରା କାହାକୁ ଛୁଆଁଇ ଦେଲେନାହିଁ ଆମେ କଣ କରିଥାନ୍ତ କହିଲୁ । ଏ ରୋଗ ହେଲେ ପରା ନିଜ ବାପ ମାଆ ବି ପାଖକୁ ଯାଆନ୍ତି ନାହିଁ କି ଛୁଅନ୍ତି ବି ନାହିଁ ।

ଆରେ ମୁଁ କ'ଣ କଅଁଳା ଛୁଆ ହୋଇଛି ମୋତେ ଚକଲେଟ ଦେଇ ଭଣ୍ଡେଇବ । ଏ ଦୁନିଆଁଟା ପରା ପୁରା ସ୍ୱାର୍ଥପର । ରାଜୁ ମାଆଙ୍କୁ କ୍ୟାନସର ହୋଇଥିଲା, ମାନେ ସବୁଠୁ ବଡ଼ ରୋଗ । କେହି ଗଲେ ନାହିଁ ତା ପାଖକୁ । ସାତଦିନ ସାତ ରାତି ତା ପାଖରେ ମୁଁ ବସିଛି, କ'ଣ ସେ ରୋଗ ମୋତେ ଡେଇଁଲା । ମୁଁ ଦେଖୁଛି ଆଜିକାଲି ଦୁନିଆଁରେ ଏ ପାଠୁଆ ଗୁଡାକ ବଡ଼ ମୂର୍ଖ ଆଉ ସ୍ୱାର୍ଥପର ।

ବାପା କହିଲେ ଶୁଣ୍ ରାଧୁଆ ଏ କ୍ୟାନସର ସିନା ନୁହଁ, ଏହା ଏକ ଏପରି ଅଚିହ୍ନା ଅଜଣା ରୋଗ ଯାହାର ଉପଚାର ପାଇଁ କୌଣସି ଔଷଧ ଏଯାଏ ବାହାରିନି । ତା ବିଷୟରେ ତୋ ଭାଇ ସତ୍ୟ ବହୁତ କିଛି ଜାଣିଛି ସେ ସବୁ କିଛି ବୁଝାଇଦେବ, ମନଦେଇ ଶୁଣୁ ।

ସତ୍ୟ କହିଲା ରାଧୁ, ଏ ରୋଗର ନାଆଁ କରୋନା । ଚୀନ୍ ର ବୁହାନ୍ ସହରରେ ଯେଉଁଠି ଲୋକେ ସାପ, ବିଛା, ବେଙ୍ଗ, ଅସରପା ଆଦି ଜିନିଷ ଖାଉଥିଲେ ସେଇମାନଙ୍କ ପାଖରୁ ଏ ସୃଷ୍ଟି ହେଲା । ଯେଉଁ ଡାକ୍ତର ଏ ରୋଗକୁ ଚିହ୍ନି ପ୍ରଥମେ କହିଲେ ସେ ଦେଶର ମୂର୍ଖ ମୁଖ୍ୟ ତାକୁ ଅଟ୍ଟାହାସ୍ୟ କରି ପାଗଳ କହି ବନ୍ଦୀକରି ଦେଲା, ଶେଷରେ ସେ ବିଚରା ବି ମରିଗଲା । ସେ ରୋଗ ଏକ ଭୁତାଣୁ ଦ୍ୱାରା ବ୍ୟାପିଲା । ତାକୁ ଯିଏ ଛୁଇଁଲା, ତା ସହ କଥାବାର୍ତ୍ତା କଲା ତା ଦେହକୁ ମାଙ୍କଡ ପରି ଡେଇଁଲା । ଚୀନ ପରେ ଇଟାଲୀ, ଆମେରିକା, ଜର୍ମାନ୍... ଏଇମିତି ଏଯାଏ ଦୁଇଶହ ଆଠଟି ଦେଶକୁ ବି ଏ ରୋଗ ବ୍ୟାପିଲା । ଆମ ଦେଶର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋକଙ୍କୁ ବି ଏସବୁ ବ୍ୟାପିଛି । ଏ ପର୍ଯ୍ୟନ୍ତ ଡାକ୍ତର ବୈଜ୍ଞାନିକ ଶିକ୍ଷାବିତ୍ ନିଜ ସମସ୍ତ ଜ୍ଞାନ କୌଶଳ ପ୍ରୟୋଗ କରି ବି ଔଷଧ ବାହାର କରି ପାରୁନାହାନ୍ତି । ଆହୁରି ଆଶ୍ଚର୍ଯ୍ୟ କଥା ପୃଥିବୀର ସର୍ବଶ୍ରେଷ୍ଠ ସମୃଦ୍ଧିଶାଳୀ ଦେଶ ଆମେରିକା ଯେ ଆଖିପିଛୁଳାକେ ଗୋଟେ ଚୁଟକୀରେ ପୃଥିବୀକୁ ଧ୍ୱଂସ କରିପାରେ ତା ଆଖି ଆଗରେ ଏ ରୋଗରେ ହଜାର ହଜାର ଲୋକ ମରିବାରୁ ସେ ଛୋଟ ଛୁଆ ପରି କାନ୍ଦୁଛି । ଏହା ନିଆଁପରି ପାଣି ସୁଅ ପରି ଆଉ ଝାଡ଼ ବତାସ ପରି ହୁ ହୁ ହୋଇ ମାଡି ଚାଲିଛି । ତେଣୁ ସରକାର ଲକ ଡାଉନ କରି ସମସ୍ତଙ୍କୁ ଘରେ ରହିବାକୁ କହିଛନ୍ତି ଓ ସଟ ଡାଉନ କରି ଦୋକାନ ବଜାର ସବୁ ବନ୍ଦ କରିଛନ୍ତି ।

ଆରେ ଜାଣିପାରିଥିବୁ ତୋତେ ସେ ପୋଲିସ ମାନେ ହାତରେ ହ୍ୟାଣ୍ଡୱାସ୍ ଦେଇ ଧୁଆ ଶିଖାଇଲେ । କଥା ନ ସରୁଣୁ ରାଧୁଆ ଗର୍ଜ୍ଜି କହିଲା, ସତରେ ଭାଇ ସେତେବେଳେ ମୋ ଦେହରେ ଖାଲି ବିଷ ଚଢିଯାଉଥାଏ । ଆବେ ଶଳେ ପୋଲିସ ତୁମେ ଆମକୁ କ'ଣ ବଣ ମଣିଷ ଭାବିଛ, ମୁଁ ଧୋଇ ଶିଖିନାହିଁ । ପୁଣି ମୁଁ କଣ ଗାଇ ନା ବଳଦ ତୁମ ପରି ମୁହଁରେ ତୁଣ୍ଡି ଦେବି । ଭାଗ୍ୟ ଭଲରେ ପୁଅମାନେ, ଥରେ ଯଦି ରାଧୁଆ ମୁଣ୍ଡକୁ ପିତ ଚଢ଼ିଥାନ୍ତା କି ତା ସାଂଗ ଦୁଇ ଚାରିଟା ଥାଆନ୍ତେ, ମୁଳିଆ ବାଉଁଶ ଠେଙ୍ଗାରେ ପିଟି ପିଟି ଛତୁ କରିଦେଇଥାନ୍ତି ।

ସତ୍ୟ କହିଲେ ନା ରାଧୁଆରେ ଆମେ ସିନା ହାତ ଧୁଅନ୍ତି ହେଲେ ଏ ବଦମାସ ଭୁତାଣୁ ମାନେ ସବୁ ସନ୍ଧିରେ ଲୁଚି ରହିଯାନ୍ତି ଯଦି ଛଅ ପ୍ରକାରର ଧୁଆ ନ କରିବା, ସାବୁନ କି ଡେଟଲ୍ ରେ ହାତ ନ ଧୋଇବା ତାହେଲେ ସେମାନେ ଦେହ ଭିତରକୁ ଅତି ସହଜରେ ଚାଲିଯିବେ । ଆଉ ତୁ ଯେଉଁ ତୁଣ୍ଡି  କହୁଥିଲୁ, ଆରେ ସେ ସବୁ ତୁଣ୍ଡି ନୁହଁରେ ସେ ସବୁ ମାସ୍କ । ତାହା ପିନ୍ଧିଲେ ବାହାରର ଭୁତାଣୁମାନେ ଆମ ନାକ କି ପାଟିକୁ ପଶିପାରନ୍ତି ନାହିଁ ।

ତୁ ବୁଝୁନୁ ରାଧୁ ଏବେ ଜଣେ କଲେକ୍ଟରଙ୍କ ବାପା ମରିଗଲେ ତାଙ୍କୁ ବି ଛୁଇଁବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଗଲା ନାହିଁ ।ସେମାନେ କ'ଣ ଭୁଲ କରୁଛନ୍ତି ! ଆମ ଜୀବନ ବଂଚିବା ପାଇଁ ନିଜ ଜୀବନକୁ ପରା ବାଜି ଲଗେଇ ଦେଉଛନ୍ତି । ନିଜ ଘର ପରିବାର ଲୋକଙ୍କୁ ଛାଡି ଆମକୁ ସେବା ଦେଉଛନ୍ତି । ଆମେ ଆନନ୍ଦରେ ଘରେ ଶୋଇଥିବାବେଳେ ସେମାନେ ଆମ ଭଲ ପାଇଁ କେତେ ଲଢୁଛନ୍ତି କହିଲୁ ।

ହଁ ଯେ ଭାଇ ହେଲେ ବସନ୍ତ ପରି ଜଣେ ଏତେ ଭଲ ଲୋକକୁ ଆମେ ନ ଛୁଇଁବାରୁ ମୁଁ ସିନା ଏମିତି କହିଲି । ଅମରେନ୍ଦ୍ର କହିଲେ ଆରେ ରାଧୁଆ, ବସନ୍ତଟା ମଣିଷ ନ ଥିଲାରେ ସେ ପରା ଥିଲା ସାକ୍ଷାତ ଦେବତା । ଖାଲି ସେତିକି ନୁହଁ ବାପା, ତା ପରିବାର ସହ କେହି ବି ନ ମିଶିବାକୁ ସମସ୍ତଙ୍କୁ କୁହାଯାଇଛି ।

ହେଲେ ମଉସା ମାଉସୀ ତାଙ୍କ ପରିବାର କେମିତି ବଞ୍ଚିବେ ବାପା । ମୁଁ କିନ୍ତୁ ଯିବି । ଯାହା ହୋଇଗଲେ ହୋଇଯାଉ । ହଉ ରାଧୁ ତୁ ଖାଇପିଇ ଆଜି ରାତିରେ ଶୋଇଯାଆ, ରାତି ପାହିଲେ ବିଚାର କରିବା ।

ରାଧୁଆ ପୁଣି ଖାଇବ କେଉଁ ଖୁସିରେ... ? ମାଆ ଯେତେ ଡାକିଲେବି ସେ ଶୁଣିଲା ନାହିଁ । ରାତି ସାରା ତା ଆଖିକୁ ନିଦ ନାହିଁ । ଅତୀତର ସ୍ମୃତିଗୁଡ଼ାକ ଯେପରି ତାର ବାଟ ଓଗାଳିଛନ୍ତି । କାଲିପରି ଲାଗୁଛି ବସନ୍ତ ଆସିଲେ ଗାଁ ପିଲା ତା ଚାରିପଟ ଘେରିଯାଆନ୍ତି । ସନ୍ଧ୍ୟାରେ ସେ ଦିଏ ଫିଷ୍ଟି ପୁଣି ନିଜେ ଖୁବ୍ ସୁଆଦିଆ ରୋଷେଇ କରି । ଫୁଟବଲ କାହାକୁ କ୍ରିକେଟ ବଲ କେତେ ଜିନିଷ ଦିଏ ପିଲାଙ୍କୁ । ଗାଁକୁ ଆସିଥିବ କି ନାହିଁ ଦୁଃଖୀ ନାନୀର କେତେ ଅଭିଯୋଗ, ତା ପୁଅ ଖାଇବାକୁ ଦେଲାନି, ତା ବୋଉ ଖରାପ ଭାଷା କରି ଗାଳିଦେବା ଏମିତି କେତେ । ଧୀର ଗଳାରେ କୁହେ ନାନୀ କଣ ଦରକାର କହ । ହଁ ରେ ବାପା ପାରିବୁ ଯଦି ଏ ଗରିବ ନାନୀଟାକୁ ୧୦୦/୨୦୦ଯାହା ଅଛି ଦେ । ଦୁଇଟି ଖଡ଼ଖଡ଼ିଆ ନୋଟ୍


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଗଲେ ତା ପାକୁଆ ପାଟିର ମିଠା ହସ ବାହାରିପଡ଼େ, ଆଉ ଆନନ୍ଦ ମନରେ କହେ ବାପାରେ ଭଗବାନ ତୋତେ କୋଟି ପରମାୟୁ ଦେଇଥାନ୍ତୁ । ସେଦିନ ହରିଜନ ସାହିର କଇଁ ବୁଢ଼ୀ ମରିଗଲା । ବିଚାରୀର କେହି ନାହାଁନ୍ତି ବୋଲି ଘଣ୍ଟା ଘଣ୍ଟା ଧରି ମଢ଼ା ପଡିଥାଏ । ସବର୍ଣ୍ଣ ଲୋକ କେହି ଆସୁ ନଥାନ୍ତି । ଛୁଟିରେ ଥିଲା ବସନ୍ତ । ତା କାନରେ ବାଜିବାରୁ କାହା କଥାକୁ ଖାତିର ନ କରି ମଢ଼ାକୁ ଏକା ଏକା ମଶାଣୀକୁ ନେଇଗଲା । ନରିଆ ମାଝୀ ଝିଅ ବାହାଘର । ଯୌତୁକ ଟଙ୍କା କିଛି ବାକି ଥିବାରୁ ତା ସମୁଦି ଧମକ ଦେଲା ବାକିଆ ଟଙ୍କା ନ ଦେଲେ ବର ବେଦିରୁ ଫେରିଯିବ । ଏ କଥା ପବନରେ ଉଡି ତା କାନକୁ ଛୁଇଁଲା । ଧର୍ମଦୂତ ପରି ମାଡି ଆସି ତା ଆଖିରୁ ଲୁହ ପୋଛି କହିଲା, ମଉସା ଏ ବସନ୍ତ ଥାଉ ଥାଉ ତାର ସାହିର ଭଉଣୀଟେ ବାହା ହୋଇପାରିବ ନାହିଁ ଆପଣ ଭାବିଲେ କିପରି ? ଲୋଭାଙ୍କୁ ଉପରକୁ ଟଙ୍କା ଦଶ ହଜାର ଫିଙ୍ଗିଦେଲା ସେ । ଗାଁର ଯେତେ ମେଳା ମଉଚ୍ଛବ ହୁଏ ତାର ନାମ ଆଗରେ । ହେଲେ ଆଜି ଏଭଳି ମଣିଷକୁ ଭଗବାନ ନେଇଗଲେ । ଧିକ ସେ ଭଗବାନ ପଣିଆ । ଏଇମିତି ଭାବୁ ଭାବୁ କେତେବେଳେ ତା ଆଖି ଲାଗିଯାଇଛି । ନିଘୋଡ଼ ନିଦରେ ଏକ ସ୍ୱପ୍ନ ରାଇଜରେ ସେ ଘୁରି ବୁଲୁଥାଏ । ତା ପାଖରେ ବସନ୍ତ ଧକେଇ ହୋଇ କାନ୍ଦୁଛି । ଥର ଥର ଗଳାରେ କହୁଛି, ରାଧୁଆ ମୋ ସାଙ୍ଗ, କେତେ ସ୍ୱପ୍ନ ଦେଖିଥିଲି ରେ । ମୋ ସ୍ୱପ୍ନ ତ ସ୍ୱପ୍ନ ହୋଇ ରହିଗଲା । ମୋ ବାପା ମାଆ ମାନେ କେମିତି ବଞ୍ଚିବେ ରେ, କିଏ ତାଙ୍କ କଥା ବୁଝିବ ? ରାଧୁ ତାକୁ ବୁଝାଉ ଥାଏ, ତୋର କିଛି ହେବନାହିଁ ସାଙ୍ଗ ମୋ ମନ କହୁଛି ତୁ ନିଶ୍ଚେ ଭଲ ହୋଇଯିବୁ । ନାଁରେ ସାଙ୍ଗ ଏ ପରା ଜୀବନନିଆ ରୋଗ । ମୋର ଶେଷ ସମୟ ଆସିଯାଇଛି ସାଙ୍ଗ, ତୁ କଥା ଦେ, ମୋ ବାପା ମାଆଙ୍କ କଥା ତୁ ନିଶ୍ଚେ ବୁଝିବୁ । ରାଧୁଆର ଆଖିରୁ ବୋହି ଯାଉଥାଏ ଧାର ଧାର ଲୁହ । ସେ ବୋଧ କରିବାକୁ ଯେତେ ଯାଉଥିଲା

Magazine Downloaded from www.aahwaan.com

ବସନ୍ତର କାନ୍ଦର ସ୍ୱର ତା ଛାତିକୁ ଫଟେଇଦେଉଥିଲା । ହଠାତ୍ ବସନ୍ତର ଶେଷ ନିଃଶ୍ୱାସ ତ୍ୟାଗ ହୋଇଗଲା । ଏହି ସମୟରେ ବସନ୍ତ... ବସନ୍ତ.. କହି ଖୁବ୍ ଜୋରରେ ଚିତ୍କାର କଲା ସେ । ନିଦଟା ଭାଙ୍ଗିଗଲା, ଘରଲୋକ ଉଠି କଣ ହେଲା କହି ବ୍ୟସ୍ତ ହୋଇଗଲେ । ମାତ୍ର ରାଧୁଆ ଖୋଜୁଥାଏ ତା ସାଙ୍ଗର ଉପସ୍ଥିତି ।

ରାତି ପାହିଲା, ସକାଳର କଅଁଳିଆ ଖରା ଚାରିଆଡେ ବିଛେଇ ହୋଇ ମୁରୁକି ହସୁଥାଏ । ବସନ୍ତ ଘରୁ କରୁଣ କଣ୍ଠସ୍ୱର ସେ ରାସ୍ତାକୁ ବି ସ୍ତବ୍ଧ କରିଦେଉଥାଏ । ଲୋକଙ୍କ ଫୁସୁରୁ ଫାସୁରୁ କଥା, ଏ ବସନ୍ତ ଘରକୁ କେହିଯିବନି, ରାଧୁଆ ହୃଦୟକୁ ବାରମ୍ବାର କ୍ଷତ ବିକ୍ଷତ କରୁଥିଲା । ହେଲେ ନିଜ ସାଙ୍ଗର ବଚନକୁ ପୁରା କରିବାର ସଂକଳ୍ପ ସେ ନେଲା । କରୋନା ଉପଚାର ସମସ୍ତ ବିଧି ମାନିବାର ପ୍ରତିଶୃତି ଦେଇ ମୁହଁରେ ମାସ୍କ, ହାତକୁ ଲିକୁଇଡ୍ ହ୍ୟାଣ୍ଡ ୱାସରେ ଧୋଇ ମାଆଠୁ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ନେଇ ଲୁଚି ଲୁଚି ବସନ୍ତ ଘରକୁ ଯାଇ ଏକ ମିଟର ଦୂରତାରେ ରହି ସବୁକଥା ବୁଝିଲା । ସମୟର ପରିବର୍ତ୍ତନ ସୁଅରେ ବସନ୍ତ ପିତାମାତାଙ୍କ ଆଖିରୁ ଲୁହ ଧାରକୁ ରାଧୁଆ ତା କର୍ତ୍ତବ୍ୟ ଓ ମାନବିକତାର ରୁମାଲରେ ପୋଛିବାକୁ ଲାଗିଲା । ନିଜ ପୁଅପରି ତାଙ୍କର ସମସ୍ତ ଦାୟିତ୍ୱ ସେ ବୁଝିଲା । ଦିନେ ବସନ୍ତ ବାବୁଙ୍କ ପିତା ବିଶ୍ୱମ୍ବର ବାବୁ ଓ ମାତା କାମିନୀ ଦେବୀଙ୍କ ମୁହଁରେ ଲୁପ୍ତ ହସରୁ ଚେନାଏ ବାହାରିଆସିଲା । କି ଘର କି ସାହି କି ବାହ୍ୟ ପରିବେଶ ସଭିଙ୍କ ମୁହଁରେ ଗୋଟିଏ ପ୍ରଶଂସା, ଗୋଟିଏ କଥା, ବାଃ ରାଧୁଆ ବାଃ । ତୁ ତ ମଣିଷ ନୁହଁରେ, ସାକ୍ଷାତ ଭଗବାନଙ୍କ ଧର୍ମଦୂତ ।

ଜମ୍ଭରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିମି ବଡ଼ ହୋଇଯାଇଛି



ଅନସୂୟା ପଣ୍ଡା

ଜୀବନଟା ଖୁବ ଏକୁଟିଆ ଲାଗିବା ଆରମ୍ଭ କରିଛି ତାପାଇଁ । ଅନେକ ପ୍ରତିକୂଳ ପରିସ୍ଥିତି ସତ୍ୱେ ଜୀବନର ସ୍ରୋତ ଗଡି ଚାଲେ । ଏଠି ପ୍ରତିବାଦ କରି ଆହତ ହେବା ପରିବର୍ତ୍ତେ, ସେ ଯେମିତି ତାକୁ ସେମିତି ଆଦରି ନେଲେ ଖୁସି । ସବୁ ସମୟରେ ତାଳି ପକାଇ ଜୀବନ ସହ ସାଲିସ କରିବାକୁ ପଡେ, ନହେଲେ ସାମାନ୍ୟ ଫାଟରୁ ପୁରା ଘାଇ ମେଲା ହୋଇ ଜୀବନର ଅନ୍ତସ୍ୱର ବି ବାହାରି ଆସେ ।

ବୋଧହୁଏ ଇପସିତ ଜିନିଷ ନପାଇବାଟା ହିଁ ଜୀବନ । ନ ପାଇଲେତ ପାଇବାର ଆଶା ନେଇ ବହି ଚାଲେ ଜୀବନ ।

ହେଲେ ସିମିକୁ ଲାଗୁଥିଲା ବହୁତ ଦୂର ଦୂର ପର୍ଯ୍ୟନ୍ତ ତା ପାଇଁ କିଛି ରାସ୍ତା ନାହିଁ । ସବୁ ବନ୍ଦ ହୋଇ ଯାଇଛି । ଯେମିତି ଗୋଟେ ଭିଡ଼ ରାସ୍ତାରେ ମଝିରେ ସେ ଠିଆ ହୋଇଯାଇଛି ।

ସିମି ବଡ ହେଉଥିଲା । ଏବର୍ଷ ସିମିର ଅଷ୍ଟମ କ୍ଲାସ ହେଲା । ତା ଭିତରେ ଆସୁଥିବା ଅନେକ ପରିବର୍ତ୍ତନ ସବୁକୁ ସେ ବୁଝି ପାରୁନଥିଲା । ସବୁ କିଛି ତ'ସାଙ୍ଗ ମାନଙ୍କ ସହ ବାଣ୍ଟି ହୁଏନି ! କିଛି ଅବୁଝା ସମସ୍ୟାର ସମାଧାନ ବିଷୟରେ ଭାବିଭାବି ସେ ଥକି ଗଲାଣି । ଘରେ କେହିଦିନେ ତାର ଏତେ ବ୍ୟସ୍ତତା, ଅସ୍ଥିରତା ବୁଝିବା ତ ଦୂରର କଥା ତାସହ କଥା ପଦେ ହେବାକୁ କାହାର ସମୟ ନଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାବା ତାଙ୍କ ବିଜିନେସ କାମରେ ସବୁବେଳେ ବ୍ୟସ୍ତ, ଦିନର ପ୍ରାୟ ସମୟ ତାଙ୍କର ବାହାରେ କଟେ । ତା ମାମା, ବହୁତ କିଛି କରେ, ଗୋଟେ ଏଜିଓରେ କାମକରେ, ସମାଜ ସେବାକରେ, ପୁଣି ଲୋକ ମାନଙ୍କ ମନ ବୁଝିଲା ପରି କବିତା ଲେଖି ସମସ୍ତ ଙ୍କର ପ୍ରିୟ କବୟିତ୍ରୀ ଭାବେ ଖୁବ୍ ନାଁ କରିଛି ।

ଥରେ ଦୁଇ ଥର ମାମା ସହ ପ୍ରକାଶ ଅଙ୍କଲଙ୍କ କାରରେ ବସି ସେ ତା କବି ସମ୍ମିଳନୀକୁ ଯାଇଛି ।

ସୁନ୍ଦର ସୁନ୍ଦର ଶାଢ଼ୀ ପିନ୍ଧି ମାମା ଷ୍ଟେଜରେ କବିତା ପଢିଲା ବେଳେ ତଳେ ବସିଥିବା ଦର୍ଶକ ମାନଙ୍କର କରତାଳିରେ ସଭା ଫାଟିଉଠେ । ବହୁ ପ୍ରଶଂସକଙ୍କର ଭିତରେ ମାମା, ସିମିକୁ ବିଲକୁଲ ଭୁଲିଯାଏ । ମାମା ର ସବୁଠୁ ବଡ ପ୍ରଶଂସକ ହେଲେ ପ୍ରକାଶ ଅଙ୍କଲ । ସବୁବେଳେ ମାମା ତାଙ୍କ ସହ ଫୋନରେ କଥାହୁଏ । ସେ ବାବା ନଥିବା ସମୟରେ ଘରକୁ ଆସନ୍ତି, ମାମା ସହ ଭେଟିବାକୁ । ସିମିକୁ ଗେଲ କରନ୍ତି ମାତ୍ର ତାଙ୍କୁ ସିମିକୁ ବିଲକୁଲ ଭଲ ଲାଗେନି । ବହୁତ ଥର ଭାବେ ମାମା କୁ କହିବ ହେଲେ କହିପାରେନି । ଏମିତିବି ମାମାର କୋଉ ସିମି ପାଇଁ ସମୟ ଅଛି ନା ସେ ତାକୁ ବୁଝେ ଯେ ! ସବୁବେଳେ ଖାଲି କାମରେ ବ୍ୟସ୍ତ।

ଆଜି ରବିବାର । ତାର ସବୁଠୁ ଭଲ ସାଙ୍ଗ ଲିପି ତା ଜନ୍ମଦିନ ପାଇଁ ତା ମମି ଡାଡିଙ୍କ ସାଥିରେ ଶପିଂ ପାଇଁ ଯାଇଛି । ଖେଳିବାକୁ ମଧ୍ୟ କେହି ନାହିଁ । ଦିନଟା ବଡ ବେକାର ଲାଗୁଛି । ରବିବାର ସକାଶେ ଏମିତିକି ତା ଡ୍ରଇଂ ସାର ବି ଆସିବେନି । ତା ଡ୍ରଇଂ ସାର ତାକୁ ଖୁବ ଭଲ ଲାଗନ୍ତି । ସିମିକୁ ବୁଝି ପାରନ୍ତି । ତା ଗୁମ ସୁମ ମୁହଁ ଦେଖି, ମନ ଦୁଃଖ କାହିଁକି ବୋଲି ପଚାରନ୍ତି । ଡ୍ରଇଂସାର ବି ତାକୁ ସ୍ନେହ କରନ୍ତି ହେଲେ ପ୍ରକାଶ ଅଙ୍କଲଙ୍କ ପରି ନୁହେଁ ।

ପ୍ରାୟତଃ ବାବା ମାମା ଙ୍କ ଝଗଡା ହୁଏ । ବାବା, ମାମା କୁ ପ୍ରକାଶ ଅଙ୍କଲଙ୍କ ସହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନମିଶିବାକୁ ତାଗିଦ କରନ୍ତି । ଆଉ ମାମା ଚିଡ଼ିକି ଯାଇ ବାବାଙ୍କୁ ତାକୁ ସମୟ ନ ଦେବା କଥା କହି ଚୁପ କରାଇ ଦିଅନ୍ତି ।

ସିମି ଖୁବ ଭୟ ପାଇଯାଏ ବାବା ମାମା ପାଟି ତୁଣ୍ଡ କଲେ । ବହୁତ ହତାଶ ବି' ଲାଗେ । ପ୍ରକାଶ ଅଙ୍କଲଙ୍କ ବିଷୟରେ ବାବାଙ୍କୁ କହିଲେ ବାବା ମାମା ପୁଣି ଝଗଡା କରିବେ ! ସେ ଚୁପ ରୁହେ ।

ଯେବେଠୁ ସିମି ଡ୍ରଇଂ କରିବା ଆରମ୍ଭ କରିଛି, ତା ଜୀବନ ର ସବୁ ଶୂନ୍ୟତା, ସବୁ ରଙ୍ଗ ତା ହାତ ଟଣା ଚିତ୍ରରେ ଢ଼ାଳିବା ଆରମ୍ଭ କରିଛି, ଆଉ ଖୁସି ଅଛି ।

ମାମା ବୋଧେ କେଉଁ ଆଡେ ବାହାରିଛି । ରାମୁ କାକାଙ୍କୁ ରାତିରେ ଖାଇବନି ବୋଲି କହି ସ୍କୁଟି ଧରି ବାହାରି ଗଲା । ସିମି, ଉପର ମହଲାରେ ଥିବା ତା ରୁମର ବାଲକୋନୀରେ ଠିଆ ହୋଇ ଦେଖୁଥିଲା ।

ବ୍ୟସ୍ତ ଲାଗେ ତାକୁ, ହେଲେ କଣ ସେ କରି ପାରିବ ଯେ !

ତାକୁ ଯେମିତି ଲାଗେ ତା ଭିତରୁ ତାକୁ କିଏ ବୁଝେଇ ଦିଏ, "ବ୍ୟସ୍ତ ହୁଅନା ସିମି ! ଅଯଥାରେ ବ୍ୟସ୍ତ ହୋଇ ଲାଭ କଣ ? ଯଦି ପରିସ୍ଥିତି ତୋ ହାତରେ ନାହିଁ ତାକୁ ନିରବରେ ରହି ସମୟ ସହ ସମାଧାନ ହେବାକୁ ଛାଡି ଦେ । ଜୀବନଟା ଏତେ ଲମ୍ବା ଯେ ଏଠି ଢ଼େରିର ପ୍ରଶ୍ନ ନାହିଁ । ନିଜେ ଚାହିଁଲେ ଏଠି ସବୁ କିଛି କରିହୁଏ । ସବୁ ସଜାଡ଼ି ହୁଏ ।" ଆରେ ଏତେ କଥା ସିମି ଭାବି ପାରୁଛି, ବୁଝି ପାରୁଛି । ସତରେ ସିମି ବଡ ହୋଇ ଯାଇଛି । ସେ ଦିନର ସୂର୍ଯ୍ୟଟାକୁ ଶୀଘ୍ର ବୁଡି ଯାଉଥିବା ଦେଖି ତାକୁ କାଗଜ ଓ ରଙ୍ଗରେ ବାନ୍ଧି ରଖିବାକୁ ବାହାରିଲା ସିମି, ଏଇ ଗୋଟିଏ ଜିନିଷ ତ ତାକୁ ଖୁସି ଦିଏ ।

କାର୍ଡଗୁଡ଼ି, ବାଙ୍ଗାଲୋର,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା ମନ କଥା



ନୂତନ କୁମାର ବେହେରା

ଗିରିକା ଜୀବନରେ ଏଇ ଫଗୁଣକୁ ନେଇ ତେଇଶିଟି ଫଗୁଣ ଅତିକ୍ରମ କରିବ । ମନ ପ୍ରାଣେ ତାର ମତୁଆଲା ମଳୟ ସିହରଣ ଖେଳାଏ । ବସନ୍ତ ଆସି ତା' ଆଖିରେ ଭରି ଦିଏ ମିଠା ମିଠା ସ୍ୱପ୍ନ ।

ଗିରିକା ବାପା ଛେଉଣ୍ଡ ଝିଅଟି । ବୁଢୀ ମା' ତାର ଆଗରେ ପଛରେ । ସମ୍ବଳ କହିଲେ ଭିଟା ମାଟିରେ ଖଣ୍ଡିଏ ଘର ଆଉ ଦି ମାଣ ଗହୀର ଜମି । ବାପା ଅସମୟରେ ମାଆ ଝିଅ ଦି ଜଣକୁ ପର କରି ପରଲୋକକୁ ଚାଲିଗଲା । ମାଆର ମାନସିକ, ଝିଅର ଆକୁଳ ପ୍ରାର୍ଥନା ଶୁଣି ନ ଥିଲେ ଦିଅଁ ଦେବତା ।

ଜହ୍ନ ପରି ଛନ ଛନ ମନ ନେଇ ଅଗଣାରେ ନାଚି ଖେଳି ଦିନ କାଟୁଥିବା ଗିରିଜା ଓଠରୁ ହସା ହଜି ଗଲା । ତା ମାଆ ଆଖି ଆଗରେ ସାରା ସଂସାରଟା ଅନ୍ଧାର ଦିଶିଲା ।

ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି । ଉଭୟ ମାଆ ଝିଅ କିଛି ଦିନ ଆଖିରୁ ଲୁହ ବୁହାଇଲେ । ସାହା ହୋଇ ଆହା ପଦେ କହିବାକୁ ପାଖରେ ନିଜର ଆଉ କେହିନ ଥିଲେ । ଝିଅର କଅଁଳ ମୁହଁରେ ହସ ଟିକିଏ ଦେଖିବା ପାଇଁ ମାଆ ତାର ଅଣ୍ଟା ସଳଖ କଲା । ଅନେକ ସାନ୍ତ୍ୱନା ଦେଇ ଆଗକୁ ବଢିବା ପାଇଁ ପ୍ରେରଣା ଦେଲା ।

ଏବେ ଗିରିକା ଗାଆଁ ପାଖ କଲେଜରୁ ବି.ଏ. ପାଶ୍ କଲାଣି । ଚାକିରି କରିବାର ଆଶା ନାହିଁ । ସେ ସେମିତି ଖୁବ୍ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ନାହିଁ । ଏ ବେକାରୀ ଯୁଗରେ ତା' ପରି ଝିଅଟିଏ ସରକାରୀ ଚାକିରି ପାଇବା ଆକାଶ କୁସୁମ କଳ୍ପନା । ତଥାପି ସେ ଉଦ୍ୟମ କରି ଚାଲିଛି ହୁଏତ ଭାଗ୍ୟ ସାଥୀ ହୋଇ ପାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ କିନ୍ତୁ ଝିଅ ଚାକିରି କରୁ ସପକ୍ଷରେ ନ ଥିଲା, ଆଜିକାଲିର ଯୁଗ ପରିସ୍ଥିତି ତଥା ଝିଅଙ୍କ ପ୍ରତି ହେଉଥିବା ନାନା ଅପ୍ରୀତିକର ଘଟଣା ଦେଖି । ତେଣୁ ସବୁବେଳେ ତାର ଚିନ୍ତା, ଭଲ ଗୁଣବାନ ପୁଅଟିଏ ଦେଖି ବାହାଘର କରିବା ପାଇଁ ।

ଗିରିକା ମାଆକୁ ଉପରେ ଉପରେ ମନା କରି ଦିଏ ସିନା, ଭିତରେ ଭିତରେ ତାର ସରଳ ମନଟା ଚହଲି ଯାଏ । ନିରୋଳାରେ ଏକା ଏକା କେତେ କଥା ଭାବେ । ଫୁଲ ବଗିଚାରେ ଫୁଲ ସାଥେ ପ୍ରଜାପତିର ଖେଳକୁ ଦେଖେ, ଜହ୍ନ ରାତିର ଜୋଛନାକୁ ଦେଖେ,ମନରେ ଆଶାର ଲତା ଡଙ୍କେଇ ଡଙ୍କେଇ ଆଗକୁ ମାଡି ଯାଏ । ବିଛଣାରେ ଗଡି ଗଡି କଡ ଲେଉଟାଏ, ନିଦ ଆସେନା । ଭାବନା ଭାବନାରେ କେଉଁ ଏକ ମନର ମଣିଷକୁ ଖୋଜି ବୁଲେ । ଭାବୁ ଭାବୁ ନିଦରେ ସପନ ଦେଖୁ ଦେଖୁ ସକାଳ ଆସେ । ଅକୁହା ମନ କଥା, ମନରେ ସାଇତି ରଖେ ।

ଏହା ଭିତରେ ଦୁଇଟା ପ୍ରସ୍ତାବ ଆସିଛି । ଯଦିଓ ଗିରିକା ଅଶିକ୍ଷିତା କି ଅସୁନ୍ଦରୀ ନୁହେଁ, ତଥାପି ମୋଟା ଯୌତୁକ ନ ପାଇବାର ଆଶଙ୍କାରେ ପୁଅଟିଏ ଥରୁଟିଏ ଚାହିଁ ଦେଇ ଲେଉଟି ଯାଏ । ତାର ମନଟା ବିଦ୍ରୋହ କରି ଉଠେ । ମନକୁ ମନ ପ୍ରଶ୍ନ କରେ... ଆଜି ସମାଜରେ ନାରୀ କଣ ଏତେ ଅଲୋଡା ? ପର ଘରକୁ ଯିବ... ପରକୁ ଆପଣାର କରିବା ପାଇଁ, ସେବିକା ରୂପେ... ହେଲେ ଏ ମଣିଷମାନେ କେତେ ଅବୁଝା । ସାମାନ୍ୟ କେଇଟା ଆନୁସଙ୍ଗିକ ଜିନିଷ, କିଛି ସୁନା ଗହଣା ଆଉ କେଇଟା ଟଙ୍କା ପାଖରେ ଏମାନେ ନତ ମସ୍ତକ ।

କାହା ଅନୁଭବରେ ଚିନ୍ତା ଚେତନାରେ ପ୍ରତିକ୍ରିୟା ଆସେନା । ହୃଦୟ ହୃଦୟକୁ ବୁଝେନା । ଏ ପ୍ରତିଦ୍ୱନ୍ଦୀ ସମାଜରେ ପ୍ରତିଦ୍ୱନ୍ଦିତା କରି ତା' ମାଆ ତାକୁ କେମିତି କାହା ହାତରେ ଛନ୍ଦି ଦେବ ? ପ୍ରଶ୍ନ ପ୍ରଶ୍ନରେ ତାର ମନଟା ଛନ୍ଦି ହୋଇଯାଏ । କିଛି ଉତ୍ତର ପାଏ ନାହିଁ । ବେଳେବେଳେ ସମୟ ଏମିତି କିଛି ଖେଳ ଖେଳି ଦିଏ ଯାହା ଆଶାତୀତ ତାକୁ ଯୋଡି

 Magazine Downloaded from www.aahwaan.com

ଦିଏ । ଗିରିକାର ଭାଗ୍ୟରେ ସେମିତି ଏକ ସମୟ ଆସିଲା... ବିନୀତ୍ ସାଥିରେ ତାର ଦେଖା ହେଲା ।

ସେ ଦିନ ମାଆକୁ ନେଇ ହସ୍ପିଟାଲ ଯାଇଥିଲା, ସିରିଏଲ୍ କରି ଭିତରର ଡାକରାକୁ ଅପେକ୍ଷା କରିଥାଏ । ଡାକିଲେ ମାଆକୁ ତାର ଡାକ୍ତରଙ୍କୁ ଦେଖାଇବ । ହଠାତ୍ ମାଆ ତାର ସଂଜ୍ଞାହୀନା ହୋଇ ପଡିଲା । ମାଆର ଏ ଅବସ୍ଥା ଦେଖି ହତ ଚକିତ ହୋଇ କାନ୍ଦି ପକାଇଲା । ସାହାଯ୍ଯ ପାଇଁ ଡାକ ଛାଡିଲା । ବିନୀତ୍ କେଉଁଠି ଥିଲା କେଜାଣି । ପାଖକୁ ଦୌଡି ଆସିଥିଲା । ସଙ୍ଗେ ସଙ୍ଗେ ତାର ମାଆକୁ ଏଡମିସନ୍ କରି ବେଡ୍ କୁ ନେଇ ଯାଇଥିଲା । ମାଆର ଚେତା ଫେରିବା ପର୍ଯ୍ୟନ୍ତ ଦୀର୍ଘ ସମୟ ଅପେକ୍ଷା କରିଥିଲା । ଅଯାଚିତ ଭାବେ କିଛି ଆର୍ଥିକ ସହାୟତା ମଧ୍ୟ କରିଥିଲା । ହସ୍ପିଟାଲରେ ଦୁଇ ଦିନ ରହିବା ଭିତରେ ମାଆର ଢେର୍ ଦେଖାଶୁଣା ବି କରିଛି ।

ସେଇ ବିତୀତ୍... ଅତି ସାଧାସିଧା ପିଲାଟି ।

ବୟସ ତିରିଶ୍ ପାଖାପାଖି । କଳା ହେଲେ ବି ମଧ୍ୟମ ସ୍ୱାସ୍ଥ୍ୟ । ଦେଖିବାକୁ ମନ ପସନ୍ଦର । ଅଳ୍ପ ଅଳ୍ପ ମଧୁର ଭାଷା ଦରଦ ମିଶା । ଆପଣାର ଭାବ ।ଆବଶ୍ୟକତାଠାରୁ ବେଶି କିଛି କହେ ନାହିଁ । ମାଆର ସେବା ଶୁଶ୍ରୁଷା ବେଳେ ବିନୀତ୍ ସହିତ ତାର କେଇ ପଦ କଥାବାର୍ତ୍ତା..ସେ ବିନୀତ୍ ସହିତ କିଛି ମୁହୂର୍ତ୍ତ ଭାବ ବିନିମୟ କରିଛି । ସତରେ ଏତେ ସୁନ୍ଦର ପିଲା ବି ଅଛନ୍ତି । ବିନା ସ୍ୱାର୍ଥରେ ଆସି ସହଯୋଗ କରୁଛନ୍ତି କେତେ ଜଣ ?

ମାଆ ଭଲ ହୋଇ ଘରକୁ ଆସିଲା । କିଛି ଦିନ ପରେ ଗିରିକାକୁ ତା ମନ କଥା କହିଲା ।

--ଆରେ ମାଆ ଗିରିକା, ତୋତେ ଗୋଟେ କଥା କହିଥାନ୍ତି...

--ହଁ, ବୋଉ କହ କଣ କହିବୁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

– ସେ ବିନୀତ୍ ତୋତେ କେମିତି ଲାଗନ୍ତି...

–ବିନୀତ୍... କଉ ବିନୀତ୍, ନ ଜାଣିଲା ପରି ଉପର ଠାଉରିଆରେ ସେ କହିଲା ।

–ଆଲୋ, ସେହି ପିଲାଟି, ମୁଁ ହସ୍ପିଟାଲରେ ଥିଲା ବେଳେ ଯିଏ ମୋର ଅନେକ ଯତ୍ନ ନେଇଛନ୍ତି ।

–ହଁ ଯେ, ତୁ ତ ଭଲ ହୋଇ ଆସିଲୁ । ତାଙ୍କ କଥା ପୁଣି ଏବେ କାହିଁକି ?

– ବିଚରା..ଭାରି ନିରିହ.. ଏକଦମ୍ ସାଧାସିଧା ।

ତାଙ୍କର ବାପା ମାଆ ନାହାଁନ୍ତି । ବଡ ଭାଇ ଭାଉଜ ବଢେଇଛନ୍ତି । ଗୋଟେ ବେସରକାରୀ ଅନୁଷ୍ଠାନରେ ଚାକିରି କରନ୍ତି । ଘର ଚଳିବା ଭଳି ଦରମା...

–ବୋଉ.. ମୋତେ ତାଙ୍କର ଏତେ ଡାଟା ଦେବାର ମାନେ...

–ଆଲୋ ହୁଣ୍ଡି, ବୁଝି ପାରୁନୁ । ମୁଁ ମନେ ମନେ ଭାବିଛି ତାଙ୍କ ସହିତ ତୋର ବାହାଘର କରିବି । ତାଙ୍କୁ ଜ୍ୱାଇଁ କରିବି...

– ଗିରିକା ମାଆ ପାଖରେ ହେଲେ ବି କେମିତିକା ଲାଜେଇ ଯାଇ ଇତସ୍ତତଃ ହୋଇ ପଡିଲା । ମାଆ ତାର ଅଲକ୍ଷ୍ୟରେ ତା' ଅକୁହା ମନ କଥା କେତେ ବେଳେ ପଢି ନେଇଛି । ସେହି ତ ମାଆର ମହନୀୟତା । ପିଲାର ମନକଥା ପଢି ପାରେ, ଜାଣି ପାରେ । ସତରେ ମାଆ ଅତୁଳନୀୟା ଚିର ବନ୍ଦନୀୟା ।

–ଆଲୋ କିଛି କହିଲୁ ନାହିଁ ଯେ..

–ମୁଁ ଆଉ କଣ କହିବି, ତୁ ଯା' ଭଲ ଭାବିବୁ ।

– ଶୁଣ, ସେ ବିନୀତ୍ ଆଜି ଆମ ଘରକୁ ଆସିବେ । ତାଙ୍କ ପାଇଁ କିଛି ରନ୍ଧାରନ୍ଧି କର । ମୁଁ ଚାହୁଁଛି ତୁମେ ପରସ୍ପର ପରସ୍ପରକୁ ଜାଣ.. ପଛରେ ଯେମିତି ମୋତେ କିଛି ଦୋଷ ନ ଦେଉ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

--ବୋଉ ତୋ ଭଲ ପାଇବା ଆଶୀର୍ବାଦ ମୋ ଉପରେ ଥିବା ଯାଏଁ ମୁଁ ଭଲରେ ଅଛି, ଥିବି.. ତୋର ବିଚାରକୁ ମୁଁ କେମିତି ଅମାନ୍ୟ କରିବି...

ସେ ଦିନ ବିନୀତ୍ ଆସିଥିଲେ । ତା' ପରି ସେ ବି ଜଣେ ବେସାହାରା । ବୋଧହୁଏ ଭଗବାନ ତାଙ୍କର ଏ ଯୋଡି ବହୁ ଆଗରୁ ଗଢି ଦେଇ ଜନ୍ମ ଦେଇଛନ୍ତି ।

ବିନୀତ୍ ତାକୁ ବହୁତ ଭଲ ଲାଗିଲେ । ନିରୋଳାରେ ଦୁହେଁ କିଛି ସମୟ ବାର୍ତ୍ତାଳାପ ମଧ୍ୟ କଲେ ।

-- ଗିରିଜା, ତୁମେ...

--ହଁ ଅଟକି ଗଲ ଯେ, କଣ କୁହ..

--ନା, ମାନେ.. ତୁମେ..

ପାଟି ଖନି ବାଜି ଯାଉଥାଏ ।

-- ବାଃ ରେ.. ପୁଅଟିଏ ହୋଇ ଏତେ ଲାଜ ।

ଫିଁ କିନା ହସି ଦେଇଥିଲା ଗିରିଜା ।

--ତୁମେ ମୋତେ ଲାଇକ୍ କର...

--ଲାଇକ୍ ନୁହେଁ ମହାଶୟ... ଲଭ୍ କରେ ମାନେ

ଭଲ ପାଏଁ ବହୁତ...ବହୁତ...ଆଉ ତୁମେ

--ଆରେ ତୁମକୁ ଭଲ ପାଏ ବୋଲି ତ ଏ ଯାଏ ଆସି ପାରିଛି । ତୁମେ ହାତ ବଢାଇଲେ ମୁଁ ଧରିବି ।

--ଓଃ, ତୁମେ ଭାରି ରୋମାଣ୍ଟିକ୍...

--ତୁମ ପରି ସୁନ୍ଦରୀ ଭାବି ପତ୍ନୀ ପାଖରେ ଯେ କେହି ଭାବି ସ୍ୱାମୀ ରୋମାଣ୍ଟିକ୍ ହେବା ତ ସ୍ୱଭାବିକ...

ଆହ୍ୱାନ ଛେପ୍ରିକା

 Magazine Downloaded from www.aahwaan.com

– ସତରେ ବିନୀତ ତୁମକୁ ମୁଁ ସେହି ହସ୍ପିଟାଲରେ

ହିଁ ମନେ ମନେ...

– ବାଃ, ତାହେଲେ ଏତେ ବଡ କଥାଟା ଲୁଚେଇ ରଖିଥିଲ ।

– ହଁ, ଏଇଥି ପାଇଁ କି ତୁମେ ମୋ ଅକୁହା ମନ କଥା ଜାଣି ପାରୁଛ କି ନାହିଁ ପରୀକ୍ଷା କରିବା ପାଇଁ...

– ଆଉ ସେ ପରୀକ୍ଷାରେ ମୁଁ ପାଶ୍ କରିଛି ତ...

– ଜମାରୁ ପାଶ୍ ନୁହେଁ, ଫାଷ୍ଟ କ୍ଲାସ ଉଇଥ୍ ଡିସ୍‌ଟିଙ୍ଗସନ୍...

– ବାଃ ଏତେ ଭଲ ମୂଲ୍ୟାୟନ କରି ପାରିଛ ।

–ଆଉ ଏ ସୁନ୍ଦର ପରୀକ୍ଷା ଫଳ ବିନିମୟରେ

ମୋତେ ତୁମେ କଣ ଦେବ...

–ଯାହା ବି ଚାହିଁବ, ତୁମକୁ କିଛି ମୋର ଅଦେୟ ନାହିଁ ।

ଏତିକି ବେଳେ ବୋଉ ଡାକ ଛାଡିଲା ଖାଇବାକୁ.... ତା' ପରେ... ସବୁ କଥା ଛିଡିଲା । ବିନୀତ୍ ସାଥୀରେ ଗିରିଜାର ବାହାଘର ଆସନ୍ତା ତିଥିରେ । ଅକୁହା ମନ କଥା ସବୁ କହି ଦେବ ଗିରିଜା । ସେହି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିଛି.. ସତରେ ବିତୀତ୍ ତା ପାଇଁ ଲାକି... ଆଉ ସେ ବି ବିନୀତ୍ ପାଇଁ... ମଣି କାଞ୍ଚନର ସଂଯୋଗ । କେବଳ ତା' ବୋଉ ପାଇଁ... ବାପାଙ୍କର ଅନୁପସ୍ଥିତିକୁ ସେ ବୋଉ ଭିତରେ ଖୋଜି ପାଇଛି । ବାପା ପାଇଁ ଯାହା ଅକୁହା ମନ କଥା ଥିଲା । ସେ ସବୁ ତ ବୋଉକୁ କହି ସାରିଛି । ଆଉ ବାକି ଯାହା ଅଛି ସବୁ କେବଳ ବିନୀତ୍ ଙ୍କ ପାଇଁ...

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୁଁ ଶକୁନି



କାର୍ତ୍ତିକ ପାଣିଗ୍ରାହୀ

ହଁ, ମୁଁ ଶକୁନୀ... ଗାନ୍ଧାର ନରେଶ ଶକୁନି । ସୁତ୍ରଧର ମୁଁ ମହାଭାରତର । କୁଚକ୍ରୀ ମୁଁ ଧର୍ମଯୁଦ୍ଧ ଭିତ୍ତିଭୂମିର । ମୁଁ ହିଁ ରଚିଥିଲି କୁରୁବଂଶ ନାଶର କାହାଣୀ । ମୁଁ ହିଁ ବୁଣିଥିଲି ଘୃଣା, ଦ୍ୱେଷ, ଈର୍ଷା ଓ ପରଶ୍ରୀକାତରତାର ବୀଜ ଦୁର୍ଯ୍ୟୋଧନ ମନରେ । ମୁଁ ହିଁ ବିଛାଇଥିଲି ଦ୍ରୌପଦୀ ବସ୍ତ୍ରହରଣର କୁତ୍ସିତ ପଷାପାଲି । ମୁଁ ହିଁ ଥିଲି ଦୁର୍ଯ୍ୟୋଧନ ଜାନୁଭଙ୍ଗର ପ୍ରଚ୍ଛଦ ନାୟକ । କାରଣ ଅହରହ ଜଳୁଥିଲି ମୁଁ  ମୋ ବଂଶନାଶର ପ୍ରତିଶୋଧ ନିଆଁରେ । ତଥାପି, ମୁଁ ତ ନିମିତ୍ତ ମାତ୍ର । “କରି କରାଉଥାଏ ସେହି, ତା ବିନୁ ଅନ୍ୟ ଗତି ନାହିଁ.... ! !” ହେ କୃଷ୍ଣ, ମୁଁ ସିନା ଚକ୍ରୀ, ତମେ ପରା ଚକ୍ରଧର... ମୋତେ କିମ୍ପା ସଜାଇଲ ମହାଭାରତର ଖଳନାୟକ... ?

ହଁ, ମୁଁ ହିଁ ଭରିଥିଲି ଶିଶୁପାଳ ମୁଣ୍ଡରେ ତୁମ ପାଇଁ ବିଦ୍ରୋହର ମଞ୍ଜି । କାରଣ ମୁଁ ଜାଣିଥିଲି, ସୃଷ୍ଟିର ଶ୍ରେଷ୍ଠପୁରୁଷ ରୂପେ ତୁମେ ହିଁ ବରଣ ହେବ । ମାନୀ ଦୁର୍ଯ୍ୟୋଧନକୁ ସ୍ୱାର୍ଥୀ ମୁଁ ହିଁ କରିଥିଲି । ମାମୁଁ ନାମକୁ କଳଙ୍କିତ ତୁମେ ବି କରିଥିଲ । କିନ୍ତୁ ଶକୁନି ମାମୁଁ ଉପାଧୀ ନେଲି ମୁଁ । ନିରବରେ କାର୍ଯ୍ୟକ୍ଷମ କଲି ତୁମର ସମସ୍ତ ଅଲିଖିତ ଇଙ୍ଗିତକୁ । କାରଣ ତୁମେ ଦିନେ କହିଥିଲ, “ମୁଁ ତାକୁ ହିଁ ମିଳେ ଯିଏ ମୋର ଅସ୍ତିତ୍ୱକୁ ଅସ୍ୱୀକାର କରେ ।” ମୁଁ ତାହା ହିଁ ତ କରିଥିଲି । ତଥାପି ହେ କୃଷ୍ଣ, କାହିଁକି ସଜାଇଲ ମୋତେ ମହାଭାରତର ଖଳନାୟକ... ?

ମୁଁ ହିଁ ରଚିଥିଲି ଜତୁଗୃହର ବିଭୀଷିକା । ଦୁର୍ଯ୍ୟୋଧନର ମନରେ ଭରିଥିଲି ଇନ୍ଦ୍ରପ୍ରସ୍ଥର ଲୋଭ । ଜ୍ୟେଷ୍ଠ ପାଣ୍ଡବର ମନରେ ବୁଣିଥିଲି ଅସୂୟାଭାବର ମଞ୍ଜି କନିଷ୍ଠ ପାଣ୍ଡବ ପ୍ରତି । ହେ ଚକ୍ରଧର..., ମୁଁ ହିଁ ତ ଥିଲି ଯିଏ ତୁମକୁ ଧର୍ମ ଯୁଦ୍ଧରେ ଅଧର୍ମ କରିବାକୁ ବାଧ୍ୟ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିଲା । ତୁମ ହାତରେ ଚକ୍ରକୁ ଧରାଇଥିଲା.... । ସବୁର ମୂଳରେ ତମେ ହିଁ ଥିଲ, ସବୁରି ବିନାଶ ତମେ ହିଁ କଲ । ତେବେ ଏତିକି ତ କୁହ.... ମୋତେ କାହିଁ ସଜାଇଲ ମହାଭାରତର ଖଳନାୟକ... ?

ଜାଣିଛି ମୁଁ ତୁମ ଚକ୍ରର ବେଗକୁ । ବୁଝିଛି ତୁମ କୁଟିଳତାର ଗଭୀରତାକୁ । ଦେଖିଛି ମୁଁ ତୁମ ଦାନୀ ପଣିଆର ଅଭିନୟକୁ । ଶୁଣିଛି ବି ତୁମ ମର୍ମଭେଦୀ କଥାର ମର୍ମକୁ । ଅନୁଭବ କରିଛି ମୁଁ ତୁମ କର୍ମର ଗୀତାକୁ । ପରିଚିତ ମୁଁ ତୁମ ଗୀତାର ପ୍ରତିଟି ଶବ୍ଦ ସହ । ହେ କୃଷ୍ଣ..., ମନେଅଛି ସେ ମହାର୍ଘ ମୁହୂର୍ତ୍ତ... ? ଗୀତା କହୁଥିଲ ତୁମେ, ଶୁଣୁଥିଲା ଅର୍ଜୁନ ବୁଝୁଥିଲେ ପିତାମହ ଭୀଷ୍ମ । ସବୁକିଛି କରାଉଥିଲ ତୁମେ, କରୁଥିଲି ମୁଁ...। ତୁମେ ହିଁ ଥିଲ ମହାନାୟକ ସେହି ମହାସମରର, ମାତ୍ର ମୋତେ କରିଦେଲ ଖଳନାୟକ ମହାଭାରତର...... ।

କେହି ନ ଜାଣିଲେ ବି ତୁମେ ତ ଜାଣ, ଶିବ ଭକ୍ତ ହୋଇ ବି କାହିଁକି ଆଦରି ନେଇଥିଲି ତୁମ ମହତ ଆକାଂକ୍ଷାକୁ... କାହିଁକି ଦେଖିଥିଲି ସ୍ୱପ୍ନ କୁରୁବଂଶ ନାଶର ! କିଏ ଥିଲା ମୋର ପ୍ରଥମ ଶତ୍ରୁ.. ? କାହା ଲାଗି ମୋ ବଂଶ ନାଶ ହେଲା.. ? କିଏ ଜଳାଇଥିଲା ମୋ ମନରେ ପ୍ରତିଶୋଧର ଲେଲିହାନ ନିଆଁ... ? କାହା ଯୋଗୁଁ ନିଜ ରାଜ୍ୟ,ରାଜଗାଦି ଛାଡ଼ି ମୁଁ ଧାଇଁ ଆସିଥିଲି ହସ୍ତିନାପୁରକୁ.. ? ? ଜଳୁଥିଲି ମୋ ଭିତରେ । କିନ୍ତୁ ତୁମେ ହିଁ ଦେଖେଇ ଦେଲ ଜଳାଇବାର ବାଟ । ସମସ୍ତଙ୍କର ପ୍ରିୟ ଥିଲ ତୁମେ । କିନ୍ତୁ ତୁମର ପ୍ରିୟ ଥିଲି ମୁଁ ।ମୁଁ ଖେଳୁଥିଲି ମୋ ପଷାକାଠିକୁ ନେଇ ତୁମେ ଖେଳୁଥିଲ ଧନଞ୍ଜୟକୁ ନେଇ । ମହାଭାରତରେ ତ ବୀରଗତି ସମସ୍ତେ ପାଇଥିଲେ । କିନ୍ତୁ ମୋ ମୁହଁରେ ତୁମ ନାମ ତୁମେ ହିଁ ଦେଇଥିଲ । ଏହାଠାରୁ ବଡ଼ ପ୍ରମାଣ ଆଉ କଣ ବା ଦେଇଥାନ୍ତ ଯେ ମୁଁ ତୁମର କେତେ ପ୍ରିୟ ଥିଲି.... ! ! ! ତଥାପି, ହେ କୃଷ୍ଣ, କାହିଁକି ମୋତେ ସଜାଇଲ ଖଳନାୟକ ମହାଭାରତର... ? ? ?

କାର୍ତ୍ତିକ ପାଣିଗ୍ରାହୀ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ଅତୀତ



ଶାନ୍ତନୁ କୁମାର ରାଉତ

ଅନ୍ଧକାର ଜୀବନରେ ଆଲୋକ ଭରା ଆଶା । ନିର୍ଜୀବ ପରି ମଣିଷ କଣ ସେଇ ଦୂର ଆକାଶର ସଫଳତାର ସିଢି ଚଢିବାରେ ସଫଳ ହୋଇ ପାରିବ ? ମନରେ ଅମାନିଆ ଭାବନାର ସୁଅ । କାହାଣୀ ପରି ଲାଗୁଥିଲେ ବି ନିରାଟ ସତ୍ୟ .... ।

ବାପା, ବୋଉ, ସହିତ ଦୁଇ ଝିଅ ଓ ଗୋଟିଏ ପୁଅ । ଗରିବ ପରିବାର ହେଲେ କଣ ହେବ ଜୀବନରେ ଅସଲି ଖୁସି ସେଇଠି ହିଁ ଭରି ରହିଥାଏ । ବାପାଙ୍କ ପେସା ହଉଛି ଚାଷ । ଚାଷ ଯେ କେବଳ ଧାନ ଚାଷ ବରଷକୁ ହିଁ ଖାଲି ଚାଉଳ ଗଣ୍ଡିକ ପାଇବ ତା ଛଡା ଆଉ କିଛି ନାହିଁ । ବହୁତ ଆର୍ଥିକ ଯନ୍ତ୍ରଣା ଥିଲେ ମଧ୍ୟ ନିଜେ ଉପାସ ରହି ପିଲାମାନଙ୍କର ସମସ୍ତ ଅଳି ଅର୍ଦ୍ଦଳିକୁ ପୂର୍ଣ୍ଣାପୂର୍ଣ୍ଣ ଭାବେ ପୂରଣ କରିଛନ୍ତି ବାପା ବୋଉ.... ।

ସଂସାର... ଝିଅ ବଡ... ତା ତଳେ ପୁଅଟି ଆଉ ଗୋଟିଏ ସାନ ଝିଅ । ଝିଅଟି ଗାଁ ବିଦ୍ୟାଳୟରେ ଦଶମ ପାସ କରି ମା ସହିତ ଘର କରଣା କାମ ଶିଖୁ ଶିଖୁ ଝିଅର ବାହାଘର ଲାଗି ଯୋଗାଯୋଗ ହୋଇଗଲା ଏବଂ ସେଇବର୍ଷ ପୁଅଟି ମଧ୍ୟ ଦଶମ ପରୀକ୍ଷା ଦେଇଥାଏ । କିନ୍ତୁ ଅଭାବି ପରିବାର ଯାହା ହଉ ଧାର କରଜ କରି ଝିଅ ବାହାଘରଟି ତୁଲାଇ ଦେଲେ ସତ କିନ୍ତୁ ପୁଅକୁ ଆଉ ଆଗକୁ ପାଠ ପଢ଼ାଇବା ଲାଗି ସାହସ ବାନ୍ଧି ପାରିଲେନି । ଯାହାକି ପୁଅ ଜାଣିପାରି ପାଠକୁ ଏତେ ଗୁରୁତ୍ୱ ଦେଲାନାହିଁ ଅନ୍ୟ ପକ୍ଷରେ ବଡ ଭଉଣୀର ବାହାଘର କରଜକୁ ଶୁଝିବା ଏବଂ ସାନ ଭଉଣୀର ପଢିବାକୁ ନେଇ ପୁଅଟି ବାପାଙ୍କ ସହିତ ଚାଷ କାମରେ ସାହାଯ୍ୟ କଲା .....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୨୦୦୬ ମସିହା ମାର୍ଚ୍ଚ ମାସ ୧୦ ତାରିଖରେ ଗ୍ରାମର କିଛି ବଡ ବଡ ଭାଇମାନଙ୍କ ସାଙ୍ଗରେ ଠିକା କର୍ମଚାରୀ ହିସାବରେ କାର୍ଯ୍ୟ କରିବାଲାଗି ବାହାରି ପଡିଲା କାରଖାନାକୁ । ଦିନକୁ ମଜୁରୀ ୬୩ ଟଙ୍କା ମାତ୍ର ଅନ୍ୟ ପକ୍ଷରେ ପୁଅଟିର ପରୀକ୍ଷା ଫଳ ମଧ୍ୟ ବାହାରି ନଥାଏ । ଯାହା ହେଉ ସେଇ ମାର୍ଚ୍ଚ ମାସ ୨୧ ତାରିଖରେ ତାର ପରୀକ୍ଷା ଫଳ ବାହାରିଲା । ସେଦିନ ମଧ୍ୟ ସେ କାମ କରିବାଲାଗି ଯାଇଥାଏ । ନିଜର ରୋଲ ନମ୍ବରକୁ ନେଇ କମ୍ପାନୀର ଜଣେ ସାହେବଙ୍କୁ ଦେଇ କହିଲା ସାର ମୋର ରେଜଲ୍ଟ ଟିକେ ଦେଖି ଦିଅନ୍ତୁ । ସେ ସାହେବ ଜଣକ ଦେଖିଲେ ଏବଂ ବହୁତ ତାରିଫ ମଧ୍ୟ କଲେ ତା ସହିତ ୨୦୦ ଟଙ୍କାରେ ମିଠା ମଧ୍ୟ ବାଣ୍ଟିଥିଲେ ବହୁତ ଖୁସି ଲାଗୁଥିଲେ ମଧ୍ୟ କାନ୍ଦ ବି ଲାଗୁଥିଲା । ସନ୍ଧ୍ୟାରେ ଆସି ଘରେ ପହଁଚିଲା ପରେ ବୋଉ ତାର କହୁଥାଏ ପୁଅରେ ତମ ବିଦ୍ୟାଳୟର ପରୀକ୍ଷା ଦେଇଥିବା ୩୫ ଜଣଙ୍କ ମଧ୍ୟରେ ତୁ ସବୁଠୁ ଅଧିକ ନମ୍ବରରେ ପାସ କରିଛୁ ବହୁତ ଖୁସିଲାଗୁଥାଏ । ଖାଇ ସାରି ଶୋଇବାକୁ ବାହାରିଲା ବେଳକୁ ପୁଅଟି ଚିନ୍ତା କଲା ରାତି ପାହିଲେ ସ୍କୁଲର ସାର ଏବଂ ସମସ୍ତ ଗୁରୁଜନମାନେ ପଚାରିବେ କୋଉଠି ପଢ଼ିବୁ ?? ହେଲେ ମୋର ବାପାଙ୍କର ରୋଜଗାର ତ ଏଇଆ ମୁଁ ଜାଣୁଛି କଲେଜ ଗଲେ ତ ବହୁତ ଟଙ୍କା ଖର୍ଚ୍ଚ ହୁଏ ଶୁଣିଛି । ମୁଁ ପଢିଲେ ସେ ଏତେ ଟଙ୍କା ବାପା କୋଉଠୁ ଆଣିବେ ଏପଟେ ଭଉଣୀ ବାହାଘରର କରଜ ସହିତ ସାନଭଉଣୀର ବାହାଘର ମଧ୍ୟ କରିବାକୁ ପଡିବ ଭାବି ଭାବି ଶୋଇପଡିଲା ପରଦିନ ସକାଳେ ବଡବାପାଙ୍କ ପୁଅ ଆସି ପଚାରିଲେ ବ୍ୟାସନଗର କଲେଜରେ ନାମ ଲେଖେଇଦେବା । କାହିଁକି କେଜାଣି ତୁରନ୍ତ ମନା କରିଦେଲା ଏବଂ କହିଲା ମୁଁ ଆଉ ପାଠ ପଢ଼ିବିନି କହି ପ୍ରାୟ ସେଠାକାର ସମସ୍ତଙ୍କ ମନକୁ କଷ୍ଟ ଦେଇଥିଲା । ଯାହା ହଉ ସେ କମ୍ପାନୀରେ କିଛିଦିନ ରହିଲା ପରେ ଜଣେ ଦକ୍ଷ ପ୍ରାଯୁକ୍ତିକ ବ୍ୟକ୍ତି ହିସାବରେ ଠିକାଦାରଙ୍କ ନିକଟରେ କାର୍ଯ୍ୟରତ ହୋଇଗଲା । କିଛିଦିନ ପରେ ହଟାତ ଗୋଟେ ଭଲ ପାତ୍ରର ବାହାଘର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରସ୍ତାବ ଆସିଲା ସାନଭଉଣୀ ଲାଗି ଏବଂ ସାନଭଉଣୀର ବାହାଘର ମଧ୍ୟ ହୋଇଗଲା । ପରେ ପୁଅଟି ଚିନ୍ତା କରି କେନ୍ଦୁଝରର ଏକ ଘରୋଇ କଲେଜରେ distanceରେ ନାମ ଲେଖେଇ (ONKAR INSTITUTE)ଏକ ତାଲିମପ୍ରାପ୍ତ ପ୍ରମାଣପତ୍ର ହସ୍ତକ୍ଷେପ କରି କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ କୁଶଳୀ ଦକ୍ଷ ପ୍ରାଯୁକ୍ତିକ ବ୍ୟକ୍ତି ହିସାବରେ ପରିଚିତ ।

ସେଦିନ କଲେଜ ଯିବା ଲାଗି ରାଜି ନଥିବା ପିଲାଟି କଲେଜ ଯାଇଥିଲେ ଆଜି କେତେ ଖୁସିରେ ରହିଥାଆନ୍ତା ଜାଣିନି ହେଲେ କଲେଜ ନଯାଇବି ନିଜର କର୍ମ ବାପା ବୋଉଙ୍କର ଆଦର୍ଶକୁ ଅନୁକରଣ କରି ନିଜର ଚାଷ ବୃତ୍ତିକୁ ଆଦରିବା ସହିତ ସେମାଙ୍କର ହସ ହସ ମୁହଁକୁ ଦେଖିଦେଲେ ଜୀବନର ପ୍ରକୃତ ଖୁସି ମିଳିଯାଉଛି ।

ସତରେ ଜୀବନ ବଡ ବିଚିତ୍ର । ଜୀବନର ମୋଡ ପ୍ରତେକ ମୁହୂର୍ତ୍ତରେ ବଦଳୁଛି । ସମୟ ସମୟରେ ବହୁତ କିଛି ଶିକ୍ଷା ମଧ୍ୟ ଦଉଛି । ଜୀବନରେ ଆଲୋକ ଭରା ଆଶା ମିଳିଯାଇଛି ସତ ହେଲେ ସେଦିନର ମାଟିର ତିଆରି ଘରେ ଝୋଟିର ଚିତାରେ ଯେଉଁ ସୌନ୍ଦର୍ଯ୍ୟ ଓ ଆନନ୍ଦ ଥିଲା ଆଜି ଏ ଚିକ ଚିକ ମାରୁଥିବା ମାର୍ବଲ ଘରେ ନାହିଁ । ସେଦିନର ଚାଳଘର ଓଳିରେ ଘରଚଟିର କିଚିରି ମିଚିରି ରାବରେ ଯୋଉ ମଧୁରତା ଥିଲା ଆଜି ନାମୀଦାମୀ କମ୍ପାନୀର ହୋମ ଥିଏଟରରେ ମଧ୍ୟ ନାହିଁ । ସେଦିନର ଢ଼ିଙ୍କି କୁଟା ଜଙ୍ଗଲଜଟ ନାଲି କବର ଚାଉଳରେ ଯୋଉ ସ୍ୱାଦ ଥିଲା ଆଜି ଏ ଡେରାଡୁନ ଫାଇନ ଚାଉଳରେ ନାହିଁ । ସେଦିନ ବାପାଙ୍କ ଚବିଶ ଇଞ୍ଚର ଆଟ୍ଲାସ ସାଇକେଲରେ ଯୋଉ ମଜା ଥିଲା ଆଜି ଏ ଲକ୍ଷ ଲକ୍ଷ ଟଙ୍କାର ଗାଡ଼ିରେ ନାହିଁ... । କାହିଁଗଲ ତୁମେ ଆଉଥରେ ଆସ ଫେରି... ହେ ଅତୀତ...

ନୂଆସାହି, ପାଟରଙ୍ଗା, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତନ୍ଦ୍ରାଛନ୍ନ ତନ୍ଦ୍ରା



ଶୁଚିସ୍ମିତା ଗୌଡ଼

ସମୟ ଅପରାହ୍ଣ ତିନିଟା ବାଜି ପଚିଶି ମିନିଟ୍ ହେବ । ଝରକାର ଏପାଖେ ବସି ତନ୍ଦ୍ରା ଦେଖୁଥାଏ ମେଘାଚ୍ଛନ୍ନ ଆକାଶର କାରୁଣ୍ୟତାକୁ । ଖଣ୍ଡ ଖଣ୍ଡ ଭସାମେଘ ଦୋଳି ଝୁଲାଉଥାନ୍ତି, ଆକାଶ ଆଖିର ଲୁହ ବିନ୍ଦୁକୁ । କାହିଁ କେତେ କାଳରୁ ଜମାଟ ବାନ୍ଧି ଲୁହ ଯେତେ ସବୁ କୁଆପଥର ପାଲଟି ଯାଇଛି । ମେଞ୍ଚାଏ ପବନ ଆସି ଦୋହଲାଇ ଦେଲା ଆକାଶର ଛାତିକୁ । ଯେପରି ଏହି ଶକ୍ତ ଧକ୍କା ଆକାଶକୁ ପୁଣି ସଫା କରି ଦେଇଛି । ବୋହି ଯାଇଛି ଆକାଶ ଛାତିର କୋହ ସବୁ ବର୍ଷାବିନ୍ଦୁ ହୋଇ । ଆକାଶର କାରୁଣ୍ୟତା ଓ କୋହକୁ ମାପୁ ମାପୁ ତନ୍ଦ୍ରା କେଉଁ ବୟସକୁ ଫେରିଗଲାଣି ଆଉ ତା ମଧ୍ୟରେ କେତେ ସମୟର ହିସାବ କିତାବ କରି ପକାଇଲାଣି ସେ ବି ଜାଣେନା ।

ପଚିଶିଟି ଶ୍ରାବଣ ବରଷିଯିବା ପରେ ଆଜି ଏ ଶ୍ରାବଣର ଏ କି ଚଞ୍ଚଳତା, ଏ କି ଅପୂର୍ବ ପରଶ । କାହିଁ ତନ୍ଦ୍ରା ତ ଏପରି ସ୍ୱତନ୍ତ୍ର ଅନୁଭବ ବିଗତ ଦଶଟି ଶ୍ରାବଣ ହେବ କେବେ କରିନି । କରିବ ବା କେମିତି ? ଏଇ ଦଶବର୍ଷ ହେବ ତନ୍ଦ୍ରା ଯେ ଭାବନାର ଆର ପାରିରେ । କୁହା ଅକୁହା ଚାପା କୋହକୁ ଆନ୍ଦୋଳିତ ମନରେ ନେଇ ସାମାଜିକ ନୀତିରେ କବଳିତ ତନ୍ଦ୍ରା କଣ ରୂପ ଦେଇ ସଜାଇ ପାରିବତ ଭାବନାର ଗଡ଼ଜାତକୁ ?ସେ କଣ ତା କଲମ ମୂନରେ ଶାସନ କରିପାରିବ ଅଡୁଆ ସୂତା ପରି ଗୁଡେଇ ତୁଡେଇ ହେଉଥିବା ଶବ୍ଦ ଗୁଚ୍ଛକୁ ? ସେ କଣ ବାନ୍ଧିପାରିବ ଶବ୍ଦର ମାଳକୁ ତା ଭାବନାର ଶିଙ୍କୁଳିରେ ? ଏହାର ଉତ୍ତର ନ ପାଇ ବୋଧେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତନ୍ଦ୍ରା ଲେଖାଲେଖି କରିବା ବି ଛାଡି ଦେଇଛି । ତୁଳୀର ପରଶରେ ମନର ରଙ୍ଗ ଦ୍ୱାରା ଅନ୍ଧାରରେ ଆଲୋକବର୍ତ୍ତିକା ପ୍ରଜ୍ୱଳିତ କରିବା କଳାଟା ବି ବୋଧେ ତନ୍ଦ୍ରା ଭୁଲିଗଲାଣି । ବାକ୍‌ଚାତୁରୀରେ ପାରଙ୍ଗମ ତନ୍ଦ୍ରା ଆଜି ନୀରବ । ବିଦ୍ୟାକୁ ଅଳଙ୍କାର କରି ମଣ୍ଡି ହୋଇଥିବା ତନ୍ଦ୍ରା ଆଜି ଖବରକାଗଜଟିକୁ ବି ଚାହେଁନାହିଁ । ଏ କଣ ସେହି ତନ୍ଦ୍ରା । ହଁ ତନ୍ଦ୍ରା, ଏହି ନାଁଟି ପାଠ ପଢିବାକୁ ଯାଉଥିଲା ବେଳେ ଶ୍ରେଣୀରେ ଅଧିକ ଥର ଗୁଞ୍ଜରିତ ହୁଏ । ଏହି ନାମଟି ପାଖେ ସମସ୍ତଙ୍କ ବରାଦ ରହିଥାଏ । ହେଲେ ଆଜି ଏହି ଶୂନ୍ୟତା ଏହି ନିର୍ଜନତା କାହିଁକି ? କାହିଁକି ଏହି ଶ୍ମଶାନତା ତନ୍ଦ୍ରାର ହୃଦୟରେ, ତାର ଜୀବନ ପଥରେ । ଏହିପରି ନାନା ପ୍ରଶ୍ନମାନ ତନ୍ଦ୍ରାକୁ ଅସ୍ତବ୍ୟସ୍ତ କରି ପକାଉଥିବା ବେଳେ ନୟନର ଏକ ସୂକ୍ଷ୍ମକୋଣରୁ ଉଷ୍ମତାରେ ପୂର୍ଣ୍ଣ ଲୁହଟୋପେ ତାର ଗଣ୍ଡଦେଶ ଦେଇ ବୋହି ଚାଲିଗଲା । ଚମକି ପଡ଼ିଲା ତନ୍ଦ୍ରା । ଶ୍ରାବଣର ଶୀତଳତାରେ ଏ କି ପ୍ରକାର ଉଷ୍ମତା । ଏ କଣ ସେହି ବହୁଦିନରୁ ସଞ୍ଚିତ କୋହ ଯାହା ଆଜି ଅଶ୍ରୁ ହୋଇ ବୋହି ଯାଉଛି । ଆହା ! ସତରେ କେତେ ହାଲୁକା ଅନୁଭବ ହଉଛି ଆଜି ।

ମନେପଡିଲା ତନ୍ଦ୍ରାର ସେହି ଅପାସୋରା ମୁହୂର୍ତ୍ତ ସବୁ, ସେହି କଷ୍ଟ ଓ ଯନ୍ତ୍ରଣା ଓ ବୋହି ଯାଇଥିବା ଅଗଣିତ ଅଶ୍ରୁବୁନ୍ଦା ଗୁଡିକ । ସତରେ ପରିସ୍ଥିତି ସବୁ କେମିତି ଥିଲା । ଆଜି ଯେମିତି ସେ ସବୁ ସ୍ମୃତି ଜୀବନ୍ତ ହୋଇ ଉଠିଛି । ତନ୍ଦ୍ରା ଘରର ସାନ ଝିଅ । ବଡ଼ଭଉଣୀ ମେଘାର ବାହାଘରଟା ସରିଯିବା ପରେ ବାପାମା' ଭାବିଥିଲେ ସାନଝିଅର ବାହାଘରଟା ଚାକିରୀ ଥିବା ଭିତରେ ସାରିଦେବେ । ବାପା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ । ପ୍ରଚଳିତ ସାମାଜିକ ନିୟମର ଧରାବନ୍ଧା ନୀତିରେ ପଡି ବାପାବି ଝିଅଟାକୁ ବାହା ଦେଇ ଶାନ୍ତିରେ ରୁହନ୍ତେ ଆଉ ପୁଅପାଇଁ ଘର ଖଣ୍ଡେ କରନ୍ତେ । ପୁଅଟିଏ ଯେତେବେଳେ ତା ପାଇଁ ତ କିଛି

Magazine Downloaded from www.aahwaan.com

ରଖିବାକୁ ହେବ, ନହେଲେ ମଲାବେଳେ ନିଆଁପାଣି ଟିକେ ବି ମିଳିବନି ଯେ । ବଡ଼ଅପାର ବାହାଘରଟା ନ ହେବାଯାଏଁ ତନ୍ଦ୍ରା ଭାରି ଖୁସିଖୁସି ରହୁଥିଲା । ସେ ଯେମିତି ମୁକ୍ତ ଆକାଶର ବିହଙ୍ଗ ଥିଲା, ସାତରଙ୍ଗର ଇନ୍ଦ୍ରଧନୁରୁ ରଙ୍ଗ ଆଣି ନୟନ ରୂପକ ରଙ୍ଗତୁଳୀ ଧରି ନିଜ ବୟସକୁ ମାପି ଚାଲିଥିଲା । ସମୁଦ୍ର ମଧ୍ୟରେ ଥିବା ଅଗଣିତ ଢେଉ ଭିତରେ ସେ ହଜି ଯାଉଥିଲା । ସାଗରର ବେଳାଭୂମିରେ ଅପେକ୍ଷାରତ ଶାମୁକା ପରି ସେ ଥିଲା ଆତୁରା । କେଜାଣି କେଉଁ ଭାବନାରେ ବିହ୍ୱଳ ହୋଇ ସେ ଛନ୍ଦାୟିତ ପାଦରେ ବାଟ ଚାଲୁଥିଲା । ବୟସ ଛୁଇଁଥିଲା ଅଠର ।

ଘରେ ବଡ଼ ଅପାର ସହମତି ନେଇ ତନ୍ଦ୍ରା ବିଶ୍ୱବିଦ୍ୟାଳୟରେ ପ୍ରଥମେ ୟୁ.ଜି. ଓ ପରେ ପି.ଜି. ପଢ଼ିବା ପାଇଁ ସ୍ଥିର କରିନେଲା । ତା ମାଆ ଶଯ୍ୟାଶାୟୀ, ପାରାଲେସିସ୍ ପୀଡ଼ିତା, କଥାଟିକେ କହିବାକୁ ବି ଅକ୍ଷମ । ଏଣୁ କିଛି ଭାବିବା ବ୍ୟତୀତ କିଛି କହିବା ବା କରିବା ତାଙ୍କ କ୍ଷମତାର ବାହାରେ । ତେଣୁ ତାଙ୍କର ଅନୁମତି ଆଉ ଆବଶ୍ୟକ ହେଲା ନାହିଁ । ବଡ଼ଝିଅ କଥାରେ ବାପା ରାଜି ହୋଇ ତନ୍ଦ୍ରାକୁ ପାଠ ପଢ଼ିବାକୁ ବାହାରକୁ ପଠେଇ ଦେଲେ । ତନ୍ଦ୍ରାର କାର୍ଯ୍ୟକାରିତା ବାପାଙ୍କ ଆଖିରେ ବି ଅନେକ ସ୍ୱପ୍ନ ଭରି ଦେଇଥାଏ ଯେତେବେଳେ ତନ୍ଦ୍ରା ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ତା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତାକୁ ବିଜ୍ଞାନ ବିଭାଗରେ ନାମ ଲେଖାଇବାକୁ କହିଥିଲେ । ଅନ୍ୟପଟେ ତାର ସାହିତ୍ୟ ଶିକ୍ଷକ ତନ୍ଦ୍ରା ସାହିତ୍ୟ ଓ ଦର୍ଶନରେ ପାରଙ୍ଗମ ଥିବା ଯୁକ୍ତି ଦର୍ଶାଇ କଳା ପଢାଇବାକୁ ପରାମର୍ଶ ଦେଇଥିଲେ । ଏସବୁ ସାଙ୍ଗକୁ ଚିତ୍ର ଶିକ୍ଷକ ବି କହି ଯାଇଥିଲେ ଯେ ତନ୍ଦ୍ରା ଯାହା ପଢୁପଛ କେ ସେ ଯେପରି ଚିତ୍ର ଆଙ୍କିବା ନ ଭୁଲେ । କାରଣ ସେ ଭାବନ୍ତି ତନ୍ଦ୍ରା କୁଆଡେ ତୂଳୀଧରି ଶୁଷ୍କ ତରୁରେ ଫୁଲ ଫୁଟାଇବା ପରି ଜାଦୁ କରିପାରେ । କିନ୍ତୁ; ତନ୍ଦ୍ରାର ଚିନ୍ତାଧାରା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭିନ୍ନଥିଲା । ସମସ୍ତ ସ୍ୱାଭାବିକତାକୁ ଏଡାଇ ଦେଇ ସେ ଅନ୍ୟ ଏକ ପଥରେ ଅଗ୍ରସର ହେଲା । ସେ ଇଣ୍ଟରମିଡିଏଟରେ ବାଣିଜ୍ୟ ଶିକ୍ଷାରେ ଉତ୍ତୀର୍ଣ୍ଣ ହେଲା । ଏହାପରେ ଉଚ୍ଚଶିକ୍ଷା ଲାଭକରି ବ୍ୟାଙ୍କରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ହେବା ଲକ୍ଷ୍ୟରେ ତନ୍ଦ୍ରା ଆଗକୁ ବଢିଚାଲିଲା ।

ଏଥର ତନ୍ଦ୍ରାର ନୂଆ ଏକ ଜୀବନର ଆରମ୍ଭ ହୁଏ । ତନ୍ଦ୍ରାର ସ୍ୱାର୍ଥ ଆଗରେ ଯେମିତି ବାଧକ ସାଜିବାକୁ କିଛି ନଥିଲା । ଦୁନିଆ ଥିଲା ରଙ୍ଗୀନ୍ । ଆକାଶର ଛାତିଥିଲା ନିର୍ମଳ । ସେଦିନ ଫ୍ରେଶର୍ ମାନଙ୍କ ସ୍ୱାଗତ ସଭାରେ ତାର ସିନିୟର୍ ବ୍ୟାଚର୍ ଛାତ୍ର ଅର୍ଣ୍ଣବ ସହ ଦେଖା ହୋଇଥିଲା । ଦେଖିବାକୁ ମନଲୋଭା ନହେଲେ ବି ବଳିଷ୍ଠ ଶରୀର ଏବଂ ଜ୍ଞାନଗାରିମାରେ ଭରପୁର ଏକ ଜୀବନ୍ତ ପ୍ରତିମାଟିଏ । ସେତେବେଳେ କୁଆଡେ କଲେଜର ଅଧାଝିଅ ତା ପାଇଁ ସମୁଦ୍ରକୁ ଲମ୍ଫ ଦେବାକୁ ଆଗେଇ ଆସୁଥିଲେ । ତନ୍ଦ୍ରା କିନ୍ତୁ ଏପରି ନଥିଲା, ସେଥିଲା ସମସ୍ତଙ୍କ ଠାରୁ ଭିନ୍ନ, ସ୍ୱତନ୍ତ୍ର । ବୋଧହୁଏ ଏହି ଭିନ୍ନତା ହିଁ ଅର୍ଣ୍ଣବର ମନରେ ଆକର୍ଷଣ ସୃଷ୍ଟି କରିଥିଲା । ନୂଆ ନୂଆ ଯୌବନରେ ପାଦ ଥାପିଥିବା ତନ୍ଦ୍ରା ଗୌରୀ ନ ହେଲେ ବି ଶ୍ୟାମଳୀ ତନୁ ଥିଲା । ରୂପଲାବଣ୍ୟରେ ମନ ନ ମୋହିଲେ ବି ବାଣୀ ବ୍ୟବହାରରେ ଶିଙ୍କୁଳି ପକାଇ ଦେଉଥିଲା । ନଦୀ ଓ ସାଗରର ବ୍ୟାକୁଳତା ପରି ଥିଲା ଦୁହିଁଙ୍କ ଜୀବନ । କଲେଜରେ ପାଠପଢ଼ା ସାଙ୍ଗକୁ ଅନ୍ୟ ପ୍ରସଙ୍ଗ ଗୁଡିକରେ ମଧ୍ୟ ତନ୍ଦ୍ରା ଓ ଅର୍ଣ୍ଣବ ପ୍ରଶଂସା ସାଉଁଟି ନେଉଥିଲେ । ଶ୍ରେଣୀ ଗୃହରେ ବାହାରେ ଅଧିକତର ଗୁଞ୍ଜରିତ ହୁଏ ତନ୍ଦ୍ରା, କେବଳ ତନ୍ଦ୍ରା । କିଏ ପାଠ ବୁଝିବାପାଇଁ ତ ଆଉ କିଏ ଚିତ୍ରଟିଏ ଆଙ୍କିଦେବା ପାଇଁ ତନ୍ଦ୍ରା ପାଖେ ଧାଡ଼ି ଲମ୍ବାଇ ଅପେକ୍ଷା କରନ୍ତି । ସେପଟେ ଅର୍ଣ୍ଣବ ବି ସେମିତି । ବିତି ଚାଲିଥାଏ ଦିନ ପରେ ଦିନ । ୟୁ.ଜି.ରେ ଭଲ ନମ୍ବର ରଖି ତନ୍ଦ୍ରା ପାସ୍ କରିଛି । ଅନ୍ୟପଟେ ଅର୍ଣ୍ଣବ ମଧ୍ୟ ପି.ଜି. ପରୀକ୍ଷାର ପ୍ରଥମ ସୋପାନ ଅତିକ୍ରମ କରିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ସହ ତାଳଦେଇ ଜୀବନ ବଦଳିଛି । ଏଥର କିନ୍ତୁ ନଦୀ ଓ ସାଗର ପରସ୍ପର ପ୍ରତି ବ୍ୟାକୁଳ ନୁହନ୍ତି । ତନ୍ଦ୍ରା ଗ୍ରୀଷ୍ମଛୁଟିରେ ଘରକୁ ଆସିଛି । ଏହାରି ଭିତରେ ବଡ଼ଅପା ମେଘାର ବାହାଘର ସରିଯାଇଛି, ଭାଇ ବି ଇଞ୍ଜିନିୟର ହେଇ ଭଲ ଦରମା ପାଉଛି ଏବେ ତନ୍ଦ୍ରା ବାହାଘର କଥା ସମସ୍ତଙ୍କ ଆଲୋଚ୍ୟ ବିଷୟ । ପାତ୍ର ଦେଖା ମଧ୍ୟ ଚାଲିଥାଏ କିନ୍ତୁ ତନ୍ଦ୍ରା ଯେ ଅଣନିଃଶ୍ୱାସୀ ହୋଇ ପଡୁଥାଏ । ମନେମନେ ଅର୍ଣ୍ଣବକୁ ଖୋଜୁଥାଏ ହେଲେ ତା ଫୋନ ବନ୍ଦ ପାଇ ମନ ମାରି ରହୁଥାଏ । ଘରେ ତ ବଡ଼ଅପା ବି ତା କଥା ଶୁଣିବାକୁ କି ବୁଝିବାକୁ ନାହିଁ, କଣ ବା ସେ କରିବ କାହାକୁ ଆଉ କହିବ ତା ମନକଥା ? ଶେଷରେ ଜଣାଗଲା ଯେ ଏଥର ଛୁଟି ମଧ୍ୟରେ ବାହାଘର ହୋଇପାରିବ ନାହିଁ । ଆଶ୍ୱସ୍ତି ଲାଭ କଲା ତନ୍ଦ୍ରା । କିଏ ତାର ସୌନ୍ଦର୍ଯ୍ୟକୁ ନାପସନ୍ଦ କଲା ତ ଆଉ କିଏ ପାଠପଢ଼ା ଓ ସ୍ୱାଧୀନ ଚେତା ହେବାକୁ ଦାୟୀକଲା । ଛୁଟିପରେ ତନ୍ଦ୍ରାଟିକେ ଖୁସି ହୋଇ କଲେଜଗଲା । କିନ୍ତୁ; ଏ କଣ ଅର୍ଣ୍ଣବର କୌଣସି ଖବର ନାହିଁ । ସେ କାହିଁକି କଲେଜ ଆସୁନାହିଁ ? ବହୁତ ଖୋଜାଖୋଜି ପରେ ସେ ଜାଣିବାକୁ ପାଇଲା ଯେ ଅର୍ଣ୍ଣବର କୁଆଡେ ବ୍ୟାଙ୍କରେ କ୍ଲର୍କ ଚାକିରୀଟିଏ ହୋଇ ଯାଇଛି । ଏବଂ ସେ ଏହାରି ଭିତରେ ତାଙ୍କ କଲେଜରେ କଳା ବିଭାଗରେ ପଢୁଥିବା ଜଣେ ସତରବର୍ଷୀୟ ତରୁଣୀଙ୍କୁ ବିବାହ କରିବାକୁ ଯାଉଛି । ଏକଥା ସେ ତାର ସାଙ୍ଗ ଧରିଥିବା ସାନଭଉଣୀର ବିବାହ ନିମନ୍ତ୍ରଣ କାର୍ଡ ଦେଖି ଜାଣିବାକୁ ପାଇଲା । ତନ୍ଦ୍ରାର ହୃଦୟ ଆକାଶରେ ଯେପରି ମେଘ ଘୋଟିଗଲା । ପାଦତଳୁ ଯେପରି ମାଟି ଖସିଗଲା । ତନ୍ଦ୍ରାର ତୂଳୀ ଆଉ ଶୁଷ୍କ ତରୁକୁ ଜୀବନ୍ତ କରିପାରିଲା ନାହିଁ । ଜ୍ଞାନ ଫଳ ପଚି ନଷ୍ଟ ହୋଇଗଲା । ସାହିତ୍ୟ ସାଧନାରେ ରତଥିବା ତନ୍ଦ୍ରା ଆଜି ନୀରବ । କଲମର ଶ୍ୟାହି ଉପରେ ଆଜି ତାର ଅଭିମାନ । ପାଠପଢ଼ାରେ ଡୋରି ବାନ୍ଧି ସେ ତା ଗାଁକୁ ଫେରିଆସିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସର୍ବତ୍ର ଗୁଞ୍ଜରି ତ ତନ୍ଦ୍ରା ନାମ ଆଉ ଶୁଣାଗଲା ନାହିଁ । ସେ ଯେପରି ନିଶ୍ଚଳ ପ୍ରତିମା । ଲୁହ ଯେତେ ସବୁ ଜମାଟ ବାନ୍ଧିଗଲା ଛାତି ଭିତରେ । ଖରାଦିନ ଭିତରେ ବାପା ପୁଣି ପାତ୍ର ଖୋଜିବାକୁ ଲାଗି ପଡିଲେ । ପୂର୍ବପରି ସେଇ ସମସ୍ତ କଥା ସହ ଆଉ ଏକ ଅପବାଦ ଏଥରକ ଯୋଡ଼ି ହୋଇ ବିବାହ ସ୍ଥିର ନ ହେବାର କାରଣ ରୂପେ ଠିଆ ହୋଇଥିଲା । ସେ କୁଆଡେ କୂଳଟା, ଚରିତ୍ରହୀନା । ସମ୍ଭାବନା ଥିବା ସ୍ଥାନ ଗୁଡିକରେ ବାହାଘର ହୋଇ ନପାରିବାରୁ ବାପା ଭାଇଙ୍କ ତାଡନା ଓ ସାହିପଡିଶାଙ୍କ ଟାହିଟାପରା, ଅର୍ଣ୍ଣବର ହଠାତ୍ ବଦଳିଯିବା ସବୁ ଯେମିତି ଏକତ୍ର ହୋଇ ତନ୍ଦ୍ରାକୁ କ୍ଷତାକ୍ତ କରି ପକାଇଲେଣି । ସେ ଆଜି ନିଜ ଜୀବନର ପ୍ରଶ୍ନରେ ବିମୋହିତ । ଆହୁରି ଗୋଟେ ବର୍ଷ ବିତିଗଲାଣି । ତନ୍ଦ୍ରା ତଥାପି ନିର୍ଜୀବ ହୋଇ ବଞ୍ଚିରହିଚି । ତା ପ୍ରଶ୍ନର ଉତ୍ତର ପାଇବା ଆଶାରେ । ଯେମିତି ସେ କେଉଁ ଅଜଣା ନିଦରେ ଶୋଇ ରହିଛି, ତାକୁ ଉଠେଇବାକୁ ଯେମିତି କିଏ ନାହିଁ, ଜୀବନର ଏମିତି ପରିବର୍ତ୍ତନ ତନ୍ଦ୍ରାକୁ ସ୍ତବ୍ଧ କରିଦେଇଛି । ତନ୍ଦ୍ରାର ନିଦ ଭାଙ୍ଗିଲା ସେହିଦିନ ଯେଉଁ ଦିନ ସେ ଅର୍ଣ୍ଣବ ଓ ତା ସୁଖସଂସାରକୁ ପାର୍କ ଭିତରେ ଦେଖିବାକୁ ପାଇଲା । ଅର୍ଣ୍ଣବର ମା କହୁଥିଲେ ଯେ ଯଦି ସେ ତନ୍ଦ୍ରାକୁ ସ୍ତ୍ରୀ ରୂପେ ଗ୍ରହଣ କରିଥାନ୍ତା ତେବେ କଣ ସେ ତାକୁ ତାର ଆଜ୍ଞାବହ କରି ରଖି ପାରିଥାନ୍ତା ନା ତା କଥା ଅନୁସାରେ କାର୍ଯ୍ୟ କରୁଥିବା ସ୍ତ୍ରୀଟିଏ ପାଇ ପାରିଥାନ୍ତା । ଏଥିରେ ଅର୍ଣ୍ଣବ ମଧ୍ୟ ସମ୍ମତି ଜଣାଇଲା । ପ୍ରକୃତିସ୍ଥ ହେଲା ତନ୍ଦ୍ରା ।

ତା ମନରେ ଅନେକ ସମସ୍ୟାର ଆପେ ଆପେ ସମାଧାନ ହୋଇଗଲା । କେବଳ ଗୋଟିଏ ପ୍ରଶ୍ନ ନିଜକୁ କରିଲା ତନ୍ଦ୍ରା, ସ୍ୱାଭିମାନୀ ହେବା କଣ ଭୁଲ୍, ଶିକ୍ଷିତା ହେବା କଣ ଭୁଲ୍ ଅବା ସ୍ୱାଧୀନ ଭାବେ ବଞ୍ଚିବା ଭୁଲ୍ । ସତରେ କଣ ନାରୀର ସ୍ଥାନ ପୁରୁଷର ବାହୁତଳେ, କଣ ନାରୀର ସୌନ୍ଦର୍ଯ୍ୟ ଓ ଆଜ୍ଞାବାହକ ହିଁ ପୁରୁଷର ଏକ ମାତ୍ର କାମ୍ୟ । କଣ ଏହାହିଁ ଆମ

 Magazine Downloaded from www.aahwaan.com

ସମାଜ ଚାହେଁ । ଯେଉଁମାନେ ଦିନଦିନ ଧରି ତାର ପ୍ରଶଂସା କରୁଥିଲେ ସେମାନେ ଆଜି ନୀରବ କାହିଁକି ? ପୁଅଝିଅ ସମାନତା କଣ କେବଳ ସମାଜର ମୁଖଭାଷା, ଏହାର ମୂଲ୍ୟ କଣ ସତରେ କିଛି ନାହିଁ । ଆଉ ଯେଉଁମାନେ ତାର ଗୁଣଗାନ କରିଥିଲେ ତାହା କେବଳ ସେମାନଙ୍କ ସ୍ୱାର୍ଥନିମିତ୍ତ, ସେଥିରେ କଣ ସତ୍ୟତା ନଥିଲା ?  ସ୍ୱଳ୍ପ ବୟସରେ ବିବାହ କରି ସ୍ୱାମୀଙ୍କୁ ସୁଖୀ କରିବା ସହ ସମାଜର ଆଦର୍ଶ ନାରୀ ହେବାରେ କଣ ଝିଅ ଜନ୍ମ ସାର୍ଥକ ହୋଇଥାଏ ? ଏହାହିଁ କଣ ଝିଅ ଜୀବନର ଚରମ ଲକ୍ଷ୍ୟ । ଧିରେ ଧିରେ ତନ୍ଦ୍ରା ନିଜ ସତ୍ତା ଫେରି ପାଇଲା । ନିଜ ସ୍ୱପ୍ନ କଥା ପୁଣି ମନେ ପକାଇଲା । ପାଠ ପଢିବାପାଇଁ ପୁଣି ଆଜି ସେ କଲେଜ ଗଲା । ପି.ଜି.ରେ ଉତ୍ତୀର୍ଣ୍ଣ ହୋଇ ଆଜି ସେ ଏକ ଜଣାଶୁଣା ବ୍ୟାଙ୍କର ଉଚ୍ଚପଦସ୍ଥ କର୍ମଚାରୀ ରୂପେ ଅଧିଷ୍ଠାତ୍ରୀ । ଏହା ଭିତରେ ତିନୋଟି ବର୍ଷ ବିତିଗଲାଣି । ତନ୍ଦ୍ରା ଆଜି ସ୍ୱାଧୀନା । ସମାଜର ଏହି ତୁଚ୍ଛ ମାନବିକତାର ପାଚେରୀ ଡେଇଁ ସେ ଆଜିମୁକ୍ତ । ଆଜି କେତେ କେତେ କର୍ମଚାରୀ ତାକୁ ନମସ୍କାର ହୁଅନ୍ତି । ଅର୍ଣ୍ଣବ ମଧ୍ୟ ତା ଆଗରେ ଫାଇଲ ଧରି ଦସ୍ତଖତ ନେବାପାଇଁ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରେ । ତନ୍ଦ୍ରା ଏବେ ଘରକାମ ସହ ବାହାର କାମ କରି ନିଜକୁ ସ୍ୱାବଲମ୍ବୀ କରି ପାରିଛି । ହେଲେ ଏଯାଏଁ ସେ ତୂଳୀକୁ ଯାଦୁକରୀ ସ୍ପର୍ଶ ଦେଇ ନି କି କଲମ ଧରି ଶବ୍ଦ ସଜାଡ଼ିବା ଆରମ୍ଭ କରିନି ବୋଧେ ଅଭିମାନ କରିଛି କି କଣ ।

ତନ୍ଦ୍ରା ଆଜି ପଚିଶି ବର୍ଷର । ଆଜିର ଶ୍ରାବଣ ତାକୁ ପଞ୍ଜୁରୀ ଖୋଲି ପୁଣିଥରେ ଉଡିବାକୁ ଯେମିତି ଆହ୍ୱାନ ଦେଉଚି । ଉଡ଼ିବା ପାଇଁ ସେ ଆଜି ଡେଣା ଝାଡୁଛି । ବୋହି ଯାଉଛି ସମସ୍ତ ଗ୍ଲାନି । ସେ ଆଜି ମୁକ୍ତ ହୋଇଛି । ତା ହୃଦୟ ଆକାଶର କଳା ବାଦଲ ହଟି ଯାଇଛି । ଏତିକି ଭାବୁଭାବୁ ବର୍ଷା ସହ ତାଳଦେଇ ତାର ଶେଷ ଲୁହ ଟୋପେ ଆସି ତା ଡାଏରୀରେ ପଡ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛି । ଚମକି ପଡ଼ିଲା ସେ, ଏ କଣ, ଏ ତ ତା ନିଜ ଅକ୍ଷର, ତା ଜୀବନ ଚରିତ ସୁନ୍ଦର୍ ସୂର୍ଯ୍ୟଙ୍କ ପ୍ରତିଛବି ସହ ବର୍ଣ୍ଣିତ । ତା ମାନେ ସେ କଣ ପୁନଶ୍ଚ ସାହିତ୍ୟ ରଚନା କରିଛି ପୁଣି ଚିତ୍ର ଆଙ୍କିଛି, ଖୁସିରେ ସେ ସଜ୍ଜଳ ହୋଇ ଉଠିଲା । ଆତ୍ମତୃପ୍ତି ଲାଭ କଲା ତନ୍ଦ୍ରା । ତାର ଏହି ଖୁସିରେ ତାର ଆଇ.ଏ.ଏସ୍. ସ୍ୱାମୀ ସହ ଶିକ୍ଷୟିତ୍ରୀ ଶାଶୁ ମଧ୍ୟ ସାମିଲ ଥିଲେ । ସମସ୍ତଙ୍କ ଆଖିରେ ଖୁସିର ବନ୍ୟା, କେବଳ ସେଥିରେ ଶାନ୍ତି, ତୃପ୍ତି, ପ୍ରଶାନ୍ତି ଝଲସି ଉଠୁଥିଲା । ସମସ୍ତେ କହୁଥିଲେ ଜଣେ ଶିକ୍ଷିତା ନାରୀ ହିଁ ଜୀବନକୁ ଠିକ ରାସ୍ତାରେ ନେଇପାରେ ।

ଶିକ୍ଷୟିତ୍ରୀ, ସ.ନୂ.ଉ.ପ୍ରା.ବିଦ୍ୟାଳୟ , ଲୁଚୁକିବାହାଲ

ଲୋଇସିଂହା , ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଙ୍କାଗଛର ଜନ୍ମକାହାଣୀ



କୁଞ୍ଜବିହାରୀ ସାହୁ

ପାହାଡ ତଳି ଆଦିବାସୀ ଗାଁଟିଏ । ଛଣ ଛପର ମାଟିକାନ୍ଥର କୁଡିଆ ଘରେ ସ୍ତ୍ରୀଲୋକଟିଏ ରହୁଥାଏ । ରୂପରେ ଯେମିତି ଗୁଣରେ ବି ସେମିତି । ଗୋବର ପାଣିରେ ଲିପାପୋଛା କରି ଘରଟିକୁ ସଫାସୁତର ରଖିଥାଏ । ଅଗଣାରେ ଛୋଟ ବଗିଚା । କେତେ ରକମର ଫୁଲଗଛ ଲଗେଇଛି । ସୁନ୍ଦର ଦିଶୁଛି ବଗିଚାଟି । ବଗିଚାରେ ବୁଲାବୁଲି କରିବା ପାଇଁ ସାଇ ପଡିଶାର ଛୋଟଛୋଟ ପିଲାମାନେ ଆସନ୍ତି । ପିଲାମାନଙ୍କୁ ଦେଖି ଖୁସି ହୋଇଯାଏ । କୋଳରେ କାଖରେ ଦେଖି ଗେଲ କରେ । ଘରେ ଯାହା ଥାଏ ଖୁସିମନରେ ପିଲାଙ୍କୁ ଦିଏ । ଗେଲକରି ହାତରେ ଖୁଆଏ ।

ସ୍ତ୍ରୀ ଲୋକଟିର ମନ ଦୁଃଖ କୋଳରେ ପିଲାଟିଏ ନ ଥିବାରୁ । ଛୁଆଟିଏ ପାଇଁ କେତେ ଦିନରାତି ବିତେଇଛି । ଥରେ ଥରେ କାନ୍ଦି କାନ୍ଦି ଶୋଇ ପଡିଛି । ଦିନେ ତା ଦାଣ୍ଡ ଅଗଣାରେ ଠିଆ ହୋଇ ସ୍ତ୍ରୀଲୋକଟିକୁ ଡାକିଲେ । ମୁହଁ ଶୁଖିଥିବା ଦେଖି ପଚାରିଲେ– 'ତୁ କାହିଁକି ମୁହଁ ଶୁଖେଇଛୁ । ତୋର ନିଜର ଛୁଆ ନାହିଁ ବୋଲି ଆଖିରୁ ଲୁହ ଗଡଉଛୁ । ତୁ ଜାଣିଥା ଆଦିବାସୀ ଲୋକମାନେ ମନଧ୍ୟାନରେ ଠାକୁରଙ୍କୁ ପୂଜା କଲେ ନିଶ୍ଚୟ ଆଶୀର୍ବାଦ ମିଳେ । ମୋ କଥା ମାନ, ସକାଳ ସଞ୍ଜରେ ଠାକୁରଙ୍କୁ ପୂଜା କର ।' ତୋ ଦୁଃଖ ଦୂର ହୋଇଯିବ । ଗାଁ ମୁଖିଆ ତାଙ୍କ ବାଟରେ ଚାଲିଗଲେ ।

ଗାଁ ମୁଖିଆଙ୍କ କଥାକୁ ବିଶ୍ୱାସ କଲା । ଲୁଗା କାନିରେ ଲୁହ ପୋଛିଲା ।

ଗାଁ ମୁଖିଆଙ୍କ କଥାନୁସାରେ ସବୁଦିନ ଠାକୁରଙ୍କୁ ପୂଜା କଲା । ଦିନେ ରାତିରେ ଅଖିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୋଇଛି ଠାକୁରଙ୍କୁ ସ୍ୱପ୍ନରେ ଦେଖିଲା । ତା ମୁଣ୍ଡ ଆଉଁସି ଠାକୁର ସତେ ଯେମିତି ଆଶୀର୍ବାଦ ଦେଉଛନ୍ତି । ତା ଆଖିରୁ ଲୁହ ପୋଛି ଦେଉଛନ୍ତି ।

ଦିନ ପରେ ଦିନ ମାସପରେ ମାସ ବିତିଗଲା । ସ୍ତ୍ରୀ ଲୋକଟି ସୁନ୍ଦର ପୁଅଟେ ଜନ୍ମ ଦେଲା । ଡଉଲ ଡାଉଲ । ଗେଲ କଲା । ଛୋଟରୁ ବଡ କଲା । ତାକୁ ଦେଖି ସାଇପଡିଶାର ପିଲାଙ୍କୁ ଭୁଲିଗଲା । ତା ବଗିଚାକୁ ପିଲାମାନେ ଖେଳିବାକୁ ଆସିଲେ । ଛୋଟ ପୁଅ ସହ ଖେଳିବାକୁ ଇଚ୍ଛାକଲେ । ହେଲେ ନିଜ ପୁଅକୁ ଏତେ ଭଲ ପାଉଥିଲା ଯେ ସେ ଅନ୍ୟପିଲାଙ୍କୁ ଭୁଲିଗଲା । ସେମାନଙ୍କୁ ମାରଧର କଲା । ଗାଳି ଦେଲା । ଚିଡିଚିଡି ହେଲା । ରାଗ ଗରଗର ହେଲା । ପିଲାମାନେ କାନ୍ଦିଲେ । ପିଲାମାନେ ତା ବଗିଚାକୁ ଆସିଲେନି । ପୁଅଟିଏ ପାଇଛି ବୋଲି ଗର୍ବ ଅହଂକାରେ ଫାଟି ପଡିଲା । ସେ ବୁଝି ପାରିଲାନି ଯେ ପିଲାମାନଙ୍କୁ ସ୍ନେହ ଆଦର କଲେ ସେମାନେ ଖୁସି ହୁଅନ୍ତି । ପିଲାଏ ହସିଲେ ଏ ବଣ ଜଙ୍ଗଲ ହସେ । ପିଲାଙ୍କ ଦେହରେ ଠାକୁର ଥା'ନ୍ତି ।

ସ୍ତ୍ରୀ ଲୋକଟିର ଏଭଳି ବ୍ୟବହାର, ଚାଲିଚଳନ ଗାଁସାରା ବ୍ୟାପିଗଲା । ସବୁଲୋକ ଜାଣି ପାରିଲେ । ସ୍ତ୍ରୀଲୋକଟି ପୁଅଟେ ପାଇଛି ବୋଲି ସାଇପଡିଶାର ଛୋଟଛୋଟ ପିଲାମାନଙ୍କୁ ହତାଦାର କରିବ କେହି ଭାବି ପାରିଲେନି । ମନେମନେ ଛି ଛାକର କଲେ । ଯିଏ ସ୍ନେହ, ଶ୍ରଦ୍ଧା, ଆଦର ଗୁଣକୁ ଠିକ୍ ମଣେନି, ସିଏ ମଣିଷ ନୁହେଁ । ଆଦିବାସୀ ଲୋକମାନେ ଶାନ୍ତ, ସରଳ । ଏ ସ୍ତ୍ରୀଲୋକଟି ଏତେ ରାଗୀ ହେଲା କେମିତି !

ଦିନେ ରାତିରେ ଠାକୁର ସ୍ତ୍ରୀଲୋକଟିକୁ ସ୍ୱପ୍ନରେ ଦେଖାଦେଇ କହିଲେ – ତୋ କୋଳରେ ଛୁଆଟିଏ ନାହିଁ ବୋଲି କାନ୍ଦୁଥିଲୁ । ଦିନରାତି ଶୋଉ ନଥିଲୁ । ମୋତେ ପୂଜାକରି ପୁଅଟିଏ ପାଇଲୁ । ତୁ ତୋ ପୁଅକୁ ଭଲପାଇଲୁ । ସାଇପଡିଶାର ପିଲାଙ୍କୁ ଗେଲ ନକରି

 Magazine Downloaded from www.aahwaan.com

ମାରମାର୍ କହିଲୁ । ଗାଳି କଲୁ । ସେମାନେ ତୋତେ ମାଆପରି ଭଲ ପାଉଥିଲେ । ତୁ ଗର୍ବ ଅହଂକାର ଦେଖାଇ ସେମାନଙ୍କୁ ଘୃଣା କଲୁ । ରାଗିଲୁ । ମାଆ କ'ଣ ପିଲାଙ୍କ ଉପରେ ରାଗିପାରେ !ତୁ ଠାକୁରଙ୍କୁ ଘୃଣା କଲୁ । ତେଣୁ ତୋର ଏପରି ବ୍ୟବହାର ପାଇଁ ଅଭିଶାପ ଦେଉଛି । ତୁ ନିଜ ପୁଅକୁ ନେଇଁ ଗର୍ବ କରୁଥିବାରୁ କିଛିଦିନ ପରେ ତୋ ସୁନ୍ଦର ପୁଅଟି ଅକାଳରେ ମରିଯିବ । ତୁ ତାକୁ ଝୁରିଝୁରି ମରିଯିବୁ । ମଲାପରେ ଏ ବଗିଚାର ଫୁଲ ଗଛମାନେ କଅଁଳିବେ ନାହିଁ । ତୁ ଏଠି ଲଙ୍କାମରିଚ ଗଛଟିଏ ହୋଇ ଜନ୍ମ ନେବୁ । ତୋ ଦେହରେ ସରୁ ସରୁ ଫଳ ହେବ । ଯିଏ ଖାଇବ ତା ଜିଭ ରାଗରେ ପୋଡିଗଲା ପରି ଲାଗିବ । ଏହା କହି ଠାକୁର ଉଭାନ ହୋଇଗଲେ ।

ହଠାତ୍ ଗାଁ ମୁଖିଆ ଦାଣ୍ଡରେ ଯାଉଯାଉ ସେ ସ୍ତ୍ରୀଲୋକର ଘର ପିଣ୍ଡାରେ ଅଟକି ଗଲେ । ସବୁ ଶୁଣିଲେ ରାଗିଲେ । କହିଲେ- ତୁ ତୋ ନିଜର ଗର୍ବ ଅହଂକାର ପାଇଁ ଠାକୁରଙ୍କ ଅଭିଶାପ ମୁଣ୍ଡେଇବାକୁ ପଡିଲା । ତା ତାପରେ ସେ ନିଜ ବାଟରେ ଚାଲିଗଲେ । ଠାକୁରଙ୍କ ଅଭିଶାପ ଶୁଣି ମନଦୁଃଖରେ ରହିଲା ସ୍ତ୍ରୀଲୋକଟି । କିଛିଦିନ ପରେ ପୁଅକୁ ବେମାର ହେଲା । ଯେତେ ପଥି ଦେଲେ ବି ରୋଗ ଭଲ ହେଲାନି । ପୁଅଟି ମରିଗଲା । ଭୋ..ଭୋ.. କାନ୍ଦିଲା ସ୍ତ୍ରୀଲୋକଟି । ସେ ବି ବେଶିଦିନ ବଞ୍ଚି ପାରିଲାନି । ସକାଳୁ ସକାଳୁ ତା ଦେହଟି ଥରିଲା । ଠାକୁରଙ୍କ କଥା ମନେ ପଡିଗଲା । କିଛିକ୍ଷଣ ପରେ ସ୍ତ୍ରୀ ଲୋକଟି ମରିଗଲା । ଗାଁରେ ଚହଳ ପଡିଗଲା । ଲୋକେ ତାକୁ ନେଇ ତା ବଗିଚାରେ ପୋତିଦେଲେ ।

ଏମତି ଅନେକ ଦିନ ବିତିଗଲା ।

କିଛିଦିନ ପରେ ଗାଁ ମୁଖିଆ ସେଇବାଟେ ଯାଉ ଯାଉ ଗଛଟିଏ ଦେଖିଲେ । ସରୁସରୁ ପତର । ଛନଛନିଆ ଦିଶୁଛି । କେତେ ଫଳ ଝୁଲିଛି । ହାତରେ ଧରି ତୋଳିବାକୁ ଗଲାବେଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋଟ ସ୍ତ୍ରୀଲୋକର ପାଟି ଶୁଭିଲା । ଶୁଣ ଗାଁ ମୁଖିଆ । ମୁଁ ହେଉଛି ସେ ସ୍ତ୍ରୀଲୋକଟି । ନିଜ ପୁଅକୁ ବେଶି ଭଲପାଇ ଅନ୍ୟ ପିଲାଙ୍କୁ ଘୃଣା କରୁଥିଲୁ ତୁଚ୍ଛାଟାରେ ରାଗୁଥିଲି । ଠାକୁରଙ୍କ ଅଭିଶାପରେ ଲଙ୍କାମରିଚ ଗଛଟିଏ ହୋଇ ଏଇଠି ଅଛି । ମୋ ଫଳ ଯିଏ ଖାଇବ ତା ଜିଭ ରାଗରେ ପୋଡିଗଲା ପରି ଲାଗିବ । ଗାଁଲୋକଙ୍କୁ କହି ଦେବ ମୋ ପରି କିଏ ଗର୍ବ ଅହଂକାର କରିବନି । ସବୁ ପିଲାଙ୍କୁ ସ୍ନେହ ଆଦର କରିବ ।

ଗାଁମୁଖିଆ ଲୋକମାନଙ୍କୁ କହି ଦେଲେ- ଦେଖରେ ଦେଖ, କି ସୁନ୍ଦର ଗଛଟି । ହେଲେ ତା ଫଳଟି ଖାଇଲେ ଜିଭ ପାଟି ପୋଡିଗଲା ପରି ଲାଗିବ । ଏଇଟା ହିଁ ଲଙ୍କା ମରିଚ ଗଛ ।

ଏଲ୍.ଆଇ.ଜି୧୫ନୟାପଲ୍ଲୀ

ବ୍ରୀଟ୍‌କଲୋନି, ଭୁବନେଶ୍ୱର୭୫୧୦୧୨

୭୦୦୮୧୪୨୦୪

Magazine Downloaded from www.aahwaan.com

# କର୍ତ୍ତବ୍ୟ



ବିଜୟେନ୍ଦ୍ର ପ୍ରତାପ ସିଂହ

ଶିବୁ କହିଲେ ବର୍ତ୍ତମାନ ଶିବାନୀର ଇ-ରିକସା ଚଲାଇବା ଦେଶରେ ନ ହେଲେ ବି ତା ସହର ପରି ଛୋଟିଆ ଟାଉନରେ ନିଷ୍ଚୟ ହିଁ ଚର୍ଚ୍ଚାର ବିଷୟ ଥିଲା । ଗରୀବ ବସ୍ତିରେ ରହୁଥିବା ଶିବାନୀର ଜୀବନ ପରିଚୟ ମାତ୍ର ଏତିକି ଥିଲା କି ତା ଗରୀବ ଫେମିଲିରେ, ବାପା ଜଣେ ଦିହାଡି ମଜଦୂର୍, ବୋଉ ଗୃହିଣୀ ଆଉ ସେ ତାଙ୍କର ଗୋଟିଏ ସନ୍ତାନ । ପିତା ସଦାନନ୍ଦ ମିଶ୍ର ଜଣେ ବ୍ରାହ୍ମଣ ପରିବାରର ଥିଲେ । କିନ୍ତୁ ଦାରିଦ୍ର୍ୟ ତାଙ୍କୁ ଏକ ଦଳିତଜୀବନ ବିତାଇବାକୁ ବାଧ୍ୟ କଲା, ଏହାର କାରଣ ଥିଲା ଶିବାନୀ । ତାଙ୍କର ବିବାହିତ ଜୀବନର ଆରମ୍ଭରୁ, ଶିବାନୀଙ୍କ ଜନ୍ମ ପର୍ଯ୍ୟନ୍ତ ଅନେକ ସନ୍ତାନ ଜନ୍ମ ହେଇଥିଲେ, କିନ୍ତୁ କେତେକ ଗର୍ଭରେ ମୃତ୍ୟୁବରଣ କଲେ ଏବଂ କେତେକ ଏହି ଦୁନିଆରେ ଆସୁ ଆସୁ ମୃତ୍ୟୁବରଣ ମୁଖରେ ଚାଲିଗଲେ । ଶିବାନୀ ବଞ୍ଚିଲା, କିନ୍ତୁ ସେ ଜନ୍ମରୁ ଏକ ଅସମ୍ପୂର୍ଣ୍ଣ ଲିଙ୍ଗ ସହିତ ଜନ୍ମ ନେଲା । ସେ ଜନ୍ମରୁ କିନ୍ନର । ଘରେ ଜନ୍ମ ହୋଇଥିବା ନପୁଂସକ ଶିଶୁର ସଦାନନ୍ଦଙ୍କ ମା ସହିପାରିଲେ ନାହିଁ ଏବଂ ହୃଦସ୍ପନ୍ଦନ ଅବରୋଧରେ ଦୁନିଆରୁ ଚାଲିଗଲା । ମା'ଙ୍କ ମୃତ୍ୟୁପରେ ସଦାନନ୍ଦଙ୍କର ମନ ଭାଙ୍ଗିଗଲା ଏବଂ ସେ ଗ୍ରାମରୁ ସହରକୁ ଚାଲିଗଲେ । ସେଇଠି ଗୋଟିଏ ଦଳିତ ବସ୍ତିରେ ଗୁମନାମୀ ଜୀବନ ଆରମ୍ଭ କଲା । ସେ କାହାକୁ ବି ନିଜର ବାସ୍ତବିକ ପରିଚୟ କେବେ ଦେଇନାହିଁ । ନା ବି କେବଳ ସଦାନନ୍ଦ ହି କହେ । ବସ୍ତିର ଅନ୍ୟ ମଜଦୁରଙ୍କ ସଂଗେ ସେ ବି ମଜୁରୀ କରିବାକୁ ଯାଏ । ଧୀରେ ଧୀରେ ସମୟ ଘୁଞ୍ଚିବାକୁ ଲାଗିଲା ।

ଆରମ୍ଭରେ ନୁଆ ଯାଗାରେ ଶିବାନୀ ସମ୍ବନ୍ଧେ ମା ବାପାଙ୍କୁ ଛାଡି ଅନ୍ୟ କାହାକୁ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣା ନଥିଲା କିନ୍ତୁ ଜୀବନର ପ୍ରତ୍ୟକ ଜିନିଷର ଗୋଟିଏ ନା ଗୋଟିଏ ନିତାନ୍ତ ଆବଶ୍ୟକତା, ଭାଷା ଆଉ ପ୍ରମୁଖତା ରହେ ହିଁ । ଶିବାନୀ ଦେହରୁ ବି ବାରବର୍ଷ ହେଉ ହେଉ ହିଜଡା ଲକ୍ଷଣ ଝଲକିବାକୁ ଲାଗିଲେ । ପ୍ରକୃତରେ ତାହା ଦେହରେ ପୁରୁଷ ହାର୍ମୋନର ଅଧିକତା । ଝିଅ ପିଲାଙ୍କ ଖେଳ ଖେଳନାରେ ତାହର ଆଦୌ ରୁଚି ନଥାଏ । ସେ ପୁଅପିଲାଙ୍କ ପରି ବ୍ୟବହାର କରେ । କଥା ବି ହୁଏ ତ ପୁଅ ପିଲାଙ୍କ ପରି । ତାର ନାରୀଦେହରେ ଫସି ରହିଥିଲା ଗୋଟିଏ ପୁରୁଷ ମନ । ଧୀରେ ଧୀରେ ସମସ୍ତ ବସ୍ତିବାଲା ଶିବାନୀର ବାସ୍ତବିକତାରୁ ପରିଚିତ ହେଇ ଯାଇଥିଲେ । ଏବେ ସମସ୍ତଙ୍କୁ ଜଣା ଯେ ଶିବାନୀ ଜଣେ ହିଂଜଡା । କିନ୍ତୁ ଗରୀବ ଲୋକଙ୍କୁ ଦ୍ୱିପହରର ଭୋଜନ ଛଡା ମନେ ଆଉ କଣ ରହେ । ତାଙ୍କର ସାରାଜୀବନ ଯାଏ ସକାଳ ଆଉ ସଂଧ୍ୟାଭୋଜନ ଯୋଗାଡ଼ରେ । କେହି ବେଶୀ ଧ୍ୟାନ ଦେଇନି । ତା'ପରେ ସମସ୍ତଂକୁ ଯାହା ବି ଜଣା ଯେ ସଦାନଂଦର ଶିବାନୀ ହି ସହାରା । ମାଇଚିଆ ଦଳ ବହୁତ ଥର ଆସିଥିଲା ଶିବାନୀକୁ ସଂଗେ ନେଇଯିବା ପାଇଂ କିଂତୁ ମୁଖ୍ୟଧାରାଂକ ଲୋକଙ୍କ ବସ୍ତି ବିପରୀତ ସେଇ ଦଳିତ ବସ୍ତିର ପ୍ରତ୍ୟେକ ମଣିଷ ସଦାନଂଦ ସଂଗେ ଛିଡା ହେଲା । ମାଇଚିଆଙ୍କ ଦଳ ଫେରିଯିବାକୁ ବାଧ୍ୟ ହେଲା । ଶିବାନୀ ସେଇ ବସ୍ତିରେ ରହିଲା ।

ଗରୀବଂକର ଜୀବନରେ ଛୋଟ ବଡ ଦେଖିବାର ଅବସର ନାହିଁ । ସମସ୍ତେ ଦିନ-ରାତି ନିଜକୁ ବଂଚାଇ ରଖିବା ସଂଘର୍ଷରେ ହିଁ ଲାଗିରହିଛନ୍ତି । କାହାକୁ ବି ଶିବାନୀର ମାଇଚିଆ କିମ୍ବା ହିଜଡା ହେବାରେ ଆପତ୍ତି ନାହିଁ । ସେ ବସ୍ତିର ପିଲାଙ୍କ ସଂଗେ ଖେଳେ, ବୁଲେ ।

କିଶୋର ଅବସ୍ଥାରେ ଆସିଲା ପରେ ବି ଶିବାନୀର ଦେହ ସଂରଚନା ଥିଲା ତ ଝିଅଙ୍କ ପରି କିନ୍ତୁ ବଳିଷ୍ଠତା ପୁଅପିଲାଙ୍କ ଠାରୁ କମ ନଥିଲା । ହସ୍ତପଞ୍ଜା ଲଢେଇରେ ବହୁତ ଯୁବକ ତା ଠାରୁ ଜିତି ପାରୁନଥିଲେ । ବସ୍ତୁତଃ ଶିବାନୀ ନାରୀ ଦେହରେ ବସି ରହିଥିଲା ଗୋଟିଏ ପୁରୁଷର ଆତ୍ମା । ତାହାର ଦେହ ବାସ୍ତବିକ ଚରିତ୍ରକୁ ବାହରି ଆସିବାକୁ ଛଟପଟ ହେବାକୁ

ଆହ୍ୱାନ ଛୋଟିକା

 Magazine Downloaded from www.aahwaan.com

ଲାଗିଲା । ଗୋଟିଏ ଦିନର ଘଟନା ସମସ୍ତଙ୍କୁ ଆଶ୍ଚର୍ଯଚକିତ କରି ପକାଇଲା । ହେଲା କଣ, ଜଣେ ପୁଅପିଲା ଶିବାନୀ ହାତରୁ ଜୋର କରି କ୍ରିକେଟ ବେଟ ନେଇନେଲା ଆଉ କହିଲା... ଯା... ସେପଟେ... ତୁ ଜଣେ ଝିଅପିଲା... ଝିଅମାନଙ୍କ ସାଙ୍ଗରେ ଖେଳ । ବଡ଼ ଆସିଲୁ ପୁଅମାନଙ୍କ ସାଙ୍ଗରେ କ୍ରିକେଟ ଖେଳିବାକୁ । ଚାଲି ଯା । ଶିବାନୀର ରାଗର ଠିକଣା ନଥିଲା । ସେ ପୁଅପିଲାକୁ ପିଟି ଅବସ୍ଥା ଖରାପ କଲାଣି । ମଝିରେ ମଝିରେ କହୁଥାଏ... ବେଟ୍ କଣ ତୋ ବାପାଙ୍କର ତୁ ନେଇଯିବୁ ? ମୋ ଇଚ୍ଛା ମୁଁ କ୍ରିକେଟ୍ ଖେଳିବି କି ଆଉ କିଛି.... ତ୍ କିଏ କହିବା ଲୋକ ? ମୁଁ ଝିଅ ନୁହେଁ ମୁଁ ପୁଅ । ଯଦି ତୋ ଦେହରେ ବଳ ଅଛି ଆ ମୋ ସହିତ ଲଢ଼ି । ଶିବାନୀ ଯେଉଁ ହିସାବରେ ତାକୁ ପିଟିଥିଲା, ସେ ସମ୍ପୂର୍ଣ ପରାସ୍ତ ହେଇ ଯାଇଥିଲା. ସେ ଆଜିଯାଏଁ କରିନି ଶିବାନୀ ସଂଗେ ।

ଗରୀବଙ୍କ ବସ୍ତିର ଖାସ କଥା । ସକାଳେ ଝଗଡା ସଂଧ୍ୟାରେ ବନ୍ଧୁ । କଥାକୁ ମନେ ନେଇ ବସନ୍ତି ନାହିଁ । ଶିବାନୀ ନିଜ ମାଙ୍କ ଠାରୁ ଗାଳି ଖାଇବା ପରେ ସେଇ ପିଲାକୁ ଯାଇ କାନ ଧରି ଭୁଲ ମାଗିଲା । ସବୁ ପୁଣି ଏକା... ସଂଗେ ଖେଳ ଖେଳି ଖୁଶୀ ହେବାକୁ ଲାଗିଲେ ।

ଶିବାନୀର ଆୟୁ ୨୦ ବର୍ଷ ହେଲାଣି । ସଦାନଂଦ ତା ଆୟୁରୁ ବେଶୀ ଲାଗୁଥିଲା । ଦରିଦ୍ରତା ଆଉ ଅଭାବପୂର୍ଣ ଜୀବନ ତାକୁ ସମୟ ପୂର୍ବ ବୁଢ଼ା କରିଦେଲାଣି । ଦେହ ଖରାପ ରହିବାକୁ ଲାଗିଲା । ଦିନେ ସେ ରାତ୍ରିରେ ଖାଇକି ଶୋଇଲା ତ ଆଉ ଉଠିଲା ନାହିଁ ।

ମା ଆଉ ଶିବାନୀ ବିକଟ ସଂକଟରେ ପଡ଼ିଗଲେ । ହଟାତ ତାଙ୍କ ସମକ୍ଷ ଭରଣ ପୋଷଣ ସହ ସୁରକ୍ଷାର ପ୍ରଶ୍ନ ଛିଡାହେଲା । ଭାରତିୟ ପିତୃସତ୍ତା ପୋଷିତ ସମାଜରେ ଘରେ ପୁରୁଷର ଉପସ୍ଥିତି ସମାଜିକ ଢାଲର କାମ କରେ । ପୁରୁଷ ଶକ୍ତିବିହୀନ ଥିଲେ ବି ଉପସ୍ଥିତି ଯଥେଷ୍ଟ । ଯେ ବସ୍ତି ଲୋକମାନେ ଶିବାନୀ ମାକୁ ମାଉସୀ ସମ୍ବୋଧନ ଦେଉଥିଲେ ସେ ଭାଉଜ କହିବା ଆରମ୍ଭ କଲେଣି । କେତେକ ତାକୁ କୌଶଲ୍ୟା ବୋଲି ଡାକିବାକୁ ଲାଗିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଉଜ ସମ୍ବୋଧନ ଦେଉଥିବା କେତେକ ମସ୍ତୁଆ ଥଟ୍ଟା କରିଥାନ୍ତ । କିନ୍ତୁ ଦାରିଦ୍ର୍ୟ ଏବଂ ଗରିବ ବରଦାସ୍ତାନର ନାମ ।

ଗରିବ ଅନ୍ୟାୟ ପ୍ରତିରୋଧ ସେଇ ପର୍ଯ୍ୟନ୍ତ କରିପାରୁ ନାହାନ୍ତି ଯେପର୍ଯ୍ୟନ୍ତ ପାଣି ମୁଣ୍ଡ ଉପରେ ନ ଯାଏ କିମ୍ବା କର ନ ହେଲେ ମର ଅବସ୍ଥାରେ ନ ପହୁଂଚେ । ଦିନେ ଶିବାନୀର ମା ଝାଡୁପୋଛା କାମ କରି ଘରକୁ ଫେରିଲା ସମୟ ଥଣ୍ଡା ଦିନେ ଅନ୍ଧାର ଜଲଦି ଆସିଯାଏ । ବସ୍ତିକୁ ଫେରିବା ବାଟ ଶୁନଶାନ ଥିଲା । ହଠାତ କିଏ କୌଶଲ୍ୟାର ମୁହଁ ଚାପି ଟାଣିକି ନେଇଗଲା ପୁରଣା ଭଙ୍ଗାକୋଠରୀକୁ । ମୁକ୍ତ ହେଉହେଉ ତିନଜଣ ବଳାତ୍କାର କରି ସାରିଥିଲେ କୌଶଲ୍ୟାକୁ । ବଳାତ୍କାରୀମାନଙ୍କ ଯିବାପରେ ଖଣ୍ଡିତ ମନ ଆଉ ଅପବିତ୍ର ଦେହକୁ ନେଇ ଘୋର ମାନସିକ ସଂତାପରେ ଘରକୁ ପହୁଂଚିଲା କୌଶଲ୍ୟା । ସାମନାରେ ଝୁଲୁଥିଲା ସଦାନଂଦ ଫଟୋ ଦେଖି କାନ୍ଦି ପକାଇଲା । ଘର ଆସିବା ସଂଗେ ମା'ର ଅବସ୍ଥା ଦେଖି ସବୁକିଛି ବୁଝିପାରିଲା ଶିବାନୀ ।

ସେଇ ସମୟ ଶିବାନୀ ନିଶ୍ଚୟ କଲା, ଆଜିରୁ ସେ କାମ କରିବ । ମା' କୁ କହିଲା, "ମା ତୋର କାମ ପାଇଁ ଯିବା ଦରକାର ନାହିଁ ଆଉ... ତୋ ପୁଅ ରୋଜଗାର କରିବ । ଈଶ୍ୱର ମୋତେ ଦେହ ଝିଅପିଲାଙ୍କ ଦେଇଛନ୍ତି କିନ୍ତୁ ମୁଁ ଝିଅ ନାହିଁ । ମୁଁ ନାରୀ ନାହିଁ...ପୁରୁଷ ବି ନାହିଁ । ମୁଁ ବାହାଘର କରିବା ଯୋଗ୍ୟ ନୁହେଁ । ଆଉ ଝିଅମାନଙ୍କ ପରି କୋମଳ ନାହିଁ । ମୋର ପୁଅଙ୍କ ବଭଳି ନିଶଦାଢ଼ୀ ବି ଆସେନା କିନ୍ତୁ ମୁଁ ମନରେ ଗୋଟିଏ ପୁଅ । ତୋର ଜମା ବ୍ୟସ୍ତ ହେବା ଦରକାର ନାହିଁ । ମୋ ସାଙ୍ଗେ ଈଶ୍ୱର ନ୍ୟାୟ କରିନାହାନ୍ତି । କିଂତୁ ତୋ ସଂଗେ ମୁଁ ଅନ୍ୟାୟ ହେବାକୁ ଦେବି ନାହିଁ ।

ଘରେ ବଂଚିଥିବା ଗହଣା ସୁନାଚାନ୍ଦୀ ସବୁ ବିକ୍ରୀ କରିବାପରେ ସେ ପାଇଲା ୪୦ ହଜାର ଟଙ୍କା । ବଂଧୁ ମାନଙ୍କ ସହାୟତାରେ ସେ ଗୋଟିଏ ଇ-ରିକସା କିଣିଲା । ଇ-ରିକସା

 Magazine Downloaded from www.aahwaan.com

ଚଳାଇବା ପାଇଁ ଡ୍ରାଇଭିଂଗ ଲାଇସେଂସ ଆବଶ୍ୟକତା ହୁଏ ନାହିଁ ।

ପ୍ରଥମ ଦିବସ ଶିବାନୀ ଇ-ରିକସା ଷ୍ଟାଣ୍ଡ ପହୁଁଚିଲା ବେଳେ ସବୁ ତାକୁ ଆଶ୍ଚର୍ଯ୍ୟ ହୋଇ ଦେଖିବାକୁ ଜମା ହୋଇଗଲେ । ଏଇ ଘଟଣାରେ ଭାରତୀୟ ସମାଜର ପିତୃସତ୍ତାର ପ୍ରଭୁତ୍ୱ ଦେଖିବାକୁ ପାଇଲା ଶିବାନୀ । କିଏ କହୁଥିଲା... ରେ ଭାଇ କୋଉ ଯୁଗ ଆସିଲା ? ଝିଅମାନେ ରିକସା ଚଳାଇବାକୁ ଲାଗିଲେଣି ! ଯେଉଁମାନେ ଜାଣିପାରିଲେ ଶିବାନୀ ଝିଅ ନାହିଁ, ଏଣେ ମାଇଚିଆ... ତାଙ୍କ ମଧ୍ୟେ ଧର୍ମ ଠିକାଦାରମାନେ... ରାମ ରାମ୍... ମାଇଚିଆର ରିକସାରେ ବସିବୁ... ନା ନା... ହେ ପ୍ରଭୁ... ଘୋର କଳିଯୁଗ ଆସିଲାଣି । କଅଣ ହେବ ତୋ ସଂସାରର ଈଶ୍ୱର ? ଅନ୍ୟ ଇ-ରିକସାରେ ବସିବାକୁ ଚାଲିଗଲେ ।

ଶିବାନୀ ଇ-ରିକସା ଯୁବ ପାସେଞ୍ଜର୍ ସହାୟତାରେ ରୋଜଗାର ପାଇବାକୁ ଆରମ୍ଭ ହେଲା । ଟୋକାମାନେ ଝିଅଟିଏ କୁ ଛୁଇଁ ବସିବା ଲାଳସାରେ ଶିବାନୀ ରିକ୍ସାରେ ବସନ୍ତି । କିନ୍ତୁ ପରେ ସେମାନେ ଜାଣିପାରିବା ପରେ କି ଶିବାନୀ ମାଇଚିଆ ବହୁତ ସୈତାନ ଟୋକା ତାହା ସଂଗେ ବଦମାସୀ ଆରମ୍ଭ କରିଦିଅନ୍ତି । ଶିବାନୀ ନିଜ ପରିସ୍ଥିତିକୁ ମନେ ରଖି ଚୁପରହି ଯାଏ । ସେ ନିଜ କାମ ଆଉ ଟଂକା ରୋଜଗାରରେ ଧ୍ୟାନ ଦିଏ । କିଂତୁ ଦିନେ ହେଲା କଣ, ଜଣେ ଭଦ୍ର ଦିଶୁଥିବା ଯୁବକ ଶିବାନୀ ପାଖ ସିଟରେ ବସି ତା ସହ ଅଭଦ୍ରାମୀ କରିଦେଲା ।

ଏଇ ଦିନ ଥିଲା, ଯେ ଶିବାନୀକୁ ପୂରା ସହରରେ ବିଖ୍ୟାତ କଲା । ଶିବାନୀ ଇ-ରିକସା ସମସ୍ତଙ୍କ ମଧ୍ୟେ ଚର୍ଚ୍ଚିତ ହେଲା । ଶିବାନୀ ରୋଡ ସାଇଡ଼ିରେ ରିକସା ଅଟକାଇଲା ଆଉ ସଭ୍ୟ ଦିଶୁଥିବା ସୈତାନକୁ ବାହାରକୁ ଟାଣି ଆଣି କୁକୁର ପରି ପିଟିବା ଆରମ୍ଭ କଲା । ସେ ନିଜ ତରଫରୁ ଲଢ଼ିବାର ଯଥାସମ୍ଭବ ଚେଷ୍ଟା କରିଲା, କିନ୍ତୁ ଶିବାନୀ ସେହିଦିନ ଅର୍ଦ୍ଧନାରୀଶ୍ୱର ଶିବଙ୍କ ପରି ତାଣ୍ଡବ କରୁଥିଲା । ଶିବାନୀ କିକ୍ ମାରିବା ସଙ୍ଗେ ଗାଳି ବି କରୁଥିଲା । ଘଟଣାସ୍ଥଳରେ ଜନସମାଗମ ହେଇଗଲା । ପୋଲିସ ଶିବାନୀକୁ ହିଁ ଆସି ଅଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିଲା । ପୋଲିସ ଇନ୍‌ସପେକ୍ଟର ଶିବାନୀଙ୍କୁ ଅପମାନ କରିବା ଆରମ୍ଭ କରିଲା କିନ୍ତୁ ରିକସା ଆରୋହୀମାନେ ସେହି ବ୍ୟକ୍ତିଙ୍କ ମଇଳା କାର୍ଯ୍ୟ ବିଷୟରେ କହିଲେ । ଇନ୍‌ସପେକ୍ଟର ବାସ୍ତବତା ଜାଣିବାକୁ ପାଇଲେ । ଭବିଷ୍ୟତରେ ମାଡ ନହେବାକୁ ଶିବାନୀ ଚେତାବନୀ ଦେଇ ଛାଡିଦେଲା । ଆଜି ଶିବାନୀ ସମାଜର ସାହାଯ୍ୟ ପାଇଲା ନହେଲେ ଅନ୍ୟ ମାଇଚିଆଂକ ପରି ଶିବାନୀଙ୍କୁ ବି ରାତାରାତି ପୋଲିସ୍ ଅର୍ଜିତ ସହିବାକୁ ପଡିଥାନ୍ତା । କିନ୍ତୁ ବର୍ତ୍ତମାନ ସରକାରୀ ନିୟମର ସୂଚନା ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ୨୦୧୪ ମସିହାରୁ ତୃତୀୟ ଲିଙ୍ଗ ସପକ୍ଷରେ ସାଧାରଣ ଜନତାଙ୍କ ପରି ନିୟମ କରିବା ପରେ ଆଉ ଏହାକୁ ପ୍ରଚାର କରିବା ଯୋଗୁଁ ସାଧାରଣ ଲୋକଙ୍କ ଚିନ୍ତାଧାରା ବଦଳିବାକୁ ଲାଗିବାର ପରିଣାମ ଦିଶିଲା ସେଇଦିନ ।


ବର୍ତ୍ତମାନ ଶିବାନୀ ନିର୍ଭୟରେ ସହର ସାରାଦିନ ନିଜ ଇ-ରିକ୍ସା ଚଲାଏ । ସେ ତାର ମା ପାଇଁ ସମସ୍ତ କାମ କରୁଛି, ଯାହା ତାଙ୍କ ପୁଅ କରିଥାନ୍ତା । ନ ବି କରି ପାରୁଥାନ୍ତା । ବିବାହ ପରେ ସେ ନିଜ ପତ୍ନୀଙ୍କ ଆଉ ପିଲାମାନଙ୍କର ଦାୟିତ୍ୱ ସାମନାରେ, ମା'ଙ୍କୁ ଅଣଦେଖା କରନ୍ତା । କିନ୍ତୁ ଶିବାନୀଙ୍କର ଏପରି କିଛି ଅସୁବିଧା ନାହିଁ । ଯେପର୍ଯ୍ୟନ୍ତ ଜୀବନ ଅଛି, ଗର୍ବ ଅଛି । ଭାବି ଶିବାନୀ ତାର ଘରେ ପହଞ୍ଚିଲା... ତାର ମା'ଙ୍କ ପାଖକୁ ।

ସହକାରୀ ପ୍ରଫେସର (ହିନ୍ଦୀ)
ରାଜକୀୟ ମୋଡେଲ କଲେଜ ଅରନିୟା
ଖୁରଜା, ବୁଲନ୍ଦଶାହର, ଉତ୍ତରପ୍ରଦେଶ
ଭ୍ରାମ୍ୟଭାଷ : ୮୨୧୮୪୦୫୭୯୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷାର ପୂର୍ଣ୍ଣଛେଦ



ଇତିଶ୍ରୀ ମହାରଣା

ଖବରକାଗଜର ପ୍ରଥମ ପୃଷ୍ଠାରୁ ଆଖି ବୁଲେଇନେଇ ନୀରବ ହୋଇଗଲେ ସେ । ପ୍ରତିଦିନର ସାମାଜିକ ବିଶୃଙ୍ଖଳା, ଭ୍ରଷ୍ଟାଚାର, ରାଜନୀତିର ନୂତନ ସରକାରୀ ନିୟମ, ବେକାରି ସମସ୍ୟା, ପାଣିପାଗର ପରିବର୍ତ୍ତନ, ଆକସ୍ମିକ ଦୁର୍ଘଟଣାର ବିଭିନ୍ନ ବିଭୀଷିକା ସବୁ ମନକୁ ଯେମିତି ଅଧିକ ଏକା କରି ଦେଇଥିଲା । ତଥାପି କିଛି ଅଶାର ଆଲୋକ ତାଙ୍କ ମନ ଭିତରେ ଛୋଟ ପ୍ରଦୀପ ପରି ଜଳି ରହୁଥିଲା ଯାହାକୁ ନେଇ ସେ ଆସନ୍ତାକାଲିର ସୂର୍ଯ୍ୟର ଅପେକ୍ଷା କରୁଥିଲେ । ଖବରକାଗଜର ପୃଷ୍ଠା ପରେ ପୃଷ୍ଠା ଲେଉଟାଇବାବେଳେ ନଜର ପଡିଲା ତାଙ୍କ ଡାହାଣ ପଟ ଟେବୁଲ୍ ରେ ଥିବା ଚା' କପ୍ ଉପରେ । ଚା' କପ୍ ଟା ହାତରେ ଧରି ଦୀର୍ଘ ନିଃଶ୍ୱାସ ନେଲେ ଆଉ ଚା' ପିଇବାକୁ ଲାଗିଲେ । ଏତିକିବେଳେ ନଜର ପଡେ ତାଙ୍କର ପାଚେରୀରେ ବାମ ପାର୍ଶ୍ୱରେ ଥିବା ଆମ୍ବଗଛ ଉପରେ । ଓଠରେ ଥିଲା ଟିକିଏ ସ୍ମିତହସ ଓ ଆଖିରେ ଟିକିଏ ଲୁହ । ବୋଧ ହୁଏ କିଛି ସ୍ମୃତି ତାଙ୍କର ମନ ଭିତରେ ସମୁଦ୍ରର ଜୁଆର ଭଳି ମାଡି ଆସୁଥିଲା । ଯନ୍ତ୍ରଣା ଦେଉଥିଲା କି ଖୁସି ଦେଉଥିଲା ତାହା ଅଜଣା । କିନ୍ତୁ କିଛି ଭାବନାରେ ହଜିଯାଇଥିଲା ସେ । ଏତିକି ସମୟରେ କିଏ ଜଣେ ଦାଣ୍ଡଘରେ ଗେଟ୍ ପାଖରେ ଆସି ଅପେକ୍ଷା କରିବାର ନଜର ପଡିଲା ତାଙ୍କର । ହାତରେ ଦୁଇଟି ବ୍ୟାଗ୍, ପାଦରେ ଜୋତା, ଆଉ ଦେହରେ ବାଦାମୀ ରଙ୍ଗର ଜ୍ୟାକେଟ୍ ଖଣ୍ଡେ । ଦୂରରେ ଆଖିକୁ ସ୍ପଷ୍ଟଭାବେ ଦେଖା ଯାଉନଥିଲେ ବି ଅନୁମାନରେ ଜୋର୍ ପାଟିରେ କିଛି କହିବାକୁ ଲାଗିଲେ । ମନର ଗତି ତୀବ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇଯାଉଥିଲା । ସନ୍ଦେହ ତାଙ୍କର ସତ ନୁହଁ ତ ଭାବି କିଛି ନାଁ ନେଇ ପୁଣି ଜୋର୍ ପାଟିରେ ଡାକିବାକୁ ଲାଗିଲେ :

- "କିଏ ?

- କିଏ ସେଠି ଅଛ ?

- ସଦା...ସଦା... ସଦାନନ୍ଦ...

-ଆରେ ବାବା ତୁ ସଦାନନ୍ଦଟି ?

-ସଦା... ସଦା... ସଦା ତୁ ଆସିଗଲୁ ?"

ଅନେକଦିନର ଅପେକ୍ଷାର ଉହାଡରେ ମନରେ ଉଙ୍କି ମାରୁଥିବା ଶତପ୍ରଶ୍ନର ଦ୍ୱନ୍ଦ ଭିତରେ ଆସିଯାଇଥିଲା ତାଙ୍କ ଆଖିରେ ଦୁଇଧାର ଲୁହ । ଖୁସିରେ ମନଟା ଚଞ୍ଚଳ ହୋଇଗଲା । ଚଷମାଟା ପିନ୍ଧିଥିଲେ ବି ବୟସର ବାର୍ଦ୍ଧକତା ତାଙ୍କୁ ବାଧ୍ୟ କରିଥିଲା ପୁଣିଥରେ ନିକଟରୁ ଟିକିଏ ଭଲରେ ଆଖିରେ ପରଖି ନେଇ ମନଟାକୁ ସ୍ଥିର କରିଦେବା ପାଇଁ । ଚଷମାଟାକୁ ଆଖିରୁ ବାହାର କରିଦେଇ କାନ୍ଧରେ ଥିବା କସରା ଗାମୁଛାରେ ଆଖିକୁ ପୋଛି ଦେଇଥିଲେ । ମନର ସନ୍ଦେହକୁ ଦୂର କରିବାପାଇଁ ପ୍ରସ୍ତୁତ ହୋଇ ଯାଇଥିଲେ । ସଦାର ଅବିକଳ ଚେହେରା ହୋଇଥିବ ବୋଲି ଭାବି ମନକୁ ବୁଝାଇବାକୁ ଚାହୁଁ ନଥିଲେ ସେ । ଭୟ ଓ ବିଶ୍ୱାସଘାତକତାର ସନ୍ଦେହରୁ ଦୂର କରିବାପାଇଁ ସଜାଡିନେଲେ ନିଜକୁ । ହାତରେ ଥିବା ଚା' କପ୍ ଓ ଖବରକାଗଜକୁ ପାଖରେ ଥିବା ଟେବୁଲ୍ ଉପରେ ରଖି ଉଠିବାକୁ ଲାଗିଲେ । କିନ୍ତୁ ବସିଥିବା ଚଉକିରୁ ଯେତେ ଉଠିବାକୁ ଚେଷ୍ଟା କରୁଥିଲେ ସେ ଉଠିପାରୁ ନଥିଲେ ସତେ ଯେମିତି ତାଙ୍କ ପାଦ ତାଙ୍କୁ ଅନୁମତି ଦେଉ ନଥିଲା ଆଗକୁ ବଢିବା ପାଇଁ । ମନର ଉତ୍କଣ୍ଠା ତାଙ୍କୁ ଏତେ ପ୍ରଫୁଲ୍ଲିତ କରି ଦେଇଥିଲା ଯେ, ଖୁସିରେ ତାଙ୍କ ଛାତି କୁଣ୍ଢେ ମୋଟ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲା । ତଥାପି ଦୁଇପାଦ ଆଗକୁ ବଢାଇ ଚାଲିଲେ ଆଉ ଗେଟ୍ ପାଖରେ ପହଞ୍ଚି ଆଚମ୍ବିତ ହୋଇ ଠିଆ ହୋଇଗଲେ । ମନରେ ଗୁଣୁଗୁଣୁ ହୋଇ କହନ୍ତି :

-"ସଦା ... ସଦା ...

-ମୋ ସଦା ! ଆସିଗଲୁ ବାବା ?

-ସଦା ... ସଦା..."

ସେହି ସମୟ ଥିଲା ଅଭୁଲା ମୂହୁର୍ତ୍ତ । ସେ ଅନୁଭବ କରିଥିଲେ ସତେ ଯେମିତି ଧରାପୃଷ୍ଠର ପ୍ରତିଟି ଜିନିଷର ଗତିପଥ ବନ୍ଦ ହୋଇଯାଇଥିଲା । ଶୂନ୍ୟତାର ଅଭାଷକୁ ସେ ମନେମନେ ଅନୁଭବ କରିଥିଲେ । ମନରେ ଉଠୁଥିବା ଜୁଆର ସବୁ ଯେମିତି ଲହରୀ ଭାଙ୍ଗି ସମୁଦ୍ର ମଧ୍ୟରେ ଲୀନ ହୋଇଯାଇଥିଲା । ଦୀର୍ଘଦିନର ଅପେକ୍ଷାର ଯେମିତି ଏକ ପୂର୍ଣ୍ଣଚ୍ଛେଦ ପଡିଯାଇଥିଲା । ଅପେକ୍ଷାର ଅନ୍ତିମ ମୁହୂର୍ତ୍ତକୁ ମନେମନେ ବେଶ୍ ଭଲଭାବରେ ଅନୁଭବ କରିପାରୁଥିଲେ । ଏହି ମୂହୁର୍ତ୍ତ ମଧ୍ୟରେ କିଛି ଯୋଡା ଶବ୍ଦ ତାଙ୍କ କାନରେ ଶୁଣାଗଲା :

- "ବାପା !

- ହଁ, ବାପା । ମୁଁ ସଦା ,ସଦାନନ୍ଦ ।

- ହଁ ବାପା ମୁଁ ଆସିଗଲି"

ଭୂମିଷ୍ଠ ପ୍ରଣାମ ଜଣାଇ ସଦାନନ୍ଦ କୋଳେଇ ନେଇଥିଲା ଅତି ସ୍ନେହରେ ବାପାଙ୍କୁ । ଆଖିର ଲୁହରେ ଭିଜିଯାଇଥିଲା ଦୟାନିଧିଙ୍କର ଚଷମାଟା । ପୁଅକୁ ନିଜର ଛାତିରେ କୋଳେଇ ନେଇ ନିଜ ମନର ଗଭୀର କୋଠରୀରେ ଛାପି ରଖିଥିବା କୋହକୁ ସମ୍ଭାଳି ପାରିନଥିଲେ ଦୟାନିଧି । ପୁଅର ଆଖିରେ ଲୁହ ଦେଖି ନିଜର ପିତାପଣର ଅସ୍ତିତ୍ୱକୁ ଆଜି ସେ ବେଶ୍ ଭଲ ଭାବରେ ବୁଝିପାରିଥିଲେ । ଆଖି ଲୁହରେ ଭିଜିଯାଇଥିଲା ଦୁଇ ବାପା ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅଙ୍କର ମନର ହୃଦୟର ବେଦନା । ଏହି ଅପେକ୍ଷାର ମିଳନ ଶାନ୍ତ କରିଥିଲା ନିରାଶଭରା ପରିବେଶକୁ । ନିଜର କାନ୍ଧର ଗାମୁଛାଟିରେ ପାଛୋଟି ନେଲେ ଦୟାନିଧି । ଶେଷରେ ସଦା ଏକ କରୁଣଭରା କଣ୍ଠରେ କିଛି ପଦ କହିଥିଲା ଦୟାନିଧିଙ୍କୁ:

-"ବାପା !

-ମୁଁ ତୁମକୁ ଭୁଲି ନାହିଁ । ଘରକୁ ଫେରିଥାନ୍ତି ।

-କିନ୍ତୁ ... (ନୀରବ ହୋଇଯାଇ )

-ମୋର ଚାକିରୀ ହୋଇଯାଇଛି ବାପା । ତୁମର କଥା ରଖିଛି ମୁଁ"

ଦୟାନିଧି ଅତି ସ୍ନେହରେ କୋଳେଇନେଇ ସାବାସୀ ଦେଲେ । ଅପେକ୍ଷାରେ ହଜିଯାଇଥିବା ଖୁସିର ଚେହେରା ପୁଣି ଥରେ ଚମକି ଉଠିଥିଲା । ଶେଷରେ ସଦା ବାପାଙ୍କୁ ଖୁସିରେ ପଚାରିଛି-

-"ଦୟାନିଧି ବାବୁ ! ଏବେ ଆପଣ ଖୁସି ତ ?"

ଦୟାନିଧି ନିକଟରେ ନିଜର ପୁଅକୁ ପାଇ ବହୁତ ଖୁସି ହୋଇଯାଇଥିଲେ ଦୀର୍ଘ ଦଶବର୍ଷର ଅପେକ୍ଷାରେ ନିଜକୁ ହଜାଇଦେଇଥିବା ଦୟାନିଧି ପୁଣିଥରେ ଜୀବନର ଆନନ୍ଦକୁ ଉପଭୋଗ କରିବାପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ସଦାନନ୍ଦର ଅପେକ୍ଷାରେ ସତେ ଯେମିତି ଏକ ପୂର୍ଣ୍ଣଚ୍ଛେଦ ପଡି ସାରିଥିଲା । ଦୟାନିଧିଙ୍କର ଅପେକ୍ଷାର ଧୈର୍ଯ୍ୟ ଆଜି ସାର୍ଥକ ହୋଇଥିଲା । ଅପେକ୍ଷା ସମୟର ଏକ ଅଂଶ ।ଏହାର ରୂପକୁ ଆକଳନ କରାଯାଇପାରେନା । ଅପେକ୍ଷା କଷ୍ଟଦାୟକ ହେଲେ ମଧ୍ୟ ଜୀବନର ଏକ ସୁନ୍ଦର ଅନୁଭବ ।

ଏମ୍.ଏ. ଇଂରାଜୀ ସାହିତ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଆସିକା, ଗଞ୍ଜାମ, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରୂପମନ୍ତ୍ର



ଲିପ୍‌ସା ପଟେଲ

ରିଙ୍କି ମିଶ୍ର  - ମୋ ସହପାଠିନୀ, ମୋ ପଡୋଶିନୀ; କିନ୍ତୁ ସେ ଥିଲା ମୋ ପାଇଁ ଈର୍ଷାର ବସ୍ତୁ ମାତ୍ର । ପାଠପଢା ପାଇଁ ନୁହେଁ ବରଂ ତା ସୌନ୍ଦର୍ଯ୍ୟ ମୋତେ ଈର୍ଷାନ୍ୱିତ କରୁଥିଲା । ଏଇ ତାର ସୁନ୍ଦରତା ହିଁ ମୋ ମନକୁ ଜାଳି ଦେଉଥିଲା ।

ଏଇ ବର୍ଷ ଆମର ଦଶମ ବୋର୍ଡ ପରୀକ୍ଷା; କିନ୍ତୁ ମୁଁ ପାଠରେ ମନ ଲଗାଇ ପାରୁନଥିଲି । ଯେତେଥର ରିଙ୍କି ମୋ ସାମ୍ନାକୁ  ଆସୁଥିଲା, ମୋ ହୃଦୟ କଟିଯାଉଥିଲା । ଏହାର କାରଣ ହେଲା ଶାଶ୍ୱତ ।ଶାଶ୍ୱତ, ଯାହାକୁ ଦେଖିଲେ ମୁଁ ଖୁସି ହୁଏ । ସେ ଆଖପାଖରେ ଥିଲେ ଲାଗେ ଏ ବାୟୁମଣ୍ଡଳ ବାସ୍ନାୟିତ, ଏ ପୃଥିବୀ ସୁନ୍ଦର । ସେଇ ଶାଶ୍ୱତ କୁଆଡେ ରିଙ୍କି ମିଶ୍ର ପ୍ରେମରେ ପଡିଯାଇଛି ବୋଲି ମୋ ଅନ୍ୟ ସାଙ୍ଗମାନଙ୍କଠାରୁ ଶୁଣିଲି । ସେଦିନଠାରୁ ମୁଁ ନଜର ରଖୁଥିଲି ଶାଶ୍ୱତ ଓ ରିଙ୍କି ଉପରେ । ଶ୍ରେଣୀଗୃହଠାରୁ ଆରମ୍ଭ କରି ଖେଳପଡିଆ, ଲାଇବ୍ରେରୀ, ଖେଳଛୁଟି, ସବୁବେଳେ ମୋ ଆଖି ଖୋଜି ବୁଲୁଥିଲା ଏଇ ଦୁଇ ଜଣଙ୍କୁ । ଜାଣତ ହେଉ କି ଅଜାଣତରେ ମୁଁ ପାଲଟି ଯାଇଥିଲି ଏକ ଗୁପ୍ତଚର ।

ମୋ ଅବୁଝାମନ ଭିତରେ ଅନାବଶ୍ୟକ ରାଗ ଓ ଅସହିଷ୍ଣୁତା ଜମାଟ ବାନ୍ଧି ଉଠିଥିଲା । ମୋ ମନୋସ୍ଥିତିକୁ ଲକ୍ଷ୍ୟ କରି ମୋ ସାଙ୍ଗ ରୁନି ସବୁବେଳେ କହୁଥିଲା, ତୁ ତ ପାଠପଢାରେ ପ୍ରଥମ, ସ୍ପୋର୍ଟସ ଚମ୍ପିଆନ, ବକ୍ତୃତା, ସଂଗୀତ ସବୁଥିରେ ପ୍ରଥମ....... ତୋ ଭିତରେ ପ୍ରତିଭା ଅଛି । କାହିଁକି ଖାଲିଟାରେ ରିଙ୍କି ମିଶ୍ରର ଗୋରା ଚମଡ଼ାକୁ ଈର୍ଷା କରୁଛୁ ? ସେ କିନ୍ତୁ ଜାଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରୁନଥିଲା ରିଙ୍କିର ସୌନ୍ଦର୍ଯ୍ୟ ଯେ ଶାଶ୍ୱତକୁ ମୋଠାରୁ ଦୂରେଇ ଦେଉଛି । କିନ୍ତୁ ବେଳେ ବେଳେ ମୁଁ ନିଜକୁ ପ୍ରଶ୍ନ କରେ, ଶାଶ୍ୱତ କେବେ ମୋର ହୋଇଥିଲା କି ? ହଁ, ତ । ମୋର କରିବାର ସୁଯୋଗଟା ମଧ୍ୟ ମୁଁ ହରେଇ ବସିଥିଲି ଏଇ ରିଙ୍କି ମିଶ୍ର ପାଇଁ ।

ଏଇ ପ୍ରତିଭା କି କାମର, ଯଦି ଶାଶ୍ୱତ ଏସବୁକୁ ଦେଖି ପାରୁନି, ବୁଝିପାରୁନି ? ଶାଶ୍ୱତ ମୋ ଆଦ୍ୟ ଯୌବନର ପ୍ରେମିକ ଥିଲା ନା ଜିଦ୍, ଏବେ ମୁଁ ବେଳେ ବେଳେ ଭାବେ ।

ସେଇ ଜିଦର ବଶବର୍ତ୍ତୀ ହୋଇ ଅବା ରିଙ୍କି, ଶାଶ୍ୱତ ଉପରେ ନଜର ରଖିବା ପାଇଁ ହେଉ ମୁଁ ଘରେ ଜିଦ୍ କଲି ଟ୍ୟୁସନ୍ ଯିବି । ଦଶମ ପର୍ଯ୍ୟନ୍ତ ଟ୍ୟୁସନ୍ ନପଢି ମଧ୍ୟ ମୁଁ ଶ୍ରେଣୀରେ ପ୍ରଥମ ହେଉଥିଲି ; ତେଣୁ ବାପା ଟ୍ୟୁସନ୍ ପଢା ପ୍ରସଙ୍ଗକୁ ଏକ ବିସ୍ମୟସୂଚକ ରୂପେ ଫିଙ୍ଗିଦେଲେ ମୋ ମୁହଁ ଉପରକୁ । ଯେହେତୁ ଦଶମ ବୋର୍ଡ, ଅନେକ ସନ୍ଦେହ ରହୁଛି ଓ କେମିତି ପ୍ରଶ୍ନପତ୍ର ଆସେ ସେସବୁ ଭଲ ଭାବରେ ଜାଣିବା ପାଇଁ ଏଇ କିଛି ମାସ ଟ୍ୟୁସନ୍ ଯିବା ପାଇଁ କହିଲି । ବାପା ରାଜି ହୋଇଗଲେ ।

ଟ୍ୟୁସନ୍ ଆରମ୍ଭ ହେଲା ଧଳ ସାରଙ୍କ ପାଖରେ । ଧଳ ସାର୍ ଯିଏ ଆମ ସହରର ଜଣାଶୁଣା, ଖ୍ୟାତିସଂପନ୍ନ ଶିକ୍ଷକ । ଯେତେବେଳେ ସାରଙ୍କ ନାଁଟା ଉଚ୍ଚାରଣ କରାଯାଏ ତାଙ୍କ ବେତ ହିଁ ପିଲାଙ୍କ ଆଖି ସାମ୍ନାରେ ପ୍ରଥମେ ଦେଖାଯାଏ । ସମସ୍ତେ ଡରନ୍ତି ତାଙ୍କୁ । ପିତାମାତାଙ୍କ ବାଧ୍ୟବାଧକତାରେ ତାଙ୍କ ପାଖକୁ ଟ୍ୟୁସନ୍ ଯାଆନ୍ତି; ମାତ୍ର ମୋ କ୍ଷେତ୍ରରେ ଓଲଟା ଥିଲା । ମୁଁ ସ୍ୱତଃପ୍ରବୃତ୍ତ ଭାବରେ ତାଙ୍କ ପାଖକୁ ଟ୍ୟୁସନ୍ ଯିବାକୁ ପ୍ରସ୍ତାବ ଦେଇଥିଲି ।

ବାପା ଦୁଇଥର ପ୍ରଶ୍ନ କରିଥିଲେ, ଧଳ ସାରଙ୍କ ପାଖକୁ ଯିବୁ ତ ? ନିର୍ଣ୍ଣୟ କରିସାରିଛୁ ?

ଦୁଇଥରଯାକ ମୋ ଉତ୍ତର ଥିଲା, ହଁ ।

ଧଳ ସାରଙ୍କ ବେତ ଅବା ମାଡଠାରୁ ମୋତେ ବେଶି ଘାଣ୍ଟୁଥିଲା ରିଙ୍କି ଓ ଶାଶ୍ୱତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳାମିଶା । ଟ୍ୟୁସନରେ କାଳେ ସେମାନେ ପାଖାପାଖି ବସୁଥିବେ ଅବା ବେଶି ସମୟ ପାଉଥିବେ କଥାବାର୍ତ୍ତା ପାଇଁ, ଏକଥା ହିଁ ମୋର ମୁଣ୍ଡବିନ୍ଧାର କାରଣ ଥିଲା । ତେଣୁ ଏଇ ବାହାନାରେ ମୁଁ ସେମାନଙ୍କ ଉପରେ ନଜର ରଖିପାରିବି ବୋଲି ମନେ ମନେ ଭାବୁଥିଲି ।

ଦଶମ ବୋର୍ଡ ପରୀକ୍ଷା ସରିଲା । ମୋର ପରୀକ୍ଷାଫଳ ଭଲ ହୋଇଥିଲା । ସାରା ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲି । ଘରେ ସମସ୍ତେ ଖୁସି ଥିଲେ । ମୁଁ କିନ୍ତୁ ଭାବୁଥିଲି ଯଦି ଶାଶ୍ୱତ ଓ ରିଙ୍କିର ଅଯଥା ଚିନ୍ତା ନଥିଲେ ଆହୁରି ଭଲ ହୋଇଥାନ୍ତା ମୋ ପରୀକ୍ଷାଫଳ ।

ରେଭେନ୍‌ସା କଲେଜରେ ଅନାୟାସରେ ମୋତେ ସିଟ୍ ମିଳିଗଲା । ମୁଁ ଚାଲିଗଲି କଟକ । ମୋର ଅନ୍ୟ କିଛି ବନ୍ଧୁ ବିଭିନ୍ନ କଲେଜରେ ନାଁ ଲେଖାଇଲା ବେଳେ ରିଙ୍କି ଓ ଶାଶ୍ୱତ ସ୍ଥାନୀୟ କଲେଜରେ ନାଁ ଲେଖାଇଥିଲେ । କଟକ ଯିବା ପୂର୍ବରୁ ରୁନି ପୁଣି ମୋତେ କହିଲା, ତୋ ପାଇଁ ଶାଶ୍ୱତ ଉପଯୁକ୍ତ ନୁହେଁ । ତୋ ଭବିଷ୍ୟତ ଉଜ୍ଜ୍ୱଳମୟ । ଶାଶ୍ୱତ ଓ ରିଙ୍କି ଦୁହେଁ ତୃତୀୟ ଶ୍ରେଣୀରେ ଦଶମ ପାସ୍ କରିଛନ୍ତି । ତୁ ଶାଶ୍ୱତକୁ ସେଇ ରିଙ୍କି ସହ ହିଁ ଛାଡିଯା ଓ ନିଜର ଏକ ସୁନ୍ଦର ଭବିଷ୍ୟତ ଗଢିନେ ।

କଥାଟା କେତେ ଦୂର ସତ, ତାର ତର୍ଜମା କରିନଥିଲି; କିନ୍ତୁ ଶାଶ୍ୱତକୁ ଭୁଲି ପାରୁନଥିଲି । ଯଦି ସେ ଭଲ ନମ୍ବର ରଖିଥାନ୍ତା, ତେବେ ଦୁହେଁ ଅନ୍ତତଃ ଏଇଠି ରେଭେନ୍‌ସାରେ ଏକାଠି ପଢିଥାନ୍ତୁ ।

ମୋ ପାଠପଢା ଠିକଠାକ ଚାଲିଥିଲା । ଛୁଟିରେ ଘରକୁ ଆସୁଥିଲି । ଯୁକ୍ତ ଦୁଇ ଶେଷ ବର୍ଷ ପରୀକ୍ଷା ଦେଇ ଖରାଛୁଟିରେ ଘରକୁ ଆସିଲା ବେଳେ ଶୁଣିଲି, ରିଙ୍କି ମିଶ୍ରର ବାହାଘର ହୋଇଯାଇଛି । ଏକ ଆଶ୍ଚର୍ଯ୍ୟସୂଚକ ବସ୍ତୁ ଏବେ ମୋ ପାଇଁ ରିଙ୍କି ମିଶ୍ର ।

- ଏତେ କମ୍ ବୟସରେ କେମିତି ବାହାଘର ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଘରେ ମା କହିଲେ, ସେ ସେମିତି କରିଥିଲା ବୋଲି ତା ବାପା ତାର ବାହାଘର କରିଦେଲେ ।

- କାଣ୍ଡ ?

- ହଁ, ସେ କେଉଁ ଟୋକା ସହ ସମ୍ପର୍କରେ ଥିଲା ବୋଲି ରିଙ୍କିର ବାପାଙ୍କୁ ଚିଠି ଆସିଥିଲା । ଖୋଜଖବର ନେବାରୁ ଜଣାପଡିଲା ସେ କଥାଟା ସତ ।

- କେଉଁ ଟୋକା ?

- ଏତେ କଥା କଣ ସେମାନେ କହିବେ ? ପିଲାଟା କିନ୍ତୁ ତାଙ୍କ ଜାତିର ନୁହେଁ । ତୁ ତ ଜାଣୁ, ରିଙ୍କିର ବାପା ଯଜମାନି କରି ଚଳନ୍ତି । ନିଜ ନୀତିନିୟମ ଭଙ୍ଗକୁ ସେ କଦାପି ସହି ପାରିବେନି । ତେଣୁ ଯଥାଶୀଘ୍ର ଝିଅର ବାହାଘର କରିଦେଲେ ।

- ଚିଠିଟି କିଏ ଦେଇଥିଲା ଜଣାପଡିଲା ?

- ନା, କେମିତି ଜଣାପଡିବ ? ବେନାମୀ ଚିଠି ଥିଲା ;ମାତ୍ର କଥାଟା ସତ ।

ମା'ଙ୍କ କଥା ଶୁଣି କିଛି ସମୟ ନିରବ ରହିଗଲି । ସେଇ ଚିଠିଟି ପାଇଁ ରିଙ୍କି ଏତେ ଶୀଘ୍ର ବାହା ହୋଇଗଲା ? ତା ପାଠପଢ଼ାରେ ଡୋରି ପଡିଲା । ତା ସ୍ୱପ୍ନସବୁ ଧୂଳିସାତ ହୋଇଗଲା । ରିଙ୍କି ମିଶ୍ରର ପରାଜୟର କାହାଣୀ ଶୁଣି ଯେଉଁଠି ମୋତେ ଖୁସି ହେବା କଥା, ମୁଁ ସେଇଠି ନିଜକୁ ଦୋଷୀ ମନେ କରୁଥିଲି । କାରଣ ଚିଠିଟି ମୁଁ ଲେଖିଥିଲି । ସେତେବେଳେ ପ୍ରତିହିଂସାପରାୟଣତାରେ ମୋ ଆତ୍ମା ଜର୍ଜରିତ ହେଉଥିଲେ ।

ଏହା ପରଠାରୁ ମୁଁ ଆଉ ଶାଶ୍ୱତର ଖବର ମଧ୍ୟ ରଖିନଥିଲି । ଏକପ୍ରକାରେ ସ୍ଥିର କରିସାରିଥିଲି, ମୁଁ ଏମାନଙ୍କ ବିଷୟରେ ଆଉ ଚିନ୍ତା କରିବିନି । ବେଳ, ଅବେଳରେ ଏଇ ଦୁଇ ଚରିତ୍ର ମୋ ଭିତରେ ଧସେଇ ପଶିଆସିବାର ଚେଷ୍ଟା କଲେ ମୁଁ ମଧ୍ୟ ଦୃଢ ପ୍ରତିରୋଧ

 Magazine Downloaded from www.aahwaan.com

କରୁଥିଲି ।

ଏଇ ଭିତରେ ବିତିସାରିଛି କୋଡ଼ିଏ ବର୍ଷ । ମୁଁ ଏବେ ଜଣେ ପ୍ରଶାସିକା, ଦୁଇଟି ପିଲାର ଜନନୀ । କିନ୍ତୁ ଏତେ ବର୍ଷ ପରେ ହଠାତ୍ ରିଙ୍କି ମିଶ୍ରର ନାଁ ଶୁଣି ଚମକି ପଡ଼ିଲି । ମୁଁ ତାକୁ ଚିହ୍ନି ପାରିଲିନି । ମୁଁ କଣ, ତା ଜନ୍ମ କଲା ମା, ବାପା ମଧ୍ୟ ତାକୁ ଚିହ୍ନି ପାରୁନଥିଲେ ।

ଟି.ଭିର ଏକ ଆଲୋଚନାଚକ୍ରରେ ଥିଲା ରିଙ୍କି ମିଶ୍ର । ଇଏ କଣ ସେଇ ଝିଅ, ମୋ ଈର୍ଷାର କାରଣ ? ଆଜି କିନ୍ତୁ ତା ଅବସ୍ଥା ଦେଖି ମୁଁ ତାକୁ ଦୟା କରୁଥିଲି ।ମନେ ମନେ ଯେ କେବେ ଭାବୁଥିଲି, ମୁଁ କାଳେ ରିଙ୍କି ପରି ହୋଇଥାନ୍ତି କି ? ଆଜି ମୁଁ ଈଶ୍ୱରଙ୍କୁ କୃତଜ୍ଞତା ଜଣାଉଛି, ଯାହା ହେଉ ପ୍ରଭୁ, ମୋତେ ରିଙ୍କି ମିଶ୍ର ପରି ଭାଗ୍ୟ ଦେଇନ !

ବହୁଚର୍ଚ୍ଚିତ ଏକ ଏସିଡ୍ ଆକ୍ରମଣ ଚଳଚ୍ଚିତ୍ରର ଚର୍ଚ୍ଚା ପାଇଁ ଏସିଡ୍ ଆକ୍ରାନ୍ତଙ୍କୁ ଆଲୋଚନାଚକ୍ରକୁ ନିମନ୍ତ୍ରଣ କରାଯାଇଥିଲା । ସେଥିରେ ଥିଲା ରିଙ୍କି ମିଶ୍ର । ଟି.ଭିରେ ଦେଖୁଥିଲି ତାକୁ, ଶୁଣୁଥିଲି ତା ହୃଦୟବିଦାରକ କାହାଣୀ । ତା ସୌନ୍ଦର୍ଯ୍ୟ ଯେ ତା ପାଇଁ କାଳ ହୋଇଗଲା ! ସେ ଏସିଡ୍ ଆକ୍ରମଣର ଶୀକାର ହେଲା । ଏହି ଦୁଃଖଦ ଘଟଣାକୁ ସ୍ୱୀକାର କରିବାକୁ ଇଚ୍ଛା ନଥିଲେ ମଧ୍ୟ କଥାଟା ସତ ।

ବାହାଘରର ଅନେକ ବର୍ଷ ଯାଏଁ ରିଙ୍କିର ପିଲାପିଲି ହୋଇ ନଥିଲା । ଏକଥା ମୁଁ ମା'ଠାରୁ ମଧ୍ୟ ଶୁଣିଥିଲି । ତା ସ୍ୱାମୀ ତାକୁ ସନ୍ଦେହ କରିବାକୁ ଲାଗିଲା । ଅନ୍ୟ ପୁରୁଷଙ୍କ ସହ ତାର ସମ୍ପର୍କ ଅଛି ଓ ସେ କିଛି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛି ବୋଲି ମାରପିଟ୍ କରୁଥିଲା । ସେତେବେଳେ ସେମାନେ ଉତ୍ତରପ୍ରଦେଶର ଏକ ଶିଳ୍ପାଞ୍ଚଳରେ ରହୁଥିଲେ । ରିଙ୍କି ମିଶ୍ର କହି ଚାଲିଥିଲା ତା ଦୁଃଖଦ କାହାଣୀ ସମଗ୍ର ଜନସାଧାରଣଙ୍କ ସାମ୍ନାରେ ।

ଯଦିଓ ସେ ଟି.ଭିରେ ନିଜ ଅଭିମତ ରଖିଥିଲା, ମୋର କିନ୍ତୁ ଇଚ୍ଛା ହେଉଥିଲା ମୁଁ ତାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଣ୍ଠାଇ ଧରନ୍ତି ଓ କ୍ଷମା ମାଗନ୍ତି । ଆଜି ମୋ ପାଇଁ ତାର ଏଇ ଦୁର୍ଦ୍ଦଶା । ଶାଶ୍ୱତ କଣ ଏବେ ଦେଖୁଥିବ ଏଇ କାର୍ଯ୍ୟକ୍ରମ ? ଏଇ ବୀଭତ୍ସ ଚେହେରାରେ ଥିବା ରିଙ୍କି ମିଶ୍ରକୁ ଏବେ ବି ସେ କଣ ଭଲ ପାଉଥିବ ?

ରିଙ୍କିର କାହାଣୀ ଥିଲା ହୃଦୟବିଦାରକ । ସେମାନେ ଉତ୍ତରପ୍ରଦେଶରେ ରହିଲା ବେଳେ ଅନେକ ଏସିଡ୍ ଆକ୍ରମଣ ଘଟଣା ଘଟିଥିଲା ସେଇ ଆଖପାଖ ଅଞ୍ଚଳରେ । ସରକାର ମଧ୍ୟ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ସହାୟତା ରାଶି ପ୍ରଦାନ କରୁଥିଲେ । ରିଙ୍କିର ସ୍ୱାମୀ, ସେଇ ସୈତାନ୍ ରାଗରେ, ଘୃଣାରେ ନିଜେ ରିଙ୍କିର ମୁହଁକୁ ଏସିଡ୍ ଫିଙ୍ଗିଦେଇଥିଲା ଓ ଏହାକୁ ଏକ ଏସିଡ୍ ଆକ୍ରମଣର ଚିତ୍ର ଦେଇଥିଲା ଯେତେବେଳେ ରିଙ୍କି ଆଇ.ସି.ୟୁ ଭିତରେ ଜୀବନ ସହ ଲଢେଇ କରୁଥିଲା ।ଏହାଦ୍ୱାରା ସେ ନିର୍ଦ୍ଦୋଷ ହୋଇ ସରକାରୀ ସହାୟତା ହାତେଇ ନେବାକୁ ଚାହୁଁଥିଲା ।ସେ ଭାବୁଥିଲା ରିଙ୍କି ଆଉ ବଞ୍ଚିବନି । ମାତ୍ର ରିଙ୍କିର ସ୍ୱୀକାରୋକ୍ତି ସେଇ ସୈତାନର ଯୋଜନାକୁ ବିଫଳ କରିଦେଲା । ରିଙ୍କି ସବୁ ସତକଥା ପୋଲିସକୁ କହିଲା ପରେ ତା ସ୍ୱାମୀ ଫେରାର୍ ହୋଇଗଲା । ଅନେକ ଦିନର ଚେଷ୍ଟା ପରେ ସେ ପୋଲିସ ହାତରେ ଧରାପଡ଼ିଲା ।

ଏବେ ସେ ଆଜୀବନ କାରାଦଣ୍ଡ ଭୋଗୁଛି । କିନ୍ତୁ ରିଙ୍କିର ଜୀବନ ତ ଉଜୁଡିଗଲା । ଯେଉଁ ସୌନ୍ଦର୍ଯ୍ୟ ପାଇଁ ରିଙ୍କି ମିଶ୍ର ମୋ ଈର୍ଷାର କାରଣ ଥିଲା ଆଜି ତା ପାଇଁ ମୋ ଆଖିରୁ ଲୁହ ଝରୁଥିଲା । ନିଜକୁ ନିଜେ ଦୋଷୀ ମନେକରୁଥିଲି । ଜଣେ ପ୍ରଶାସିକା ଭାବରେ ତା ପାଇଁ କଣ କରିପାରିବି ବୋଲି ମନେ ମନେ ବିଚାର କରୁଥିଲି ।

ଭବାନୀପାଟଣା

କଳାହାଣ୍ଡି, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସକାଳ ମେଘ



ତ୍ରିଲୋଚନ ଦାସ

ଗାଁରୁ ଆଣିଥିବା ଜିନିଷପତ୍ର ସବୁ ସଞ୍ଜୟ ଗାଡ଼ିରୁ ଓହ୍ଲାଇ ତଳେ ରଖୁଥିଲା ବେଳେ, ସଙ୍ଗୀତା ଗାଡ଼ିରୁ ଓହ୍ଲେଇ ସିଧା ଘର ଭିତରକୁ ଗଲା ଯେ ଆଉ ଫେରିଲାନି । ତଳେ ଠିଆ ହୋଇଥିବା କୁନି ଝିଅକୁ ସଞ୍ଜୟ କହିଲା, "ଗଲୁ ମାମାକୁ ଡାକି ଆଣିବୁ, ଜିନିଷପତ୍ର ସବୁ ନେଇଯିବା । ଝିଅ ଦୌଡିଦୌଡି ଘର ଭିତରକୁ ଯାଇ ଫେରିଆସି କହିଲା, "ବାପା, ମାମାର ମୁଣ୍ଡ ବିନ୍ଧୁଛି ସେ ଶୋଇଛି । ଚାଲ ମୁଁ ତୁମ ସାଙ୍ଗରେ ଜିନିଷ ବୋହି ନେବି ।" ସଞ୍ଜୟ କହିଲା, "ଏବେ ନଅଟା ବାଜିଲାଣି, ତୁ ଯାଆ, ନିଜ କାମ ସାରି ସ୍କୁଲ ପାଇଁ ରେଡି ହେବୁ, ମୁଁ ଏ ସବୁ କାମ ସାରି ତୋତେ ସ୍କୁଲରେ ଛାଡି ଆସିବି ।" ସଞ୍ଜୟ ଆଶ୍ଚର୍ଯ୍ୟ ହେଲା, ବୋଉ କେତେବେଳେ ଏତେ ଜିନିଷ ଡିକିରେ ଭର୍ତ୍ତି କରିଛି ଯେ ସେ ଜାଣି ପାରିଲାନି । ଚାଉଳ, ଚୁଡ଼ା, ପାଚିଲା କଦଳୀ, ନଡ଼ିଆ, ଗୁଡ଼ ଆହୁରି କେତେ ଜିନିଷ ଅଖାରେ ବନ୍ଧା ହେଇଛି ଯେ ବାହାରକୁ ଜଣାପଡୁନି । ସଞ୍ଜୟ ଭାବୁଥିଲା, ମାଆମାନେ ସବୁ ଏମିତି । ପୁଅକୁ ଖାଇବା ବାଢ଼ି ଦେଇ ପାଖରେ ବସିବେ ଆଉ କହିବେ, ଏଇଟା ଖାଆ, ସେଇଟା ଖାଆ । ପୁଣି ପଚାରିବେ, "ଆଜିକାଲି କ'ଣ ବୋହୁ ଭଲ ଖାଇବା ତିଆରି କରୁନି ନା ତୁ ଖାଇବାକୁ ବେଳ ପାଉନୁ ? ଆରେ ଏଇ ବୟସରେ ଖାଇପିଇ ମୋଟା ସୋଟା ହବୁ କ'ଣ, ତୋର ତ ପେଟ ପିଠି ଲାଗି ଗଲାଣି । ଆଜିକାଲି ପାଠୋଇ ବୋହୁ ଗୁଡ଼ାକ ସବୁ ଏମିତି । ବେଳ ଦିଘଡି ନହେଲେ ସାହେବାଣୀ ବିଛଣା ଛାଡିବେନି । ଆଉ ଅଫିସ୍ ଯିବା ବେଳକୁ ସ୍ୱାମୀକୁ ଭଲଗଣ୍ଡେ ତିଆରି କରି ଖାଇବାକୁ ଦେବେ କେତେବେଳେ ? ଖାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗେରସ୍ତର ଅଣ୍ଟାକୁ ନିଘା କରୁଥିବେ, ପେଟକୁ ନୁହେଁ ।” ଗଡଗଡ ହୋଇ ଏତେ ସବୁ କହି ଯାଉଥିବା ବେଳେ ସଞ୍ଜୟ ଏପଟ ସେପଟ ଅନେଇ ଦେଖୁଥିବ, କାଳେ ସଙ୍ଗୀତା ଶୁଣିଲା କି ? ବୋହୂମାନେ ପୁଅର ଯେତେ ଯତ୍ନ ନେଲେ ବି ମାଆ ମାନେ କେବେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଆଉ ସଙ୍ଗୀତା ଯେତେ ପାଠ ପଢ଼ିଥିଲେ ବି ସନ୍ତୁଣା ଶିଖିନାହିଁ ବୋଲି କହିବାକୁ ବୋଉ କୌଣସି ସୁଯୋଗ ଛାଡେନି । ଏହା ଭିତରେ ଜିନିଷ ସବୁ ଷ୍ଟୋରରୁମରେ ରଖା ସରିଥିଲା । ଦାଣ୍ଡଘରେ ପଡ଼ିଥିବା ତିନିଦିନର ଖବର କାଗଜ ଗୋଟାଇ ରଖୁଥିବା ବେଳେ, ଡ୍ରେସ୍ ପିନ୍ଧି ସାରି ଝିଅ ଆସି କହିଲା, “ବାପା, କ’ଣ ଖାଇବି, ମାମାକୁ ପଚାରିଲେ କିଛି କହୁନି ।” ସଞ୍ଜୟ ଗାଁରୁ ଆଣିଥିବା ଚୁଡ଼ା, ଦହି ଆଉ କଦଳୀ ଚକଟି ଦେଇ ଝିଅକୁ ଖାଇବାକୁ ଦେଇ କହିଲା, “ଚାଲ୍ ଆଜି ରାସ୍ତାରୁ ଶୁଖିଲା ଟିଫିନ କିଣିନବା ।”

ଝିଅକୁ ସ୍କୁଲରେ ଛାଡି ଫେରିଆସି ସଞ୍ଜୟ ଦେଖିଲା, ସଙ୍ଗୀତା ଶୋଇଛି । ସେ ନିତ୍ୟକର୍ମ ସାରି ଚୁଡ଼ା କଦଳୀ ଖାଇଲା । ତା’ପରେ କିଚେନ ଯାଇ ଚା’ ଦୁଇକପ୍ କଲା । ଶୋଇବାଘର ଟେବୁଲ ଉପରେ କପ ରଖି ସଙ୍ଗୀତାକୁ ଟିକେ ହଲେଇ ଦେଇ କହିଲା, “ଚା’ ପିଇ ନିଅ, ମୁଡ୍ ଠିକ୍ ହେଇଯିବ ।”ସଙ୍ଗୀତା ଆଖି ଖୋଲିଲାନି କି କିଛି ଉତ୍ତର ଦେଲାନି । ଏଥର ସେ ସଙ୍ଗୀତା ପାଖରେ ବସି ପଡ଼ି କହିଲା, “କ’ଣ ହେଇଛି, ମୁଁ ଜାଣି ପାରୁନି, ତୁମ ସମସ୍ୟାଟା କେଉଁଠି ? ତାଛଡା ମୁଁ ବି ଆଗରୁ ତୁମକୁ ବହୁତ ଥର କହିଛି, ବୋଉ କଥା ଉପରେ ଏତେଟା ଗୁରୁତ୍ୱ ଦେବନି । କାରଣ ସେ ସବୁବେଳେ ସେମିତି କହେ । ଆଉ ଆମେ ଚାହିଁଲେ ବି ତାର ଚିନ୍ତାଧାରାକୁ ବଦଳେଇ ହେବନି ।” ସୁପ୍ତ ଆଗ୍ନେୟଗିରୀ ହଠାତ ଜୀବନ୍ତ ହେଲା ଭଳି, ସଙ୍ଗୀତା ଉଠିପଡି ଚିତ୍କାର କରି କହିଲା, “ତୁମେ ସବୁ ବାପାମାଆଙ୍କ ସୁନା ପୁଅ, ସେମାନେ ଯାହା କହୁଥିବେ ତୁମେ ମୁଣ୍ଡ ଟୁଙ୍ଗାରୁ ଥିବ, ପାଟିରୁ ଭାଷା ବାହାରିବନି କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିବାଦ କରିବନି । କିନ୍ତୁ ଆମେ ହେଲୁ ବଳିର ଛେଳି, ତାଙ୍କ କଥା ନରଖି ପାରିଲେ ତୁମର ତ କିଛି ହବନି, ବରଂ ଆମେ ସେଇଟା କରେଇ ଦେଲୁନି ବୋଲି ଅପବାଦ ମୁଣ୍ଡେଇବୁ । ତୁମେ କ'ଣ ଜାଣିନ ପୁରୁଷ ଆଉ ସ୍ତ୍ରୀ ଭିତରେ ସ୍ଥୂଳ ଶାରୀରିକ ଭିନ୍ନତାଟା କ'ଣ ?ପ୍ରକୃତି ପୁରୁଷକୁ ନିଜର ବଂଶ ବିସ୍ତାର ପାଇଁ ବିପୁଳ ସାମର୍ଥ୍ୟ ଓ ସମ୍ଭାବନା ଦେଇଥିବା ବେଳେ ନାରୀ ନିକଟରେ ସେହି କ୍ଷମତା ଅତ୍ୟନ୍ତ ପରିମିତ ଏବଂ ସମୟ ବି ସଂକ୍ଷିପ୍ତ । ଏହାର ମାନେ ନୁହେଁ ଯେ ପୁରୁଷ ନିଜ ସାମର୍ଥ୍ୟର ଅପବ୍ୟବହାର କରି ଜଣେ ନାରୀ ଉପରେ ଅବାଞ୍ଛିତ ମାତୃତ୍ୱକୁ ଲଦି ଦେଇ ପାରିବ । ସେ ସମୟ ଆଉ ନାହିଁ ଯେ ଲୋକେ ବାପାମା'ଙ୍କର ବରାଦି ଇଚ୍ଛାକୁ ପୁରଣ କରିବାକୁ ଯାଇ ଏଭଳି ଏକ ବିଶାଳ ପରିବାର ସୃଷ୍ଟି କରୁଥିଲେ, ଯାହାର ଭରଣ ପୋଷଣ ପାଇଁ ନା ଥିଲା ଶକ୍ତି ନା ଆର୍ଥିକ ସ୍ୱଚ୍ଛଳତା । ଆଜି ସମୟରେ ଝିଅଟିଏ ଗୋଟେ ପୁଅଠାରୁ କେଉଁ ଗୁଣରେ କମ୍ କି ? ଆମର ତ ଝିଅଟିଏ ଅଛି । ତାକୁ ଆମର ସମସ୍ତ ଶକ୍ତି ଆଉ ସାମର୍ଥ୍ୟ ଦେଇ ଭଲ ମଣିଷଟିଏ କରି ଗଢ଼ି ତୋଳିବା କ'ଣ ଆମ ପାଇଁ ଯଥେଷ୍ଟ ହେବ ନାହିଁ । ତାଛଡ଼ା ତୁମ ବଡ଼ଭାଇଙ୍କର ଯୋଡିଏ ପୁଅ ଆଉ ଗୋଟେ ଝିଅ । ତୁମ ମଝିଆଁ ଭାଇଙ୍କର ତିନୋଟି ଝିଅ ପରେ ଗୋଟିଏ ପୁଅ । ବଡ଼ଭାଇଙ୍କର ଝିଅ ସ୍କଲରସିପ୍ ପାଇ ସରକାରୀ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିବା ବେଳେ ପୁଅମାନେ କଲେଜ ପିଣ୍ଡା ମାଡ଼ି ପାରିଲେ ନାହିଁ । ଏବେ କ'ଣ ଗୋଟେ ବେପାର କରୁଛନ୍ତି ଯେ ସେଇଟା ଘର ଲୋକମାନେ ଜାଣି ନାହାଁନ୍ତି । ମଝିଆଁ ଭାଇଙ୍କ ତିନି ଝିଅ ବି ଭଲ ପାଠ ପଢୁଥିବା ବେଳେ ପୁଅକୁ ଏତେ ଗେହ୍ଲା କରିଦେଲେ ଯେ ସେ ସ୍କୁଲ ଯିବାକୁ କହିଲେ ଲୁଚୁଛି । ତୁମର ପଟ୍ଟନାୟକ ବଂଶକୁ ଆଗକୁ ବଢେଇବା ପାଇଁ କ'ଣ ଏଇ ତିନିଟା ପୁଅ ଯଥେଷ୍ଟ ହେଲା ନାହିଁ ଯେ ଆମର ଗୋଟେ ପୁଅ ନାହିଁ ବୋଲି ଆମ ବଂଶ ବୁଡି ଯାଉଛି ? ତୁମ ଆଗରେ ବୋଉ ଯେତେବେଳେ ଆମଠୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଗୋଟେ ନାତି ପାଇଁ ବରାଦ କରୁଥିଲେ, ସେତେବେଳେ ତୁମେ ନୀରବ ରହି ତାଙ୍କୁ ସେଠି ବୁଝେଇବା ପରିବର୍ତ୍ତେ ଚୁପ ରହିଲ କାହିଁକି ? ଦେଖ, କଲେଜ ସମୟରୁ ଆମେ ପରସ୍ପରକୁ ଜାଣିଛେ, ଆଉ ଗତ ପନ୍ଦର ବର୍ଷ ଧରି ଆମର ଇଚ୍ଛା ଅନିଚ୍ଛାକୁ ଆମେ ସମ୍ମାନ ଦେଇ ଆସିଛେ । ଆଜି କେମିତି ସେ ସବୁକୁ ଭୁଲିଯାଇ ଗୋଟେ ଅଯୌକ୍ତିକ ଓ ଅନାବଶ୍ୟକ ମାତୃ-ଆଦେଶ ପୁରଣ ପାଇଁ ମୋତେ ବାଧ୍ୟ କରୁଛ । ଦେଖ, ତୁମର ଏଭଳି ଏକ ଅନାବଶ୍ୟକ ଇଚ୍ଛା ପୁରଣ ପାଇଁ ମୁଁ ତୁମକୁ ଆଦୌ ସହଯୋଗ କରିପାରିବି ନାହିଁ ।"ଏତିକି କଥା ଗୋଟେ ଦମରେ କହି ସାରିଲା ବେଳକୁ ସଙ୍ଗୀତାର ନାକପୁଡାରୁ ସଅଁ ସଅଁ ହୋଇ ଗରମ ନିଃଶ୍ୱାସ ବାହାରୁଥିଲା । ସଞ୍ଜୟ କିଛି ନକହି ଉଠି ଛିଡା ହେଲା ଆଉ ଅଫିସ୍ ବାହାରିଗଲା । ତାପରେ ସ୍କୁଟର ଷ୍ଟାର୍ଟ ହେବା ସହିତ ଗେଟ୍ ବନ୍ଦ ହେବା ଶବ୍ଦ ସଙ୍ଗୀତା ଶୁଣିପାରିଲା ।

ସେମାନେ ଦୀର୍ଘ ଦଶବର୍ଷ ଧରି ସ୍ୱାମୀସ୍ତ୍ରୀ ହିସାବରେ ଯେତିକି ନୁହେଁ, ବନ୍ଧୁ ହିସାବରେ ତାଠୁ ଅଧିକ । ସବୁ ଗୃହସ୍ଥଙ୍କ ଭଳି "ପ୍ରଭାତେ ମେଘ ଡମ୍ବରୁ" ନ୍ୟାୟରେ ସକାଳେ କଳିତ କରାଳ ହେଲେ ବି ସଞ୍ଜୟ ଅଫିସରୁ ଫେରିଲା ବେଳକୁ ସଙ୍ଗୀତା ଟିକେ ହସି ଦେଇ ଯେତେବେଳେ ଚା'କପଟା ବଢେଇ ଦିଏ, ସେତେବେଳେ ତାଙ୍କ ଭିତରେ ଗୋଟେ ଅଲିଖିତ ସନ୍ଧି ହୋଇଯାଏ । ଆଜି କିନ୍ତୁ ଅଫିସ୍ ଫେରିବା ବେଳ ଗଡ଼ି ରାତି ହେଲାଣି, ସାଙ୍ଗ ହୋଇ ଚା' ପିଇବେ ବୋଲି ସଙ୍ଗୀତା ଅପେକ୍ଷା କରିଛି ଯେ ଏ ପର୍ଯ୍ୟନ୍ତ ସଞ୍ଜୟର ଦେଖାନାହିଁ । ସଙ୍ଗୀତା ଦୁଇଥର ମୋବାଇଲ୍ ଉଠେଇ ସଞ୍ଜୟକୁ କଲ୍ କରିବାପାଇଁ ମନ କଲା କିନ୍ତୁ କ'ଣ ଭାବି ରଖିଦେଲା । ସଂଗୀତା ଭାବୁଥିଲା, ସଞ୍ଜୟର ବି ଗୋଟେ ଦାୟିତ୍ୱ ଜ୍ଞାନ ରହିବା କଥା, ଅଫିସରେ ଯଦି କିଛି ଜରୁରୀ କାମ ବା ମିଟିଂ ଅଛି, ବା ଫେରିବାକୁ ଡେରି ହେବ, ତେବେ ଅନ୍ତତଃ ଫୋନଟେ କରି ପାରି ଥାଆନ୍ତା । ନାଁ, ବାବୁଙ୍କର ରାଗ ଆଜି ମୁଣ୍ଡ ଉପରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଢ଼ିଯାଇଛି । ସେଇଟା ତଳକୁ ନ ଓହ୍ଲାଇବା ପର୍ଯ୍ୟନ୍ତ ବାବୁ କଥା ହେବେ ନାହିଁ । ନା, ଏବେ ତାକୁ ହିଁ ଆଗେ ଫୋନ୍ କରିବାକୁ ପଡ଼ିବ। ଥରେ, ଦୁଇଥର, ତିନିଥର, ନା, ନଟ୍ ରିଚେବଲ୍ ବୋଲି କହୁଛି । ତେବେ କାରଣଟା କ'ଣ ହୋଇପାରେ ?

ରାତି ଦଶଟା ହେଲାଣି, ସଞ୍ଜୟ ଏ ପର୍ଯ୍ୟନ୍ତ ଫେରିଲାନି କି କିଛି ଖବର ଦେଲା ନାହିଁ । ସଂଗୀତାକୁ ଭାରି ବ୍ୟସ୍ତ ଲାଗିଲା । ବାଧ୍ୟହୋଇ ସେ ସଞ୍ଜୟଙ୍କ ଅଫିସ୍ ସାଙ୍ଗ ବିକାଶକୁ ଫୋନ କଲା । ବିକାଶ ପଚାରିଲା, "ସଞ୍ଜୟ କ'ଣ ଏ ପର୍ଯ୍ୟନ୍ତ ଫେରି ନାହିଁ? ସେମାନେ ତ ସାଙ୍ଗହୋଇ ପ୍ରାୟ ପାଞ୍ଚଟା ବେଳକୁ ଅଫିସ ଛାଡିଲେ, କିନ୍ତୁ ଏବେ ଆସି ରାତି ଦଶଟା ହେଲାଣି, ସଞ୍ଜୟ କୁଆଡ଼େ ଗଲା ? ଭାଉଜ, ଆଉ ଘଣ୍ଟାଟେ ଅପେକ୍ଷା କର, ନହେଲେ ମୋତେ ଫୋନ କରିବ, ମୁଁ ତୁମ ଘରେ ଯାଇ ସଙ୍ଗେସଙ୍ଗେ ପହଞ୍ଚି ଯିବି ।"ସଙ୍ଗୀତାର ଆଉ ଘଣ୍ଟାଟେ ଅପେକ୍ଷା କରିବାର ଧୈର୍ଯ୍ୟ ନଥିଲା, ସେ ଝିଅକୁ ନେଇ ସାଢ଼େ ଦଶଟା ବେଳକୁ ବିକାଶ ଘରେ ପହଞ୍ଚିଗଲା । ବିକାଶ କହିଲା, "ତୁମେ କାହିଁକି ଏକା ଏତେ ରାତିରେ ଆସିଲ ? ମୁଁ ତ ନିଜେ ଯିବାକୁ ବାହାରିଥିଲି ।" ବିକାଶ ଦେଖିଲେ ସଙ୍ଗୀତାଙ୍କ ମୁହଁ କାନ୍ଦକାନ୍ଦ । ସେ କିଛି ଉତ୍ତର ନଦେଇ ସୋଫାରେ ଲଥ କିନା ବସି ପଡିଲା । ଏବେ ମା' ପାଖରେ ଛିଡା ହୋଇଥିବା ସଞ୍ଜୟଙ୍କର ଷ୍ଟାଣ୍ଡାର୍ଡ ଟୁ ପଢୁଥିବା ଝିଅ 'ଇତି'କୁ ବିକାଶ ପଚାରିଲା, "ବାପା କ'ଣ ସାଢ଼େ ପାଞ୍ଚଟା ବେଳେ ତୋତେ ଆଜି ସ୍କୁଲରୁ ଆଣିବାକୁ ଯାଇ ନାହାନ୍ତି ?"ଇତି ମୁଣ୍ଡ ହଲେଇ ମନା କରି କହିଲା, "ବାପା ଆଜି ମୋ ସାଙ୍ଗର ବାପାଙ୍କୁ ଫୋନ୍‌କରି ତାଙ୍କ ଝିଅ ସହିତ ମୋତେ ବି ସ୍କୁଲରୁ ନେଇ ଆସିବାକୁ କହିଥିଲେ ।"

ବିକାଶ ଭାବୁଥିଲା ସଞ୍ଜୟ କୁଆଡ଼େ ଯାଇଥିବ ? ଆଜି ଅଫିସରେ ତାକୁ ସେ ଅନ୍ୟମନସ୍କ ଥିବା ଦେଖିଥିଲା, ସେ ବିଷୟରେ ପଚାରିଥିଲା ବି, କିନ୍ତୁ ସଞ୍ଜୟ କଥାଟା ଏମିତି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଡେଇ ଦେଲା ଯେ ସେ ଅଧିକ କିଛି ପଚାରିଲାନି । ଆଜିକାଲି ସବୁ ଘରେ କିଛି ନା କିଛି ସମସ୍ୟା ଲାଗି ରହିଛି, ଘରେ କେବଳ ସ୍ୱାମୀ-ସ୍ତ୍ରୀ ମାତ୍ର ଦୁଇଜଣ ଥିଲେ ବି । ଏବେ ଅଭାବ ଗୋଟେ ସମସ୍ୟା ନୁହେଁ, ଯେ କୌଣସି ଛୋଟ ମୋଟ କଥାକୁ ନେଇ ବି ସମସ୍ୟା ହୋଇପାରେ । ବିକାଶ ସେହିଭଳି କିଛି ଅନୁମାନ କରି ସଙ୍ଗୀତାକୁ ପଚାରିଲା, "ଭାଉଜ, ଘରେ ସେମିତି କିଛି, ମାନେ, ତୁମ ଦୁଇଜଣଙ୍କର କିଛି ମନୋମାଳିନ୍ୟ ହେଇଛି କି ?" ସଙ୍ଗୀତା ଟିକେ ଅପ୍ରସ୍ତୁତ ହେଇଗଲା ବୋଲି ଜାଣିପାରି, କଥାଟା ବଦଳେଇବାକୁ ଚେଷ୍ଟାକରି ବିକାଶ କହିଲା, "ମାନେ, ତୁମେ କିଛି ଖରାପ ଭାବିବନି, ଆଜି ସଞ୍ଜୟର ମୁହଁ ଦେଖି ସେମିତି କିଛି ଗୋଟେ ଅନୁମାନ କରୁଥିଲି, କିନ୍ତୁ ମୁଁ ତାକୁ ପଚାରିଲେ ବି ସେ କିଛି କହିଲା ନାହିଁ ।" ବିକାଶ କଥାର କିଛି ଉତ୍ତର ନ ଦେଇ ସଙ୍ଗୀତା ତଳକୁ ମୁହଁ କରି ଚୁପ୍ ହେଇ ବସି ରହିଲା । ଏବେ ବିକାଶ କହିଲା, "ଭାଉଜ, ଏତେ ରାତିରେ କ'ଣ କରାଯାଇ ପାରେ ? ପୋଲିସ ଷ୍ଟେସନ ଯିବା ? ନାଁ, ସେଇଟା ଖୁବ ଗୋଟେ ତରବରିଆ ପଦକ୍ଷେପ ହେଇ ଯାଇପାରେ । କଥାଟା ପ୍ରଥମେ ପୋଲିସ ପାଖକୁ ଗଲେ, ସେଇଠୁ ସାମ୍ବାଦିକ ଦେଇ ସିଧା ପ୍ରେସ୍, ଆଉ ଆସନ୍ତା କାଲି ସକାଳ ଖବର କାଗଜ ପୃଷ୍ଠାରେ ଏକ ରୋଚକ ଖବର ।" ବିକାଶର ମୁଣ୍ଡଟା ଗୋଳମାଳିଆ ହୋଇ ଯାଉଥିଲା । କିଛି ଗୋଟେ ଅଘଟଣ ଘଟିବା ଆଗରୁ ତାକୁ କିଛି କରିବାକୁ ପଡ଼ିବ । ବିକାଶ କହିଲା, "ମୁଁ କାର୍ ବାହାର କରୁଛି । ଚାଲ, ଆମେ ଆଗେ ହସ୍ପିଟାଲ ଯିବା, ଯଦିଓ କଥାଟା କାନକୁ ଭଲ ଶୁଭୁ ନାହିଁ, ତଥାପି ଏଇଟା ହିଁ ପ୍ରଥମ କାମ ।"ରାତିଟା ଭିତରେ ସେମାନେ ପ୍ରାୟ ସବୁ ସରକାରୀ ଆଉ ବେସରକାରୀ ହସ୍ପିଟାଲ ଓ ନର୍ସିଂହୋମ ବୁଲିଦେଲେ । ସକାଳ ହୋଇ ଆସୁଥାଏ, ବିକାଶ କହିଲା, "ଭାଉଜ, ଏବେ ତୁମକୁ ଘରେ ଛାଡ଼ି ଦଉଚି, ମୁଁ ନିତ୍ୟକର୍ମ ସାରି ଘଣ୍ଟାକ ଭିତରେ ଫେରି ଆସୁଛି । ଆଜି ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୁଟି ଅଛି, ମୁଁ ଫେରିଲେ କ'ଣ କରିବା ସେଇଟା ଚିନ୍ତା କରିବା । ହଁ ଏହା ଭିତରେ ଯଦି ତୁମ ଘର ଲୋକ ବା କେହି ଚିହ୍ନା ପରିଚୟ ଲୋକ ସଞ୍ଜୟକୁ ଖୋଜନ୍ତି, ତେବେ ସେ ମୋ ସହିତ ବାହାରକୁ ଯାଇଛି ବୋଲି କହିଦବ, ଆଉ ଝିଅକୁ ବି ସେହି କଥାଟା ବୁଝେଇ ଦେଇଥିବ । ମୋ ମତରେ, ନିହାତି ଆବଶ୍ୟକ ନହେଲେ, କଥାଟା ହଠାତ୍ କାହାକୁ କହିବା ଠିକ ହେବନି ।"

ବିକାଶ ଠିକ ଘଣ୍ଟାଏ ଭିତରେ ଫେରି ଆସିଲା । ଦେଖିଲା, ସଙ୍ଗୀତାକୁ ଯେଉଁଠି ଛାଡ଼ି ଯାଇଥିଲା ସେ ସେଇଠି ବସିଛି । ବିକାଶ କହିଲା, "ଭାଉଜ ଆମେ ପରା ବାହାରକୁ ଯିବା ? ତୁମେ ନିତ୍ୟକର୍ମ ସାରି ଖଣ୍ଡେ କ'ଣ ପାଟିରେ ଦେଇ ପ୍ରସ୍ତୁତ ହୁଅ ।"ସଙ୍ଗୀତା କହିଲା, "ଚାଲ, ମୁଁ ପ୍ରସ୍ତୁତ ଅଛି ।" ବିକାଶ କହିଲା, "ଭାଉଜ, ଏମିତି ଭାଙ୍ଗି ପଡ଼ିଲେ ସମସ୍ୟାର ସମାଧାନ ହେବନି । ନିଜକୁ ଦୃଢ କର, ଆଉ ଆଗକୁ  କ'ଣ କରିବାକୁ ହେବ ସେହି କଥା ଭାବ । କୁନି ଝିଅଟା କଥା ଥରେ ଚିନ୍ତା କର, ସେ ବି ସେମିତି ତୁମରି ପାଖରେ ବସିଛି । ତାକୁ ଖଣ୍ଡେ କ'ଣ ଖାଇବାକୁ ଦିଅ, ଏମିତି ଆଖିଆ ଅପିଆ ବସି ରହିଲେ ଝିଅର ଅବସ୍ଥା କଣ ହେବ କହିଲ ?"

ବିକାଶ କଥାରେ ସଙ୍ଗୀତା ବାଧ୍ୟ ହୋଇ ଉଠିଲା ଆଉ ଝିଅକୁ ଖାଇବାକୁ ଦେଇ ଫେରି ଆସିଲା । ବିକାଶ କହିଲା, "ଏବେ ପୋଲିସ ଛାଡ଼ି ଅନ୍ୟ କେଉଁଠିକି ଯିବା କୁହ ?" ସଙ୍ଗୀତା କିଛି ସମୟ ଚିନ୍ତା କରି କହିଲା, "ସଞ୍ଜୟ କେବେ ଗାଁକୁ ଯାଇନ ଥିବେ କି କେଉଁ ଚିହ୍ନାଜଣା ଲୋକଙ୍କ ପାଖକୁ ବି ଯାଇ ନଥିବେ । ମୋର ଯେତେ ଦୂର ମନେ ହୁଏ ସେ ସେଇଠିକି ଯାଇଥିବେ, ଯେଉଁଠିକି ସେ ଅଧିକାଂଶ ଛୁଟିଦିନ ମାନଙ୍କରେ ନିଜେ ଯିବା ସହିତ ଆମକୁ ବି ବେଳେବେଳେ ନେଇଯାଆନ୍ତି ।" ଏତିକି ବେଳେ କୁନି ଝିଅ ଘର ଭିତରୁ ବାହାରି ଆସି କହିଲା, "ଅଙ୍କଲ୍, ମୁଁ ଜାଣେ, ବାପା ନିଶ୍ଚୟ ଗୁରୁଜୀଙ୍କ ପାଖକୁ ଯାଇଥିବେ ।" ସଙ୍ଗୀତା

 Magazine Downloaded from www.aahwaan.com

କହିଲା, "ହଁ ମୁଁ ବି ସେଇୟା ଭାବୁଛି । ଗୁରୁଜୀଙ୍କ ଆଶ୍ରମ ଏଇଠୁ ଚାଳିଶ କିଲୋମିଟର ଦୂର, ଚାଲ ଶୀଘ୍ର ବାହାରି ଯିବା ।"

ବାହାରୁ ଆଶ୍ରମକୁ ଦେଖି ବିକାଶକୁ ଆଶ୍ଚର୍ଯ୍ୟ ଲାଗିଲା ଯେ ଏତେ ପାଖରେ ପୁଣି ଏଭଳି ମନୋରମ ଜାଗାଟିଏ ଥାଇପାରେ । ଆଶ୍ରମ ଗେଟ ପାଖାପାଖି ସଙ୍ଗୀତା ବିକାଶକୁ କହିଲା, "ଏଇଠି ରୁହ, ମୁଁ ଆସୁଛି ।" ବିକାଶ କିଛି ପଚାରିବା ଆଗରୁ ସଙ୍ଗୀତା ଗାଡ଼ିରୁ ଓହ୍ଲେଇ ଗେଟ ପାଖରେ ପହଞ୍ଚି ଯାଇଥିଲା । ସିକ୍ୟୁରିଟି ଲୋକଟି ଗେଟ ବାହାରକୁ ଆସି କହିଲା, "ମ୍ୟାଡାମ୍, ଭିତରକୁ ଯିବେନି ? ଗୁରୁଜୀ ଆଜି ସକାଳେ ବିଦେଶରୁ ଫେରିଛନ୍ତି ।" ସଙ୍ଗୀତା କହିଲା, "ଯିବି ଯେ, ତେବେ ମୋତେ ଆଗେ ଗୋଟେ ଖବର ଦେଇପାରିବ ?" ଲୋକଟି କହିଲା, "ଆଜ୍ଞା କେଉଁ କଥା ଜାଣିବାକୁ ଚାହୁଁଛନ୍ତି ?"ସଙ୍ଗୀତା କହିଲା, "ଆଶ୍ରମର ଗେଷ୍ଟ ହାଉସରେ ରହୁଥିବା ଲୋକର ବିବରଣୀ ତ ରେଜିଷ୍ଟରରେ ନିଶ୍ଚୟ ଥିବ । ତୁମେ ଏଇଠୁ ଗେଷ୍ଟ ହାଉସକୁ ଫୋନ କରି ବୁଝ ଯେ ସଞ୍ଜୟ ପଟ୍ଟନାୟକ ନାମରେ କେହି ଜଣେ ଗତକାଲିଠାରୁ ସେଠି ରହୁଛନ୍ତି କି ?" ସିକ୍ୟୁରିଟି ସଙ୍ଗୀତାଙ୍କୁ ଚାହିଁ କ'ଣ ଗୋଟେ ଭାବିଲା, ତା'ପରେ କହିଲା, "ମ୍ୟାଡାମ୍ ସେଇଟା ତ ବାହାର ଲୋକଙ୍କୁ କୁହାଯିବ ନାହିଁ, ତେବେ ଆପଣଙ୍କୁ ଦେଖି ଲାଗୁଛି, ଖବରଟା ଆପଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ।"ତାପରେ ନିଜ ମୋବାଇଲରୁ କାହାକୁ ଗୋଟେ ଫୋନ କରିସାରି ସଙ୍ଗୀତାକୁ କହିଲା, "ହଁ ମ୍ୟାଡାମ୍ ସେ କାଲିରାତିରୁ ଏଠି ରହୁଛନ୍ତି । ତେବେ ମ୍ୟାଡାମ୍, ଖବରଟା ମୁଁ ଦେଇଛି ବୋଲି କେହି ଯେମିତି ଜାଣି ନ ପାରନ୍ତି ।" ସଙ୍ଗୀତା କହିଲା, "ସେ ବିଷୟରେ ତୁମେ ନିଶ୍ଚିନ୍ତ ରୁହ । ଏବେ ଗେଟ୍ ଖୋଲ, ଆମେ ଟିକେ ଗୁରୁଜୀଙ୍କୁ ଦେଖା କରିବୁ ।"

ଆଶ୍ରମ ଭିତରେ ଗୁରୁଜୀଙ୍କୁ ସାକ୍ଷାତ କରିବାକୁ ଅପେକ୍ଷାରତ ଲୋକଙ୍କ ସହିତ ବିକାଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ଝିଅକୁ ବସେଇ ଦେଇ ସଙ୍ଗୀତା ଗୁରୁଜୀଙ୍କ ସହଯୋଗୀଙ୍କ ପାଖକୁ ଯାଇ କହିଲା, "ଭାଗୀ ଭାଇ, ମୋତେ ଯେମିତି ହେଲେ ଗୁରୁଜୀଙ୍କ ସହିତ ସାକ୍ଷାତ କରେଇ ଦିଅନ୍ତୁ, ନିତ୍ୟାନ୍ତ ଜରୁରୀ ।"

ଏହା ଭିତରେ ଗୁରୁଜୀ ଆସି ଯାଇଥିଲେ, ଆଉ ଦର୍ଶନାର୍ଥୀଙ୍କର ଭିଡ଼ ବି ଜମି ଯାଇଥିଲା । ଭିଡ଼ ଫାଙ୍କା ହେଲା ବେଳକୁ ଗୁରୁଜୀଙ୍କର ସଙ୍ଗୀତା ଉପରେ ନଜର ପଡ଼ିବା କ୍ଷଣି ତା ମୁହଁର ଉଦବିଗ୍ନତା ଦେଖି ପାଖକୁ ଡାକିଲେ । ବିକାଶ ଆଉ ଝିଅକୁ ବାହାରକୁ ଯିବାକୁ ଇଙ୍ଗିତ କରି ସଂଗୀତା ଗୁରୁଜୀଙ୍କ ପାଖକୁ ଗଲା । ପ୍ରଣାମ କରନ୍ତେ ଗୁରୁଜୀ କହିଲେ, "ମା, ତୁମେ ତ ଖୁବ ପରିଚିତ ଲାଗୁଛ, ଆଉ ଆଗରୁ ତୁମକୁ ଏଠିକି ଆସିଥିବାର ବି ଦେଖିଛି । କିନ୍ତୁ ଆଜି ତୁମ ଭିତରେ କିଛି ଅସ୍ୱାଭିକତା ଦେଖି ପାରୁଛି । ତେବେ କେଉଁ ସମସ୍ୟାକୁ ନେଇ ତୁମେ ବିବ୍ରତ ଅଛ ?"ସଞ୍ଜୟଙ୍କ ସହିତ ପାରିବାରିକ ଅବୁଝାମଣାର କଥା କହି ସଞ୍ଜୟ ଏଠାକୁ ଆସି ଥାଇ ପାରନ୍ତି ବୋଲି ଆଶଙ୍କା କରି ସଙ୍ଗୀତା ଏଠିକି ଆସିଛି ବୋଲି କହିବା ସହିତ ତାଙ୍କର ଆଶୀର୍ବାଦ ଭିକ୍ଷାକଲା । ଗୁରୁଜୀ କହିଲେ, ଯେହେତୁ ସେ ଆଜି ସକାଳେ ଫେରିଛନ୍ତି ତେଣୁ ଏ ବିଷୟରେ ଅବଗତ ନାହାଁନ୍ତି । ତେବେ ଆଶ୍ରମରେ ସଞ୍ଜୟର  ଉପସ୍ଥିତି ବିଷୟରେ ତତ୍ତ୍ୱାବଧାରକଙ୍କୁ ପଚାରି ଖବରର ସତ୍ୟତା ବୁଝିଲେ । ଗୁରୁଜୀ ସଙ୍ଗୀତାଙ୍କୁ ପଚାରିଲେ ଯେ ଏବେ ସେ କ'ଣ ଚାହେଁ । ସଙ୍ଗୀତା କହିଲା, "ଗୁରୁଜୀ, ମୁଁ ମୋର ଦୋଷ ସ୍ୱୀକାର କରୁଛି ଏବଂ ସଞ୍ଜୟ ଯାହା ଚାହୁଁଛନ୍ତି ସେଥିରେ ମୋର କୌଣସି ଆପତ୍ତି ନାହିଁ । ସଞ୍ଜୟଙ୍କୁ ଛାଡ଼ି ମୋର କୌଣସି ଅସ୍ତିତ୍ୱ ନାହିଁ ଏବଂ ସେ ଯଦି ଏଠାରୁ ନ ଫେରନ୍ତି ତେବେ ମୋତେ ମଧ୍ୟ ଏଠାରେ ରହିବାକୁ ଅନୁମତି ଦିଅନ୍ତୁ ।"

ଗୁରୁଜୀ ମୁହୂର୍ତ୍ତେ ଚିନ୍ତାକରି ତାଙ୍କ ଅନୁଚରଙ୍କୁ ଡାକିଲେ ଏବଂ  ସଞ୍ଜୟଙ୍କୁ ଖବର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଠାଇଲେ ଯେ ସେ ତା ସହିତ କଥା ହେବାକୁ ଚାହୁଁଛନ୍ତି । କିନ୍ତୁ ଏଠି ଅନ୍ୟ କାହାର ଉପସ୍ଥିତି ବିଷୟରେ ଆଦୌ ସଞ୍ଜୟକୁ ଅବଗତ କରିବାକୁ ମନା କଲେ । ସଞ୍ଜୟ ଗୁରୁଜୀଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କଲା ଆଉ ପ୍ରଣାମ କରି ଫେରିପଡ଼ିଲା ବେଳକୁ ଗୁରୁଜୀଙ୍କ ଆଡ଼କୁ ମୁହଁକରି ବସିଥିବା ସଙ୍ଗୀତାର ସାମ୍ନାସାମ୍ନି ହୋଇ ଯାଇ ସାପ ଦେଖିଲା ଭଳି ଚମକି ପଡିଲା । ଗୁରୁଜୀ ସଞ୍ଜୟକୁ ସଙ୍ଗୀତା ପାଖ ଚେୟାରରେ ବସିବାକୁ କହିଲେ । ସଙ୍ଗୀତା ସେତେବେଳକୁ ମୁହଁ ତଳକୁ କରି ବସିଥାଏ ଆଉ ଗୁରୁଜୀଙ୍କର ପରବର୍ତ୍ତୀ ଆଦେଶକୁ ଅପେକ୍ଷା କରିଥାଏ । ଗୁରୁଜୀ କହିଲେ, "ସଞ୍ଜୟ, ତୁମେ ତ ଗତ କିଛି ଦିନ ହେଲା ସସ୍ତ୍ରୀକ ଆସୁଛ, କିନ୍ତୁ ଗତକାଲି ତୁମେ ଏକା ଆସିଲ କାହିଁକି ? ଯଦିବା ଏକା ଆସିଲ, ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଲନି କାହିଁକି ? ଦେଖ ବାବା, ତୁମର ଗୃହତ୍ୟାଗ କରିବାର ସମୟ ଆସିନାହିଁ । ତୁମର ଏବେ ବି ବହୁତ କିଛି ଦାୟିତ୍ୱ ନିର୍ବାହ କରିବାକୁ ଅଛି । ତାଛଡା ତୁମର ଧର୍ମପତ୍ନୀ ତାଙ୍କର ଭୁଲ ସ୍ୱୀକାର କରି ସାରିଲେଣି । ଏଣୁ ତାଙ୍କ ସହିତ ଏବେ ଘରକୁ ଫେରିଯାଅ । ହଁ, ମୋର ଏବେ ମଧ୍ୟାହ୍ନ ପ୍ରାର୍ଥନା ବେଳ ହୋଇଗଲାଣି । ତୁମେ ପ୍ରସାଦ ସେବନ କରି ଘରକୁ ଯାଅ ।"

ଏବେ ଗୁରୁଜୀ ଉଠି ଛିଡ଼ାହେଲେ ଆଉ ଉଭୟଙ୍କୁ ଆଶୀର୍ବାଦ କରି କକ୍ଷରୁ ନିଷ୍କ୍ରାନ୍ତ ହେଲେ । ସଞ୍ଜୟ ଏଥର ସଙ୍ଗୀତାଙ୍କୁ ସିଧା ଚାହିଁଲା । ସଙ୍ଗୀତାଙ୍କ ରକ୍ତହୀନ ମୁହଁ ଆଉ ଫୁଲି ଯାଇଥିବା ଆଖି ଯୋଡ଼ିକ ଦେଖି ତାକୁ ଭାରି କଷ୍ଟ ହେଲା । ସମ୍ଭବତଃ ସେ ରାତିସାରା କାନ୍ଦିଛି । ଏବେ ସଙ୍ଗୀତାର ହାତ ପାପୁଲି ଦୁଇଟି ନିଜ ପାପୁଲିରେ ଚାପି ଧରି କହିଲା, "ଚାଲ ଘରକୁ ଯିବା ।"

ଗାଡ଼ି ପାଖକୁ ଆସିଲା ବେଳକୁ ବିକାଶ ଆଉ କୁନି ଝିଅ ବଗିଚାରେ ବସିଥିଲେ । ବିକାଶ ସଞ୍ଜୟକୁ ଚାହିଁଲା, କିନ୍ତୁ କିଛି ନ କହି ସଙ୍ଗୀତାକୁ କହିଲା, ଭାଉଜ, ମୋତେ ନିଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗୁଛି, ମୁଁ ଆଉ ଗାଡ଼ି ଚଳେଇ ପାରିବିନି । ସଙ୍ଗୀତା କହିଲା, "ତୁମେ ଝିଅକୁ ନେଇ ପଛରେ ବସ ।"

ସଞ୍ଜୟ ଗାଡ଼ି ଚଳାଉଥିଲା  ଆଉ ସଙ୍ଗୀତା ପାଖ ସିଟରେ ବସିଥିଲା । ପରସ୍ପର କେମିତି କଥା ଆରମ୍ଭ କରିବେ ତାର କୌଣସି ପ୍ରସଙ୍ଗ ଖୋଜି ପାଉ ନଥିଲେ । ସଙ୍ଗୀତା ଭାବୁଥିଲା, ଯେତେ ସବୁ ଅବାନ୍ତର କଥା କହି ସଞ୍ଜୟ ଭଳି ଗୋଟେ ସରଳ ମଣିଷକୁ ବିଭ୍ରାନ୍ତ କରିବାଟା କ'ଣ ଶାଶୁଙ୍କର ଠିକ୍ ହେଲା ?ଏହା ଭାବୁଭାବୁ ଅନ୍ୟ ମନସ୍କ ଭାବେ ତା ପାଟିରୁ ହଠାତ୍ ବାହାରି ପଡ଼ିଲା, "ଗୋଟେ ନାରୀର ବିପର୍ଯ୍ୟୟ ପାଇଁ ଆଉ ଗୋଟିଏ ନାରୀ ହିଁ ଦାୟୀ ।" ସଞ୍ଜୟ କିଛି କହିଲ ବୋଲି ପଚାରିଲା ବେଳକୁ ସଙ୍ଗୀତା ପ୍ରକୃତିସ୍ଥ ହୋଇ କହିଲା, "ନା, ସେ କିଛି ନୁହେଁ, ତୁମେ ଦେଖିକି ଗାଡ଼ି ଚଳାଅ, ଆଗରେ ଗୋଟେ ବଡ଼ ଖାଲ ।"

୨୯-ଏ, କଳ୍ପନା ଏରିଆ,
ବି.ଜେ.ବି ନଗର,
ଭୁବନେଶ୍ୱର-୭୫୧୦୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ଜନ୍ମଦିନ



ନିରୁପମା ପ୍ରଧାନ

ଗୋଟିଏ ବୋଲି ପୁଅ । ମା'ବାପାର ଗେହ୍ଲା ପୁଅ । ଅତି ସ୍ନେହଶ୍ରଦ୍ଧାରେ ଛୋଟିଆ ପରିବାରଟିର ଦିନ କଟୁଥାଏ । ପୁଅର ଜନ୍ମଦିନ ଆସିଗଲେ ଛୁଆର ମନରେ ଯେତେ ଉତ୍ସାହ ନଥାଏ ତା'ଠୁ ବେଶି ମା'ବାପାର । ଠିକ ଜନ୍ମଦିନର ଦଶ ବାରଦିନ ପୂର୍ବରୁ ହିଁ ପ୍ରସ୍ତୁତି ଚାଲେ କିପରି ସୁଚାରୁ ରୂପରେ ଗେହ୍ଲା ପୁଅର ଜନ୍ମଦିନ ପାଳିତ ହେବ । ଅତିଥି ତାଲିକା ପ୍ରସ୍ତୁତି, ଖାଦ୍ୟ ଖସଡ଼ା ପ୍ରସ୍ତୁତି, ସାଜସଜ୍ଜା, ମିଠା କେଉଁଠୁ ଆସିବ, କେକ କେତେ କେଜିର ଆସିବ, ତାହାର ତାଲିକା ଚୂଡ଼ାନ୍ତ ପର୍ଯ୍ୟାୟରେ । କାହିଁକିନା ଅତିଥି ଶହେରୁ ଅଧିକ ହେଇଯିବେ, ସେ ହିସାବରେ ପ୍ରସ୍ତୁତି ଚାଲିଛି । ଅତିଥି ମାନଙ୍କର ସତ୍କାରରେ ଯେମିତି ଊଣା ନହୁଏ । ସବୁ କିଛି ଚୁଡାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି ସରିଯାଇଥାଏ । ଏ କଣ ନ୍ୟୁଜରେ ଆସିଲାଣି 'ଲକ୍ ଡାଉନ୍' ! ମାନେ ଦୋକାନ ବଜାର ସବୁ ବନ୍ଦ ! ଲୋକେ ଯିବା ଆସିବା କରିପାରିବେ ନାହିଁ । ପରିବା, ମେଡ଼ିସିନ ଏବଂ କିରାନା ଦୋକାନ ଛାଡି ଦେଲେ ସବୁ ବନ୍ଦ ! ଏ ଖବର ଶୁଣିକି ପିଲାର ମନଭାରି ଦୁଃଖ ହେଇଗଲା । ବାପା, କଣ ମୋର ଷଷ୍ଠ ଜନ୍ମଦିନ ପାଳନ ହେଇ ପାରିବିନି ? ନିରାଶରେ ଥାଏ କିନ୍ତୁ ସ୍ଥିତିକୁ ବି ବୁଝୁଥାଏ । ଜନ୍ମଦିନ ତାରିଖ ଆସିଗଲା, ପ୍ରସ୍ତୁତ ହେଲା ପୁଅର ମନ ପସନ୍ଦର ମିଠା, ସୁଆଦିଆ ଜଳଖିଆ, ସୁସ୍ୱାଦୁ ମଧ୍ୟାହ୍ନ ଭୋଜନ ଇତ୍ୟାଦି । ଘରେ ଯାହା ବି ରାସନ ଥିଲା ସେଥିରେ ହିଁ ତିଆରି ହେଇଥିଲା ସବୁ । ସନ୍ଧ୍ୟା ସମୟରେ ଘର ତିଆରି କେକ୍ ମଧ୍ୟ କଟା ହେଲା । ଭିଡ଼ିଓ କଲିଙ୍ଗ୍ ମାଧ୍ୟମରେ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ପରିବାରବର୍ଗ ମଧ୍ୟ ଉପସ୍ଥିତିକୁ ଅନୁଭବ କଲେ । ଯାହା ବି ହେଉ ମ'ବାପା ବି ବହୁତ ଖୁସିହେଲେ ପୁଅର ଖୁସିଦେଖି । ହଠାତ ମା'ଙ୍କର ମନେ ପଡ଼ିଗଲା ପୁଅର ତୃତୀୟ ଜନ୍ମଦିନ କଥା । ଜନ୍ମଦିନ ବହୁତ ଆଡମ୍ବରରେ ଆୟୋଜିତ ହୋଇଥିଲା । ଯେଉଁଥିରେ ଶତାଧିକ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ । ସକାଳୁ ହିଁ ଦୁହେଁ ପତିପତ୍ନୀ ଲାଗି ପଡ଼ିଥିଲେ କେମିତି ସବୁକିଛି ସୁଚାରୁ ରୂପରେ ଜନ୍ମଦିନ ପାଳିତ ହେଇ ପାରିବ । ଯେମିତି ଅତିଥି ମାନଙ୍କର ସତ୍କାରରେ କିଛି ବି ଉଣା ନହୁଏ । କାମର ବ୍ୟସ୍ତତା ମଧ୍ୟରେ ସମୟ ଯେ ଅପରାହ୍ନ ଦୁଇଟା ହେଲାଣି ଜଣା ବି ପଡୁନାହିଁ । ଏହିଟା ବି ଜଣାନାହିଁ ଯେ ସକାଳୁ ଭାତଗଣ୍ଡେ ଛଡା ଆଉ କୌଣସି ତରକାରୀ କି ଡାଲି ବି କରିନାହିଁ । ହେ ଭଗବାନ ଛୁଆଟା କ'ଣ ଖାଇବ !ରୋଷେଇ କରିବାକୁ ବି ଆଉ ସମୟ ନାହିଁ । ମା'ଟି ତାକୁ ଦହିଭାତ ଖୁଆଇ ଦେଉଥାଏ ଆଉ ନିଜକୁ ନିଜେ ଧିକ୍କାର କରୁଥାଏ ଏବଂ ଆପେ ଆପେ ଆଖିରୁ ଲୁହ ଝରି ଯାଉଥାଏ । ଜନ୍ମଦିନ ପାଳନର ନିର୍ଦ୍ଧାରିତ ସମୟ ଆସିଗଲା, ଅତିଥିମାନେ ମଧ୍ୟ ଗୋଟି ଗୋଟି କରି ସମସ୍ତେ ଆସିଗଲେଣି, ଅତିଥି ସତ୍କାର ମଧ୍ୟ ଠିକ ଠାକ ଚାଲିଥିଲା । ଅତିଥି ମାନଙ୍କର ମନକୁ ସୁହାଇଲା ପରି ନାନା ପ୍ରକାରର ଖାଦ୍ୟ ସଜଡା ଯାଇଥିଲା । ମାହୋଲ ସଂପୂର୍ଣ ଉତ୍ସବମୁଖର, ଜନଗହଳିରେ ହଜି ଯାଇଥିଲେ ସମସ୍ତେ । ନିଜନିଜ ସାଙ୍ଗସାଥି ମେଳିରେ ଗପସପରେ ମସଗୁଲ ସମସ୍ତେ । ଅତିଥିମାନେ ଜଣେ ପରେ ଜଣେ ସାଧୁବାଦ ଜଣାଇ ବିଦାୟ ନେଉଛନ୍ତି । କିନ୍ତୁ ଏତେ ବ୍ୟସ୍ତତା ମଧ୍ୟରେ ପୁଅଟି କଣ ଖାଇଛି କି ନାହିଁ ମା ତାକୁ ବୁଝିବାକୁ ସମୟ ପାଇନାହିଁ । ଜାଣିବାକୁ ପାଇଲା ଯେ ନିଜେ ନିଜେ କିଛିଟା ଖାଇଛି । କଣ ବା ନିଜେ ଖାଇଥିବ ଏତେ ଛୋଟ ଶିଶୁଟି ! ସବୁ କାମ ସାରି ବିଶ୍ରାମ ନେଲା ବେଳକୁ ରାତ୍ରି ବାରଟା, ସେ ପର୍ଯ୍ୟନ୍ତ ପୁଅଟି ଜଗିଛି ମା ସହିତ ଶୋଇବ ବୋଲି । ମା'ର କୋଳ ନ ହେଲେ, ମା'ଙ୍କୁ ଜାବୁଡି

 Magazine Downloaded from www.aahwaan.com

ନ ଧରିଲେ ଶୋଇବ ବା କେମିତି ! ନିଜକୁ ନିଜେ ମନେ ମନେ ଧିକ୍କାର କରୁଥାଏ ମା । ନିଜକୁ ନିଜେ ପ୍ରଶ୍ନ କରୁଥାଏ, କାହା ପାଇଁ ଏ ଭବ୍ୟ ଆଡମ୍ବର, କାହା ପାଇଁ ଏ ଆୟୋଜନ, ଯଦି ଛୁଆକୁ ମୋର ଭଲ କରି ଖାଇବାକୁ ଦେଇପାରୁନି । ଛୋଟିଆ ଛୁଆଟି କହି ତ ପାରୁନାହିଁ ତାର ଖୁସି କେଉଁଥିରେ । କିନ୍ତୁ ଆମେ କେମିତି ବୁଝି ପାରୁନାହୁଁ ଯେ, ଏ ଜନ୍ମଦିନ ସେହିଦିନ ଜନ୍ମିତ ସନ୍ତାନ ପାଇଁ ନା ଅତିଥି ପାଇଁ ? କିନ୍ତୁ ଆଜି ଏ 'ଲକ ଡାଉନ' ଠିକ ବୁଝାଇ ଦେଇଛି ତାର ମହତ୍ୱ । ନା ଥିଲା ଆଡମ୍ବର ନା ଥିଲା ଭବ୍ୟ ଭୋଜନ କିନ୍ତୁ ମନରେ ଥିଲା ଅପାର ଆନନ୍ଦ ଏବଂ ଆତ୍ମ ସନ୍ତୋଷ ।

କତରବଗା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋକେଇ



ଲଳିତ ମୋହନ ମହାନ୍ତି

ମଣିଷ ଜୀବନର ଅନେକ ସତ୍ୟ ମଧ୍ୟରେ ତିନୋଟି ପ୍ରମୁଖ ସତ୍ୟ ହେଉଛି - ଜନ୍ମ, ପରିବର୍ତ୍ତନ ଓ ମୃତ୍ୟୁ । ଅର୍ଥାତ 'ଜନ୍ମ' ପ୍ରଥମ ସତ୍ୟ, ଜନ୍ମଗ୍ରହଣ ପରେ ହିଁ ଦ୍ୱିତୀୟ ସତ୍ୟ 'ପରିବର୍ତ୍ତନ' ଏବଂ ପରିବର୍ତ୍ତନର ନିଶୁଣି ଲମ୍ବିଯାଇ ପହଞ୍ଚିଥାଏ ତୃତୀୟ ସତ୍ୟ 'ମୃତ୍ୟୁ'ର ଦ୍ୱାର ପର୍ଯ୍ୟନ୍ତ ।

ଧରଣୀଧର ମହାପାତ୍ର ଓ ପଦ୍ମାବତୀ ଦେବୀ ଦୁହେଁ ପତିପତ୍ନୀ ଅଟନ୍ତି । ପଦ୍ମାବତୀଙ୍କର ଗଭୀର ଇଚ୍ଛା ଥାଏ ଯେ ସେ ଗରିବ ଓ ଦୁର୍ବଳ ଲୋକମାନଙ୍କୁ ସେବା ଓ ସାହାଯ୍ୟ କରିବାର । ତାଙ୍କର ଏଭଳି ଇଚ୍ଛାକୁ ମହାପାତ୍ର ବାବୁ ସମ୍ମାନ ଜଣେଇଲେ ଏବଂ ସେହିଦିନଠୁ ଉଭୟ ପତ୍ନୀ ଓ ପତି ସମାଜସେବା କରି ଅନେକ ଆଶୀର୍ବାଦ ପ୍ରାପ୍ତ କରୁଥିଲେ । ନିର୍ଣ୍ଣାୟକ ମହାପାତ୍ର ନାମକ ତାଙ୍କର ଏକମାତ୍ର ପୁତ୍ରସନ୍ତାନ ବିଦେଶରୁ ପାଠପଢ଼ା ଶେଷ କରି ଘରକୁ ଫେରିଥାଏ । ପୁଅର ଫେରିବା ଖବର ଶୁଣି ମା ପଦ୍ମାବତୀ 'ମଧୁକେଶ୍ୱର' ପୀଠ ଅତି ଆନନ୍ଦ ଓ ଉଲ୍ଲାସରେ ଧାଇଁ ଆସୁଥାଏ । ବାଟରେ ଯେଉଁ ଭଦ୍ରବ୍ୟକ୍ତିଙ୍କୁ ଦେଖୁଥାଏ, 'ମୋ ପୁଅ ଆସିଛି, ମୋ ପୁଅ ଆସିଛି' କହି ପ୍ରସାଦ ବାଣ୍ଟି ଦେଉଥାଏ । ହଠାତ୍ ଏଇ ସମୟରେ ପଦ୍ମାବତୀ ହୃଦଘାତ କାରଣରୁ ସେହିକ୍ଷଣି ରାସ୍ତା ଉପରେ ପଡ଼ି ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଲୋକମାନେ ରୁଣ୍ଡ ହୋଇଗଲେ ସତେ ଯେମିତି ଖୁସିର ଆକାଶକୁ, ଦୁଃଖର ବାଦଲ ଢାଙ୍କିଲା ପରି ।

ସମ୍ପୂର୍ଣ୍ଣ ଗାଁରେ ଶୋକାକୁଳ ପରିବେଶ, ମହାପାତ୍ର ବାବୁ ଦୁଃଖରେ ଭାଙ୍ଗି ପଡ଼ିଥାନ୍ତି । ପୁଅ ନିର୍ଣ୍ଣାୟକ, ଗାଁ ଲୋକଙ୍କ ସହାୟତାରେ ଶବ ସଂସ୍କାରର ଆୟୋଜନ କରୁଥାଏ ।

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

'କୋକେଇ' ବନ୍ଧା ହେଉଥାଏ । ପଦ୍ମାବତୀ ଦେବୀଙ୍କ ଆତ୍ମାଶୂନ୍ୟ ଶରୀରକୁ ଅନ୍ତିମ ସ୍ନାନ କରାଇ କୋକେଇରେ ଶୁଆଇ ଦିଆଗଲା । ପୁଅ ନିର୍ଣ୍ଣାୟକ ଢିଅ ମାଟି ନିଜ ମା'ର ମୃତ ଶରୀରର ମଥାରେ ଅର୍ପଣ କରି, 'ରାମ ନାମ ସତ୍ୟ ହେ' କହି କୋକେଇ ଉଠାଗଲା । ସମ୍ପୂର୍ଣ୍ଣ ମଧୁପୂର ଗ୍ରାମ, ରାମନାମ ସତ୍ୟ ହେ, ହରି ନାମ ସତ୍ୟ ହେ ସ୍ୱରରେ ଗୁଞ୍ଜି ଉଠୁଥିଲା ।

୨୦୬ ଖଣ୍ଡ ହାଡ଼ ଓ ମାଂସପେଶୀର ଶରୀର ଯେତେବେଳେ ମାନବ ଜୀବନର ଉଦ୍ଦେଶ୍ୟ, କର୍ମ, ଲୋଭ, ମୋହ, ସଂସାରରୂପୀ ମାୟା ଇତ୍ୟାଦି ପରିତ୍ୟାଗ କରି ୬ ଖଣ୍ଡ କାଠର କୋକେଇରେ ବୁହା ହୋଇ ମଶାଣୀକୁ ନିଆଯାଇଥାଏ, ସେତେବେଳେ ହିଁ ସେ କୋକେଇ ଏ ସମାଜକୁ ଜଣେଇଦିଏ ଯେ ରାମ ନାମ, ହରିନାମ ସଂସାରର ମହାସତ୍ୟ, ଯାହା ମଣିଷ ବଞ୍ଚିଥିଲା ବେଳେ ଜାଣିମଧ୍ୟ, ଜାଣିବାକୁ ପ୍ରୟାସ କରେନାହିଁ । କିନ୍ତୁ ମୃତ୍ୟୁପରେ କୋକେଇ ଶଯ୍ୟାରେ ଶୋଇବା ପରେ ସମ୍ପୂର୍ଣ୍ଣ ସଂସାରକୁ 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ'ର ମର୍ମଭରା ହୁଙ୍କାର ଦ୍ୱାରା ଜଣାଇ ଦିଆଯାଏ ।

ମଧୁପୁର, ମାହାଙ୍ଗା, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍‌ଡାଉନ୍



ଶିବଶଙ୍କର ସାହୁ

(୧)

ଫେସବୁକ୍ ଆମ ରୋଷେଇରେ ଜଣେ ପୋଷ୍ଟ କରିଥିଲେ; ଆଜିର ଲଞ୍ଚ - ଭାତ, ଡାଲି, ମଟନ କଷା, ଚିଙ୍ଗୁଡ଼ି ଫ୍ରାଇ, ପାମ୍ପଡ଼, ସଜନା ଆଳୁ ଭଜା, ସାଲାଡ଼ ।

କରୋନା ସମୟରେ ଆମିଷ ନ ଖାଇ ସାଦା ଖାଇଲେ ଭଲ, କମେଣ୍ଟ କଲି ମୁଁ ।

ସେ ରିପ୍ଲାଇ କଲେ : ମହାଶୟ ଅପଟୁଡେଟ୍ ହୁଅନ୍ତୁ । ବିଜ୍ଞାନ ସମ୍ମତ କଥା କୁହନ୍ତୁ । ମୁଁ ଆଉ କିଛି ଲେଖିଲି ନାହିଁ । ଅନେକ ପୋଷ୍ଟରେ ସେଇ ଆମିଷ । କରୋନା ଆଗରେ ବିଜ୍ଞାନ କେମିତି ମୁହଁମାଡ଼ି ପଡ଼ିଛି ଦେଖୁଥିଲେ ବି, ଲୋକମାନେ ସଚେତନ ହେଉନଥିବା ଦେଖି ଦୁଃଖ ଲାଗିଲା ।

(୨)

ପୋଲିସ୍ କମିସନର, ମ୍ୟୁନିସିପାଲ୍ କମିଶନର, ଜିଲ୍ଲାପାଳ ସମସ୍ତଙ୍କ ଅନୁରୋଧ ସତ୍ତ୍ୱେ ଲୋକେ ଯାତ୍ରାକୁ ଯିବାଭଳି ଭିଡ଼କରିଥିଲେ ମାର୍କେଟରେ । ସୋସିଆଲ୍ ଡିଷ୍ଟାଂସିଂ ବୋଲି କିଛି ନଥିଲା । କିଛି ଲୋକ ମାସ୍କ କି ରୁମାଲ ବି ମୁହଁରେ ଦେଇନଥିଲେ ।

ପୋଲିସ ବୁଝେଇ ବୁଝେଇ ଥେୟା । ସତେ ଯେମିତି ୪୮ ଘଣ୍ଟା ନୁହେଁ, ୪୮ ଦିନ ସଟଡାଉନ୍ ! ଜଣେ ପୋଲିସ ଭାଇ କହୁଥିଲେ ଏମାନଙ୍କୁ ଦଣ୍ଡ ଦରକାର । ସତକଥା ହିଁ କହୁଥିଲେ ସେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(୩)

ମନ୍ତ୍ରୀଙ୍କ ପୁଅ ସଟଡାଉନ୍ ପିରିୟଡ଼ରେ କାର ଚଳାଇ ଯାଉଥିଲେ । ତାଙ୍କ ସହିତ ଥିଲେ ଆଗ ସିଟରେ ତାଙ୍କ ବନ୍ଧୁ; ଜଣେ ସିନିୟର ପୋଲିସ ବାବୁଙ୍କ ପୁଅ । ନ ଥିଲା ପାସ୍, ନ ଥିଲା କିଛି ଅର୍ଜେଣ୍ଟ କାମ । ପୋଲିସ୍ ଅଟକାଇଲା ଓ ସାଲୁଟ୍ ଠୁଙ୍କି ଯିବାକୁ ଦେଲା ଗାଡ଼ିକୁ । ପୋଲିସ୍ ଇନ୍ସପେକ୍ଟର ବିଳିବିଳେଇଲେ, ଏମାନଙ୍କୁ କହିବ କିଏ ? ଆପେ ବଞ୍ଚିଲେ ବାପର ନାଁ ।

(୪)

ଅଫିସରେ ନିୟମ ହେଲା : ୱର୍କ ଫ୍ରମ୍ ହୋମ୍

ଭାବିଲି କିଛି ଫୁରସତ୍ ମିଳିଯିବ । ଘରଣୀ ବି ଖୁସି । କହିଲେ ମୋତେ ଟିକେ ହାତ ବଢ଼େଇବ କାମରେ, ପିଲାଙ୍କ ପଢ଼ାପଢ଼ି ବି ଦେଖିବ ଯେ ଘରେ ବୋର୍ ଲାଗିବନି । ସତକଥା, ଏତେ ଦିନେ ସୁଯୋଗ ମିଳିଛି, ଘରଣୀଙ୍କୁ ଟିକେ ସାହାଯ୍ୟ କରିବା । ହେଲେ ଦି ଦିନରେ ପାଗ ବଦଳିଗଲା । ଉପରୁ ହୁକୁମ୍ ଆସିଲା, ଏଇ ଡାଟା ଦରକାର, ସେଇ ଡାଟା ଦରକାର । କେତେ ମେସିନ୍ କାମ କରୁଛି, କେତେ ୱାର୍କର ଫିଲ୍ଡ଼ରେ ଅଛନ୍ତି, ମାସ୍କ, ସାନିଟାଇଜର୍ କେତେ ବଣ୍ଟାଗଲା, କେତେ ଷ୍ଟକ୍ ଅଛି, ଡେଲି ଅପଡ଼େଟ୍ କର, ଲେସ୍ ପ୍ରୋଗ୍ରେସ୍‌ର କାରଣ ଦିଅ, ଭିଡ଼ିଓ କନ୍‌ଫେରେନ୍ସ୍ କର ଜୁମ୍ ଆପରେ ଇତ୍ୟାଦି ଇତ୍ୟାଦି । ଘରକାମ କିଛି ବି ହେଲାନି । ଶ୍ରୀମତି ଓ ପିଲାମାନେ ରାମାୟଣ, ମହାଭାରତ ଦେଖିଲା ବେଳେ ମୁଁ ମୋ ରୁମରେ ଡାଟା କଲେକ୍ସନ, କମ୍ପାଇଲେସନ୍, ପ୍ରୋଗ୍ରେସ୍ ରିପୋର୍ଟିଂରେ ବ୍ୟସ୍ତ । କାମ ବଢ଼ିଯାଇଥିଲା ଅନେକ । ମିସେସ୍ କହୁଥିଲେ, ଅଫିସ ଠିକ୍ ଥିଲା, ଦଶରେ ଯାଇ ଆଠରେ ଫେରୁଥିଲ, ଏବେ କଣ ସକାଳ ଆଠରୁ ରାତି ଏଗାର ଯାଏ କାମ । ମୁଁ ମନେ ମନେ

 Magazine Downloaded from www.aahwaan.com

ଲକ୍‌ଡାଉନର ସପ୍ତପୁରୁଷ ଉଝାଳୁଥିଲି ।

(୫)

ଲକ୍‌ଡାଉନ୍ ଯୋଗୁଁ ମୋ ଗଳିର କୁକୁର ଗୁଡ଼ାକ ଠିକରେ ଖାଇବାକୁ ପାଉନଥିଲେ । ସେମାନେ ଅଧିକାଂଶ ସମୟ୍ ଦଳଗତ ଭାବେ ଶୋଇ ରହୁଥିଲେ ଆଉ କିଏ କେମିତି ବିସ୍କୁଟ୍ କି ରୁଟି ଖଣ୍ଡେ ଦେଲେ ସମସ୍ତେ ଦୌଡୁଥିଲେ ଖାଇବାକୁ । ଆଗରୁ ବିଶ୍ୱାଳ ସାରଙ୍କ ହଷ୍ଟେଲରୁ ଯଥେଷ୍ଟ ଖାଦ୍ୟ ମିଳୁଥିଲା ସେମାନଙ୍କୁ । ବିଚାରା ଗୁଡ଼ାକ । କେତେଥର ଭାବିଛି କିଛି ବିସ୍କୁଟ୍ ଅଲଗାରେ ରଖିବି ସେମାନଙ୍କ ପାଇଁ, ହେଲେ କରୋନା ଭରରେ ବାହାରକୁ ଯାଇନି ଅନେକ ଦିନ ହେଲା । ଆଜି ସକାଳୁ ମୋତେ ଶ୍ରୀମତି ଉଠେଇଲେ, ହେ ଶୁଣୁଛ, କାଲି ରାତିରେ ଛେଳିଟେ ବୋବାଉଥିଲା, ଆଜି ସେ ଇଟା ପାଖରେ ଛୁଆଟିଏ ଜନ୍ମ କରିଥିଲା ଯେ କୁକୁର ପଞ୍ଝାକ ଖାଇ ଯାଇଛନ୍ତି । ଆଃ, ବିଚାରା ମା ଛେଳି ଭୀତତ୍ରସ୍ତ ହୋଇ ଠିଆ ହୋଇଛି ।

ମୁଁ ମନେ ମନେ ନିଜକୁ ଦୋଷୀ ଭାବୁଥିଲି ।

ସହକାରୀ ଯନ୍ତ୍ରୀ(ରେଳପଥ)

ରେଳ ସଦନ, ନର୍ଥ ବ୍ଲକ, ପ୍ରଥମତଳ

ପୂର୍ବତଟ ରେଳବାଇ, ଭୁବନେଶ୍ୱର

ଭ୍ରାମ୍ୟଭାଷ:୯୪୩୭୨୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ପଞ୍ଜିକା



ଡା ସୌମ୍ୟରଞ୍ଜନ ମିଶ୍ର

(୧)

ସରକାରଙ୍କ ନିଷ୍ପତ୍ତି । ସମସ୍ତେ ଘରେ ରୁହ । ବାକିକଥା ସରକାର ବୁଝୁଛନ୍ତି । ବିଭାଗୀୟ ମନ୍ତ୍ରୀ ସବୁ ବେଳେ ବେଳେ ତୁଣ୍ଡି ଖୋଲୁଛନ୍ତି । ତାଙ୍କ ବିଭାଗ ଅମୁକ ଅମୁକ ପଦକ୍ଷେପ ନେଉଛି । ଆଉ ଭବିଷ୍ୟତର କାର୍ଯ୍ୟପନ୍ଥା ସରକାର ସ୍ଥିର କରିବେ । ମୋ ପରି ସାଧାରଣ ନାଗରିକଙ୍କ ପାଇଁ ଏକା ଏକ ଅଡୁଆ ପଜଲ୍ । ରାଜାରାଜୁଡ଼ା ବ୍ୟବସ୍ଥାକୁ ଉଖାଡ଼ି କି ତ ଆମେ ଗଣତନ୍ତ୍ର ଆଣିଲୁ । ଆମେ ଯେଉଁମାନଙ୍କୁ ବାଛିଲୁ, ସେମାନେ ତାଙ୍କ ଭିତରେ ବଛାବଛି ହୋଇ ଦାୟିତ୍ୱ ନେବେ । ଦାୟିତ୍ୱ ନେବେ ମାନେ, ନିଷ୍ପତି ବି ନେବେ । ପୁଣି କୋଉ ସରକାର ତୁମପାଇଁ ନିଷ୍ପତି ନେବ ଯେ । ଏକଥା ଠିକ୍ ଯେ, ନିଷ୍ପତ୍ତି ନେବାପାଇଁ ଜିଗର୍ ଦରକାର । ଖାଲି କ୍ଷମତା ମିଳିଗଲେ ହେବନି । କରୋନା ବେମାରୀକୁ ତୃଣମୂଳ ସ୍ତରରୁ ଯୁଝିବାକୁ ସରକାର ଏବେ ସରପଞ୍ଚ ମାନଙ୍କୁ ଜିଲ୍ଲାପାଳଙ୍କ କ୍ଷମତା ଦେଲେ । ହେଲେ କିଛି ଲୋକ ଏକଥା ମାନିବାକୁ ନାରାଜ । କେଉଁଠି ଖାଦ୍ୟ ଫିଙ୍ଗିଲେଣି ତ କେଉଁଠି ଡ୍ରାମା କଲେଣି । ଟିଭିରେ ଜଣେ ସରପଞ୍ଚ କହିଲେ - ସେ ଏ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ସେ ଯାହା ନିଷ୍ପତ୍ତି ନେବେ । ହାଏ ରେ ବିଧାତା ! କବିସୂର୍ଯ୍ୟ କଣ ଖାଲିଟାରେ ଲେଖିଲେ - ଜଗତେ କେବଳ ଜନେ ହସିବେ... ! ! !

(୨)

ସତୁରୀ ପାଖର ହାପ୍ ପ୍ୟାଣ୍ଟ ପିନ୍ଧା ଜଣେ ବୟସ୍କଙ୍କୁ ସେଦିନ ସକାଳୁ ସକାଳୁ କୁକୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥିରେ ପ୍ରାତଃ ଭ୍ରମଣରେ ଦେଖିଲି । ପଚାରିଲି - ଅଙ୍କଲ୍ (ମଉସା ଡାକିଲେ କାଳେ ଲଜ୍ଜ୍ୟା ବୋଧ କରିବେ), ସରକାର ପରା ମନା କରିଛନ୍ତି ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ବାହାରକୁ ବାହାରନ୍ତୁ ନାହିଁ । ସେ ଅଟକିଲେ । କହିଲେ - ଜାଣିଛି, ହେଲେ ଡଗିର ହଗିଯିବା ନିହାତି ଜରୁରୀ । ଘରେ ସବୁ ଶୋଇଛନ୍ତି । ମୁଁ ନ ଆସିଲେ ନ ଚଳେ । ପ୍ରାତଃକର୍ମ ନ ହେଲେ ସେ ଆଉ ଦିନସାରା ଭଲରେ ଖାଇବନି । ଏତକ କହି ସାରିଲା ବେଳକୁ ଡଗି ତାଙ୍କୁ ଝିଙ୍କି ନେଲାଣି ଥୋଡ଼େବାଟ । ସେ ବା ଆଉ କରନ୍ତେ କ'ଣ, ଯେଣୁ ସେ ଡଗିର ମାଲିକ ।

(୩)

ଦେଶର ନିମ୍ନଗାମୀ ଅର୍ଥବ୍ୟବସ୍ଥାକୁ ସୁଧାରିବାକୁ ସୁରାପାନକାରୀମାନେ କିଛିଦିନ ତଳେ ଯେଉଁଭଳି ଅଦମ୍ୟ ଉତ୍ସାହ ଓ ସାହାସର ପ୍ରଦର୍ଶନ କଲେ, କରୋନା ବି ଭୟଭୀତ ହୋଇଥିବ ନିଶ୍ଚୟ । ଖାଲି ସାହାସ ନୁହେଁ ଅନୁଶାସନ ବି ଭରି ହୋଇ ରହିଥିଲା ସେମାନଙ୍କ କର୍ମରେ । ଯୁଗେ ଯୁଗେ ନାରୀ ପ୍ରେରଣା ଦେଇ ଆସିଛି ପୁରୁଷକୁ, 'କୁମାତା ନଭବତି' ନ୍ୟାୟରେ ଏବେ ବି ଦେଶର ନାରୀଶକ୍ତି କାନ୍ଧକୁ କାନ୍ଧ ମିଳାଇ (ଯଦିଓ ସରକାରୀ ଭାବରେ ତାହା ସାମାଜିକ ଦୂରତ୍ୱ) ପୁରୁଷଙ୍କ ସହ ଠିଆ ହୋଇଗଲା । ଓଡ଼ିଶାରେ ବି ଊଣା ଅଧିକେ ସେହି ବୀରତ୍ୱର ଗାଥା । କିନ୍ତୁ ଯାହା ମନକୁ ଚହଲାଇ ଦେଲା, ତାହା ହେଲା ସୁରାବେପାରୀଙ୍କ ମଣିଷ ପଣିଆ । ସରକାରଙ୍କୁ ବିନତୀ ଯେ ଦୋକାନଙ୍କୁ କିଛି ଦିନ ବନ୍ଦ କରାଯାଉ । ଲୋକମାନେ ଘରେ ରହନ୍ତୁ, ସୁସ୍ଥ ରହନ୍ତୁ । ନିନ୍ଦୁକଙ୍କ କହିବା କଥା - କାନ୍ଦୁଥିବ ଯାହା ପାଉଥିବ ବାନ୍ଧୁଥିବ । ସମଝଦାରୋ କୋ ଇଶାରା କାଫି ହେ... ! !

(୪)

ପ୍ରକୃତି ସହ ଖେଳିଲେ ସେ ବି ଆମ ସହିତ ଏମିତି ଖେଳିବ । ପାଖରେ ଥିବା ଛୋଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋକାନ ହିଁ ଏ ବେଳରେ କାମରେ ଆସିଲା । ମଲ୍‌ର ଥଣ୍ଡା ହାୱା ନୁହେଁ । ଇଂଲଣ୍ଡ, ଆମେରିକା ନୁହେଁ, ଜନ୍ମମାଟି ଭାରତ ହିଁ ଅପେକ୍ଷାକୃତ ସୁରକ୍ଷିତ ଯାଗା । ଏମିତି ବହୁବାର୍ତ୍ତା ସୋସିଆଲ୍ ମିଡ଼ିଅରେ ଭର୍ତ୍ତି । ଯେମିତି ମଣିଷ କରୋନା ବିପତ୍ତିରୁ ସବୁକିଛି ଶିଖିଯିବ । ସଂସାର ମାନେ ତ ମାୟା, ଶ୍ଳୋକ ପରା କହିଲେ - ପୁରାଣାନ୍ତେ, ମୈଥୁନାନ୍ତେ, ଶ୍ମଶନାନ୍ତେ ଚ ଯା ମତି, ସ ଯଦି ଶୁଚିରଚେତସ୍ୟାତ୍ ଏକା ନ ମୁଚ୍ୟନ୍ତେ ବନ୍ଧନାତ । ଅର୍ଥାତ - ଶାସ୍ତ୍ର ପାଠପରେ ସହବାସ ପରେ, ଶ୍ମଶାନର ଦାହକର୍ମ ସାରି ଫେରିବାପରେ ଚିତ୍ତର ଅବସ୍ଥା ଯାହା ଥାଏ, ତାହା ଯଦି ସବୁବେଳେ ସେମିତି ରହୁଥାନ୍ତା, ମାୟାରେ କିଏ କାହିଁ ଘାଣ୍ଟି ହୁଅନ୍ତା । ସୁଧୁରିବା ଲୋକ ସୁଧୁରିବେ ବୋଲି ଆଶା । ଆଶାକୁ କି ଲୋଡ଼ା ପଇସା ।

(୫)

କରୋନା ହେଲା ଦିନରୁ ବିଶେଷ କରି ଆମ ଆଡ଼େ ତାର ଚର୍ଚ୍ଚା ହେଲା ଦିନରୁ ମୁଁ ନୀରବ । ଏକଥା ମୋର ବହୁ ଶୁଭେଚ୍ଛୁଙ୍କର ମତ । ସେମାନଙ୍କର କହିବା କଥା - ହାତ ଧୁଅ, ଘରେ ରୁହ । ଏହିପରି ବାର୍ତ୍ତା ମୁଁ ସେମାନଙ୍କୁ ଦିଅନ୍ତି । ଯେହେତୁ ମୁଁ ସେଇ ଧାରାର ଲୋକ । ମୁଁ କିନ୍ତୁ ନିରୁପାୟ । କରୋନାରେ ଏମ୍‌ଡ଼ି, ଡିଏମ୍ ତ ମାଳମାଳ । ପିଏଚ୍‌ଡି ତ ତାଙ୍କଠୁଁ ସବଳ । ତେଣୁ କବିବରଙ୍କ ବୋଲ - 'ଦର୍ଦ୍ଦୁର ରବଶୁଣି ନୀରବ ପୀକ, ମୂଢ଼ ସଭାରେ ମୂକ ଯଥା ଧାର୍ମିକ' - ମାନିବା ହିଁ ବିଜ୍ଞତାର ପରିଚୟ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ

କେନ୍ଦ୍ରାପଡ଼ା, ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୯୨

ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାରାନାଥ ତାନ୍ତ୍ରିକ



ଦୀପକ ଷଡ଼ଙ୍ଗୀ

ଭାଗ – ୧

ମୂଳ ବଙ୍ଗଳା : ତାରାଦାସ ବନ୍ଦୋପାଧ୍ୟାୟ

ଓଡିଆ ଭାଷାନ୍ତର : ଦୀପକ ଷଡ଼ଙ୍ଗୀ

ଦିନଟା ସକାଳଠାରୁ ହିଁ ମେଘୁଆ ହୋଇ ରହିଛି । ସନ୍ଧ୍ୟାବେଳକୁ ଟିକେ ବର୍ଷା ହୋଇ ଛାଡିଗଲା । କିନ୍ତୁ ଆକାଶରେ ଏବେ ମଧ୍ୟ କଳାବାଦଲ ଢାଙ୍କି ହୋଇ ରହିଛି ଓ ମଝିରେ ମଝିରେ ବିଜୁଳି ଘଡିଘଡି ସହ ଥଣ୍ଡାପବନ ବି ବହୁଛି । ଏମିତିଆ ଗୋଟେ ଦିନରେ ମନରେ ଚିନ୍ତା ଜାଗିଉଠେ କିଛି ଗୋଟେ କରିବାର । ବନ୍ଧୁମାନଙ୍କ ଠାରୁ କିଛି ପତ୍ରିକା ମାଗିକରି ଆଣିଥିଲି ପଢିବା ପାଇଁ କିନ୍ତୁ କାହିଁକି ଜମା ଇଛା ହେଲାନି ପଢିବା ପାଇଁ । ଭାବିଲି ସ୍ତ୍ରୀ ସହିତ ଟିକେ ଯାଇଁ କଥାବାର୍ତ୍ତା ହେବାପାଇଁ । ବାହାଘରର ଦଶବର୍ଷ ପରେ ଏମିତିଆ ପାଗରେ ରୋମାଣ୍ଟିକ ଭାବନା ବି ମୋ ମୁଣ୍ଡରେ ଜମା ଜୁଟୁ ନଥିଲା । ଠିକ୍ ଏତିକି ବେଳେ କବାଟ ଠକଠକ ହେବାର ଶବ୍ଦ ଶୁଣାଗଲା । କବାଟ ଖୋଲି କି ଦେଖେ ତ ମୋ ବାଲ୍ୟ ବନ୍ଧୁ କିଶୋର ସେନ୍ ଛିଡା ହୋଇଛି ବାହାରେ । ହାତରେ ଛତା ଧରିଛି । ମୁଁ କିଛି କହିବା ପୂର୍ବରୁ ସେ ତା'ର କାଦୁଅ ଲଗା ଜୋତାକୁ ପାପୋଛରେ ପୋଛୁପୋଛୁ ମୋତେ କହିଲା "କଣ କରୁଛୁ ?" ଏ ବର୍ଷା ପାଗରେ ମୁଁ ତାକୁ ଦେଖି କହିଲି "କିଛି ନାହିଁ । ଏମିତି କିଛି ପତ୍ରିକା ପଢିବାପାଇଁ ବସିଥିଲି । ଭଲ ହେଲା ତୁ ଚାଲି ଆସିଲୁ ।" ସେ ମୋତେ ଦେଖି ପୁଣି କହି ଉଠିଲା, "ହଉ ହଉ ଜାମାପ୍ୟାଣ୍ଟ ପିନ୍ଧିନେ । ତାରାନାଥ ତାନ୍ତ୍ରିକ ପାଖକୁ ଯିବା । ଏମିତିଆ ଗୋଟେ ପାଗରେ କିଛି ଗୋଟେ ରହସ୍ୟ କି ଅଲୌକିକ ଗପ ତା ଠାରୁ ନ ଶୁଣିଲେ କଣ ଭଲ ଲାଗିବ?" ମୁଁ ବି

 Magazine Downloaded from www.aahwaan.com

ତା କଥାରେ ରାଜି ହୋଇଗଲି । ଘର ଭିତରୁ ପ୍ରସ୍ତୁତ ହୋଇ ଚାଲିଆସିଲି । ଆମ ଘରଠାରୁ ତାରାନାଥର ଘର ପ୍ରାୟ ୨ କିଲୋମିଟର ବାଟ ଥିଲା । ଭାବିଲୁ କଥାବାର୍ତ୍ତା ହୋଇ ଚାଲିଚାଲି ତା ଘରକୁ ଯିବା ପାଇଁ । ଆଉ ସେଇଆ ହିଁ ହେଲା । ମୁଁ ଓ କିଶୋର ମିଶିକି ଚାଲିଲୁ । ପ୍ରାୟ କୋଡିଏ ମିନିଟ ମଧ୍ୟରେ ଆମେ ଯାଇଁ ତା ଘର ପାଖରେ ପହଞ୍ଚିଗଲୁ । ତା ଘରର ବେଲ୍ ମାରିବାରୁ ତା ଝିଅ ମୀରା ଆସି କବାଟ ଫିଟାଇ ଆମ ଦୁଇଜଣଙ୍କୁ ପ୍ରଣାମ କଲା । ଆମକୁ ନେଇ ଘରେ ଭିତରେ ବସାଇ ଦେଇ ତାରାନାଥକୁ ଡାକିବାକୁ ଭିତରକୁ ଗଲା । ଆମ ଦୁଇଜଣଙ୍କୁ ତାରାନାଥ ଦେଖି ଖୁବ୍ ଖୁସି ହୋଇ ଆମକୁ ଆସିବାର କାରଣ ପଚାରିବାରୁ କିଶୋର କହି ଉଠିଲା, “ବହୁତ ଦିନ ହେଲା ତୁମ ପାଖରୁ କିଛି କାହାଣୀ ଶୁଣା ହୋଇନି ଆଜି ଯେମିତିଆ ପାଗ ହୋଇଛି ଭାବିଲୁ ତୁମ ଘରକୁ ଆସି କିଛି ଗୋଟେ ଭଲ ଗଳ୍ପ ଶୁଣାଯାଉ ।” କିଶୋର କଥା ଶୁଣି ତାରାନାଥ ଅଳ୍ପ ହସି ତା ଝିଅ ମୀରାକୁ ଡାକି ଆମ ପାଇଁ କିଛି ଚା ଜଳଖିଆର ବ୍ୟବସ୍ଥା କରିବାକୁ କହିଲା । ସେ ଟିକେ ଦୀର୍ଘ ନିଶ୍ୱାସ ଛାଡି କହିଲା “ତୁମେମାନେ କଣ ଏ ସବୁ ତନ୍ତ୍ରମନ୍ତ୍ରର କଥାକୁ ବିଶ୍ୱାସ କର ?” କିଶୋର ତା କଥା ଶୁଣି କହି ଉଠିଲା, “ଆରେ ବିଶ୍ୱାସ କରୁ ବୋଲି ତ ଏଠିକି ଆସିଛୁ ଏତେ ବାଟରୁ କିଛି ଗୋଟେ ରହସ୍ୟମୟ କଥା ଶୁଣିବାକୁ ।” ମୁଁ କହି ଉଠିଲି, “ତାରାନାଥ ! ଆମେ ଏତେ ଦିନ ହେଲାଣି ତୁମ ପାଖକୁ ଆସୁଛୁ କିନ୍ତୁ କେଉଁ ଦିନ ବି ଗୋଟେ ତୁମେ ଆମକୁ କିଛି ଅଲୌକିକ କାର୍ଯ୍ୟ କରି ଦେଖେଇଲନି ?” ତାରାନାଥ ହସି କି କହିଲା, “କେଉଁ ପ୍ରକାର କାମ ? ଏଇ ଯେମିତି ଶୂନ୍ୟରୁ ହାତ ବଢେଇ ଦେଇ ରସଗୋଲା ନେଇ ଆସିବା ନା ରୁମାଲ୍ ଭିତରୁ ଚଢେଇ ଉଡେଇବା କଥା । ଆରେ ଏ ଗୁଡା ସବୁ ଖୁବ ନିମ୍ନ ଧରଣର ତାନ୍ତ୍ରିକ ବିଦ୍ୟା । ଏ ସବୁ କରିବା ପାଇଁ ମୋ ଗୁରୁ ମୋତେ ବାରଣ କରିଛନ୍ତି; କିନ୍ତୁ ଯେତେବେଳେ ମୁଁ ଏ ବିଦ୍ୟା ପ୍ରଥମେ ପ୍ରଥମେ ଶିଖିଥିଲି ଲୋକମାନଙ୍କ ମନୋରଞ୍ଜନ କରିବା ପାଇଁ ଏ ସବୁ କାମ କିଛି ଦିନ ପାଇଁ ମୁଁ କରିଛି । କିନ୍ତୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅସଲ ତାନ୍ତ୍ରିକ ସିଏ, ଯିଏ କି ତା ବିଦ୍ୟାର ବଡିମା ଅନ୍ୟକୁ ଦେଖାଏ ନାହିଁ । ବରଂ ତା ବିଦ୍ୟାର ସଦୁପଯୋଗ କରି ଅସୁବିଧାରେ ପଡିଥିବା ଲୋକକୁ ସାହାଯ୍ୟ କରେ ।” କିଶୋର ଚିହିକି ଉଠି କହିଲା, “ତାରାନାଥ ! ମୁଁ ଶୁଣିଛି ତାନ୍ତ୍ରିକମାନେ କୁଆଡେ ତନ୍ତ୍ର ବଳରେ ଏଇଠି ବସି ଜାଣି ଦେବେ ଯେ ବିଦେଶରେ ଥିବା ଲୋକ ବର୍ତ୍ତମାନ ସମୟରେ କଣ କରୁଛି । ଏ ଗୁଡା କଣ ସତକଥା ?” ତାରାନାଥ ଟିକେ ଗମ୍ଭୀର ହୋଇ କହି ଉଠିଲା, “ହଁ, ନିଶ୍ଚୟ ଜାଣିପାରିବ; କିନ୍ତୁ ଏ ସବୁ ଜାଣିବା ପାଇଁ ସାଧିବାକୁ ପଡିବ । ଖୁବ କଷ୍ଟ କରି ଏ ସାଧନା ସବୁ ଶ୍ମଶାନରେ କରିବାକୁ ହୁଏ । ଏକଲକ୍ଷ ଥର ବୀଜମନ୍ତ୍ର କାଳୀମା’ଙ୍କ ଆଗରେ ବସି ପଢିବାକୁ ପଡିବ ।” କିଶୋର ଆଗ୍ରହର ସହିତ ପୁଣି ପଚାରିଲା, “ଏ ବୀଜମନ୍ତ୍ର କଣ ତାରାନାଥ ?” ତାରାନାଥ ଟିକେ ହସିକି କହିଲା, “ଏ ସବୁ ଗୂଢରହସ୍ୟ ତୁମମାନଙ୍କ ଆଗରେ କହିବା ନିଷେଧ ।” ସେପଟୁ ମୀରା ହାତରେ ଚା ଓ କିଛି ଜଳଖିଆ ଧରି ପହଞ୍ଚିଗଲା କିଶୋର ଚା ପିଉପିଉ ପୁଣି ପଚାରିଲା, “ତାରାନାଥ ! ଏ ତାନ୍ତ୍ରିକ ଓ କାପାଳିକ ମଧ୍ୟରେ କିଛି ପାର୍ଥକ୍ୟ ଅଛି କି ?”

“ହଁ ପାର୍ଥକ୍ୟ ଅଛି କିନ୍ତୁ ତୁମମାନଙ୍କୁ ସେସବୁ ଜାଣି କିଛି ଲାଭ ନାହିଁ ମୁଁ ମୋ ଜୀବନ କାଳରେ କିଛି କାପାଳିକଙ୍କୁ ଦେଖିଛି ତା ମଧ୍ୟରୁ ଗୋଟେ କାପାଳିକ କଥା ମୋର ମନେ ଅଛି ।” ଏତିକି କହି ତାରାନାଥ ଟିକେ ଅନ୍ୟମନସ୍କ ହୋଇ ଚୁପ ହୋଇଗଲା । ମୁଁ ପଚାରିଲି କଣ ହେଲା, “ତାରାନାଥ ତୁମେ କହୁନ ସେ କାହାଣୀ ଆମେ ଶୁଣିବୁ ।” ତାରାନାଥ କହିଲା “ହଁ ସେ ଗୋଟେ ଭୟଙ୍କର କାହାଣୀ ଏବେ ସେ କଥା ମନେ ପଡିଲେ ମୋର ଦେହ ବି ଶୀତେଇ ଉଠେ ।” ତାରାନାଥ ଚା ପିଉପିଉ ଆରମ୍ଭ କଲା ସେ କାହାଣୀ......

ସେତେବେଳେ ମୋ ବୟସ ପାଖାପାଖି ୨୧ କି ୨୨ ହେବ । ବୀରଭୂମରେ ଥିଲା ବେଳେ ଆମ ଘର ଆଗରେ ଆସି କିଛି ସାଧୁମାନେ ରହୁଥିଲେ । ଗାତ ଖୋଳି ଧୁନୀ ଜାଳିକି କଣ ସବୁ ସାଧନା କରୁଥିଲେ । ମୁଣ୍ଡରେ ବଡ ବଡ ଜଟା ଧାରଣ କରିଥିଲେ । ଗାଁ’ର ବହୁତ ଲୋକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ଖାଇବାପିଇବା ପାଇଁ କ୍ଷୀର ଫଳ ଆଦି ନେଇ ଦେଇ ଆସୁଥିଲେ । ଗାଁ'ରେ ଛୋଟ ପିଲାମାନଙ୍କୁ ତାବିଜ ଆଦି କେତେବେଳେ ଆବଶ୍ୟକ ହେଲେ ଦେଉଥିଲେ; କିନ୍ତୁ କେବେ ବି ନିଜର ଆତ୍ମ ବଡିମା ଦେଖାଉନଥିଲେ । ଲୋକେ ବେଶୀ ପଚରାପଚରି କଲେ କହୁଥିଲେ "ଯାଅ ତୁମେମାନେ ଏଠାରୁ ମୁଁ ତୁମମାନଙ୍କ ପାଇଁ ଈଶ୍ୱରଙ୍କ ପାଖେ ପ୍ରାର୍ଥନା କରିବି ।" ସେମାନଙ୍କୁ ଦେଖି ମୋ ଭିତରେ ତାଙ୍କ ପ୍ରତି ଗୋଟେ ଆକର୍ଷଣ ଜନ୍ମିଲା । ଦିନେ ମୁଁ ସେମାନଙ୍କ ପାଖକୁ ଗଲି । ସବୁ ଲୋକ ଚାଲିଯିବା ପରେ ଜଣେ ସାଧୁ ମୋତେ ଡାକିକି ଆଣି ତାଙ୍କ ପାଖରେ ବସେଇଲେ । ଧୁନୀର ଆଲୋକକୁ କିଛି ସମୟ ନିରେଖି ଦେଖି ସାରିବା ପରେ ସାଧୁ ମୋ ଆଡକୁ ଅନେଇ କି କହିଲେ, "କଣ ସନ୍ନ୍ୟାସୀ ହେବାର ଇଛା ଅଛି ?" ମୁଁ କିଛି କହିବା ପୂର୍ବରୁ ସେ ପୁଣି କହିଲେ, "ତୋ କପାଳରେ କିନ୍ତୁ ସାଧୁସନ୍ଥମାନଙ୍କ ସହ ମିଳାମିଶା ହବାର ଯୋଗ ଅଛି । ତୋ କପାଳରେ ତନ୍ତ୍ର ସାଧନା କରିବାର ଯୋଗ ମୁଁ ଦେଖି ପାରୁଛି କିନ୍ତୁ ତୁ ସଂସାରି ହୋଇ କି ରହିବୁ ।" ମୁଁ ଖୁବ ଉତ୍ସୁକ ହୋଇ ପଚାରିଲି, "ବାବା ! ଆପଣ ମୋ କପାଳରେ ଆଉ କଣ କଣ ଦେଖି ପାରୁଛନ୍ତି ? ସେ ଟିକେ ଭାବଗମ୍ଭୀର ହୋଇ କହିଲେ, "ଆଉ ଯାହା ସବୁ ଦେଖିପାରୁଛି ସେଗୁଡିକ ସବୁ ତୋ ପାଇଁ ମଙ୍ଗଳମୟ ନୁହେଁ । ମୁଁ ଯାହା ଦେଖିପାରୁଛି କିଛି ବର୍ଷ ଭିତରେ ତୋ ସହ ଏକ ଜଘନ୍ୟକାଣ୍ଡ ଘଟିବାକୁ ଯାଉଛି ଯେଉଁଥିରେ କି ତୋର ପ୍ରାଣ ମଧ୍ୟ ଯିବାର ସମ୍ଭାବନା ଅଛି । ଭଲ ହୋଇଛି ତୁ ମୋ ସହିତ ଦେଖା କରିଦେଲୁ । ମୁଁ ଦେଖିପାରୁଛି ତୋ ପଛରେ ଗୋଟେ କଳା ଛାଇ ଘୁରି ବୁଲୁଛି ।" ମୁଁ ସଙ୍ଗେସଙ୍ଗେ ପଛକୁ ବୁଲି ଦେଖିଲି ମୋତେ ଦେଖି ବାବା ହସିହସି କହିଲେ, "ତୁ ତାକୁ ଦେଖିପାରିବୁନି ହେଲେ ମୁଁ ତାକୁ ଦେଖିପାରୁଛି ।" ତାଙ୍କ କଥା ଶୁଣି ମୁଁ ବହୁତ ଡରିଗଲି । ସେ ମୋତେ ଆଶ୍ୱସ୍ତି ଦବାକୁ ଯାଇ କହିଲେ, "ମୁଁ ତତେ ଆଜି ଗୋଟେ କ୍ରିୟା ବତେଇ ଦେଉଛି ଦରକାର ବେଳେ ବ୍ୟବହାର କରିବୁ ।" ସେ ମୋତେ ଗୋଟେ ତାଳପତ୍ରରେ ଲେଖିଥିବା

 Magazine Downloaded from www.aahwaan.com

ମନ୍ତ୍ରକୁ ଦେଖେଇ ଦେଇ କହିଲେ, "ଏହି ମନ୍ତ୍ରଟିକୁ ମୁଖସ୍ଥ କରିନେ । ଯେତେ ବିପଦ ଆସିଲେ ବି ଏଇ ମନ୍ତ୍ର ତତେ ସବୁବେଳେ ସହାୟ ହେବ ।" ମୁଁ ମନ୍ତ୍ରଟିକୁ ସଙ୍ଗେସଙ୍ଗେ ମନେ ରଖିଦେଲି । ଆଉ କହିଲି, "ବାବା ! ବିପଦ ଆସିବ ବୋଲି ମୁଁ ଜାଣିବି କିପରି ?" ସେ ଟିକେ ହସି କହିଲେ, "ମୁଁ ତତେ କିଛି ଶକ୍ତି ପ୍ରଦାନ କରୁଛି । ଯାହା ବଳରେ ତୁ ବିପଦ ଆସିବାର କିଛି କ୍ଷଣ ପୂର୍ବରୁ ତା'ର ଆଭାସ ପାଇଯିବୁ ।" ଏତିକି କହି ସେ ମୋ ମୁଣ୍ଡ ଉପରେ କିଛି ସମୟ ହାତ ରଖି କଣ ଗୋଟେ ମନ୍ତ୍ର ମନେମନେ ଜପ କଲେ । ମୁଁ ତାଙ୍କ ପାଦତଳେ ଲୋଟି ପଡି କହିଲି, "ବାବା ! ଆପଣ ମୋତେ ଆପଣଙ୍କ ଶିଷ୍ୟ କରି ନିଅନ୍ତୁ । ସେ ହସିକି କହିଲେ "ମୁଁ କାହାକୁ ବି ଶିଷ୍ୟ ଭାବେ ଗ୍ରହଣ କରେନି; କିନ୍ତୁ ମୋତେ ଯେତେବେଳେ ବି ତୁ ମନ ଭିତରେ ମୋତେ ସ୍ମରଣ କରିବୁ ମୁଁ ତୋତେ ସାହାଯ୍ୟ କରିବି ।" ଏତିକି କହି ମୋତେ ସେ ସେଠୁ ଚାଲି ଯିବାକୁ କହିଲେ । ମୁଁ ସେଠୁ ଚାଲି ଆସିଲି । ତା'ପର ଦିନ ଆସିକି ଦେଖେ ତ ସେ ଜାଗାରୁ ସମସ୍ତେ ଯାଇ ସାରିଛନ୍ତି ଆଉ ପଡି ରହିଛି କିଛି ଧୁନିର ଦରପୋଡା କାଠ । ସେଇ ଦିନଠାରୁ ମୋତେ ଆଉ ଘରେ ରହିବାକୁ ଇଛା ହେଲା ନାହିଁ । ଦିନେ ମୁଁ ଘରଛାଡି ଚାଲି ଆସିଲି । କୁଆଡେ ଯିବି ତା'ର କୌଣସି ଠିକଣା ନଥିଲା । କିନ୍ତୁ ମୁଁ ଚାଲିଥାଏ ଅବିଶ୍ରାନ୍ତ । କିଛି ଦିନପରେ ମନହେଲା କାହିଁକି ଗେରୁଆ ବସ୍ତ୍ର ପିନ୍ଧିବା ପାଇଁ । ସେଥିପାଇଁ ଗେରୁଆବସ୍ତ୍ର ପିନ୍ଧି ଗାଁରୁ ଗାଁ ଘୁରି ବୁଲିଲି । ଯିଏ ବି ଦେଖୁଥାଏ ଘରକୁ ଡାକିକି ଭଲ କରି ଖାଇବା ପିଇବାକୁ ଦେଇ ଭଲ ଆଦର ସମ୍ମାନ କରି ବିଦା କରୁଥାଆନ୍ତି । ଏମିତି ଦିନେ ବୁଲୁବୁଲୁ ପହଞ୍ଚିଲି ଗୋଟେ ଗାଁରେ । ଦେଖିଲି ବେଶ ପରିଷ୍କାର ପରିଛନ୍ନ ଗାଁଟି । ଗାଁ ଭିତରେ ଘର ଗୁଡା ଛଡାଛଡି ହୋଇ ତିଆରି ହୋଇଥାଏ । ବିଶାଳ ବଡବଡ ଆମ୍ବ ଗଛର ବଗିଚା । ତା ଭିତରେ ଗୋଟେ ସୁନ୍ଦର ଘରଟିଏ ଅଛି । ଭାବିଲି ଏଇଠି ହିଁ ବିଶ୍ରାମ ନେବା ଉଚିତ ହେବ । ଘର ପାଖକୁ ଗଲି ଭିତରୁ ଶଙ୍ଖ ଧ୍ୱନି ଶୁଣି ମନେହେଲା ଯେପରି ଗୋଟେ ଭଲ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଗୃହସ୍ଥର ଘର ଭଳି । ମୁଁ ବାହାରୁ ଛିଡା ହୋଇ ଡାକିଲି । ମୋ ଡାକ ଶୁଣି ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ବାହାରି ଆସି ମୋତେ ପଚରିଲେ ଆସିବାର ଅଭିପ୍ରାୟ । ମୁଁ କହିଲି ମୁଁ ଜଣେ ବ୍ରାହ୍ମଣ ସାଧୁ । ଆଜି ରାତିରେ ଏଇଠି ବିଶ୍ରାମ କରିବାକୁ ଚାହୁଁଛି । ମୋ କଥା ଶୁଣି ସେ ମୋତେ ଘର ଭିତରକୁ ପାଛୋଟି ନେଲେ । ଗୋଡ ଧୋଇବା ପାଇଁ ପାଣି ଆଣିଦେଲେ । କଥାବାର୍ତ୍ତାରୁ ଜାଣିଲି ତାଙ୍କର ନାଁ ମାଧବ ଘୋଷ ବୋଲି । ବସି କି କିଛି ସମୟ କଥା ହେବା ପରେ ସେ ମୋତେ କହିଲେ ଯେ "ଗତ ସପ୍ତାହରେ ବି ମୋରି ଭଳି ଜଣେ ସାଧୁ ଆସିକି ଯାହା ସବୁ ଏଠି ଘଟେଇଲେ ସେଗୁଡାକ କହିବାର କଥା ନୁହେଁ ।" ମୁଁ ପଚାରିଲି, "କଣ କଲେ କି ସେ ?" ମାଧବ ଘୋଷ କହି ଉଠିଲା, "ତାଙ୍କ ପାଇଁ ମୁଁ ରନ୍ଧାବଢାର ବ୍ୟବସ୍ଥା କଲି । ମୋ ଝିଅକୁ ଦେଇ ତାଙ୍କର ସବୁ ସେବା ଶୁଶ୍ରୁଷା କରେଇଲି; କିନ୍ତୁ ଗଲା ବେଳକୁ ସେ ମୋତେ କହିଗଲେ ଯେ ଏ ଝିଅଟିକୁ ମୋତେ ଦିଅନ୍ତୁ ବୋଲି କାରଣ ଏ ଝିଅର ଦେହରେ ଭୈରବୀର ଚିହ୍ନ ଅଛି ଓ ତନ୍ତ୍ର ସାଧନା ପାଇଁ ଖୁବ ଉପଯୁକ୍ତ ।" ତା କଥା ଶୁଣି ମୁଁ ବହୁତ ରାଗିଗଲି । ମୁଁ ଚାହିଁଥିଲେ ସେ ସାଧୁକୁ ସେଇଠି ସାବାଡ କରିଦେଇ ପାରିଥାଆନ୍ତି କିନ୍ତୁ ଯେହେତୁ ବ୍ରାହ୍ମଣ ଲୋକ ସେଥିପାଇଁ ଛାଡିଦେଲି । ମୁଁ ତା'ର କଥାଗୁଡାକ ବଡ ଆଗ୍ରହର ଶୁଣୁଥିଲି । ତା'ପରେ ପଚାରିଲି, "ଲୋକଟା ଆଉ ଆପଣଙ୍କ ପାଖକୁ ଫେରି ଆସିନି ତ ?" ମାଧବ ଘୋଷ ଅଳ୍ପ ହସି କହିଲେ, "ଆଉ ସେ ଆସିବନି । ସାଧୁ ହେଲେ ବି ଜୀବନ ପ୍ରତି ଭୟ ତ ସମସ୍ତଙ୍କର ଅଛି । ମାଧବ ଘୋଷର ଆତିଥେୟତା ସତରେ ଖୁବ ଉଚ୍ଚକୋଟିର । ଖାଇବା ଶେଷ ହେବା ପରେ ମୋତେ ଗୋଟେ ବଡ ଗ୍ଲାସରେ ଖାଣ୍ଟି ଗାଈ କ୍ଷୀର ପିଇବାକୁ ଦେଲେ । ପରଦିନ ସକାଳୁ ଉଠି ମୁଁ ମାଧବ ଘୋଷ ପାଖରୁ ବିଦାୟ ନେଲି ଓ କଥା ଦେଇ କି ଆସିଲି ଯେ ଯେତେବେଳେ ବି ମୁଁ ଏଇ ବାଟ ଦେଇଯିବି ନିଶ୍ଚିତ ତାଙ୍କ ଘରବାଟ ଦେଇଯିବି ବୋଲି । ତା'ପରେ ମୁଁ ପୁଣି ଚାଲିଲି । ଚାଲୁଚାଲୁ ଯାଇ ଗୋଟେ ନଦୀର ପାଖରେ ପହଞ୍ଚିଲି । ଏଇଠି କିଶୋର ବାଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଇ କହିଲା, "ଆପଣ ଏକୁଟିଆ ଶ୍ମଶାନକୁ ଚାଲିଗଲେ ଆପଣଙ୍କୁ ଭୟ ଲାଗିଲାନି ?" ତାରାନାଥ କହି ଉଠିଲେ ନା ଜମା ନୁହେଁ । ଶ୍ମଶାନ ଗୋଟେ ଅତି ପବିତ୍ର ସ୍ଥାନ ସେଇଠୁ ତ ମଣିଷ ତା'ର ଶେଷରାସ୍ତା ନିର୍ଦ୍ଧାରଣ କରେ । ତେଣୁ ସେଠି ଭୟର ଲେଶ ମାତ୍ର ନାହିଁ । ଏଇ ଭିତରେ ମୁଁ ଶୁଣି ପାରିଲି ଯେ ମତେ ଜଣେ କିଏ ଗମ୍ଭୀର ସ୍ୱରରେ ପଛରୁ ଡାକିବାର । ମୁଁ ଦେଖିଲି ଜଣେ ସାଧୁ ମୁଣ୍ଡରେ ବଡ ଜଟା, ମୁହଁ ଦାଢିରେ ଭର୍ତି, ହାତରେ ଗୋଟେ ତ୍ରିଶୂଳ, ପାଦରେ କଠଉ, ରକ୍ତ ବର୍ଣ ଆଖି ଆଉ ମୋଠାରୁ ହାତେ ଉଚ୍ଚା । ମୋତେ ଦେଖି ପଚାରିଲେ, "କଣ ଦରକାର, କାହିଁକି ଏଠିକି ଆସିଛ ?" ମୁଁ କହିଲି, "ଏମିତି ଚାଲିଚାଲି ଆସି ଏଇଠି ପହଞ୍ଚି ଯାଇଛି ।" ସେ ଟିକେ ହସି କହିଲେ, "ହଉ ଆସ ମୋ ସଙ୍ଗେ ।" ମୁଁ ରାତିର ଘନ ଅନ୍ଧକାରରେ ତାଙ୍କ ପଛେପଛେ ଚାଲିଥାଏ । କିଛି ବାଟ ଯିବାପରେ ଗୋଟେ ଝଙ୍କା ବରଗଛ ମୂଳେ ଦେଖିଲି ଗୋଟେ କୁଡିଆ ଜାଣିପାରିଲି ଯେ ସେ ସାଧୁ ସେଇଠି ହିଁ ରୁହନ୍ତି ବୋଲି । ମୋତେ ବାହାରେ ବସେଇ ଦେଇ ସାଧୁ କୁଡିଆ ଭିତରକୁ ଗଲେ ଓ ହାତରେ କିଛି ଫଳ ଧରି ଆସି ମୋତେ ଖାଇବାକୁ ଦେଲେ । ମୋ ମୁହଁକୁ କିଛି ସମୟ ଚାହିଁବା ପରେ ପୁଣି ସେଇ କଥା ସେ ମଧ୍ୟ କହିଲେ ଯେଉଁ କଥା ବୀରଭୂମର ସାଧୁ ମୋତେ କହିଥିଲେ ଯେ ମୋର କପାଳରେ ତନ୍ତ୍ର ସାଧନାର ଚିହ୍ନ ଅଛି ବୋଲି ..........

ଆଉ ତା'ପରେ .........କ୍ରମଶଃ

ଏହି କାହାଣୀ ର ଶେଷଭାଗ ପଢନ୍ତୁ ଆହ୍ୱାନ ଇ ପତ୍ରିକାର ଆଗାମୀ ସଂସ୍କରଣରେ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃରତା ଓ କୁକର୍ମର ଅନ୍ତକ


ସୁଧାଂଶୁ ଦ୍ୱିବେଦୀ

ମୂଳ ନେପାଳୀ : ହାଉୟୁଁଗ ଅଜ୍ଞାତ

ଓଡ଼ିଆ ଅନୁବାଦ : ସୁଧାଂଶୁ ଶେଖର ଦ୍ୱିବେଦୀ

ସେ ଅନିନ୍ଦ୍ୟ ସୁନ୍ଦରୀ, ମୁକ୍ତ ପ୍ରେମର ସମର୍ଥକ, ପରନ୍ତୁ ତା ବାପା ସ୍ୱଚ୍ଛନ୍ଦ ପ୍ରେମ ବ୍ୟାପାରକୁ ବିରୋଧ କରିବାରୁ ପ୍ରତିଶୋଧ ନିଆଁରେ ସେ କୁହୁଳି ଉଠିଲା ।

୧୮୦୦ ଶତାବ୍ଦୀ ବେଳକୁ ଫ୍ରାନ୍ସରେ ନିଜ କଳାକୃତୀ ଦ୍ୱାରା ଉତ୍ତେଜନା ସୃଷ୍ଟି କରୁଥିବା ଯୁବତୀ ଜଣେ ପ୍ରସିଦ୍ଧ ଧନୀ ବ୍ୟକ୍ତିଙ୍କର ଲଳନା ଥିଲା । ଲୋକ କଥାନୁସାରେ ମାରକେଆନ୍ସ ନାମକ ସୌନ୍ଦର୍ଯ୍ୟର ପ୍ରତିଭାଧାରୀ ରୂପବତୀଠାରେ ଯେ କୌଣସି ପୁରୁଷ ଅତି ସହଜରେ ତା ଫାଶରେ ବାନ୍ଧି ଯିବାପାଇଁ ସକ୍ଷମ ଥିଲେ ।

୨୦ ବର୍ଷ ବୟସରେ ତା' ବିବାହ ମାରକୋନିଅସ୍ ନାମକ ଧନସଂପର୍ନ୍ନ ବ୍ୟକ୍ତି ସହ ହେଲା । ପରନ୍ତୁ ଗୋଟିଏ ଖୁଣ୍ଟରେ ବନ୍ଧା ହୋଇ ରହିଲେ ତାର ପ୍ରକୃତିଗତ ସଂଭୋଗକ୍ରୀଡ଼ା କେମିତି ସମ୍ଭବ ହୋଇ ପାରିଥାନ୍ତା ? ତେବେ ଖୁବ୍ ଶୀଘ୍ର ସେ ସେଣ୍ଟ କୁକ୍ ନାମକ ଜଣେ ସେନାଧିକାରୀ ସହ ସଂବନ୍ଧ ଯୋଡ଼ିନେଲା । ତତ୍କାଳୀନ ଫ୍ରାନ୍ସର ସ୍ୱଚ୍ଛନ୍ଦ ଯୌନସଂବନ୍ଧିତ ସମାଜରେ ଏହା କୌଣସି ବଡ଼ ମହତ୍ତ୍ୱପୂର୍ଣ୍ଣ କଥା ନଥିଲା । ତା ସ୍ୱାମୀ ମାରକୋନିଅସ୍ ମଧ୍ୟ ତା'ଠାରୁ ଧ୍ୟାନଚ୍ୟୁତ ହୋଇ ଚୁପ ହୋଇଗଲା । କିନ୍ତୁ ଧର୍ମପରାୟଣ ପିତାଙ୍କୁ ନିଜ ଝିଅର ପଥଭ୍ରଷ୍ଟ ହେବା ରୁଚିକର ମନେ ହେଲାନି । ତେଣୁ ସେ ସେଠାକାର ରାଜାଙ୍କ ସହାୟତାରେ କୁକ୍କୁ ବେଷ୍ଟାଇଲ୍ କିଲ୍ଲାରେ ନଜରବନ୍ଦୀରେ ରଖିଦେଲେ । ମାରକୋଆନସ ଯେତେବେଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ବିଷୟରେ ଜାଣିଲା ପିତା ପ୍ରତି ଘୃଣାରେ ଅତିଷ୍ଠ ହୋଇ ପରୋକ୍ଷଭାବେ ବିଷ ପେଇ ମାରିଦେଲା ।

ଏ କାହାଣୀ ଏଇଠି ଶେଷ ହେଲା ନାହିଁ । ତାପରେ ମାରକୋଆନସ ଦ୍ୱାରା ହତ୍ୟାର ଯେଉଁ କ୍ରୁର ଓ ହୃଦୟବିଦାରକ କ୍ରମିକତା ଚାଲିଲା ତାହା ତା'ର ବିକୃତ ମନୋବୃତ୍ତିର ପରିଚାୟକ ଅଟେ । ପରବର୍ତ୍ତୀ ପର୍ଯ୍ୟାୟରେ ହତ୍ୟା କରିବା ତା ପାଇଁ ଏକ ସଉକ ହୋଇଗଲା । ସାଧାରଣତଃ ସେ ହସ୍ପିଟାଲକୁ ଯାଇ ରୋଗୀମାନଙ୍କୁ ଫଳ ଭିତରେ ବିଷଭରି ବିତରଣ କରେ, ଯାହା ଫଳରେ ଶହ ଶହ ରୋଗୀ ମୃତ୍ୟୁବରଣ କଲେ । ଧିରେ ଧିରେ ସେ ତାର ଦୁଇଜଣ ଭାଉଜ ଓ ଭାଇଙ୍କୁ ହତ୍ୟାକରି ସମସ୍ତ ସମ୍ପତ୍ତିର ମାଲିକାଣୀ ହୋଇଗଲା, ଶୁଣାଯାଏ ସେ ତା ସେବକ ଚାବସେର ସଂସର୍ଗରୁ ଗୋଟିଏ ଶିଶୁପୁତ୍ର ଜନ୍ମ କରିଥିଲା । ମାତ୍ର ଶିଶୁଟି ଭୂମିଷ୍ଠ ହେବାପରେ ସେ ତାକୁ ଜୀବନରୁ ମାରି ଦେଇଥିଲା ।

ସେପଟେ ତା ପ୍ରେମିକ କୁକ୍ସ ବିଷ ଉପରେ ଗବେଷଣା କରୁଥାଏ । ଦିନେ ସେ ଅଜ୍ଞତାବଶତଃ ବିଷ ପିଇଦେବାରୁ ତତ୍କାଳ ମୃତ୍ୟୁ ହେଲା । କୁକ୍ସର କାଗଜପତ୍ର ଯାଞ୍ଚ କରିବା ସମୟରେ ମାରକେଆନସର ସମସ୍ତ ଚିଠି ପୋଲିସ୍ ହାତରେ ପଡ଼ିଲା । ଯାହାଦ୍ୱାରା ତାର ସମସ୍ତ କୁକର୍ମର ଭେଦ ଖୋଲିଗଲା ।

ପୋଲିସ୍ ତୁରନ୍ତ ଚାବସେକୁ ବାନ୍ଧି ଜେଲକୁ ନେଇଗଲେ । କିନ୍ତୁ ମାରକେଆନସ ବେଶ ବଦଳାଇ ବେଲଜିୟମର ଏକ ଇଶାଇ ମଠରେ ପହଞ୍ଚିଗଲା । ସେଠାରେ ସେ ସନ୍ନ୍ୟାସିନୀ ରୂପେ ଦିନ କାଟିଲା । ଅନ୍ତତଃ ଫ୍ରାନ୍ସ ଗୁପ୍ତଚର ବିଭାଗ ସେଠାରେ ତାକୁ ଠାବକରି ବନ୍ଦୀ କରିବାରେ ସଫଳ ହେଲେ ।

କୋଲକାତା, s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃ ଦିବସ



ପୁଷ୍ପାଞ୍ଜଳୀ ପଟ୍ଟନାୟକ

ହେ ମାତା !
ତୁମେ ତୁମ ଅମୃତମୟ ଗର୍ଭରୁ ମୁକ୍ତକରି
ଯେଉଁଦିନ ଠିଆକଲ ପୃଥିବୀ ମାତାର ଛାତି ଉପରେ
ସେହିଦିନୁ ଚାଲିଛି ସଂଗ୍ରାମ ।
ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟିକୁ କୋଟି ପ୍ରଣାମ
ସେ ସୃଷ୍ଟି କରିଛନ୍ତି ଦୁଇଟି ଅକ୍ଷରର
ଅମୃତମୟ ପଦ 'ମାଆ' ।
ମାଆ ପଦ ଆକାଶଠୁ ବଡ଼,
ମାଆ ହୃଦୟ ସାଗରଠୁ ଗଭୀର,
ମାଆର ସ୍ନେହ ମମତା ଝରଣାଠୁ ଆହୁରି ସୁଶୀତଳ,
ମାଆ ପଣତର ଛାଇ ମମତାର ମଧୁଭରା ସ୍ୱର୍ଗର ସମ୍ଭାର
ମାଆ ବିନା ସୃଷ୍ଟି ଅସମ୍ଭବ
ମାଆଟିଏ ପାଇଁ ମାତୃତ୍ୱ ହିଁ ଜୀବନରେ ସାର,
ମାଆର ଛାୟାରେ ହିଁ ସାରା ପରିବାର
ସରଗ ସମାନ ଘର,
ମାଆର ଆଶୀର୍ବାଦ ସନ୍ତାନ ପାଇଁ କୋଟି ଅମୂଲ୍ୟ ରତନହାର ।
ଧନ୍ୟରେ ମାତା ତୁ ଧନ୍ୟ ଜନ୍ମ ତୋର
ତୋ ଗର୍ଭରେ ଜନ୍ମି ଧନ୍ୟ ହୋଇଛି ଜୀବନ ମୋର
ମଥାନତ କରି ଭକ୍ତିପୂତ ପ୍ରଣାମ ଜଣାଏ ପାଦରେ ତୋହର ।

ଗଜପତିନଗର, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା କିଏ ?



ପୁଷ୍ପାଞ୍ଜଳୀ ପଟ୍ଟନାୟକ

କରୋନା କିଏ ?
ଏହିପ୍ରଶ୍ନ ରହିଗଲା ମନ ଭିତରେ,
କେହି ଜାଣିପାରିଲେନି
ଡରେଇ ଥରେଇ ବାନ୍ଧିଦେଲା ଗୋଟିଏ
ସୁତାରେ ।

ମୁଁ ଜ୍ଞାନୀ, ମୁଁ ଧନୀ, ମୁଁ ସଭିଙ୍କ ଉପରେ
ଏବେ କାହାକୁ ନେଇ ଗର୍ବ କରିବା
ଗୃହବନ୍ଦୀ ହେବାପରେ ?

ଠପ୍ ହୋଇଗଲା ଏତେବଡ଼ ଦୁନିଆ
ଶୁନଶାନ କରିଦେଲା ଆକାଶପାତାଳ,
କେତେ ଶକ୍ତିଶାଳୀ ଏହି କରୋନା ସତରେ
ଗର୍ବ, ଅହଂକାର, ମୁଁ, ମୋର, ସବୁ
ଭାଙ୍ଗିଦେଲା ଆଖିପିଛୁଳାରେ ।

ଏବେ ବି ସମୟ ଅଛି ଆସ
ବୁଝିବା, ଜାଣିବା ଜୀବନକୁ ଥରେ
କିଏ ସିଏ ପରିଚାଳିତ କରୁଅଛି
କିଛି ନାହିଁ ଆମ ହାତରେ ।

ରେ ମନ ଏ ଧନ, ଜନ କିଛି ନୁହେଁ ତୋର
ସ୍ନେହର ବୁଜୁଳି ଖୋଲିଦେ ଦେଖିବୁ
ସିଏ ହିଁ ଏ ସଂସାର ସାର ।

ଲୋଭମୋହ ଛାଡ଼ି, ନିଃସ୍ୱାର୍ଥ କର୍ମକର,
କର୍ମରେ ହୋଇବ ମନୁଷ୍ୟ ଉଦ୍ଧାର,
ପାଇଯିବ ଅଚାନକ ପରମେଶ୍ୱର ।

ଗଜପତିନଗର, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ବି ଶିଖାଇଲା



ସୁବ୍ରତ ମଲ୍ଲିକ

କରୋନା ବି ଶିଖାଇଲା
ସାବୁନରେ ନିୟମିତ
ଗୋଡ଼ ହାତ ଧୋଇବା
ଗରମ ଖାଦ୍ୟ ସାଥେ
ଉଷୁମ ପାଣି ପିଇବା.... ।।

କରୋନା ବି ଶିଖାଇଲା
ବୁଲାବୁଲି ଛାଡିବା
ଘରେ ସଦା ରହିବା
ନାନାବିଧ କାର୍ଯ୍ୟରେ
ହାତ ଟିକେ ବାଣ୍ଟିବା.... ।।

କରୋନା ବି ଶିଖାଇଲା
ଜୀବହତ୍ୟା ଛାଡି
ଶାକାହାରୀ ହୁଅ
ସବୁ ପ୍ରାଣୀ ସମାନ
ଜୀଇଁବାକୁ ଦିଅ.... ।।

କରୋନା ବି ଶିଖାଇଲା
ଜନ୍ମଭୂମି ତୁମର
ସବୁବେଳେ ନିଜର
ବିଦେଶ ଭୂମି ପ୍ରୀତି
ନୁହେଁ ସବୁଦିନର... ।।

କରୋନା ବି ଶିଖାଇଲା
ବିଜ୍ଞାନ ପ୍ରଯୁକ୍ତିବିଦ୍ୟା
ଆଧୁନିକ ଚିକିତ୍ସା
ପ୍ରକୃତିର ଆଗେ ସଦା
ନୂଆଇବ ମଥା ।।

କରୋନା ବି ଶିଖାଇଲା
ପ୍ରକୃତିର ପାଖରେ
ମଣିଷ ତ ଛାର
ନିମିଷକେ ଚାହିଁଲେ
ରଚିଦେବ ହାହାକାର ।।

ମଙ୍ଗଳପୁର, ଅସୁରାଳି, ଭଦ୍ରକ
୭୫୬୧୩୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଯୋଦ୍ଧାଙ୍କୁ ନମସ୍କାର



ବୈଦ୍ୟନାଥ ପଣ୍ଡା

ନମସ୍କାର କୋଟି ନମସ୍କାର
ହେ ଯୋଦ୍ଧା ତୁମକୁ ନମସ୍କାର
ସମାଜ ପାଇଁକି ଦେବଦୂତ ସାଜି
ଜୀବନକୁ ତୁମେ ଲଗାଇ ବାଜି
କେତେ ଜୀବନ କରୁଛ ଉଦ୍ଧାର
ହେ ଯୋଦ୍ଧା ନମସ୍କାର
ତୁମକୁ ନମସ୍କାର
ପରିବାର ମୋହ ଛାଡି
ଦେଶ ସେବା ପାଇଁ
ସହୁଛ ଖରା କାକର
ଦେଶ ହିତ ପାଇଁ
ନାହିଁ ତମ ମନରେ ବିକାର
ହେ ଯୋଦ୍ଧା ନମସ୍କାର
ତୁମକୁ ନମସ୍କାର

କେବେ ସ୍ୱାସ୍ଥ୍ୟ କର୍ମୀ ହୋଇ
କେବେ ଶାନ୍ତି ରକ୍ଷା ପାଇଁ
ପ୍ରଶାସନ କର୍ମୀ ରୂପେ
ଥାଅ ପୀଡିତଙ୍କ ପାଖେ
ନିଜେ ଚାପି ନିଜ ଦୁଃଖ
ସୁଖ ବାଣ୍ଟିଥାଅ ଦୁଃଖେ
ଦେଖି ତୁମ ସେବା ଭାବ
ମଥା ନଇଁ ଯାଏ ଆମ
ଏ ଦେଶ କରେ ତୁମକୁ ନମସ୍କାର
ହେ ଯୋଦ୍ଧା ନମସ୍କାର
ତୁମକୁ ନମସ୍କାର

ଅବଦଲପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା କାହାଣୀ



ସୁଧାଂଶୁ ଶେଖର ସାହୁ

ଏବେ ଚିନ୍ତା ବଢ଼ାଉଛି କରୋନା ଭୂତାଣୁ
ସମଗ୍ର ବିଶ୍ୱ ପାଇଁ
ହର୍ଷ ବର୍ଦ୍ଧନ ଠୁ ନବ ଦାସ ଯାଏ
ଟୀକା ପାଇଁ ହାଇଁ ପାଇଁ
ଶକ୍ତିଶାଳୀ ରାଷ୍ଟ୍ର ଶକ୍ତିହୀନ ଆଜି
ନାଁ' ତାର ଆମେରିକା
ମୃତ୍ୟୁ ହାର ଏଠି ବେଗେ ବଢୁଅଛି
ଟ୍ରମ୍ପ ଙ୍କ ମୁହଁ ଫିକା

ବୀର ଯୋଦ୍ଧା ପରି କାର୍ଯ୍ୟରତ ଆମ
ସ୍ୱାସ୍ଥ୍ୟକର୍ମୀ ଅଧିକାରୀ
ତେଣୁ ଆମେ ତାଙ୍କୁ ସଲାମ୍ କରିବା
ମୁଣ୍ଡ କୁ ନୁଆଇଁ କରି
ପ୍ରଶାସନ ଆଉ ପୋଲିସ୍ ମିଡିଆ
ନ' ଯିବା କେବେ ରେ ଭୁଲି
ତାଙ୍କ ଯୋଗୁଁ ଆମେ ସୂଚନା ପାଉଛେ
ସୁରକ୍ଷିତ ରହି କରି

ଚାଇନା କରୁଛି  ଚକ୍ରାନ୍ତ ଭେଳିକି
ଦେଶ ସାରା ମୁଣ୍ଡ ବଥା
କରୋନା କଣ୍ଟ୍ରୋଲ୍ ମହା ଚେଷ୍ଟାରେ
ମୋଦୀ ଆଉ ରାଜନେତା
ଦେଶ ଅର୍ଥ ନୀତି ଭୁଶୁଡି ଗଲାଣି
ରିପୋର୍ଟ ଦିଅନ୍ତି ନେତା ଏ
ମୋଦି ଜୀ କୁହନ୍ତି ଅର୍ଥନୀତି ନୁହେଁ
ମଣିଷ ଜୀବନ ରଖ ହେ ......

ଦେଶ ସାରା ଏବେ କରୋନା ଆତଙ୍କ
ସବୁଠି ଗଲାଣି ମାଡି
ଆମ ରାଇଜ ରେ ପୂର୍ବରୁ ଉତ୍ତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଡ଼ିଲାଣୀ ବେଗେ ବଢି

ଏବେଠାରୁ ଆମେ ସଜାଗ ନହେଲେ

ପ୍ରାଣ ବାୟୁ ଯିବ ଉଡି

କେବେ ଯିବ ଏଇ କରୋନା ଆତଙ୍କ

ଗଡିବ ଜୀବନ ଗାଡି .......

ଶେଷରେ କରୁଛି ଏତିକି ପ୍ରାର୍ଥନା

ରଖ ଆହେ ଜଗନ୍ନାଥ

ତୁମେ ନରଖିଲେ ବୁଡିଯିବୁ ଆମେ ,

ପାଉନାହିଁ ଆମ କାତ

ରଖ ଆହେ ଜଗନ୍ନାଥ ।।

ସୁଧାଂଶୁ ଶେଖର ସାହୁ (ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ)

ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ ନୟାଗଡ଼

ଦୂରଭାଷ - ୮୭୫୮୧୦୧୭୪୩

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କରୋନା ବନାମ ପଡ଼ୋଶୀ



ଶୁଭସ୍ମିତା ନାୟକ

କରୋନା କରୋନା କରୋନା......
କେତେ ସୁନ୍ଦର ଏ ଜୀବଜଗତର,
କଣ ହେବ କିଏ ବୁଝିପାରେନା ॥

ଅତିରୁ ଇତି, କାହାକୁ ବା ଅଜଣା...
ଶକ୍ତିଶାଳୀ ବୋଲି ନିଜେ ନିଜେ ଭାବି,
ବିଶ୍ୱକୁ ଝୁଣିଲା ଚାଇନା ॥

ପଡ଼ୋଶୀ ଟି ମୋ' କାହାକୁ ଡରେନା....
କରୋନା ଭୟରେ ତୁଣ୍ଡିଟେ ଭିଡିଚି,
କଳି ପାଇଁ ଯିଏ ଖୋଜେ ବାହାନା ॥

ତା ପାଟି ଆଉ ତ ଶୁଭେନା....
ତଥାପି କବାଟ କିଳି କି ରହୁଛୁ,
କେତେବେଳେ କୋଉ କଥା ନା ॥

କରୋନାକୁ ଭୟ କରନା....
ସ୍ୱଚ୍ଛତାକୁ ସଦା ଧ୍ୟାନ ଦେଉଥିଲେ,
ତା ଭୁତାଣୁ ପାଖ ମାଡେ ନା ॥

ପଡ଼ୋଶୀ ଟି ମୋର ବୁଝେନା...
ଟେକା ଟେ ଫିଙ୍ଗିଲେ ପଥରଟେ ଥୁଆ,
ଗର୍ବ ଅହଙ୍କାର କେବେ ରହେନା ॥

ତାକୁ ଡରି ଡରି ଦିନ ଯାଏ ସିନା....
ସତର୍କ ରହିଲେ ଶତ୍ରୁକୁ ଜିତିବା,
ଲୋକ କଥା ଯାହା ଅଛି ନା ॥

କରୋନା କରୋନା କରୋନା...
ତା ଠାରୁ ବିପଦ କେତେ ମୋ ପଡ଼ୋଶୀ,
କାହାକୁ ମୁଁ କହି ପାରେନା.... ।।

ଖୋର୍ଦ୍ଧା, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୩୮୭୪୮୦୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନଯୁଦ୍ଧ



ପୁଷ୍ପଲତା ସାହୁ

କରୋନାର କାୟା ବିସ୍ତାରିତ ଆଜି
ସାରା ବିଶ୍ୱ କୁ ଗ୍ରାସିଛି ।।
ଧରଣୀ ବକ୍ଷରେ ଆତଙ୍କର ରାଜି
ମନୁଷ୍ୟର ଜ୍ଞାନ ହଜିଛି ।।
ବିଜ୍ଞାନ ତ ଆଜି ଦିଗହରା ହୋଇ
ନିୟନ୍ତ୍ରଣ ପଥ ଖୋଜୁଛି ।।
କରୋନା ଭୁତାଣୁ ଛାଡୁନି କାହାକୁ
ଭୟଙ୍କର ହୋଇ ଉଠୁଛି ।।
ବାହାରକୁ ତୁମେ ଯାଅନାହିଁ ଭଲେ
ତୁମକୁ ତ ଜଗି ବସିଛି ।।
ତୁମ ହାତ ଧରି ଘରକୁ ଆସିବ
ଗ୍ରାସିବ ସଭିଙ୍କୁ କହୁଛି ।।
ବଜାର ସହରେ ମଣିଷଙ୍କ ଠାରୁ
ଦୂରରେ ରୁହ ସେ ଚାହୁଁଚି ।।
ମାସ୍କ ପିନ୍ଧିଲେ ମୁହଁ ରେ ତୁମର
ଦେହ ଠାରୁ ଦୂରେ ରହୁଛି ।।
ସାବୁନ ଲଗାଇ ହାତ ସଫା ରଖ
ସଚେତନ ହୁଅ ଚାହୁଁଚି ।।

ସାନିଟାଇଜର ବ୍ୟବହାର କରି
ସୁରକ୍ଷା ତୁମରି ଲୋଡୁଛି ।।
ଭାବୁଛକି ତୁମେ ତାଲା ବନ୍ଦ ନୀତି
ସତେକି କୋହଳ ହେଇଛି ।।
ସରକାରଙ୍କର ନିୟମ କୁ ମାନି
ଚଳିବ ତୁମେ ସେ କହୁଛି ।।
ଏତେ ସବୁ କଥା ଭାବି ଘୁରେ ମଥା
ମଣିଷତ କିଛି ଶିଖିଛି ।।
ନିଜ ପରିବେଶ ନିଜର ସୁରକ୍ଷା
ପାଇଁ ସେ ନିତି ଲଢୁଛି ।।
ତଡି ଦେବା ପାଇଁ କରୋନା ଭୁତାଣୁ
ପ୍ରାଣକୁ ବାଜି ଲଗାଇଛି ।।
ହାରିବନି ସିଏ ଜୀବନ ଯୁଦ୍ଧରେ
ଜିତିବାକୁ ପଣ ରଖିଛି ।।

ସହକାରୀ ଶିକ୍ଷୟତ୍ରୀ, ମକୁନ୍ଦପୁର ଉ ପ୍ରା ବିଦ୍ୟାଳୟ
ଜଗତସିଂହପୁର, ଫୋନ ନ -୯୬୫୮୫୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା



ସେବକାନ୍ତ ନନ୍ଦ

କରୋନା କରୋନା କରୋନା
ଚାଇନାରୁ ଆସି ଦେଲୁ କେତେ ଯନ୍ତ୍ରଣା
ଜୀବିକା ବୁଡ଼ିଲା ଯନ୍ତ୍ରଣା ବଢ଼ିଲା
ବୁଦ୍ଧି ହେଲା ମୋର ବଣା ।
କରୋନା କରୋନା କରୋନା... -୧

ଶ୍ରମିକ, ଲେବର, ମୁଲିଆ, ଚାକର
ସବୁହେଲେ ହାହାକାର ।
ଦୁଃଖ କଷ୍ଟ ସହି, ଘରେ ବନ୍ଦୀ ହୋଇ
ଲକ୍‌ଡାଉନରେ ପଡ଼ିଲେ ରହି ।
ପରିବାର କଥା ଶୁଣି ଘୁରିଯାଏ ମଥା
କିଏ ବା ବୁଝିବ କାହା ବେଦନା ।
କରୋନା କରୋନା କରୋନା... - ୨

ଚାଇନାରୁ ଆସି ସବୁ ଦେଶେ ପଶି
ମହାମାରୀ ରୂପ ନେଇ,
ଲକ୍ଷ ଲକ୍ଷ ଲୋକର ଜୀବନ ନେଇ
ବିଶ୍ୱବାସୀଙ୍କୁ ଦେଲୁ ଯନ୍ତ୍ରଣା ।
କରୋନା କରୋନା କରୋନା... - ୩

ମୁହେଁ ମାସ୍କ ପିନ୍ଧି, ହାତେ ଗ୍ଲୋବ୍ ବାନ୍ଧି
ସାବୁନେ ଧୋଇବା ହାତ,
ସରକାର ନୀତି ପାଳନ କରିବା
ସୁଖରେ କାଟିବା ଦିନ ।
କରୋନା କୁ ଆଉ ଡରନା ।
କରୋନା କରୋନା କରୋନା... - ୪


କରୋନା ହାରିବ ଭାରତ ଜିତିବ
ସବୁରି ମୁହଁରେ ଫୁଟିବ ହସ
ବିକଶିତ ଦେଶ ହେବେ ପରାଜିତ
ଭାରତ ରଖିବ ମହତ ।
ପ୍ରଭୁ କୃପା ଲଭି ହାରିବ କରୋନା
ଦୂର ହୋଇଯିବ ସବୁ ଯାତନା ।
କରୋନା କରୋନା କରୋନା... - ୫

ବନ୍ଧପାଲି, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା



ସମ୍ବେଦନା ମିଶ୍ର

ରାଇଜ ରାଇଜ ପଡ଼ଇ ହୁରି
କରୋନା ଆମର ବଡ଼ ବଇରି ।
ସମସ୍ତଙ୍କୁ ଆମେ ବୁଝାଇ ଦେବା
ସାବଧାନତା ହିଁ ଆମ ସୁରକ୍ଷା ।
ସରକାରୀ ନିର୍ଦ୍ଦେଶ ମାନି ଚଳିବା
କରୋନା ସହ ଆମେ ଲଢ଼ିବା ।
ବାରମ୍ବାର ହାତକୁ ଧୋଇବା
ମୁହଁରେ ମାସ୍କ ରୁମାଲ ରଖିବା ।
ସବୁ ଜାଗାରେ ଏବେ ପଡ଼ିଛି ତାଲା
ନିଜ ନିଜ ଘରେ ବନ୍ଦୀ ସବୁ ଜନତା ।
ସବୁଠାରେ ଶୁଭେ ଲକ୍‌ଡାଉନ୍
ବେପାରବଣିଜ ଚାଲେ ସଟଡାଉନ୍ ।

ଗରିବ ଅସହାୟଙ୍କୁ କରି ସାହାଯ୍ୟ
ଆମର ଧୈର୍ଯ୍ୟକୁ କରି ସାମର୍ଥ୍ୟ ।
ପୋଲିସ୍, ଡାକ୍ତରଙ୍କ ତ୍ୟାଗ ଅମୂଲ୍ୟ
କିଏ ସେ ହେବ ତାଙ୍କର ତୁଲ୍ୟ ?
ସରକାର ରଖନ୍ତି କଡ଼ା ନଜର
ସୁରକ୍ଷିତ ରହୁ ଦେଶ ଆମର ।
ସଭିଏଁ ମିଶି ଶପଥ ନେବା
ଏକାଠି ହୋଇ କରୋନାକୁ ତଡ଼ିବା ।

ସମ୍ବିତ ଭିଲା, ଘାଟିକିଆ
ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୃହବନ୍ଦୀ



ସଂଯୁକ୍ତା ମହାପାତ୍ର

ସବୁରି ଅଜାଣତେ
ଏମିତି ଦିନେ ସୁନାମୀ ପରି
ମହାମାରୀ କରୋନା ଆସିଲା,
ମଣିଷ ଜୀବନର ମୋଡ ବଦଳିଗଲା
ଯିଏ ଯେଉଁଠି, ସେଇଠି ଅଟକି ରହିଲା ।

ସୁଖ ହେଉ ଦୁଃଖ ହେଉ ବନ୍ଧୁ ପରିବାର ମେଳ
ସଙ୍ଗସୁଖ ଜୀବନରେ ଖୁସି ଭରିଥିଲା,
ସତ୍ୟନାଶି କରୋନା ସବୁରି ମନରେ
ସନ୍ଦେହର ବିଜ ବୁଣିଦେଲା ।
ପ୍ରିୟ ପରିଜନଙ୍କୁ ଅଛୁଆଁ ସାତପର କରି
ଜୀବନର ଚକ୍ର ହଠାତ୍ ଅଟକିଗଲା,
ପରାକ୍ରମୀ ମଣିଷ କରୋନାର ଚକ୍ରବ୍ୟୂହେ
ନିଜଘରେ ଗୃହବନ୍ଦୀ ହୋଇଗଲା ।

ଏବେବି ମରିନି ଆଶା
ମନରେ ଅନେକ ବିଶ୍ୱାସ ଜାଗେ,
ଆଜି ଏ ବନ୍ଧନ ଅଛି
ଅଳ୍ପ ଦିନେ ବନ୍ଧନ ସବୁ ଖୋଲିଯିବ,
ବଞ୍ଚିବାର ଇଚ୍ଛା ମଣିଷକୁ
ଲଢ଼ିବାର ଅଦମ୍ୟ ସାହସ ଦେବ,
ମୁକ୍ତ ଗଗନର ବିହଙ୍ଗମ ପରି
ପୁଣି ଥରେ ଆମେ ନିରଙ୍କୁଶ ଉଡିବା
ନିଜ ଘରେ ସୁରକ୍ଷିତ ରହି
କରୋନାକୁ ପରାସ୍ତ କରିବା ।

ଜୀବନର ଚକ୍ର ଏଇମିତି ଅବିଶ୍ରାନ୍ତ ବୁଲିଥିବ
ସକାଳର ସୂର୍ଯ୍ୟ ଉଇଲେ ଅନ୍ଧକାର ଚାଲିଯିବ,
ପୁଣି ଥରେ ଜୀବନରେ କୋକିଳ ଗାଇବ
ବୈଶାଖର ଦେହଜଳା ଝାଞ୍ଜିପରେ
ଶ୍ରାବଣର ସୁଶିତଳ ବର୍ଷା ଆସିବ ।

ମାର୍ଫତ- ବିନୟ ମହାପାତ୍ର
ନନ୍ଦନ ବିହାର, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୃହବନ୍ଦୀ



ଯୁବରାଜ କୁଦେଇ

ଗୃହବନ୍ଦୀର ଏ ଜୀବନ ସତରେ
କେତେ ଯେ ଯାତନା ଭରା ,
ଦେଖି କରୋନାର କରାଳ ରୂପ
ଥରହର ଏବେ ଧରା ।

ଖାଲି ଖାଲି ଏବେ ଜୀବନ ବିତୁଛି
ହାତେ ନାହିଁ କାମଧନ୍ଦା ,
କାଲି ଥିଲି ମୁଁ ଯେ ମୁକ୍ତ ବିହଙ୍ଗ
ଆଜି ପଂଜୁରୀରେ ବନ୍ଧା ।

କରୋନା ରାକ୍ଷସ ଦିନକୁ ଦିନ
ବିସ୍ତାରୁଛି ତାର କାୟା ,
ଗତିପଥ ତାର କେବେ ଯେ କୁଆଡେ
ବୁଝି ହେଉନି ତା ମାୟା ।

ଯେତେବେଳେ ଯାହା ମିଳୁଛି ଆମକୁ
ଖାଇବା ଘରରେ ବାଣ୍ଟି ,
ଅଯଥା ଦରବେ ମନ ବଳାଇଲେ
ବିପଦରେ ହେବା ଘାଣ୍ଟି ।

ହାତ ଧୋଉଥିବା ସାବୁନ ଲଗେଇ
ଦିନକୁ ଥରକୁ ଥର ,
ବାହାରକୁ ଗଲେ ମାକ୍ସ ପିନ୍ଧି ଥିଲେ
କରୋନାକୁ ନାହିଁ ଡର ।

ଏଇ କିଛି ଦିନ କାହାରି ସାଥିରେ
ମିଶିବାନି ଜମା ବେଶୀ ,
ନୋହିଲେ କରୋନା ଅକାଳରେ ସତେ
ଜୀବନ ଦେବ ହେ ନାଶି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାସ, ଛିଙ୍କ ଆଉ ଜର ଯଦି ହୁଏ

ଦେଖେଇବା ଡାକ୍ ତର ,

ସଚେତନ ସଦା ଲୋକଙ୍କୁ କରିବା

ନୈତିକ କର୍ତ୍ତବ୍ୟ ଆମର ।

ଭାରି ଭୟଙ୍କର ଏଇ ମହାମାରୀ

ତାଠାରୁ ରହିବା ଦୂରେ ,

ଜୀବନକୁ ଯଦି ବଞ୍ଚାଇବ ହେ

ସର୍ବେ ରହି ଥାଅ ଘରେ

ସର୍ବେ ରହି ଥାଅ ଘରେ ।

ଗ୍ରା/ପୋ- ଇଛାପୁର

ଥା-ଡୁଙ୍ଗୁରିପାଲି

ଜି- ସୁବର୍ଣ୍ଣପୁର

ମୋ- ୯୯୩୮୯୩୭୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାଲାବନ୍ଦ



ହୀରାବତୀ ପାତ୍ର

ଅଶାନ୍ତ ବିଶ୍ୱ ଆଜି ଶାନ୍ତ ପଡିଛି
ଦିଶୁ ନାହିଁ ମଣିଷ ଭେଳା,
ସ୍କୁଲ କଲେଜ ଓ ରାସ୍ତା ଘାଟ ସବୁ
ପଡିଅଛି ଆଜି ତାଲା ।।
ହାଟ ବଜାର ପୁଣି ଗାଡି ମଟର
ଦିଶେ ଆଜି ଖାଲି ଖାଲି, କେଉଁଠୁ
ଆସିଲା କିଏ ସେ ଆଣିଲା ?
ଏ କରୋନା ମହାମାରୀ ।।
କରୋନାର ପଡିଛି କୋରଡା ମାଡ
ନିସ୍ତବ୍ଧ ହୁଏ ଭୁବନ ,
ଗାଁଠୁ ସହର ମସଜିଦ ମନ୍ଦିର
ସବୁ ଆଜି ତାଲା ବନ୍ଦ ।।
ଦିନ ପରେ ଦିନ ଯାଉଅଛି ବିତି
ପାହୁଅଛି ପୁଣି ରାତି,
ଚାରି କୋଠରିରେ ବନ୍ଦୀ ହୁଏ ମଣିଷ
ସଚେତନ ବାର୍ତ୍ତା ବହୀ ।।
ଶାନ୍ତି ମୈତ୍ରୀ ପ୍ରୀତି ବିଶ୍ୱାସ ବନ୍ଧନେ
ରହିଥିଲୁ ଆମେ ଏକ,
କେଉଁ ରୂପେ କରୋନା ବିଜେ ହେଲା
ଆଜି କରିଲା ପୃଥକ ।।
ଯେତେ ଜ୍ଞାନ ବିଜ୍ଞାନ ଦେବ ଦଇବ
ପରାଜିତ ହେଲେ ସତେ,
ବିଶ୍ୱ ହିତ ପାଇଁ ପଡିଛିରେ ବାଜି
ଆଜି ମାନବ ହାତେ ।।
ଘରର ଏରୁଣ୍ଡିରେ ଟାଣି ଲକ୍ଷ୍ମଣରେଖା
ପାଦ ଆଗକୁ ନ ଦେବା,
ସାମାଜିକ ଦୂରତ୍ୱକୁ ବଜାଇ ରଖି
ସମ୍ପର୍କ ଡୋରୀ ରଖିବା ।।
ସମୟ ବଦଳେ ପୁଣି ଯୁଗ ବଦଳେ
ବଦଳେ ଏ ରାତି ଦିନ,
ତାଲାବନ୍ଦକୁ ବଜାଇ ରଖି ପାରିଲେ
କରୋନାରୁ ହେବୁ ଜୟ ।।

ନଳଗଜା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବାସୀ ଶ୍ରମିକ ପାଇଁ



ରାଜେନ୍ଦ୍ର ସାମଲ

'କରୋନା' ରାକ୍ଷସ ପକାଇ ଦେଇଛି
ଶ୍ରମିକ ପାଦରେ ବେଡି
ପ୍ରବାସରେ ଆଜି ଅନ୍ନ ମୁଠେ ବିନା
ପେଟ ତା' ଯାଉଛି ପୋଡି ॥
ପରିବାର ମୁଖେ ହସ ଦେବା ପାଇଁ
କାଟି ମାଟି-ମାଆ ମୋହ
ଗଧର ଖଟଣି ଖଟୁଥିଲା ଯିଏ
ତା' ଆଖିରେ ଆଜି ଲୁହ ॥
ଦାନାପାଣି ବିନା ପରିଜନ ବିନା
ହୋଇ ସିଏ ଦୀନ-ହୀନ
ବାସହରା ହୋଇ ହାତ ପାତୁଅଛି
ପାଇବାକୁ ଦୟା-ଦାନ ॥
କର୍ମବୀର ଆନ ପୋଷକ ହୋଇ ବି
ଅଳସ-ନିକମା ପରି
ଜୀବନ ବିକଳେ ଭିକ ମାଗୁଅଛି
ନେତ୍ରୁ ନୀର ଯାଏ ଝରି ॥
କର୍ମଜୀବୀ ସିଏ ସାମର୍ଥ୍ୟ,ଉତ୍ସାହ
ଧରି ନିଜ ହୃଦୟରେ
ବାଧ୍ୟ ହୋଇ ଯଦି ଭିକ୍ଷାଥାଳ ଧରେ
କର୍ମ-ମାନ କି ମହୀରେ ? ?
କର୍ମ ଅଧିକାର ଛଡାଇ ତା'ଠାରୁ
ସପାଣିପାଦ ତାହାକୁ
ଯାଚକ କରିବା କି ଲୀଳା ପ୍ରଭୁ ହେ,
ଭାବୁଛି ମୁହିଁ ମନକୁ ॥
ଶ୍ରମିକ ଦିବସେ ପରବ ନ ପାଳି
ପରିଜନ ସାଥେ ଦୀନ
ଲୁହେ ଭିଜେ ଯେବେଶ୍ରମତତ୍ୱବକ୍ତା ! !
ତୁମକୁ ବି ଅପମାନ ॥
ତୁମ ଗୀତା କଥା ମିଥ୍ୟା ନାହିଁ ହଉ
ରଖ କର୍ମ-କର୍ମୀ ମାନ
ସ୍ୱାଭିମାନ ସହ ବଞ୍ଚାଇ ତାହାକୁ
ରଖ ନିଜ ପ୍ରଭୁପଣ ॥

ବାରିପଦା, ଓଡ଼ିଶା
ଭ୍ରାମ୍ୟଭାଷ : ୯୮୫୩୭୬୮୭୩୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସାହାଯ୍ୟପାଇଁ କଣ ଫଟୋ ଲୋଡ଼ା ?



ଦେବବ୍ରତ ବାରିକ

କରୋନା ଆଜି
ସାରା ବିଶ୍ୱରେ
ଖେଳାଇ ଚାଲିଛି ଭୟ ।୧ ।

ପୋଷଣ ନାଆ ରେ
ହୁଏ ଶୋଷଣ
କିଏ ବା ଦେଖିବ କୁହ ।୨ ।

ଗରିବ ପାଇଁ
କେହି ବି ନାହିଁ
ଭୋକ ଉପାସେ ରହେ ।୩ ।

ଚାଷୀ ଭାଇର
ହୃଦୟେ କୋହ
ଲୁଚାଏ ଆଖି ଲୁହ ।୪ ।

ଜଳେଇ ଘିଅ
ସରେ ସଳିତା
ତମସା ଯିବ ଦୁରେଇ ।୫ ।

ମଣିଷ ଏଠି
ପଶୁ ସାଜନ୍ତି
ଟଙ୍କା ପଇସା ପାଇଁ ।୬ ।

ବଡ ଲୋକର
ଛୋଟ କଥା ରେ
ସାହାଯ୍ୟ ସହଯୋଗ ।୭ ।

ଗରିବ ଆଜି
କାନ୍ଦୁଛି ଖାଲି
ବୃଥା ସବୁ ଅଭିଯୋଗ ।୮ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହନ୍ତି ଲୋକେ
ଜଳୁଛି ଦୀପ
ଆଲୋକ ଦେବା ପାଇଁ ।୯ ।

ସାହାଯ୍ଯ କଲେ
ଫଟୋ ଉଠିବ
ମିଛ ଅଭିନୟ ଚାଲଇ ।୧୦ ।

ଅକ୍ଷମ ହେଲେ
ବର୍ଜନ କରି
ଯେଝା ବାଟେ ଯିବେ ଚାଲି ।୧୧ ।

ଗରିବ ପାଇଁ
ଗରିବୀ ଭଲ
ସାହାଯ୍ୟ ଲୋଡ଼ା ନାହିଁ ।୧୨ ।

ସ୍ୱାର୍ଥପର ଏ
ଦୁନିଆ ସିନା
ସ୍ୱାର୍ଥର ବଶ ସଭିଏଁ ।୧୩ ।

ସାହାଯ୍ୟ କଲେ
ପୂଣ୍ୟ ଅର୍ଜନ
ଫଟୋ ପ୍ରଦର୍ଶନୀ କରାଏ ।୧୪ ।

ସାହାଯ୍ୟ ର ହାତ
ବୁଲୁଛି ସବୁଠି
ଫେସବୁକ୍ ହ୍ୱାଟ୍ସାପ୍ ଖୋଲିଲେ ।୧୫ ।

କି କହିବି ଆଉ
ଦୁନିଆ ର କଥା
ସମସ୍ତେ ଗୋଟିଏ ମଞ୍ଚରେ ।୧୬ ।

ମନରେ ଛନ୍ଦ
କପଟ ଭରା
ଛଳନା ହସ ମୁହଁରେ ।୧୭ ।


କାହାକୁ ଏଠି
କଣ, କହିବ
ଟିକେ ରୁହ ଗରିବ ସାଥିରେ ।୧୮ ।

ସମ୍ପାଦକ : ପ୍ରୀତି ପ୍ରଣତି, ଆନନ୍ଦପୁର
କେନ୍ଦୁଝର, ଦୂରଭାଷ - ୯୩୪୮୭୭୯୩୯୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୀନ ପ୍ରିୟତମା



ଗୌରୀ ପଣ୍ଡା

କରୋନା ଗୋ ତୁମେ ଚୀନ ପ୍ରିୟତମା
ଘଟାଇଛ ବିଶ୍ୱେ ଅନ୍ଧକାର ଅମା ।
ତୁମ ପାଇଁ ବିଶ୍ୱେ ଭୟଙ୍କର ସ୍ଥିତି
ଥରହର ଆଜି ଏ ଧରା, ଏ କ୍ଷିତି ।
ତୁମ ନାମେ ଆଜି ଜୀବନ ବିକଳ
ନଜରବନ୍ଦୀ ବି ହେଉନି କୋହଳ ।
ଦେଶଦେଶ ମଧ୍ୟେଯୋଗାଯୋଗ ନାହିଁ
ଜିଲ୍ଲା, ରାଜ୍ୟ କଥା କହିବା କି ପାଇଁ ।
ଫେରିଯାଅ ତୁମେ ଆଗୋ ପ୍ରିୟତମା
ବୁଦ୍ଧି, ବୃତ୍ତି ତୁମ ଭଲ ନାହିଁ ଜମା ।
ବିଭୀଷିକାମୟୀ ତୁମେ ଗୋ କରୋନା
କେତେ ପ୍ରାଣ ନେଲ ତୁମକୁ ହିଁ ଜଣା ।

ହେଲାଣି ଯେ ତୁଚ୍ଛ ସବୁ ଉପଚାର
ବଢିଚାଲିଅଛି ତୁମ ପାରାବାର ।
କରୋନାଗୋ ତୁମେଫେରିଯାଅ ଚୀନ
ଭାରତେ ରଖନା ତୁମ ଅଭିମାନ ।
ତୁମ ପ୍ରେମ ଡୋରେ ମହାଶକ୍ତି ଚୀନ
ପ୍ରତିଶୋଧ ବହ୍ନି ତାକୁ କରେ ହୀନ ।
କରୋନାଗୋ ତୁମେସ୍ନେହମୟୀ ହୁଅ
ମାନବ ଜାତିକୁ ଆଶ୍ୱସନା ଦିଅ ।
ଦିଅ ପ୍ରଭୁ ତୁମେ, ତାକୁ ସଦଜ୍ଞାନ
କରୋନା ପାଉ ତା ପ୍ରିୟତମ ଚୀନ ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଣି ଆମେ ହସିବା



ଚିନ୍ମୟ ଶୁଭ୍ରାଂଶୁ

ଲକ୍  ଡାଉନ ଇଏ ଲକ୍ ଡାଉନ
ବନ୍ଦ ପଡିଛି ସବୁ ଗାଁ ଟାଉନ,
ବାହାରେ ଜଗିଛନ୍ତି ପୋଲିସ ମାମୁଁ
ଗୋଡ଼ାଇ ପିଟିବେ ଜମା ଯାଅନି   ।

ଆସିଛି କରନା ମହାମାରୀ
ରୋଗ ଇଏ ଭାରି ଭୟଙ୍କରୀ,
ଗହଳି କରିଲେ,ଭିଡରେ ରହିଲେ
ବ୍ୟାପିଥାଏ ରୋଗ ଭାରି ଯୋର୍ କରି   ।

ଧୋଉଥିବ ହାତ ସାବୁନ ରେ
ମାସ୍କ ପିନ୍ଧିଥିବ ସଦା ମୁହଁରେ,
ଛୁଇଁବନି ଆଖି, ପାଟି, ନାକକୁ ହାତରେ
ମିଳେଇବନି ହାତ କରିବ ଜୁହାର   ।

ସକାଳୁ ୭ରୁ ରାତି ୯ଯାଏ ଘରେ ରହିବା
ସରକାରଙ୍କର ନିୟମ ସବୁକୁ ମାନିବା,
ଏକଲା ଲାଗିଲେ ବିରକ୍ତି ହୋଇଲେ
ଲୁଡୁ, PUBG, FREEFIRE ଖେଳିବା   ।

ଛୁଟିତ ପଡିଛି ଲକ୍ ଡାଉନ ବୋଲି
ଘର ପରିବାର ସହ ମିଶିବା,
ବାହାରକୁ ଯାଇ ମିଳା ମିଶା କରି
ମହାମାରୀକୁ କାହିଁ ଘର ଭିତରକୁ ଆଣିବା   ।

ସରକାରଙ୍କର ନିୟମ ମାନିବା
ଲକ୍ ଡାଉନ ସରିବା ଯାଏ ଘରେ ରହିବା,
କରନା କୁ ଆମେ ଦିନେ ହରେଇବା
ଦେଖିବ ସମସ୍ତେ, ପୁଣିଥରେ ଆମେ ହସିବା,
ହଁ, ପୁଣିଥରେ ଆମେ ହସିବା   । ।

ଗ୍ରା/ପୋ: - କୁଆମରା, ଥାନା - ଖୁଣ୍ଟା, ମୟୂରଭଞ୍ଜ,
ପିନ - ୭୫୭୦୨୭, ଓଡ଼ିଶା
ଦୂରଭାଷ - ୯୭୭୬୦୫୦୬୬୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ ଡାଉନ୍



ଜଗଜୀବନ ସେଠୀ

ଭବ ବୈତରଣୀ ହୋଇବାକୁ ପାରି
ଆଶ୍ରାକରି କୁଟୁମ୍ବ ସହିତେ
ଧରି କେତେ ସ୍ୱପ୍ନ ଅଗଣିତ
ବୁଡ଼ିବାକୁ ଇଛାଥିଲା ଯଦି
ନିଷ୍ପାପ ପରିଜନଙ୍କୁ
କାହିଁ ଆଣିଥିଲୁ ସଙ୍ଗତ ।
ଆପଣା ହସ୍ତେ ଜିହ୍ୱା ଛେଦନ ପରି
ନାବ ଦେହେ କଣ କରି
କ'ଣ କରିବୁ ପ୍ରମାଣିତ
ଲକ୍‌ଡାଉନ୍ କରେ
ତୋ ସାହାସ ଉପରେ
ଏବେ ନାବ ବୁଡ଼ିବା ବେଳ ତ !
ଗବାକ୍ଷ ପୁଡ଼ା ଦେଇ
ଦେଖ, ଦେଖ ପୃଥିବୀ କେମିତି
ହୋଇ ପଡ଼ିଛି ନିର୍ଜନ
ଜୀଭର ଲାଳସା ମେଣ୍ଟାଇବା ପାଇଁ
ଲକ୍‌ଡାଉନ୍ କରେ
ନିଷ୍ପାପ ପ୍ରାଣୀ ଜୀବନ ହରଣ !

ଅନୁଶାସନ ବଳରେ
ବିଶ୍ୱକୁ ଶାସନ କରେ
ଦେଖିବା ଲୋକ ମାରିବେ ତାଳି
ନ ହେଲେ ସବୁଦିନ ପାଇଁ
ପଡ଼ିବ ଲକ୍‌ଡାଉନ୍
ଶେଷକୁ ଭାଗ୍ୟକୁ କରିବୁ ଗାଳି !

ନିଜକୁ ନିଜେ ବନ୍ଦୀ କରି
ଉରଗ ଗାତରେ ଲୁଚିଲା ପରି
ଲଗେଇ ଦେଇ ନିଆଁ
କାହିଁ ଉଭାନ ହୋଇଗଲା
କ'ଣ ଲକ୍‌ଡାଉନ୍ କରିଦେଲୁ
ତୋ ପାରିବା ପଣିଆ ।

ଆମ୍ବୁଆବାଡ଼ି, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ ଡାଉନ୍



ସନାତନ କଟା

ପରୀକ୍ଷା ସରିଲା ବୋଲିକି ଆସିଲି
ମାମୁଁଘର ଟିକେ ବୁଲି
ଆସିଲା ପରଠୁ ଲଅକଡାଉନୁ
ହଉନେଇଁ ଟିକେ ହଲି
ମାମୁଁଘର ବୁଲାବୁଲି ଖିଆପିଆ
ସରଗଠୁ ବଳି ସୁଖ
ଘରେ ବସି ବସି କଟିଯାଏ ଦିନ
ହେଲାଣି ଅସହ୍ୟ ଦୁଃଖ
ନିଜ ଘରକୁ ବି ଫେରିବାର ରାସ୍ତା
ସବୁ ହୋଇଗଲା ବନ୍ଦ
ମାମୁଁଘର ବୁଲା ଫସର ଫାଟିଲା
ଭାଗ୍ୟ ମୋ କପାଳମନ୍ଦ

ସିଲୁଆଁ, ଟିଟିଲାଗଡ଼, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଝ



ଶିବ ଶଙ୍କର ସାହୁ

ସେଇ ମାନେ ଯାଇଥିବେ କେତେଦୂର ?
କାଲି ରାତିରେ ଯୋଉସବୁ ନାଚାର ପାଦ,
ଛାଡିଥିଲେ ସହର !

କଣ ବା ଉପାୟ ଥିଲା ,
ସବୁକିଛି ବନ୍ଦ ହେଲା ପରେ ,
ମଜୁରୀ କଥା ଥାଉ, ଖାଲି ଭାଡିଆ ଦି'ଓଳିର
ବି ଦେଲାନି ଠିକାଦାର !

ରାତିର ବହଳ ଅନ୍ଧାରେ ,
ବେଶ କେଇ ଯୋଡ଼ା ପାଦ
ବାହାରିଗଲେ ସନ୍ତର୍ପଣରେ ।
ଦିନରେ ପୋଲିସ , ରାତିରେ ବି ବନ୍ଦ ,
ଆଗକୁ ବଢୁଥିବା ପାଦ କେବେ କେବେ
ଅଟକିଯାଏ ,
ଥକ୍କା ମାରିବାକୁ ନା ମାପି ନେବାକୁ ବିପଦ ,
ଅନ୍ଧକାରର ଆଢୁଆଳରେ ?

ଜଲଦି ଚାଲର ଡାକରେ
ନିରବି ଯାଏ ଥମ ଥମ ଭାବ,
ଦିଶେ ଗାଁ, ନଈ, ତୁଠପଥର
ପାଦରେ ଜୀବନ କଅଁଳେ
ପହଞ୍ଚିବାକୁ ହେବ ଭିଟାମ ।ଟିରେ ।
ଅସରନ୍ତି ବୋଝ ରାସ୍ତାର ,
କାନ୍ଧରେ ଓ ହାତରେ ବି ବୋଝ
ପେଟ ପଟଣାର ,
ବୋଝ ଲକ ଡାଉନର !!

କିଏ ବୋହୁଥିଲା ଇଟା, କିଏ ବାଲି,
କିଏ ଅବା ରାଜ ମିସ୍ତ୍ରୀ, ଆଉ କିଏ ବାବୁଘରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାମବାଲୀ !!

ତମେ ଯୋଉ ଦେଇଥିଲ ଠେଲା,

ବରା ପିଆଜିର ,

ଆଉ ତମର ଚା' ବିସ୍କୁଟ , ସବୁ ଏବେ ଖାଁ ଖାଁ,

ମାଛି କି କୁକୁର କି କାଉ :

ସଭିଙ୍କୁ ଭୟ, କରୋନାର !

ପାଦକୁ କଢେଇନିଏ ମନ ।

ଜିତିବାର ଜିଦ ଆଗରେ, ହାରମାନେ

ତମ ବେଇମାନିପଣ,

ବନ୍ଦଥିବା ସବୁ ସଂସାଧନ !!

ସହକାରୀ ଯନ୍ତ୍ରୀ(ରେଳପଥ)
ରେଳ ସଦନ, ନର୍ଥ ବ୍ଲକ, ପ୍ରଥମତଲ
ପୂର୍ବତଟ ରେଳବାଇ, ଭୁବନେଶ୍ୱର
ଭ୍ରାମ୍ୟଭାଷ:୯୪୩୭୫୮୪୫୮୯

Magazine Downloaded from www.aahwaan.com

# କରୋନାକ୍ଳେଶ



ଲକ୍ଷ୍ମଣ ମହାନ୍ତି

ଜଗତର ନାଥ ଜଗନ୍ନାଥ ପାଦେ
ଏତିକି ମାଗୁଣି ମୋର
ଭକ୍ତଜନ ଆଜି ବ୍ୟାକୁଳେ ଡାକନ୍ତି
ରକ୍ଷାକର ରକ୍ଷାକର ।।

ମାଳିକା ବଚନ ସତ ଲାଗେ ଆଜି
ଦୁଃସ୍ଥ ହୋଇଛି ଅବନୀ
ସଂକଟ ଘେରରେ ତୁମ୍ଭ ଭକ୍ତ ରହି
କାନ୍ଦେ ବାହୁନି ବାହୁନି ।।

ପଡିଛି ବିପତ୍ତି କରୋନା ନାମରେ
ଜୀବନ ହେଲା ନିଊନ
ହେଲି ମୁଁ ଚକିତ କେମନ୍ତ ବସିଛ
ମଉନେ ଚକାନୟନ ।।

ମାଆଠୁ ସନ୍ତାନ ହରିଲା କରୋନା
ସନ୍ତାନଠୁ ନେଲା ପିତା
ବଧୂଠୁ ହରିଲା ଶଙ୍ଖା ଓ ସିନ୍ଦୂର
ବିଧବା ହେଲା ଦୂହିତା ।।

ସଂସାର ସିନ୍ଧୁରେ ଖେଳଇ ତମସା
ବିମୁଖେ କାନ୍ଦେ ଜୀବନ
କରୋନା କବଳୁ ତୁମ୍ଭ ଶରଣକୁ
ନିଅ ହେ ମଧୁସୁଦନ ।।

ଲକ୍ଷ ପରିବାର ଅସହାୟ ପ୍ରାୟ
ବାହୁନି ଡାକେ ତୁମ୍ଭଙ୍କୁ
କରୋନାକୁ ହତ କରି ମହାବାହୁ
କୁଶଳେ ରଖ ବିଶ୍ୱକୁ ।।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ (ଓଡ଼ିଆ ବିଭାଗ)
ସୌରିପାଲି, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ : ୬୩୭୧୪୫୦୩୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୁଢ଼ାବାପ ଆଜି ହସୁଛି



ପ୍ରିୟବ୍ରତ କର

ସହରକୁ ଛାଡି ଚାକିରିଆ ପୁଅ
ଗାଁ ଘରେ ଏବେ ରହୁଛି ,
ପୁଅବୋହୂ, ନାତିନାତୁଣୀକୁ ଦେଖି
ବୁଢାବାପ ଆଜି ହସୁଛି ।

ଏତେ ବର୍ଷପରେ କୂଳବୋହୁ ତାର
ହାଣ୍ଡିଶାଳେ ଭାତ ରାନ୍ଧୁଛି,
ହାତରନ୍ଧା ଖାଇ ମନେ ମନେ ତାର
ବୁଢାବାପ ଆଜି ହସୁଛି ।

ଶାନ୍ତଥିବା ସେଇ ଛୋଟ ଘରଟିରେ
କୋଳାହଳ କେତେ ଶୁଭୁଛି,
ନାତି ନାତୁଣୀଙ୍କ ସହ ଟିକେ ଖେଳି
ବୁଢ଼ାବାପ ଆଜି ହସୁଛି ।

ବର୍ଷାପାଗ ପରେ ଦେଶୀ କୁକୁଡ଼ାର
ବାସନାରେ ଲାଳ ଗଡୁଛି,
ଏତେ ଦିନ ପରେ ସାଙ୍ଗରେ ଖାଇକି
ବୁଢାବାପ ଆଜି ହସୁଛି ।

କରୋନା ପାଇଁକି ଘରେ ଘରେ ଆଜି
ଏସବୁ ସମ୍ଭବ ହେଇଛି,
ଧନ୍ୟବାଦ ଦେଇ ଶ୍ରୀ ଜଗନ୍ନାଥଙ୍କୁ
ବୁଢ଼ାବାପ ଆଜି ହସୁଛି ।

ଗ୍ରାମ - ସୋରିଷକୋଠା, ପୋ: - ପାଳଶିଆ
ଭାୟା - ଗଡ଼ଦେଉଳିଆ, ଜିଲ୍ଲା - ମୟୂରଭଞ୍ଜ
ପିନ - ୭୫୭୦୮୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାରୀ କରୋନା



ସାଇପ୍ରସାଦ ସାହୁ

ହେ ମହାମାରୀ କରୋନା
ସୃଷ୍ଟି ତୁମ୍ଭର ଚାଇନା ।
ଉହାନରେ ଜନ୍ମ ନେଲା
ଦୁନିଆକୁ ଘାଣ୍ଟି ଦେଲ ।
ହେ କାଳରୂପୀ କରୋନା
ଭାଇରସ ରୂପେ ସିନା ।
ନିମିଷକେ ଭେଦିଗଲ
ତୁମ୍ଭ କାରା ବିସ୍ତାରିଲ ।
ଦୀର୍ଘ ଅଟେ ତୁମ୍ଭ ପାଦ
ନିର୍ଦ୍ଦୋଷେ କି କଲ ବଧ ।
କି ଦୋଷ ଆମ୍ଭେ ଯେ କଲୁ
ବିନା ଅର୍ଥେ ଜୀବନ ଦେଲୁ ।
କିମ୍ପାଇ ଜନମ ନେଲ
କରି ହେ କଷଣ ଦେଲ ।
ତୁମ୍ଭରି ନାଁକୁ ଶୁଣି
ସଭିଏଁ ଗଲେଣି ଡରି ।

ହୋଇଯାଅ ତୁମ୍ଭେ ଶାନ୍ତ
ଯୋଡୁଛୁ ତୁମ୍ଭଙ୍କୁ ହାତ ।
ହେ ମୋର ବିଶ୍ୱମାନବ
ପ୍ରତିଷେଧକ କ'ଣ ଜାଣିବା ।
ହାତ ମୁହଁ ସଙ୍ଗେ ନାକ
ପରିବେଶକୁ ସଫା ରଖ ।
ସର୍ବେ ସଚେତନ ହୋଇବା
ବିଶ୍ୱମହାମାରୀ କରୋନା ସାଥେ ଲଢ଼ିବା ।
ମନରେ ସଂକଳ୍ପ କରି
ଲଢ଼ିବା ଯୋଦ୍ଧାଙ୍କ ପରି ।
ଧନ୍ୟ ହେ ସେବକ ଭାଇ
ରୋଗକୁ ଖାତିରି ନାହିଁ ।
ଜନତା ସେବାରେ ମାତି
ସେବା କର ଦିନ ରାତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସରକାରଙ୍କ ନିୟମ

ମାନିଲେ ଦେବ ଟି କାମ ।

ଜାଗିଲେ ଜିତିବା ଆମ୍ଭେ

ଖୁସିରେ ରହିବା ସର୍ବେ ।

ଜଗତର ନାଥ ତୁମ୍ଭେ

ଗୁହାରି କରୁଛୁ ଆମ୍ଭେ ।

ଅଭୟ ପ୍ରଦାନ କର

ଜଗତକୁ ରକ୍ଷା କର ।

ହେ ପ୍ରଭୂ ଜଗତ କର୍ତ୍ତା

ଜଣାଇ ମନର କଥା ।

ରକ୍ଷାକର ପ୍ରଭୂ ତୁମ୍ଭେ

ଶରଣ ପଶିଲୁ ଆମ୍ଭେ ।

ସିନ୍ଧିକେଲା, ବଲାଙ୍ଗୀର

ଭ୍ରାମ୍ୟଭାଷ : ୯୯୩୭୦୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବଳ ଆମେ ହେଲେ ସଚେତନ



ଲଳିତ ମୋହନ ମହାନ୍ତି

ପ୍ରକୃତି ସହ ଖେଳିଲା ଦୁନିଆ
ପ୍ରକୃତି ହୃଦୟେ ଜଳିଲା ନିଆଁ
କେତେ ରୋଗବୈରାଗ ହେଲା ଜନମ
ଅକାରଣେ ଗଲା କେତେ ଯେ ଜୀବନ ।

ଯାହା କରିପାରିଲାନି ପରମାଣୁ
ତାହା କରୁଅଛି କୋରନା ଭୁତାଣୁ
ନିଜ ଘରେ ନିଜେ ସାଜିଲୁ ବନ୍ଦୀ
ଦେଖି ବିଶ୍ୱ ଦୁଃଖ ଆଖି ଦିଅଇ କାନ୍ଦି ।

ଡାକ୍ତର, ନର୍ସ ଦେବତା ସାଜି
ରୋଗୀ ସେବା କଲେ ପରିବାର ତେଜି ।
ଚାଲିଛି ପ୍ରଚେଷ୍ଟା ଔଷଧ ନିର୍ମାଣେ
ସାନ୍ତ୍ୱନା ଦେବାକୁ ଲକ୍ଷ ଲକ୍ଷ ପ୍ରାଣେ ।

ପୋଲିସ କର୍ମଚାରୀ କରୁଛନ୍ତି ଗୁହାରି
ଘରେ ରୁହ କେହି ନ ଯା ବାହାରି
ଗଣମାଧ୍ୟମ ତତ୍ପର ସାଜିଛି
ସଚେତନାର ପ୍ରଚେଷ୍ଟା କରୁଛି ।

ଭାରତମାତା ପୁନଶ୍ଚ ହସିବ
ପୁନଶ୍ଚ ରାସ୍ତାରେ ଗହଳି ଲାଗିବ
ପୁନଶ୍ଚ ପର୍ବପର୍ବାଣୀ ହେବ ପାଳନ
କେବଳ ଆମେ ହେଲେ ସଚେତନ ।

ଛାତ୍ର, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ
ମଧୁପୁର, ମାହାଙ୍ଗା, କଟକ
ଭ୍ରାମ୍ୟଭାଷ : ୯୩୪୮୭୫୫୪୯୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ହାରିବ



ଜିତେନ୍ଦ୍ର କୁମାର କହଁର

ଦୋହଲାଇ ଦେଲା
ସତରେ ବିଶ୍ୱର ଛାତିକୁ
ଲକ୍ଷ ଲକ୍ଷ ନିଶ୍ୱାସକୁ ବନ୍ଦ କରି

କେହି କେବେ
କଳ୍ପନାରେ ବି ଆଙ୍କି ନ ଥିବା
ଚିତ୍ର ଯେପରି ଆପେ ଆପେ
ଚିତ୍ରିତ ଯାଇଥିଲା ହୋଇ

ହଁ ସେ ଆସିଛି
କାଲି ଚାଲି ବି ଯିବ
ହେଲେ ଦାଗ ଲିଭିବନି
ଦାଗ ରହିବା ବି ଦରକାର
ଭବିଷ୍ୟତ ବିପଦରୁ ସୁରକ୍ଷା କରିବାକୁ...

ଦିବାରାତ୍ର ଶୁଭେ
ଭାରତ ମାତାର କ୍ରନ୍ଦନର ସ୍ୱର
ହରାଇ ଅନେକ ତାର ସୁଯୋଗ୍ୟ ସନ୍ତାନ
ତଥାପି ଭରସା ଆଶା ଲଭିଯିବ
ନ ପାଇବା ଯାଏଁ ସେ ବିଜୟର ଚିହ୍ନ...

କାରଣ ସେ
କେବେ ହାରିବା ଶିଖିନି
ଶେଷ ନିଶ୍ୱାସ ଯାଏଁ
କେବେ ମଥାନତ କରେ ନାହିଁ
ବିଶ୍ୱାସେ ବିଜୟ ବୋଲି
ଆଗେଇ ଯାଏ ତାର କର୍ମ ପଥେ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ତ୍ତବ୍ୟକୁ

ରଖି ସର୍ବାଗ୍ରେ

ରହି ପରିବାର ଠାରୁ ଦୂରେ

ମୃତ୍ୟୁକୁ ନ ଚିହ୍ନି ନିତି ରହେ ତାର ସାମ୍ନାରେ

ଏମିତି ସାହସ ସତରେ କିଏ ଯେ କରିପାରେ

ସେମାନେ ସତେ

ଭଗବାନଙ୍କ ଅବତାର

ଯାହା ପାଇଁ ନାହିଁ ଆଉ ସ୍ୱପ୍ନ ରାତ୍ରିର

ତଥାପି ନା ନିଅନ୍ତି ଟିକିଏ ବିଶ୍ରାମ

ଦେଶହିତ ପାଇଁ ଭୁଲିଛନ୍ତି ଯେ ସବୁ ସ୍ୱାର୍ଥ ନିଜର

ଅନେକ ଆଖିରୁ ଲୁହ ବୁହାଇଛି

ଆପଣା ଠାରୁ ଆପଣାକୁ ଦୂର କରିଛି

ବିନା ଦ୍ୱିଧାରେ ଯେମିତି ଖୁସି ଆଗରେ

ସେ ପାଚେରୀ ସାଜିଛି ହଁ ସେ ପାଚେରୀ ସାଜିଛି...

ହଁ ଆଉ ଟିକିଏ

ଅପେକ୍ଷା ଧୈର୍ଯ୍ୟର ସହିତ

ଏ ସମୟ ବି ଚାଲିଯିବ

ଉଦୟ ହେବ ଏକ ନୂତନ ସୂର୍ଯ୍ୟ

ନୂଆ ଆଲୋକରେ ପୁଣି ସବୁରି ଓଠ ହସିବ..

ନା ହାରିଛି କେବେ

ହାରିବ ଭାରତ

ଯେବେ ରହିଥିବ ହାତ ଉପରେ ସବୁରି ହାତ

କୋରନା ପରି ଅନେକ ଭୂତାଣୁ

ଆସିଲେ ବି ହେବେ ପରାଜିତ...

ହଁ କେବଳ ପରାଜିତ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାରୀ



ରବିନ୍ଦ୍ରନାଥ
ବାହିନୀପତି

କରୋନା ରୂପକ ମହାମାରୀ ପାଇଁ
ସଭିଏଁ ତ ଆତଙ୍କିତ
ସେହି ରୋଗପାଇଁ ଔଷଧ ତ ନାହିଁ
ଚକିତ ସାରା ଜଗତ ।
ମାରାତ୍ମକ ରୋଗ ଅଟେ ଏ କରୋନା
ନେଉଅଛି ସେ ଜୀବନ
ସଚେତନ ଆଉ ସତର୍କିତ ରୁହ
ଅଛ ଯେତେ ସର୍ବଜନ ।
ହାତ ଧୋଉଥିବା ଖାଇବା ପୂର୍ବରୁ
ଭଲଭାବେ ସାବୁନରେ
ସାନିଟାଇଜର ବ୍ୟବହାର କର
ସତର୍କ ହୁଅ ଯେ ବାରେ ।
ଶାକାହାରୀ ଖାଦ୍ୟ ଖାଉଥିବା ଆମେ
ଆମିଷଠୁ ଦୂରେ ଥିବ
ମହାମାରୀ ଆମ ପାଖେ ପଶିବନି
ଭୂତାଣୁର କ୍ଷତି ହେବ ।
ସାରା ବିଶ୍ୱକୁ ତ କବଳିତ କରି
ରଖିଛି ଟି ଏ ଭୂତାଣୁ
ଅତିକ୍ଷୀପ୍ର ବେଗେ ମାଡ଼ି ଚାଲିଅଛି
ସତେ ଏକ ପରମାଣୁ ।
ମୁହଁରେ ବାନ୍ଧିଲେ ରୁମାଲ ମାସ୍କ
ହେବ ନାହିଁ ସଂକ୍ରମଣ
କରୋନା ଦାଉରୁ ବଞ୍ଚିଯିବା ଆମେ
ମୃତ୍ୟୁ ହେବ ନାହିଁ ଜାଣ ।
ନମସ୍କାର ଆମେ କରୁଥିବା ସତେ
କରିବାନି ଆଲିଙ୍ଗନ
ବିପଦ ମୁଖରୁ ବଞ୍ଚିଯିବା ଆମେ
ଭୂତାଣୁ ହେବ ନିଧନ ।
ପରିଷ୍କାର ଆଉ ପରିଚ୍ଛନ୍ନ କରି
ପରିବେଶଟି ରଖିବା
କରୋନା ଆମର କରିବନି କ୍ଷତି
ସୁସ୍ଥ ହୋଇ ଯେ ରହିବା ।

ଭ୍ରାମ୍ୟଭାଷ : ୯୯୩୭୬୮୧୪୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଖ ସୌଦାଗର



ଅନାମ ଚରଣ ସାହୁ

ଧରଣୀ ମାଆର ମନରେ ଉଚ୍ଛ୍ୱାସ
ପରିବେଶ ପରିଷ୍କାର
ବିହଙ୍ଗ କାକଳି ସୁଖ ଦିଏ ପୁଣି
ଦୁଃଖ ହରି ହୃଦୟର ।
ଗାଡ଼ି ମଟରର ବିକଟାଳ ଶବ୍ଦ
ଶ୍ରୁତିକି ନଶୁଭେ ଆଉ
ମାନବ ମନର ଗର୍ବ ଅହଙ୍କାର
ସାଜୁନାହିଁ ପରା ଦାଉ ।
କଳକାରଖାନା ବିଷ ମିଶା ଧୂଆଁ
ଅନେକ ଯାଇଛି କମି
ପଲିଥିନ ଥଳି ପ୍ଲାଷ୍ଟିକ ଓ ଜରି
ବକ୍ଷେ ନପାରେ ସେ ଜମି ।

ପଶୁପକ୍ଷୀ କୁଳ ଆନନ୍ଦେ ବିହାର
କରୁଛନ୍ତି ଯେଝା ମତେ
ଅଜା ଆଇ କୋଳେ ବସି ଉଲ୍ଲାସରେ
ଶିଶୁ ଶୁଣେ ଗପ କେତେ ।
ଅସରା ଆନନ୍ଦ ମନେ ପରିପୂର୍ଣ୍ଣ
ବାପା ମାଆ ବଡ଼ ଖୁସି
ବିଦେଶରୁ ପୁଅ ବୋହୂ ଉପସ୍ଥିତ
ହସ୍ତେ ସତେ ସ୍ୱର୍ଗ ଶଶୀ ।
ସୁଖ ଜୁଆରରେ ମନ ଭାସିଉଠେ
ଅଗଣା ଉଠିଛି ପୁରି
ସ୍ମୃତି ସାଉଁଟୁଛି ପଣତରେ ମାଆ
ବାସି ପାଇଟିକୁ ସାରି ।

ବିଭୁତିପୁର, କାକଟପୁର, ପୁରୀ
ମୋ-୯୯୩୭୨୦୬୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୃଥିବୀ ମୁହଁରେ ତୁଣ୍ଡି



ନାରାୟଣ ଚନ୍ଦ୍ର ସେନାପତି

ଓଲେଇ ଗାଈର ମୁହେଁ କେବେ ଥିଲା
ହଳୁଆ ବଳଦ ମୁହେଁ
ଆଜି ଏ ପୃଥିବୀ ମୁହଁରେ ତୁଣ୍ଡିଟା
ସଚେତନ ବାର୍ତ୍ତା କହେ ।

କି ବେଳ ହେଲା ଏ କି କାଳ ହେଲା
ଆସିଛି ଏ ମହାମାରୀ
ରାସ୍ତାଘାଟ ସବୁ ଖାଁ ଖାଁ କଲାଣି
ଗଢ଼ିଦେଲା ଶୁନ୍ୟପୁରୀ ।

ଚୀନ୍ ରୁ ଜାତ ଏ ବିଷାକ୍ତ ଭୁତାଣୁ
ଆଖିକୁ କେବେ ଦିଶେନା
ଛୁଇଁଲେ କି ପାଖେ ବସି କଥାହେଲେ
ଆସି କରେ ତନାଘନା ।

ହାତର ଚର୍ମରେ ଲୋମମୂଳେ କେବେ
ସନ୍ଧିରେ ରହେ ଜାବୁଡି
ବିନା ଲିକୁଇଡ଼ ହ୍ୟାଣ୍ଡ ୱାସରେ ସେ
ଯାଏନା ସେ ସ୍ଥାନ ଛାଡି ।

ଛିଙ୍କିଲେ କାଶିଲେ କିବା କଥାହେଲେ
ଅନ୍ୟର ଦେହକୁ ଡିଏଁ
ସେଥିପାଇଁ ପରା ତୁଣ୍ଡି ବାନ୍ଧିଦେଲେ
ବସି ସେ ଲୁହ ଝରାଏ ।

ଚୀନ୍ ରୁ ଇଟାଲି ପୁଣି ଆମେରିକା
ଭାରତ ଜର୍ମାନ୍ ଧାଏଁ
ପୃଥିବୀର ସବୁ ସ୍ଥାନ ଭ୍ରମିସିଏ
ଯନ୍ତ୍ରଣାର ସ୍ୱାଦ ଦିଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ଭୁତାଣୁ ନାସାପଥରେ ପହଁଚି
ଗଳାରେ ପହଞ୍ଚି ଯାଏ
ଫୁସଫୁସକୁ ଯାଇ  କେତେ ଖେଳ ଖେଳି
ଜୀବନକୁ ମାରି ଡିଏଁ ।

ଯେତେ ଜ୍ଞାନୀ ଶ୍ରେଷ୍ଠ ପାରିଲେନି ଗଢି
ଔଷଧ ଚିକିତ୍ସା ପାଇଁ
ସରକାର ପ୍ରଭୁ ଆମ କଥା ଭାବି
ରଖିଛି ଘରେ ଲୁଚେଇ ।

ମୁହେଁ ଦେଇ ତୁଣ୍ଡି ମାନିଲେ ସରାଗେ
ରଖି ସାମାଜିକ ଦୂରତା
ଏ ଦୁଷ୍ଟ ଭୂତାଣୁ ମାଡିବନି ପାଖ
ଆମେ ହୋଇବା ବିଜେତା ।

ଲକଡାଉନ ସଙ୍ଗେ ସଟଡାଉନରେ
ପୃଥିବୀ ପିନ୍ଧିଛି ତୁଣ୍ଡି
କରୋନା ଭୁତାଣୁ ଦାଉରୁ ଆମକୁ
ରକ୍ଷାକର ଗଡ଼ଚଣ୍ଡୀ ।

ଜମ୍ବୁରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜ୍ୱାଇଁପୁଅ ତୁମେ କ'ଣ କଲ ?



ସତ୍ୟବାନ ନାୟକ

ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ
କରୋନା ଭୂତାଣୁକୁ ସାଥିରେ ଧରି
ବିଦେଶୁ ଘରକୁ ଫେରିଲ
ସାରା ଓଡିଶାରେ କରୋନାକୁ
ଛାଡି ବଢାଇ ତ ଦେଲ ।।

ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ
ଦିଲ୍ଲୀରୁ ଫେରିଲ ବଙ୍ଗରୁ ଫେରିଲ
ପୁଣି ଫେରିଲ ସୁରତରୁ
ନିଜ ଦେହେ ବୋହି ଆଣିଲ ଧରି
କରୋନାକୁ ଦେଶ ବିଦେଶରୁ ।

ସରକାରୀ ନିୟମ ଟିକେ ନ ମାନିଲ
ଲୁଚି ଲୁଚି ପଳାଇ ଆସିଲ
କ୍ୱାରାନଟ୍ଟାଇନରେ ନ ରହିଲ
ଖୁଲମ ଖୁଲା ଚାରିଆଡେ ବୁଲିଲ ।।

ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ
ବିଦେଶରେ ରହି ହାତ ଯୋଡିଲ
ଖାଇବାକୁ ନ ପାଇ ତୁମେ କାନ୍ଦିଲ
ସରକାର ତୁମକୁ ଜ୍ୱାଇଁପୁଅ ଭାବିଲେ
ଶଶୂର ଘରକୁ ପାଛୋଟି ଆଣିଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶଶୂର ଘରକୁ ଜ୍ୱାଇଁପୁଅ ତୁମେ ଆସିଲ
ଘରେ ଦଣ୍ଡେ ନ ରହି ବାହାରେ ବୁଲିଲ
ରାଜମହଲରେ ରହି ଟିକଟକ କରିଲ
ଖାଇବା ଖାଦ୍ୟ  ଫୋପାଡି ଦେଲ  ।।

ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ

ନିଜେ ତ ମରୁଛ ଅନ୍ୟକୁ ମାରୁଛ
ନାହିଁ ତୁମ ମନେ ଟିକେ ଡର
କରୋନା ପାଇଁ ସାରା ବିଶ୍ୱ
ଆଜି ହୁଏ ଖାଲି ଥରହର  ।

ଯେତେ ବୁଝାଇଲେ ତୁମେ କି ବୁଝୁଛ
ଅମାନିଆ ଅବଲୋକରା ହଉଛ
ଜାଣିଶୁଣି ତୁମେ ଏମିତି କରୁଛ
ନିଜ ପାଇଁ ନିଜେ ଗାତ ଖୋଳୁଛ  ।।

ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ

ଶଶୂର ଘରେ ତୁମେ କୁଣିଆ ନ ହେଲ
ଆସୁ ଆସୁ ରଙ୍ଗ ଦେଖେଇ ଦେଲ
ନିଜ ପାଇଁ ନିଜେ ଟିକେ ନ ଭାବିଲ
ମଶାଣିକୁ ଯାଇ ନିଜ ନାଁ'କୁ ଲେଖିଲ  ।।


ଜ୍ୱାଇଁପୁଅ ତୁମେ କ'ଣ କଲ
ଜ୍ୱାଇଁପୁଅ ତୁମେ କ'ଣ କଲ  ??

କୋଡଗମ୍ଭୀର,ଚଣ୍ଡିଗାଁ,ଚରମ୍ପା,ଭଦ୍ରକ
ମୋ-୮୫୯୯୮୮୫୮୫୭
ଇମେଲ - satyabannayak1995@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ତୁଳନ



ନିବେଦିତା ଜେନା

ନଭଶ୍ଚୁମ୍ବୀ ଅଟ୍ଟାଳିକାରୁ ଜରାଜୀର୍ଣ୍ଣ କୁଟୀର
ପର୍ଯ୍ୟନ୍ତ ସମସ୍ତ ମାନବ ଜାତି ଆଜି ଭୟ
ଆଉ ଆଶଙ୍କାରେ ଉଦବିଗ୍ନ,
ବିଜୁଳିର ଉଜ୍ଜ୍ୱଳ ଆଲୋକ ବି
ତାର ମନର ଅନ୍ଧାରକୁ ଦୂର
କରିବାରେ ଅସମର୍ଥ
ସବୁ ଅତ୍ୟାଧୁନିକ ସାଧନ ବି
ଆଜି ଖୋଜି ପାଉନି ତାର
ସମାଧାନ.....
ଅପର ପକ୍ଷରେ ଜୀବଜଗତ ଫେରି ପାଇଛି
ତାର ମୌଳିକ ଅଧିକାର ଟିକକ
ଜୁଳୁଜୁଳିଆ ପୋକ ଆଜି
ତାର କ୍ଷୀଣ ଆଲୋକରେ
ଖୋଜି ପାଇଛି ତାର ଅସ୍ତିତ୍ୱ
ପ୍ରଜାପତିର ଡେଣାରେ
ଆଜି ଅନେକ ରଙ୍ଗ.....

ତରାଜୁର ଏକ ପାର୍ଶ୍ୱରେ
ମଣିଷ ଶିଖୁଛି ନିଜ ଇଛାକୁ
ବଶ କରିବାର କୌଶଳ
ଆଉ ଏକ ସରଳ ସାଧାରଣ
ଜୀବନର ଉପାଦେୟତା .....
ତରାଜୁର ଅପର ପାଶ୍ୱରେ
ପ୍ରକୃତି ସଜୁଛି ନୁଆ ସବୁଜିମାରେ
ପ୍ରଦୂଷଣ ମୁକ୍ତ ପୃଥିବୀ
ଫେରି ପାଇଛି ତାର
ନୈସର୍ଗିକ ସୌନ୍ଦର୍ଯ୍ୟ
ସତେ ଯେମିତି ଏହି ସନ୍ତୁଳନର
ଅପେକ୍ଷା ଥିଲା ମା ଧରିତ୍ରୀ.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେଉଁଦିନ



ପ୍ରକାଶ ଚନ୍ଦ୍ର ପଣ୍ଡା

କେଉଁଦିନ ଆମ ଭାଗ୍ୟ ଆକାଶରେ
ନୂତନ ସୂରୁଜ ଉଇଁ
ସକାଳ କଅଁଳ କିରଣ ସ୍ପର୍ଶରେ
ପିଣ୍ଡ ନୂଆ ପ୍ରାଣ ପାଇ ।
ଖୁସିର କାକଳି ପ୍ରକମ୍ପିତ ହେବ
ବିହଙ୍ଗେ ଯିବେ ଗାଇ
ଏଡାଳୁ ସେ ଡାଳ ଉଡ଼ିଯିବେ ଆଜି
ଆନନ୍ଦେ ବିଭୋର ହୋଇ ।
କଳାବାଦଲର ଘନ ଅନ୍ଧକାର
ଆଜିବି ଆକାଶେ ଭାସି
ଦୁଃଖ ଯାତନାରେ ଘାଣ୍ଟୁଅଛି ସର୍ବେ
ସଭିଙ୍କ ହୃଦୟେ ପଶି ।
କଟୁନାହିଁ ଦିନ ବିତୁନାହିଁ ରାତି
ସେଇ ଗୋଟେ କଥା ନିତି
ସକାଳରୁ ସନ୍ଧ୍ୟା, ସନ୍ଧ୍ୟାରୁ ସକାଳ
ସେଇ ଗୋଟେ ପୁଣି ଭୀତି ।
ଛୋଟିଆ ଗୋଟିଏ ଭୁତାଣୁର ଦାଉ
ଛଡ଼ାଇ ଦେଇଛି ନିଦ

ସଭ୍ୟତାର ଚକ ଗଡୁନାହିଁ ଆଉ
ପାଉନି ବିଜ୍ଞାନ ଭେଦ ।
ଖାଁ ଖାଁ ଲାଗେ ଗାଁ ଦାଣ୍ଡ ଆଜି
ଶୁଭୁନି କେଁ କଟର
ରାସ୍ତାଘାଟ ଆଜି ଫାଙ୍କା ଫାଙ୍କା ଲାଗେ
ଦିଶୁନି ଗାଡ଼ି ମଟର ।
ସତେକି ମାନବ ସ୍ଥାଣୁ ପାଲଟିଛି
ଦିଶୁନି ବଞ୍ଚିବା ରାହା
କିଂକର୍ତ୍ତବ୍ୟ ସେ ବିମୁଢ଼ ସାଜିଛି
ହୋଇବ କେ ତାର ସାହା ।
ବେଶି ନୁହେଁ ଦୂର ଏ ଅମା ଅନ୍ଧାର
ଭାଗ୍ୟ ଆକାଶରେ ଆମ
ନୂଆ ସକାଳର ନୂଆ କିରଣରେ
ହସିବ ଏ ଧରାଧାମ ।

କଲ୍ୟାଣପୁର, ଭୂଇଁପୁର, ପାଣିକୋଇଲି, ଯାଜପୁର
ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମମତା ଦିଦିର ଭକତ



ଶିଶିର କୁମାର ପଣ୍ଡା

ଦୁଇ ତିନିଥର ରାତିରେ କାଶିଲି
ପୁଲିସି ଡାକିଲା ଭାରିଯା
ଆଉ ପାଞ୍ଚଜଣ ଡକେଇ କହିଲା
ଫଇସାଲା ଆଜି ସାରିଯା' ।
ବାଡ଼ିପଶା କଲିକତାରୁ ଆସିଚି ,
ମମତା ଦିଦିର ଭକତ
ଯେତେ କହିଲେ ବି ପରୀକ୍ଷା କରୁନି
ଯାଇକି କଫ କି ରକତ ।
ଆସିଲା ଦିନରୁ ଜର ହେଉଥିଲା
ଅଣ୍ଟାପିଠି ଥିଲା ଦରଜ

ମାଇପ ସୁହାଗେ ଆସିଲା ପଳେଇ
କରି ଯାଇଥିଲା କରଜ ।
ମନା କରୁଥିଲି ଆସନା ଘରକୁ
ଆଉ କେଇଦିନ ରହିଥା'
ମୋ କଥା ନ ଶୁଣି ପଳେଇ ଆସିଲା
ହନୁମୁହାଁ ଏଇ ଘଇତା ।
ପଜିଟିଭ୍ ଯଦି ବାହାରିବ ଏବେ
ସବୁ ଯିବୁ କ୍ୱାରେଣ୍ଟାଇନି
ଏଇ କଥା ଭାବି କାଲି ରାତିଠାରୁ
ଦାନା ମୋ ପେଟକୁ ଯାଇନି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ : ୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିନ୍ତା, ଚେତନାରେ... କରୋନା



ଚନ୍ଦ୍ରକାନ୍ତ ଜେନା

‘କରୋନା’ ଆସିଛି...

ନିସ୍ତବ୍ଧତା, ନିରବତା, ଛାଇଯାଇଛି

ଚାରିଆଡ଼େ ଶୁନଶାନ, ନିଶ୍ଚଳ ଜନସମାଜ

ସ୍ଥାଣୁ ପାଲଟିଛି, ଯେମିତି ସବୁକିଛି ।

‘କରୋନା’ ଆସିଛି...

ଚେତଉଛି, ହେ ମଣିଷ...

ପ୍ରକୃତିକୁ କ୍ଷତବିକ୍ଷତ କଲ

ସୁରକ୍ଷା ବଦଳରେ ଖିନଭିନ କରିଦେଲ

ଏବେ ଦେଖ, ସେ ଉଦ୍ଦାମତାର ରୂପକୁ

‘କରୋନା’ ଆସିଛି...

ସାରା ବିଶ୍ୱକୁ କରିଛି ଧରାଶାୟୀ

ସବୁ ଆଡ଼େ ହାହାକାର...

ଏ କି ଅଟ୍ଟହାସ୍ୟ, ତାଚ୍ଛଲ୍ୟ ! !

ସୃଷ୍ଟିର ଶ୍ରେଷ୍ଠ ମଣିଷ ଆଗରେ !

ମୁଁ ‘କରୋନା’ ଆସିଛି...

ମହାମାରୀର ଡିଣ୍ଡିମ ପିଟି ଲେଉଟି ଯିବି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିପର୍ଯ୍ୟୟର ତାଣ୍ଡବ ରଚି, ମେଲାଣି ନେବି

'ହେ ମଣିଷ' ଏତିକି ଅନୁରୋଧ ରଖିବି

ପ୍ରକୃତିକୁ ତା ବାଟରେ, ବଞ୍ଚିବାକୁ ଦିଅ...

ଆଉ ନିଜ ଜୀବନକୁ ବଞ୍ଚେଇ ରଖ ।

ମୁଁ 'କରୋନା' ଆସିଛି...

ସାଲୁଟ୍ କରୁଛି ତୁମର ପାରିବା ପଣିଆକୁ

'କରୋନା ଯୁଦ୍ଧ'ରେ ଲଢୁଥିବା ଜାଗ୍ରତ ପ୍ରହରୀଗଣଙ୍କୁ

ହାରି ମୁଁ ଯାଉଛି ସତ...

କିନ୍ତୁ....

ଚେତନାର ଗଭୀରତାରେ ନିଜକୁ ପରଖ ତୁ

ମୁଁ 'କରୋନା' ଆସିଛି...

ଶୁଣ, ପ୍ରକୃତିକୁ ପୁଣିଥରେ ରାଣୀକରି ସଜେଇ ଦେ ତୁ

ଏହାର ସୁରକ୍ଷାପାଇଁ ବଜ୍ର ଶପଥ ନେ ତୁ...

ଧ୍ୱଂସମୁଖୀ ପରିବେଶରେ ପରିବର୍ତ୍ତନ ଆଣ ତୁ...

ଶାନ୍ତି, ମୈତ୍ରୀର ସ୍ୱର୍ଗୀୟ ଭାବକୁ ତୋର

ବ୍ୟାପକ କର, ନ ହେଲେ ... ପୁଣି ! ! !

ତୋ ଚିନ୍ତା, ଚେତନାରେ 'କରୋନା'ଠୁ ଶିଖ ତୁ

ସାରା ବିଶ୍ୱକୁ 'ଏକ ପରିବାର' ଭାବ ତୁ

ହିଂସା ଦ୍ୱେଷ, ଗର୍ବ, ଅହଙ୍କାର କାଳିମାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟରୁ, ସବୁଦିନ ପାଇଁ ଧୋଇ ଦେ ତୁ

ଦେଖ... ପୁଣି କେମିତି ସବୁ ଏକାଠି ହେଲେଣି

ପରିବାରରେ ହସଖୁସିର ମାହୋଲ ତିଆରି ହେଲାଣି

ପୁରାତନ ସଂସ୍କୃତି, ପରମ୍ପରା ଜାଗି ଉଠିଲାଣି

ହେ ମଣିଷ, ତୁମେ ଶ୍ରେଷ୍ଠ ? ? ?

ତୁମ ଶ୍ରେଷ୍ଠତାର ପରିଚୟ ଦିଅ...

ଜାଗି ଉଠ, ଆଉ ଶୁଅନା

ସତର୍କ ହୁଅ, ସଚେତନ ହୁଅ

ନ ହେଲେ... ଆଉ ନିସ୍ତାର ମିଳିବନି

ମୁଁ 'କରୋନା' କହୁଛି...

ଶେଷଥର ଭାବିବାର ବେଳ ଆସିଛି

ଏବେ ବି ସମୟ ଅଛି

ଆଉ ଡେରି କରନା...

ଚିନ୍ତା, ଚେତନାରେ ପରଖ ତୁ... 'କରୋନା' ।

ଶିକ୍ଷକ, ପୁରୁଷୋତ୍ତମପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦେଶୁ ଭାଇ ମୋ ଫେରିଛି



ତପନ କୁମାର ବାରିକ

ବିଦେଶରୁ  ଫେରି ପାଠୁଆ ଭାଇ ମୋ
ଏବେ ଗାଆଁ ମୁହାଁ ହେଇଛି ।
ଭୁଲି ଯାଇ ଥିଲା ଗାଁ ମାଟି ମାଆ
ଏଠି ବି ମଣିଷ ରହୁଛି ।।
ଏବେ ପା କରୋନା ତଡୁଛି
ଘନ ଘନ ଡର ମାଡୁଛି ।
ଯେଉଁ ଗାଁ ଦିନେ ଗନ୍ଧହେଉ ଥିଲା
ଆଜି କିଆ ଫୁଲ ପରି ବାସୁଛି ।
*ବିଦେଶୁ ମୋଭାଇ ଫେରିଛି ।।*

ହାଏ ବାଏ କରି ଘର ଛାଡି ଥିଲା
ଆଜି ସେ ନମସ୍କାର କରୁଛି ।
ନିମ୍ବ ତୁଳସୀକୁ ହତାଦର କରେ
ଆଜି ଖୋଜି ଖୋଜି ଖାଉଛି ।
*ବିଦେଶୁ ଭାଇ ମୋ ଫେରିଛି ।।*

ହାତେ କମ୍ପୁଟର ସାଥେ ଖାନାପିନା
ସାଜୁ ଥିଲା ଆଛା ବିଦେଶୀ ।
ଛଥର ନଥର ହାତ ଧୁଏ ଏବେ
ବୋଧେ ଭାଇରସ ଚିନିତା ବଢିଛି ।
*ବିଦେଶୁ ଭାଇ ମୋ ଫେରିଛି ।।*

ଗାଇ ଗୋରୁ କହେ ଅଦରକାରୀ ସେ
ଏବେ ଗାଇ କ୍ଷୀର ପିଉଛି ।
ଘିଅ ଛେନା ପରି ଔଷଧ ଟୁଟୁକା
କଥା କେତେ ପଚାରୁଛି ।
*ବିଦେଶୁ ଭାଇ ମୋ ଫେରିଛି ।।*

ନାଲି ଚାହା ତାକୁ ବିଷ ପରି ଲାଗେ
ପିଉଥିଲା ସଫ୍ଟହାର୍ଡ୍ ଡ୍ରିଙ୍କସ୍ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜି ସେ ରଖିଛି ଗୋଲମରିଚ, ଅଦା
ସାଥେ ଲେମ୍ବୁ କିନ୍ତୁ ଫିଙ୍କ୍ସ ।
*ବିଦେଶୁ ଭାଇ ମୋ ଫେରିଛି ।।*

କୁକୁଡା ମାଉଁସ ନଖାଇଲେ କହେ
କେମିତି କେମିତି ଲାଗୁଛି ।
ସାଗ ମୁଗ ଛୁଇଁ ଅମୃତଭଣ୍ଡାର
ମୂଲ୍ୟ ବୋଧେ ବୁଝି ପାରିଛି ।
*ବିଦେଶୁ ଭାଇ ମୋ ଫେରିଛି ।।*

ପିଜା, ବର୍ଗର, ମ୍ୟାଗି, ଚାଓମିନ୍
ଫାଷ୍ଟ ଫୁଡ୍ ଖାଏ ଲୁଚି ।
ରୋଟି ପରଟା ଓ ଚୂଡା ମୁଢି ପିଠା
ଖାଏ ଏବେ ଜାଣି ଖୁସୀ ।
*ବିଦେଶୁ ଭାଇ ମୋ ଫେରିଛି ।।*

ଫିଲ୍ମ ସପିଙ୍ଗ୍ ନିଶା ଭାଙ୍ଗି ଗଲା ବୋଧେ
ପାର୍କ ଛାଡି ମନ୍ଦିରେ ବସିଛି ।।
ଘରେ ପୂଜା ହେଲେ ଭାରି ବାଧେ ତାକୁ
ଆଜି ହୋମ ଯଜ୍ଞ କଥା କହୁଛି ।
*ବିଦେଶୁ ଭାଇ ମୋ ଫେରିଛି ।।*

କିଏ କହୁ ପଛେ କରୋନା ଖରାପ
ମୁଁ କିନ୍ତୁ ସଠିକ ବୁଝିଛି ।
ମତଗର୍ବ ଅହଂ ଭାଙ୍ଗିବା ପାଇଁ କି
ପ୍ରଭୁ ନୂଆ ଖେଳ ରଚିଛି ।
*ବିଦେଶୁ ଭାଇ ମୋ ଫେରିଛି ।।*
*ବିଦେଶୁ ଭାଇ ମୋ ଫେରିଛି ।।*

ଲୁଙ୍ଗା, ବାସୁଦେବପୁର, ଭଦ୍ରକ ୭୫୬୧୨୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ



ଉର୍ମିଳା ଦାସ

ସମୟ ଶିଖାଇ ଦେଲା
ଦୂରତ୍ୱର ନିବିଡ଼ ପଣକୁ
ନିଜେ ଜୀଇଁ ଅନ୍ୟ ପାଇଁ ଚିନ୍ତା କରିବାକୁ
ବିନା ସ୍ୱର୍ଷରେ ଆଉଁଷି ଦେବାକୁ ।।

ଶୁଆକୁ ଶିଖାଇଲା ପରି
ନିତି ଶିଖାଇଲା
ବୃକ୍ଷେ ଥାଇ ଓଲଟ ପାରାଟା ଛୁଉଁନି ବୃକ୍ଷକୁ
ଆଷାଢୁଆ ସାରୁପତ୍ର ଛୁଉଁନି ତ ଧାରାଶ୍ରାବଣକୁ
ସରସୀଜ ପଦ୍ମପତ୍ର ପରି
ଜଳ ଠାରୁ ଦୂରେ ରହିବାକୁ ।।

ସମୟ ଶିଖାଇ ଦେଲା
ବସ୍ତୁବାଦୀ ମନଟା କୁ ଘର ଧରିବାକୁ ।
ଆକାଶକୁ ମୁଣ୍ଡ ଟେକିଥିବା ଶାଖାପ୍ରଶାଖାକୁ
ଭାବିବାକୁ ସେ ଏଇ ଧରାର ବୋଲି
ଆଉଥରେ ପଢି ନେବାକୁ
ନିଜର ଜନ୍ମ ଜାତକ କୁ ।।

ସମୟ କିନ୍ତୁ ଖୁବ ନାଚାର
ବୁଝାଇବାକୁ ଅବୁଝା ମନକୁ
ଯିଏ ନିତି ଘୂରୁଥାଏ ନିମିଷକେ ବିଶ୍ୱ ବ୍ରହ୍ମାଣ୍ଡକୁ
ସେ ତ ସମୟ କୁ ଚିତା କାଟି
ନିତି ଯାଏ ଅଗମ୍ୟ ବନକୁ
ଅମଡା ବାଟକୁ,ନିଷିଦ୍ଧ ହାଟକୁ
ସେ ତ କରୋନା ର ଧାର ଧାରେ ନାହିଁ ...
ଡରିବ କାହାକୁ ? ? ? ? ?

ଗୋକୁଳପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିବେଦନ



ଗୁପ୍ତେଶ୍ୱର ଚାନ୍ଦ

ନାରୀ ନୁହେଁ କେବେ ନରକର ଦ୍ୱାର
ଅସୀମ ଶକତିମୟୀ ।
ସ୍ନେହ ମମତାର ମୂର୍ତ୍ତିମନ୍ତରୂପ
ସିଏ ତ ମଙ୍ଗଳମୟୀ ।
ସ୍ରଷ୍ଟାଙ୍କ ସୃଷ୍ଟିର ଅମୂଲ୍ୟ ରତ୍ନ ସେ
ସରଗର ସୁଧା ଧାରା ।
ମାନବ ଜୀବନ ଚଲାପଥେ ସେ ତ
କୋମଳ ପୁଷ୍ପ ପାଖୁଡ଼ା ।
ସନ୍ତାନ ବତ୍ସଳା ପବିତ୍ରତା ସିଏ
ଶାନ୍ତି ଆଉ ଶୀତଳତା ।
ସତ୍ତ୍ୱଗୁଣ ତେଜି ବହି ତମଗୁଣ
ରଚେ ଧ୍ୱଂସର କବିତା ।
ସେ ମାତୃଶକତି ଆଗେ କରଯୋଡ଼ି
କରେ ମୁହିଁ ନିବେଦନ
ତାଣ୍ଡବ ଲୀଳାର ଦୟାକରି ମାଗୋ
ବେଗେ ହେଉ ଅବସାନ ।

ସମାସିଂହ, ଝାରସୁଗୁଡ଼ା
ଭ୍ରାମ୍ୟଭାଷ : ୭୬୮୩୮୪୧୦୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଜୁରୀ ଭିତରେ ସାରୀ



ଅନୁସୂୟା ମିଶ୍ର

ଯେବେଠୁ ଖୋଲିଛି ଆଖି
ସେବେଠାରୁ ହିଁ ଭଲପାଏ ସାରୀ
ତା'ରି ପଞ୍ଜୁରୀଟିକି
ସ୍ନେହର ପୁଟଦିଆ
ତାର ପ୍ରତିଟି କଡ଼ିକି
ଆକଟରେ ଅଣଆଉଜା
ପଞ୍ଜୁରୀର ଦୁଆରଟିକି ବି,
ସାରୀର ଇଚ୍ଛାସବୁ ବି ଠିକ ତା'ରି ପରି
ଅଝଟ ହୁଅନ୍ତିନି କେବେ
ଧାଇଁ ଯାଆନ୍ତିନି କେବେ
ପଞ୍ଜୁରୀର ପରିଧିକି ଟପି ।

କେବେ କେମିତି
ନିଡ଼ଫେରନ୍ତା କେହି କେହି ଆସି
ଖୁବ୍ ଫୁସୁଲାଫୁସୁଲି କରନ୍ତି ସାରୀକି,
ବିଞ୍ଚି ଦିଅନ୍ତି ଅକୁଣ୍ଠ ଆତ୍ମୀୟତା
ପଞ୍ଜୁରୀର ସେପାଖେ ଥାଇକି,
କୁହନ୍ତି, ତା ଦୁନିଆଠାରୁ ବି
ଅଧିକ ସୁନ୍ଦର କିଛି ଗୋଟେ ଅଛି
ତାକୁ କାଳେ 'ଆକାଶ' ବୋଲି କୁହନ୍ତି ।

ଚହଲି ଯାଏ ସାରୀ
ଅବାଧ୍ୟ ହୋଇ ଉଠନ୍ତି ତାର ଡେଣାଦୁଇଟି
ପଞ୍ଜୁରୀର ଚାରିକାନ୍ଥକୁ ଡେଇଁ
ଲମ୍ବି ଯାଏ ତାର ଦୃଷ୍ଟି.....
ହଜିଯାଏ ସାରୀ
ଆକାଶର ଅନ୍ତହୀନତାରେ କିଛିକ୍ଷଣ ଲାଗି
ସତରେ ତ.....
କେତେ ସୁନ୍ଦର ଏଇ ଆକାଶ... ! !
କେତେ ସର୍ତ୍ତହୀନ ତାର ଆମନ୍ତ୍ରଣ... ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଉଦାର ବି ବିଶାଳ ତାର ବକ୍ଷ... ! !

ହେଲେ.....

ଅନନ୍ତ ଏଇ ଅସୀମତାରୁ

ସିଏ କଣ କେବେ

ସାଉଁଟି ଆଣିପାରିବ ନିଜକୁ... ! !

ଆଙ୍କି ଦେଇ ପାରିବ

ଆପଣାପଣର ପରିଧିଟିଏ....

ଏକାନ୍ତ ନିଜର କରି

ବେଢ଼େଇକି ଧରିପାରିବ ସାରୀକୁ... ! !

ନାଃ.....

ଆଖି ଫେରାଏ ସାରୀ

ଆହୁରି ନିବୁଜ୍ କରିନିଏ ନିଜକୁ

ଆହୁରି ଭଲପାଇ ବସେ

ତା'ରି ପଞ୍ଜୁରୀଟିକୁ

ଆଉ ସେଇ ପଞ୍ଜୁରୀର ପ୍ରତିଟି କଡ଼ିକୁ  ।

ଅନୁସୂୟା ମିଶ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱମାତା



ଦେବାଶିଷ ସାହୁ

(ରାଗ - ଶଙ୍କରାଭରଣ)

ତ୍ରିଲୋକ ବନ୍ଦିନୀ ମା ଗୋ ମହିଷାମର୍ଦ୍ଦିନୀ
ଜୟମାତା, ବ୍ରହ୍ମା ବିଷ୍ଣୁ ହର ପ୍ରସବିନୀ
ସୃଷ୍ଟି, ସ୍ଥିତି ସଂହାରିଣୀ
ପରମବ୍ରହ୍ମରୂପିଣୀ ମହିଷତାରିଣୀ - ୦

ସର୍ବରୂପେ ସର୍ବ ଘଟେ ବିରାଜିଛୁ ତୁହି
ଧର୍ମ ସଂସ୍ଥାପନା ପାଇଁ ଆସିଲୁ ଓହ୍ଲାଇ
ଭବେ ମୋ ଦୁଃଖ ବଢ଼ଇ
ତୋର ଶ୍ରୀଚରଣ ବିନା ଆନଗତି ନାହିଁ - ୧

ମହିଷ ତାରିଲୁ ମହାଲକ୍ଷ୍ମୀ ଅବତାରେ
ଦୁର୍ଗତି ହରିଲୁ ଦଶଭୂଜା ରୂପରେ
ତୋର ପରି କେ ହେବରେ
ତୋର ନାମ ଜପି ପାପି ଭବାବ୍ଧିରୁତରେ - ୨

ଶୁମ୍ଭନିଶୁମ୍ଭ ଧ୍ୱଂସିନୀ, ତୁହି ବିଶ୍ୱମାତା
ଦୁଃଖ ମୋ ଶୁଣ, ମହୀରେ ହେଲିଣି ହିନସ୍ତା
କହୁଅଛି ସତ କଥା
ତୁହି ଅଟୁ ଦେବାଶିଷର ନିତ୍ୟବନ୍ଦିତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ଆକାଂକ୍ଷା
ଅରୁଣିମା ସାହୁ

କେବେ ରକ୍ତଗର୍ଭା, ସର୍ବଂସହ୍ୟା ପୁଣି
ସ୍ନେହୀ ପାଳିନୀ ଜନନୀ
କହେ ନାହିଁ କିଛି, ସହିଯାଏ ସବୁ
ମା ମୋ ପ୍ରିୟ ସଙ୍ଗିନୀ ।

ଏନ୍ତୁଡ଼ିଶାଳରୁ ଜୀବନର ପଥଯାଏଁ
ତା ହାତଧରି ଚାଲୁଛି
ବସୁଧା ପରି ସେ ଉଦାର ହୃଦୟେ
ସବୁ ଦୁଃଖ ସାଇତିଛି ।

ତା ହାତରନ୍ଧା ଅମୃତ ମୋ ପାଇଁ
କୋଳରେ ତାହାରି ଘର
ସ୍ୱେଦଭିଜା ସେଇ ପଣତ ଯେପରି
ବଡ଼ ଦେଉଳର ନେତ ମୋର ।

କାୟା, ଜାୟା ପୁଣି ଭଗିନୀ ରୂପରେ
କର୍ତ୍ତବ୍ୟ ନିତି ପାଳଇ,
ସମୟ, ବୟସ ବିଚାର ନ କରି
ନିତି ସ୍ନେହମମତା ଢାଳଇ ।

ସଂସାରର ସବୁ ଦୁଃଖକୁ ଆଦରି
ଖଟୁଛି ସେ ଦିନ ରାତି
ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରିଦେଇ
କର୍ତ୍ତବ୍ୟରେ ସଦା ବ୍ରତୀ ।

ତା ବୁକୁ ଅମୃତ, ଦେହେ ମୋ ରୁଧୀର
ପ୍ରାଣେ ଭରିଦିଏ ଆଶା
ତା ଓଠରେ ହସ ଭରି ପାରିଲେ ମୁଁ
ଟିକେ ମେଣ୍ଟିଯିବ ମୋର ତୃଷ୍ଣା ।

ସୁମାଣ୍ଡି, ଶଙ୍ଖତ୍ରାସ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ରାଜେନ୍ଦ୍ର ବୋଡ଼କିଆ

ମାଆ ଗୋଟେ ଏମିତି ଶବ୍ଦ
ଯାହାକୁ ଡାକିଦେଲେ
ପ୍ରତିଧ୍ୱନି ଖେଳିଯାଏ
ମାଟିରୁ ଆକାଶ ଯାଏଁ ।

ଯିଏ କି ନିଜେ ନ ଖାଇ
ଆମକୁ ଖୁଆଏ
ଯିଏ କି ନିଜେ ଦୁଃଖରେ ଥାଇ
ଆମକୁ ଖୁସି ଦେଇଥାଏ ।

ଆମର ସବୁ ଅଳି ଅଝଟକୁ
ହସି ହସି ସହିଯାଏ
ସେ ହେଉଛି ମାଆ.... ।

ଦୁନିଆର ସବୁ ହସଖୁସି
ଆମକୁ ଦିଏ ଅଜାଡ଼ି
ପୃଥିବୀ ପରି ତାର
ସହିବାର ଶକ୍ତି ଅଛି
ସ୍କୁଲ ଗଲେ ନ ଖାଇ
ଅନାଇ ରହିଥାଏ
ଆସିଲେ ଗେଲ କରି
ଆମକୁ ଖୁଆଏ
ଆମର ସବୁ ଭଲମନ୍ଦ
ସେ ବୁଝିଥାଏ
ଟିକେ ରୁସିଗଲେ
ଗେଲ କରି ବୁଝାଇଥାଏ
ସେ ହେଉଛି ମାଆ.... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆ ବିନା ଏ ଦୁନିଆ

ଅନ୍ଧାର ହୋଇଥାଏ

ବାପାବିନା ଏ ଜୀବନ

ଅନ୍ଧାର ହୋଇଥାଏ

ଦୁହେଁ ଗୋଟିଏ ମୁଦ୍ରାର

ଦୁଇ ପାର୍ଶ୍ୱପରି

ଭାଗ୍ୟରେ ଥିଲେ ମିଳିଥାଏ

ମାଆ ବାପାଙ୍କ ସ୍ନେହ ଶ୍ରଦ୍ଧା

ଧନ୍ୟ ତୁମେ ଈଶ୍ୱର

ମୋତେ ଦେଇଛ ମାତାପିତା

ପ୍ରାର୍ଥନା କରେ କି ମୁଁ

ସବୁ ଜନମରେ ହେବି ତାଙ୍କ ପୁତ୍ର ।

ପୃଥିବୀ ପୃଷ୍ଠର ପ୍ରଥମ ଆଲୋକ

ଦେଖିଅଛୁ ଯାହାପାଇଁ

ମନର ଆବେଗ ନ କହିବା ପୂର୍ବରୁ

ବୁଝିଥାଏ ଯିଏ ମନର କଥା

ପାଦରେ ମୋର କଣ୍ଟା ଫୁଟିଗଲେ

ଯାହା ଛାତିରୁ ଯାଏ ରକତ ଝରି

ମା ରୂପେ ସେ ହେଲେ ଅତୁଳା

ଦେବତା ତୁଲ୍ୟ ହୃଦୟ ତାର ।

ମାତ୍ର ସେ ଥାଏ ମୋ ଚେତନାରେ

ପୁଣି ସେ ଥାଏ ମୋ ବେଦନାରେ

ସେ ଥାଏ ମୋ ପ୍ରାର୍ଥନାରେ

ସେ ସମଗ୍ର ସତ୍ତାକୁ ଆଲୋକିତ କରେ

ପୃଷ୍ଠ ଭାଗରେ ଠିଆ ହୋଇଥିବା ଦେବୀଟିଏ

ସେ ହେଉଛି ମାଆ... ।

ଯୁକ୍ତ ତିନି ଦ୍ୱିତୀୟବର୍ଷ କଳା (ଓଡ଼ିଆ ବିଭାଗ)

ସରକାରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ,

ଭବାନୀପାଟଣା

କଦଳୀମୁଣ୍ଡା, ଧର୍ମଗଡ଼, କଳାହାଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷା



ସୁବାସ ଚନ୍ଦ୍ର ମୁଦୁଲି

ପ୍ରାପ୍ତିରେ ଯଦି ହଜି ଯାଏ

ପ୍ରତୀକ୍ଷାର ମୁଲ

ତେବେ,

ପ୍ରାପ୍ତି ମୋର ଲୋଡ଼ା ନାହିଁ

ପ୍ରତୀକ୍ଷାରେ ବିତିଯାଉ ସମଗ୍ର ଜୀବନ

ଜନ୍ମରୁ ଜରା

ଆଉ ପୁନଃଜନ୍ମରେ ବି

ଆଖିରେ ମୋ ନାଚୁଥାଉ

ଅରୂପ ସ୍ୱରୂପ ରୂପ

ଲିଭିଯାଉ କ୍ଷଣିକର

ବାସନା ମୋହର ।

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର
ମୋ - ୯୪୩୭୭୮୦୫୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସୀମାହୀନ ତମ ମନ



ଡା ନୀଳମାଧବ କର

ନୂଆ ଜୀବନର
ପ୍ରଥମ ଜନ୍ମଦିନରେ
ତମ ପାଇଁ
ତମ ସ୍ୱପ୍ନର ଘର
ସଜଉଛି ମୁଁ
ମୋ ହୃଦୟରେ ।
.
ସେ ଘରର ଝରକାରୁ
ଜଂକିମାରି ଦେଖୁଛି ମୁଁ
ତମ ମନର ରଂଗରେ ରଂଗା
ଆକାଶ ପରେ ଆକାଶ
ଦିଗବଳୟ, ଓ ତା ଆରପଟ
ବିଚିତ୍ର ଏ କୁହୁକ ଦୁନିଆ
.
ପରଦା ପଛରୁ
ତମ ନିଶ୍ୱାସରେ
ଅନୁଭବ କରୁଛି ମୁଁ
ତମ ନିବେଦନ, ତମ ଇଛା,
ତମ ଉତ୍ସାହ –
ଉଡିବାକୁ,
ଉଡ଼େଇବାକୁ ମୋତେ
ଲଂଘିବାକୁ ପୃଥିବୀର ମାୟା ମୋହ
ଭାଂଗିବାକୁ ଯେତେକ ବନ୍ଧନ ଏଠି
ଜୀବନର -
.
ଜିତିବାକୁ ସକଳ ବ୍ରହ୍ମାଣ୍ଡ
ତମ ପାଇଁ
ମୋ ପାଇଁ

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଦ



ଶ୍ରୀକ୍ଷେତ୍ର ସୁନ୍ଦର

ଆମ ପାଇଁ ସ୍ୱାଧୀନତାର ମହତ୍ତ୍ୱ କେତେ ?

ଏହା ନିହାତି ଏକ ବ୍ୟକ୍ତିଗତ ପ୍ରଶ୍ନ

ତେବେ ସେ ଯାହା ହେଉ

ଜନ୍ମରୁ ପରାଧୀନତାର ସ୍ୱାଦ ଚାଖିନଥିବା,

ଉତ୍ତରାଧିକାର ସୂତ୍ରରେ ସ୍ୱାଧୀନତା ପାଇଥିବା

କିନ୍ତୁ ନିଜ ଅଧିକାର ପ୍ରତି ବେଶ ସଚେତନ

ମଣିଷ ଆମେ

ନା ଆମେ ୧୮୫୭ର ସଙ୍ଘର୍ଷ ଦେଖିଛୁ ,

ନା କଳାପାଣିର ବର୍ବରତା ସହିଛୁ ,

ନା ଜଲ୍ଲିଆଁୱାଲାବାଗରେ ଗୁଳି ଖାଇଛୁ ,

ନା ଦେଶ ବିଭାଜନର ଯାତନା ସହିଛୁ

ଏସବୁ ଆମକୁ ଗୋଟିଏ ଗୋଟିଏ ରୋଚକ

କାହାଣୀ ପରି ଲାଗେ ନୁହେଁ ?

ଯାହାକୁ ଶୁଣି ଆମେ ରୋମାଂଚିତ ତ ନିଶ୍ଚିତ

ଭାବେ ହେଉ

ରକ୍ତ ଗରମ ବି ହୁଏ

କିନ୍ତୁ , ଠିକ ଶ୍ମଶାନ ବୈରାଗ୍ୟ ପରି ........

M.Mus , M.Phil

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ - ୯୦୯୦୨୭୭୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶବ



ସରୋଜ ସାହୁ

ଦେହରୁ ବିଦେହ ହୋଇଗଲା
ସମଗ୍ର ଶରୀର,
ମୁକ୍ତ ହୋଇଗଲା ସଂସାର ବନ୍ଧନରୁ
କର୍ତ୍ତବ୍ୟ ଆଉ ସବୁ ଦାୟିତ୍ୱରୁ
ପଞ୍ଚଭୂତରେ ଲୀନ ହୋଇଗଲା ଆତ୍ମା ।
ବଞ୍ଚିବାପାଇଁ ହେଲେ ଗୋଟେ ଦେହ
ମୁଠାଏ ନିଶ୍ୱାସ ଗୋଟେ ଜୀବନ ଦରକାର
ହେଲେ ତା ପାଖରେ ତ କିଛି ନାହିଁ
ନିର୍ଜୀବ କାଠଗଣ୍ଡି ଭଳି ଯେଉଁ
ହାଡ଼ମାଂସର ପିଣ୍ଡୁଳାଟି
ଭୂମିରେ ପଡ଼ିରହିଛି ତାହା ହେଉଛି
ଗୋଟିଏ ମୃତ ଦେହର ଶବ ।

ସଧବା ନାରୀର ମଥାରେ ଦାଉ ଦାଉ ହୋଇ
ଜଳିଉଠୁଥିବା ସିନ୍ଦୁର ଟୋପାଟା
ପରିହାସ କରି କହୁଛି ହରାଇଥିବା
ନିଜର ପ୍ରଭୁତ୍ୱକୁ
କିଛି କ୍ଷଣରେ ଶାନ୍ତ ହୋଇଯିବ
ପରିବେଶର କୋଳାହଳ
ଜଳିଉଠିବ ମଶାଣୀରେ
ହୁତୁହୁତୁ ହୋଇ ନିଆଁ
ଦିଶିବ ଧୂଆଁମୟ ଆକାଶ ।

ଆଠଗଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକାକୀତ୍ୱ



ଅସୀମା ସାହୁ

ଆତ୍ମସ୍ତ ଦେହ
ଧ୍ୟାନମଗ୍ନ ମନ
ନିର୍ବିକାର ସମ୍ପର୍କ ସହ
ସଂଯୋଗ
ବେଳେବେଳେ ଭଲଲାଗେ

ଭଲଲାଗେ
ଅସ୍ତିତ୍ୱ ସହ ଯୋଗାଯୋଗ
ବିଚ୍ଛିନ୍ନ ହୋଇଯାଏ ବାହ୍ୟ
ଆଖି ମୁଦିଦିଏ ପ୍ରଶାନ୍ତ ମୁଖ

ମୁଁ ନୁହେଁ କାହାର
ନା କିଏ ମୋର...
ଭାରି ସ୍ଥିର
ମୋ ଭିତରେ ଏଥର

ଏ ସଂଯୋଗ
ଅନେକ ଦିନର
ସଂଘର୍ଷର ଶସ୍ୟ ଇଏ
କୋଳାହଳ ଭିତରେ ଦାନାବାନ୍ଧେ
ବଢ଼େ ଶକ୍ତ ହୁଏ

ମୁଁ କିଏ
କିଏ ମୁଁ ଏତକ ଚିହ୍ନିବାର
ସୂକ୍ଷ୍ମ କୌଶଳ ହିଁ
ସର୍ବଶ୍ରେଷ୍ଠ ପୁଞ୍ଜି ସେଇ ଶସ୍ୟ

ଜୀବନଯାକ
ସବୁକିଛି ସମର୍ପି ଦେବାପରେ
ଏବେ ତେଣୁ ଏକାନ୍ତ ଅନିବାର୍ଯ୍ୟ

ମୋତେ ମୁକ୍ତକର ଏଥର
ହେ ଈଶ୍ୱର....

ମଧୁବନ, ବାରିପଦା, ୭୫୭୦୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁପୂଜା



ଦେବରାଜ ମେହେର

ମୋ କୂର୍ତ୍ତା ପକେଟରୁ ଗୋଲାପ ଫୁଲଟେ
ଯେବେ ଆବିଷ୍କାର କଲେ ସିଏ,
ପଞ୍ଚମ ରାଗରେ ପଚାରିଲେ ଆସି
ଫୁଲଟା ତୁମକୁ ଉପହାର ଦେଲା କିଏ ?
ଉଗ୍ରରୂପ ତାଙ୍କ ଦେଖିଦେଲି ଯେବେ
ହଂସା ମୋର ଗଲା ଉଡ଼ି;
ଉତ୍ତର ଦେବାର ପୂର୍ବରୁ ପରା ସେ
ମୋ ଉପରକୁ ଗଲେ ମାଡ଼ି ।
ମହାବାତ୍ୟାରୂପୀ କରାଳ ରୂପଟା
ଦରଶନ କଲି ଯେବେ;
ମୁଣ୍ଡ ତାଙ୍କ ଛୁଇଁ ଶପଥ କରିଛି
ଗୋଲାପର ପାଖ ଆଉ ମାଡ଼ିବିନି କେବେ ।
ଗୁରୁ ପୂର୍ଣ୍ଣିମାରେ ଗୁରୁପୂଜା ବେଳେ
ପିଲା ଦେଇଥିଲେ ମାଳ;
ସେ ମାଳରୁ ଗୋଟେ ଖସି ପଡ଼ିଥିଲା
ସେଇଟା ହେଲା ମୋ କାଳ ।
କଅଁଳ ଫୁଲକୁ ପାଦେ ଦଳିଦେଇ
କରିଦେଲେ (ସିଏ) ନାରଖାର;
ଦାନ୍ତ କଡ଼ମଡ଼ କରି କହିଗଲେ
ତୋ ପାଇଁ କି ସତେ
ଭାଙ୍ଗିଯିବ ମୋ ପରିବାର ?
ରକତ ଚାଉଳ ଚୋବେଇଲା ପ୍ରାୟେ
କହିଲେ (ସିଏ) ଫୁଲକୁ ବାରମ୍ବାର
କିଏ ସେ ରମଣୀ ରଖିଥିଲେ ତୋତେ
କୁର୍ତ୍ତା ପକେଟରେ ମୋ ସ୍ୱାମୀର ?
ଆଜିଠୁ ଯଦି ତୁ ଛୁଇଁଥିବୁ ତନୁ
ସତ୍ୟବାନ ପ୍ରାୟ ମୋ ସ୍ୱାମୀର
ସେଇଦିନ ବୋଧେ ଶେଷଦିନ ହେବ
ତୋ ରସିକିଆ ପ୍ରେମିକର ।
ସେବେଠାରୁ ପରା ଗୋଲାପକୁ ଦେଖି
ମାଡୁଅଛି ମୋତେ ପ୍ରାଣେ ଡର
ଶପଥ କରିଛି ଗୁରୁପୂଜା ଦିନ
ଆଉ ପିନ୍ଧିବିନି କେବେ ଫୁଲହାର ।

ଦେବଭବନ, ଗୋହିରାପଦର, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ



ବାଦଲ ମହାରଣା

ଗୁରୁଙ୍କୁ ନ ମଣିବ ନର
ଗୁରୁ ହିଁ ସାକ୍ଷାତ ଈଶ୍ୱର ।

ସକଳ ମୁକ୍ତି ଗୁରୁଚରଣେ
ବଦ୍ରିକା ଯିବି କୋ କାରଣେ ।
ପ୍ରଥମ ଗୁରୁ ପିତାମାତା
ଦ୍ୱିତୀୟ ଗୁରୁ ଜ୍ଞାନଦାତା ।
ମନରେ ଆଲୋକକୁ ଯୋଡ଼ି
ଦିଅନ୍ତି ଅନ୍ଧକାର ଫେଡ଼ି ।
ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ
ଗଢ଼ିବା ଲାଗି ଭାରି ବ୍ୟସ୍ତ ।
ସ୍ୱଳ୍ପ ଦରମା ବେଶୀ କାର୍ଯ୍ୟ
କରନ୍ତି ଦେଇ ସବୁ ଧୈର୍ଯ୍ୟ ।

ସବୁ ସୁଖ ଦେଇ ଜଳାଞ୍ଜଳି
ଶିଶୁପାଇଁ ଦ୍ୟନ୍ତି ପୁଷ୍ପାଞ୍ଜଳୀ ।
ନାହିଁ ଲୋଡ଼ା ତାଙ୍କୁ ଯଶଖ୍ୟାତ
କେବଳ ଶିଶିର ଭବିଷ୍ୟତ ।
ଶିଷ୍ୟମାନଙ୍କୁ ନିବେଦନ
ଗୁରୁଙ୍କୁ ଦିଅ ସନମାନ ।
ଗୁରୁଙ୍କ ଆଶୀର୍ବାଦ ଥିଲେ
ରହିବ ସୁଖର କବଳେ ।
ଗୁରୁଙ୍କ ମନେ ଦେଇ କଷ୍ଟ
କେହି ରହିବି ତିଳେ ଶିଷ୍ଟ ।
ଗୁରୁ ଶ୍ରେଷ୍ଠ ଗୁରୁ ପରମେଶ୍ୱର
ବାଳକେ ସନମାନ କର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓମ୍ ସାଇ



ଜ୍ଞାନରଞ୍ଜନ ଦେ

ମୁଁ ଡାକୁଅଛି ଏଠି ସାଇ.....
ତୁମେ ବସି ଅଛ ସେଠି କାହିଁ ।
ପୁଟପର୍ତ୍ତିରେ ତୁମେ ବାସ କର ସାଇ
ମୋ ମନ ମନ୍ଦିରେ ବାସ କର ସାଇ ।
ପୁଟପର୍ତ୍ତିରେ ସେହି ଚିତ୍ରାବତୀ ନଦୀ
ମୋ ମନ ସାଗରେ ତୁମ ଛବି ଅଛି ।
ମୁଁ ଡାକୁଅଛି ଏଠି ସାଇସାଇ....
ତୁମେ ଜମା ଶୁଣୁନାହଁ କାହିଁ ।।
ତୁମର ସେହି ସତ୍ୟବାଣୀ
ସଭିଏଁ ଚାଲନ୍ତି ସଦା ଶୁଣି ଶୁଣି ।
ଅବତାରି ପୁରୁଷ ହେ ସତ୍ୟସାଇ
କେଉଁ ଜନ୍ମେ ତୁମେ ସିରିଡିସାଇ ।

ଅଜ୍ଞାନ ଚକ୍ଷୁରେ ଦିଅ ଜ୍ଞାନାଲୋକ
ଅନ୍ଧାରରେ ପୁଣି ଜାଳ ଯେ ଆଲୋକ ।
ମୁଁ ଡାକୁ ଅଛି ଏଠି ସାଇସାଇ....
ତୁମେ ଜମା ଶୁଣୁନାହଁ କାହିଁ ।।
ଲୁହେ ଦେବି ଧୋଇ ତବ ପାଦପଦ୍ମ ଦୁଇ
ହୃଦୟ ପୁଷ୍ପେ ତୁମକୁ ସଜେଇବି ସାଇ ।
ତୁମରି ବିହୁନେ ଭଲ ଲାଗୁନାହିଁ
ଅଧିର ଏ ମନ ତବ ଦର୍ଶନ ପାଇଁ ।
ଆଶୀର୍ବାଦ କର ହେ ସତ୍ୟସାଇ
ତୁମରି ଆଶିଷ ସଦା ସର୍ବଦା ପାଇଁ ।
ମୁଁ ଡାକୁଅଛି ଏଠି ସାଇସାଇ....
ତୁମେ ଜମା ଶୁଣୁନାହଁ କାହିଁ ।।

ମୟୁରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିବ ନିଶ୍ଚୟ ପ୍ରଭୁ



ପରମାନନ୍ଦ ରାଜହଂସ

କହିଥିଲ ଶାସ୍ତ୍ରଗାରେ
ଆସିବାକୁ ଶେଷେ ।
ଏ ଯେତେ ଅଶାନ୍ତି କିବା
ନୟନେ ନ ଦିଶେ ।
ସତ୍ୟ, ଶାନ୍ତି, ନ୍ୟାୟ, ପ୍ରେମ
ଗଲାଣି ତ ସରି
ଆଉ କେବେ ଆସିବ ହେ
ମୋ ପ୍ରଭୁ ମୁରାରୀ ?
କାହିଁଗଲା ଦୟା କ୍ଷମା
ପ୍ରଭୁ ଏ ଜଗତେ ।
ମଣିଷ ହୃଦୟୁ କିବା
ନ ଜାଣ କି ସତେ ?
ସାଜଇ ମନୁଷ୍ୟ ପଶୁ
ଅଇଶ୍ୱର୍ଯ୍ୟ ଦେଖି ।
ନିତି ଧରମ ଦୁଆରେ
ମାରୁଛନ୍ତି ଆଖି ।

ଟଙ୍କା ସୁନା କୋଠା କରି
ଅଛି ଯେ କିମିଆ ।
ହସୁଛି ସବୁଠି ସ୍ୱାର୍ଥ
ଏ ସାରା ଦୁନିଆ ।
ଭୁଲିଗଲେଣି ସେନେହ
ମମତାର ବାଣୀ ।
ଏମିତି କି ବାପାମାଆ
ଭାଇ ଓ ଭଉଣୀ ।
ସଦା ଭାଳି ମରୁଛନ୍ତି
କହି ମୋର ମୋର ।
ମରିବା ପାଇଁ କି ଏତେ
ମାୟାର ବେଭାର ।
ଦେଖି ନ ଦେଖିଲା ପରି
ରହିଅଛି କିଆଁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳକି ରୂପେ ପ୍ରକାଶ

ଦେଖୁ ଏ ଦୁନିଆ ।

ଜାଳିବାକୁ ପାପତାପ

ପାପୀଙ୍କର ହସ

ଆସିବ ନିଶ୍ଚୟ ପ୍ରଭୁ

ମୋର ପୀତବାସ ।

ମହାବୀରଧାମ

ଭ୍ରାମ୍ୟଭାଷ : ୮୯୧୭୭୬୮୭୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାନ୍ଥଶାଳା



ଜନ୍ମେଜୟ ପଣ୍ଡା

ହୃଦୟର ଏଇ ପାନ୍ଥଶାଳାରେ
ଥରେ ଅତିଥି ହେଇ ତୁ ଆ
ମୁହଁଠାରୁ ତୋର ସ୍ୱଚ୍ଛ ମୋ ହୃଦୟ
ଥରେ ଦେଖି ଦେଇ ଯା ।
ଜୀବନଟା ମୋର ଫିକା ଫିକା ଲାଗେ
ଦିନେ ନ ଦେଖିଲେ ତତେ,
ବର୍ଷା ବିନା ଏଇ ଚାତକ ପକ୍ଷୀଟି
ଜୀଇଁ ପାରିବ କି ସତେ ।
ଜହ୍ନରେ କଳଙ୍କ ଥାଇପାରେ ହେଲେ
ତୋ ଠାରେ ନାହିଁଲୋ କଳଙ୍କ ଟୋପା
ଜହ୍ନ ତୋ ପରି କେବେ ହେଇପାରିବନି
ତା ଠାରୁ ପରା ତୁ ଅଧିକ ତୋଫା ।
ହୃଦୟ ବଦଳେ ହୃଦୟ ମାଗୁଛି
ଏଇ ହୃଦୟର ପ୍ରେମ ପାଇଁ
ତୁମ ଛାତିତଳେ ହୃଦୟଟେ ଥିଲେ
ମତେ ହୃଦୟରୁ କାଢ଼ିବ ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଦ



ଚନ୍ଦ୍ରେଶ୍ୱର ସନବର୍ଷିଆ

ଅତୀତ ଯାଇଛି

ଯାଇଛି ସେଇ ସ୍ୱାଦ

ବର୍ତ୍ତମାନ ରେ ଖୋଜୁଛି

ମୋର ଭବିଷ୍ୟତ !

ଅବୁଝା ମନ

କୋମଳ ହୃଦୟ ଏ

କେମିତି ରହିବି ଶାନ୍ତ

ଖୋଜୁଥାଏ ସିନା ସ୍ୱାଦ । ।

ଖୋଜିବିନି କାହିଁକି

ଦେଇଛ ତୁମେ ଏତେ

ନିରନ୍ତର ମଧୁ

ପ୍ରେମ ଚିରନ୍ତନ ।

ଦେଖିଛି ସେ ସ୍ମିତ ହସ

ଗର୍ଭ ଧାରଣର

ପ୍ରତି ଦିନେ, ପ୍ରତି ମାସେ

ପାଇଛି ଅଗଣିତ ଓଠ ସ୍ପର୍ଶ । ।

କ୍ଷଣ ମୁହୂର୍ତ୍ତ ଆତୁର ଥିଲ

କୌତୁହଳ ଭରା

ଭୂମିଷ୍ଠ ଦିନ

ହେଲ ଲକ୍ଷ୍ମୀବନ୍ତ ।

ସେଇ ଦିନୁ ମୋର

ଆଖି ନାକ ଓଠ

ଶରୀର ପ୍ରତି ଅଙ୍ଗ

ଦେଖି ହୁଅ ବିଭୋର । ।

ଦୁଇ ଗାଲ କପାଳ

ସ୍ନେହ ଭରା ଓଠ

ସ୍ପର୍ଶରେ ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତି ଆତୁର ।

କୋଳେଇ କାଖେଇ

ନାଚ ଗୀତରେ

ଝୁମେଇ ଦେଉଥିଲ

ଏଇ ତ ସେଇ ସ୍ୱାଦ ।।

ମୁଁ ଥିଲି ଗେଲ୍‌ହି,

ରୂପା ଧନ ସୁନା ଧନ

ଖାଇବା ପିଇବା ଭୁଲି

କରୁଥାଅ ଆଲିଙ୍ଗନ ।

ଗର୍ବ ଭରା କାହାଣୀ

ମୋର ଅଙ୍ଗ ଭଙ୍ଗୀରେ

ପ୍ରଥମ ଥରଟି

ପରିଚୟ ବାପା ମାଆର ।।

କାଖେଇ କୋଳେଇ

ନାଚ ଟିକକ ପାଇଁ

ବଡ଼ହେବା ହେଲା ବାହାନା

ଲାଗୁଛି ଇଏ ଛଳନା ।।

ମୁଁ ବି ବଢ଼ିଛି

ଏଇ ଛଳନାରେ

ଅଶ୍ରୁ ମୋର ଦେଖି ପାରନା

ସ୍ୱାଦ ପାଇବାର ଏ ବାହାନା ।

କେତେ ଦିନ ବଞ୍ଚିବ

ନାଟକ ମୋର

ସ୍ୱାଦ ଟିକିଏ ପାଇଁ

ଭୁଲୁଛି ଆଜି ସେ ସବୁ

ଆଉ ମୋତେ କିଛି କୁହନା ।।

ଓହଃ ! କି ସ୍ୱାଦ

ଦେଖୁ ଦେଖୁ ଅତୀତ

ବର୍ତ୍ତମାନରେ ମୁଁ

ଭବିଷ୍ୟତ ଅଦେଖା ।

ପ୍ରାଥମିକ ଶିକ୍ଷକ
କେନ୍ଦ୍ରୀୟ ବିଦ୍ୟାଳୟ ନଂ ୬, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନୋଟି ପାହାଚ



ସଞ୍ଜୟ କୁମାର ଜେନା

ଶୁନଶାନ ନିଛାଟିଆ ରାସ୍ତାରେ
ଏକା ଏକା ଚାଲୁଥିବା
ନିଃସଙ୍ଗ ପଥିକଟିଏ ମୁଁ ।
ମୋ ଚାଲିବାର ଅନ୍ତ ନାହିଁ
ତଥାପି ଚାଲୁଛି
ଚାଲୁଥିବି ଏକା ଏକା
କାହାରି ପ୍ରତୀକ୍ଷାରେ ।

ଶୁନଶାନ ନିଛାଟିଆ ରାସ୍ତାରେ
ଚାଲୁଥିଲି ଏକା ଏକା
କେଉଁ ଏକ ଅଜଣା ମୁହୂର୍ତ୍ତେ
ତୁମେ ଆସି ସାଥୀହେଲ ।
କଥା ନେଲ କଥା ଦେଲ
ମୋ ସହ ପାଦ ମିଶେଇ
ଚାଲିବାକୁ ପଣ କଲ
କିନ୍ତୁ, କାହିଁକି କେଜାଣି
ଛାଡ଼ିଦେଇ ଚାଲିଗଲ
ଜୀବନର ଦୋଛକି ରାସ୍ତାରେ ।

ଶୁନଶାନ ନିଛାଟିଆ ରାସ୍ତାରେ
ଅଖୋଜା ଅଲୋଡ଼ା ନିଃସ୍ୱ ପଥିକଟିଏ ମୁଁ
ଲୁହ ଟୋପେ ଗଡ଼ାଇ ଦେବାକୁ
ମୋ ପାରୁଶେ କେହି ନାହିଁ
ସ୍ୱାର୍ଥପର ଦୁନିଆରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ ଓ ସୁତା



ଅଲେଖ ମେହେର

ଫୁଲ ଆଉ ସୁତା ଉଭୟେ ଦିନେ କଲେ ଲଢ଼ାଇ
ଉଭୟ ଦେଖାନ୍ତି ନିଜର ଭାଉ ଆତ୍ମ ବଡ଼ାଇ ।
କୁସୁମ କୁହଇ ଗରବେ ତତେ କିଏ ପଚାରେ
ଅପରୂପା ସୁନ୍ଦରୀ ରୂପେ ମୁହିଁ ଗଣା କ୍ଷିତିରେ ।
ଏକାକୀ ବିଭୁଙ୍କ ଚରଣେ ବୈଦୁର୍ଯ୍ୟ ସମ ଆଭା
ଛୁଟଇ ଅମୀୟ ସୁବାସ ଆହା କି ମନ ଲୋଭା ।
ପ୍ରେୟସୀ ଗଭାରେ ଲଗାଏ ପ୍ରଫୁଲ୍ଲିତ ପ୍ରେମିକ
ଅନ୍ତିମ କାଳରେ ଲାଗଇ ନର ହେଲେ ମୃତକ ।
ସର୍ବଜନମନ ହରଣେ ଅଟେ ସୁଧା ସଦୃଶ
ସନ୍ତାପ କରଇ ମୋଚନ ମୁଖେ ଦେଇ ହରଷ ।
କାହିଁ କରୁ ଏତେ ଗରବ ଆରେ ଗରବୀ ଫୁଲ
ରୂପଅଛି ବୋଲି ଭାବିଛୁ ତୁ କି ଅମୂଲ ମୂଲ ।
ଅଦୃଷ୍ଟ ରଜ୍ଜୁର ଶକତି ଜଣା ନାହିଁଟି ତୋର
ବିବିଧ କୁସୁମ ମାଳାରେ ଗୁନ୍ଥା ଏ ତିନି ପୁର ।
ଏକଠୁ ଆରେକ ଜିଣଇ ବାସ ସୁମନୋହର
ସେନେହ ସୁତାରେ ଆବଦ୍ଧ ଧରିତ୍ରୀ ଓ ଅମ୍ବର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ବିନା ମାଳାର ମହତ୍ତ୍ୱ ଥରେ କର କଳ୍ପନା

ବଡ଼ିମା ଭାବକୁ ବରଜି ଥରେ ହୁଅ ସୁମନା ।

ତୋର ମୋର ଭାବ ବନ୍ଧନେ ସାହି ରୂପସୀ ହୀରା

ହରିବା ସକଳ କଷଣ ହସି ଉଠିବ ଧରା ।

ସୋହେଲା, ବରଗଡ଼ା

ଭ୍ରାମ୍ୟଭାଷ : ୭୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିନ୍ଦୁ



ରାଜେଶ ରଥ

ବିନ୍ଦୁର ଏହି ଅନ୍ତିମ ସଂଯୋଗ ପ୍ରାଣ ଆଉ ପ୍ରାଣବନ୍ତ
ଆକୁଳ ମିନତି ଶୁଣ ହେ ପ୍ରଭୁ ଶ୍ରୀଯଶୋବନ୍ତ
ଆର୍ତ୍ତତ୍ରାଣ ପ୍ରଭୁ ଅନାଥର ନାଠ ନିଳାଦ୍ରି ନିଳାଚଳ
ବିପତ୍ତି ବକ୍ଷରେ ଜଡ଼ଜିତ ପ୍ରଭୂ ଆମେ ଅବୋଧ ଭକ୍ତ ତୁମ୍ଭର
ହେ ନିଳାଚ୍ୟୁତ ହେ ନିଳାମ୍ବର ରକ୍ଷାକର ରକ୍ଷାକର
ସୃଷ୍ଟିର ଏହି ଦୁଦୁମ୍ଭତାରେ ଆଜି ଆମ୍ଭ ହୃଦ ଥରହର
ଜଳର ପ୍ରକୋପ ଆଶା କ୍ଷୀଣ ଆମ୍ଭେ ସାମାନ୍ୟ ଇତର
ସୃଷ୍ଟିଧର ତୁମ୍ଭେ ସୃଷ୍ଟିକରତା ଗୋବିନ୍ଦ-ନୀଳମାଧବ
ଆଶାବାଦୀ ହୋଇ ପଡ଼ିଅଛୁ ପ୍ରଭୂ ଆମ୍ଭଙ୍କୁ ତୁମ୍ଭେ ଉଦ୍ଧାର
ପ୍ରଭୂ ଆମ୍ଭଙ୍କୁ ତୁମ୍ଭେ ଉଦ୍ଧାର ।
କୋଟି ନମସ୍କାର କୋଟିଏ ପ୍ରଣାମ ହେ ପ୍ରଭୂ, ଶଙ୍ଖଚକ୍ର ଗଦାପାଶ
ଅଜ୍ଞାନ-ଅଧମ ହେ ପ୍ରଭୂ ଆମ୍ଭେ ଆମ୍ଭ ପାପ କ୍ଷମାକର
ପ୍ରଭୂ ଆମ୍ଭ ପାପ କ୍ଷମାକର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରବିବାର



ମଞ୍ଜୁରାଣୀ ମିଶ୍ର

ରବିବାର
ସ୍ମୃତିର ସହର
ଚା କପ୍‌ର ଅପେକ୍ଷା
ଝରକା ସେପଟେ
ଏକା ଏକା ଚଢ଼େଇର ସ୍ୱର
ଅଧାଲେଖା ଡାଏରୀର କିଛି ଇସ୍ତାହାର
ନିରୁତା ଦୁଃଖକୁ ପିଇଯାଉଥିବା ବୟସ
ପର୍ଯ୍ୟାଲୋଚିତ ଅପୂର୍ଣ୍ଣ ଇତିହାସ
କଡ଼ ଲେଉଟାଏ ଜୀବନ
ସକାଳ ଖରାରେ ଚିକ୍ ଚିକ୍
ଅନୁଚ୍ଚାରିତ ଶବ୍ଦ ମାନଙ୍କ ସମ୍ଭାଷଣ

ରବିବାର
ପୁରୁଣା ଦିନମାନଙ୍କ ସମ୍ମୋହନ
ଫେରି ଚାହୁଁଥିବା ବସନ୍ତ
ଆଉ ପ୍ରଜାପତିର ଆଲିଙ୍ଗନ
ବୋହୁଚୋରୀ ଖେଳ ନଈକୂଳ ଆମ୍ବତୋଟା
ମାମୁଁଘର ଗାଁ ଗହଳ ଚହଳ
ଆଦିମ ସ୍ୱପ୍ନରେ ଭିଜା ଭିଜା ମନ
ପଦ୍ମ ପୋଖରୀରେ ସ୍ନାନ
ଅକୁହା ସ୍ପନ୍ଦନ

ରବିବାର
ଆତ୍ମୀୟ ମୁହୂର୍ତ୍ତମାନଙ୍କ ସମର୍ପିତ ସ୍ୱର
ବାଲକୋନିରେ ଫୁଲଙ୍କର ଗପସପ
ପବନର ଅତୃପ୍ତ ପ୍ରଳାପ
ଝରାପରେ ମଉଳା ହସ
ଏଇ ଅଛି ଏଇ ନାହିଁ
ସମ୍ପର୍କର ପୂର୍ବାଭାସ
ମୁକୁଳି ପାରୁନଥିବା ମୁହୂର୍ତ୍ତମାନଙ୍କ ବ୍ୟୁହ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ କିଛି ଅବଶୋଷ

ସମୟର ବଳୟରେ ଖରା ଛାଇର ଧାଁଧଉଡ଼ ଖେଳ

କିଛି ଦୀର୍ଘଶ୍ୱାସ

ସବୁଦିନ ରବିବାର

ଅଜ୍ଞାତବାସର ଆସର

ଏକାକୀତ୍ୱ ଦ୍ୱୀପର ସଙ୍ଗୀତ ଆକସ୍ମିକ ଅନାହୁତ

ଭଙ୍ଗାରୁଜା ଅନୁଭୁତିର ମୀମାଂସା

ଧୁଆଁଘେରା ବିସ୍ମିତ ଉପତ୍ୟକା

ଭିନ୍ନ ଏକ ଫଳକର ଭାଷା ।

ହାଇଦ୍ରାବାଦ

ଭ୍ରାମ୍ୟଭାଷ : ୭୩୮୦୨୭୫୭୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଷଣଭଙ୍ଗୁର ଜୀବନ



ଶ୍ରୀ ରାଜଶେଖର
ସି 'ଚିମା'

ଏ କ୍ଷଣଭଙ୍ଗୁର ଜୀବନ କେତେ ଯେ ମୂଲ୍ୟବାନ,

ମନରେ ଥାଏ କେତେ ଯେ ଆକାଂକ୍ଷା ଅଭିମାନ,

ମିଳିବ ପୁଣି କେତେ ଯେ ସମ୍ମାନ ମାନ ଅପମାନ,

ସତତ ହୋଉ ଉଚ୍ଚତମ ବିଚାରର ଆଦାନପ୍ରଦାନ ।୧।

ଅନବରତ ଆଗକୁ ବଢ଼ି ଚାଲେ,

ନୂଆ ପରିଚୟ ଯେ ଗଢ଼ି ଚାଲେ,

ପଛରେ ସବୁ କିଛି ଛାଡ଼ି ଚାଲେ,

ଆଉ ନିଜ ଛାପଚିହ୍ନ ଛାଡ଼ିଚାଲେ ।୨।

ନାହିଁ ପ୍ରୟୋଜନ କରି ପ୍ରହସନ,

ପ୍ରଚେଷ୍ଟା ହୋଉ ଲକ୍ଷ୍ୟ ସାଧନ,

ପ୍ରାପ୍ତି ହୋଉ ଆତ୍ମସିଦ୍ଧି ଆତ୍ମଜ୍ଞାନ,

ଅନୁଭବ ଯେ ସର୍ବଶ୍ରେଷ୍ଠ ଅବଧାନ ।୩।

ସଙ୍ଘର୍ଷ ପ୍ରତିଦ୍ୱନ୍ଦ୍ୱିତାର ହୁଏ ଗମନାଗମନ,

ସଜୀବ ବ୍ୟକ୍ତିତ୍ୱର କରିବାର ଅଛି ଗଠନ,

ଶ୍ୱାସପ୍ରଶ୍ୱାସ କରନ୍ତିନି ଯେ ଅବକାଶ ଯାପନ,

କେବେ ବି ଆସି ପରେ ପରଲୋକର ଆହ୍ୱାନ ।୪।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଉ ତମେ



ଲିଟନ୍ କୁମାର ବେହେରା

ଶାନ୍ତ ବେଳାଭୂମିର ଉତ୍ତପ୍ତବାଲି ମୁଁ
ଅଶାନ୍ତ ସମୁଦ୍ରର ତୁମେ ଶୀତଳ ଲହରୀ
ନିଶବ୍ଦ ରାତ୍ରିର କଳା ଅନ୍ଧକାର ମୁଁ
ତୁମେ ସୁନେଲି ସନ୍ଧ୍ୟାର ରୂପେଲି ଜ୍ୟୋସ୍ନା - ୧

ମୁଁ ଭାବପ୍ରବଣ ଭାବୁକ ମାତ୍ର
ତୁମେ ମିଠା ମିଠା ଉଦାସୀ ସ୍ୱପ୍ନ
ମୁଁ ବୈଶାଖର ପ୍ରଚଣ୍ଡ ରୌଦ୍ରତାପ
ତୁମେ ବସନ୍ତର ମଳୟ ପବନ - ୨

ମୁଁ ଭ୍ରମରେ ଭମିତ ଭଅଁର ସାଥି
ତୁମେ ବାସ୍ନାଭରା ପୁଷ୍ପଭଣ୍ଡାର
ମୁଁ ଜୀବନ ଯମୁନାରେ ଉଠୁଥିବା ଜୁଆର
ତୁମେ ଲୁହପିଆ ଓଠରେ ହସର ଧାର - ୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହର ଶ୍ରାବଣ



ଅଶ୍ୱିନୀ କୁମାର

ଜୀବନଟା ମୋ
ପାଲଟି ଯାଇଛି ଶୂନ୍ୟସଡ଼କ ।
ଅଛି ଖାଲି ଅକୁହା ବେଦନା,
ନାହିଁ ପୁଲକ ନାହିଁ ମହକ ।।
ନିର୍ଜନତା ମୋ ଚିର ସାଥୀ
ଏଠି ପ୍ରତି ମୁହୂର୍ତ୍ତରେ
ଦୁଃଖ କଷଣ ।
ମୋ ସ୍ୱପ୍ନ ସବୁ ଧୋଇନେଲା
ଲୁହର ଶ୍ରାବଣ ।।

ତୁମ ହୃଦୟ ପ୍ରଦେଶରେ
ତୋଳିବାକୁ ପ୍ରେମର ସୌଧ ,
ସ୍ୱପ୍ନ ଦେଖିଥିଲ ।
ତୁମର ପ୍ରତିଟି କଥାକୁ
ବିଶ୍ୱାସ କରି
ପ୍ରେମର ମୂଳଦୁଆ ପକାଇଲି ।।

ହେଲେ ଭାଗ୍ୟର କି ବିଡମ୍ବନା ।
ଝଡର ରୁପ ନେଇ ମଳୟ ପବନ ,
ସ୍ୱପ୍ନ ସୌଧ କରିଦେଲା ଚୁନା ।।
କାହାକୁ ବା ଦେବି ଦୋଷ ।
ମନରେ ଖାଲି ଅବଶୋଷ ।
ଆଜି ନିଃଶବ୍ଦ ଶୁନଶାନ
ମୋ ବାତାବରଣ ।
ମୋ ସ୍ୱପ୍ନ ସବୁ
ଧୋଇନେଲା ଲୁହର ଶ୍ରାବଣ ।।

ଦିନେ ମୁକ୍ତାକାଶର
ପକ୍ଷୀଟିଏ ପରି
ପ୍ରେମର ରାଇଜରେ
ବସା ବାନ୍ଧିବାକୁ ଚାହିଁଥିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ବିଶ୍ୱସର ପୁଞ୍ଜିକୁ ପାଥେୟ କରି
ଝଡଝଞ୍ଜା କଣ୍ଟକିତ ରାସ୍ତାକୁ ଅତିକ୍ରମ କଲି ।
ତୃଷାର୍ତ୍ତ ପଥିକ ହୋଇ
ଯେବେ ଖୋଜିଲି ତୁମରି ସାନ୍ନିଧ୍ୟ ,
ତୁମେ ଦେଲ ନାହିଁ ଥରେ ଦେଖା ।
ସତେ ଯେମିତି ତୁମେ
ମରୁବାଲି ର ମରୀଚିକା ।।
ଆଜି ପଥଭ୍ରଷ୍ଟ ବିହଙ୍ଗ ପରି
ନିତି ଉଡ଼ିବୁଲେ
ଏ ଡାଳ ସେ ଡାଳ,
ଆଜି ନାହିଁ ମୋ ସ୍ଥାୟୀ ବାସସ୍ଥାନ ।
ମୋ ସ୍ୱପ୍ନ ସବୁ
ଧୋଇଦେଲା ଲୁହର ଶ୍ରାବଣ ।।

ଆଜି ମୁଁ ଜୀବନ ଯୁଦ୍ଧରେ
ହାରିଯାଇଥିବା ସୈନିକ ।
ଦିଗହରା ପଥିକ ।
ସ୍ୱପ୍ନହୀନ ପ୍ରେମିକ ।
ସତେ ଯେମିତି ମୁଁ
ତୁମ ପ୍ରେମର କଳଙ୍କିତ ନାୟକ ।।
କେଜାଣେ କାହିଁକି ପାଇଲି
ଏତେ ନିନ୍ଦା ଅପବାଦ ,
ଆଜି ବି ଖୋଜିବୁଲେ
ତାହାର କାରଣ ।
ମୋ ସ୍ୱପ୍ନ ସବୁ
ଧୋଇନେଲା ଲୁହର ଶ୍ରାବଣ ।।

ସହକାରୀ ଶିକ୍ଷକ
ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ ଚକଳାପଦର
ଝରିଗାଁ ନବରଙ୍ଗପୁର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବେ କେବେ ତୁମେ



ନିରଞ୍ଜନ ସାହୁ

କେବେ କେବେ ତୁମେ ଭାରି ମନେପଡ଼
କେବେ ଜମା ମନେ ପଡ଼ନା
କେବେ ସପନରେ ଧସେଇକି ପଶ
କେବେ ସପନରେ ଗଡ଼ନା ।

କେବେ ତ ତୁମକୁ ଦେଖିବାକୁ ମନ
ଡହଳ ବିକଳ ହୁଏ
କେବେ କଳ୍ପନାରେ ତୁମରି ଶେଯରେ
ଗୋପନେ ଯାଇ ମୁଁ ଶୁଏ
କେବେ ତଡ଼ିଦିଅ ଶୟନ କକ୍ଷରୁ
କେବେ ବି ଜମାରୁ ତଡ଼ନା ।

କେବେ ମୁଁ ପଠାଏ ମୋ ମନର ଭାଷା
ଚିଟାଉ ଦେହରେ ଲେଖି
କେବେ ମୁଁ ପାଗଳ ପରାୟେ ବୁଲଇ
ତୁମକୁ ନ ପାରେ ଦେଖି
କେବେ ପଡ଼ ତୁମେ ମୋ ପ୍ରେମ ଜାଲରେ
କେବେ ବି ଜମାରୁ ପଡ଼ନା ।

ନିହଲପ୍ରସାର, ଗନ୍ଧିଆପାଟଣା, ଢେଙ୍କାନାଳ -
୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଧନୀ ହେବି



ଦୁର୍ଯ୍ୟୋଧନ କରଡ଼ା

ମୁଁ ଧନୀ ହେବି, ମୁଁ ଧନୀ ହେବି

ସମସ୍ତ ଦେଶର ଟଙ୍କା ପଇସା ମୁଁ ବୋହିନେବି

ଅମେରିକା କଣ ଧନୀ କହୁଥିଲା ! ! ତା ନାଲିଆଖି ତାଡ଼ିଦେବି

ଏମିତି ତାକୁ ପାନେ ଚଖେଇବି, ପଚାଶବର୍ଷ ତଳକୁ ଠେଲିଦେବି ।

କଇଁ କଇଁ ଯେତେ କାନ୍ଦୁଥବ ସିଏ, ତାକୁ ବାରମଜା ଚଖେଇବି ।

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି ।।୧।।

ଦି'ଦିଟା ବିଶ୍ୱଯୁଦ୍ଧ ଗଲା ଯେ, ଥରେ ହେଲେ ହାରିଲାନି

ଇଂଲଣ୍ଡ, ଫ୍ରାନ୍ସ୍, ସ୍ପେନ, ଇଟାଲୀ ତାକୁ ଜମା ଛାଡ଼ିଲେନି

ଭାବୁଥିଲି ତାଙ୍କୁ କରୋନା ପଠେଇ ମାରିବିନି ମାରିବିନି

ଋଷ, ଜାପାନ, ଜର୍ମାନ ମୋ କଥା ଜମା ମାନିଲେନି

କୁଟନୀତି ତାର ରାଜନୀତି ତା'ର କେହି ହେଲେ ବୁଝିଲେନି

ସାରା ବିଶ୍ୱଟାକୁ କବଜା୍ କଲାଣି କେହି ହେଲେ ପାଟି ଫିଟେଇଲେନି

ମୁଁ ଭାବିଲି ଯା'ହେଉ ହେଲେ ଏଇ ମଉକାରେ ଛାଡ଼ିବିନି ଛାଡ଼ିବିନି

ଭୁଲ ବୁଝିବନି ହେ ବିଶ୍ୱବାସୀ ଇଚ୍ଛା ନ ଥିଲେ ବି,

ମାରୁ ମାରୁ ଆମେରିକାକୁ ତୁମକୁ ବି ମାରିଦେବି

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି ।।୨।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ସାମ୍ୟବାଦୀ ସେ ଗଣତନ୍ତ୍ର ମୁଖୁଡ଼ା ପିନ୍ଧା ସମ୍ରାଜ୍ୟବାଦୀ

ୟୁରୋପିଆନମାନେ ସାରାବିଶ୍ୱକୁ କରି ପରାଧୀନତାରେ ବନ୍ଦୀ

ଆମ ଏସିଆ ମହାଦେଶକୁ ଦାରିଦ୍ର୍ୟତାରେ ଶହଶହ ବର୍ଷ ରଖି ଛନ୍ତି

ବାଣିଜ୍ୟ କାରବାର ନାଁରେ ଦେଶଦେଶ ମଧ୍ୟରେ କଲେ ଅନେକ ପାବନ୍ଦୀ

ଜାତି ଧର୍ମ ବର୍ଣ୍ଣ ଫନ୍ଦିଫିକରରେ ଶୋଷଣକରି ଲୁଟୁଥିଲେ ଗଳିକନ୍ଦି

ତାତି ଉଠେ ରକ୍ତ ମୋର ମନଅଛି ମୋର ଏବେବି,

ଦାରିଦ୍ର୍ୟତାର କାଠଗଡ଼ାରୁ ଉଠିବି,

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି । ।୩ । ।

ଆଟମବମ୍ ପକେଇକି କି ମାରିଥିଲେ ମାରିଦେଲା ବୋଲି କହିଥାନ୍ତେ

ଯୁଦ୍ଧ କରିଥିଲେ ହୁଏତ ମୋ ବିରୁଦ୍ଧରେ ଏକଜୁଟ୍ ହୋଇଥାନ୍ତେ

ଚାଇନା ମାରିଦେଲା ମାରିଦେଲା ବୋଲି ହାଟବଜାର ସବୁଠି ଗପିଥାନ୍ତେ

ମେଡ଼ିଆବାଲା ଛଅକୁ ନଅକହି କେତେ କେତେ ଖବର ଛାପିଥାନ୍ତେ

ହାତରେ ନମାରି ଭାତରେ ମାରିବାର ଷଡ଼ଯନ୍ତ୍ର ଏମିତି କରିବି

ସେଥିପାଇଁ ବିଶ୍ୱବାସୀଙ୍କୁ ଶ୍ୱାସରୁଦ୍ଧ କରି ମାରିବି

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି । ।୪ । ।

ଦେଖୁଛ ତ ଉହାନରୁ କେମିତି କରୋନା ସାରା ବିଶ୍ୱେ ଶାଖା ମେଲିଦେଲା

ନା ଆମେରିକାର ସର୍ବଶକ୍ତିମାନ ଇଣ୍ଟେଲିଜେନସି ଉଇଙ୍ଗ୍ ଜାଣିଲା

ନା ବିକଶିତ ରାଷ୍ଟ୍ରବାଦିଆମାନେ ନା ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ବୁଝିପାରିଲା

ଜାହାଜରେ ପଠେଇଲିକି କି ଫ୍ଲାଇଟ୍‌ରେ ପଠେଇଲି କିଏ ଦେଖିପାରିଲା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ବୈଜ୍ଞାନିକ, ନା ଡ଼ାକ୍ତର, ଜ୍ୟୋତିଷ ରାଷ୍ଟ୍ରନାୟକ ଜନନାୟକ କିଏ ବୁଝିପାରିଲା

ଏମିତି ଗୋଳମାଳିଆ କରିଦେଲି ଯେ ସାରା ବିଶ୍ୱେ ପଡ଼ିଛି ତାଲା

କରୋନା ଭାଇରସ ଥଣ୍ଡା ଗରମ ନଦୀ ପାହାଡ଼ ଜଙ୍ଗଲ ସବୁଠି ପଶିଲା

ସହର ବଜାର ଗାଁ ଗଣ୍ଡା ଗଳିକନ୍ଦି ସବୁଠି ଚାଲଛି କରୋନା ପାଲା

ମୁଁ ଏବେ ଏ ସାରା ବିଶ୍ୱକୁ ମୋ ହାତମୁଠାରେ ରଖିବି

କାରଣ ମୁଁ ଧନୀ ହେବି, ମୁଁ ଧନୀ ହେବି ।।୫ ।।

ଏଇଟା ଗୋଟାଏ ଅତି ସାଧାରଣ କଥା

ବେପାର ମାନେ ଝିଣ୍ଟିକା ମାରି ବଣି ପୋଷିବା ରାସ୍ତା

ଚାଇନା ମାଲ୍ ଭାଇନା ସବୁଠୁ ଶସ୍ତା

ତେଣୁ ତ ସାରା ଜଗତ ରଖୁଛି ଆମ ଉପରେ ଆସ୍ଥା

ଲକ୍ଷଲକ୍ଷ କୋଟିକୋଟି ଡ଼ଲାର ଟଙ୍କାର ଏବେ ବେପାର କରୁଛୁ

କୋରନା ମୁକାବିଲା ପାଇଁ ଟେଷ୍ଟିଙ୍ଗ୍ କିଟ୍, ଡ୍ରେସ୍, ଜୋତା ସବୁ ତ ବିକୁଛୁ

ଆମେରିକା, ଇଂଲଣ୍ଡ ଫ୍ରାନସ୍, ସ୍ପେନ, ଜର୍ମାନୀ ସବୁ ଦେଶକୁ ଜିନିଷ ପଠାଉଛୁ

ହଁ ଆମେ କରୋନା ଉପଚାର ମେଡ଼ିସିନ୍ ଭେକସିନ୍ ବାହାର କରିଛୁ

ସେଥିପାଇଁ ତ ଗୋଟାଏ ମାସରେ ଲକ୍ଷାଧିକ କରୋନା ରୋଗୀଙ୍କୁ ଆରୋଗ୍ୟ କରିଛୁ

କିନ୍ତୁ ତା ମାନେ ନୁହଁ ଯେ ଏତେଶୀଘ୍ର ଔଷଧ ଭେକ୍ସିନ୍ ଦେଇଦେବୁ କି ଭାବିଛୁ ?

ବିପଦକାଳେ ଶସ୍ତାରୁ ହିନସ୍ତା କରିବାର କଳାଟା ଆମେ ହିଁ ଶିଖିଛୁ

ସେଥିପାଇଁ ଭେଜାଲ କିଟ୍, ଜିନିଷ ବିକି କି ଅଧିକରୁ ଅଧିକ ମାରିବି

ଚେପା ନାକିର ଔକାତ କେତେ ଲକ୍‌ଡ଼ାଉନ ଭିତରେ ଚଖେଇବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି ।।୬ ।।

ସାରା ବିଶ୍ୱରୁ କୋଟିଏ ଲୋକ ନ ମରିବା ଯାଁଏ ନିଦାନ କରିବୁନି ନିଷ୍ପତି ନେଇଛୁ

ସର୍ବଶ୍ରେଷ୍ଠ ବୋଲାଉଥିବା ଆମେରିକାର ପାଂଚ ଦଶଲକ୍ଷ ମୁଣ୍ଡ ଗଡ଼ାଇବୁ ଭାବିଛୁ

ତାର ଟଣପଣ ଫୁଟାଣି ଫୁ କରି ଉଡ଼ାଇବୁ ବୋଲି ଶପଥ କରିଛୁ

ହେଲେ ହେଇଯାଉ ପଛେ ତୃତୀୟ ବିଶ୍ୱଯୁଦ୍ଧ ଆମେ ପୃଥିବୀକୁ ମାରିବୁ ଆଉ ମାରୁଛୁ

ଆଗାମୀ ଶତାବ୍ଦୀଟା ଚାଇନାର ସ୍ୱର୍ଣ୍ଣିମ ସାବ୍ୟସ୍ତ ହେବାପାଇଁ ଆମେ ଚାହୁଁଛୁ

ଲକ୍‌ଡାଉନ ଭାଙ୍ଗି କୋରନା ବଢ଼ାଇବାକୁ ଜମାତିମାନଙ୍କୁ ପଠାଇଛୁ

ସାରା ବିଶ୍ୱରେ ଲକ୍ଷେ ଲୋକଙ୍କଠି ଭାଇରସ୍ ବମ୍ ଖଞ୍ଜି ଆଗୁଆ ମୃତ୍ୟୁର ମଞ୍ଜିବୁଣିଅଛୁ

ମୁଁ ବି ଫରାସୀ ବ୍ରିଟିଶଭଳି ସାରା ଦୁନିଆକୁ ଗୋଲାମ ଜଞ୍ଜିର ପିନ୍ଧାଇବି

ଖଣି, ପାଣି, ପେଟ୍ରୋଲ, ଡ଼ିଜେଲ, ସୁନା, ରୁପା, ଲୁହା କଂପାନୀ ଖୋଲି ସବୁ ବୋହିନେବି

କାରଣ, ମୁଁ ଧନୀ ହେବି, ମୁଁ ଧନୀ ହେବି ।।୭ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିଚୟ



ଅଲିଭା ସାହୁ

କାହା ହୃଦୟ ତୁ କାହା ପରିଚୟ
କାହାପାଇଁ ହେଉଛୁରେ ଆଜି ତୁ ବିଜୟ
ଅଜଣା ହାତକୁ ଧରି ଚାଲୁଛୁ
ଅନ୍ଧକାର ଦୁନିଆରେ କେବେ ତୁ ପଶୁଛୁ
ଏତେ ବଡ଼ ଦୁନିଆରେ କିଏ ତୋ ଆପଣା
ଚିହ୍ନିବା ଆଗରୁ ତୁ ହେଲୁ ବାଟବଣା
କେବେ ସାଙ୍ଗଟିଏ କେବେ ବନ୍ଧୁଟିଏ
ସେ ବନ୍ଧନେ ରହିବାକୁ ମୋର ମନ ହୁଏ
ଦୁଃଖରେ କାନ୍ଦୁଛୁ ତୁ ସୁଖରେ ହସୁଛୁ
ମନ ମୋର ପଚାରୁଛି ତୁ କି ଲାଭ ପାଉଛୁ
ଜାଣିଲିରେ ହୃଦୟଟା ତୋର ଉଚ୍ଛମନା
ଯିବାକୁ ପଡ଼ିବରେ ମନେ ରଖି ତୋ ଭାବନା

ମନେ ଦେଉ ତୁ ଆଶା ଦେଉ ତୁ ଭରସା
କଷ୍ଟ ହୁଏ ପଡ଼ିବାକୁ ତୋ ହୃଦୟର ଭାଷା
ଅଲିଭା ଲେଖନୀରେ ଲେଖି ଦେଲି ପଦେ
ତୋ ପାଇଁ ମନ ମୋର ଆଜିପୁଣି କାନ୍ଦେ
କିଏ ତୁ କାହିଁକି ଆସିଥିଲୁ କହ
ମୋ ମନରେ ବାନ୍ଧି ଦେଲୁ ଅସୁମାରି ମୋହ
ନୀତି ହୁଏ ସେହିପରି ସୂର୍ଯ୍ୟଙ୍କ ଉଦୟ
ମୋ ମନରେ ଖୋଜୁଅଛି ତୋର ପରିଚୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତନ୍ଦ୍ର ନିବିଡ଼ତା



ଡଃ ମନୋରଞ୍ଜନ ବିଷୋୟୀ

ଭୂଇଁକୁ ଛୁଇଁଲା ପରେ
ଆରମ୍ଭ ହୁଏ ସ୍ୱପ୍ନ
କେତେ ଆବେଗ ଓ ସ୍ୱପ୍ନ
ଉଚ୍ଛକିତ କରେ
ଫୁଟେ ଅନନ୍ତ କଦମ୍ବ
ପାଇବା ଓ ହରାଇବାର
ଇଲାକାରେ
ତୁମ ସହ ଭେଟ
ତୁମେ ତ ସଦା ଆପଣାର
ଲୁହ ପୋଛାଠାରୁ
ଗୋପନ ପ୍ରାନ୍ତରେ
କେତେ ଦିଆନିଆ ପୁଣି
କେତେ ହିସାବ ନିକାସରେ
ଫୁଟିଉଠେ ତୁମ ମୁହଁ
କିଏ କହନ୍ତି ଏହା ସଂପର୍କ
ମୁଁ କିନ୍ତୁ ବୁଝେ ଏହା
ଯୁଗ ଯୁଗାନ୍ତରେ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ଭ୍ରାମ୍ୟଭାଷ : ୮୮୯୫୧୫୧୭୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପିଲାର ଅସ୍ତିତ୍ୱ କେବେ ସତ ହେବନାହିଁ ସବୁବେଳେ ତୁମେ କୁହ;
ଆଉ ସେ ପିଲାର ବାପ ନିରୀହ ହୋଇ ବୁଲୁଛି ସଂସାରେ ଦେଇ ତା ଆଖିରେ ଲୁହ

ସେତେବେଳେ କୋଉଠି ଥିଲା ତୁମର ଏଇ ସମାଜ ଯେବେ ମତେ ବିକା ଯାଇଥିଲା
କଚାଡ଼ିଦେଲ ଭୂଇଁରେ ଗୋଟେ ସାତବରଷର ଝିଅକୁ ଯିଏ ଜୀବନ ଭିକ୍ଷା ମାଗୁଥିଲା ।
ସେତେବେଳେ ନା ଏ ସମାଜ ମୋର ଲୁହ ଦେଖିଥିଲା ନା ଶୁଣିଥିଲା ମୋ ଗଳାଫଟା ଚିତ୍କାର;
ଆଉ ଆଜି ଲାଜ ସରମର କଥା କହୁଛ, ସେତେବେଳେ କୋଉଠି ଲୁଚିଥିଲା ଏଇ ଜ୍ଞାନର ସାଗର ?

ସେତେବେଳେ କୋଉଠି ଥିଲ, ଯେବେ ତୁମ ସୁପୁତ୍ର ଆସି ମୋ ସହ ରାତ୍ରୀଯାପନ କରିଥିଲା;
ତାକୁ ତୁମେ ଏତେ ସମ୍ମାନ ଦିଅ, କଣ ସେ ବି ମୋ ଭଳି ଗୋଟେ ବେଶ୍ୟା ହୋଇନଗଲା ?
ନିଜ ଧର୍ମପତ୍ନୀ କଥା ନ ଭାବି ମୋ ଉପରେ ଶହ ଶହ ଟଙ୍କା ଖର୍ଚ୍ଚ କରିଦିଅ,
ଅଂଶୀଦାର ତ ତୁମେ ବି ଅଟ, ଆଉ ଚରିତ୍ରହୀନା ଖାଲି ମତେ କହିଦିଅ ।

କାହିଁକି ଆଜି ମଧ୍ୟ ଏତେ ଘୃଣା କରୁଛ ମୋର ଏଇ ପେଶାକୁ
ହଁ ମୁଁ ଗୋଟେ ବେଶ୍ୟା, ବିକେ ମୋ ଶରୀର କିନ୍ତୁ ବିକେନାହିଁ ମୋର ଆତ୍ମାକୁ ।
ଏତିକି କେବଳ ଶୁଣିଯାଅ, ମୋର ଏଇ ଚରିତ୍ର ତୁମର ହିଁ ଚିତ୍ରାଙ୍କନ ଅଟେ;
ମୁଁ ତ ଗୋଟିଏ ପରଦା ମାତ୍ର, କିନ୍ତୁ ଏଇ ସମାଜ ତ ତୁମର ଆଇନା ଅଟେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଶୁଣା କାହାଣୀ



ପପୁ ପଧାନ

ଚାଲି ଚାଲି ମୁଁ ବି ଥକି ପଡ଼ିଲିଣି ବଳ ନାହିଁ ଆଉ ଦେହେ
କେହି ଶୁଣିବାଉ ରାଜି ହୁଅନ୍ତିନି ମୋ କାହାଣୀ ଯେବେ ମୁଁ କୁହେ ।
ପେଟର ଭୋକକୁ ହରାଇବା ପାଇଁ ଦେହକୁ ବିକିଲି ମୋର
ଇଚ୍ଛା ନଥାଇ ବି ବାଜି ଲଗେଇ ସତୀତ୍ୱ ହେଇଗଲି ଯାଯାବର ।

ମୁଁ ବି ଥିଲି ଗୋଟେ କୋମଳ ଫୁଲ ଏ ଦୁନିଆ ବଗିଚାରେ
ଦୟା ଆସିଲାନି ଟିକେ ବି ତୁମକୁ ଯେତେ ବିକିଦେଲ ବଜାରରେ ।
ଭାଗ୍ୟ ବି ମୋ ସାଥେ ଖେଳିଲା ଖେଳ, ଦେଇ ପାରିଲାନି ସୁଖ
ବେଳେ ବେଳେ ଭାବେ କେତେ ସାହସୀ ମୁଁ ସହିଗଲି ଏତେ ଦୁଃଖ ।

ମୋ ନୀରବତାର ଫାଇଦା ଉଠାଇ ମୋତେ ଜୀଁ ଥାଉଥାଉ ଜାଳିଦିଅ
ଆଉ ଆଜି ଯେବେ ମୋ ପରିଚୟ ମାଗେ ମୋତେ ବେଶ୍ୟାବୋଲି କହିଦିଅ ।
ରାତିରେ ମୋ ସାଥେ ପ୍ରେମ ପ୍ରଣୟର ମିଛ ଛଳନା କର,
ପୁଣି ଦିନରେ କାହିଁକି ମୋ ଚରିତ୍ର ଉପରେ ସନ୍ଦେହ କର ?

ମୋ ପେଶା ଉପରେ ଅଂଗୁଳି ଉଠାଇ ଅପମାନ ମୋତେ ଦିଅ
କିନ୍ତୁ ମୁଁ ଯେବେ ପ୍ରଶ୍ନ କରେ କୁହ କାଇଁ ତୁମେ ଚୁପ୍ ରହିଯାଅ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



ବେଣୁଧର ସୁରୁଜାଲ

ଗାଅ ନାହିଁ କବି ଆଜ
ପ୍ରେମର ଏ ମିଳନ-ବିରହ ଗାନ,
ଦେଖ ସେଠି ବାଦଲର କିଆଁ
ଛଳଛଳ ଅଶ୍ରୁପୂର୍ଣ୍ଣ ହେଉଛି ନୟନ ।(୧)

ଶତଦଳ ପଙ୍କେ ଯୁଗେଯୁଗେ ଯିଏ
ଜୀବନ ଯନ୍ତ୍ରଣା ସଦା ଭୋଗୁଛନ୍ତି ,
ତୁମ ନୂଆ କ୍ରାନ୍ତିର ଛନ୍ଦରେ
ମୁକ୍ତିର ପଥ ସିଏ ଖୋଜୁଛନ୍ତି ।(୨)

ସବୁରି ନୟନେ ବହୁଛି ଗଂଗା
ଛଳକୁଛି କିଆଁ ଆଜି ଯମୁନା,
ମେଣ୍ଟାଇ ପାରୁନି ଗଂଗା ଜଳ ଛିଟା
ଆମ ଦେଶ-ଜାତିର ସବୁ ତୃଷ୍ଣା ।(୩)

ପେଟର କ୍ଷୁଧାକୁ ମେଣ୍ଟାଇବା ପାଇଁ
ବିକଳିତ କୋଟି କୋଟି ମଣିଷ,
ହୃଦୟରୁ ନିଜ ରକ୍ତ ଦେଇ ପୁଣି
ତୃପ୍ତ କରାନ୍ତି ନର-ରାକ୍ଷସ ।(୪)

କ୍ଷୁବ୍ଧ ଆଜି ନିରୀହ ଜାତି
ରୁଗ୍ଣ ଯେଣୁ ମାନସିକତା,
ରୁଦ୍ଧ ଆଜି କଣ୍ଠସ୍ୱର
ସ୍ତବ୍ଧ ଦେଖି ଏ ଅରାଜକତା ।(୫)

ଜାଗ୍ରତ ହୁଅ ଜାତିର ନେତା
ଶାଣିତ କର ନିଜ ଦକ୍ଷତା,
ନିର୍ଭୀକ ହୋଇ କର ସଂଗ୍ରାମ
ବଢାଅ ଜାତିର ସାହସିକତା ।(୬)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସ ଏ ଜାତିର ନିର୍ମାଣ ଯଜ୍ଞେ
ଢାଳିବା ସଭିଙ୍କ ଆଖିରୁ ପାଣି,
ସୁସଜ୍ଜିତ ହେବ ନବ ନିର୍ମାଣ
ଜଲାଇ ବିପ୍ଲବ ବହ୍ନି ।(୭)

ତୁମରି କଲମ ଗାରର ବୀରତ୍ୱ
କର ଖଣ୍ଡା ଠାରୁ ବଳିୟାନ,
ଦୋହଲାଇ ଦିଅ ଶୋଷକଙ୍କ ଗଡ଼
ଅନୀତି ଦୁର୍ନୀତି ହେଉ ଦମନ ।(୮)

ଆଗେଇ ଆସ ହେ ଦରଦୀବନ୍ଧୁ
ଆମ ନୂତନ ସମାଜ କର ସର୍ଜନା,
ଜଳାଞ୍ଜଳି ଦିଅ ସ୍ୱାର୍ଥ ଅହମିକା
ତବ କଣ୍ଠୁ ଝରୁ ମୁକ୍ତି-ମୂର୍ଚ୍ଛନା ।(୯)

ଲେଖନୀ ମୁନେ ଭାଂଗିଦିଅ ଲୁଟେରାଙ୍କ
ସୁନାଚାନ୍ଦୀରେ ଗଢ଼ା ପାଚେରୀ କାନ୍ଥ,
ଧ୍ୱଂସ କରିଦିଅ ପୁଂଜୀବାଦୀଙ୍କ
ସବୁ ପୁଂଜିଭୂତ ଅମାରତ ।(୧୦)

ସମାଜେ ସମତା ନିର୍ମାଣ ଯଜ୍ଞେ
ତୁମ ଅନ୍ତର୍ଜ୍ୟୋତିକୁ କର ଜାଗ୍ରତ,
ଘରେ ଘରେ ଖୁସି ଫେରାଇ ପାରିଲେ
ତେବେ ଜାତି ହେବ ବିଶ୍ୱେ ସମ୍ରାଟ ।(୧୧)

ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ
ସ୍ୱେଚ୍ଛାଚାର, ଦୁର୍ନୀତି ହେଉ ଦମନ,
ଶାନ୍ତି, ମୈତ୍ରୀ, ପ୍ରୀତି ହୋଇ ସ୍ଥାପନ
ଜାଜ୍ଜ୍ୱଲ୍ୟମାନ ହେଉ ଜାତିର ନାମ ।(୧୨)

ଉଲୁଣ୍ଡା, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଛରେ ଭାବିଲେ କି ଲାଭ



ଭାରତୀ ସାହୁ

ଜନମ ବେଳେ କୁଆଁ କୁଆଁ ରାବ
ମରଣ ବେଳେ ନୀରବ
ଦୁଇଦିନ ପାଇଁ କୁଣିଆ ତୁ ହୋଇ
ଆସି ଚାଲିଗଲୁ ଲଗାଇ ଭାବ
ଆସି ଚାଲିଗଲୁ ଲଗାଇ ଭାବ...

ଆସିଲା ବେଳେ କେତେ ଯେ ଖୁସି
ଗଲା ବେଳେ ଝରେ ଲୁହ
କହିତ ହୁଏନା, ସହିବି ହୁଏନା
ଛାତି ତଳର ସେ କୋହ
ଏମିତି କଥା ତୁ କହିଗଲୁ କାନେ
ଝୁରି ହୋଇଛନ୍ତି ଜ୍ଞାତି କୁଟୁମ୍ବ
ଆସି ଚାଲିଗଲୁ ଲଗାଇ ଭାବ...

ଏ ଦୁନିଆ ସିନା ବୁଝିଲାନି କେବେ
ତୋର ଗୁଣ କୀରତିକୁ
ଗରବରେ ଅନ୍ଧ ଆଜି ଏ ମଣିଷ
ବୁଝେନା କା' ହୃଦୟକୁ
ଏତେ ମୋହମାୟା ମନେ ବସା ବାନ୍ଧେ
ମଣିଷ ମନରେ ବଢ଼ାଏ ଲୋକ
ଆସି ଚାଲିଗଲୁ ଲଗାଇ ଭାବ...

ଆସିଗଲୁ ଏକା ଗଲାବେଳେ ଏକା
କିଏ ତୋ ସାଥିରେ ଗଲା
ଧନ ସମ୍ପତ୍ତି ତୁ ଯାହା ସାଇତିଲୁ
କିଏ ତାକୁ ଭୋଗ କଲା
ମିଛ ଦୁନିଆରେ ନାମ ଏକା ସତ
ପଛରେ ଭାବିଲେ କି ଲାଭ ହେବ
ଆସି ଚାଲିଗଲୁ ଲଗାଇ ଭାବ...

ମାର୍ଫତ : ଦୀପ୍ତିକାନ୍ତ ସାହୁ,
ଯୁନିଦାପାଟଣା, ଦଶରଥପୁର, ଯାଜପୁର
ଭ୍ରାମ୍ୟଭାଷ : ୭୮୫୫୮୪୧୧୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦରିଦ୍ରର ଦୁଃଖ



ରଞ୍ଜନ କୁମାର ସୁର

ଦରିଦ୍ରର ଦୁଃଖ କେ ଅବା ନ ଜାଣେ
ନଦୀଟିର ସ୍ରୋତ ପରି,
ଦୁଃଖ, କଷ୍ଟ ଆଉ ଯନ୍ତ୍ରଣାରେ ତା'ର
ଜୀବନଟା ଯାଏ ସରି ।

ଆଖିର ଲୁହକୁ ଓଠରେ ପିଏ ସେ
ଜୀବନେ ପାଏ ଦୁଃଖ,
ଅଭାବରେ ତା'ର ଜୀବନ କାଟୁଛି
ଏ ତା ଭାଗ୍ୟର ଦୋଷ ।

ସବୁ ଦୁଃଖ, କଷ୍ଟ ଛାତିରେ ଯାବୁଡ଼ି
ଅନ୍ୟକୁ ଦେଉଛି ସୁଖ,
ଅନ୍ୟର ସେବାରେ ସମୟ ବିତୁଛି
ମୁହଁରେ ଫୁଟାଇ ହସ ।

ଖାଇବାକୁ ଗଣ୍ଡେ ଭଲପାଏ ନା ସେ
ପିନ୍ଧିବାକୁ ପାଏ କନା
ସବୁ ସ୍ୱପ୍ନକୁ ସେ ଛାତିରେ ସାଇତି
ଜୀବନେ ହୁଏ ହୀନିମନା ।

କେତେ ଆଶା ତା'ର ଅଧାରେ ରହେ
ମାଟିରେ ମିଶେ ସ୍ୱପ୍ନ,
କେତେ ଖୁସି ତା'ର ଖୁସିରେ ରହିଛି
ଦୁଃଖରେ ବିତେ ଜୀବନ ।

ସମାଜରେ ତା'ର ଅବା ନିଛ ସ୍ଥାନ
ହେଲେ କରେ ବଡ଼ କାମ
ବଡ଼ ସୌଧ ସବୁ ନିର୍ମାଣ କରି
ଅନ୍ୟକୁ ଦିଏ ସମ୍ମାନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଲାଏ ପଖାଳ, ତୋରାଣିକୁ ପିଇ

ଭୋକକୁ କରେ ବର୍ଜନ,

ଛିଣ୍ଡା ମଶିଣାକୁ ବିଛଣା କରେ ସେ

ବିତେ ତା'ର ରାତିଦିନ ।

ଦାରିଦ୍ର୍ୟତା ତା'ର ବନ୍ଧୁ ସାଜେ

ଦୁଃଖ ହୁଏ ସହଚର,

ଯନ୍ତ୍ରଣାକୁ ସିଏ ପାଣି ନେଇଛି

ନାହିଁ ଆଉ ତା'ର ଡର ।

ଦୁଃଖରେ କାନ୍ଦିଛି ସୁଖରେ ହସ୍‌ଛି

ତା ଦୁଃଖ କିଏ ପଚାରେ

ଲୁହର ବର୍ଷାକୁ ଆଦରି ନେଇ ସେ

ମନକୁ ଦୃଢ଼ କରେ ।

ଦରିଦ୍ର ହେଲେ ବି ସମ୍ମାନ ଚାହେଁ

ଆଉ ଚାହେଁ ସ୍ୱାଭିମାନ,

ଗୌରବ ବଞ୍ଚିବ ସୌରଭ ହସିବ

ହୋଇ ମାଟିର ସନ୍ତାନ ।

ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଯିବି ଶାଶୁଘର



ହେମନ୍ତ ପାତ୍ର

ଫଗୁଣର ରଙ୍ଗ ଆଜି   ମୋ ମନରେ ଲାଗିଲା
ନୁଆ ନୁଆ ସପନରେ  ଆଖି ଭରିଗଲା
ଆସିବ ମୋ ମନ ବଣିକ
ବାଜିବ ଶୁଭ ଶାହାନାଇ
ସାରା ମହଲରେ    ଖୁସିର ପସରା
ସାଜିବି ମୁଁ ବଧୁ ବେଶ
ଚଢି ଫୁଲ ସବାରୀ
ମୁଁ  ଯିବି ଶାଶୁ ଘର  ।୧ ।
ଗୋପ ଦାଣ୍ଡେ    ବାଲି ଖେଳ
ମୋର ସରି ସରି ଗଲା
ସାଙ୍ଗ ସାଥି ସ୍ନେହ ପ୍ରେମ
ଲିଭି ଲିଭି ଗଲା
କହ୍ନାଇ ନୁହେଁ   ରାଧିକା ସାଜି
ମୁଁ ମଥୁରାକୁ ଯିବି
ଛାଡି ଏ କଦମ୍ବ ବନ  ଯମୁନା ନଇକୁ
ମୋ ଆଖିର ଲୁହରେ
ଗୋପ ଦାଣ୍ଡ  ଭସାଇ ଦେବି  ।୨ ।
ଶାଶୁ ଘରେ ବାନ୍ଧିବି ମୁଁ ଏକ ନୂଆ ବନ୍ଧନ
ଗଢିବି ମୁଁ ଏକ ନୂଆ ନୀଡ
ସିନ୍ଦୂରକୁ କରିବି ମୁଁ ଅତି ନିଜର
ଦୁଇଟି କୁଳରେ
ମୁଁ ହେବି ମମତାର ନଈ
ଦୁହିତା ଜନମ ମୋର  ଦୁଇ କୂଳ ପାଇଁ ।୩ ।
ଏ ଘରର ରଙ୍ଗକୁ ମୁଁ ସେ ଘରେ ଭରିବି
ସ୍ନେହ ପ୍ରେମରେ ସଭିଙ୍କୁ ମୁଁ କରିବି ନିଜର
ଜୀବନଟା ଭରିଯିବ ନୂଆ ଆଲୋକରେ
ନିଜ ପାଇଁ ପ୍ରେମ
ଶାଶୁ ଘରେ  ବନ୍ଧନ ସାଜିବ
ସତକୁ ରଖିବି ମୁଁ ମିଛ ପାଶେ ବାନ୍ଧି
ଯାତନା ଡୋରିରେ ମୁଁ ହୋଇଯିବି ଛନ୍ଦି  ।୪ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତି ନ ପାହିଲେ ବି

ଏଠି ଲାଗିବ ସକାଳ

କେତେ ଯେ ନୂଆ ସମ୍ପର୍କ ହୋଇଯିବ ଯୋଡି

ସପନ ସବୁ ହୋଇଯିବ ସତ

ସାଜିବି ମୁଁ ଏଠି  ପ୍ରେମର ରଙ୍ଗରେ

ମମତାମୟୀ  ରାଧିକା  ।୫ ।

ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୮୬୧୭୯୭୮୮୧

ଇମେଲ୍ : hemantakupatrapatrah@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାର ନାହିଁ ତୁମେ ଛାଟ



ନରେନ୍ଦ୍ର ପ୍ରସାଦ ବେହେରା

ସମୟର ଗତି ଜୀବନ ପଥରେ
ଦେଇଯାଏ କେତେ ଲୁହ
ଅଜଣା ଅଚିହ୍ନା ଅପରିଚିତଙ୍କୁ
ଦେବନାହିଁ କେବେ ସ୍ନେହ ।୧ ।

ପାଖକି ପଡୋଶୀ ଦୂର ବିଦେଶୀକୁ
କରିବ ନାହିଁ ଆଦର
ଅତି ଆଦରରେ ତୃଟି ହୋଇଗଲେ
ମାରିବେ ଟେକା ପଥର ।୨ ।

ହସରେ ମଜ୍ଜାରେ ହେବନାହିଁ ଗେଲ
ପାଇବ ଅନେକ ଦୁଃଖ
ଧିକ୍କାର ବଚନେ ମାରିବେ କମେଣ୍ଟ
ଛଡାଇ ନେଇଣ ସୁଖ ।୩ ।

ମଣିଷ ଜନମ ଦୁର୍ଲ୍ଲଭ ଜୀବନ
ବୁଝେନାହିଁ କେହି ମାନେ
ଗର୍ବ ଅହଙ୍କାରେ ଗୋଡକୁ କଚାଡି
ଗାଳିଦିଏ ମନେ ମନେ ।୪ ।

କର୍ମଗୁଣେ ପୁଣି ନଳରାଜା ଦିନେ
କାଟିଥିଲେ ଘୋଡାଘାସ
ପିତୃ ସତ୍ୟପାଳି ପ୍ରଭୁ ରାମଚନ୍ଦ୍ର
ଯାଇଥିଲେ ବନବାସ ।୫ ।

ଜୀବନ ନୌକାଟି ଭାସୁଅଛି ଆଜି
ପାଉନାହିଁ ଥଳକୂଳ
ପାଇଥିଲା କୂଳ ହେଲାସିଏ କାଳ
ଭାଙ୍ଗିଦେଲା ମନୋବଳ ।୬ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜରକ୍ତ ଆଜି ପରହୁଏ ପୁଣି
ଅଜଣା ହୁଏ ନିଜର
ଅଢ଼େଇ ଦିନର ସମ୍ପର୍କ ଗଢ଼ିଣ
କରି ଦେଲ ତୁମେ ପର ।୭ ।

ସମ୍ପର୍କ ଗଢ଼ାରେ କେତେକଷ୍ଟ ହୁଏ
ଗଢ଼ିଛି ଯିଏ ଜାଣିଛି
ଆଖି ପଲକରେ ଦୂରେଗଲା ଚାଲି
ଭାଗ୍ୟକୁ ବସି ନିନ୍ଦୁଛି ।୮ ।

ଲୋଡ଼ାନାହିଁ ମୋର ତୁମ ସ୍ନେହ ଆଉ
କହେଯୋଡ଼ି ବେନିକର
ଜନ୍ମକଲା ପୁଅ ଭଗାରୀ ସାଜୁଛି
ତୁମେକି ହେବ ନିଜର ।୯ ।

ଜଗତର ନାଥ ଆହେ ଜଗନ୍ନାଥ
ମାରନାହିଁ ତୁମେ ଛାଟ
ଫେରିଆସ ତୁମେ ମୋ ସୁନା ଭଉଣୀ
ଅନାଇ ବସିଛି ବାଟ । ।୧୦ । ।

ଆଳଦା, ଖଇରା, ବାଲେଶ୍ୱର
ମୋ-୯୮୫୩୧୪୨୫୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ମରିଗଲେ



ରାହୁଲ କୁମାର ନନ୍ଦ

ମୁଁ ମରିଗଲେ

ମାଆର ଆଖିରୁ ବହିବ ଯେଉଁ ଲୁହ

ମୁଁ ମରିଗଲେ

ବାପାଙ୍କ ଛାତିରେ ବଢିବ ଯେଉଁ କୋହ

ମୁଁ ମରିଗଲେ

ପ୍ରିୟତମା ମୋର ଝୁରିବକି ମୋତେ ସତେ

ମୁଁ ମରିଗଲେ

ଭଉଣୀଟି ମୋର କାନ୍ଦିବକି ଝୁରି ମୋତେ ।

ମୁଁ ମରିଗଲେ

ମାଆର ଚକୁଳି ଖାଇବାକୁ କିଏ ଥିବ

ଧୋଇସାରି ତା ଲୁଗାରେ ହାତ

ପୋଛିବାକୁ କିଏ ଥିବ ।

ମୁଁ ମରିଗଲେ

ମାଆ ମୋର ମିଠା ଗାଳି କାହାକୁ ଦେବ

କାହାକୁ ନୀତି ଏଆଡୁ ସେଆଡୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁଝାଇ ଉଠାଇବ ।

ମୁଁ ମରିଗଲେ

ମୋ ନାଆଁ ଧରି ତଣ୍ଟି ତାର ଶୁଖିଯିବ

ଛଡେଇନେଲା ତା ପୁଅକୁ ବୋଲି

ଇଶ୍ୱରକୁ କୋଷିବ ।

ମୁଁ ମରିଗଲେ

ଆଖିର ଲୁହକୁ ପିଇ ପିଇ ବଞ୍ଚିଯିବ

ଖାଇବନି ସେ ମୁଠାଏ ଖାଇବା

ସତେ କି ପୁଅ ଫେରିବ ।

ମୁଁ ମରିଗଲେ

ମାଆ ମୋର ଜମା ବିଶ୍ୱାସ ନ କରିବ

ଗାଁ ସାହି ଲୋକ ଯେତେ କହିଲେ ବି

ସତ୍ୟକୁ ନ ମାନିବ ।

ମୁଁ ମରିଗଲେ

କାନ୍ଦି କାନ୍ଦି ସିଏ କୁଣ୍ଢାଇ ଧରିବ ସତେ

ମଶାଣି ବାଟକୁ ବନ୍ଦ କରିବ

ଯିବାକୁ ନଦେବ ମୋତେ ।

ମୁଁ ମରିଗଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପାଙ୍କ ମନରେ ପଡ଼ିବ ଦୁଃଖ ପସରା
ଯାହା ପାଇଁ ଝାଳ ଝରି ପଡୁଥିଲା
ସେ ପାଖରେ ନାହିଁ ପରା ।

ମୁଁ ମରିଗଲେ
ବାପା ମୋର ଭାରି ଏକୁଟିଆ ହୋଇଯିବେ
ରାଗ କରି ମୁହଁ ଫୁଲାଉ ଥିଲି
ସେ କଥାକୁ ମନେ କରିବେ ।

ମୁଁ ମରିଗଲେ
ବାପା ସତ ମୋର ଉଦାସିଆ ହୋଇଯିବେ
ମୁହଁର ହସତ ପୁଅ ମୋର ଥିଲା
ଭାବି ଭାବି ବସିଥିବେ ।

ମୁଁ ମରିଗଲେ
ସାଗର ଢେଉଟି ଆଉ ଛୁଇଁବକି ପ୍ରିୟା ପାଦ
ମୋ ମରଣଟି ନ ହେଉ କେବେ
ପ୍ରିୟତମା ଦୁଃଖ ବାଦ ।

ମୁଁ ମରିଗଲେ
ପ୍ରିୟା ଯେ ମୋର ହେଇଯିବ ଭାରି ଏକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତ ସାଥେ ହାତ ଦେଇ ଚାଲିବାକୁ

ପାଇବକି ମୋର ଦେଖା ।

ମୁଁ ମରିଗଲେ

ଭଉଣୀବି ମୋର ଲାଗିବ ଆଉ କା ସାଥେ

ଦୁଃଖସେ କରିବ ଭାଇଯେ ନଥିବ

ତା ଚଲା ଜୀବନ ପଥେ ।

ମୁଁ ମରିଗଲେ, ମୁଁ ମରିଗଲେ, ମୁଁ ମରିଗଲେ

ସରେଇ, ଚମ୍ପୁଆ, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଜଗା



ସୁଦିପ୍ତା ବେହେରା

ଆସିବ ଜଗା ତୋ ଘୋଷ ଯାତରା
ଦର୍ଶନ ଦେବୁ ତୁ ଦୁନିଆ ସାରା - ୧

ବ୍ୟାକୁଳ ନୟନେ ଭକତ ତୋର
ଚାହିଁ ରହିଛନ୍ତି ହୋଇ ଆତୁର - ୨

ତିନିରଥେ ଶୋଭା ତିନି ଠାକୁର
ନାଲିନୀଳ ପୀତ କେତେ ରଙ୍ଗର - ୩

ପାଟବସ୍ତ୍ର ପୁଷ୍ପ ଦୟଣା ମାଳ
କି ସୁନ୍ଦର ଦିଶିବ ଜଗା ମୋହର - ୪

ମାଉସୀ ଘରକୁ ଚାଲି ସେ ଯିବ
ମା ଲକ୍ଷ୍ମୀ ଆଖିରୁ ଲୁହ ଝରିବ - ୫

ଲଟକୁଟିଆ ସେ ଭାରି ଛଳିଆ
ମଥାରେ ଚନ୍ଦନ ମୟୁର ଚୁଳିଆ - ୬

ରଥେ ବିଜେକରି ସବୁ ଦେଖିବ
ବାଙ୍କ ଚାହାଣୀରେ ମନ ମୋହିବ - ୭

ଭାବ ଭକତିଆ କାଳିଆ ଠାକୁର
ସ୍ନେହରେ ବନ୍ଧା ସେ ଭକତ ଡୋର - ୮

ଚତୁର୍ଦ୍ଧା ମୂରତି ଆହା କି ସୁନ୍ଦର
ଦେଖିଲେ ନୟନ ପାପ ହୁଏ ଦୂର - ୯

ପରମବ୍ରହ୍ମ ପରମାତ୍ମା ଅନ୍ତର୍ଯ୍ୟାମୀ
ସକଳ ଘଟରେ ପରା ତୁମେ ସ୍ୱାମୀ - ୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁଚି ରହିଥିବା କଥା



କମଳ ଲୋଚନ ମଲ୍ଲିକ

ମୋର ଟୋପାଏ ଅଶ୍ରୁ ତଳେ
ଲୁଚିରହିଥାଏ ଅନେକ ଆଶା ,
ସେଇ ଆଶାଟିକୁ ଜୀବିତ ରଖିଛି
ଆତ୍ମବିଶ୍ୱାସ ଆଉ ଭରସା ।

ମୋର ଅସହ୍ୟ ବ୍ୟଥା ତଳେ
ଲୁଚିରହେ ଅନେକ ଅକୁହା କଥା ,
ସେଇ କଥାଟିକୁ କେମିତି କହିବି
ବଞ୍ଚିବା ମାନେ ଯେ ଅଦେଖା ବ୍ୟଥା ।

ମୋର ଅଦେଖା ଯନ୍ତ୍ରଣା ତଳେ
ଲୁଚିରହିଥାଏ ଅନେକ ଯାତନା ,
ସେଇ ଯାତନାକୁ କିଏ ବା ହରନ୍ତା
ସଭିଙ୍କର ଏଠି ମିଛ ବାହାନା ।

ମୋର ଏ ଦୁଇ ନୟନ ତଳେ
ଲୁଚିରହିଥାଏ ଅନେକ ସପନ ,
ସେଇ ସ୍ୱପ୍ନକୁ କିଏ ବା ଜାଣିବ
ମୋତେ ମାରେ ଜାଳି ରାତିଦିନ ।

ମୋ ହୃଦୟର ଅମାପ କୋହ ତଳେ
ଲୁଚିରହିଥାଏ ଅନେକ ଲହୁ ,
କେହି ନଦେଖିଲେ ବି ବାସ୍ତବ ସୌନ୍ଦର୍ଯ୍ୟ ମୋର
ହୃଦୟଟା ପବିତ୍ରତାରେ ରହୁ ।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ୭୫୬୦୪୪
ଦୂରଭାଷ - ୬୩୭୦୦୯୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ମୁଁ ଧର୍ଷିତା



ଐଶ୍ୱର୍ଯ୍ୟା ମିଶ୍ର

ମୁଁ ଆଜି ଧର୍ଷିତା
ନୁହେଁ କେବଳ
ତୁମ ଦାନବ ଅଙ୍ଗସ୍ପର୍ଶରେ ,
ପାଶବିକ ଅତ୍ୟାଚାରରେ
ଅଥଚ
ତୁମର ପ୍ରତିଟି ଶବ୍ଦାଘାତରେ
ତୁମ ଆଖିର ପାଶବ ଚାହାଣୀରେ
ନାରୀତ୍ୱର ମୂଲ୍ୟ ବୁଝୁ ନ ଥିବା
ପ୍ରତିଟି କାହାଣୀରେ ,

ମୁଁ ଆଜି ଧର୍ଷିତା
କେବେ ଛଅ ମାସର
କଅଁଳ ବୟସରେ
ଆଉ କେବେ ଦୋଳି ଖେଳୁଥିବା
ଶୈଶବ ଝୁଲଣାରେ
କେବେ ସ୍ୱପ୍ନମୟ ଯୌବନ ରଙ୍ଗରେ
ଅବା ବାର୍ଦ୍ଧକ୍ୟର
ଶେଷ ସୋପାନରେ

ମୁଁ ଆଜି ଧର୍ଷିତା
ମୋ ଶରୀରକୁ ଘୋଡାଉଥିବା
ଯାବତୀୟ ପୋଷକ
ତଥା ମୋତେ ନଗ୍ନ କରି
ଦେଖିଆସୁଥିବା ତୁମ କାମୁକ
ମନ ଆଇନାରେ,
ଅନ୍ଧାର ରାତି , ନିର୍ଜନ ବନ
ବସ୍, ଟ୍ରେନ୍ କିମ୍ବା ମଝି ବଜାରରେ
ଆମ୍ବ ତୋଟା , ନଈପଠା
ଅବା ବାସର ଶେଯରେ ;

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ଆଜି ଧର୍ଷିତା

ସତୀତ୍ୱର ଅଗ୍ନିପରୀକ୍ଷା ନେଉଥିବା

ମୁଷ୍ଟିମେୟ ସମାଜ ଆଗରେ ,

ଅନ୍ଧ କାନୁନ୍ ର ମନ୍ଥର

ନ୍ୟାୟିକ ତରାଜୁରେ ,

ରକ୍ତାକ୍ତ ଶରୀର , କ୍ଷତାକ୍ତ ମନ

ଆଉ ଭୂଲୁଣ୍ଠିତ ନାରୀତ୍ୱ ଆଭାରେ ,,,

ଗଂଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ବିନା



ସାର୍ଥକ ପ୍ରସାଦ ସାହୁ

ତୁମ ବିନା..
ଫୁଲ ଲାଗେ ବାସହୀନ
ଫଗୁଣ ବି ରଂଗହୀନ
ମଳୟ ବି ଏଠି ବହେନା
ସାଥି ତୁମରି ବିନା...

ତୁମ ବିନା..
ପାରିଜାତ ଲାଗେ ତୁଚ୍ଛ
ସତ ସବୁ ଲାଗେ ମିଛ
ବିଶ୍ୱାସ ଯେ କିଛି ହୁଏନା
ସାଥି ତୁମରି ବିନା...

ତୁମ ବିନା..
ପ୍ରାସାଦ ବି ବାଲିଘର
ଶୁଷ୍କ ଲାଗେ ପାରାବାର
ଜୁଆର ବି ସେଠି ଆସେନା
ସାଥି ତୁମରି ବିନା...

ତୁମ ବିନା..
ଭାସ୍କର ବି ଜ୍ୟୋତିଶୂନ୍ୟ
ଅନ୍ଧକାର ସବୁ ଦିନ
ରାତି ମୋର ଜମା ପାହେନା
ସାଥି ତୁମରି ବିନା...

ତୁମ ବିନା..
ମେଘ ଏଠି ଆସେ ନାହିଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୟୂରୀ ବି ନାଚେ ନାହିଁ

କୋକିଳ ବି ଗୀତ ଗାଏନା

ସାଥି ତୁମରି ବିନା...

ତୁମ ବିନା

ଲେଖନୀ ମୋ ଶବ୍ଦହୀନ

କବିତା ମୋ ଅର୍ଥହୀନ

ବ୍ୟର୍ଥ ଯେ ଲାଗଇ ଭାବନା

ସାଥି ତୁମରି ବିନା...

ତୁମ ବିନା..

ମୁର୍ଦ୍ଧାର ମୁଁ ପ୍ରତିକ୍ଷଣ

ଶରୀର ମୋ ପ୍ରାଣ ହୀନ

ନିଃଶ୍ୱାସ ବି ମୋର ଚାଲେନା

ସାଥି ତୁମରି ବିନା...

ମୋ-୭୦୦୮୬୯୮୩୭୭

 Magazine Downloaded from www.aahwaan.com

# ଜୀବନ




ଗଣେଶ ବାରିକ

କାହା ପାଇଁ  ଜୀବନ ଟା
ମଧୁବୋଲା  ସଂଗିତ ମୂର୍ଚ୍ଛନା
କିଏ କହେ ଜୀବନଟା ବୃଥା
ହା-ହତାସ ପୂର୍ଣ
ଅଶୁଳ ଯନ୍ତ୍ରଣା  । ।୧

କାହା ପାଇଁ ଜୀବନଟା
ସୀମା ହୀନ ପ୍ରେମର ସାଗର
ଆଶାର ସଉଧ ଗଢି, ଭାଙ୍ଗେ ଏଠି
ନଶ୍ୱରତା ଗିତ ଗାଏ
ଉତୁଙ୍ଗ ହୁଆର  । ।୨

କାହା ପାଇଁ ଜୀବନଟା ନିସ୍ଫଳ
ଘଣା ପେଳା ହଡା ବଳଦ ସମ
ବେଠି ଖଟି ପଞ୍ଜରା ଗଣି ହୁଏ ଏଠି
ଜୀବନେ ପାଇନି ସୁଖ
ମୃତ୍ୟୁ ଆସେ ନେଇତା ବିଶ୍ରାମ  । ।୩

କାହା ପାଇଁ ଜୀବନ ଟା
ଛଳନା ପ୍ରତାରଣା ପୂର୍ଣ
ପ୍ରତିଶୃତି ଭରା ଚିଠି ଟିଏ  ।
ଶାବଣୀ ତା ଆଖି ଯାଏ ସୁଖି
ପ୍ରତିକ୍ଷା ର ଦିନ ଗଣୁ ଥାଏ  । ।୪

କାହା ପାଇଁ ଜୀବନ ଟା
ଜ୍ଞାନ-କର୍ମ-ଭକତ ି ମାଧ୍ୟମ
ତ୍ୟାଗ-ତପ-ସାଧନା ବଳେ
ସାଶ୍ୱତ ସୁଖ ଲଭଇ
ମୋକ୍ଷ ଅନୁପମ  । ।୫

ପଂଚାୟତ ଉଚ୍ଚ ବିଦ୍ୟାଳୟ,ଏକମା,  ସୁନ୍ଦରଗଡ଼
ମୋବାଇଲ-୯୯୩୮୪୦୫୧୯
ଇମେଲ-ganeshbarik99@gmail.com

 Magazine Downloaded from www.aahwaan.com

# ଜୀବନ



ରାମ ପ୍ରସାଦ ସିଂହ

ଜୀବନ ଅର୍ଥ ବୁଝିବା ପାଇଁ
ବେଳ ଯାଉଛି ଗଡି ଗଡ଼ି,
ମନ ହୁଏ ଅଥୟ ସଦା କାହିଁ
ନ ଦିଶେ ସମୟ ବେଳ ଘଡି ।।

କେତେ ପଣ, ବଚନ ରୁହେ ବାକି ?
ହୋଇବ ସିଏ ସବୁ ପୂର୍ଣ୍ଣ,
ଗାରିମା ଚନ୍ଦ୍ର ଦିଶେ ଶୀତଭରା
ବାକି ରହିଯାଏ କେତେ ସପନ ।।

ସମୟ ସାଥିରେ ଧାଇଁଯାଏ
ଦିନ ଭରା ବୟସ
କେତେ ଗମନ,
ତଥାପି ନ ଲୁଚେ ଦି ପଦ ଦୁଃଖ
ଦେଖିବାକୁ ହୁଏ ଅତୀତ
ବାକି ରହେ ନୟନ ।।

ଜୀବନ ସାର ରହିଯାଏ ହୋଇ
ଏକ କାହାଣୀ ସ୍ତମ୍ଭ,
ଯେଉଁଠି ଲୁଚେ କେତେ ବ୍ୟଥା
ଅପେକ୍ଷା ଏକ ପ୍ରତିବିମ୍ବ ।।

ଏମିତି ଏଇ ଜୀବନ କାହାଣୀ
ନ ଥାଏ ଏକ ନିଶ୍ଚିତ ଇତି,
ଦେଖି ଦେଖି ଚାହିଁହୁଏ ଦୀର୍ଘ ସେତୁ
ବର୍ଣ୍ଣନା ଆସେ କତି ।।

ସୁକରପଡା, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ଶ୍ୟାମସୁନ୍ଦର କୁମ୍ଭାର

ପ୍ରେମମୟ ଯେବେ ହୁଅନ୍ତା ଜଗତ
ନ ରହନ୍ତା ବଡ଼ସାନ
ଜାତି, ଧର୍ମ ଭେଦ ଭାବ ଦୂର ହୋଇ
ହୁଅନ୍ତା ମାନବ ଧର୍ମ ॥

ପ୍ରେମମୟ ଯେବେ ହୁଅନ୍ତା ଜଗତ
ନ ହୁଅନ୍ତା ବ୍ୟଭିଚାର
ସ୍ୱାଧୀନ ଭାବରେ ନାରୀଏ ବୁଲନ୍ତେ
କାହାକୁ ନ ଥାନ୍ତା ଡର ।।

ପ୍ରେମମୟ ଯେବେ ହୁଅନ୍ତା ଜଗତ
କ୍ରୋଧ ହୁଅନ୍ତା ବିନାଶ
ସବୁରି ମନରୁ ଭୟ ଦୂର ହୋଇ
ଲଭନ୍ତେ ସୁଖ ସନ୍ତୋଷ ॥

ପ୍ରେମମୟ ଯେବେ ହୁଅନ୍ତା ଜଗତ
ଲୋଭ ନ ରହନ୍ତା ତିଳେ
ଧନୀ ଓ ଗରୀବ ଶ୍ରେଣୀ ବିଭାଜନ
ନ ହୁଅନ୍ତା ଜଗତରେ ॥

ପ୍ରେମମୟ ଯେବେ ହୁଅନ୍ତା ଜଗତ
ମୋହ ହୁଅନ୍ତା ବିନାଶ
ସବୁରି ହୃଦୟ ହୁଅନ୍ତା ନିର୍ମଳ
ଲଭନ୍ତେ ଆତ୍ମ ସନ୍ତୋଷ ॥

ସକଳ ଜୀବଙ୍କୁ ପ୍ରେମ ନେତ୍ରେ ଦେଖି
ସୁଦ୍ଧୋଦନଙ୍କ ନନ୍ଦନ
ଗୌତମରୁ ବୁଦ୍ଧ ନାମେ ହେଲେ ଖ୍ୟାତ
ମାନବବାଦୀ ମହାନ ॥

ପ୍ରେମ ଚିର ସତ୍ୟ ପ୍ରେମ ହିଁ ଶାଶ୍ୱତ
ପ୍ରେମ ହିଁ ଅଟେ ମହାନ
ଦେହ, ମନ, ପ୍ରାଣ ପ୍ରେମ ମୟ କଲେ
ନିଶ୍ଚେ ଲଭିବ ନିର୍ବାଣ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲଟିଏ



ତୁଷାରକାନ୍ତ ମୁନା

ଜୀବନର ବାଟେ ପୃଥିବୀର ପେଟେ
ଫୁଟି ହସି ଉଠେ ଘଟେ,
ଭାରି ସରଳିଆ ହୃଦେ ଛନ୍ଦ ହେଲେ ନାହିଁ ମୋଟେ
ରାହା ଧରି ରୋଟେ କେଉଁ ବାଟେ ।
କୋମଳ କଲ୍ଲୋଳ ତେଜ ଅନଳ ପ୍ରବଳ
ଦଗ୍ଧକରେ ହୃଦକରି କୋଳ
ବନିତା ଆବାଳ ନାହିଁ ଥଳ କୂଳ
ଚାହିଁଦେଇ ଖାଲି ଜଳଜଳ ।
ସଭିଙ୍କର ଆଦର ସ୍ନେହ ଆଉ ପ୍ରେମର
ଗଙ୍ଗା ଧାରର ସ୍ୱର୍ଶେ ସତ
ହସି ହସାଇ କରି ପୁଲକିତ ଅନ୍ତର
ପୂତ ପ୍ରେମେ ସେ ହୋଇଣ ମତ୍ତ ।
ଦେଉଳେ ଦେବଙ୍କ ଦେବୀଘରେ ଜନନୀଙ୍କର
ଦ୍ରବ୍ୟ ଅଟେ ପ୍ରିୟ ଅର୍ଘ୍ୟର,
ତିଳେ ଗର୍ବନାହିଁ ମନର ବଢ଼ାଇ ଶୋଭା ଘରର
ଶିଶେ ଶୋଭାପାଇ ନାରୀର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଏ କି ଜାଣିଛି ତା	ଷଠୀ ଲେଖା ଭାଗ୍ୟ କଥା

ଆଗରେ ଅଛି କେତେ ଯେ ବ୍ୟଥା

ପାଣିଫୋଟକାରେ	ଜୀବନ ଜଞ୍ଜାଳର ଗାଥା

ନଇଁଯାଏ ଆପେ ମଥା ।

ପ୍ରଦୋଷ ହୋଇଲା	ପକ୍ଷୀ ବି ଫେରିଲା

ଗୋଧୂଳି ଉଡ଼ିଲା ବାଟେ,

ଲୋଡ଼ା ଏଠି ଆଜି	ଅଲୋଡ଼ା ହୋଇଲା

ପଡ଼ି ଗାଡ଼ିଆର ଘାଟେ ।

ଭୁଲିଯିବେ ସବୁ	ନଭାବିବେ ଆଉ

ଦିଶିଗଲେ ନୂଆ ସୂରୁଜ,

ଅତି ମୂଲ୍ୟବାନ	ମୂଲ୍ୟହୀନ ହେବ

ଶେଷ ହେଲେ ତାର ଜାଜୁଲ୍ୟ ।

ବେଳ ଥାଉଁ ବାବୁରେ	ହୁଅ ସାବଧାନ ତୁରିତ

କାର୍ଯ୍ୟ ହେଉ ମହତ୍ତ୍ୱ ଅନନ୍ତ

ନବୀନ ପ୍ରଭାତେ	ପୁଲକିତ କରୁ

ତୋ ମହତ୍ତ୍ୱ କୀରତି ଚମକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟିକି କଣ୍ଢେଇ



ରୋହିତ ସେଠୀ

ଟିକି କଣ୍ଢେଇ ମୋ ଟିକି କଣ୍ଢେଇ
କାହିଁକି ହେଉଛୁ ଏତେ ଫୁଲେଇ
ଜୀବନଠୁ ବେଶୀ ଭଲପାଏ ତୋତେ
ଚାଲି ଯା' ନାହିଁ ମୁହଁ ବୁଲେଇ ।।

ତୋ' ମୁହଁରୁ ଟିକେ ହସ ଦେଖିଦେଲେ
ଖୁସିର ଝରଣା ଝରେ ବୁକୁରେ
ସରଗର ସୁଖ ମୁଁ ଳିଯାଏ ମୋତେ
ମନ ନାଚିଉଠେ ଆତ୍ମ ବିଭୋରେ ।।

ବାଟଚାଲେ ନିତି ତୋ'କଥା ଭାବି
ତୁ ପରା ମୋର ଦେହର ଛାଇ
ପାହାନ୍ତି ରାତିର ସପନଟିଏ ତୁ
ଅଝଟିଆ ମୋର ଟିକି କଣ୍ଢେଇ ।।

ତୋ' ମନରେ ଯଦି କଷ୍ଟ ହୁଏ କେବେ
ନିଆଁ ଲାଗିଯାଏ ମୋ' ଛାତିରେ
ସହିପାରେ ନାହିଁ ହୃଦୟ ବେଦନା
ଅଦିନେ ଆଖିରୁ ବରଷା ଝରେ ।।

ଅଭିମାନ ଭୁଲି ଚାଲିଆ ପାଖକୁ
ଖାଇବାକୁ ଦେବି ସର ଲବଣୀ
କୋଳେ ଶୋଇ ଯା' ପିଠି ଥାପୁଡେଇ
କହିଦେବି ତୋତେ ପରୀ କାହାଣୀ ।।

ହଜି ଯାଇଥିଲେ ଖୋଜି ଆଣିଦେବି
ଭାଙ୍ଗିଥିଲେ ପୁଣି ଦେବି ଗଢ଼େଇ
ପୂର୍ଣ୍ଣିମୀ ରାତିର ଚାନ୍ଦ ପରା ତୁହି
କଥାକୁହା ମୋର ଟିକି କଣ୍ଢେଇ ।।

ରଜନୀ ଗନ୍ଧାର ମାଳଟିଏ ଗୁନ୍ଥି
ଆଣିଛି କେବଳ ତୋ'ରି ପାଇଁ
ଅଭିମାନ ସବୁ ମନୁ ଭୁଲି ଯା'
ହସି ଦେ ଟିକେ ମୋ ମୁହଁକୁ ଚାହିଁ ।।

ସମୟ ଆସିଲେ ବାପା ମା'ଙ୍କୁ କହି
ନେଇଯିବି ତୋତେ ମୋ' ଘରକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁହେଁ ମିଶି ଆମ୍ଭେ ଖୁସିରେ ରହିବା

ଭୁଲିଯାଇ ସବୁ ଦୁଃଖ କଷ୍ଟକୁ ।।

ଜୀବନରେ ଯେତେ ଝଡ଼ ଆସୁପଛେ

ଛାଇ ପରି ସଦା ପାଖରେ ରହି

ଫେରାଇ ଆଣିବି ଖୁସି ଯେତେଅଛି

ଅମାନିଆ ମୋର ଟିକି କଣ୍ଢେଇ ।।

ଦୁତିମେଣ୍ଡି,ମଲିକସାହି

ଖଜୁରୀପଡା, କନ୍ଧମାଳ ।

ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ବୋଝ



ନାରାୟଣ ସାହୁ

କେତେ ବାସ୍ତବତାରେ ଭର୍ତ୍ତି
ଏ ଛୋଟିଆ ଜୀବନ ମୋର ! !
ଗୋଟେ ବାସ୍କେଟ୍ ବଲ୍ ର ଖେଳ ଭଳି,
ଆଉ,
ପ୍ରତି ବାସ୍କେଟରେ ଭରି ରହିଥାଏ
ବୋଝର ଥଳି ।

ବୋଝ !
ନିଜେ ନିଜର ଓ ନିଜ ପରିବାରର,
ପାପ ଓ ପୁଣ୍ୟର,
ଅତୀତ ଓ ଭବିଷ୍ୟତର,
ମିଳନ ଓ ବିଚ୍ଛେଦର,
ଦୟା ଓ କ୍ଷମାର, ଏବଂ
ପ୍ରାପ୍ତି ଆଉ ତ୍ୟାଗର ।

ମୁଣ୍ଡେଇ ପାରୁନି ମୁଁ,
ଏ ସଂସାରର  ଯାବତୀୟ ବୋଝ ,
ଚାଲି ପାରୁନି ଜୀବନର ସୁଖମୟ ରାସ୍ତା,
ରାସ୍ତା ସାରା ପଡ଼ିଛି କେବଳ
ବିଷାକ୍ତ ବବୁଲ କଣ୍ଟା ।

ସେ କଣ୍ଟାରେ କ୍ଷତାକ୍ତ
ମୋର କୋମଳ ପାଦ,
ନିଜର ଅପାରଗତା ଆଗରେ ବଶ ମୋର
ଏ ମୋହଦଗ୍ଧ ଶରୀର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ଷଣିକରେ ,

ଛିଣ୍ଡାଇଦେଲି ସମ୍ପର୍କର ମଜବୁତ୍ ରଜ୍ଜୁକୁ,

ଭାଙ୍ଗିଦେଲି ଦୁଇ କୂଳକୁ

ଯୋଡିଥିବା ବାଉଁଶର ସେତୁକୁ,

ଲିଭାଇ ଦେଲି କଳାପଟାରୁ

ଚକ୍‌ଖଡ଼ି ର ଧଳା ଦାଗକୁ,

ପଡ଼ିଗଲି ଅଧାବାଟେ

ଆତ୍ମା ଏବେ ପୃଥିବୀ ମନସ୍କ ନ ହୋଇ

ହୋଇଗଲା ଆକାଶ ମନସ୍କ !

ଟାଣିଦେଲି ପୂର୍ଣ୍ଣଚ୍ଛେଦ ମୋର ଜୀବନକୁ ।

ଚଣ୍ଡିଖୋଲ, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୀଚିକା



ବିରେନ୍ଦ୍ର ନାୟକ

ଫେରିଯିବାର ବାଟ ଦେଖାଇ
ପୁଣି ଫେରାଇ ନେବାର ପ୍ରହସନ କାହିଁକି ?
ଚଲାପଥରେ ମୋର କଣ୍ଟା ବିଛାଇ
ଉଖୁରେଇ କାଢିବାର ଛଳନା କାହିଁକି ?

ପରଦା ପଛର ଖଳନାୟକ ସାଜି ପରଦା
ଆଗର ହୀରୋ ହେବାର ରହସ୍ୟ କଣ ?
ଜୀବନରେ ମୋର ଅନ୍ଧକାର ଭରିଦେଇ
ପୁଣି ତାକୁ ଆଲୋକିତ କରିବାର
ମିଛ ଚେଷ୍ଟାର ମାନେ କଣ ?

ତମେ କଣ ଭାବୁଛ ?
ମୁଁ କିଛି ଜାଣିପାରୁନି
ସବୁ ଜାଣି ମଧ୍ୟ, ଅଜଣା ରହିବାକୁ ବାଧ୍ୟ
କାହିଁକି ନା ତୁମକୁ କଷ୍ଟ ଦେବାର
ସାହାସ ମୋ ପାଖେ ନାହିଁ ବୋଧହୁଏ ।

ହେଲେ ଏତିକି ମନେରଖ
ଗୋଟିଏ ମାଠିଆକୁ ଭାଙ୍ଗିଦିଲେ
ତାର ଭଗ୍ନାଂଶ ରେ ଆଉ ଏକ
ମାଠିଆ ଗଢିହେବ, କିନ୍ତୁ
ସେ ପ୍ରଥମ ମାଠିଆ ପରି ନୁହେଁ ।

ସେହିପରି ଏକ ଗଛକୁ ଥରେ ଓପାଡି
ତାକୁ ପୁନଃରୋପଣ କରିପାର
ହେଲେ ତାକୁ ସେତିକି ପୋଷଣ ମିଳିବନି
ଯେତିକି ସେ ମୂଳ ମାଟିରୁ ମିଳିଥାନ୍ତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣିରଖ

ତମେ ଆଉ କାହା ମନରେ

ବିଶ୍ୱାସର ଚାରା ପୋତିପାର

ହେଲେ ମୋ ମନରେ କେବେ ନୁହେଁ

ମୋ ମନଟା ତ ବାରମ୍ବାର ଆଘାତ ପାଇଛି

କେବଳ ତମର ସେ ଏ ଘର ମାଉସୀ

ସେ ଘର ପୀୟୁଷୀ ଗୁଣ ପାଇଁ

ବେଳେବେଳେ ମନେହୁଏ

ତମେ ଜଣେ ନିଖୁଣ କଳାକାର

ତ ଆଉ କେତେବେଳେ ମରିଚୀକା

କେତେବେଳେ ଛଳନା ତ,

ଆଉ କେତେବେଳେ ବିଶ୍ୱାସ

କେତେବେଳେ କପଟ ତ,

ଆଉ କେତେବେଳେ ଭଲପାଇବାର

ନିଖୁଣ ଅଭିନୟ ମାନ କରିଚାଲ ।

ଆଉ ବେଳେବେଳେ ମନେହୁଏ

ତମେ ଜଣେ ମରୀଚିକା ତ,

କେବେ ପୁଣି ମେଘୁଆ ଆକାଶର ଜହ୍ନ

ଜହ୍ନ ଯେମିତି ବାଦଲ ସନ୍ଧିରେ ଲୁଚିଯାଇ

ଏ ଦୁନିଆଟାକୁ ଅନ୍ଧାର କରିଦିଏ

ତମେ ବି ଠିକ୍ ସେମିତି

ମୋ ପିଠି ପଛପାଖେ ଲୁଚିଲୁଚିରହି

ମୋର କ୍ଷତି କରିବାକୁ ଚେଷ୍ଟା କରିଛ

ଠିକ ଏକ ମରୀଚିକା ପରି ।

ଅତା, ସୁକିନ୍ଦା, ଯାଜପୁର
ଭ୍ରାମ୍ୟଭାଷ : ୭୩୭୭୯୪୭୮୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଝୁରେ



କାହ୍ନୁଚରଣ ସାହୁ

ମୁଁ ଜାଣେ ମୁଁ ଏବେ
ତୁମଠୁ ବହୁ ଦୂରରେ
କାରଣ ମୁଁ ଏବେ ମୁଁ ଏବେ
ତୁମର ହେଇକି ନାହିଁ...... !

ଏବେ ଏବେ ମୋ ପ୍ରେମ
ପାଲଟି ଯାଇଛି ମରୁଭୂମି
ତୁମ ହୃଦୟ ଦେଶେ
କିନ୍ତୁ ମୁଁ ଝୁରେ ତୁମକୁ
କେବେକେବେ ତମାମ ସମୟ
ତୁମକୁ ଅନୁଭବ କରେ
ତୁମ ଭାବନାକୁ ହୃଦୟଙ୍ଗମ କରେ
ଶେଷରେ ମୋ ଆଖିରୁ କେଇଟୋପା
କୋହ ମିଶା ଲୁହ ଝରେ...... !

କାହିଁକି ଏମିତି ହୁଏ ମୋସହ
ମୁଁ ଆଜିବି ଅପରିଚିତ
ତୁମ ଭାବନାରେ
ଏବେ ମୁଁ , ମୋ ପ୍ରେମ ଓ
ଭଲ ପାଇବା ତୁମଠୁ ଦୂରେ !!

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ସମ୍ପାଦକ- ସୃଷ୍ଟି ସମ୍ଭାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ସଂଜ୍ଞା



ଅଜିତ କୁମାର ଭୋଇ

ପ୍ରେମିକ ଚାହେଁ -

ସ୍ତବ୍ଧ ସମୟ ସୀମା ଡେଇଁ
ନିସ୍ତବ୍ଧ ପ୍ରେମିକା କୋଳରେ
ବାଲିଶଯ୍ୟା ଢେଉ ପରି
ବିଲୁପ୍ତ ହୋଇ ଯିବା... ! !

ପ୍ରେମିକ ଦିଏ -

ବୟସର ପ୍ରଥମ ଲଜ୍ୟା,
ପ୍ରଥମ ଶିହରଣର ଶଯ୍ୟା
ବାସ୍ତବତାର ପୂର୍ଣ୍ଣଚ୍ଛେଦ
କାଳ୍ପନିକ ଦୁନିଆ ଟିଏ... ! !

ପ୍ରେମ ନିଏ :-

ସାଙ୍ଗସାଥି ମେଳ
ଅଭୁଲା ପିଲା ଦିନ
ପବିତ୍ର ଜହ୍ନମାମୁଁ ଠାରୁ
ଅଭିଶପ୍ତ ଚଉଠି ଜହ୍ନ... ! !

ପ୍ରେମ କ'ଣ ?

ଶ୍ରାବଣର ପ୍ରଥମ ବୁନ୍ଦାରୁ
ଶାମୁକାରୁ ମୋତି
ଅଚିହ୍ନା ସମ୍ପର୍କରୁ
ଅବିବେକି ଲଜ୍ୟାର ଇତି... ! !

କୁଲିଆପଡା(କଳାହାଣ୍ଡି)
ଭ୍ରାମ୍ୟଭାଷ : ୯୯୩୭୯୪୯୮୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋକ



ବାଲାଜୀ ସେଠୀ

ଉହ୍ନେଇର ନିଆଁ ଜଳୁଛି ଦିକିଦିକି ହୋଇ....

ପାଉଁଶ ତଳେ ପୋତି ହୋଇଯାଉଛି

ସବୁ ଇପ୍ସିତ ଆଶା.....

ଭବିଷ୍ୟତ ଆକାଂକ୍ଷା ଗୁଡାକ ଠୁ ଠା ହେଇ ଫାଟୁଛି,

ସୁନେଲି ସ୍ୱପ୍ନ ସବୁ ମୁରଝି ଗଲେଣି.....

ଗୋଡ଼ରେ ନିୟତିର ବେଡି

ହାତକୁ ପଛରୁ ଭିଡୁଛି ଲାଜର ଦଉଡି....

ବନ୍ଦ କୋଠରୀରେ ଅଣନିଶ୍ୱାସୀ ହୋଇ

କବାଟ ବାଡାଉଛି.... ।

ବାହାରେ ତ ଶୁନଶାନ୍..... !

ଶୁ.. ଶୁ.. ହେଇ ନିଶା ଗରଜୁଛି

ପବନରେ ମିଳେଇ ଯାଉଛି ବିକଳ ଚିତ୍କାର

କ୍ଷୀଣ ହେଇଯାଉଛି ବାଷ୍ପାରୁଦ୍ଧ କଣ୍ଠସ୍ୱର....

ନିୟତି ଖେଳୁଛି...... ? ?

କଙ୍କାଳ ମାନଙ୍କ ସାଙ୍ଗରେ....

ମାଳମାଳ ମୁଣ୍ଡ ପେଣ୍ଡୁପରି ଗଡୁଛନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିୟତିର ଖେଳ ପଡ଼ିଆରେ....

ମୁଣ୍ଡବିହୀନ ଗଣ୍ଡି ଗୁଡାକ

କୋଳାହଳ କରୁଛନ୍ତି ପଡିଆ ବାହାରେ

ଏଠି ପରଖା ଯାଏନି

ଖେଳାଳୀର ସାମର୍ଥ୍ୟ କି ଯୋଗ୍ୟତାକୁ

ପ୍ରତିବନ୍ଧକ ନାହିଁ ନିର୍ଦ୍ଧାରିତ ସମୟକୁ

ବଡ଼ ବିଚିତ୍ର ସେ ଖେଳ..... ! !

ଜାଣିଛି....

ଖେଳରେ ହାରିବ ସିଏ...

ପଡିଆ ଭିତରେ ନହେଲେ ବନ୍ଦ କୋଠରୀରେ

ଉହ୍ନେଇର ତହତହ ନିଆଁରେ ପିଠି ସିଝିଗଲାଣି,

ଅନ୍ତନାଡୀ ସବୁ ଦଉଡି ବଳି ହେଇଗଲାଣି,

ମୁହଁ କଳାକାଠ ପଡ଼ିଗଲାଣି......

ହନୁହାଡ଼ କୋରଡ ଭିତରୁ ସେଥୁଆ, ଶୁଖିଲା

ଆଖି ଯୋଡିକ ଖୋଜୁଛି ମୁଠାଏ ଭାତ.......

ଭୋକ

ଓଃ.....

କି ଭୋକ...... ! ! !

(ଶିକ୍ଷକ), ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଜଦୁର



ଷଡ଼ାନନ ନାୟକ

ତୁମ ବିକଶିତ ଏବଂ ପ୍ରଗତିଶୀଳ ସମାଜକୁ
ଗଢ଼ି ତୋଳିବାରେ
ସର୍ବସ୍ୱ ହାରି ସାରିଥିବା
ବିଶୁ ମହାରଣା ମୁଁ,
ଦେଶ ଅର୍ଥନୀତି କୋଣାର୍କର
ଦଧିନଉତି ସ୍ଥାପନ କରି
ଚନ୍ଦ୍ରଭାଗାରେ ଜୀବନ ହାରୁଥିବା
କାରିଗର ଧର୍ମପଦ ମୁଁ ।।

ତୁମ କଳକାରଖାନାର
ହଜାର ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପ ରେ
ଆଠଘଣ୍ଟା ଜାଗାରେ ବାର ଘଣ୍ଟା ସିଝି
ତୁମକୁ କୋଟିପତି କରୁଥିବା
କାଙ୍ଗାଳ ମଜଦୁରଟିଏ ମୁଁ,

ଶହଶହ ମିଟର ଭୂଗର୍ଭରୁ
ଜୀବନକୁ ବାଜି ଲଗେଇ
ଅମୂଲ୍ୟ ଖଣିଜ ସମ୍ପଦ କାଢ଼ି
ତାର ମୂଲ୍ୟ ଆକଳନ କରି ପାରୁ ନ ଥିବା
ଅପାଠୁଆ ଶ୍ରମିକଟେ ମୁଁ ।।

ମୋ ଭିତରେ ଅସରନ୍ତି ଦୁଃଖ,
ଅର୍ଥ ଅଭାବରୁ ସ୍ତ୍ରୀର ଶବକୁ କାନ୍ଧରେ ବୋହି
କୁନି ଝିଅ ସାଙ୍ଗରେ ପଥ ଚାଲୁଥିବା
ଅଭାଗା ସ୍ୱାମୀଟିଏ ମୁଁ ।।

ନିର୍ଜୀବ ପଥରକୁ ନିହାଣ ମୁନରେ
ଜୀବନ୍ତ କରି ରୂପରେଖ ଦିଏ,
ମୋ କାରଗରୀକୁ ଅଦ୍ୱିତୀୟ କରିବା ଆଶାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜର ହାତଯୋଡିକ ବଳିଦାନ ଦେଇଥିବା

ଅଭିଶପ୍ତ ବିଶ୍ୱକର୍ମା ମୁଁ ।।

ଝିଅ ବାହାଘର କରଜ ସୁଝିବାକୁ

ରୋଗୀଣା ସ୍ତ୍ରୀକୁ ଘରେ ଏକା ଛାଡ଼ି

ଦୂର ରାଇଜକୁ ଦାଦନ ଖଟିବାକୁ ଯାଏ,

ଆଉ !

ଅଜଣା ରୋଗର ଶୀକାର ହୋଇ

ଶବ ରୂପେ ଗାଁ କୁ ଫେରୁଥିବା

ନିର୍ଜୀବ ଶରୀରଟେ ମୁଁ ।।

ପରିବାରର ଦାନା କନା ପାଇଁ

ରୋଜଗାର ଆଶାରେ

ତମର ଶିଳ୍ପାୟନର ମରିଚିକାରେ ଫସି

ନିଜ ଭିଟାମାଟିରୁ ବିତାଡିତ ହୋଇ

ଏ ଅଫିସ୍ ରୁ ସେ ଅଫିସ୍ ବୁଲି

ନୟାନ୍ତ ହୋଇ ସାରିଥିବା

ନିଷ୍କ୍ରେସିତ ଭିକାରୀଟେ ମୁଁ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବି ବର୍ଷ !

ସାହୁକାରଠୁ କରଜ ଆଣି

ବିଲରେ ବିହନ ବୁଣେ,

ପୁଣି କରଜ ଆଣି ଫସଲ ବୀମା କରେ

ବର୍ଷ ଶେଷରେ ସବୁ ପାର୍ଶ୍ୱରୁ ନିରାଶ ହୋଇ

ଆତ୍ମହତ୍ୟା କରୁଥିବା

ଋଣୀ କୃଷକଟେ ମୁଁ ।।

ସ୍ୱାର୍ଥପର ଦୁନିଆରେ

ନିସ୍ୱାର୍ଥ ଭାବ ରଖି

ସମସ୍ତଙ୍କ ନଜରରେ

ହୀନ ଦିଶୁଥିବା

ନିରୀହ ମଣିଷଟେ ମୁଁ ।।

ଗାଁ-ତଳମଲା

ଥାନା-ଜୁନାଗଡ

କଳାହାଣ୍ଡି

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଅଦିନିଆ ମେଘ



ପ୍ରୀତିରଞ୍ଜନ ନାୟକ

ଅଦିନିଆ ମେଘ କୁଆଡେ ଆସିଛୁ
ଚାଲିଯାଆ ପୂର୍ବ ଦିଗେ,
ମୋ ପ୍ରିୟା ର ଘର ଖୋଜି ଖୋଜି ଯାଇ
ଭିଜେଇଦେ ତାକୁ ବେଗେ ।

ପ୍ରେମର ବର୍ଷାରେ ଭିଜେଇବୁ ତାକୁ
ଦେବୁ ପ୍ରେମ ଉପହାର,
ଜଣେଇବୁ ତାକୁ ପଶ୍ଚିମ ଦିଗରେ
ଘର ତା ର ପ୍ରେମିକ ର ।

ଭାରି ଭଲପାଏ ସୁକୁମାରୀ ପ୍ରିୟା
ତୋର ସେ ପାଣି ଛିଟିକା,
ପାଉଁଜି ତାନରେ ନାଚି ଉଠିବ ସେ
ବରଷା ରାଣୀ ପରିକା ।

ମୁହଁରେ ତାହାର ପାଣିର ଠୋପା ଯେ
ମୁକୁତା ପଡ଼ିଛି ଝରି,
ଖୋଲା ବାଳ ତାର ସୁନ୍ଦର ଦିଶିବ
ଦିଶିବ ଅପସରୀ ପରି ।

ମୋ ମନ ମାନସୀ ତୋ ବର୍ଷା ଛିଟାରେ
ଲାଗିବ ଅତି ସୁନ୍ଦର,
ତା ପ୍ରେମ ପାଇଁକି ଅପେକ୍ଷା କରିଛି
ପ୍ରେମ ହେଉ ନିରନ୍ତର ।

ଜୟନଗର, ରାଜକନିକା, କେନ୍ଦ୍ରାପଡ଼ା
୯୦୯୦୦୪୦୧୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିପାରେ ନାହିଁ



ପୁଷ୍ପାଞ୍ଜଳୀ ପଣ୍ଡା

କଣ ମିଳିଲେ କଣ ପାଇଲେ
ଚାହିଁବା ବଢିବ ନାହିଁ
ବେଳ ସରେ କିବା ଫେରେ ନିତି ନିତି
କିଛି ଜାଣି ପାରେନାହିଁ ।
ଜନମ ମରଣ ସହିତ ଜୀବନ
ଏତିକି ରେ ଯଦି ସବୁ !
ବିପଥ ଆପଦ ବେଳରେ ତୁମକୁ
କାହିଁ ମନେ ପକାଇବୁ ।
ଆୟୁଷ ସରିଲେ କାମନା ହଟେନି
ଜାଣିବି କାମନା ଭରେ
ମନ ଗହନର ଅକୁହା କଥାକୁ
ମନେ ମନେ ରଖି ମାରେ ।
ନିର୍ବିକାର ହେବା ଅଭୀପ୍ସା ଭୁଲିବା
ଶେଷଯାଏ ଆସିଲାନି
ଲୋଭ ମୋହ ଆଉ କ୍ଷମତା ଲିପ୍ସା ର
ଅଭିସାର ସରିଲାନି ।
ସ୍ୱପ୍ନ କାହାର କରେ କେ ସାକାର
ଦୁଃସ୍ୱପ୍ନ ବି ସୁଖମୟ !

ସେବେଠୁ ଦେଖୁଛି ସରିତ ଯାଉଛି
ସୁଖ ଦୁଃଖର ସମୟ
ସୂର୍ଯ୍ୟୋଦୟ ଆଉ ସୂର୍ଯ୍ୟାସ୍ତ ଦେଖୁଛି
ଆକାଶ ର ତାରା ଗଣେ
ମଲାପରେ ଯାଇ କୋଉ ତାରାପାଖେ
ରହିବି ପ୍ରମାଦ ଗଣେ ।
ଆତ୍ମା ପରମାତ୍ମା ବୁଝିନି ଏଯାଏ
ଅଛିଣ୍ଡା ଅଙ୍କ ବୁଝେନା
ତୁମେ ଅଛ ମୋର ଅନ୍ତର ଭିତରେ
ଏକଥା ବୁଝି ପାରେନା ।
ନଟୁପରି ଘୁରି ଆସୁଛି ଜୀବନ
ହେଲାଣି ତ ସଜବାଜ
ଛ ଖଣ୍ଡ କାଠର ହେବ ପଟୁଆର
ଅଧା ହେଲା ପ୍ରଶ୍ନ ଆଜ ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ଆଶିଷ କୁମାର ସ୍ୱାଇଁ

ମର୍ତ୍ତ୍ୟରେ ବୈକୁଣ୍ଠ ଅଟଇ ଘର
ବନ୍ଧନେ ବନ୍ଧା ସ୍ନେହ ସମ୍ପର୍କର ।

ଘର ପରିବେଶ କେତେ ସୁନ୍ଦର
ମନ ମୋହିନୀଏ ରୂପ ସମ୍ଭାର ।

ନାନା ଫୁଲ ପୂର୍ଣ୍ଣ ଆମ ବଗିଚା
ପ୍ରଜାପତି ସହ ଘାସ ଗାଲିଚା ।

ପଢା ଘରେ ଯାଇ ପାଠ ମୁଁ ପଢେ
ପଡ଼ିଆରେ ମୁହିଁ ଖେଳନା ଗଢ଼େ ।

ଭାଇ ଭଉଣୀର ସ୍ନେହ ସମ୍ପର୍କ
ଗଢ଼ି ତୋଳିଦେ ସମୁଚ କୋଣାର୍କ ।

ବାପା ବୋଉଙ୍କର ସ୍ନେହ ଆକଟ
ଅବାଟରେ ଗଲେ ଶାସନ ଛାଟ ।

ଭକ୍ତିର ସରଗ ଠାକୁର ଘର
ଓଁମ ସଙ୍ଗେ ଘଣ୍ଟ ଶଙ୍ଖ ଧ୍ୱନିର ।

ରୋଷେଇ ଘରଟି ସଫା ସୁତର
ମାଆ ହାତ ରନ୍ଧା ଅତି ମଧୁର ।

ଘରେ ହୁଏ ଯେବେ ପିଠା ପଣା
ମହକି ଉଠଇ ତାର ବାସନା ।

ସ୍ୱର୍ଗୀୟ ସୁଖ ଯେ ଘରୁ ମିଳଇ
ସଦାବେଳେ ମନ ଖୁସି ରୁହଇ ।

ସାବିତ୍ରୀ ଭବନ, ସିଆରା, ପୁରୀ,
ମୋ - ୮୧୧୪୩୩୪୯୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗର୍ବର ହେଉ ଖର୍ବ



ଭାସ୍କର ଚନ୍ଦ୍ର ଖଣ୍ଡା

ନକରି ଭୃକ୍ଷେପ କାହାକୁ
କରିବାକୁ ଚାହେଁ ମୁଁ ରାଜତ୍ୱ
ମନରେ ଜାଗୃତ ମୋର
ଭାବନାର ଦୃଢ ଗୁଞ୍ଜରଣ
ମୁଁ ଯେ ଅଟେ ଶ୍ରେଷ୍ଠ ପ୍ରାଣୀ
କରିବେ ସଭିଏଁ ସ୍ୱୀକାର
ମୋହରି ଦାସତ୍ୱ ।।

ମୋ ଇଛା ବିରୁଦ୍ଧରେ
କେ କରିବ ସ୍ୱରଉତ୍ତୋଳନ
ଜଳ ସ୍ଥଳ ଆକାଶ
ବିଛାଇବି ସବୁଠି ମୁଁ କାୟା
ଯାଇ ପାରିଥାନ୍ତି ଯଦି
ସ୍ୱର୍ଗ ଆଉ ପାତାଳପୁରୀକୁ
କରିଥାନ୍ତି ସଭିଙ୍କୁ ପରାସ୍ତ
ଦେଖିଥାନ୍ତେ ସଭିଏଁ

ମୋର ଆଧିପତ୍ୟ ।।

ପିନ୍ଧି ଅହଙ୍କାରରେ ଭରା
ଇର୍ଷା ଲୋଭ ମୋହରେ ଖଚିତ ମୁକୁଟ
ସାଜି ଦୁର୍ଯ୍ୟୋଧନ
ବିନା ଯୁଦ୍ଧେ ନଦେବି ମୁଁ
ସୂଚ୍ୟଗ୍ରେ ମେଦିନୀ
ଯାଇ ଭୁଲି ସର୍ବନିୟନ୍ତାଙ୍କୁ
ଉପଦେଶ ତାଙ୍କର ମୁଁ
କରିବି ଖଣ୍ଡନ ।।

କି ହେବ ତା'ର ପରିଣତି
ଭୋଗିବାକୁ ହେବ ତାକୁ
ଦୁର୍ଦ୍ଦଶା ଦୁର୍ଦ୍ଦିନର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବ ପ୍ରକୃତି ରକ୍ଷା

ତା'ର ଭାରସାମ୍ୟ

ଭାବୁଥିଲା ନିଜକୁ ଯେ ଶ୍ରେଷ୍ଠ

ହେବ ପ୍ରମାଣିତ

ତା'ର ସେଇ ଚରମ ଅସହାୟତା ।।

ବିଧ୍ୱଂସ ଆଗରୁ

ଆସୁ ନବ ଜାଗରଣ

ତରୁ ଲତା କୀଟ ପତଙ୍ଗ

ପ୍ରକୃତିର ପର୍ଯ୍ୟାବରଣ

ଦେଇ ସଭିଙ୍କୁ ସମ୍ମାନ

କରି ନିଜ ଗର୍ବ ଖର୍ବ

ଦେଉ ସିଂଚି ପ୍ରେମ ମନ୍ଦାକିନୀ

ଓହ୍ଲାଇ ଆସୁ ଆଜି

ଏ ଧରା ଧାମକୁ ।।

ରୋଡ଼ ନଂ ୩, ଜଗନ୍ନାଥ ନଗର

ଭୁବନେଶ୍ୱର

(ମୋ) ୯୪୫୫୭୧୭୫୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ଦୀନବନ୍ଧୁ



ଅଜୟ କୁମାର ବେହେରା

ଆହେ ଦୀନବନ୍ଧୁ
ଦୁଃଖୀର ସେବକ ତୁମେ
ଦୁନିଆ ହସଇ
ସତେ ତ ତୁମରି ନାମେ ।୧ ।

ବୁଝି ପାର ତୁମେ
ଭୋକିଲା ପେଟର କଥା
ତୁମ ପାଇଁ ଆଜି
ଊର୍ଦ୍ଧ୍ୱରେ ଆମରି ମଥା ।୨ ।

ବୁଝେ ନାହିଁ ଯିଏ
ତୁମକୁ ସତରେ ଥରେ
ଜୀଇଁ ଥାଉ ଥାଉ
ସତକୁ ସତ ସେ ମରେ ।୩ ।

ତୁମେ ଭିଆଇଛ
ନାନା ଫଳ ଗଛ ଦେହେ
ଫୁଟାଇଛ ଫୁଲ
କେଡ଼େ ଆଦର ସେନେହେ ।୪ ।

ଦେଇ ଅଛ ହସ୍ତ
କର୍ମ ତ କରିବା ପାଇଁ
କେଡ଼େ କି ଉଦାର
ତୁମ ପରି କେହି ନାହିଁ ।୫ ।

ଶିଖାଇଛ ସତ୍ୟ
ଦେଇଣ ଧୈର୍ଯ୍ୟ ମନରେ
ସଫଳତା ମନ୍ତ୍ର
କହିଛ ପୁଣି କର୍ଣ୍ଣରେ ।୬ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମରି ଦୟାରୁ

ସଂସାର ଚାଲେ ଖୁସିରେ

ତୁମେ ବିଦ୍ୟମାନ

ଜଳ, ସ୍ଥଳ ସବୁ ଠାରେ ।୭ ।

ଅଗତିର ଗତି

ଆହେ ମୋର ଦୁଃଖ ବନ୍ଧୁ

ତୁମ ଦୟା ହେଲେ

ପାରି ହେବି ମୁହିଁ ସିନ୍ଧୁ ।୮ ।

ମୋରଡ଼ା,ମୟୂରଭଞ୍ଜ ।

ଭ୍ରାମ୍ୟଭାଷ : ୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା ବର୍ଷା ଶୀତ



ନୂତନ କୁମାର ବେହେରା

ଖରା ବର୍ଷା ଶୀତ ପ୍ରକୃତିରୁ ଜାତ
ବଦଳଇ ଋତୁ କ୍ରମେ,
ପାଣିପାଗ ସ୍ଥିତି ସମ ବିଷମ ନିତି
ଏକ ଚକ୍ରାକାରେ ଭ୍ରମେ ।

ଖରାରେ ତପତ ହୁଅଇ ଏ ଧରା
ଶୁଖି ଜଳ ହୁଏ ବାଷ୍ପ,
ଉତ୍ତାପ ଯୋଗାଇ ଭାରସାମ୍ୟ ରଖେ
ସୃଷ୍ଟି କରେ ଲଘୁଚାପ ।

ବର୍ଷାରେ କୃଷକ ଉପୁଜାଇ ଶସ୍ୟ
ପାଳଇ ଜୀବଜଗତ,
ଜଳ ବିନା କୃଷି ହୁଏନା ସମ୍ଭବ
ବର୍ଷା ଅଟେ ପ୍ରାଣୀ ମିତ ।

ଶୀତରେ ଶୀତଳ ହୁଏ ତପ୍ତ ମହୀ
ପରିବେଶ କରେ ସ୍ୱଚ୍ଛ,
ସୁନ୍ଦର ପ୍ରକୃତି ଝଲସି ଉଠଇ
ଯେହ୍ନେ ମୟୂରର ପୁଚ୍ଛ ।

ଖରା ବର୍ଷା ଶୀତ ତିନିହେଁ ରକ୍ଷକ
ଜଗତ ଜୀବନ ସାର,
ଏକ ବିନା ଅନ୍ୟ ସନ୍ତୁଳିତ ହୋଇ
ସୃଷ୍ଟି କରେ ହାହାକାର ।

ସଂସାରେ ଜନମି ସବୁ କିଛି ସହି
କରୁ ଜୀବନଯାପନ,
ବଞ୍ଚିବା ଲାଗି ତ ସଂଗ୍ରାମ ଚାଲିଛି
ଏହି ଆମ ସ୍ୱାଭିମାନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକୃତିର ଦାଉ ସୁଖ ଦୁଃଖ ମିଶା
କରଇ ସହନଶୀଳ,
ଧୈର୍ଯ୍ୟ ଧରି ସବୁ କରିବାକୁ ହେବ
ଏ ତ ନିୟତିର ଖେଳ ।

ଖରା ବର୍ଷା ଶୀତ ଆମ ସେବା ଲାଗି
ଦଇବ କରିଛି ସ୍ଥିର,
ଆମ ଉପକାରେ ଲାଗିଥାନ୍ତି ସଦା
କରି ଉତ୍ତମ ବିଚାର ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ନାୟିକା



ଗଣେସ ଦାସ

ନିସ୍ତବ୍ଧ ରାତ୍ରିର ବହଳ ଅନ୍ଧାର ସହ ମିଶି

ସମସ୍ତଙ୍କ ଅଜାଣତରେ, ନିଶବ୍ଦରେ

କେଉଁ ଏକ ପରୀରାଇଜରୁ ଓହ୍ଲାଇ ଆସ

ମୋ ଚାରିକାନ୍ଥ ପରିବେଷ୍ଟିତ କୋଠରୀ ମଧ୍ୟକୁ

ତମ ପ୍ରେମର ମାଦକତା ରେ ମତୁଆଲା କରିବାକୁ.. ।

ତମେ ଆସିବା ଖୁସିରେ ମୁଁ ବି ଦେହରେ ପର ଖଞ୍ଜିଦିଏ

ନିରୋଳା ରେ ଟିକେ ମନଭରି କଥା ହେବା ଲାଗି

ସ୍ୱାର୍ଥରହିତ ଦୁନିଆଠୁ ବହୁଦୂର ତମ ହାତରେ ହାତଛନ୍ଦି

ଏକ ଅଜଣା ଇଲାକାକୁ ଉଡିଯାଏ.....

ସେଇଠି ତମେ ଚିଲେଇ ଚିଲେଇ ଆମ ପ୍ରେମସମ୍ପର୍କ ବିଷୟରେ

ସାରା ଦୁନିଆକୁ କହିବାକୁ ଚେଷ୍ଟା କର

ଲୁଚକାଳି ବି ଖେଳ

ଖେଳୁ ଖେଳୁ ଥକି ପଡ଼ିଲେ

କାନ୍ଧରେ ମୁଣ୍ଡ ଯାକି ବାହୁକୁ ମୋ ଜାବୁଡ଼ି ଧରି

ଛାତି ତଳେ ସାଇତା କଥା ସବୁ ବଖାଣି ଚାଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ସବୁ କଥାକୁ କାନ ଡେରି ଶୁଣୁଥାଏ,ଆଉ ପ୍ରତ୍ୟୁଉତ୍ତର ରେ

ହୁ ହୁ ମାରୁଥାଏ..

ତମର ତ ନାକ ଅଗରେ ରାଗ

ଅନ୍ୟ ଝିଅ ସହ କଥା ହେଲେ ତମେ ଯମା ସହ୍ୟ କରିପାରନା

ଇର୍ଷାରେ ଜଳିଯାଅ

ଛଳନା କରିଛି କହି ଦୂରେଇ ଯାଅ

ଅଭିମାନ ର ପାହାଡ଼ ମୋ ଉପରେ ଅଜାଡ଼ି ଦେଇ,

କିନ୍ତୁ ମୁଁ ସହିପାରେନା ତମର ଦୂରତ୍ୱକୁ, ସେ ନୀରବପଣକୁ

ବହୁ ବାହାନା କରି ମନେଇବାକୁ ଚେଷ୍ଟା କରେ

ଭୁଲ୍ ହେଇଛି କହି କାନ ବି ଧରେ......

ତମେ ବି କମଳ ହୃଦୟର ଝିଅ ଟେ

ଦେଖିପାରନା ମୋ ହିନସ୍ତା କୁ, ସବୁ ରାଗ ରୁଷା ପଛରେ ପକାଇ ଲାଗି ଯାଉଥାଅ

ମୋ ପ୍ରଶସ୍ତ ଛାତିରେ....

ହେଲେ ଭବିଷ୍ୟତ ପାଇଁ ବିଶ୍ୱାସ ଯୋଗେଇ

କେବେ ପର କରିବନି କହି ମୁଣ୍ଡ ଛୁଇଁ ରାଣ ଖାଇ

ସକାଳର ପହିଲି କିରଣ ସହ ଅଦୃଶ୍ୟ ହେଇଯାଅ,

ତନ୍ନ ତନ୍ନ କରି ଏଠି ସେଠି ସବୁଠି ଖୋଜେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେଉଁଠି ବି ତମ ପ୍ରତ୍ୟକ୍ଷ ଦେଖା ପାଏନା

ପାଏ ଖାଲି ସ୍ମୃତି ରେ...

ଆଉ ସେଇ ସ୍ମୃତି କୁ ମୋ ପ୍ରେମ ବୋଲି ଭାବି

ଅନ୍ୟ ଏକ ରାତିକୁ ଅପେକ୍ଷା କରେ

ପୁଣି ଥରେ ତମକୁ ସ୍ୱପ୍ନରେ ଭେଟିବା ନିଶା ରେ.....

ଭୋଗରାଇ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦ୍ଧାର



ପଙ୍କଜ କୁମାର ମାହାନା

ଜୁଇ ଜାଇ ହେନା ମାଳତୀ ଗୋଲାପ,
ପଙ୍କଜ ମନ୍ଦାର ସତେ ।
ଦେବରୁ ଦାନବ ସଭିଏଁ ନିଅନ୍ତି,
କୋଳେଇ ଆଦର କେତେ ।।
ଜରାଗ୍ରସ୍ତ ଏଇ ଧରାରେ ତୁମର,
ପରାକ୍ରମ ନାହିଁ ଉଣା ।
ପାମର ମନୁଷ୍ୟ ପାଇଁ ଦେଇଗଲ,
ଏକି ଦୁଃଖର ପାଉଣା ।।
ଆପାଦ ମସ୍ତକ ପୁଷ୍ପରେ ଖଚିତ,
ହୋଇଅଛ କେତେ କେତେ ।
ମୂଲ୍ୟହୀନ ଆଜି ପୁଷ୍ପର ଗାଲିଚା,
କହିବି କାହାକୁ ସତେ ।।
ସତେକି ତୁମର ସୁନ୍ଦର ସଂସାର,
ହାହାକାର କରେ ଆଜି ।
ରଖ ପ୍ରଭୁ ତୁମ ଅଦୃଶ୍ୟ ହସ୍ତରେ,
ବିପଦରୁ କର ତ୍ରାହି ।।

ବିଶ୍ୱକରେ ଆଜି ହାହାକାର ତୁମ,
କୋରୋନା ମେଲିଛି କାୟା ।
ଜନଧନ ଜୀବ କରେ ତ୍ରାହି ତ୍ରାହି,
ଦେଖାଅ ତୁମର ମାୟା ।।
ମହାଭାରତ ଯୁଦ୍ଧରେ ତୁମେହେଁ,
କୌରବକୁ କଲ ନାଶ ।
ସେହିପରି ପୁଣି କରିଦିଅ ଥରେ,
କୋରୋନା ଭୂତାଣୁ ଶେଷ ।।
କାହିଁ କେତେ ରୂପ ଧରିଛ ମରତେ,
ଆଉଥରେ ପୁଣି ନିଅ ।
ମାଧ୍ୟମ ତୁମର ହେଉପଛେ ଯାହା,
ସମୁଳେ ବିନାଶ କର ।।

ଶୁଳିଆପଦା, ମୟୂରଭଞ୍ଜ, ୯୫୮୩୨୫୪୯୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଝ



ବିକାଶଚନ୍ଦ୍ର ଧୁଙ୍ଗିଆ

ଧନ୍ୟ ତୁମେ ପ୍ରଭୁ ଧନ୍ୟ ତୁମ ଧୈର୍ଯ୍ୟ,
ଧନ୍ୟ ତୁମ ସେବାପଣ ।
ବିନା ସ୍ୱାର୍ଥେ ତୁମେ ମୁଣ୍ଡେଇ ଚାଲିଛ,
ସଂସାର ଯାକର ବୋଝ ।।
ସୁନ୍ଦର ସଂସାର ରଚିଲ ତୁମେ ହେଁ,
କେତେ ଜୀବଜନ୍ତୁ ନେଇ ।
ଶ୍ରେଷ୍ଠ ସ୍ଥାନ ଦେଲ ମଣିଷ ଜାତିକୁ,
ଜ୍ଞାନ ବୁଦ୍ଧି ତା'ର ପାଇଁ ।।
ଆଜିତ ଲାଗିଛି ମଣିଷ କପାଳେ,
କଳଙ୍କର ନାଲି ଟିକା ।
ପରିତ୍ରାଣ ପାଇଁ ଅପାର ପ୍ରୟାସ,
କରୁଛି ସଂଘର୍ଷ ଏକା ।।
ଗଧ ହୋଇ ସୁଦ୍ଧା ନାହିଁ ମନେ ଭାବ,
ବୋହୁଛି ମୁନିବ ବୋଝ ।
ତୁ ଏକା ମନୁଷ୍ୟ ସର୍ବଶ୍ରେଷ୍ଠ ସ୍ଥାନ,
ମନେ ନାହିଁ କିରେ ତୋର ।।

ମନ୍ଦିର ଯାଉଛୁ ମସ୍‌ଜିଦ୍ ପୁଣି,
ଯାଉଛୁ ଗିର୍ଜା ଦୁଆର ।
ପାଣି ଢାଳି ଆସୁ ଚାଦର ଚଢେଇ,
ଭକ୍ତିରେ ଅଥଳ ମନ ।।
ବୁଢା ମାତା ପିତା ପଡିରହିଛନ୍ତି,
ଆଖିର ସାମ୍ନାରେ ତୋର ।
ଖୁଁ ଖୁଁ କାଶି ଅଥୟ ହୁଅନ୍ତି,
ନମିଳେ ମୁନ୍ଦାଏ ଜଳ ।।
ଥରେ କେବେ ନର ଭାବିଛୁକି ମନେ,
ଜୀବନଟା ତୋର କା'ଣ ?
ପ୍ରାଣ ଦାନ ଯିଏ କରିଛି ସେଇଠି,
ନାହିଁ ତୋର ଅଧିକାର ।।
ଭୁଲି ଗଲୁ ତୁହି ସେହି ପିଲାଦିନ,
କାନ୍ଧରେ ବସିଛୁ କେତେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଳରୁ ସାବାଳକ ବୋଝ ତୋହର,

ମୁଣ୍ଡେଇ ନେଇଛି ଯେତେ ।।

ଦଶ ମାସ ଦଶ ଦିନ ତୁ ରହିଲୁ,

ଗର୍ଭରେ ହୋଇଣ ବୋଝ ।

କି ମୂଲ ଦଉଛୁ ଗର୍ଭର ବୋଝକୁ,

ଖାଲି ଦି'ଟୋପା ଲୁହ ।।

ଜାଗରେ ମଣିଷ ଜଗାଅ ଆତ୍ମାକୁ,

ଶୋଇ ଉଠିପଡ ଆଜି ।

ମାତା ପିତା ବୋଝ ଋଣ ପରିଶୋଧ,

କରି ଦିଅ ହସି ହସି ।।

ଶୁଳିଆପଦା, ମୟୂରଭଞ୍ଜ

ଭ୍ରାମ୍ୟଭାଷ : ୯୩୪୮୩୭୬୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିନୟ



ପ୍ରଣତୀ ମହାପାତ୍ର

ଏତେଦିନ ହେଲା ବନ୍ଦ ଓଡ଼ିଶା
ଅଣ୍ଟିରେ ନାହିଁ ମୋ ଫୁଟା କଉଡି,
ଘରେ ନାହିଁ ଏଣେ ଚାଉଳ ପରିବା
ଘରେ ଗୋଳ ହୁଏ ଘଡିକୁ ଘଡି ।
ଏ ଦରବ ନାହିଁ ସେ ଦରବ ନାହିଁ
ବୁଝନ୍ତିନି କେହି ମୋ ଅସହାୟ,
ଆଗକୁ ଆସୁଛି ପଣାସଙ୍କରାନ୍ତି
ମନ ମୋ ଉ଼ହଳ ବିକଳ ପ୍ରାୟ ।
କାମକୁ ଗଲେ ମୁଁ ଦି ପାଇଟି କରି
ଆଣୁଥିଲି ଯାହା ଚଳଇ ଘର,
ଘରେ ବସି ବସି ସ୍ଥାଣୁ ହୋଇ କେତେ
ଅଭିନୟ କେତେ କରିବି ମୁଁ ଅଟେ ଛାର ।

ମାଗିଲେ ପଇସା ମାଲିକ କୁହଇ
ଦେଇ ପାରିବିନି ଟଙ୍କା ପଇସା,
ଯେତେ ଧର୍ମଘଟ ଅନଶନ କଲେ
ଛାଡ଼ ଚାକିରି ହୁଅ ଲୋକହସା ।
ଭିକମୁଠେ ପାଇଁ ଚାଉଳଟେ ନାହିଁ
ଫୁଟଣ ପାଇଁ ଯେ ତେଲ ବି ନାହିଁ,
ଦାନ୍ତକୁ ନିକୁଟି ହସୁଥାଏ ଖାଲି
ତଥାପି ଅଭିନୟ ମୋ ସରୁନାହିଁ ।

ଫକୀରମୋହନ ନଗର
ବାଲେଶ୍ୱର

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ବୃକ୍ଷ



ନବୀନ ସାହୁ

ତୁମ ପ୍ରେମକୁ ଭୁଲିବାର ପ୍ରୟାସ ତ କରିନି
ବରଂ ତା'ଠୁ ପ୍ରେରଣା ପାଇବାର ସୌଭାଗ୍ୟ ପାଇଛି ।
ବର୍ତ୍ତମାନ କୁ ବହୁତ ପରଖିଛି
ଏଠି ଭାବରେ ଭାବରେ କିଛି ନାହିଁ
କେବଳ ସଉଦା ଚାଲେ
ଯେମିତି ନିକିତି ରେ ସବୁ କାରବାର ।
ସୁଖ ଟିକେ ପାଇବାର ଅଭିପ୍ରାୟ
ମିଟ ମିଟ ଦୀପର ସଳିତା
କେତେବେଳେ ଆଲୁଅ ତ
କେତେବେଳେ ଅନ୍ଧକାର
ଭରସା ତ ଦୂରେ ଥାଉ
ଆଶାରେ ବି ଦୁର୍ବଳତା !
କାହିଁକି ବୁଝିବ କିଏ କାହା ମନ କଥା
ଅଯଥାରେ ମୁଣ୍ଡବ୍ୟଥା;
ଗଛର ଜୀବନ ଥାଏ ସିନା
କହେନି ସେ କଥା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ତ ଖାଲି ଆଶ୍ରୟସ୍ଥଳୀ

ଭିତରେ ହିଁ ଥାଉ ମନୋବ୍ୟଥା ।

ତୁମେ ତ ଭଲ ଭାବେ ଦେଖିଛ ପାହାଡ଼କୁ

ହରିତ ରଙ୍ଗରେ ରଙ୍ଗେଇ ହେଲେ

କେତେ ଲୋକ

କେତେ ଭିଡ଼

ତା'ର ଫୁରସତ କାହିଁ ଅତିଥିଚର୍ଚ୍ଚାରୁ

ହେଲେ ଗ୍ରୀଷ୍ମରେ ମାଙ୍କଡ ବାହା ବେଳକୁ

କିଏ ଯିବ ଜଳିବାକୁ ଏ ବାହାଘରକୁ ?

ଅପ୍ରାପ୍ତିର ଦୁଃଖ ଓ ପଶ୍ଚାତ୍ତାପ ର ଦହନରେ

ମୁଁ ବେଶ ସୁଖ ପାଏ

ତୁମକୁ ଭାଳିଭାଳି;

ଏ କଥା ତୁମେ ଭଲକି ବୁଝିଛ

ଓଟଟା ଯେମିତି ରହେ କଣ୍ଟାକୁ ଚୋବାଇ ।

ଏତେ ସବୁ କହିବାରେ

କେବଳ ଗୋଟିଏ ସ୍ୱାର୍ଥ-

ମୁଣ୍ଡରୁ ଟୋକେଇ ଟା ଓହ୍ଲାଇ

ଟିକେ ଥକାମାରେ

ପରେ ପୁଣି ଚାଲିଯିବି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ସ୍ମୃତିବୃକ୍ଷ ତଳୁ

କିଛି ବାଟ ସରିଯିବା ଯାଏ ।

ପୁଣି ଅଟକିବି ଯାଉଯାଉ

ଥକାମାରିବାକୁ

ପ୍ରେମଛାଇ ଠାରୁ ଟିକେ ଶକ୍ତିପାଇବାକୁ

ତୁମେ ମନା ତ କରିବନି ? ?

nabinsahu24@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିରାଣୀ ରୂପ



ଆଶୁତୋଷ ମେହେର

ପ୍ରକୃତି ରାଣୀର ରୂପ ର ଚମକ
ଝଲମଲ ଖେଳେ ମନେ
ଦିବ୍ୟ ସେ ମାଧୁରୀ ଭାବନା କବିତା
ଭରେ କବି ଆତ୍ମ ଧ୍ୟାନେ ।

ସଂଗୀତ ର ସୁର ସବୁଜିମା କୋଳେ
କବିର ମାନସ ଭାବ୍ୟ
ଉତ୍ତାଳ ତରଙ୍ଗ ରସାସିକ୍ତ ଭାବେ
ଲେଖେ ସେ କବିତା କାବ୍ୟ ।

ପ୍ରକୃତି ସୌନ୍ଦର୍ଯ୍ୟ ନିତ୍ୟ ରାସ ତା'ର
ସକାଳ ସଂଜର ଧୂପ
ବଂଚିବାର ରାହା ସେଇ ଏକା ପରା
ଚିତ୍ର ଗଢେ ଅପରୂପ ।

କବିର ଜୀବନ ପବିତ୍ର ମହାନ
ମାଟିମାଁ ସ୍ପରଶ ସଂଗେ
ଆଲୋକ ବର୍ତ୍ତିକା ପ୍ରଜ୍ୱଳିତ ସଦା
ରୂପ ବିଛୁରିତ ରଂଗେ ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବାର



ବାସନ୍ତୀଲତା ଜେନା

ସମାଜ ମଧ୍ୟରେ ପରିବାର ଶ୍ରେଷ୍ଠ
ଭୂମିକା ଗ୍ରହଣ କରେ
ପରିବାର ସାମାଜିକ ଅନୁଷ୍ଠାନ
ରହି ଥାଏ ଶୃଙ୍ଖଳାରେ ।୧।

ଶିଶୁଟିର ଜନ୍ମ ପରିବାର ମଧ୍ୟେ
ସ୍ନେହ ଶ୍ରଦ୍ଧାରେ ସେ ବଢେ
କଥା କହି ଶିଖେ ଚାଲିବା ଶିଖେ
ଜିନିଷ ଭାଙ୍ଗି ସେ ଗଢେ ।୨।

ଶିକ୍ଷା ଦୀକ୍ଷା ପାଏ ତାଲିମ ପାଏ ସେ
ଶିଖେ ଅନୁକରଣ କରି
ଅନୁଶାସନରେ ଜୀବନ ତା ଗଢ଼ା
କର୍ତ୍ତବ୍ୟରେ ଯାଏ ଭରି ।୩।

ବାପା ମା ଭଉଣୀ ଭାଇ ଦାଦା ଖୁଡି
ଥାନ୍ତି ଜେଜେ, ଜେଜେ ମାଆ
ସେହି ପରିବାର ଯୌଥ ପରିବାର
ଏ କଥା ନୁହେଁ ତ ନୂଆ ।୪।

ଯେଉଁ ପରିବାରେ ପୁଅ ଝିଅ ସଙ୍ଗେ
ବାପା ମାଆ ରହି ଥାନ୍ତି
ସେହି ପରିବାର ଛୋଟ ପରିବାର
ଲୋକେ କହିଣ ଥାଆନ୍ତି ।୫।

ଯୌଥ ପରିବାର ସବୁଠୁ ବଢିଆ
ସ୍ନେହ ପ୍ରେମେ ବନ୍ଧା ଥାଏ
ସମସ୍ତଙ୍କ ସ୍ନେହ ଆଦର ମିଳଇ
ଭଲ ମନ୍ଦ ଯେବେ ହୁଏ ।୬।

ଲଘୁଜନ ମାନେ ଭକ୍ତି କରି ଥାନ୍ତି
ଗୁରୁଜନ ଯେତେ ଥାନ୍ତି
ଗୁରୁ ଜନ ମାନେ ସେନେହ ଶ୍ରଦ୍ଧାରେ
ସାନକୁ ଗେହ୍ଲ କରନ୍ତି ।୭।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନୁଶାସନରେ ଶୃଙ୍ଖଳିତ ଭାବେ
ପିଲାଙ୍କୁ ବଡ଼ କରନ୍ତି
କର୍ତ୍ତବ୍ୟର ମୂଲ୍ୟ ବୁଝାଇଣ ଥାନ୍ତି
ସ୍ୱାଧୀନତା ଦେଇ ଥାନ୍ତି ।୮।

ପରିବାର ମଧ୍ୟେ ସ୍ୱାଧୀନତା ଥିଲେ
ସମସ୍ତେ ଖୁସି ହୁଅନ୍ତି
ସ୍ୱାଧୀନତା ନାମେ ସ୍ୱଚ୍ଛାଚାରୀ ହେଲେ
ଅଶା ନ୍ତେ ଦିନ କାଟନ୍ତି ।୯।

ଯେଉଁ ପରିବାର ସ୍ନେହେ ପ୍ରେମେ ବନ୍ଧା
କଟେ ସ ନ୍ତୋଷରେ ଦିନ
ଶାନ୍ତି ବିରା ଜଇ ସେ ଘରରେ ପୁଣି
ଲକ୍ଷ୍ମୀଙ୍କର ବାସ ସ୍ଥାନ ।୧୦।

ଛୋଟ ଛୋଟ ଭୁଲ ସମସ୍ତେ କରନ୍ତି
କ୍ଷମା ଗୁଣେ କ୍ଷମା କର
ପ୍ରେମର ବନ୍ଧନ ଶିଥିଳ ହୋଇଲେ
ଭାଙ୍ଗି ଯାଏ ପରିବାର ।୧୧।

ପରିବାର ମଧ୍ୟେ ବୁଝାମଣା ଥିଲେ
ସେତ ଅଟେ ସ୍ୱର୍ଗ ପୁର
ପରସ୍ପର ମଧ୍ୟେ ସ୍ନେହ ରହିଥିଲେ
ଦିନ କଟେ ଆନନ୍ଦର ।୧୨।

ଗାନ୍ଧିନଗର,
ନବରଙ୍ଗପୁର, ପିନ ୭୬୪୦୫୯
ମୋ : ୮୬୫୮୬୫୫୯୭୯

Magazine Downloaded from www.aahwaan.com

# ପ୍ରେମ ଏକତରଫା



ପ୍ରଭାଷ ଚନ୍ଦ୍ର
ଟୋଲଟିଆ

ନାହିଁ ସେ ପ୍ରେମରେ ବିରହ ବେଦନା
ନାହିଁ ସେ ପ୍ରେମରେ ଯନ୍ତ୍ରଣା
ଥାଏ ସେ ପ୍ରେମରେ ତ୍ୟାଗ
ପୁଣି ଥାଏ ପ୍ରଚୁର ଭଲପାଇବା ।

ନା ଅପେକ୍ଷା ନା ଆଶଙ୍କା
ନା ସନ୍ଦେହ ନା ଈର୍ଷା
ନା ମିଳନର ଆଶା
ଥାଏ କିନ୍ତୁ ବିଶ୍ୱାସ ଓ ଭରସା ।

ବାସ୍ ଏହା ଏକ ପାଗଳାମୀ
ହେଇପାରେ ତାର ପରିଭାଷା
ପ୍ରେମ ଏକତରଫା...
ପ୍ରେମ ଏକତରଫା.....

+୩ ତୃତୀୟ ବର୍ଷ କଳା (ଓଡ଼ିଆ ବିଭାଗ), ରାୟଗଡ଼ା
ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ ଦିବସ



ଓମ୍ ପ୍ରସାଦ ପ୍ରଧାନ

କୁଢ଼ କୁଢ଼ ଶବ ଉପରେ ଛିଡା ହେଇ
ଅନେକ ଦଳିତାଙ୍କୁ ଦଳିଦେଇ
ପୀଡିତଙ୍କୁ ନ୍ୟାୟ ନଦେଇ
ନିର୍ଭୟା, ଆସିଫାର ଶବ ଉପରେ
ପତାକାଟିଏ ପୋତି ଦେଇ
ପାଳନ କରୁଛି ନାରୀ ଦିବସ
ଏଇ ନିଷ୍ଠୁର ସମାଜର ପୁରୁଷ ପୁଙ୍ଗବ

ଆଜି ନାରୀ ଦିବସ ବୋଧହୁଏ
ଦିନଟିଏ ଆମେ ଦେଇଛେ ନାରୀକୁ
ନାରୀରୁ ନାରାୟଣୀ ହେବାପାଇଁ ?
ନା କେବଳ ନାରୀ ବି ଜଣେ ମଣିଷ
ଏତିକି ଜଣେଇବା ପାଇଁ ତାକୁ
ନହେଲେ ସେ ବି କଣ ଗଣା ହେବ
ଏଇ ପୁରୁଷ ପ୍ରଧାନ ସମାଜରେ

ପ୍ଲାଟୋ କୁହନ୍ତି ନାରୀ ଆତ୍ମାହୀନ
ସେଇଥିପାଇଁ ବୋଧେ କନ୍ୟାଭୃଣ ହତ୍ୟା
ବଧୂହତ୍ୟା, ଆଉ ଦୁଷ୍କର୍ମର ସୀମା ନାହିଁ
ଘରର ଅଇଁଠା ଠୁ ଆରମ୍ଭ କରି
ସମାଜ ର ବିଷ ପର୍ଯ୍ୟନ୍ତ ସେ ପିଇଯାଏ
ଆଉ ଶେଷରେ ଅସତୀ ନହେବା ପାଇଁ
ଜଳିଯାଏ, ନହେଲେ ଜାଳିଦିଆଯାଏ

ତଥାବି ଆମେ ନାରୀ ଦିବସ ପାଳନ କରୁ
କାରଣ ପ୍ରଶ୍ନବାଚୀ ନ'ହେଲେ ବି ସ୍ପଷ୍ଟ ନୁହେଁ
ଆଉ ନାରୀ କେବେବି ମଣିଷ ନୁହେଁ
କଥାଟା ମିଛ ହେଇଥିଲେ ବି
ପୁରୁଷ ପୃଷ୍ଠାରେ ସତ ହେବାକୁ ଯାଉଛି
ଯଦି ବା ସତ ହୁଏ ସେହିପୃଷ୍ଠା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀ କେବେ ବି ମଣିଷ ନୁହେଁ

ସିଏ ଦେବୀ, ସିଏ ଶକ୍ତି ମହମାନବୀ ହୁଏ

ସିଏ ବି କାହାଠାରୁ କମ ନୁହେଁ ।।

(ଉଦ୍ଭିଦବିଜ୍ଞାନ ସମ୍ମାନ)

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ,ନୟାଗଡ଼

ଦୂରଭାଷ : ୯୩୪୮୮୦୩୮୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ପରିପନ୍ଥୀ



ପ୍ରଭାତ ବଳ

ନିର୍ଭୀକତାର ମୁଖା ପିନ୍ଧି
ନିର୍ଦ୍ୱନ୍ଦରେ ବିଚରଣ କରୁଥିବା
ପାହାନ୍ତି ରାତ୍ରୀର ଅପରିପକ୍ୱ ସ୍ୱପ୍ନମାନେ,
କିମ୍ବା ଭୟ ଦିନର ପ୍ରସ୍ଫୁରିତ ଅବଧିକୁ ?
ଯଦି ବି ବିତିଯିବାକୁ ଚାହଁ
ମୋ ଦରଭଙ୍ଗା ନିଦରେ
ସର୍ତ୍ତୀଳ ଇଚ୍ଛାମାନଙ୍କର ଅଗଣାକୁ ।
ମନ ମୋର ଉତ୍ତରଳ
ଅତି ପ୍ରଖର ତା ନିସ୍ତବ୍ଧର ଗତି ।
ତନ୍ମଧ୍ୟେ ବି ସନ୍ତାପିତ
ଅକପଟ ହୀନ କ୍ଷୀଣ ସ୍ୱପ୍ନର ପ୍ରସ୍ତୁତି ।
ମୁଁ କିନ୍ତୁ ନୁହେଁ ନିଶ୍ଚେଷ୍ଟ ,ନୀରବ
ସ୍ନାୟୁମାନେ ସବୁ ସାଜି ଅସ୍ଥାଣୁ
ଅଣ୍ଟା ଭିଡନ୍ତି ସ୍ୱପ୍ନର ବାସ୍ତବତାକୁ ପରଖିବାକୁ
ହେଲେ ତତ୍ କ୍ଷଣାତ
ଏସବୁର ହୁଏ ନାଟକୀୟ ପରିବର୍ତ୍ତନ ।
ମୋତେ ନିଷ୍ପୃହ କରି
ଧିରେ ଧିରେ ସ୍ୱପ୍ନସବୁ ମିଳେଇଯାନ୍ତି
କାରଖାନାର ଧୂଆଁ ଗଗନେ ମିଶିଲା ପରି ।
ମିଞ୍ଜି ମିଞ୍ଜି ହୁଏ ଆକାଶ ଓ ଆଖି
ଖୋଜିଚାଲେ ବିତା ରାତିର ଇତିବୃତ୍ତ ।
ଝାପସା ଝାପସା ଦୃଶ୍ୟ ସବୁ ଗୁନ୍ଥି,
ନଭ ବିସ୍ତାରୀ ଭାସ୍କର୍ଯ୍ୟ
ଗୁଞ୍ଜରିତ କରେ ଅନ୍ତିମ ଚେତାବନୀ-
"ବୃଥା ଲୋଡୁ ସ୍ୱପ୍ନିଳ ରାତି,
ତୋ ପାଇଁ ସବୁ ରାତି ସ୍ୱପ୍ନ ପରିପନ୍ଥୀ"

କରଣପୋଖରୀ,ଭଦ୍ରକ
୯୭୭୬୬୭୦୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମର୍ପଣ



ସମ୍ୟଜିତ ପାତ୍ର

ସମର୍ପଣ ଯଦି କରିବାକୁ ଚାହଁ
କୃପାସିନ୍ଧୁ ପାଖେ କର,
ତେବେ ଯାଇ ତୁମେ
ପାପ ନରକରୁ ନିଶ୍ଚେ ହୋଇଯିବ ପାର ।
ହରିଣୀ ଡାକିଲା ଘଞ୍ଚ ଅରଣ୍ୟରେ
ସମର୍ପିତ କରି ମନ,
ଗଜରାଜଙ୍କର ଆକୁଳ ଡାକରେ
ଉଭା ହେଲେ ଭଗବାନ ।
ଦାସିଆ ବାଉରୀ ନଡ଼ିଆକୁ
ଦେଖିନେଲ ଚକା ଆଖି,
ବଳରାମ ଦାସ ହାତ ଗଢା ରଥେ
ବିଜେ ହୋଇ କଲ ଖୁସି ।
କୁରୁସଭା ସ୍ଥଳେ ଦ୍ରୁପଦନନ୍ଦିନୀ
କଲେ ପୂର୍ଣ୍ଣ ସମର୍ପଣ,
କୋଟି ବସ୍ତ୍ର ଦେଇ
ଲଜ୍ଜା କଲ ନିବାରଣ ।

ଗ୍ରାମ- ଗଡିଆ
ଜିଲ୍ଲା- ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ବାସ୍ନା



ଅରୁପ ଗିରି

ତାଲାବନ୍ଦ ହେଇ ଏ ସାରା ବିଶ୍ୱରେ ଅର୍ଥନୀତି ସିନା କମିଛି,
ମୋ ପରିବାର ଆଉ ଗାଁ ମାଟିରେ ମୁଁ ସମ୍ପର୍କର ବାସ୍ନା ପାଇଛି ।

କୋଳାହଳ ଆଉ ଗାଡ଼ି ମଟରରେ ଆଗେ ଦିନ ସବୁ କଟିଛି,
ଆଜି ଦିନ ଦି'ପହରେ କୋଇଲି ଡ଼ାକରେ ସମ୍ପର୍କର ବାସ୍ନା ପାଇଛି ।

କି' ବୋର୍ଡ଼ ମାଉସ କମ୍ପ୍ୟୁଟର 'ପରୁ ନଜର ଏବେ ତ ହଟିଛି,
ସବୁଜ କ୍ଷେତର ସବୁଜିମା ରେ ମୁଁ ସମ୍ପର୍କର ବାସ୍ନା ପାଇଛି ।

ଉପାର୍ଜନ ଆଶା ମନେ ରଖି ଯିଏ ଦେଶଠୁଁ ଦୂରେଇ ଯାଇଛି,
ଆଜି ସିଏ ନିଜ ମାଟି ମା' ଗାଆଁକୁ ଅନ୍ତର ମନରୁ ଝୁରୁଛି ।

ମୋ ଗାଆଁର ସେଇ ପୁରୁଣା ସାଥିଙ୍କୁ ପୁଣିଥରେ ଫେରି ପାଇଛି,
ଗାଆଁ ମନ୍ଦିରର ଶଙ୍ଖ ଧ୍ୱନିରେ ମୁଁ ସମ୍ପର୍କର ବାସ୍ନା ପାଇଛି ।

ଗ୍ରାମ/ପୋଷ୍ଟ - ଶୈଳେନ୍ଦ୍ର ପଲ୍ଲୀ, ଜିଲ୍ଲା - ଭଦ୍ରକ, ପିନ୍ -୭୫୬୧୩୨
ଦୁରଭାଷ -୭୨୦୫୮୧୩୨୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଅବକାଶ



ସୌମେନ୍ଦ୍ର ମହାନ୍ତି

ଆସଇ ଜଳଦ ଯେବେ ଧରି ବର୍ଷାରାଣୀ

ଖୁସିରେ ଗାଇଣ ଗୀତ ନାଚଇ ଧରଣୀ ।।

ଅଷ୍ଟମାସ ଭାନୁ ଯୋଗେ ଉତପତ ଥାଏ

ଜଳଦରୁ ପାଇ ଜଳ ଆନନ୍ଦିତ ହୁଏ [ ୧ ]

ଅମ୍ବରେ ଭାସନ୍ତେ ଘନ କଳାପୀ ନାଚଇ

ଖୋଲିଣ ପୁଚ୍ଛକୁ କେକୀ ଆନନ୍ଦେ ଭାସଇ ।।

ବହୁଦିନ ପ୍ରତିକ୍ଷିତ ହୋଇଣ ସେ ଥାଏ

ଦେଖୁଁ ଦେଖୁଁ ବଳାହକ ଉଲ୍ଲସିତ ହୁଏ [ ୨ ]

ଦର୍ଦ୍ଦୁର କାକଳି କରେ ହୋଇଲେ ବରଷା

ଆନନ୍ଦରେ ଭେକଗଣ ରାବନ୍ତି ସରସା ।।

ଘଡଘଡି ଶବଦକୁ ଖାତର ନକରି

ନଦୀ, ସର କୂଳେ ମିଶି ଛାଡ଼ନ୍ତି ଯେ ରଡ଼ି [ ୩ ]

ହସଇ ପାଦପ ପାଇ ବରଷା ପିୟୁଷ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେହେ ଭରିଯାଏ ତାର କୁସୁମ, ପୁଷ୍ପଜ ।।
ତପନ ତପତେ ସିଏ ଯାଇଥାଏ ଶୁଖି
ତୁରିତ ଅମିୟ ପାଇ ହୋଇଥାଏ ଖୁସି [ ୪ ]

ବାରିଧର ବାରି ଧରି ହୁଏ ଯେବେ ଉଭା
ହରଷ ଚିତ୍ତରେ ଚାଷୀ ଭାଇ ମାରେ କୁଦା ।।
ତନୟ, ତନୟା ସଙ୍ଗେ ଜାୟାକୁ ବୋଲଇ
ଟାଙ୍ଗରା ଭୂଇଁ ଯେ ତାର ତୃଷ୍ଣା ନିବାରଇ [ ୫ ]

କ୍ଷୁଦ୍ର ତଟିନୀ, ସରସୀ ମଧ୍ୟେ ଜଳଚର
ଆହ୍ଲାଦେ ନୃତ୍ୟନ୍ତି ମିଶି ପାଣିର ଭିତର ।।
ଶୁଖି ଶୁଖି ଆସୁଥାଏ ନଦୀ ସରୋବର
ବର୍ଷା ଜଳ ପାଇ ସର୍ବେ ଯୋଡ଼ିଥାନ୍ତି କର [ ୬ ]

ରାଣୀଓଳା, କସର୍ଦା, କଟକ
ମୋ : ୯୫୮୩୨୦୫୮୦୪

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ହୁଅନାହିଁ ତୁମେ ପୁସ୍ତକ କୀଟ



ଦୀନବନ୍ଧୁ ବେଜ

ଜୀବନଟା ଏକ ଖୋଲା ପୁସ୍ତକ
ଝୁଣ୍ଟି ଝୁଣ୍ଟି ପଢୁ ସଂସାର ପାଠ ।
ନାନା ଦୁର୍ଘଟଣା ବତାଏ ବାଟ
ଲୋଡ଼ା ପଡ଼ିଥାଏ ନିଶୁଆ ପାଠ ।
ଆମେ ଭାବୁ ସବୁ ବହିରେ ଅଛି
ଢ଼କ ଢ଼କ କରି ପିଇ ଯାଉଛି ।
ପାଠକୁ ପିଲାଏଁ ବାଟିକି ଘୋଷି
ଜଳବତ ତରଳ ପିଇ ଦିଅନ୍ତି ।
ପ୍ରଶ୍ନ ନପଚାରୁଣୁ ଉତ୍ତର କହେ
ସଂସାର ପାଠରେ ପଛେଇଯାଏ ।
ଭୀରୁପରି କିଳି ଦାଣ୍ଡ କବାଟ
ପାଳନ କରେ ସେ ମୌନବ୍ରତ ।

ପୁସ୍ତକ ପଠନେ ଜ୍ଞାତ ଅଜ୍ଞାତ
ଘୋଷାବିଦ୍ୟା ପୋଥିଟି ସତ୍ୟ ।
ଅଡେଇ ଦିନକୁ ରଖେନି ଟାଣ
ଅପମାନ ମିଳଇ ସାଥି ଗହଣ ।
ଅଧ୍ୟବସାୟରେ ରଖେ ଯେ ମତି
କପାଳେ ନିଶ୍ଚେ ପ୍ରକଟେ ଜ୍ୟୋତି ।
ବହିକୁ ଯିଏ ନିତି କରେ ସ୍ୱାଧ୍ୟାୟ
ଅଜ୍ଞାନ ଆନ୍ଧାରକୁ ନଥାଏ ଭୟ ।
ସଂସାର ଯାକ ସବୁ ପୁସ୍ତକ ପଢ଼ି
ସ୍ୱରଜ ପରି ନିରକୁ ନିଅ ନିଗାଡି ।
ବହିକୁ ପଢ଼ କରି ମସ୍ତିଷ୍କ ଯୁକ୍ତ
ନହୁଅ ବାବୁ କେବେ ପୁସ୍ତକ କାଟ ।
ପୁସ୍ତକ ଶିଖାଉ ସୁଜ୍ଞାନ ଯେତେ
ଏତିକି ଜଗା ପାଖେ ମାଗୁଣି ସତେ ।

ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳିଯୁଗର କୃଷ୍ଣ



ସୌମ୍ୟରଞ୍ଜନ ପାଲ

କୃଷ୍ଣ ଦ୍ୱାପରର କାଣି ଆଙ୍ଗୁଠିରେ କରି ଗୋବର୍ଦ୍ଧନ ଉଚ୍ଚ
କାଟି ପ୍ରକୃତିର କରାଳ ରୂପ ଯେ କଲେ ବିପଦରୁ ମୁକ୍ତ
କାରାଗାର ଠାରୁ କୁରୁକ୍ଷେତ୍ର ଯାଏଁ କେତେ ଘଟଣା ଘଟିଲା
କଂସ ଅବସାନ କୌରବ ନିଧନ କିଏ ଯେ ଭୁଲି ପାରିଲା ।।

କପଟୀ ଲୋକର କାଳ ସାଜି ପୁଣି କରୁଥିଲେ ଦୁଃଖୀ ସେବା
କେହି ଭୁଲିନାହିଁ କ୍ରନ୍ଦିତ ନୟନେ କୃଷ୍ଣ ସୁଦାମାର ଦେଖା
କର ଦୁଇ ଯୋଡ଼ି କରେ ଅନୁରୋଧ କରନାହିଁ ମନ୍ଦ କାମ
କପଟତା ଛାଡ଼ି କ୍ଳେଶ ମନୁ କାଢ଼ି କର ସେବା ଜୟଗାନ ।।

କରୁଛନ୍ତି ଯିଏ କଷ୍ଟ ସମ୍ବରଣ କରୋନାର ଦୂର ପାଇଁ
କଳିଯୁଗ ପାଇଁ କୃଷ୍ଣ ପରା ସେହି କଥା ଜମା ଭୁଲନାହିଁ
କର୍ମରେ ସଂଯମ କରି ଆଚରଣ କରୁଥାଅ ଦେଶସେବା
କବରୀ ମହୀର କରିବ ବିନାଶ କାହିଁ ଭୟଭୀତ ହେବା ।?

କଲମର ସ୍ୟାହି କବିତା ଲେଖୁଛି କରୋନାର ହେବ କ୍ଷୟ
କଳିଯୁଗର ଏ କୃଷ୍ଣ କହୁଅଛି କର୍ତ୍ତବ୍ୟର ହେବ ଜୟ ।।

ଗ୍ରା/ପୋ: - ବଡ଼ଶୋଳ, ଭାୟା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ, ପିନ୍ - ୭୫୭୦୮୬
ମୋବାଇଲ - ୯୯୩୭୮୮୯୮୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ବନାମ ବାସ୍ତବତା



ରାଜେନ୍ଦ୍ର କୁମାର ସାହୁ

ଭାବନାର ଜୁଆର ଯେବେ
ଉଠିଆଶେ ମନେ ମୋର
କେତେ ଆଶା ଆଶଙ୍କାର
ଛୋଟ ଛୋଟ ଢେଉ ମାନ
ଭାସିଯାଏ
ଛୁଇଁଦେଇ ମନେ ।

ସ୍ୱପ୍ନପୁଣି ଦେଖୁଥାଏ
ସାଗରରେ ପର୍ବତର
ଦେଶ ଗ୍ରାମ ରାଜ୍ୟ ସଙ୍ଗେ
ଆତ୍ମୋନ୍ନତୀ ପାଇଁ
ପୁଣି ସାଗରର ନୀର ପରିଦିନେ

ଖୋଜୁଥାଏ ଦିଗଟିଏ
ସ୍ୱପ୍ନପାଇଁ ନଦୀଟିର
କୃଷକର ଶସ୍ୟ ତଥା
ଜୀବନର ଜିବନକୁ
ସାଗାରର ନୀରପୁଣି
ଉନ୍ନତିର ଉପବନେ ।

ଆଶା ମୋର ଚାହିଁଥାଏ
ପଦ୍ମପରି ଆଲୋକର
ପ୍ରାରମ୍ଭିକ ଚିନ୍ତା ସବୁ
ହୃଦୟରେ ଠୁଳ କରି
ଫୁଟିବାକୁ ଫୁଲଟିଏ ଦିନେ ।

ପାଦେପାଦେ ଦିଶା ମିଳେ
ହୃଦୟରେ ହସ ଖେଳେ
ହେଲେପୁଣି ଭାବି
ଦେଖେ ଜନ ଚିନ୍ତାଧାରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାର ସମୟ କି  ଥଟା ଖେଳେ  ?

ମନମୋର ଫେରିଆସେ

ଖୋଜିବାକୁ ଅନ୍ୟଦିଶା

କ୍ଷୁବ୍ଧ ହୁଏ ନିରାଶରେ

ଶୁଦ୍ଧ ଚିନ୍ତା ପରିବର୍ତ୍ତେ

ସମାଜର ପାଣିମିଶା  ।

ପକ୍ଷୀ ଟି'ର ଡେଣାଟିରେ

ଲକ୍ଷ ଲକ୍ଷ ପର ଅଛି

ସପନର ଆକାଶରେ

ବାସ୍ତବିକ ଉଡିବାକୁ

ହେଲେ ଲକ୍ଷେ ମଧ୍ୟୁ ଯଦି

ଗୋଟେ ଚାହେଁ ଉଡିବାକୁ

ବାସ୍ତବିକ ଆକାଶଜେ

ଫେରିଆସେ ସପନକୁ  ।

କଣ୍ଟାପାଟଣା, ବାରଙ୍ଗ, କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



ରାମଚନ୍ଦ୍ର ପ୍ରଧାନ

# ଲୁହ ନଉକା

ଦୁଃଖର ଦରିଆ  ପାରି ମୁଁ ହେଉଛି
ଲୁହ ନଉକାରେ ବସି
ରକ୍ଷାକର ପ୍ରଭୁ  ବିକଳେ ଡାକୁଛି
ଯିବିନି ଯେମିତି ଭାସି...

ନ ଶୁଣିଲେ ତୁମେ  ମରିଯିବି ସତେ
ବଢୁଛି ମୋ ଦୁଃଖ ବେଶି
କହିଦିଅ ଥରେ  ଶୁଣିବକି ନାହିଁ
ଆହେ ମୋ ଶ୍ରୀକ୍ଷେତ୍ରବାସୀ...

ବୁଝି ମୁଁ ପାରୁନି  କାହିଁ ଦୁଃଖ ଦିଅ
ଭାବି ମୋତେ ଗୋଟେ ଦୋଷୀ
ଦୁଃଖର ଭାରଟା  ଓଲ୍ଲାଇ ମୋ ଠାରୁ
ଦିଅନ୍ତ କି ହେଲେ ଫାଶୀ...

କି' ଲାଭ ପାଉଛ  ଛଡାଇ ନେଇ ହେ
ମୋର ସବୁ ହସଖୁସି
ତୁମେ ନ ଚାହିଁଲେ  ଏ ଭବ ସଂସାରୁ
ଯାଇ ପାରିବିନି ଖସି...

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ମଣିଷ



କୃଷ୍ଣଚନ୍ଦ୍ର ଡାକୁଆ

ଆଜିର ମଣିଷ ରାକ୍ଷସ ସମାନ
କିଅବା ବର୍ଣ୍ଣିବି ଜୀବନ ତାରା
ଜୀବନ ଜିଇଂବା ଏଠି ଭାରି କଷ୍ଟ
ମଣିଷ ନୁହଁନ୍ତି ଏଠି ରାକ୍ଷସ କରନ୍ତି ବାସ

ମଣିଷ ପଣିଆ ଯେଉଁ ମଣିଷର ନାହିଁ
ସେ କି ମଣିଷେ ଗଣା
ଭଦ୍ର ମୂଖା ମଣିଷ ଏଠି ହଜାରେ ବୁଲନ୍ତି
ଦୁନିଆରେ ଭାଇ ସଭିଙ୍କୁ ଜଣା

କଥା କଥାରେ ସେ ମୁଣ୍ଡ ପୁରାଅନ୍ତି
କୁହନ୍ତି ଅନେକ କଥା
ହାତେ ଖଡା ସିଜିବନି ଦେଖେଇ ହୁଅନ୍ତି
ଦୁନିଆରେ ସିଏ ରଜା

କଥାରେ ଅଛି
ବସନ ଭୂଷଣ ଆଡମ୍ବର ଘେନି
ମହତ ହୁଏନି ଜନ
ବିବିଧ ରଙ୍ଗରେ ରଙ୍ଗିତ କାଚ କି
ହୁଏ ହିରକ ସମାନ

ଇଶ୍ୱରଙ୍କ ସୃଷ୍ଟି ଅଟେ ଚମତ୍କାର
ଗଢ଼ିଛନ୍ତି ନାନାବିଧ ଜିବ ଜନ୍ତୁ
ଖାଦ୍ୟ ଖାଦକ ସମ୍ପର୍କ ଲାଗିଛି
ଜଣେ ଖାଦ୍ୟ ହେଲେ ଅନ୍ୟଟି ଖାଦକ
ବଞ୍ଚିଅଛି ଏଇ ରୀତିନୀତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲପାଏ ଆଜି ଆଜିର ମଣିଷ ପିନ୍ଧିବାକୁ
ମନୁଷ୍ୟ ରୂପି ନରହନ୍ତା କଙ୍କାଳ ଟୀକା
ଠିକ୍ ଏତିକି ବେଳେ ମନେପଡେ
ଈଶ୍ୱର ଈଶ୍ୱରଙ୍କ ସୃଷ୍ଟି ସତେ ବିଚିତ୍ର ପରା

ପାପର ସାଗରେ
ଭାସୁଅଛି ଆଜି ମଣିଷ ସମାଜ
ବୁଝୁ ନାହିଁ ବାସ୍ତବତା
ନିଜ ପାଇଁ ନିଜେ ଶତ୍ରୁ ସାଜୁଛନ୍ତି
ମନ କରି ଅନ୍ୟମନସ୍କତା

ନିଜ ଦୋଷ ନିଜେ ଦେଖି ତ ପାରେନା
ଅନ୍ୟକୁ ଦିଅଇ ଦୋଷ
ସମାଜରେ ଯେମିତି ସେ ମହାଜ୍ଞାନୀ
ଅନ୍ୟକୁ ଅଙ୍ଗୁଳି ଦେଖାଇ
ଦେଖାଏ ତା ମୂର୍ଖତା ପରିଚୟ ରୂପ

ସର୍ବଶେଷରେ କହୁଅଛି ଶୁଣ
ମଣିଷ ସମାଜ କେବେ କଳଙ୍କତା'ନ ଲାଗୁ
ସଭିଙ୍କ ନିକଟେ ରହୁ ମାନବିକତା
ସବୁ ବୁଝି ଶୁଝି ଅବୁଝା ହୋଇଲେ
ଦୁନିଆ ଆଗରେ ଦିନେନା ଦିନେ
ଭାଇ ନୁଆଁଇବା ଆମ୍ଭେ ମଥା ........ ! !

କରଚୁଲି(ବୁଗୁଡ଼ା), ଗଞ୍ଜାମ
ପିନ୍-୭୬୧୧୦୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ଯ୍ୟାତିତା ନାରୀ



ବିନୟ କୁମାର
ଦଣ୍ଡସେନା

ଜୀର୍ଣ୍ଣ କୋଣାରକ ଶୀର୍ଣ୍ଣ ଭଗ୍ନସ୍ତୁପ
ହଜାଇଛି କି ଅସ୍ତିତ୍ୱ !
କ୍ଳିଷ୍ଟ ରାମରାଜ୍ୟ ପ୍ରହସନ ଆଜ
ବୁଭୁକ୍ଷିତ ର ରାଜତ୍ୱ !!
ନିର୍ଯ୍ୟାତିତା ଭୂଲୁଣ୍ଠିତ........ !
ହତଃସ୍ତମ୍ଭ କରେ ଜନମାନସକୁ !
ଆଇନ ର କଣ୍ଠରୁଦ୍ଧ !!୧!!
କଂସ ବଂଶଧର ରାବଣ ସୋଦର
ଅଟ୍ଟହାସ୍ୟ କରେ ସେ କି ?
ରାଜରକ୍ତେ ବ୍ୟାଜ ଯୌନକ୍ଷୁଧା ଲାଜ
ଚଣ୍ଡାଶୋକ କାରୁବାକି !!
ସୁରାସାକି ମତ୍ତେମାତି...... !
ଅଧୁନା ଜୀବିତ ରକ୍ଷ ଙ୍କ ଦାୟାଦ !
ରକ୍ତହୋଲି ଖେଳେ ନିତି !!୨!!
ସୁସ୍ୱାଦୁ ଯୌବନ ପଛଘୁଞ୍ଚା ଦିଏ
ଲୌହହସ୍ତ ଆଲିଙ୍ଗନେ !
ଜର୍ଜରିତ ଯମ ଯନ୍ତ୍ରଣା ଚୁମ୍ବନ
ଅସମ୍ଭାଳ ଅପଘନେ !!
ରାହା ଖୋଜେ ମର ଭୂମେ....... !
ପରୀ ପରୀ-ରାଇଜ କୁ ବରି
ଇହଧାମ ତେଜି ଗମେ !!୩!!
ଏକଛତ୍ର ରାଜ୍ୟେ ଶାସକ ନିରବ
ଚାଟୁକାର ବଳିଆନ !
ନିରୀହ ସୁଦେଷ୍ଣା ବିରାଟ ଆଶ୍ରିତା
କୀଚକ ଯେ ବଳବାନ !!
ସର୍ବେ ଏଠି ସ୍ଥାଣୁ ମୂର୍ତ୍ତି......
ନିର୍ଯ୍ୟାତିତା ଅଶ୍ରୁମୋଚନ କରଇ
ଭୂପତି ଲଭେ ସୁକିର୍ତ୍ତୀ !!୪!!
ମହାମାନୀ ମାନେ କୃଷ୍ଣା ଅପଘନେ
ଦୁଃଶାସନ ଅତ୍ୟାଚାର !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେନି ହସ୍ତ ଟେକି ଡାକେ ନିରୀମାଖି

ରଖ ବ୍ରହ୍ମାଣ୍ଡ ଠାକୁର !!

ବୁଝେ ନା କେ ହୃଦ ବ୍ୟଥା.....

ନାରୀ ମାଂସଲୋଭୀ ଦଶନ ଦଂଶନେ !

ବଞ୍ଚିବା ପ୍ରୟାସ ବୃଥା !!୫!!

ପାପାଚାରୀ ପାପ ନୁହେଁ କ୍ଷମଣୀୟ

କୁମ୍ଭିପାକ ଶେଷ ବାସ !

ଖଣ୍ଡି ଉଡା ଶିଶୁ ନିରୀହ କପୋତ

କରିଥିଲା କେଉଁ ଦୋଷ ?

କରେ ବିଧି ଆସ୍ଫାଳନ.....

ଧିକ୍ ରେ ମଣିଷ ତୋ ମାନବିକତାକୁ

ଶୁଭେ ପରୀ ର ରୋଦନ !!୬!!

ଚିଙ୍ଗେରକଟା ଡୁଙ୍ଗୁରିପାଲି ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋପାଳପୁର ବେଳାଭୂମି...



ଲକ୍ଷ୍ମୀକାନ୍ତ ମାଝୀ

ମହାସମୁଦ୍ରକୁ ଦେଖି
ସୀମାହୀନ ଜଳରାଶି
ଆଖି ରେ ରହିଗଲା ଲାଖି

ସତେ ଯେମିତି ଗର୍ଜନ କରି
ସ୍ୱାଗତ କରୁଥିଲା ମୋତେ
କି ଶାନ୍ତ ପବନ ନେଲା ମନଚୋରି

ଆତିଥ୍ୟ ସତ୍କାର କରି
ପାଦ ଦେଉ ଥିଲା ଧୋଇ
ଶାମୁକା ଉପହାର ଦେଲା ପୂର୍ଣ୍ଣ କରି

ଆକାଶ ଆଉ ସମୁଦ୍ର
ଏକ ହୋଇ ଯାଇଥିଲେ
ମୁଁ ହୋଇ ଯାଇଥିଲି କ୍ଷୁଦ୍ର

ବାଲି ଉପରେ ବସିବାକୁ ଆସନ ଦେଇଥିଲା
ଅବନା ଭାଷାରେ କଥା ହେଉଥିଲା
ହସରେ ଗଭୀର ତା ବକ୍ଷ ତରଙ୍ଗାୟିତ ହେଉଥିଲା

ନୀଳରଙ୍ଗ ପୁଣି ଧଳା ଧଳା ଫେଣ
ରଙ୍ଗ ହୀନ ଜଳ ଦେଖିବାକୁ ସୁନ୍ଦର
ହାତେ ଧରିବାକୁ ବ୍ୟଗ୍ର ମୋ ପ୍ରାଣ

ଗର୍ଭ ଶାନ୍ତ ଦିଶୁଥିଲା
ତା ଭିତରେ ଆଉ ଗୋଟେ ଜଗତ
ସେମାନଙ୍କ ସହ ମିଶିବାକୁ, ଦେଖିବାକୁ
କଥାହେବାକୁ, ମନ ଅଥୟ ହୋଇ ଉଠୁଥିଲା......

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେତିକି ସଞ୍ଜ ନଇଁ ଆସୁଥିଲା

ସେତିକି ମଜା ଲାଗୁଥିଲା

ନିଆରା ପରିବେଶ ରେ ମନଭାଙ୍ଗୁ ନ ଥିଲା ...

ନବରଙ୍ଗପୁର, ଓଡ଼ିଶା

ଛାତ୍ର ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ , ବ୍ରହ୍ମପୁର( ଗଞ୍ଜାମ)

ଯୋଗାଯୋଗ - ୮୦୧୮୨୬୭୨୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ



ଉତ୍ତମ ମହାପାତ୍ର

ଅତୀତ ଗୁଡାକ ମନେ ପଡି ଆଜି
ଛାତି କୁ ଥରେ ଦଉଛି ।।
ସ୍କୁଲ ବେଳ ର କଥା ଗୁଡ଼ା ଆଜି
ଗୋଟି ଗୋଟି ମନେ ପଡୁଛି ।।
ଉପର ବେଳା ର ଗାଁ ଦାଣ୍ଡ ଧୂଳି
ବହୁଚୋରୀ କୁ ମୁଁ ଝୁରୁଛି ।।
ଗାଁ ଶେଷେ ସେହି ମିଠା କୂଅ ପାଣି
ପିଇବାକୁ ଇଚ୍ଛା ହଉଛି ।।
ସେଇ ନଦୀ ଆଜି ସେଇଠି ସେମିତି
ଝର-ଝର ହୋଇ ବୋହୁଛି ।।

ଗାଁ ଦୋଳ ଆଉ ରଜ ମଉଜ ଟା
ଫିକା ପୂରା ପଡି ଯାଇଛି ।।
ଗାଁ ଗୁହାଳ ରେ ଗୋ ମାତା ଙ୍କ
ସଂଖ୍ୟା ଆଜି କମିଛି ।।
ଗୋ ଧୂଳି ସମୟେ ହମ୍ବା-ରଡି ଆଜି
କୁଆଡେ ମିଳେଇ ଯାଇଛି ।।
ନା ଅଛି ଆଜି ମିଠା କୂଅପାଣି
ନା ବୋହୂ ଚୋରୀ ,ନାଁ ଦାଣ୍ଡ ଧୂଳି ।।
ବଦଳି ଯାଇ ସେ ସହର ସମାନ ହେଇଛି
ଅତୀତ ଗୁଡ଼ା କ ମନେ ପଡି ଆଜି
ଆଖି ମୋ ଜକେଇ ଆସୁଛି ।।

ଗ୍ରାମ/ପୋଷ୍ଟ:- ମାଟିଆଳି, ଭାୟା:- ସଯନଗଡ
ଥାନା:-ରାଜ ବରହମପୁର
ଜିଲ୍ଲା:- ବାଲେଶ୍ୱର,ପିନ-୭୫୬୦୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରହସ୍ୟମୟ ଜୀବନ



କ୍ଷୀରୋଦ କୁମାର ସାହୁ

ଆଜି ବି ରାତିର ଗହନ ଅନ୍ଧକାରରେ ମୁଁ
ଅଣ୍ଡାଳି ଖୋଜେ ମୋର ଅସ୍ତିତ୍ୱ ,
ସାରା ରାତି ଚେଇଁ ରହି
ଉତ୍ତର ଖୋଜେ ମୋର
ଜୀବନ ଚର୍ଚ୍ଚା ର
ଯାହା ଅସମାହୀତ ।
ପ୍ରିୟା ଆଉ ଜହ୍ନ ଦୁହେଁ
ଅପସରି ଯାଆନ୍ତି
ନିଜ ନିଜ ପଥ ଅନୁସରି ।
କେହି କେହି କୁହନ୍ତି
ଧର୍ମ କର୍ମ ପଥ କୁ ଆବୋରି
ନେବା ହିଁ ତୋର ଜୀବନ ।
ଆଉ କେହି କେହି କୁହନ୍ତି
ଖାଇ ପିଇ ଅୟେସ
କରିବା ହିଁ ଜୀବନ ।
ବାରମ୍ବାର କାନ୍ଥର ଘଣ୍ଟା
ତାଗିଦ କରେ
ସମୟ ନାହିଁ ତୋ ପାଖରେ ।
ମୁଁ ବାର ବାର ଆତ୍ମ ସମୀକ୍ଷା
କରେ ନିଜକୁ ନିଜେ ।
ଏ କ୍ଷଣ ଭଙ୍ଗୁର ଜୀବନ କୁ
ନେଇ ମୁଁ ମୋର ମୁତ୍ୱ ରେ
ମସଗୁଲ ।
ମୁଁ ମୋ ପଛରେ
ଛାଡି ଆସିଛି
ଜୀବନ ତମାମ ର
ଶୋଷ ଆଉ ଭୋକ କୁ ।
ଆଖି ର ନିଦ ଟା
ଅବୋଲକରା ,
କେତେବେଳେ ବି ଆସି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଇରାଣ କରେ ।

ଜୀବନ ଗଣିତ ଟା

ହିସାବ ଖାତାରୁ

ବହୁତ ଊର୍ଦ୍ଧରେ ।

ମୁଁ କିନ୍ତୁ ନଛୋଡ ବନ୍ଧା

ଜୀବନ କୁ ପାଖରେ

ନିରେଖି ଦେଖୁ ଥାଏ ବାରମ୍ବାର ।

ସବୁଦିନେ ଖୋଜୁ ଥାଏ

ଜୀବନ ର ପ୍ରକୃତ ରହସ୍ୟ ।

ବରପିଟା, ପାଟଣାଗଡ଼

ବଲାଙ୍ଗିର

ମୋ-୯୧୭୮୨୧୬୭୫୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କନ୍ୟା ସନ୍ତାନ



ଇତିଶ୍ରୀ ମଲ୍ଲିକ

ପଦାର୍ଥ ନୁହେଁ ସେ ମଣିଷ ଟିଏ
ମହତ୍ତ୍ୱ ତାହାର ବୁଝୁଛି କିଏ,
ଅମୁଲ ମୂଲର ଫୁଲଟେ ସିଏ
ସମାଜକୁ ତାର ସୁବାସ ଦିଏ.... । ।

.

ଅଲକ୍ଷଣି ବୋଲି ଦୁନିଆଁ କହେ
ନିଜର ହୋଇବି ଜୀବନ ନିଏ,
ପୁଅଟିଏ ହେଲେ ସୁଖସେ ପାଏ
ଝିଅଟିଏ ହେଲେ ମୁଁହ ନଚାହେଁ.... । ।

.

ନାରୀର ବଇରି ଅଟେ ଯେ ନାରୀ
ବଞ୍ଚାଇ ନରଖି ଦିଏ ସେ ମାରି,
ଝିଅ ଯଦି ହେବ ନୁହେଁ କାହାରି
ପୁଅଟିଏ ହେଲେ ଅଟେ ଜରୁରୀ... । ।

.

ଅଟକ ତାପାଇଁ ଘର ଦରଜା
ଜନମ ଆଗରୁ ଶୁଣେ ମରିଯା,
ଦରକାର ବେଳେ ଝିଅର ଖୋଜା
ଭୃଣହତ୍ୟା କଲେ ମିଳୁଯେ ସଜ୍ଜା.... । ।

.

ନାରୀ ହୋଇ ମଧ୍ୟ ନପାରେ ଜାଣି
ଛାତିକୁ ପଥର କରଇ ପୁଣି,
କଇଁ କଇଁ କାନ୍ଦ ନପାରେ ଶୁଣି
କୁକୁର ବିଲୁଆ ଖାଆନ୍ତି ଝୁଣି... । ।

.

ମଣିଷ ହୋଇବି ନାହିଁ ବିବେକ
ସେହି ଝିଅ ରଖେ ଜାତିର ଟେକ,
ନାରୀଟିଏ  ତାର ରୂପ ଅନେକ
କୋଟିଏରେ ସିଏ ହୋଇବ ଏକ.... । ।

ଖମିଗାଁ, ପଚ୍ଛିକୋଟ, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘରକୁ ଆସିବୁ ବୋଲି



ତାରା ପ୍ରସାଦ ଜେନା

ମିଠା ବରକୋଳି ଜଟେଇ ଦେଇ ତୁ
ଖଟାକୁ ଚଖେଇଦେଲୁ,
ମୁରୁକି ହସାରେ ବେଜାଏ ଖୁସିରେ
ଭିତର ଖଞ୍ଜାକୁ ଗଲୁ !

ଆମ୍ବଡ଼ା ଧରିକି ହରିଡ଼ା ବୋଲୁଚୁ
ସିଆଣୀ ଏକା ତୁ ଭାରି,
ତରଡ଼ା ଦେଖେଇ ଜହ୍ନିକୁ ଚିହ୍ନେଇ
ଭାବୁଚୁ ଭୁତିଆ ଶିରୀ !

ତବତ ପାଣିକୁ ତୋ ହାତ ଯାଉନି
ଭାତକୁ ଦେଖୁଚି କହୁ,
ପାଣିଆ ଗୁଡ଼କୁ ଜିଭରେ ମାରିକି
ବୋଲୁଚୁ ଚାଟୁଚି ମହୁ !

ଅଳପ ରାଗରେ ଆଖିକୁ ଜକାଉ
କହୁଚୁ ପଡ଼ିଲା ପୋକ,
ଆଖିକୁ ଫୁଙ୍କିଲେ ପୋକକି ବାହାରେ
ଗାଲକୁ ଚାହୁଁଚୁ ବୋକ !

ରୁଷିଲେ ଏମିତି ଗୋଡ଼କୁ ଛାଟୁଚୁ
ପାଉଁଜି ଛିଟିକି ପଡ଼େ,
ଡାଆଣୀ ଗୁଣିଆ ତତେଲୋ ଜଣାଟି
ମରମ କଥାକୁ ଯୋଡ଼େ !

ଦୁନିଆଯାକର କଥାକୁ ବଖାଣୁ
ଭଲେଇ ହେଉଚୁ ବେଶି,
ଆଉ କା'କଥାକୁ ପାଖରେ ପାଇଲେ
ମିଛରେ କରୁଚୁ ଦୋଷୀ !

ଦୁଆର ଫାଙ୍କରେ କଣେଇ ଚାହୁଁଚୁ
ପାରୁନୁ ସହଜେ ଭୁଲି,
ସକେଇ ହଉଚୁ କାନିକୁ ପକେଇ
ଘରକୁ ଆସିବୁ ବୋଲି !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଶାନ୍ତନୁ କୁମାର ରାଉତ

ନାରୀଟିଏ ସିଏ ନାରୀଟିଏ

ସେତ ତ୍ୟାଗର ନମୁନା ପରି ଟିଏ

ଦୁଃଖ ଯନ୍ତ୍ରଣାକୁ ଛାତିରେ ଚାପିସେ

ଦୁନିଆ ଆଗରେ ହସି ଦିଏ...

ନାରୀଟିଏ ସିଏ ନାରୀଟିଏ......

ଜନମ ହେଇକି ବାପା ମନରେ ସେ ଦୁଃଖ ଦିଏ

ପୁଅ ହୋଇଲାନି ଝିଅ ଟିଏ ହେଲା

ବାପ ମନ ଦୁଃଖେ ଭାବୁଥାଏ

ଦୁଇ ମାସ ପରେ କୁନି ଓଠରେ ସେ ହସିଦିଏ

ଝିଅ ହସ ଦେଖି...

ବାପା ମନେ ସତେ ଅସୀମ ଆନନ୍ଦ ଭରିଯାଏ..

ନାରୀଟିଏ ସିଏ ନାରୀଟିଏ........

ଧୀରେ ଧୀରେ ଦିନ ଯାଏ ଗଡି

ଝିଅ ଯେବେ ଯାଏ ପାଠ ପଢ଼ି

ଗୁରୁଙ୍କ ଆଦର ଶ୍ରେଣୀରେ ପ୍ରଥମ

ବାପା ଛାତି କୁଣ୍ଢେ ମୋଟ ହୁଏ..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀଟିଏ ସିଏ ନାରୀଟିଏ.......

ସେଇ ଝିଅ ଦିନେ ବଡ ହୁଏ

ରୋଜଗାର ପାଇଁ ମନ ଦିଏ

ହାକିମ ହୋଇକି ଦେଶ କଥା ବୁଝି

ବାପାଙ୍କ ମୁଣ୍ଡରୁ ବୋଝ ନିଏ..

ନାରୀଟିଏ ସିଏ ନାରୀଟିଏ.....

ସମୟ୍ତ ଯାଏ ଗଡ଼ି ଗଡ଼ି

ଝିଅର ବୟସ ଯାଏ ବଢ଼ି

ଝିଅ ବାହାଘର କଥା ଭାବିଲେ ବାପାର

ମନେ ଚଡ଼ଚଡ଼ି ମାରିଦିଏ....

ନାରୀଟିଏ ସିଏ ନାରୀଟିଏ.....

ଜୀବନୀ ବହିରେ ନୂଆ ପୃଷ୍ଠା ଏକ ଖୋଲା ହୁଏ

ଝିଅ ପାଇଁ ଗୋଟେ ଯୋଗ୍ୟ ପାତ୍ର ଦେଖି

ଜନ୍ମଦାତା ତାର ଅଜଣା ହାତରେ ଟେକିଦିଏ...

ନାରୀଟିଏ ସିଏ ନାରୀଟିଏ......

ସରିଗଲା ଝିଅ ବାହାଘର

ଆପଣାର ସବୁ ହେଲେ ପର

ଝିଅ ବିଦା କରି ଏକୁଟିଆ ବାପା

ସମ୍ପର୍କକୁ ଧୁଏ ଆଖିଲୁହେ..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀଟିଏ ସିଏ ନାରୀଟିଏ.....

ନୂଆ ସକାଳର ନୂଆ ଦୁନିଆ

ଝିଅକୁ ଲାଗଇ ଭାରି ଛାନିଆ

ଧର୍ଯ୍ୟର ସହିତ ସବୁ ଦୁଃଖେ ସୁଖେ

ପରକୁ ଆପଣା କରିଦିଏ...

ନାରୀଟିଏ ସିଏ ନାରୀଟିଏ...

ସେତ ତ୍ୟାଗର ନମୁନା ପରି ଟିଏ...

ପାଟରଙ୍ଗା , ନୂଆସାହି , ଯାଜପୁର

ଭ୍ରାମ୍ୟଭାଷ : ୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ଶୁଭକାନ୍ତ ସାହୁ

ବୋଉ ତୁ ମୋ ବୋଉ
ସାରା ଦୁନିଆର ନିଜର ତୁ ।।
ଧରଣୀ ପରି ସହିଷ୍ଣୁ ତୁ
ଅଧିକ ମହାନ ଆକାଶ ଠୁ ,
ବୋଉ ତୁ ମୋ ବୋଉ ।।
ଚନ୍ଦ୍ରମା ପରି ଶୀତଳ ତୁ
ଅଧିକ ଉଜ୍ଜ୍ୱଳ ସବିତା ଠୁ,
ବୋଉ ତୁ ମୋ ବୋଉ ।।
ନଦୀ ପରି ଚଞ୍ଚଳ ତୁ
ବିଶାଳ ହୃଦୟ ସାଗର ଠୁ,
ବୋଉ ତୁ ମୋ ବୋଉ ।।
ପର୍ବତ ପରି ଅଚଳ ତୁ
ଅଧିକ ସୁନ୍ଦର ପୃଥିବୀ ଠୁ ,
ବୋଉ ତୁ ମୋ ବୋଉ ।।

ଗ୍ରାମ/ପୋଷ୍ଟ :- ଖଲାଡି
ଭାୟା/ ଥାନା :- ଉଦଳା
ଜିଲ୍ଲା:- ମୟୂରଭଞ୍ଜ
ପିନ:- ୭୫୭୦୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଁ ମୁଁ ଆଜିବି ବଞ୍ଚିଛି



ସିଦ୍ଧେଶ୍ୱର ତ୍ରିପାଠୀ

ହଁ ମୁଁ ଆଜିବି ବଞ୍ଚିଛି
ଗୁଡାଏ ଦୁଃଖ ଆଉ ଅବଶୋଷକୁ
ଛାତି ତଳେ ଚାପି ଦେଇଛି କେବେଠୁ
ଭୁଲି ଯାଇଛି ଅତୀତର
ଯେତେ ସବୁ ଯନ୍ତ୍ରଣା

ଅନେକ ଲୋକଙ୍କ ଆଖିରେ
ମୁଁ ହେଇଯାଇଛି ନିଶ୍ୱ ତୁଛ
ଆଉ ବେକାର ଲୋକଟେ
ଯେତେ ସବୁ ପରିହାସ କଥା
ମୋ ପାଇଁ ରଖା ଯାଇଛି
ସାଇତା ହୋଇ

ମୋ ଆଖି ଖୋଲା ଅଛି
ମୁଁ ଏକା ଏକା ଏବେବି ଚାଲିଛି
ହଁ ମୁଁ ଆଜିବି ବଞ୍ଚିଛି ।

ଗୋଟେ ଅଦରକାରୀ
ଚରିତ୍ର ଟିଏ
ଜୀବନ ନାଟକ ଆଉ ଦୁନିଆର
ରଙ୍ଗ ଶାଳା ପାଇଁ
ଅହରହ ଜିଇଁବାର
ସଂଳାପ ଘୋସୁଛି
ମଣିଷର ଅଭିନୟ ପାଇଁ
ସ୍ୱପ୍ନ ମୋର ଗୁମୁରି କାନ୍ଦୁଛି
ଏମନଟା ଭରଷା ବାନ୍ଧୁଛି
ହଁ ମୁଁ ଆଜିବି ବଞ୍ଚିଛି ।

କବିର ଘର
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୮୦୧୮୬୪୬୭୦୪, ୭୦୦୮୩୧୫୦୪୦

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ବିବାହ ବନ୍ଧନ



ପ୍ରଶାନ୍ତ କୁମାର ପଧାନ

ବିରହି ପ୍ରେମର ଅବଧି ସରିଲା
ଋତୁ ଏବେ ମିଳନର
ମାଟିର ବେଦୀରେ ସମ୍ପର୍କ ଯୋଡ଼ିଲା
ପ୍ରଜାପତି ବନ୍ଧନର । ।

ହୋମନିଆଁ ସାଥେ ମନ୍ତ୍ର ଉଚ୍ଚାରଣ
ଦୁଇଗୋତ୍ର ଯୋଡ଼ିହେଲା
ସ୍ୱୀକୃତି ମିଳିଲା ଜୀବନ ସାଥୀର
ପରିଚୟ ବଦଳିଲା । ।

ହାତଗଣ୍ଠି ହେଲା ପ୍ରେମର ଶିକୁଳି
ବନ୍ଦିନୀଗୋ ଏବେ ତୁମେ
ଜାମିନବିହୀନ ଅଟେ ଏ ବନ୍ଧନ
ମୁକୁଳିବା ନାହିଁ ଆମେ । ।

ଦଶଦିଗ ସାକ୍ଷୀ ଏଇ ସମ୍ପର୍କର
କ୍ଷମିବି ମୁଁ ଦଶଦୋଷ
ସୁଖମୟ ହେବ ଦାମ୍ପତ୍ୟଜୀବନ
ତୁଟିବା ଯାଏଁ ନିଶ୍ୱାସ । ।

ଦେହ ଓ ଆତ୍ମାର ହୋଇବ ମିଳନ
ସୀମାରେଖା ସବୁ ଡେଇଁ
ପିତୃପୁରୁଷଙ୍କ ଲଭିବା ଆଶିଷ
ଜନ୍ମଜନ୍ମାନ୍ତର ପାଇଁ । ।

ଗ୍ରାମ - ବୁରୋମୁଣ୍ଡା
ଜିଲ୍ଲା - ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତାଗୋ ତୁମେ



ଶରତ ଚନ୍ଦ୍ର ଜାଲି

କବିତାଗୋ ତୁମେ ଛଳଛଳ ନଈ
ଶବ୍ଦର ଉତ୍ତାଳ ଢେଉ
କବିର ମନକୁ ସୁଷମା ରାଜ୍ୟକୁ
ଆନମନା କରି ନେଉ ।

କବିତାଗୋ ତୁମେ ପ୍ରଜ୍ୱଳିତ ଦୀପ
ଅନ୍ଧାରେ ଆଲୋକ ଦେଉ
ସଂସାରେ ସଂସ୍କାର ଆଣିବାରେ ଚିର
ଯୁଗେଯୁଗେ ସାହା ହେଉ ।

କବିତାଗୋ ତୁମେ କଲମ ମୁନରୁ
ମଲମକୁ ନେସି ଦେଉ
ହୃଦୟର କ୍ଷତ ପୂରଣେ ଜାଗ୍ରତ
ଅନ୍ତରେ ଅମୃତ ହେଉ ।

କବିତାଗୋ ତୁମେ ଭାବର ସାଗର
ଅଭାବ ଯାତନା ଯାଉ
ଚିନ୍ତା ଚେତନାରେ ସବୁରି ମନରେ
ମନ୍ଦଗୁଣେ ସାଜ ଦାଉ ।

କବିତାଗୋ ତୁମେ ଚ୍ୟୁତକୁଞ୍ଜ କୋଳେ
କୋକିଳର ମଧୁ କୁହୁ
ଜାତି,ଧର୍ମ,ବର୍ଣ୍ଣ କି ରାତି କି ଦିନ
ଶୁଷ୍କ ଓଠେ ଢାଳ ମହୁ ।

କବିତାଗୋ ତୁମେ ପହିଲି ବରଷା
ଶ୍ରାବଣେ ସାଧବବୋହୂ
ଶିଶୁର ଜୀବନେ ତା ସ୍ନେହ ସପନେ
ସାଜ ସ୍ନେହମୟୀ ବୋଉ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କବିତାଗୋ ତୁମେ ଫଗୁର ଫୁଆର

ଫଗୁଣେ ମଳୟ ବହୁ

ପ୍ରେମ ବୀରହର ସନ୍ଦିଗ୍ଧ ସନ୍ତକେ

ଅଶ୍ରୁ ଢାଳି ସବୁ ସହୁ ।

କବିତଗୋ ତୁମେ ସୃଷ୍ଟି କୋଣେକୋଣେ

ସ୍ରଷ୍ଟାର ସନ୍ଦେଶ ମହୁ

କି ଧନୀ ନିର୍ଦ୍ଧନ ସର୍ବ ମନଜିଣ

କଥାପଦେ କହୁକହୁ ।

କବିତାଗୋ ତୁମେ ସତ୍ୟ, ଶିବ ଆଉ

ସୁନ୍ଦର ଯୌବନ ଦେହୁ

ବିଶ୍ୱ ଐକ୍ୟ ଭାବ ଅର୍ପଣ କରୁଛ

ପ୍ରସାରି ଅଭୟ ବାହୁ ।

ଶରତ ଚନ୍ଦ୍ର ଜାଲି(ଶିକ୍ଷକ)

ପଥରା,ଖଲ୍ଲିକୋଟ,ଗଂଜାମ

ମୋ-୭୮୭୩୯୧୭୬୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୁ ଧୁ ଖରା



ସସ୍ମିତା ମିଶ୍ର

ଧୁ ଧୁ ଖରା ହେଲେ
ଚଉସରୀ ପାଟ ମନେ ପଡେ
ନାଳିଆ ଦଣ୍ଡା ମନେ ପଡେ
ବଉବନ୍ଧ. ମନେପଡେ
ଦୀପଦାଣ୍ଡି ମନେ ପଡେ
ସାଥି ମେଳେ ପାଣି ଖେଳେ
ଛୁଆଁ ଛୁଇଁ ମନେ ପଡେ

ଧୁ ଧୁ ଖରା ହେଲେ
ଗାଁ ମୁଣ୍ଡ ମନେପଡେ
ବାପ ଜେଜେ ଅଣଜେଜେ
ପଣଜେଜେ ଅମଳର
ବୁଢ଼ା ବରଗଛ ମନେପଡେ
ନିଛାଟିଆ ଖରାବେଳେ
ଓହଳକୁ ଝିଙ୍କିଆଣି
ଝୁଲି ପଡି ସରଗରୁ
ଝୁଲିବାର ସୁଖ ମନେପଡେ

ଧୁ ଧୁ ଖରାହେଲେ
ଧଡିର ସେ କାଠଡବା
ଖୋଳ ଧରି ବାଡେଇବା
ବରଫଖଜା ଭାରିମଜା
ନଡିଆପକା କମଳା କୋଳ
ବୋଉକୁ କହି ସିନ୍ଦୁକ ଖୋଲ
ଚାରିଣି ଆଣ ତପନ ରାଗ
ଖାଇ ଦେଲେ ଭାଗିବ ଫାଗ
ଅଳି କରି ରୁଷି ବସି
ପଇସାକୁ ଧରି ଆସି
ଡବା ପଛେ ଗିଦ୍ ଗିଦ୍
ଧାଇଁବାର ଦିନ ମନେପଡେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୁ ଧୁ ଖରା ହେଲେ
ମେରୁ ମନେ ପଡେ
ଦଣ୍ଡ ନାଟ  ମନେପଡେ
କୁତୁହଳି ଆଖିରେ
ଭିଡକୁ ପିଠିକରି
ଅଧିଆଳି ଧନୁଆର
ତିନି ଠୋପା ରୁଧିରକୁ
ଗଣିଦ୍ୱାର ତୃପ୍ତି ମନେପଡେ

ଧୁ ଧୁ ଖରାହେଲେ
ଠାକୁମାର ପଣା ମନେପଡେ
ଚଇତି ମଙ୍ଗଳବାରେ
ମନ୍ଦାର ସଜେଇ ଗାଡେ
ଘର ଦାଣ୍ଡେ ପଣା ପୁଜି
ସଭିଙ୍କ ଶୁଭ ମନାସି
ମାଆର ସେ ମୁଣ୍ଡିଆର
ଢୋ ଢୋ ଶବ୍ଦ ମନେପଡେ

ଧୁ ଧୁ ଖରାହେଲେ
ଗାଆଁ ଚାଳ ମନେପଡେ
ମୋ ମାଟିଘର ମନେପଡେ
କଂକ୍ରିଟର ତତଲା ତାପରେ
ସିଝୁଥିବା ବେଳେ
ଛପରଘରେ ବୋଉର
ଯଉତୁକ ପଲଙ୍କରେ
ଶୀତୁଆ ସେ ନିଦ ମନେପଡେ

ଅଧ୍ୟାପିକା  ସସ୍ମିତା ମିଶ୍ର
ମହାନଦୀବିହାର
ମହିଳା ମହାବିଦ୍ୟାଳୟ ,କଟକ
ଦୂରଭାଷ  ୯୦୭୮୫୭୯୬୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକ୍ଷୟ ତୃତୀୟା



ସାଗର ନାୟକ

ସୁନ୍ଦର ଓଡ଼ିଶା ପବିତ୍ର ଧରାରେ
ସୁନା ଫଳେ ଧରା ପୃଷ୍ଠରେ
କୃଷକ ବାପୁଡ଼ା ତୁଣ୍ଡ ଝାଳ ମୁଣ୍ଡେ ପୋଛି
ଖଟୁଥାଏ ଖରା ତରାରେ ...... ! ! ! ! !(୧)

ଘରଣୀ ହାତର ପଖାଳ କଂସାରେ
ଥାଏ ସେନେହର ପରଶ
ମହମହ ବାସେ ଶାଗ, ବଡ଼ିଚୁରା
ଖାଇ ହୁଏ ମନ ହରଷ .... ! ! ! !(୨)

ଅକ୍ଷୟ ତୃତୀୟା ପବିତ୍ର ଦିବସେ
ଅକ୍ଷି ମୁଠି ନେଇ ଶରଧାରେ
ଚାଷ ଅନୁକୂଳ କରି କୃଷକଟି
ପୂଜା କରେ ବିଲ ମୁଣ୍ଡରେ ..... ! ! ! !(୩)

ମହନୀୟ ଆମ ଓଡ଼ିଶା ସଂସ୍କୃତି
ମହନୀୟ ପରମ୍ପରା
ଚାଷୀ ଭାଇ ହାତେ ହସେ ସୁନା କ୍ଷେତ
ଶସ୍ୟ ଫଳେ ସୁନାଝରା ... ! ! ! ! ! !(୪)

କୃଷକ ହସିଲେ ହସିବ ଦୁନିଆ
ଦେବା ତାକୁ ସନମାନ
ଖାଦ୍ୟ ଉପୁଜାଇ ରଖେ ସେ ଜୀବନ
ରଖିବା ତାହାର ମାନ ....... ! ! ! !(୫)

ରିୟାଦ, ସାଉଦୀ ଆରବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘରଜୋଇଁଆ



ସୌଭାଗ୍ୟ ଗିରି

ବେକାରିଆ ଥିଲି ପେରେମ ଫସେଇ
ବାହାହେଲି ଝିଅ  ରୋଜଗାରିଆ
ବାହା ବାସୀ ସଏ ଶାଶୁଘର ଛାଡି
ସଜେଇଲା ମତେ ଘରଜୋଇଁଆ
ଶାଳୀ ବି ମୋହର ଶାଶୁଘର ଛାଡି
ସାଜିଛି ଏଇଠି ନିତି କୁଣିଆ
ପତ୍ନୀଠାରୁ ବେଶୀ ଲାଗେ ସିଏ ଭଲ
ତା ସାଙ୍ଗେ ଭାବ ମୋ ଅତି ବଢିଆ
ସଭୁ ମୋ କହିଲେ ନିତି ରହୁଥିବା ଝିଅ
ବାପଘର ପାଇଁ ସତେ ଅଳିଆ
ଛାଡପତ୍ର ଦେବ କହିଲା ମୋ ଶାଳୀ
ପରିସ୍ଥିତି ହେଲା ଅସମ୍ଭାଳିଆ
ଲାଗିଲା କୋଉଠି ଫସିଯାଇଛି ମୁଁ
ଏଠି ଏକୁ ତ ଆରକ ମହାବଳିଆ
ଦେଖିଦେଖି ଏ ଘରର ଝିଅଙ୍କୁ
ମୁଣ୍ଡ ମୋର ହେଲା ଗଣ୍ଡଗୋଳିଆ
ଶ୍ୱଶୁର ପୁଅଟି ଭାରି ନଟଖଟ
କହିଲା ମତେ ଫୁଲ୍ ବେକାରିଆ
ସବୁଦିନ ଏଠି ମିଲ୍ ପକେଇକି
ବୁଲୁଛ ଖାଇକି ପାନ ପୁଡିଆ
ପତ୍ନୀ ମୋର ଆଉ ସହି ପାରିଲାନି
କିଣିଆଣି ଗୋଟେ ଚାରିଚକିଆ
କହିଲା ଏ ଗାଡି ଡ୍ରାଇଭର ସିଏ
ଆଜିଠୁ ମୋ ସ୍ୱାମୀ ରୋଜଗାରିଆ ।

ଶିକ୍ଷୟିତ୍ରୀ, ପଟାମୁଣ୍ଡାଇ, କେନ୍ଦ୍ରାପଡା
୭୭୩୫୦୩୬୭୩୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେପଡ଼େ ପ୍ରବାସରେ



ନିବେଦିତା ମହାପାତ୍ର

ପର କରି ଜନ୍ମଦାତ୍ରୀ କୋଳ ଉଷ୍ମତାକୁ
ଭାଙ୍ଗି ଦେଇ ବୁଢା ବାପା ହୃଦୟ ଦମ୍ଭକୁ
ଭାଇର ସୁନେଲି ସ୍ୱପ୍ନ ସତ କରିବାକୁ
ଛାଡି ଆସିଥିଲି ଦିନେ ମୋ' ଭିଟାମାଟିକୁ ॥ ୧

ଭଉଣୀର ମିଛିମିଛିକା ଅଭିମାନକୁ
ଘରଣୀର ଓଠରେ ହସ ଭରି ଦେବାକୁ
ସନ୍ତାନର ମୁଖେ ଟିକେ ଆହାର ଦେବାକୁ
ଛାଡି ଆସିଥିଲି ମୋ' ପ୍ରିୟ ପରିବାରକୁ ॥୨

ମାଆ ହାତର ତିଆରି ଖାଦ୍ୟର ବାସ୍ନାକୁ
ଭୂମିରେ ବସି ଶାଗ ପଖାଳ ଖାଇବାକୁ
ସାତ ସିଆଁ ଛୋଟ ତା'ର ପଣତ ଛାଇକୁ
ଛାଡି ଆସିଥିଲି ଦିନେ ମୋ' ଜନ୍ମଭୂମିକୁ ॥୩

ଛିଣ୍ଡେଇ ଦେଇ ସବୁ ମମତା ବନ୍ଧନକୁ
ପାସୋରି ପ୍ରିୟଜନଙ୍କ ମଧୁର ସ୍ମୃତିକୁ
ସନ୍ଧ୍ୟା ପରିବେଶର ସେ ବନ୍ଧୁ ଆସରକୁ
ଛାଡି ଆସିଥିଲି ମୋ' ଜିଲ୍ଲା ପରିସୀମାକୁ ॥୪

ଖରାଦିନ ଆମ୍ବତୋଟା କୋଇଲି କୁହୁକୁ
ବର୍ଷାଦିନେ ବିଲ ପାଣିରେ ମାଛଧରାକୁ
ଦୋଳ ପରବର ରଙ୍ଗ ଅବିର ଖେଳକୁ
ଛାଡିଆସିଥିଲି ଦିନେ ମୋ'ରାଜ୍ୟ ସୀମାକୁ ॥୫

ମାଟି ମା'ର ସେଇ ସୁବାସିତ ସୁଗନ୍ଧକୁ
ମନ ମତାଣିଆ ତା' ଶାନ୍ତ ପରିବେଶକୁ
ଗ୍ରାମ ଦେବତୀଙ୍କ ସଞ୍ଜ ଆଳତି ଘଣ୍ଟିକୁ
ଛାଡି ଆସିଥିଲି ଦିନେ ମୁଁ ଦୂର ଦେଶକୁ ॥୬

ଶସ୍ୟ ଭରା କ୍ଷେତର ଶ୍ୟାମଳିମା ରୂପକୁ
ଚଷା ଭାଇର ମଧୁର ହଳୁଆ ଗୀତକୁ
ବରଗଛ ମୂଳ ଚାନ୍ଦିନୀ ଶୀତଳତାକୁ
ଛାଡି ଆସିଥିଲି ଦିନେ କର୍ମ କରିବାକୁ ॥୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶରତ ସକାଳର କଇଁଫୁଲ ତୋଳାକୁ
ଶିଶିର ସିକ୍ତ ଦୁର୍ବାଦଳ ଭରା ପଥକୁ
ଗାଇଆଳ ପିଲାର ମିଠା ବଂଶୀ ଧ୍ୱନିକୁ
ଛାଡି ଆସିଥିଲି ରୋଜଗାର କରିବାକୁ ॥୮
ସାଉଁଟି ନେଇ ଅତୀତ ଅଭୁଲା ସ୍ମୃତିକୁ
ନିଜ ଆତ୍ମ ସମ୍ମାନର ମାନ ରଖିବାକୁ
ପ୍ରତିହତ କରିବାକୁ ଉଦର ଜ୍ୱାଳାକୁ
ଛାଡି ଆସିଥିଲି ମୁଠେ ଖାଦ୍ୟ ଖୋଜିବାକୁ ॥୯
ନୟନେ ଧରି ବେଦନା ସିକ୍ତ ବିରହକୁ
ମନେ ଲୁଚାଇ ଅକୁହା ଗହନ କଥାକୁ
ସାଥେ ନେଇ କେତେ ଆକାଂକ୍ଷିତ କାମନାକୁ
ଛାଡି ଆସିଥିଲି ମୁହିଁ ସୁଖ ଖୋଜିବାକୁ ॥୧୦

ମୁକୁନ୍ଦ ମିଶ୍ର ନଗର,ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିଡ଼ ମୁଁ...



ପରମିତା ମିଶ୍ର

ତୁମ ଅଗୋଚରରେ ମୁଁ ମିଟାଇପାରେ ତୁମ ଅସ୍ତିତ୍ୱକୁ
ବିଶ୍ୱାସ କର ତୁମରି ଆଖି ତଳେ ରହି
ହିଁ ଡର ମତେ,
ମୋ ସବୁ ପାପପୁଣ୍ୟର ସାକ୍ଷୀ କେବଳ ମୁଁ ଆଉ ମୁଁ ।
ନା କେହି ଚିହ୍ନିଛି ମତେ
ନା ମତେ କେହି ଦେଖିଛି
ମୋ ପାଇଁ ଛୋଟ ତୁମ କାନୁନର ହାତ,
ମୋ ପାଇଁ ଆଇନ ବି ତୁଚ୍ଛ,
କେବେ କାହା ସ୍ୱାର୍ଥ ତ କେବେ କାହା ଅହଂକାର ,
ତୁମ ଅନ୍ତରର ମୃତ ବିଶ୍ୱାସ ହିଁ ମୁଁ ।
ପଙ୍ଗୁ ବିବେକ ଓ ଲାଚାର ମାନବିକତା,
ମିଥ୍ୟା ମୋର ପରିଚୟ, ଗୁଜବର ଅମ୍ଳଜାନ
ନା ଶକ୍ତି ମୋର ସ୍ୱରୁପ, ନା ମୁଁ ସତ୍ୟ
ମୁଁ ନୁହେଁ ଦାନବ, ନା ମୁଁ ଦୈତ୍ୟ
ତତ୍କାଳୀନ ସ୍ୱତନ୍ତ୍ରତାର ଦୁର୍ଭାଗ୍ୟ ଦ୍ରୁମଟିଏ ମୁଁ ।
ଇତିହାସରେ ପରାଧୀନ ତୃଣଟିଏ ଥିଲି ।
ଗଣଧର୍ଷଣର ବିରୋଧରେ ବି ଥିଲି ମୁଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ନିଷ୍ପାପ ସାଧୁର ହତ୍ୟାରେ ହେଉ
ଦ୍ରୌପଦୀର କୌରସଭାତଳେ
ହଁ ସେଦିନ କୁଶବିଦ୍ଧରେ ମୁଁ ଥିଲି
ଭୁଲିଯାଇଛ କି ଜାଲିଞ୍ଜନାବାଗ,
ମୁ ହିଁ ତୁମ ମନ ଆଉ ମସ୍ତିଷ୍କ ।
ଗୋଟେ ନୁହେଁ ମୋ ଚେହେରା ଅନେକ
ଭାସିଯାଏ କେତେ ଚୁନାଚୁନା ସ୍ୱପ୍ନ ।
ଅମାନିଆ, ଚଗଲା ମନ ଦାନବର ଲହଡିରେ
ଜନ ସମୁଦ୍ର,ମୋ ଭିତରେ ବହେ ଏକ ସମୁଦ୍ର
କିନ୍ତୁ ବାଣିରେ କେବଳ କଙ୍କର,କାତି,କୁରାଢୀ ।
ବାଣ ଠାରୁ କ୍ଷୀପ୍ର ଆହୁରି ।
ହଁ ଶ୍ୱର ମୋର ଦ୍ରୁତ ଭାରି,
ଡର ମତେ,
ନା ମୁଁ ବାହକ, ନା ମାଧ୍ୟମ
ସହସ୍ର କର୍ଣ୍ଣରେ ବି ବଧିର ସାଜେ
ଲକ୍ଷେ ନୟନରେ ଥାଇ ଅନ୍ଧ ମୁଁ,
ଭିଡ ମୁଁ .... ! ! !

କବିତା ଭିଡ ମୁଁ କୁ ଓଲଟାଇ ପଢିଲେ ବି ହେବ ।

ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀ



ଜୟନ୍ତ କୁମାର ସାହୁ

ସକାଳ ହୋଇନି ବୋଧେ

ସେ ଉଠେ ଆଉ

ଧାଇଁ ଚାଲେ ବାଡ଼ି ପଟକୁ

ଲଙ୍ଗଳ ଯୁଆଳି ବାନ୍ଧି

ଚାଲେ ମାଟିରୁ ସୁନା ଖୋଳିବାକୁ ।

ଦାଦନ ବୋଧେ ତା ଠାରୁ ହାର ମାନିଯିବ

ତା ପରି ସ୍ୱପ୍ନ ଦେଖିବାକୁ ଡରିଯିବ

କିନ୍ତୁ ସେ ଡରେନି

ଲଙ୍ଗଳ ମୁନରେ ଲେଖେ

ବୋଧେ ମୋ ଦେଶର ଭବିଷ୍ୟତ

ଆଉ

ସେ ମାଟିର ପ୍ରେମରେ ପଡ଼ିଯାଏ

ତା ସ୍ନେହରେ ବାନ୍ଧି ହୋଇ

ସବୁ କ୍ଳାନ୍ତକୁ ଭୁଲିଯାଏ ।

କେତେ ବର୍ଷା

କେତେ ଖରା

ଆଉ ଶୀତ ସେ ଲୋମଟାଙ୍କୁରା ଅନୁଭୁତି

ସବୁ ପରେ ଦେଖେ

ସ୍ୱପ୍ନର କିଛି ଅଂଶ

ପୁଣି କେବେ ହାର ମାନିଯାଏ

ଆଉ ଭାଙ୍ଗି ପଡେ ।

ଆଉ

ସେ ନିଜ ଭୋକର ଦାଉକୁ ଚାପି

ଦୁନିଆକୁ ଦିଏ ଖାଦ୍ୟ

ପ୍ରତି ବଦଳରେ କେବେ ମିଳେ ଆଶ୍ୱାସନା

ଆଉ କେବେ ଜଞ୍ଜାଳ ଦାଉ ।

ସେ କୋଉ ବୀର ନୁହଁ

କିନ୍ତୁ କୋଉ ବୀରଠୁ ବି କମ ନୁହେଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ପ୍ରେମ ମୋତେ



ସତ୍ୟବ୍ରତ ସାହୁ

ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନି ପ୍ରେମ କଲି ସିନା ଜଡିଲି କି ଗଲି ହାରି ।(୦)
ପ୍ରେମ ସିନା ମୋର ଜୀବନେ ଗଢିଲା ନୂଆ ଏକ ଇତିହାସ,
ତଥାପି କାହିଁକି କେଜାଣି ସେ ମୋତେ କରେ ଆଜି ପରିହାସ,
ଜାଣି ପାରିଲିନି ପ୍ରେମର ନିଆଁରେ
ଜାଳିଲି ବା ଗଲି ଜଳି... ।(୧)
ପ୍ରେମର ନାବରେ ବଣିକ ସାଜିଲି ପ୍ରେମର କାଳିରେ କବି,
ପ୍ରେମ ମାରିପାରେ ଜୀଇଁବାର ରାହା ମୁଁ ତା'ର ଅନୁଭବୀ,
ଆଜିଯାଏଁ ମୋତେ ନିହାତି ଅବୁଝା
ପ୍ରେମର ରଙ୍ଗ କିପରି... ।(୨)
ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନି ପ୍ରେମ କଲି ସିନା ଜଡିଲି କି ଗଲି ହାରି ।(୦)

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୦୩୮୧୭୫୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳଗୌରବ



ମନୋରଞ୍ଜନ ମୁଦୁଲି

ଗଙ୍ଗାଠାରୁ ଗୋଦାବରୀ ଛୁଇଁଥିଲା
କାବେରୀ ତଟରୁ ଉତ୍କଳଭୂଇଁ,
ଆନ୍ଦୋଳିତ ତୁମ ହୃଦୟ ହୋଇଲା
ଖଣ୍ଡ ବିଖଣ୍ଡିତ ଏ ଜାତିର ପାଇଁ ।

ବିଖଣ୍ଡିତ ମାତୃଭୂମିର କ୍ରନ୍ଦନ
ତୁମେ ଶୁଣିଥିଲ ଯେବେ ସେ'ଦିନ,
ଉଠରେ ଉଠରେ ଉତ୍କଳ ସନ୍ତାନ
ଡାକିଥିଲ ପରା ତୁମେ ସେ'ଦିନ... !

ଭାଷା ଆନ୍ଦୋଳନେ ତୁମେ ତ ନାୟକ
ସ୍ୱରାଜ୍ୟ ସଂଗ୍ରାମେ ପଡିଲ ଡେଇଁ,
ସ୍ୱତନ୍ତ୍ର ଉତ୍କଳ ପାଇଅଛୁ ଆମେ
ତୁମ ବଳିଦାନ ଏ ଜାତି ପାଇଁ ।

ତୁମେ ଫୁଟିଥିଲ ଫୁଲଟିଏ ହୋଇ
ସତ୍ୟଭାମାପୁରେ ଆଜିର ଦିନେ,
ତୁମ ଗୁଣଗାଥା ପୁରପଲ୍ଲୀ ବାସେ
ପ୍ରତି ଓଡ଼ିଆଙ୍କ ହୃଦୟ ମନେ ।

ଧନ୍ୟ ତୁମ ପିତା ଧନ୍ୟ ତୁମ ମାତା
ଧନ୍ୟ ଏ ଉତ୍କଳ ତୁମକୁ ପାଇ,
ପବିତ୍ର ତୁମରି ଜନ୍ମଦିବସରେ
ବନ୍ଦନୀୟ ତୁମେ ଉତ୍କଳ ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ



ଶୁଚିସ୍ମିତା ଗୌଡ଼

ଆଜି କାହିଁକି ତୁମେ ଭାରି ମନେ ପଡୁଛ ।

ହୃଦୟ କନ୍ଦରେ କେଉଁ ଏକ ଅଜଣା ସ୍ଥାନରେ ରହି ।

ଅସହ୍ୟ ଏଇ ବେଦନାଭରା ଛାତି,

ସତରେ, ଏତେ ମନେ ପଡିବାର ମାନେଟା କଣ ?

ତୁମେ ଚାଲିଯିବା ପରେ କେବେ ତ ଫେରିନ,

ଥରେ ବି ବୁଲିକି ଚାହିଁନ, ଚାହିଁବ ବା କାହିଁକି ?

ବାସ୍ତବତା ନିଷ୍ଠୁର ହେଲେ ବି ସତ, ହଁ ସତ ।

ତୁମେ ତ ନଥିଲ, ତେବେ ଗଲ କେତେବେଳେ ?

ହଁ, ନାଁ ର ଦ୍ୱନ୍ଦ, ସତମିଛର ଖେଳ ଆଉ ନାହିଁ ।

ଏବେ ସବୁ ପରିଷ୍କାର । ପ୍ରାଞ୍ଜଳ ମୋ ଆଗରେ ।

ଆଜି ବି ତୁମେ ମୋ ପାଇଁ ଦୂର ଆକାଶର ଜହ୍ନ ।

ମୋ ହାତ ପାଏନି, ଅତୀତରେ ବି ଆଉ ଆଜି ବି ।

ତୁମେ ମୋ ମନରେ ଆଜି ବି ଅଛ ରହିବ ବି ।

ସତରେ କେତେ ନିଆରା ମୋର ଏହି ଭାବ ପ୍ରବଣତା ?

ଆଜି ବି ତୁମେ ମୋ ପାଇଁ ତୁମେ, ହଁ ସତରେ ।

ତୁମେ ହିଁ ମୋର ଆରମ୍ଭ ଥିଲ ଆଉ ଶେଷ ବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତେ ଯେମିତି ପୃଥିବୀ ମୋର ତୁମ ପାଖରେ ସୀମିତ ।

ଜୀବନ ମୋର ତୁମଠାରେ ଶେଷ ହଁ ତୁମେ ଗଲା ପରେ ।

ହସ, ଖୁସି, ରାଗ, ଅଭିମାନ ସବୁରେ ଆଜି ଯବନିକା ।

ସବୁଠି ତୁମେ, ତୁମେର ଅନୁଭବ । କେବଳ ତୁମେ ।

ସାତ ସପନର ସୁନାର ମଣିଟେ ପରି ଏଇ ଭାବ ।

ହେଲେ ସତରେ କଣ କ୍ଷଣିକ ପାଇଁ ମୁଁ ମନେ ପଡିନି ?

ନା' ସତରେ ମନେ ପଡିପାରିବିନି ମୁଁ । ପଡିବି ବା କାହିଁକି ?

ଜହ୍ନ ତ ସମସ୍ତଙ୍କର । ଜହ୍ନର ବା କିଏ ହେଇପାରେ ?

ସତରେ ଆଜି ତୁମେ ଭାରି ମନେ ପଡୁଛ ।

ଶିକ୍ଷୟିତ୍ରୀ, ସ.ନୂ.ଉ.ପ୍ରାବିଦ୍ୟାଳୟ , ଲୁଚକିବାହାଲ

ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦାୟ



ବରୁଣ କୁମାର ଦାସ

ଆଖି ବନ୍ଦ କରି ଦେଇଛି

ଅଭିମାନରେ, ନୀରବରେ, ନିରୋଳା ରେ

ବିଛେଇ ଦେଇଛି ସୁରଭି

ଅମଡା ବାଟରେ

ନାହିଁ କାହା ଲାଗି ପ୍ରଶ୍ନ ଚିହ୍ନ

ଆକ୍ଷେପ କିମ୍ବା କାରଣ ଦର୍ଶାଇବାର

ନୋଟିସ ।

ଯନ୍ତ୍ରଣାର ଗରଳ ପିଇ ନେଇଚି ପେଟେ

ସମ୍ପର୍କ ସବୁ ଖାଣ୍ଟି ମୋଡକରେ ଭେଜାଲ

ନିରୁତା ଟାଣପଣ ନିଛକ ଅଭିନୟ

ଆନ୍ତରିକତା ଦେବାନେବାର ନାଗଫାସ

ଭିତରେ ବନ୍ଦି

ପ୍ରେମ ଗୋଟେ ମରୀଚିକା ଆଉ ଏକ ନାଁ ।

ଜୀବନ ଯେ ଅନ୍ୟ କାହାପାଖରେ ବନ୍ଧକ

ବଂଚିବା ତ ଏଠି ଶରଶଯ୍ୟା ।

ନିଜ ଇଚ୍ଛାରେ ସମର୍ପି ଦେଇଛି ସର୍ବସ୍ୱ

ଶେଷହୀନ ନିଦ ହାତରେ

ଟାଣିଧରିଛି ବି ସମୟ ଅବଶିଷ୍ଟ ଅଂଶ

ଆଲୋକବର୍ଷ ଦୂରତା ଯାଏଁ ।

ମନରୁ ପୋଛି ଦେଲେ

ସପ୍ନରୁ ବାଦ ଦେଲେ

ସମ୍ପର୍କରୁ ଅଲଗା କରି ଦେଲେ

ହଜିଯାଇ ପାରିବ ବ୍ଲାକହୋଲର

ଅନ୍ତହୀନ ବିସ୍ତାର ଭିତରେ

ଅନନ୍ତକାଳ ପର୍ଯ୍ୟନ୍ତ

ଛୋଟ ଏକ ପରିଚୟଟେ ।

(ବୁ ଅକାଳରେ ଝରିଯାଇ ଥିବା ଝିଅର ନାଁ,

ତା ସ୍ମୃତିରେ ଏ କବିତା )

barunkumardas1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱରଙ୍କ ସନ୍ତାନ



ରତ୍ନପୂର୍ଣ୍ଣା ମହାନ୍ତି

ବିଚିତ୍ର ଏ ଦୁନିଆ ସତେ କି ଅଭିଜ୍ଞ
ଭିନ୍ନତାରେ ଆମେ ସବୁ ଅଭିନ୍ନ ।
ଅଦୃଶ୍ୟ ଶକ୍ତିରେ ବନ୍ଧା ଏ ଜୀବନ
କେହି ନୁହେଁ କାହାଠୁ ଭିନ୍ନ ।

ମୁଁ ବି ତାଙ୍କର ତୁମେ ବି ତାଙ୍କର
କର ନାହିଁ ପର ଆପଣାର ।
ସୃଷ୍ଟିର ରହସ୍ୟ କେବଳ ଈଶ୍ୱର
ତାଙ୍କରି ଚରଣେ କର ନମସ୍କାର ।

ମନ ହୃଦୟକୁ କର ନିର୍ମଳ
ବହିଯାଉ ସେଠି ଗଙ୍ଗାର ଜଳ ।
ଦୂର କରିଦିଅ ରାଗ ଅହଂକାର
ହିଂସାଦ୍ୱେଷକୁ କର ତିରସ୍କାର ।

ସୃଷ୍ଟିର ପ୍ରତିବିନ୍ଦୁରେ ଈଶ୍ୱର
ସବୁରି ହୃଦୟ ପୂର୍ଣ୍ଣ ଦିବ୍ୟତ୍ୱର ।
ସମୟ ଆସିଛି ତାକୁ ଖୋଜିବାର
ଯାହା ଲୁଚିଅଛି ସବୁରି ଅନ୍ତରର ।


ଉଠରେ ଅମୃତ ସନ୍ତାନ
ସ୍ନେହ ପ୍ରେମରେ ଭରିଦିଅ ଏ
ଅମୂଲ୍ୟଜୀବନ ।
ତୋର ପରିଚୟ ତୁ କେଉଁଠି ଖୋଜୁ
ଆମେ ସଭିଏଁ ଈଶ୍ୱର ସନ୍ତାନ ।

ଛମୌଜ, ଜଳେଶ୍ୱର
ବାଲେଶ୍ୱର, ୭୫୬୦୩୨, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇଟି ପ୍ରାର୍ଥନା



ଶମ୍ଭୁନାଥ ଦାସ

ଦୁଇଟି ପ୍ରାର୍ଥନା

(ରାଗ ଚୋଖି ବୃତ୍ତେ ପ୍ରାର୍ଥନା)

## ପୃଥ୍ୱୀ ସମ୍ଭାଳ

ଜୟ ଶ୍ରୀରାମ ଶ୍ରୀକୃଷ୍ଣ ଜୟ ଜୟ ଜଗନ୍ନାଥ
ବ୍ରହ୍ମା ବିଷ୍ଣୁ ମହେଶ୍ୱର ସୃଷ୍ଟିକାରକ,
ମଙ୍ଗଳମୟ ସୃଜନ କରିଅଛ ତ ନିର୍ମାଣ
କେ ଦେବ ସୁରକ୍ଷା ଏହି ସୃଷ୍ଟି-ଭୂଲୋକ ।
କିମ୍ପା ମହାମାରୀ ଉତ୍ପାତ,
ଅମୃତ ସନ୍ତାନ ତବ ହେଉଛି ମୃତ !

ବ୍ରହ୍ମା ବିଷ୍ଣୁ ମହେଶ୍ୱର ତ୍ରିଦେବ ବ୍ରହ୍ମାଣ୍ଡେଶ୍ୱର
ପୂଜା-ଅର୍ଘ୍ୟ ହରି-ହର ସଦା ଶୋଭନ,
ନାହିଁ ବ୍ରହ୍ମାଙ୍କ ମନ୍ଦିର ବଳିଷ୍ଠ ଯାହାଙ୍କ ବର
କରୋନା ଧ୍ୱଂସୁ ଉଦ୍ଧାର ଆତ୍ମଚିନ୍ତନ ।
ବ୍ରହ୍ମଦେବଙ୍କୁ ମୋ ଜଣାନ
କରୋନା ଧ୍ୱଂସେ ମନ୍ଦିର ହେବ ନିର୍ମାଣ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆହେ ପ୍ରଭୁ ଦିବାକର ମର୍ତ୍ତ୍ୟେ ନାହିଁ ତୋ ମନ୍ଦିର
ଏକମାତ୍ର କୋଣାର୍କରେ ବାଲି ପଶିଛି,
ନାହିଁ ରକ୍ଷଣା ବେକ୍ଷଣ ହେବ କି ପୂଜା ବିଧାନ
କରୋନା-ଭୂତାଣୁ ଏବେ ପ୍ରାଣ ନାଶୁଛି ।
କରେ ଅର୍ଘ୍ୟ ଟେକୁଛି ଜଳ,
ମହାମାରୀ କୀଟ ପୋଡ଼ି ପୃଥ୍ୱୀ ସମ୍ଭାଳ ।

## ସଂକଟ ମୋଚନ

ଆହେ ପ୍ରଭୁ ଗଜାନନ ଗଣପତୈଃ ନମୋନମଃ
ସର୍ବାଗ୍ରେ ଦେବ ପୂଜନ ପ୍ରଭୁ ଗଣେଶ,
ଆହେ ପାର୍ବତୀ ନନ୍ଦନ କର ସଂକଟମୋଚନ
କରୋନା ଆକ୍ରାନ୍ତେ ଜନ ମୃତ ଅଶେଷ ।
ଆକୁଳ ପ୍ରାର୍ଥନା ବିଶେଷ,
ତବ ଅଲୌକିକ ଶକ୍ତି ଉଦ୍ଧରୁ ବିଶ୍ୱ ।

ଆହେ ପ୍ରଭୁ ଶନିଦେବ ଅଶେଷ ମହିମା ତବ
ବେଦ-ଶାସ୍ତ୍ରରେ ଗୋଚର ହେ ଶନିଶ୍ଚର,
ସଂକଟ ତାରଣ ଦେବ ସକଳ ହୁଏ ସମ୍ଭବ
ସତ୍ୟ ଶାନ୍ତି ଦୟା ଧର୍ମ ତବ ବିଚାର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା କବଳୁ ଉଦ୍ଧାର,

ବିଶ୍ୱବାସୀଙ୍କ ନିମିତ୍ତ ପ୍ରାର୍ଥନା ମୋର ।

ଜୟବୀର ହନୁମାନ                କୋଟି ଭକ୍ତି-ଅର୍ଘ୍ୟ ଘେନ

ହନୁମାନ ଚାଳିଶାରେ ନାହିଁ ମୋ ଜ୍ଞାନ,

ସାରା ବିଶ୍ୱରେ ସଂକଟ                ଜନଗଣ ଛଟପଟ

କରୋନା ଆକ୍ରାନ୍ତେ ମୃତ ଜନଜୀବନ ।

ହେଉ ଏ ସଂକଟ ମୋଚନ,

ନିମତି ମୋହର ପ୍ରଭୁ ଶ୍ରୀରାମ ରାଣ ।

ମୁଖ୍ୟ ସମ୍ପାଦକ, ଅଭିଯାନ

୧୭୫ - ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ଼

କୋଲକାତା - ୭୦୦୦୬୦

ଭ୍ରାମ୍ୟଭାଷ : ୭୯୭୮୧୦୨୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡାକ ବଙ୍ଗଳା

ମୂଳ ବଙ୍ଗଳା ରଚନା : ଦ୍ୱିଜେନ ଆଚାର୍ଯ୍ୟ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼



ସନାତନ ମହାକୁଡ଼

ସମୁଦ୍ର ଆଉ ଆକାଶର ଗଳ୍ପ ଏଇ ଡାକବଙ୍ଗଳାର

କାନ୍ଥର ରଙ୍ଗରେ ।

ଅଚିହ୍ନା ଫୁଲର ଗନ୍ଧ

ମନମୁଗ୍ଧକର ପିଆନୋର ସୁର

ମଧ୍ୟରାତ୍ରେ ସମୁଦ୍ର ପାଖେ ଡାକେ

ଆକାଶ ଗଳ୍ପ କହେ ।

ଚାନ୍ଦ ଏବଂ ପରୀଙ୍କର ଉପକଥା

ମୋହିନୀ ହସର ଝୁଲଣାରେ କମ୍ପିଉଠେ ପାହାଡ଼ର ଚୂଡ଼ା

ଗଳ୍ପ ତେବେ ଦିଗହରା ।ହତବାକ୍....

ଏକ ପକ୍ଷୀ ସେଇ କେବେ ଠୁ

ଏଇ ଡାକ ବଙ୍ଗଳାରେ

ଧୂଷର ପାଳକ ।

କ୍ଷୀଣ ହୋଇ ଆସୁଛି ଚକ୍ଷୁର ଦୃଷ୍ଟି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତେବେ ସେ କାହାର ମୋହରେ ? ଏଠାରେ ?

ଜଣା ହୋଇନି ତାର ପରିଚୟ -

ପରିଚୟ ଗୋପନ କରି କେତେଥର ଏଠାକୁ ଆସିଛି

ପକ୍ଷୀ ଜାଣେ, ସେଇ ସବୁ ଦିନର ସ୍ମୃତି ଓ ସଂଳାପ

ଆଜି ମୁଁ ଏକା

ପକ୍ଷୀଟା ନାଇଁ ।

ତା'ର ଛିନ୍ନ ପାଳକ ଛାଡ଼ି ଯାଇଛି ଅଶ୍ରୁଭିଜା ଘାସେ

ଡାକ ବଙ୍ଗଳାଟା ଖୋଜି ପାଉନି ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨

ନୟାଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୦୯୩୩୯୬୧୦୧୬୮

ଇମେଲ୍ : sanmahakud@gmail.com

ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୋକ୍



ପ୍ରସନ୍ନ ପ୍ରୟାସ ଭୁଏ

ରାଅଁ ରାଅଁ କରି  ଜଲୁଛେ ପୁଟା
ଲଟକି ଯାଉଛେ ପେଟ୍,
ତଖଲିପ୍ କାଣା ସେ ହିଁ ଜାନବା
ଭୋକ୍ ବେମାରେ ହେଲେ ଭେଟ୍  ।

ଜର୍-ତପ୍ ର ଅଛେ  ଉସୋ କସା
କାହୁଁ ପାଏଲୁ ଭୁକର୍,
ଛଁଚଲା ଲୋକ୍ ଖାଲି ଜାନସି ଛଁଚି
ଦରଦ୍ ନି ବୁଝେ ଲୁକର୍   ।

ମୁନୁସ୍ ଜାଇଛେ ଦାଦନ୍ ଖଟି
ଦୁଇଟା ଜିଲ୍ଲାକେ ଡେଗି,
ଲୋକ୍ ଆମେରିକା ଲଣ୍ଡନ ଇଟାଲିନୁ
ଘରକେ ଆଏଲେନ ଭାଗି  ।

କେତେ ଧୁରିଆ ନ ରହେଲା ଅପନେ
ନାଇଁ ପାରବାର୍ ଆସି,
ଚାଉଲ୍ ସାଗ୍ ସବୁ ସଏଲା ଘରର୍
ନାଇଁ ମିଲବାର୍ ବାସି ତେଆସି  ।

ବଡ଼ ଛୁଆଟା କରୁଛେ ଖୁଁ ଖୁଁ
ସାନ୍ ଟା କାନ୍ଦୁଛେ ଭୁଖେ,
ଆଁଖିର୍ ପାନି ବୁଡୁରି ଗଲାନ ମାଏଟ୍
କେନ୍ତା ଜିଇଁମୁ ଏତେ ଦୁଖେ  ।

ଧର୍ଜ୍ୟର୍ ବନ୍ଧା ବସଲାନ  ଫାଟି
ରହିଛୁଁ ତମର ଆଶେ,
ଦିନ୍ ରାଏତ୍ କରି ଚାଏରଟା ଗଲା ବିତି
ସମିଆ କାଟୁଛୁଁ ଉପାସେ  ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଏଦୀ ନମ୍ବର ୧୯



ସତ୍ୟନାରାୟଣ ମିଶ୍ର

ଯମ କହେଲେ " ଚିତ୍ରଗୁପ୍ତ ହୋ ,କେନ୍ତା କଥା ଇଟା
ସେ ସେ ଘଡି ପୁର୍ଥୀ ଠାନୁ ଆତ୍ମା ଆସୁଛେ କେନ୍ତା
ଦିନକେ ଦିନ୍ ହଜାର ହଜାର୍ ବାନ୍ଧି ଆଁନୁଛନ୍ ଦୁତେ
ବିଚାର ତାଙ୍କର୍ କରି କରି ଅଥା ଲାଗୁଛେ ମତେ
ଚିତ୍ରଗୁପ୍ତ କହେଲେ ଆଜ୍ଞା , ମୁଁ ଇ ଭି ହେଲି ନ ହେନ୍ତା
ଉଠି ଟିକେ ନାଇଁ ପାର ବାର୍ ଲାଗୁଥିଲେ ମୁତା
ପୁଥି ପାଞ୍ଜି ଦେଖି ଦେଖି ମୁଡ଼ ଗଲା ନ୍ ଦୁଃଖେଇ
ଯମ ପୁରେ ତ ଏତେ ଭିଡ଼ କେଭେଁ ନାଇଁ ହେଇ
ତେହେରୁ ଯମ  ପୁରଥୀବି କେ ଲଗାଲେ ଖବର ଜବର୍
କେନ୍ତା ତମେ ବସୁମତୀ ଅମକେ କରୁଛ କଲବଲ୍
ସେ ସେ ଘଡି ଶହ ଶହ ଲୋକ୍ ପଠାସ ଯମ ପୁର କେ
ପୁସବାକେ ଇ ଲୋକ୍ କେ କେଁ ଭିଡ଼ ହଉଛେ ତମ୍ କେ ?
କାନ୍ଦିକାନ୍ଦି ପୁର୍ଥୀ ବୋଲେ ହେନ୍ତା ନି କହ
କରୋନା ଇଟା ମାରି ଦଉଛେ ମୋର୍ ଝି  ପୁ ଓ
ଚମକି ପଡ଼ ଲା  ଯମ୍ ଦେବତା ,
କଏଦୀ ନମ୍ବର 12  ଟା ଫେରାର୍ ହେଲା କେନ୍ତା  !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହାକେ ତ ବାନ୍ଧି ଥିଲି ଗଲା କେନ୍ତା ଫିସିଲି

ନାଟ୍ କରୁଛେ ପୁର୍ଥୀ ଠାନେ ଇମୁଡୁ ସେମୁଡୁ କିନ୍ଦିରି ।

ବେଟା ଇଛନ ନାଇଁ ଫିରେ ହେନ୍ତି

ଅଶ୍ୱିନୀ କୁମାର ଧନ୍ତରୀକେ ପଠା ହେବା ତୁର୍ତ୍ତି ,

ଉସୋ ଦେଖଲେ ଡରି ମରବା କରୋନା

ଖୁଜି ନୁରି ଧାଇଁ ଆସବା ଯମ୍ ପୁର ର୍ ଠିକନା ।

ସିନ୍ଧେକେଲା ବଲାଙ୍ଗିର

ଭ୍ରାମ୍ୟଭାଷ : ୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେତାସ ଭାଏଁଲ୍



ମୁରଲୀ ଶିକ୍କା

ଫୁଙ୍କି ଫୁଙ୍କି ତତ୍‌ଲା ଭାତ୍

ଖାଏଲା ବେଲ୍‌କେ

ହେତାସ ଭାଏଁଲ୍,

ନୁଁନ୍ ମିଁର୍‌ଚା ଖୁଟି ବାସି ଖୁରିଥି

ବସ୍‌ଲା ବେଲ୍‌କେ

ହେତାସ ଭାଏଲ୍,

କେନ୍‌ନୁ ଆଇଛେ.....

କିଏ ଫଲେଇଛେ.....

କେନ୍ ଚାଷିର ବଲ୍ ବଫୁ

ଲାଗିଛେ ବଲି ।

ହେତେଇ,ଦେଖତ ! !

ସେ ବଏଁଶାଖର୍ ଟାଏଁ ଟାଏଁ ଖରା

ସରାବନର୍ ଝରି ଝର୍କେଁର୍

ମାଘର୍ କନ୍ କନି ଶୀତ୍ କେ,

କେନ୍ କିସ୍‌ମେ,ଚାଷିର୍ କଲ୍‌ଜାକେ

ଖଁଣ୍ ଖଁଣ୍ କରି ଦେଉଥୁବାର୍

ଦୁଖ୍ ଦରଦ୍ କେ ।

ହେତ ! !

ସେ ଚକ୍‌ଡ଼ା ପୋକର୍

କରାମତି

ଫାଲ୍ ଫାଲ୍ ଚରି ଦେଉଥିବାର୍ ରକମ୍ କେ

ହେତ ! !

ସେ ମହିସା ରୁଗର୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁନ୍ ବସା କରୁଥୁବାର୍ ଧାନ ଗଛ କେ,

ଲିହି ବିଟି କରି ମରନ୍ ସାଙ୍ଗେ

ଘୁଙ୍ଗୁ ଥୁବାର୍ ଡ଼ାଙ୍ଗ୍‌ରୁ ମୁଡ଼ା ଚାଷିକେ,

ଫେର୍,ହେତ ! !

କାଏଁଜେ ପର୍‌ଜା ମହରା ଖାଇ

ଉଚ୍‌କି ଉଲେଇଁ ହେସିଯେ,

ତେତ୍‌କର୍

ଯାନ୍‌ବ.....

ବୁଝବ୍...

କେନ୍‌ନୁ ଆଇଛେ

ଇ ଅରନ୍ ମୁଠାକ

ଭୋକ୍ ମାର୍‌ବାର୍ ଲାଗିର୍ ଯେ,

ବୁଝବ,

ନାଇ ଜୁଝବ୍ । ।

କୁତୁର୍ଲା ଲରମ୍ବା

ପାଟଣାଗଡ଼ ବଲାଙ୍ଗୀର

ମୋ:୬୩୭୨୨୦୦୫୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋଭ୍



ଜିତେନ୍ଦ୍ର ପାଣ୍ଡେ

ଚପ୍ କୋ  ଲଠୋ ଲଟ୍ କନା  ଯେନ୍ତା
ଲଟ୍ କି  ଥିସି  ବର୍ କସେ ,
ଲୁଭେ ଗୁଲିଘାଁଟି ହେଇକରି ମୁନୁଷ୍
ଧାଏଁସି ଅଏତ୍ କାର୍  ଆଶେ  । ।

ଲୋଭ୍ ବେମାର୍ ଗୁଟେ ଏନ୍ତା ବେମାର୍
ଲାଗ୍ ଲେ  କେଭେ ନାଇଁ ଛାଡେ ,
ଧନୀ ହଉକି ଗରିବ୍ ଭିଲ୍ ହଉ
ବାନ୍ଧିଦେସି ତାର୍ ଫାନ୍ଦେ  । ।

ଆର୍ ଟିକେ ଆର୍ ଟିକେ ହେବା
ଇଟା ସବୁ ଜଁତୁର୍ ଆଶ୍  ,
ନାଇଁ ଜାନିପାରେ ଧୀରେ ଧୀରେ ତାକେ
ଲୋଭ୍ ଲଗାଲାନା  ଫାଁଶ୍  । ।

ଅଏତ୍ କା  ଚିପ୍ ଲେ  ଲେମ୍ବୋ ପିତା କର୍ ସି
ଅଏତ୍ କା  ଲୁଭେ ହେସି ମରନ୍ ,
ଲୋଭ୍ ଗିଲିଦେଲେ ଯେନ୍ ଜୀବ୍ ହଉ
ମରନ୍ ଠାନୁ କିହେ ନି ତରନ୍  । ।

ଲୋଭ୍ ଫାଁଶେ ପଡି ଇ ମୁନୁଷ୍ ଜାଏତ୍
ଧାଏଁସି ମରିଚୀକା ପଛେ  ,
ଆଏଜ୍ ପାଂଚ୍ ହେଲେ ଦଶ୍ ଟେ  ହେବା
ଆଶ୍ ଟେ  ରଖି ମନର୍ ଗଛେ  । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋଭ୍ ଭୋକ୍ ଶୋଷ୍ ଭୁଲେଇ ଦେସି
ଚୁରେଇ ନେସି ଆଖିର୍ ଝୁମ୍ ରା ,
ସବୁବେଲେ ମନ୍ ଘାଁଟି ହେଉଥିସି
ଦୁଃଖ୍ ପାଏସି ମୁନୁଷ୍ ବିଚ୍ ରା ।।

ଗ୍ରାମ-ବାଗଉଡାର
ବ୍ଲକ୍- ବେଲପଡା
ଜିଲ୍ଲା- ବଲାଙ୍ଗିର
ମୋ- ୬୩୭୦୯୭୯୬୪୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହନୁମାନ୍ କେ ଧିଆନ୍

କ୍ଷମାନିଧି ସାହୁ

ଜଏ ହନୁମାନ୍ କରୁଛେଁ ଧିଆନ୍
ଶୁଭ୍ ଜନମ୍ ଦିନେ ତୁମର୍
ଏନ୍ତା ଦିନେ ମାଆ ଅଞ୍ଜନାର୍ କୁଳେଁ
ସରଗ୍ କରିଥିଲ ଘର୍..

ମହାବିଷୁବ ପନା ସଂକ୍ରାନ୍ତି ଥି
ପଡସି ତୁମର୍ ବାର୍
ଗୁହାରି କରୁଛେଁ ବାଧା ବିପଦ୍ ସବୁ
କରିନିଅ ଛାର୍ ଖାର୍..

ବଫୁବାଲା ସାଙ୍ଗେ ବଢେ ହୁସିଆର୍ ଘଲେ
ରାବଣ୍ କେ ବି ଦେସ ଠଗି
ତେରଛେଇ କରି ଗଦେ;
ମାରଲେ କରୋନାକେ
ଦିରିପ୍ ଛାଡ଼ି ଯିବା ଭାଗି..

ବୁଧି ବିବେକଥି କିଏ ଜୁଝେଇ ହେବା ?
ସମକୁ କରିନେସ ଭକୁଆ
ତମର୍ କରୁନା ହେଲେ;
ଛାର୍ କରୋନା ଆଏ
ସବୁ ହେଇଯିବା ଉକିଆ..

ପବନର୍ ପୁଓ ତୁମେ,ପବନେ ଉଡିକରି
ଲଙ୍କା ଦେଇଥିଲ ପୁଡେଇ
କରୋନା କେ ବି ହେନ୍ତା,ପାନେ ଦିଅ ଯେନ୍ତା
ତୁଲିଆ ଚିରି ଯିବା ପଲେଇ..

ହେ ବଜରଙ୍ଗବଲୀ,ଛିନ ମୋର୍ ଅର୍ଜଳି
ବିନତି କରୁଛେ ଶେଷେ
ଇ ମହାମାରି ଠାନୁ ଆବରିକରି ରଖ
ଉଦ୍ଧାର୍ କର ସଁସାର୍ ଦେଶେ...

ଜାମପାଲି,ମେଲଛାମୁଣ୍ଡା,ବରଗଡ଼
୭୭୩୫୫୦୯୫୮୩-ଜିଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନର୍ ରାନୀ

କ୍ଷମାନିଧି ସାହୁ

ସପନର୍ ରାନୀ ମୋର୍ ସପନେ ଆସିକରି
ହଜେଇ ନେସ ମୋର୍ ହେଜା
ନିଷ୍ପଟ୍ ଝୁମରାଥି ଅଧା ରାଏତ୍ କେ ଗୋ
ବନେଇ ନେସ ମନର୍ ରଜା..

ସଥେ ଯେନ୍ତା ଲାଗସି ସର୍ଗୁ ଉତରିକରି
ଧେଇଁ ଆସିଛ ମୋର୍ ପାସକେ
ସପନ୍ ସିନେଆଏ ସତ୍ ଲାଗସି ଘାଏ
ରଙ୍ଗୀନ୍ କରିନେସ ମନକେ..

ରୂପ୍ ଯଉବନ୍ ଥି କିଏ ସରି ହେବା
ଅପସରୀ ଠାନୁ ଜିତା ସୁନ୍ଦରୀ
ରମ୍ଭା, ମେନକା, ଉର୍ବଶୀ ଛୁଛାଟା
ସବ୍ ତୁମର୍ ନ ଯିବେ ହାରି..

କଜଲି ଆଖିଥି ଚାହାନି ଚାଖିକେ
ଖୁଲା କୁଚକୁଚିଆ ବାଲ୍
ପତଲି ଅଁଟାକେ;ଅଏଲତା ମଖା ଗୋଡ୍
ଗୁଲାପି ଗୁଲାପି ଗାଲ୍..

ଜନକ୍ ରାତି ତୁମର୍ ଲାଜୁଆ ମୁହୁଁଟା
ଆର୍ ଟିକେ କରସି ଉଜୁର୍
ପଦମ୍ ଫୁଲଥି;ଭଅର୍ ଚୁମଲା ଲେଖେ
ହଉଥିସ ସାଁକୁର୍ ପାଁକୁର୍..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମହୁ ବାଗିର୍ ତୁମର୍ ମୁହୁଁ ଝରିଯାଏସି
ଖଁଣ୍ ଖିରସା ମଧୁର୍ କଥା
ଗୁରା ଗରମ୍ ଦିହେ ଭିଡିହେସ ଯେଭେ
ପାସରି ଦେସି ଅଥାବିଥା..

ଦୁହି ହାତ୍ ଗୋଡ୍ ଛନ୍ଦି ଦେଇକରି
ଚୁମା ଦେସ ଯେତେବେଳେଁ
ସପନେ ଥିଲେ ବି ଗେଲେଁଗେଲେଁ ଫେର୍
ଶୁଇପଡସି କଲେଁକଲେଁ..

ସପନ୍ ସରଲା କି ଉଠଲା ଉତରୁ
କିହେ ନାଇ ନ ମୋର୍ ପାଶେଁ
କରମ୍'କେ ଜାନି କେର୍ଙ୍କେଲା ମେତାର୍
ଭିଜିଥିଲି ସପନ୍ ରସେଁ..

ସଥର୍ ଜୀବନଥି ଏନ୍ତାହେତା ବଏଲେ
ସବୁ ରାଏତ୍ ଫଗୁନ୍ ପୂନି
ତାଜମହଲ୍,ମୁକ୍ତା,ସରଗ୍ ତରା ଦେଇ
ସଜେଇନେତି ମନର୍ ରାନୀ...

ଜାମପାଲି,ସାଲେପାଲି,ମେଲଛାମୁଣ୍ଡା,ବରଗଡ଼
ଫୁନ୍ ନଂ-୭୭୩୫୫୦୯୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜତ୍ ଜୁନହାଁ କେ ତତ୍ ସୁନା



ଅରୁଣ କୁମାର ଭୋଇ

ଢେଁକି କୁଟା ବଗରା ଚଉଲ୍

ଗୁଡ଼ା ନୁନ୍ ସାଙ୍ଗେ ମିରଚା

ଗରସେ ଜଧରି ଖାଇଛୁ ବଏଲେ

ଟଁଟି ନୁ ଲାଗେ ପଏରଛା

ମିଲ୍ ଚଉଲର୍ ପଁରରା ଭାତ କେ

ନିଘା କରେ ଇ ଜାମାନା

କାଏଁ କୁନୁଆଁ କାଏଁ ପହନା

ସମକିରର୍ ପରେ ଚାହାନା

ଯତ୍ ଜୁନହାଁ କେ ତତ୍ ସୁନା.....(୧)

ଇହାଦେରେ ଭାଇ ପକ୍କା କରିଛୁଁ

ନାଇଁନ ଡାଁଡି-ଢଁକର୍

ଖରାକେ କାକର୍,ବର୍ଷାକେ ବତର୍

ଶିତେ ନି ଲାଗେ ଉଢ଼ନା

ପକ୍କା କରି ପସ୍ତେଇ ହଉଛେଁ

ପଡିଛେ ସବୁ ଗହନା

ଯତ୍ ଜୁନହାଁ କେ ତତ୍ ସୁନା....(୨)

ଚଁଟିଆ,ଝିଲ୍ଲା,ସମକିରର୍ ଆଶ୍ରେ

ସେ ଖଜୁର ପତେଇର୍ ଘର୍

କାଠଝାଁଟି,ଖତବୁହା,ଭୁଆସେନ ଢୁକା

ଶଗଡ଼ ଗାଡ଼ି ଥି ସବୁ ହଉଥିଲା ଦିନେ

କେତେ କରୁଥିବୁ 'ଅର୍..ତତ'

ବାଇକ୍, ମାରୁତି ପରେ ବନେ

ପରିବେଶ ପରେ କ୍ଷେତି ହେବା

କହୁଛେ ଇ ଦୁନିଆଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ହଉପଛେ ଯାଣାତାଣା
ସବୁ କରିଦେମୁ ତତାପନା
ଯତ୍ ଜୁନହାଁ କେ ତତ୍ ସୁନା....(3)

କେଲି, ବାଟି,ହୁମୋ, ବଉଲି
ସବୁ ତ ଗଲା ନ ଲୁକି
ୟୁ-ଟ୍ୟୁବ୍ ଥି ଫିଲିମ୍ ଦେଖମୁ
ମୁବାଇଲ୍ ଫୁନ୍ କେ ଜାଁକି
ଇଥି ଲାଗିଥିମୁ ଦିନ୍-ରାଏତ୍
ଆର୍ କାଏଁ ଖାଆନା-ପିନା
ନାଇଁ ଥାଇଁ ଭାଇ ଏତେ କଥା
ଧଏନ୍ ସେ କଥାନି ଶୁନା
ଯତ୍ ଜୁନହାଁ କେ ତତ୍ ସୁନା...(୪)

ଆଘୋ ପିନ୍ଧୁଥିଲେ ଦେଶୀ ଖଦୀ
କେତେ ସୁନ୍ଦର୍ ସେ କପଡା
ଏଭେ ଯେ ଗୋଡ଼ ଦିଶୁଛେ ମୁଡ଼ ନାଇ
ଦିଶୁଛେ ଖାଲି ଚମଡା
କାହିଁ କହେମି ତମକୁ ଭାଇ
ଲାଗୁଛେ ଡର-ଡରନା
କହେମି ମୁଇ କାଏଁ ହେଲା ଯେ
ଦେମି ଭାଏଲ୍ ଯେ ଭର..ନା
ଯତ୍ ଜୁନହାଁ କେ ତତ୍ ସୁନା...(୫)

 Magazine Downloaded from www.aahwaan.com

# ନୂଆଁ ପାହା



ଚିତ୍ତରଞ୍ଜନ ପଧାନ

ବୁଆର୍ ଆଦର୍ ମାଆର୍ ସେନେହ
ପାଇହେଲି ଯେନ ବଡ୍,
ସହିନାଇଁ ପାରି ନିଠୁର୍ ସମିଆଁ
କରିଦେଲା ଗଡ୍‌ମଡ୍ ।

ମୁଡେ ଉଢ଼୍‌ନା ଯେ କପାଲେ ସିନ୍ଦୁର୍
ଗୁଡେ ଦେଇ ଅଏଲ୍‌ତା,
ଘିନିନେବା ମତେ ନିଜର୍ ଠାନୁ ଗୋ
ହେବା ଭାଏଗ୍ ବିଧାତା ।

ଲୁକ୍ ଲୁକାନି ରଜାରାନି ଖେଲର୍
ହେବାତ ସାତ୍ ସପନ୍,
ଦୁନିଆଁ ଆଗାଡେ ସଁସାର୍ ଭିତ୍‌ରେ
ଛନ୍ଦିଦେବା ଗୋ ଜୀବନ୍ ।

ସାଙ୍ଗର୍ ସର୍‌ଧା ମକର ବଉଲ
ଦଉଛନ୍ କେତେ ଭେଦା,
ଆଖିର୍ ଲହ ବି ଦେଲାନ କହି
ମାଁ ଘରୁ ହେମି ବିଦା ।

ସବୁ କିଛି ମୁର୍‌ଛି ଦେମି ପାସ୍‌ରି
ହେବୁ ସମଲେଇ ସାହା,
ପନ୍‌ତେ ଉଢେଇ ରଖ୍‌ବୁ ମାଆଁ ଗୋ
ପକଉଛେ ନୂଆଁ ପାହା ।
ପକଉଛେ ନୂଆଁ ପାହା...

ଡୁଙ୍ଗୁରିପାଲି, ଜମଲା, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଏଟ୍



ନବୀନ ପଧାନ

ଧର୍ ତୀ ଭିତରେ ରହିଅଛେ
ଭାରତ ମାଆର୍ ମାନ୍
ଯେନ୍ ଦେଶେଁ ରହିଅଛେ
ମୋର୍ ଜନମ୍ ଠାନ୍ ।।

ଇ ମାଏଟ୍ ମୋର୍ ମାଟିର୍ ସରଗ୍
ମର୍ ଲେ ଇନ ପୁଡ୍ ମି
ମାଏଟ୍ ହୋଇକରି ଭାରତ୍ ମାଟି
ସବୁ ଦିନର୍ ଲାଗି ମିଶ୍ ମି ।।

ମୋର୍ ଉପରେ ଚାଲୁଥିବେ
ସବୁ ଭାରତ୍ ବାସୀ
ଆତ୍ମାଟା  ମୋର୍ ସର୍ ଗେ ଥାଇ
ହେବା ଗୁର୍ ଦୁ ଖୁସି ।।

ମାଏଟ୍ ଠାନୁଁ ଇଟା ହେମି
ହେବା ଇସ୍କୁଲ୍ ଘର୍
ସେ ଘରେ ପାଠ୍ ପଢ୍ ବେ
ଭାଏ ବୁହେନ୍ ମୋର୍ ।।

ମାଏଟ୍ ଉପରେ ଫୁଲ୍ ଗଛ୍ ହେବା
ଫୁଲ୍ ଫୁଟିବା ଲାଲ୍
ସୈନିକ୍ ମାନେ ଶତ୍ରୁକେ ହରେଇ
ପିନ୍ଧିବେ ଜିତିବାର୍ ମାଲ୍ ।।

ସାନଫାସଡ ପୋଷ୍ଟ -ଡୁଡୁକା
ଜିଲ୍ଲା  ବଲାଙ୍ଗୀର, ଫୋନ ୯୧୭୮୩୨୭୮୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୋକର୍ ଭୂଗୋଲ୍



ଫିରୋଜ କୁମାର ପଟେଲ୍

ସୁନାର ରାଇଜ ଲାଗି ପରଦେଶୁ
ବାବୁମାନେ ବେମାର ଧରି ଆଇଛନ ଯେ
ଆଏଜ ସାରା ରାଇଜେ ସରକାରୀ ତାଲା
ଆଉ
ରାଇଜର ଭୋକ ମେଟେଇ ମେଟେଇ
ଭୁଖା ବନିଥିବାର ସେ ମୁନୁଷ କେ
ଛାଡି ଦିଅ ହଇଛେ ଭୁଖେ ମରିକେ ।

ନଙ୍ଗଲା ଦେହେଁ ମାନକେ
ମାସ୍କ ଥି ଢାପି ଦିଆ ହଇଛେ
ଖଟିଖିଆକେ ହୀନମାନ କରି
ଚଲେଇ ଦିଆ ହଇଛେ ରାଜରାସ୍ତା ଥି

ଘରର କବାଟ କିଲି ଦିଆ ହଇଛେ
ମହାମାରୀ ର ହୁଙ୍କାର ଥି
ହେଲେ ପେଟର କଁ କଁ ଡାକେ
ସରକାରୀ ଶିକଲା ଛିଡି ନି ପଡେ  ତ  !

ତୁମ ପଡ଼ ତୁମ ପଡ଼ ଭୁଖା ମନେ
ପେଟ ଲାଗି ନାଟ କଲେ
ଫେର ମାର ଖାଏବ
ବାବୁ ମାନକେ ତ୍ରାହି ମିଲୁ
ଆଉ ତୁମେ ମରି ଯ ଭୁଖେ...

ହେଲେ ମରବାର ଆଘୁ
ଘାଏ ଶୁନେଇ ଦିଅ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆମେ ମରିଗଲା ପରେ

ଆକାଶ ମାଏଟ ପରକୁତି

ଅଲାର  ହଇ କାନ୍ଦୁଥିବେ"

ଆରୁ

ତୁମର ଲାଗି ଲେଖା ହଉଥିବା

ଭୋକର ଭୁଗୋଲ  ।

©ଫିରୋଜ କୁମାର ପଟେଲ

ଅବନକେଲା, ସୁନ୍ଦରଗଡ଼-୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝି ଟେ ହେତା କାଏଁ ମୋର୍



ଫିରୋଜ୍ କୁମାର ପଟେଲ୍

ତାକ ଥେଇଥେଇ
ନଚଉଥିତି
କାଁଚି କୁଡି
ଖେଳଉ ଥିତି
ଆଁଏଖ ଖୁଲଲା ବେଲକେ
ତାର କେଁ କେଁ ଶବଦ ଥି
ହେଉଥିତା ଭୋର
ଝି ଟେ ହେତା କାଁଏ ମୋର ।୧ ।

ଚୁମା ଗୁଟେ ଥୁଇ ଦେଇ
ତାର ଫୁଲକା ଗାଲେ
ତାର ସଙ୍ଗେ ଛୁଆ ହେତି
ଲୁକଲୁକାନି ଖେଳେ
ତାର ପନତରା ର
ଛାପଲ ଗଙ୍ଗା ଥି
ଭିଜିଜିତା ଖଟ କୋର
ଝି ଟେ ହେତା କାଁଏ ମୋର ।୨ ।

ଛୁଟେ ଛୁଟେ ପାଦେ ଚାଲତା
ରୁପାର ପାଏଝୋଲ ବାନ୍ଧି
ମୋର ଘରେ ବୁଲତା
ମତେ ଘୁଡା ଫାନ୍ଦି
ମୋର ଭାଏର ପୋ କେ
ସବୁ ଦିନ ଲାଗି
ଖୁଜି ଦେତି ରାକ୍ଷୀ ଡୋର
ଝି ଟେ ହେତା କାଁଏ ମୋର ।୩ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୋଟି ଜନ୍ମର ପୁନ୍ୟ ପାଏତି
ତକେ ଦାନ ଦେଇ
ପଲାତା ସେ କନିଆଁ ହଇ
ମତେ ଏକଲା କରି ଦେଇ
କାନ୍ଥି ନ ଟାଙ୍ଗଲା ମାନପତ୍ର ଭିତରେ
ତାର ମୋର ମିଳନ କେ
ନୁରୁଥିତା ଆଁଏଖ ମୋର
ଝି ଟେ ହେତା କାଁଏ ମୋର ।୪ ।

ମୋର କଲଜା ହଇ ବି
କରି ଦେତି ପର
ଅଲଗା ଲୁକାର ସଙ୍ଗେ
ବତାଟି ଉଞ୍ଚା ଘର
ସବୁ ବୁଝି ବିରଝି ଭି
ତାର ଶଶୁର ଘରେ
ମତେ କରୁଥିତା ସୋର
ଝି ଟେ ହେତା କାଁଏ ମୋର ।୫ ।

ଯେଭେ ଭାଙ୍ଗତା ମୋର ବଫୁ
ସବୁ ହେତେ ପର
ଦଇବର ଡକରା ପାଏଲେ ମୁଇଁ
ସେ ଆଏତା ମୋର ଘର
ତାର ହାଁତୁ ତୁଳସୀ ପାଏନ
ମୋର ତଂଟି ପଡ଼ଲା ଉତାରୁ
ବୁଡି ଯାଏତା ମୋର ସୋର
ଝି ଟେ ହେତା କାଁଏ ମୋର ।୬ ।

କହୁଥା ଦୁନିଆଁ ପାଗଲ ମତେ
କିଏ ଶୁନେ କଥା ତୋର
ପୋ ପୋ ର ସପନ ମହଲେ
ଝି ଏକା ହୀରା ମୋର
ମରଲା ପରେ ନାଇଁ ସୁରତ ମତେ
ମୋର ଝି ଜନମା ପୁନ୍ୟର ଫଲ
ଥୁଡେ ନେବା ଚୋର
ଝି ଟେ ହେତା କାଁଏ ମୋର ।୭ ।

ବାପ ହଇ ଦୁନିଆଁ ଅବେଲର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହାରା ବାଡ଼ି ବନଉଥିତି

ପିରତିର ମହୁଆ ନିଶା ଭରା

ମମତାର ଶାଢ଼ୀ ବୁନୁଥିତି

ମଲେ ମିସତି ଏନ୍ତା ମାଟି କି

ଛୁଆର ଖେଲନା ବନୁଥିତି

ଏତକି ନ ଇଛା ମୋର

ଝି ଟେ ହେତା କାଁଏ ମୋର ॥୮ ।

©ଫିରୋଜ କୁମାର ପଟେଲ

ଅବନକେଲା, ସୁନ୍ଦରଗଡ଼-୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମର୍ ବର୍’ଗଡ୍



ବିଶ୍ୱନାଥ ଭୁଏ

ବାରଟା ବୁଲକ୍ କେ ନେଇକରି
ବନିଛେ ଜିଲା ଆମର୍ ବର୍'ଗଡ୍
ଦୁନିଆଁସାରା ନାଁ କରିକରି
ଦଉଡୁଛେ ଆଗ୍'କେ ଧଡ଼ଧଡ୍ ।
ପୁର୍'ଥି ପର୍'ସିଧ୍ ଧନୁଯାତ୍'ରା
ସବୁ ବଛର୍ କେ ହଉଛେ
ଏଗାର ଦିନ୍ ମଥୁରା-ଗୋପ୍'ପୁର୍ ନାମେ
ବର୍'ଗଡ୍-ଅମାପାଲି ଶୁଭୁଛେ ।
ଧାନ୍ ଚାଷେ ଭି ଆମର୍ ନାଁ
ଆକାଶ୍ ଉପ୍'ରେ ଉଡୁଛେ
ହେଥିର୍ ଲାଗି ସାରା ଓଡ଼ିଶେ
ଭାତ୍ ହାଁଣି'ର୍ ଦର୍'ଜା ପେଇଛେ ।

ଏସିସି ସିର୍'ମେଟ୍ ଫେକ୍'ଟିରି
ବର୍'ଗଡ୍ରେ ଆମର୍ ରହିଛେ
ଡୁଂରୀର୍ ଚୂନ୍ ଖଣିନୁ
ଚୂନ୍'ପଥର୍ ଇନ୍'କେ ଆସୁଛେ ।
ପାହାଡ୍ ପର୍'ବତ୍ ନଏଦ୍ ଜଂଗଲ୍
ସାଂଗେ ଝର୍'ନା ଝରୁଛେ
ତିହାର୍ ପରବ୍ ନଚାଡେଗାଥି
ଆମର୍ ବର୍'ଗଡ୍ ଦୁଲ୍'କୁଛେ ।

କେଶାଇପାଲି, ଭଟଲି
ବରଗଡ଼, ମୋ-୯୬୬୮୮୭୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝି ଜନମ୍



ଜିତେନ୍ଦ୍ର ସାହୁ

ଦୁହିତା ଜନମ୍ ତ ଦୁଇ ଟା କୂଳର୍ ଲାଗି
ନିଜର୍ କଥା ଛାଡି ତ୍ୟାଗ୍ କର୍ସି ସେ ସବୁ ମୁନୁଷ୍ ଲାଗି ।
କେତେ ପୁଇନ୍ କରିଥିଲେ  ମିଲସି ତ ଝି ଜନମ୍
ଜନମ୍ ହେଇକରି ସେ ଝି ଟା କର୍ ସି ଅଏନ୍ କରମ୍ ।
ପୁରୁବ୍ କାଲେ ଝି ଜନମ୍ ଟା ମାଁ ବୁଆ କେ ବଢା ବୋଝ ଲାଗେ,
ବୋଝ ହେଇ କରି ସେ ଛୁଆ ଟା କେତେ ଦୁଃଖ୍ ସହେ ।
ପୁଅ କେ ଖନେ ବସଉଥିଲେ ତ ଝି କେ ବାଟେ ଚଲଉଥିଲେ,
ବାଟର୍ ବାଗିର୍ ତାର୍ ଜୀବନେ କେବେ ଫୁଲ୍ ସଂଗେ କଣ୍ଟା ମଡ଼ଉଥିଲେ ।
ସମିଆ ଚକେ ବଦଲିଗଲା ନ ଲୋକର୍ ଭାବନା
ପୁଅ କାଣା ଝି କାଣା ସବୁ ସମାନ୍ ର ହେଇଗଲା ଇ ଯମାନା ।
ଆଏଜ୍ ଝି ଜନମ୍ ହେଇଥିଲେ ତ କାଏଲ୍ ମାଁ ସାଜୁଛେ,
ମାଁ ବୁଆର୍ ସଂଗେ ନିଜର୍ ଛୁଆ ପିଲା କୁଁ ହଁସଉଛେ ।
ହେଇକରି ଡାକ୍ତର୍ ବଂଚଉଛେ କେତେ ଜୀବନ୍,
ତ ପହରା ଦେଇ କରି ଦେଶର୍ ସହୁଛେ କେତେ ସହନ୍ ।

ଗାଁ- ଟାଲ୍, ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁନୁଷ୍



ରମଣି କାନ୍ତ ସାହୁ

ପାଏନ୍ ଫୁଟ୍ କା ମୁନୁଷ୍ ଜୀବନ୍

ଠିକ୍ ନା ନାଇ କେତେବେଲେ ଯିବା ଉଡି

ହିନ୍ ସା ହଁକାର ନାଇ ରଖ୍ ଭାଇ

କାହାରିର୍ କଥାନେ ପଡି ।

ନିଜର୍ କାମ୍ କମାନି ଥି  ଧ୍ୟାନ୍ ଦେ

ନାଇଁ ହ କାହାରିର୍ ସାଙ୍ଗେ କଁଟି

କାମ୍ କରିଚାଲ୍ ଫଲଲ୍ ପାଏବୁ  ନିଶ୍ ଚେ

ନାଇଁ ହ ଜହ ସାନିଘାଟି ।

କାହାର୍ ଛିଡଲା କାହାର୍ ପୁଡ୍ଲଲା

କାହାର୍ ହେଲା କାହାର୍ ନାଇ ହେଲା ଥି

ଖରାପ୍ ନାଇ କର୍  ସମିଆ  କେଭେ

ନୀତି କେ ମାନି ଭଲ୍ ବାଟେ ଗଲେ

ଜୀବନ୍ ରାସ୍ତା ଥି ନାଇ ପଡୁ ଝୁଁଟି କେଭେ ।

କତରବଗା, ସମ୍ବଲପୁର
ପିନ -୭୬୮୨୦୨
ମୋବାଇଲ/whatsapp -୯୪୩୭୭୩୬୭୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସାର୍ ସୁନା ଫାସ୍



ସହଦେବ ଧରୁଆ

ଆଇଛୁ ଜେନତା ଜିବୁନ ହେନତା
ଆଏସ ସଲତା ସରି,
ଆଁପରି ଚିପରି ହଉଛୁ କାବାରି
ଆବରି ସଁସାର୍ କରି ।୧ ।

ଆକଟେ ସଭେରେ ତଲି ଥିଲେ ପରେ
ଆଜୋବାଜୋ ଥିବେ ତୋର୍,
ଆଡି ହଉଥିବେ ଗହଗହ ହେବେ
ଆହାଲାଦେ ବଲି ମୋର୍ ।୨ ।

ଆଖେପାଖେ ଆସେ ଧନର୍ ମୁହାସେ
ଆସି ଠୋଲ୍ ନାତାଗୁତା,
ଆସମାନ୍ ତରା ଜେତେ ତରାଧରା
ଆସ୍-ମତଲବେ ଖୁତା ।୩ ।

ଆକଟେଁ ଆଏଟେଁ ଧନ୍ ଥିଲା ପତେ
ଆକଟ୍ କେଥନି କେତେ,
ଆଡି ଦେବେ ଫାରି ଫୁର୍ ଡେନା ଝାରି
ଆପଦେଁ ବିପଦେଁ ସେତେ ।୪ ।

ଅଁକୁଟ୍ ଦେଖାବେ ଅପମାନ୍ ଦେବେ
ଆଁଖଲ୍ ଝରାବୁ ହେନ,
ଆଡ୍ ମୁହୁଁ କରି ଜିବେ ମୁହୁଁମୁରି
ଆବାକାବା ହେବୁ ସେନ ।୫ ।

ଆଚେନ୍ ଗଁଧୁଆ କୁହିଲେ କଲିଆ
ଆଁଟ୍ ଭାଂଗି ଝଟ୍ ଛିଡି,
ଆଁଠେ ପାନି ବୁଡି ମୁଁଡ୍ ଗାଡିଗୁଡି
ଆସାସୁନା ଫାସେ ପଡି ।୬ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,ଭୁବନେଶ୍ୱର
ମୋ.ନଂ : ୬୩୭୧୯୧୯୧୪୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଲସା ଫୁଲର୍ ମନର୍ କଥା



ମନୋରଞ୍ଜନ ସୁରୁଜାଲ

ଡେରିଫୁଲି ହେବାର୍ ନାଇଁନ ସଭାବ୍
ମନର୍ କରପନେ ଆପନା ଭାବ୍
ନୁହେଁ ଯୁଇ-ଜାଇ-ହେନା
ଦିହେଁ ମହକନ୍ ନାଇଁ ଥାଉ ପଛେ
ସୁହାଗେଁ ସୁଁଦରି ସୁନା ।୧ ।

ନାଇଁ ନିଥରେ ସିନେ ଅଁତର୍ ବାସ୍
ରୁପ୍ ଲୁଭେଁ ଭମର୍ ରୁଥୁଛେ ପାସ୍
ବଝାହେଇ ତନାବନା
ମହନି ଭରତି ଡାଓ ଦିଶେଁ ବଲି
ସହେଁ କେତେ ତାନାମାନା ।୨ ।

ନାଇଁ ଦୋଷ୍-ଗୁନା କହେସି ଦୁନିଆଁ
ତିନ୍-ଢେଟି ଫଲସା ପାଇଛେଁ ନାଆଁ
ଗୁଲା ସରି ନୁହେଁ ଦାମ୍
ଅଛୁଆଁ ଶବରି ହେଇଥିସି ପଛେ
ଜପୁଥିମି ରାମ୍ ନାମ୍ ।୩ ।

କାହାର୍ ସାଁଗେ ମୋର୍ ନାଇଁନ କଲି
ମିତ୍ ମକର୍ କିଏ ସାଁଗର୍ ଜୁଲି
ରହେଁ ଝାରେ ଜାଗା ଜାନି,
ଟୁରିଛୁଆ ବଲି ଆବରି ଧରିଛେ
ଢାପିଛେ ପନତ୍ କାନି ।୪ ।

ପଦୁଁଫୁଲ୍ କେ କରୁଛେଁ ଆଶା
ତାର୍ କଥା ହେତାଲେ ବଢେ ଲାହାଁସା
ପାଦ୍ ସାଁଗେ ନାଆଁ ଜୁରି
ସେ ପଦୁଁପାଦ୍ କେ କରିଛେଁ ଭରସା
ଜେନୁ ଗଂଗା ଥିଲେ ଝରି ।୫ ।

ନିଚ୍ କୁଲେ ଜନମ୍ ସେ ପଦୁଁଫୁଲ୍
ମୁଇଁ ହିନ୍ ବଲି ତାର୍ ଠାନେ ଭୋଲ୍
ସଁପି ଦେଇ ତନ୍-ମନ୍
ସରଗ୍ କାଂଜେ ହେ ନରକ୍ ଦେଇଦେ
ଯାଉ ପଛେ ଇ ଜୀବନ୍
କରେଁ ଭକତି ସମରପନ୍ ।୬ ।

ଅଇଁଲାପାଲି, ଧମା, ସମ୍ବଲପୁର
ମୋ.ନଂ : ୯୯୩୭୯୩୧୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠି



ରମଣୀରଞ୍ଜନ ବିଶ୍ୱାଳ

ସଫା କରୁଥିଲି ଜୁହ୍ନା ବାକସକେ,
ପାଏଲି ତୁମର ଚିଠି
ସୋର ପଡିଗଲା ଆଘର କଥା,
ଶୁଇନି ପାରଲି ରାତି ।
ଜଲ ଜଲ ଦିଶୁଥିଲା ଗୁରି ମୁହୁଁ,
ଚିଠିର ଲେଖା ଭିତରେ
ମୁହୁଁ ମଲକେଇ କଥା କହୁଥିଲେ,
ଅକ୍ଷର ମାନେ ବତରେ ।
କାମନାର ବିନାଶରେ ଦୁଖର ବିନାଶ,
ଲେଖିଥିଲ ଯେନ ପଦେ
ସେତେବେଲର କଥା ସୋର ପଡଲେ,
ଇହାଛିନିବି ବାଧେ ।

କେତେକଥା ଚିଠି ଭିତରେ ଥିଲାଯେ,
ଇହାଦେ ପାରୁଛେ ବୁଝି
କହିଦିଅ ତୁମର ଠିକାନା ମତେଗୋ,
ଗୁଟଗୁଟ ଦେମି ସୁଝି ।
ଗଲା କଥାକେ ହେତେଇ ଦେଲେଗା,
ଆଁଖଲ ଯାଏସି ବୁହି
ଯେନଥିଲାସେନ ଚଉତି କରିଗୋ,
ଚିଠିକେ ଦଉଛେ ଥୁଇ ।

ଉପର ବାହାଲ , ବଲାଙ୍ଗିର
ମୋ- ୭୭୪୯୦୦୦୧୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଭାଏଲ୍ ମରିୟମ୍ ଆଏ



ଭରତ ଧରୁଆ

ନାଟ୍ୟମହର୍ଷି ଭରତ ଧରୁଆ

ଡାଲତୀ ତାର୍ ଗରଭିନି ପେଟକେ ହାତେଁ ସୁଆଁଲି ଆନଲା । ଢୁଡୁସ୍ ହେଇଛେ । ଢେଂଗୁର୍ ବାଗିର୍ ଦିଶୁଛେ । ଚିକନ୍ ଲାଗୁଛେ । ପେ୍ଣଙ୍କ କାହାର୍ ରକତର୍ ଅଉଲାଦ୍ ବଢି ଖେଲୁଛେ । ମାଁ ହେବାର୍ ହଁକଦାର୍ ନ ଘାଏ ଘାଏ ଉଷତ୍ ହେଉଛେ ତ, ଆର୍ କେତେବେଲେ ମନ୍ ବୁତରି ଯଉଛେ । ହେଲେ... ରାଏତ୍ ଝିଁ ଝିଁ । ସକାଲ୍ ପାହେବାରକେ ଜହ ସମିଆଁ ନାଇଁନ । କଏଲକେ ମାଁ ହେବାରକେ ଯଉଛେ । ପେଟେ ବଢୁଥିବାର କଅଁଲି କଢିକେ ନୁଆଁ ସକାଲ୍ ଦେଖାବା । ଛୁଆକେ କୁଲେଁ ଧରବା । ସେକି ଦେବା ଲାଡେ ଗେଲେଁ । କାଁଦଲେ ଭୁରତାବା । ତୁମ୍ ପଡାବା । ଛାତି ଖୁଲି ଗୁରସ୍ ପିଆବା । ମାଲତୀ ସତେଁ ମାଁ ହେବା ! କେନ୍ତେଇ ! !

କେନ୍ତେଇ ! ମାଲତୀର୍ ସେଁଦୁର୍ ଟୀକା କିଏ ? କିଏ ତାର୍ ମୁନୁଷ୍ ? ?

ନିଜେ ବି କହି ନାଇଁ ପାରେ । ଆରୁ କହି ବି ନାଇଁ ପାରବାର୍ । ମାଲତୀ ବିହାଚୁରା ନାଇଁ ହଏ ତାଏଲ୍ । ଇ କୁଆଁରି ବଏସେ କେନ୍ତେଇ ମାଁ ହେବା । ଲୁକେ ବାଣା କହେବେ । ଲୁହୁଂଗ୍ ଟୁପୁର୍ ହେବେ । ଟୁପୁର୍ ଫସୁର୍ ହେବେ । କାଏଁ କରି ଇ ଅରକଲେଁ, ହେଲେ କିହେ ଜାନି ନାଇଁ ପାରନ୍ । ନିଜେ ହିଁ ଜାନିଛେ । ଇ ଅବାଟେ୍କ ଯାଇଛେ...

X X X X

ମାଲତୀର୍ ମାଁ ବୁଆ ଅକାଲ୍ ମରଡିଥିଁ ଖାଏବାର୍ କେ ନିପେଇ ଜଅଁରା ଭୁବନ୍‌କେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଲେ । ଢ଼ାଲତୀ ଯୁବା ଟୁକେଲଟେ କେନଥେଇ ବଅଁଚବା । ପେଟର୍ ଭୋକକେ ମେଟାବାର୍ ଲାଗି ସଅଁପି ଦେଲା ସବୁ ତନ୍ମନ୍‌କ ଜେନ୍ ଠାନୁ ଟଁକା ଦଶଟା କି ଚଉଲ୍ ତାମେ ପାଏଲେଁ......

X X X X X

ହେଲେ, ମାଲତୀ ଇହାଦେ କାଣା କରବା ଇ ରାଏତ୍ ପାହେବାର୍ ଆଘୋନୁ । ତାର୍ ପେଟର୍ ଛୁଆକେ ଇ ଧରତି ନିକେ ଆନବା କି ବେକେ ଦଅଁରା ସରକଟେଇ ଉଚ୍‌କି ହେବା ! ନିହେତ ମରିୟମ୍ ବାଗିର୍ ପରଭୁ ଯିଶୁ ରୁପିର୍ କୁଆଁରି ମାଁ ହେବା ଭାଏଲ୍ ।

ପୁଡାପଦର, ବଲାଂଗିର ।
ମୋ.ନଂ : ୬୩୭୧୫୬୦୫୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁର୍ ମହକ୍



ସାଇ ପ୍ରସାଦ ସାହୁ

ଜଗମୋହନ ଗୁଟେ ଗରିବ୍ ଘରର୍ ପିଲା ଆଏ । ତାର୍ ବା ଚାଷକାମ୍ କରି ଯେନ୍ ଦୁଇ ପଏସା ପାଇସି ହେତିନେ ତାକର୍ ପରିବାର୍ ଚଲ୍ ସି । ତୁଲ୍ ସୀ ଦୁଇ ପତର୍ ନୁ ମହକିଲା ବାଗିର୍ ଛୋଟ୍ ବେଲୁ ଜଗମୋହନର୍ ଆଚାର୍ ବେଭାର୍ ନୁ ଜଣାପଡୁଥେ ଆଗ୍ କେ ବଡ୍ ହେଲେ ତାର୍ ଦିନ୍ କେ ଭଲ୍ ମୁନୁଷ୍ ଗୁଟେ ବନ୍ ବା । ଛୁଆ ଦିନୁ ସେ ଭଲ୍ ପାଠ୍ ପଢୁଥେ । ଦଶ୍ କିଲାସ୍ ତକ୍ ତାକର୍ ଗାଁର୍ ଇସ୍କୁଲ୍ ନେ ପଢଲା ଉତାରୁ ସହର୍ କେ ଯାଇକରି ସେ ଉଚ୍ଚଶିକ୍ଷା ଲାଭ୍ କରସି । କିଛି ଦିନ ଗଲା ଉତାର୍ ନୁ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ୍ ଥି ସିଟ୍ ଖଣେ ପାଏସି । ତାକର୍ ଘରର୍ ଲୋକ୍ ଜାନ୍ ଲା ପରେ ଖୁସିର୍ ଲହରୀ କହେଲେ ନାଇ ସରେ । ଶିକ୍ଷାନୁଷ୍ଠାନ୍ ଥି ଭଲ୍ ପାଠ୍ ପଢି କରି ସେ ସମ୍ମାନିତ୍ ଆର୍ ପୁରସ୍କୃତ୍ ହେସି । ସହରନେ ରହିକରି ଜଗମୋହନ ସହରିଆ ହେଇଯାଇଛେ । ହେଲେ ଗାଁର୍ ପରିବେଶ୍ ର ମହକ୍ କେ ନାଇ ଭୁଲ୍ ବାର୍ । ଆଠ୍ ବଛର୍ ପରେ ପଢା ସାରି କରି ସହର୍ ନୁ ଗାଁ ଆଡ୍ କେ ବାହାରିଥେ ଜଗମୋହନ । ଦଶମୁ ହଟୁଲ୍ ର ପକୁଡି, ରାଏମତୀ ମାଏସିର୍ ଦହି, ଶିକାର୍ ଭାତ, ବା'ର୍ ଲଂଗଲ୍ ଚଷା ଆର୍ ଛୋଟ୍ ଛୋଟ୍ ଛୁଆମାନକର୍ ଖନ୍ ଖନିଆ କଥା ହେତେଇ ହେତେଇ ଗାଁନେ ପାଦ୍ ଥାପି ସାରିଛେ । ଗାଁ ଯେନ୍ତା କେ ହେନ୍ତା ଅଛେ । ଖାଲି ବଦ୍ ଲି ଯାଇଥେ ମୁରୁମ୍ ବାଟ୍ ପିଚୁକେ ଆର୍ ସାଇକଲ୍ ଗାଡିକେ । ଆଗ୍ କେ ଆଗ୍ କେ ପାଦ୍ ରଖୁଥେ ଆର୍ ମନ୍ରେ ହଉଥେ ଛୁଆବେଲର୍ ସବ୍ ସମିଆଁ । ଭେଟ୍ ପଡୁଥେ ବାନି ବଘାର୍ ପାଖର୍ ବର୍ ଗଛ ମୂଳର୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଲିବାଡି, ଛି ଛିଆନି ଖେଲ୍, ଲୁକ୍ ଲୁକାନି ଆର୍ କବାଡି, ସାଙ୍ଗମାନଙ୍କର ସଙ୍ଗେ ମିଶିକରି ଇସ୍କୁଲ୍ ନୁ ଭାଗି ଲଙ୍କର ବଗିଚା, ରାନିପୁର ଝରିଏଲ,ଗିଧ୍ ଘରା ଡଙ୍ଗର୍ ବାଟ୍ ଭାଗବାରଟା, ହେନୁ ଦେହେଲିଆ ପୁଜୁଥିବାର ନିଶାନି ଗୁଡିକେ ଜୁହାର୍ ହି ଆଦିବାସୀ ପାହାଡିଆ ଲୋକମାନଙ୍କର ସଙ୍ଗେ ମିଶି ନାଚ୍ ନାଚବାରଟା ଆର୍ ଲଙ୍କର ବଗିଚାନୁ ଆମ୍ ଚୁରାବାର୍ ଇହାଦେ ଏନ୍ତା ଲାଗୁଥେ । ଟିକେ ବାଟ୍ ଗଲା ଉତାରୁ ବୁଢୀଟେ ଥୁର୍ ଥୁରି କରି ପିଣା ଉପରେ କମଲ୍ ଖଣେ ଢାପି ହେଇକରି ବଇଥେ, ଜଗମୋହନ ତାର୍ ପାଖକେ ଯେଇ କରି ହାବ୍ ଭାବ୍ ପରଖିସି । ବୁଢୀ ଭି ଜଗମୋହନର୍ ମୁହୁକେ ଥରେ ପହରେଇ ଆନ୍ ଲା । ଫେର୍ ବୁଢୀ କାଣା ଭାବଲା ଆର୍ ପଚରାଲା ହଏଗା, ତୁଇ ହେ ରାମବାବୁର୍ ଘରର୍ ଆଏଁ କେଁ ଯେ ? ଜଗମୋହନଠାର୍ ଦେଲା ଆର୍ କହେଲା ହଏଗୋ ମୁଇ ତାକର୍ ଘରିର୍ ଆଏ । ବୁଢୀ ଖୁସିନେ ଗଦ୍ ଗଦେଇ ଗଲା ଆର୍ କହେଲା ; ଏ ବାବୁ ମୁଇ ତୋର୍ ହେ ରାଏମତୀ ମାଏସି ଆଏ । ଛୋଟ୍ ଥିଲା ବେଲେ ତୁମର୍ ଘର୍ କେ କେତେଥର ଦହି ନେଇ ଦେଇଁଛେ । ତୋର ମା ମୋର୍ ସଙ୍ଗେ କଥା ହେଲା ବେଲେ କେତେଥର ତୁଇ ଗଡୁନୁ ଦହି ପିଦେଇଛୁ । ଛୁଆ ବେଲେ କେତେ ଉଦୁର୍ ମାତ୍ ଥିଲୁରେ; ଏହାଛିନି କେତେ ସୁଧୁରି ଗଲୁନା । ରାଏମତୀ ମାଏସିର୍ ନୁ ଏନ୍ତା କଥା ଶୁନି କରି ଜଗମୋହନର୍ ଆଏଖ୍ ନୁ ଥପ୍ ଥପ୍ କରି ଲୁହୁ ଥିପେ ବହି ଆଏଲା ଆର୍ ହେ ଦିନର୍ ସବ୍ ସମିଆଁ ସୋର୍ ପଡିଗଲା । ଗାଁର୍ ଗିଧଘରା ଡଙ୍ଗର ଉପରନୁ ଦିଶୁଥିବାର ଗାଁର୍ ପରିବେଶ, ଡଙ୍ଗରିଆ କଥା, ମାଲିର୍ ଭାଜିଶାଗ, କ୍ଷେତକେ ଚଷାପୋ ବଲଦ୍ ଫାନ୍ଦି ଲଙ୍ଗଲ ବାନ୍ଧି ଗଉଥିବାର ହଳିଆ ଗୀତ୍ ; " ମାଲି ଜଗେଇ ଥିଲା ଫୁଲ ଗଛ ଟେରେ, ଫୁଲକେ ନେଲା ଭମର", ମାଂସର୍ ଝୋଲ, ଦଶରା ମାସର୍ ଗାଁର୍ ଡେଙ୍ଗସର୍ଗୀ ଯାତରା, ଗାଁର୍ ପରବ୍, ଗାଁର୍ ତିହାର, ଦେ ଦେବତା ଗୁଡି ପୂଜା କାହିଁ ମିଲବା ସହର୍ ରେ ?

 Magazine Downloaded from www.aahwaan.com

ହେତିର୍ ଲାଗିତ ସମ୍ କେ ଘିଚି ନେସି ଗାଁର୍ ସୁନ୍ଦର୍ ପରିବେଶ ପାସକେ, ଗାଁର୍ ମହକ୍ ଚହଟି ଯାଏସି ସାରା ସହର୍ କେ । ସତେ ଯେତେ ସହରିଆ ହେଲେ ଫୁନି ଗାଁର୍ ପାଏନ୍, ପବନ୍, ଆର୍ ଗାଁର୍ ବାସ୍ନା ଅଲଗ୍ ଆଏ ।

ସିନ୍ଧେକେଲା , ବଙ୍ଗୋମୁଣ୍ଡା , ବଲାଙ୍ଗୀର

ମୋ.ନଂ – ୯୯୩୭୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଚେତନତାର ଶାଢ଼ୀ ଚାଲେଞ୍ଜ



ସୌଭାଗ୍ୟ ଗିରି

ଦେଶର ଜଣେ ସଚେତନ ନାଗରିକ ହିସାବରେ ମୋ ନିଜ ଘରେ ଆଜି ମୁଁ ନିଜେ ବନ୍ଦୀ । କରୋନା... କରୋନା... କରୋନା... ମନର କେଉଁ ଏକ ସୁପ୍ତ କୋଠରୀରେ ଅଜଣା ଭୟ ସବୁବେଳେ ଲୁଚି ରହୁଛି । ନାନା ଆଶଙ୍କା ମନକୁ ଆତଙ୍କିତ କରୁଛି । ନିରାଟ ସତକଥା ହେଲା ଯେ ସୋସିଆଲ୍ ମିଡିଆରେ ସଚେତନତା ବାର୍ତ୍ତା କମ୍ ଦେଖିବାକୁ ମିଳୁଛି । ଯାହାକି ଅତି ନଗଣ୍ୟ । କିନ୍ତୁ ଅଧିକ ଦେଖିବାକୁ ମିଳୁଛି ବିଭିନ୍ନ ମିଛ ଗୁଜବ । କିଛି ଗୋଷ୍ଠୀ କେବଳ ଅଛନ୍ତି ସରକାରଙ୍କ ସଚେତନତା ବାର୍ତ୍ତା ଉପରେ କଟାକ୍ଷ ଦେବା ପାଇଁ । ମିଛ ଗୁଜବ ଗୁଡିକ ଜଣଙ୍କ ମୋବାଇଲରୁ ଆଉ ଜଣଙ୍କ ମୋବାଇଲକୁ ଅତି କ୍ଷୀପ୍ର ଗତିରେ ବ୍ୟାପି ଯାଉଛି । ଏ ସବୁ ଦେଖିଦେଖି ମନଦେହ ସବୁକିଛି ନକରାତ୍ମକତାରେ ଭରି ଗଲାଣି । ହଠାତ୍ ମୋବାଇଲରେ ମେସେଜ୍ ଟୋନ୍ ଶୁଭିଲା । ଦେଖିଲି ଘନିଷ୍ଠ ବାନ୍ଧବୀର ମେସେଜ୍ । ମେସେଜ୍ ନୁହେଁ ତ ଗୋଟେ ଚାଲେଞ୍ଜ୍ । ସେଇଟା ପୁଣି ଶାଢୀପିନ୍ଧା ଫଟୋ ଅପ୍ଲୋଡ୍ ପାଇଁ । ଚାଲେଞ୍ଜ୍‌ଟି ଗ୍ରହଣ କରିବାଠୁ ନିଜକୁ ଅଟକେଇ ପାରିଲିନି । କିଛି ସମୟ ପାଇଁ ସବୁ ଚିନ୍ତା କୁଆଡେ ଉଭେଇ ଗଲା । ଗଡରେଜରୁ ଶାଢୀ କେତେଟା ବାହାର କଲି । ଏପଟସେପଟ କରି ବହୁତ ଦେଖିଲା ପରେ ନିଜ ପାଇଁ ଫିକା ନୀଳ ରଙ୍ଗର ଶାଢୀଟେ ବାଛିଲି। ଶାଢୀ ସହିତ ମ୍ୟାଚିଙ୍ଗ୍ ଗହଣା, ହାତରେ ମେହେନ୍ଦି, ଆଖିରେ କଜଳ ଆଉ ଓଠରେ ହାଲ୍କା ଲିପ୍ ଷ୍ଟିକ୍ । ଆଇନା ଆଗରେ କିଛି ସମୟ ବସିଗଲି । ମନଟା ପୁରା ସତେଜ୍ ଏବେ । ଗୋଟେ ଭଲ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଅପ୍ଲୋଡ୍ କରିଦେଲି । କିଛି ସମୟରେ ହିଁ ଆସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥିଲା ସାଙ୍ଗମାନଙ୍କର ମନ୍ତବ୍ୟ । ପ୍ରଶଂସା ଶୁଣିଲେ ନାରୀର ମନ କୁଣ୍ଢେମୋଟ ହୋଇଯାଏ । ମୁଁ ବି ଖୁସି ହୋଇ ଧନ୍ୟବାଦ୍ ଦେବାରେ ଲାଗିପଡିଲି । ଫଟୋର ଗୋପନୀୟତାକୁ ବଦଳେଇ ସର୍ବସାଧାରଣ କରିଦେଲି । ଅଳ୍ପ ସମୟରେ ଆରମ୍ଭ ହୋଇଗଲା ଆଲୋଚନା, ପ୍ରତ୍ୟାଲୋଚନା ଓ ସମାଲୋଚନା । ଆସିଗଲା ମନ୍ତବ୍ୟ - 'ଦେଶ ଏକ ବିପଦ ଦେଇ ଗତି କଲାବେଳେ ଏ ମୂର୍ଖ ମାନଙ୍କର ଚାଲିଛି ଶାଢୀ ଚାଲେଞ୍ଜ୍', 'ନ୍ୟୁନ ମାନସିକତା', 'ଦାୟିତ୍ୱହୀନ ଅସଚେତନ ନାଗରିକ' ଇତ୍ୟାଦି ।

କିଛି ସମୟ ପାଇଁ କଷ୍ଟ ଲାଗିଲା । ତାପରେ ଭାବିଲି ନାରୀର ପ୍ରତ୍ୟେକଟି କାର୍ଯ୍ୟକୁ ନେଇ ଏତେ ସମାଲୋଚନା କାହିଁକି ? ନାରୀର ମନକୁ ବୁଝିବାକୁ କାହିଁକି କେହି ପ୍ରସ୍ତୁତ ନୁହନ୍ତି ? ଏ ଲକ୍ ଡାଉନ୍, ସଟ୍ ଡାଉନ୍ ଭଳି ପରିସ୍ଥିତିରେ ଏବେ ପିଲାଠୁ ବୟସ୍କ ବ୍ୟକ୍ତି ଯାଏ ସମସ୍ତେ ଘରେ । ପୁରୁଷମାନେ ଘରେ ରାମାୟଣ ମହାଭାରତ ଦେଖିବା, ଇନ୍‌ଡୋର୍ ଗେମ୍ ଖେଳିବା, ଘରେ ବସି ବିଭିନ୍ନ ରୋଷେଇ ବରାଦ୍ କରିବାରେ ବ୍ୟସ୍ତ । ଅନ୍ୟ କିଛିପିଲା ଗାଁରେ ଯାଇ କ୍ରିକେଟ୍ ଖେଳିବା, ପରିବା କିଣା ଔଷଧ କିଣା ବାହାନାରେ ନିୟମ ଭାଙ୍ଗି ପୋଲିସ୍‌ଠୁ ମାଡ ଖାଇବା, ଗାଡି ଧରି ବାହାରେ ବୁଲି ଆଣ୍ଟେଇ ଆଣ୍ଟେଇ ଯିବା ଚେୟାର ବସିବା ଆଦି କାର୍ଯ୍ୟରେ ବ୍ୟସ୍ତ । ନିଜ ପ୍ରତି ନିଜ ପରିବାର ପ୍ରତି ଓ ନିଜ ଦେଶ ପ୍ରତି ବିପଦ ସୃଷ୍ଟି କରିବାରେ ବ୍ୟସ୍ତ ।

ହେଲେ ନାରୀର ଜୀବନ ଏବେ ଆହୁରି ବ୍ୟସ୍ତବହୁଳ ହୋଇଯାଇଛି । ନିଜ ପିଲାଠୁ ଆରମ୍ଭ କରି ଘରର ବୟସ୍କ ବ୍ୟକ୍ତିଯାଏ ସମସ୍ତଙ୍କର ଠିକ୍ ଭାବେ ଯତ୍ନ ନେବାକୁ ପଡୁଛି । ଘରଦ୍ୱାର ଆଗ ଅପେକ୍ଷା ଆହୁରି ଅଧିକ ସଫାସୁତର କରିବାକୁ ପଡୁଛି । ରୋଷେଇ ଘରେ ଅଧିକାଂଶ ସମୟ ବିତୁଛି ତା'ର । ତା ଭିତରେ ଯଦି ସେ ଫଟୋ ଗୋଟେ ଉଠାଇ ତାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୋସିଆଲ୍ ମିଡିଆରେ ଛାଡି ଖୁସି ହେଉଛି ତାହେଲେ ଅନ୍ୟମାନେ ଏଥିରେ ଏତେ ବ୍ୟସ୍ତ ହେଇ ପଡିବାର କଣ ଅଛି ? ସୋସିଆଲ୍ ମିଡିଆରେ ଗୁଜବ ପ୍ରଚାର କରିବା ଭଳି ଘୃଣ୍ୟ କାର୍ଯ୍ୟ କରିବାଠୁ ଫଟୋ ଛାଡିବା ଯଥେଷ୍ଟ ଭଲ । ସବୁ ନକରାତ୍ମକତା ଭିତରେ ବି ନାରୀ ସୃଷ୍ଟି କରିପାରେ ସକରାତ୍ମକତା ।

ହଠାତ୍ ଟିଭିରେ ଶୁଣିଲି କେହିଜଣେ ସଟ୍ ଡାଉନରେ ବାହାରକୁ ବାହାରି ଥିବାରୁ ତାକୁ ସରକାରଙ୍କର ୧୪ ଦିନିଆ ବାଧ୍ୟତାମୁଳକ କ୍ୱାରେଣ୍ଟାଇନରେ ପଠେଇ ଦିଆଯାଇଛି । ଭଲ କରି ନିରୀକ୍ଷଣ କଲାରୁ ଜାଣିଲି ସେ ଆମ ଗାଁ ଟୁକୁନା ଯିଏ ମୋ ଶାଢୀପିନ୍ଧା ଫଟୋରେ ଦାୟିତ୍ୱହୀନ ଅସଚେତନ ନାଗରିକ ବୋଲି କମେଣ୍ଟ୍ କରିଥିଲା । ତା'ର ସଚେତନତାକୁ ଦେଖି ଭାରି ହସ ଲାଗିଲା ମତେ ।

ଟୁକୁନା ସିନା ସଚେତନ ନୁହେଁ ହେଲେ ଆମେମାନେ ସଚେତନ ରହିବା । ବିଭିନ୍ନ ବାହାନାରେ ବାହାରକୁ ଯାଇ ପୋଲିସ୍ ଭାଇମାନଙ୍କୁ ହଇରାଣ କରିବାନି । ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବାହାନାରେ କରୋନାକୁ କିଣି ଆଣି ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରିବାନି । କି ଘରେ ବସି ମା' ଭଉଣୀ କି ଭାଉଜ ମାନଙ୍କ ଉପରେ ଅଯଥା କାମର ବୋଝ ଲଦି ଦେବାନି। ନାରୀ ଅସଚେତନ କି ଦାୟିତ୍ୱହୀନ ଆଦୌ ନୁହେଁ । ପୁଅ, ସ୍ୱାମୀ, ଶ୍ୱଶୁର ସମସ୍ତଙ୍କୁ ନିଜ ନିଜ ହିସାବରେ ବୁଝେଇ ଘରେ ରଖିବାରେ ନାରୀର ଭୁମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ଆମେ ସମସ୍ତେ ଏଥିରେ ସହଯୋଗ କରିବା ଓ ମିଳିମିଶି ଏ କରୋନା ରାକ୍ଷସକୁ ବଧ କରିବା ।

ଶିକ୍ଷୟିତ୍ରୀ, ପଟ୍ଟାମୁଣ୍ଡାଇ

କେନ୍ଦ୍ରାପଡା, ୭୭୩୫୧୩୧୭୩୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୋଦ୍ଧାର ଅଭିପ୍ରାୟ



ସଞ୍ଜୀବ ଦାସ

ଦେଶ ହିତେ ସମର୍ପିତ ସୈନିକ ସେଦିନ ପଣ କରିଥିଲା ସେବା ହିଁ କରିବ ଆସୁ ଯେତେ ବିଘ୍ନ । ସତେ ଅବା ଥିଲା ଏନ୍ତୁଡ଼ିଶାଳରୁ ଏତାଦୃଶ ପ୍ରତିଜ୍ଞାର ସ୍ଫୁଲିଙ୍ଗ । ପାଦଚିପି ବିଦାୟ ବେଳେ ଦେଖିଥିଲା ପ୍ରିୟଜନଙ୍କ ଚକ୍ଷୁରେ ଲୋତକାଶ୍ରୁ । ନା, ସେ ବରଂ ଥିଲା ଆନନ୍ଦାଶ୍ରୁ କାରଣ ତା ନିଷ୍ଠାର ସ୍ଫୁଲିଙ୍ଗରେ ଦୃଶ୍ୟମାନ ହୋଇଥିଲେ ବୀରତ୍ୱର ଅନନ୍ୟ ଗାଥା । ସେ ଅଶ୍ରୁରେ ଜଳଜଳ ଦିଶିଥିଲା ପ୍ରିୟଜନଙ୍କ ଆଶାର ଆଲୋକ ଯେଣୁ ସେ କରିବ ସବୁ କୂଳକୁ ହିତ । ରଣାଙ୍ଗନେ ଆଜି କର୍ତ୍ତବ୍ୟର ଏ କେଡ଼େ ଆହ୍ୱାନ ! ସୀମାନ୍ତରେ ପହରାର ଅପୂର୍ବ ସୁଯୋଗ, ପଣ ସାର୍ଥକ କରିବାର ବିରଳ ମୂହୁର୍ତ୍ତ । ଜନନୀ ଜନ୍ମଭୂମିଙ୍କୁ କରି ପ୍ରଣାମ କର୍ମଭୂମି ଯୁଦ୍ଧଭୂମିରେ ଲଢିଥିଲା ଶତୃ ସଙ୍ଗେ । ତ୍ରିରଙ୍ଗାକୁ କରି ନମସ୍କାର ଅନ୍ୟ ଯୋଦ୍ଧା ପରି ଦେଖେଇଥିଲା ବୀରତ୍ୱର ପରାକାଷ୍ଠା । ନଥିଲା ଶତୃକୁ ଭୟ ନା ମୃତ୍ୟୁକୁ । ରଣାଙ୍ଗନେ ପ୍ରଥମ ପଦାର୍ପଣେ ବୀରପରି ଲଢି କରିଥିଲା ମୃତ୍ୟୁକୁ ଆଲିଙ୍ଗନ । ଶହୀଦର ସଂଜ୍ଞା ନେଇ ବାହୁଡିବା ବେଳେ ତଟସ୍ଥ ହେଇଥିଲେ ସଭିଏଁ, ମାତ୍ର ଜନକ ଜନନୀ ତା'ର ଧନ୍ୟ ମଣିଥିଲେ ଯୋଦ୍ଧା ପୁତ୍ରର ଅଭିପ୍ରାୟ ନେଇ । ସମର୍ପିତ ଜୀବନଦୀପ ଲିଭିନାହିଁ ଲିଭିବନି କେଭେଁବି, ହୃଦବୋଧ ହେଇଥିଲା ପ୍ରିୟଜନ ମାନଙ୍କର, ସର୍ବୋପରି ଧନ୍ୟ ପିତାମାତାଙ୍କର, କରିବ ଯେଣୁ ବୀରପୁତ୍ର ତାଙ୍କ ଅନୁପ୍ରାଣୀତ ଆଗାମୀ ପିଢ଼ିକୁ ।

କଟକ, ୬୩୭୯୬୯୮୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାବିଷୁବ ସଂକ୍ରାନ୍ତି



ନରେନ୍ଦ୍ର ପ୍ରସାଦ ବେହେରା

ମହାବିଷୁବ ବା ପଣା ସଂକ୍ରାନ୍ତି ବିଷୟରେ କିଛି ଜାଣିବା କଥା

ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରା ଅନୁସାରେ ଏକ ବଡ଼ ପର୍ବ । ଆମ ରାଜ୍ୟରେ ଓଡ଼ିଆମାନେ ଏହାକୁ ଓଡିଆ ନୂଆବର୍ଷ ବା ବର୍ଷର ପ୍ରଥମଦିନ ଭାବେ ଗ୍ରହଣ କରିଥାନ୍ତି । ଏହା ସାଧାରଣତଃ ଅପ୍ରେଲ ମାସ ୧୪ ତାରିଖରେ ପଡିଥାଏ । କେବେ କେବେ ଏହି ତାରିଖର ପରିବର୍ତ୍ତନ ହୋଇଥାଏ । କିନ୍ତୁ ଚଳିତ ବର୍ଷ ଅପ୍ରେଲ ୧୩ ତାରିଖରେ ପଡିଛି । ଏହି ଦିନଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ ।

କିପରି ପାଳନ ହୁଏ :

ଏହିଦିନ ଏକ ଛୋଟ ଠେକିରେ ପଣାରଖି ତୁଳସୀ ଚଉରାରେ ବାନ୍ଧି ଦିଆଯାଏ । ଠେକିରେ ଥିବା ଛୋଟ କଣାରୁ ଧିରେ ଧିରେ ପାଣି ଝରେ ଯାହା ବର୍ଷାକୁ ସୂଚାଇଥାଏ । ଏହି ଠେକିକୁ 'ବସୁନ୍ଧରା' ଠେକି ମଧ୍ୟ କୁହାଯାଇଥାଏ । ଛତୁଆ, ଦହି, ଗୁଡ଼, କଦଳୀ ଓ ନଡ଼ିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଇଥାଏ । ବେଲପଣାରେ ବଟାଭାଙ୍ଗ ମିଶାଇ ସେବନ କରାଯାଇଥାଏ । ପ୍ରକାଶ ଥାଉକି ବେଲପଣା ଓଡ଼ିଶାର ପଣା ସଂକ୍ରାନ୍ତିରେ ବେଲରେ ତିଆରି କରାଯାଉଥିବା ଏକ ପାନୀୟ ଅଟେ । ଚଣ୍ଡି, ସାରଳା, ବିରଜା, ତାରିଣୀ ଆଦି ଠାକୁରାଣୀ ମନ୍ଦିର ମାନଙ୍କରେ ଏହିଦିନ ଝାମୁଯାତ୍ରା ପାଳନ କରାଯାଇଥାଏ । ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ ଠାକୁରାଣୀ ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ମଧ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡ଼ିଶାରେ ଦେଖିବାକୁ ମିଳେ । ଦକ୍ଷିଣ ଓଡ଼ିଶାର ଲୋକମାନେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡନାଟର ଅନ୍ତ ଭାବେ ଏହି ଦିନ ମେରୁ ଯାତ୍ରା ପାଳନ କରିଥାନ୍ତି । କିନ୍ତୁ ଉତ୍ତର ଓଡ଼ିଶାର ଲୋକମାନେ ଏହି ଦିନକୁ ଚଡକ ପର୍ବ ନାମରେ ପାଳନ କରିଥାନ୍ତି ।

କ'ଣ ରହିଛି ଏହାର ବିଶେଷତ୍ୱ :

ଓଡିଆ ପଞ୍ଜିକାରଙ୍କ ଗଣନାନୁସାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବରେ ଗ୍ରହଣ କରାଯାଇଥାଏ । ଏହି ଦିନଟିକୁ ଓଡ଼ିଆ ନବବର୍ଷ ଭାବରେ ମଧ୍ୟ ପାଳନ କରାଯାଇଥାଏ । ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କ ଠାରେ ସ୍ୱତନ୍ତ୍ର ପୂଜା, ଭୋଗ ଓ ହୋମ ଆଦି କରାଯାଇଥାଏ । ଏହା ଆମର ସାମାଜିକ, ଆଧ୍ୟାତ୍ମିକ ଏବଂ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ କରୁଥିବା ପର୍ବ ଅଟେ । ତେଣୁ ଏହାର ନାମ 'ପଣା ସଂକ୍ରାନ୍ତି' ଓ 'ଜଳ ସଂକ୍ରାନ୍ତି' ହୋଇଛି । ଏହି ସମୟରେ ସୂର୍ଯ୍ୟ କିରଣ ବୃଦ୍ଧି ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟଛତୁ ପରି ଗରିଷ୍ଠ ଖାଦ୍ୟ ପଦାର୍ଥ ଗ୍ରହଣ ପାଇଁ ଆୟୋଜନ ହୋଇଥାଏ । ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣାପାନର ବ୍ୟବସ୍ଥା ହୋଇଥାଏ । ଏହି ଦିନରେ ବିଭିନ୍ନ ଦେବା-ଦେବୀ ମନ୍ଦିରରେ ଛତୁଆ ଓ ପଣା ଭୋଗ ବିଧି ପ୍ରଚଳିତ ହୋଇଥାଏ । ପଣାସଂକ୍ରାନ୍ତି ଦିନ ସାହିପଡିଶା, ବନ୍ଧୁ-ବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଇଥାଏ । ତେଣୁ ଏହି ଦିନକୁ 'ପଣା ସଂକ୍ରାନ୍ତି' ବୋଲି କୁହାଯାଇଥାଏ । ପୁଣି ଏହି ସମୟରେ ଜଳାଭାବ ଦେଖା ଯାଇଥାଏ । ପଣା ସଂକ୍ରାନ୍ତି ଠାରୁ ରାସ୍ତାରେ ପଥଚାରୀମାନଙ୍କ ତୃଷା ନିବାରଣ ପାଇଁ ଜଳଛତ୍ର ଖୋଲା ଯାଇଥାଏ । ସେଥିପାଇଁ ଓଡ଼ିଆ ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଡିଆ କରି ଘଡିରେ ଜଳରଖି ତା'ର ନିମ୍ନ ଅଂଶରେ ସରୁକଣାକରି ସୂକ୍ଷ୍ମ ଧାରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ବସନ୍ତରା ଠେକିରେ) ଜଳଦାନ କରାଯାଇଥାଏ । ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିକୁ 'ଜଳ ସଂକ୍ରାନ୍ତି' ବୋଲି ମଧ୍ୟ କୁହାଯାଇଥାଏ । ଏହି ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଇଥାଏ । ଏହିଦିନ ପବିତ୍ର ଝାମୁଯାତର ଉଦଯାପନୀ ହୋଇଥାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଇଥାଏ । ବ୍ରତ ଉଦଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୋଇଥାଏ । ଲୋକମାନେ ଏହାକୁ ଝାମୁ ବା ପାଟୁଆ ଯାତ୍ରା ବୋଲି କହିଥାନ୍ତି । ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି ।

ସତରେ ଏ ସଂକ୍ରାନ୍ତି ଓଡ଼ିଶାର ସଂସ୍କୃତିର ପାରାୟଣ ଗାଇବା ସଂଗେ ସଙ୍ଗେ ବିଜ୍ଞାନର ଜୟଗାନ ମଧ୍ୟ କରିଥାଏ ।

*ନରେନ୍ଦ୍ର ପ୍ରସାଦ ବେହେରା, ଆଳଦା, ଖଇରା,ବାଲେଶ୍ୱର,* *ମୋ-୯୮୫୩୧୪୨୫୧୦*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତା ହେଲେ ଲକ୍‌ଡାଉନ୍ କାହିଁକି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ତା ହେଲେ ଲକ୍‌ଡାଉନ୍ ଆଉ କାହିଁକି ?

ମାନନୀୟ ପ୍ରଧାନମନ୍ତ୍ରୀ ମହୋଦୟ,

ଆପଣଙ୍କ ଆହ୍ୱାନ ଏବଂ ସମୟର ପରିସ୍ଥିତିକୁ ଲକ୍ଷ୍ୟକରି ଦେଶର ପ୍ରାୟ ନବେ ପ୍ରତିଶତରୁ ଅଧିକ ପରିଆର ସ୍ୱତଃସ୍ଫୁର୍ତ୍ତଭାବେ ଗୃହବନ୍ଦୀ ହେବାକୁ ଉଚିତ ମନେ କରିଲୁ । ଆମେ ଭାବିଥିଲୁ ଏହା ଦ୍ୱାରା କରୋନା ଭଳି ଏକ ମାରାତ୍ମକ ଶତ୍ରୁକୁ ଆମେ ହରେଇ ପାରିବୁ, ହେଲେ ମୁଠାଏ ଅବାଧ୍ୟ ଲୋକ ଏହି ଗୃହବନ୍ଦୀ ଓ ସଙ୍ଗରୋଧ ଭଳି ବ୍ୟବସ୍ଥାକୁ ଅମାନ୍ୟ କରି ଏହି ରୋଗକୁ ସମାଜରେ ବ୍ୟାପ୍ତ କରିବାରେ କୌଣସି ଉପାୟ ଛାଡ଼ିଲେ ନାହିଁ । ସେହି ଗୋଟିଏ ଉତ୍ସ (ସିଙ୍ଗଲ୍ ସୋର୍ସ୍) ପାଇଁ ଆଜି ଆମ ଦେଶର ଏହି ସଂକଟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଠିକ୍ ଏହି ସମୟରେ ଗୁଜୁରାତର ସୁରତ ସହର, ମହାରାଷ୍ଟ୍ରର ମୁମ୍ବାଇ ସହର, ଉତ୍ତରପ୍ରଦେଶ ଏବଂ ଅନ୍ୟ କିଛି ରାଜ୍ୟର କିଛି ସହରରେ କିଛି ଅବାଧ୍ୟ ଲୋକମାନେ ପୁଣିଥରେ ଜନଗହଳି ସୃଷ୍ଟିକରି ଏହି ରୋଗକୁ ବ୍ୟାପୀବାରେ ଯଥେଷ୍ଟ ସହଯୋଗ କରୁଛନ୍ତି । ଆମ ସ୍ୱାସ୍ଥ୍ୟ ଏବଂ ଜୀବନପାଇଁ କର୍ତ୍ତବ୍ୟରତ ଡାକ୍ତର ଏବଂ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରୁଥିବା ବ୍ୟକ୍ତି ହୁଏତ ବିଶ୍ୱର ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳିବେ ନାହିଁ । ସେହିଭଳି ଉପଦ୍ରବିଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଯାଇ, ଉଚିତ ଶିକ୍ଷା ଦେଇ ପାରୁନଥିବା ସରକାର କାହିଁକି ସ୍ଥାଣୁ ସେ ବିଷୟରେ ଆମେ ଚିନ୍ତା କରିଲେ ଆମର ଭବିଷ୍ୟତ ଏବଂ ଏହି ଦେଶର ଭବିଷ୍ୟତ ଆମକୁ ଅନ୍ଧକାର ଆଡ଼କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗତି କଲାପରି ଜଣାପଡୁଛି । ବସ୍ତୁତଃ ସରକାର ସେହି ଗୋଟିଏ ସମ୍ପ୍ରଦାୟର ସମସ୍ତ ଅପରାଧ ଓ ଦୋଷକୁ ଅଣଦେଖା କରୁଥିବାରୁ ଆମେ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇ ପାରୁନାହୁଁ । ଆମେ ଘରେ ରହି ସୁରକ୍ଷିତ ମଣୁଥିବା ପରିବାର ଏବେ ଚିନ୍ତାରେ ପଡ଼ିଯାଉଛୁ, ଯେ ଏହି ଲକ୍‌ଡାଉନ୍ ସରିବାପରେ କଣ ସତରେ କରୋନାର ପ୍ରଭାବ କମ ହେବ ନା ଏହି ଲୋକମାନଙ୍କ ମୂର୍ଖତା ହେତୁ ଆମକୁ ସ୍ୱତଃ ପୁଣିଥରେ ଲକ୍‌ଡାଉନ୍ ଭଳି ବ୍ୟବସ୍ଥାକୁ ପୁନଃପ୍ରଚଳନ କରିବାକୁ ହେବ । ଆମେ କେବେ ସମ୍ପୂର୍ଣ୍ଣଭାବେ ସୁରକ୍ଷିତ ବୋଲି ମନେ କରିବୁ ?

ଦୟାକରି, କରୋନାକୁ ବ୍ୟାପ୍ତକରୁଥିବା ବ୍ୟକ୍ତି ଓ ସମ୍ପ୍ରଦାୟ ସମୁହକୁ ଦୃଢ଼ହସ୍ତରେ ଦମନ କରି ଆମକୁ ସୁରକ୍ଷିତ କରିବାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦିଅନ୍ତୁ । ନଚେତ ଲକ୍‌ଡାଉନ୍ ଭଳି ବ୍ୟବସ୍ଥା ଯେ କେବେ ବି ପ୍ରଭାବପୂର୍ଣ୍ଣ ହୋଇବ ନାହିଁ, ଏଥିରେ ଦ୍ୱିମତ ନାହିଁ ।

ଆପଣଙ୍କ ଗୁଣମୁଗ୍ଧ

ଜଣେ ଭାରତୀୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବାସୀ ଓଡ଼ିଆ



କୈଳାଶ ଚନ୍ଦ୍ର ସାହୁ

ମୋ ନିଜସ୍ୱ ମତ

ମୁଁ ମୋ ମନ୍ତ୍ୟବ ଦେବା ପୂର୍ବରୁ କହୁଛି ଗଂଜାମରେ ପ୍ରଶାସନର ଅବହେଳା ଯୋଗୁଁ, ଉଚିତ ବ୍ୟବସ୍ଥା ନ ହେବାରୁ, ଲୋକଙ୍କ ପାଖେ ସଚେତନତା ଅଭାବରୁ, ସରପଞ୍ଚ ନିଜ କ୍ଷମତାର ସଠିକ ବ୍ୟବହାର ନ କରିଥିବାରୁ ଏକ ଭିନ୍ନ ପରିସ୍ଥିତି ସୃଷ୍ଟିହେଲା ।

*(ସମ୍ପାଦକୀୟ ମତାମତ : ଆପଣଙ୍କ କହିବା କଥାର ଅର୍ଥ କଣ ମୁଁ ବୁଝି ପାରୁନାହିଁ । ମୁଁ ଗଞ୍ଜାମର ଅଧିବାସୀ ହିସାବରେ ଆମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତା ଉପରେ କୌଣସି ସନ୍ଦେହ କରେନାହିଁ । ଏବଂ ରାଜ୍ୟସାରା କରୋନା ପାଇଁ ଲୋକମାନେ ହାହାକାର କରୁଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଲୋକମାନେ ସ୍ୱଚ୍ଛନ୍ଦରେ ରହିଥିଲେ କେବଳ ଏଇଥି ପାଇଁ ଯେ ଆମ ଜିଲ୍ଲା ପ୍ରଶାସନ ସବୁଠାରୁ ସତର୍କ ଓ ସଚେତନ ଥିଲେ । ଯେତେବେଳ ଯାଏଁ ଗଞ୍ଜାମ ଜିଲ୍ଲାରେ ପ୍ରବାସୀଙ୍କ ପ୍ରବେଶ ହୋଇନଥିଲା, ସେତେବେଳ ଯାଏଁ ଜିଲ୍ଲା ସବୁଜ ଜୋନ୍‌ରେ ଥିଲା ଏବଂ ପ୍ରବାସୀ ପହଞ୍ଚିବାର ମାତ୍ର ଦୁଇ ଦିନରେ ଏହା ନାରଙ୍ଗୀ ରଙ୍ଗ ହୋଇଗଲା ଏବଂ ଏହାର ମାତ୍ର ଦୁଇଦିନ ମଧ୍ୟରେ ଏହା ଲାଲ ରଙ୍ଗ ହୋଇଗଲା । ଏଥିରେ ଜିଲ୍ଲା ପ୍ରଶାସନର ଦୋଷ କେଉଁଠି ରହିଲା ? ଏବଂ ଭିନ୍ନ ପରିସ୍ଥିତି କିଭଳି ସୃଷ୍ଟି ହେଲା ?)*

ବର୍ତ୍ତମାନ ସମସ୍ତେ ବିପଦରେ ପଡିଛନ୍ତି । ବିପଦ ବେଳେ ଭିଟାମାଟି ହିଁ ସାହା ହେଇଥାଏ । ଯେଉଁମାନର ଆଜି ଓଡ଼ିଶା ବାହାରେ ଅଛନ୍ତି ସେମାନେ ନିଜ ପେଟ ଅପେକ୍ଷା ପରିବାରର ପେଟ ପୋଷିବାକୁ ପରିବାରଠୁ ଦୁରରେ ଥିଲେ । ଥରେ ଚିନ୍ତାକଲେ ସେମାନେ ଆଜି ଯୋଉଠି ଥିଲେ ସେଠି ଆଜି କୌଣସି ରୋଜଗାର ମାଧ୍ୟମ ନାଇଁ । କିନ୍ତୁ ପ୍ରତିମାସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘରଭଡା ଦେବାକୁ ପଡୁଥିବ । ସବୁ ଦରକାରୀ ସାମଗ୍ରୀର ଦରଦାମ ନିଶ୍ଚିତ ବଢି ଯାଇଥିବ । ଯୋଉ କମ୍ପାନୀ ବା ଦୋକାନରେ କାମ କରୁଥିବେ ସେମାନେ କାମ ବନ୍ଦ ପରେ ପଇସା ଦେଉ ନଥିବେ । ରୋଜଗାର ବନ୍ଦ ହେଇଗଲା ପରେ ଖର୍ଚ୍ଚ ତ ବନ୍ଦ ହେଲାନି ନା । ପ୍ରବାସୀ ଓଡ଼ିଆମାନେ ସେଥିପାଇଁ ନିଜ ଘରକୁ ଫେରିଯିବା ପାଇଁ ଚାହୁଁଛନ୍ତି । ଯଦି ସମସ୍ତେ ସରକାରଙ୍କ ନିୟମ ମାନି ଗାଁକୁ ଫେରିବା ପରେ ୧୪ ଦିନ ସରକାରୀ ସଂଗରୋଧ କେନ୍ଦ୍ରରେ ରହିବେ ଏବଂ ପ୍ରତିଦିନ ସେମାନଙ୍କର ସ୍କ୍ରିନିଂ କରାଯିବ ତା ହେଲେ କେବେ ବି ବିସ୍ଫୋରଣ ହେବନି । ଆଜି ଯଦି ପ୍ରବାସୀମାନେ ଓଡିଶା ନ ଫେରିବେ ଫେରିବେ କୋଉଠିକି । ସେଠି ସେମାନଙ୍କର ଏବେ ନା ରହିବା ପାଇଁ ଘର ଅଛି ନା ଖାଇବାକୁ ପଇସା ଅଛି । ତେଣୁ ନକରାତ୍ମକ ଚିନ୍ତା ନକରି ସେମାନଙ୍କୁ ସହଯୋଗ କରିବା ଉଚିତ ।

*(ସମ୍ପାଦକୀୟ ମତାମତ : ଆପଣ କହୁଥିଲା କଥା ନିଶ୍ଚୟ ଭାବେ ଠିକ୍ । କିନ୍ତୁ ଆପଣ ଜାଣିଛନ୍ତି କି, ଓଡ଼ିଶା ଫେରିବାପରେ ଏହି ପ୍ରବାସୀ ମାନେ କିଭଳି ଭାବରେ ବ୍ୟବହାର କରିଥିଲେ ? ହୁଏତ ଆପଣ ଜାଣିନାହାନ୍ତି କିନ୍ତୁ ଯାହା ସୂଚନା ମିଳୁଛି କିଛି ପ୍ରବାସୀ ନିଜ ସ୍ୱେଚ୍ଛାରେ ସଂଗରୋଧ କେନ୍ଦ୍ରରେ ରହିବାକୁ ଅନିଛା ପ୍ରକାଶ କରି ମଧ୍ୟରାସ୍ତାରୁ ନିଜ ଘରକୁ ଚାଲି ଯାଉଛନ୍ତି ? ସଂଗରୋଧ କେନ୍ଦ୍ରରେ ଏକାଠି ମିଳିମିଶି ସାମାଜିକ ଦୂରତ୍ୱକୁ ମାନୁନାହାନ୍ତି ? ସେମାନଙ୍କୁ ଓଡ଼ିଶା ଆଣିବା ବିପକ୍ଷରେ ମୁଁ ଆଦୌ ନାହିଁ, କିନ୍ତୁ ଆପଣ ଜାଣିଛନ୍ତି କି ସେମାନେ ଯାତ୍ରା କଲାବେଳେ ଯଦି ଜଣେ କିମ୍ବା ଦୁଇଜଣ କରୋନା ରୋଗୀ ଥିବେ ତା ହେଲେ ଏଠାରେ ପହଞ୍ଚିବା ପରେ ସମସ୍ତେ କରୋନା ଦ୍ୱାରା ସଂକ୍ରମିତ ହୋଇ ସାରିଥିବେ ? ଗୋଟିଏ ବସ୍ କିମ୍ବା ଟ୍ରେନ୍ ବଗିରେ ବସି ଆସୁଥିବା ସମସ୍ତ ଯାତ୍ରୀ ସଂକ୍ରମିତ ହେଉଛନ୍ତି, ଆପଣ ଜାଣିଛନ୍ତି ତ ?)*

ସେମାନେ ପ୍ରବାସୀ ଓଡ଼ିଆ ନୁହଁନ୍ତି ଆମର କାହାର ବାପାମା ଭାଇଭଉଣୀ ପୁଅଝିଅ ସାଙ୍ଗସାଥି ଅଟନ୍ତି ।

ବେଲବାହାଲି, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫାଶି ମିଳିଲେ ବି ପ୍ରସ୍ତୁତ



ସତୀଶ ବିଶ୍ୱାଳ

କରୋନା ପରି ମହା ବିପତ୍ତି ସମୟରେ ଯେଉଁମାନେ ନିଜ ପେଟ ପାଇଁ ଆଗୁଆ ମାସକର ଖାଦ୍ୟ ରଖି ଘରେ ଦି ପ୍ରକାର ବଦଳରେ ପ୍ରତି ବକତରେ ୫ ପ୍ରକାର ଲେଖା ଖାଉଛନ୍ତି, ସେମାନଙ୍କ କଥା କହୁନାହୁଁ । ଆମେ କହୁଛୁ ସେହି ମାନଙ୍କ କଥା, ଯେଉଁମାନେ ଟିକେ ନିଜ ଘରେ ପହଞ୍ଚିଗଲେ, ଆତ୍ମୀୟଙ୍କୁ ଦେଖିଦେଲେ, କରୋନା ବିରୋଧରେ ଲଢିବାର ମାନସିକ ବଳ ପାଇଯିବେ ବୋଲି ଆଶା ବାନ୍ଧିଛନ୍ତି । ସେମାନେ ହେଲେ ଘର ବାହୁଡା ବ୍ୟାକୁଳତାରେ ଭୋକ ଶୋଷରେ ଦିନ ଗଣୁଥିବା ଓଡିଆ ଦାଦନ ଶ୍ରମିକ । ରାଜ୍ୟ ବାହାରେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ସେମାନଙ୍କ ମଧ୍ୟରୁ ଅନେକ ଥିଲେ ବି ପାଣି ଠାରୁ ପାଁଉରୁଟି ପର୍ଯ୍ୟନ୍ତ ସବୁ ଜିନିଷ ଦୁଇଗୁଣାରୁ ପାଞ୍ଚ ଗୁଣା ମୂଲ୍ୟରେ କିଣି ନିଜର ସର୍ବସ୍ୱ ହରାଇ ସାରିଲେଣି । କରୋନା ବିପତ୍ତି ଟଳିଗଲେ ବି ସେମାନେ ନିଜ ଗାଁକୁ ଫେରିବାକୁ କିମ୍ବା ପୁଣି କର୍ମକ୍ଷେତ୍ରକୁ ଯିବାକୁ ଅଣ୍ଟାରେ ଆଉ ଦି ଟଙ୍କା ବି ନାହିଁ । ଯେଉଁମାନେ ବିମାନରେ ନିଜ ଘରକୁ ଫେରିବାକୁ ଟିକେଟ କରିଛନ୍ତି କିମ୍ବା ରେଳଗାଡିରେ ଉଚ୍ଚ ଶ୍ରେଣୀର ଟିକଟ କରିଛନ୍ତି ବା ବର୍ଥ ଆରକ୍ଷିତ କରିଛନ୍ତି, ସେଇ ସୁଖୀ ମଣିଷଙ୍କ କଥା ନେଇ ଚିନ୍ତିତ ନାହୁଁ । ଯେଉଁ ବର୍ଗର ଶ୍ରମିକ ମାନଙ୍କର ମାସିକ ଅନ୍ତତ ୪ଟି ଶବ ଓଡିଶାକୁ ଫେରିବା ପାଇଁ କେତେ ସାମାଜିକ କର୍ମୀ ଓ ଗଣମାଧ୍ୟମ ନାକେଦମ ହୋଇଥାନ୍ତି, ସେଇ ନିରୀହ ଦାଦନ ଶ୍ରମିକଙ୍କ ଅନ୍ତରର କୋହ ନେଇ ଚିନ୍ତା ପ୍ରକଟ କରୁଛୁ, ଏମାନେ ଆସିବେ କେମିତି, ଅଛନ୍ତି କେମିତି ? ଏ ଘୋର ବିପଦ କାଳରେ ସତରେ ଘରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟିକେ ଫେରିବାକୁ ସେମାନଙ୍କ ମନର ଆବେଗ ଓ କୋହର ଉତ୍ତର ଅଛି ହେଲେ ତାହା ସନ୍ତୋଷ ଜନକ ନୁହେଁ ।

ଯଦି ଚାଇନା ପରି ରାଷ୍ଟ୍ରରେ ଥିବା ବିଦେଶୀ ମାନଙ୍କୁ ଗୋଟିଏ ସମୟରେ ଦେଶକୁ ଫେରାଇ ଆଣିବାକୁ ସୁଯୋଗ ଦିଆଗଲା ତେବେ ସୁରଟର ସୁତାକଳର ଦୀନ ଦରିଦ୍ର ଗରୀବ ଶ୍ରମିକ ମାନେ କାହିଁକି ବିପତ୍ତି ବେଳେ ନିଜ ଘରକୁ ଫେରିବାରୁ ବଂଚିତ ହେଲେ ? ୱାର୍ଲ୍ଡ ଇକୋନମିକ ଫୋରମର ଭାରତ ଅର୍ଥନୈତିକ ପରିସଂଖ୍ୟାନ ୨୦୧୭ ଅନୁସାରେ ଆମ ଦେଶର ସମୁଦାୟ ୧୩ କୋଟି ୯୦ ଲକ୍ଷ ପ୍ରବାସୀ ଶ୍ରମିକ ଭାରତର ବିଭିନ୍ନ ସ୍ଥାନରୁ ମୁଖ୍ୟତ ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ତଥା କେରଳ ଆଦି ସ୍ଥାନକୁ କାମଧନ୍ଦାରେ ଯାଇଥାନ୍ତି । ଏବେ ସେହି ସଂଖ୍ୟା ୨୪ କୋଟି ୯୮ ଲକ୍ଷରେ ପହଞ୍ଚିଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେଶ ଗଠନ ଓ ବିକାଶରେ ବଡ ଭୂମିକା ନେଉଥିବା ଏହି ସମୁଦାୟର ଦୁଃଖକୁ ଏଭଳି ଦୁର୍ଦ୍ଦିନରେ ସର୍ବାଦୌ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । କରୋନା ଲକଡାଉନ ପରେ ଏହି ପ୍ରସଙ୍ଗରେ ଜଣେ ଦାୟିତ୍ୱବାନ ସାମ୍ବାଦିକ ଓ ସ୍ତମ୍ଭକାର ଭାବେ ପ୍ରଥମେ ଆଲେଖ୍ୟ (ସ୍ତମ୍ଭ) ପ୍ରକାଶ ପରେ ବିଭିନ୍ନ ମହଲରେ ବ୍ୟାପକ ତତ୍ପରତା ପ୍ରକାଶ ପାଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ବହୁ ପଦକ୍ଷେପ ନେଇଥିଲେ । ବୋଧହୁଏ ସେସବୁ ଠିକଣା ଓ ସମୟ ଉପଯୋଗୀ ହେବା କ୍ଷେତ୍ରରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକ ସବୁ ବଡ ଅସନ୍ତୋଷର ପ୍ରଶ୍ନଚିହ୍ନ ଠିଆ କରାଇଛି ।

ଅପ୍ରେଲ ୧୪ ତାରିଖ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ଲକ ଡାଉନ ଅବଧି ସରିବାର ଥିଲା । ମୁମ୍ବାଇରେ ଫସିଥିବା ହଜାର ହଜାର ଶ୍ରମିକ ନିଜ ରାଜ୍ୟକୁ ଫେରିବା ଆଶାରେ ବାନ୍ଦ୍ରା ରେଳଷ୍ଟେସନ ଧାଇଁଥିଲେ । ହେଲେ ପ୍ରଧାନମନ୍ତ୍ରୀ ଲକ ଡାଉନ ଅବଧି ବଢାଇବା ପରେ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶା ମଉଳି ଯାଇଥିଲା । ସେମାନେ ଷ୍ଟେସନରେ ହିଁ ଅଟକି ଥିଲେ । ଘରକୁ ଫେରିବାର ଦାବି ଏତେ ପ୍ରବଳ ହୋଇଥିଲା ଯେ, ଭିଡ ଭାଙ୍ଗିବାକୁ ପୋଲିସକୁ ଶେଷକୁ ଲାଠିଚାର୍ଜ କରିବାକୁ ପଡିଥିଲା । ଗଣମାଧ୍ୟମରେ ଏହି ଦୃଶ୍ୟ ଥିବା ଫଟୋ କରୋନା ସମୟର ସବୁଠାରୁ ଅଧିକ ଉଦବେଗ ଜନକ ଚିତ୍ର ହୋଇଥିଲା । ଅପ୍ରେଲ ୧୭ ତାରିଖରେ ସୁରଟରେ ଗଣ୍ଡେ ଖାଇ ଦଣ୍ଡେ ବଂଚିବା ପାଇଁ ଖାଦ୍ୟ ନେବା ଲାଗି ଲମ୍ବା ଧାଡିରେ ଠିଆ ହୋଇଥିବା ଶ୍ରମିକଙ୍କ ଫଟୋ, ୩୨ ମେସରେ ଖାଦ୍ୟ ଦେବା ବନ୍ଦ ହେବାରୁ ୧୫ ତାରିଖରେ ସୁରତ ନିକଟସ୍ଥ ପାଣ୍ଡୋଲା ଶିଳ୍ପାଞ୍ଚଳରେ ଓଡିଆ ଶ୍ରମିକଙ୍କ ବିକ୍ଷୋଭ, ୧୧ ତାରିଖରେ ସୁରତ ଡାଇମଣ୍ଡ ନଗରରେ ଘରକୁ ଫେରିବା ଅପେକ୍ଷାରେ ଥିବା ଶ୍ରମିକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ କାରଣରୁ ଉତ୍ତେଜନା ହୃଦୟ ବିଦାରକ ହୋଇ ପଡିଛି । ସେମାନେ ଅନ୍ତତ ଗଣ୍ଡେ ଖାଇବାକୁ ପାଉଥିଲେ ବୋଧେ ଏତେ ବିକଳ ଚିତ୍ର ଦେଖିବାକୁ ମିଳନ୍ତା ନାହିଁ । ଭୋକର ଭୂଗୋଳ ବଡ ନିଷ୍ଠୁର ଓ ଦାରୁଣ । ଏହାକୁ କେବଳ ଅନୁଭବୀ ହିଁ ବୁଝିଥାଏ । ଭୋକର ଦାଉରୁ ନିଜ ପରିବାରକୁ ରକ୍ଷା କରିବା ପାଇଁ କେତେକ ଶ୍ରମିକ ନିଜର ମୋବାଇଲକୁ ବିକି ଦେଉଥିବାର ଖବର ବି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଦେଶର ପ୍ରାଣକେନ୍ଦ୍ର ତଥା ରାଜଧାନୀ ଦିଲ୍ଲୀରେ ଶ୍ରମିକ ମାନେ ଶହ ଶହ କିଲୋମିଟର ଚାଲି ଚାଲି ନିଜ ଘରେ ପହଂଚିବାକୁ ଉଦ୍ୟମ କରୁଛନ୍ତି । ରାଜଧାନୀ ଦିଲ୍ଲୀରୁ ଘରକୁ ଫେରିବା ଲାଗି ଜଣେ ୩୮ ବର୍ଷିୟ ଯୁବକ ୨୦୦ କିଲୋମିଟର ଚାଲିବା ପରେ ମାର୍ଚ୍ଚ ୨୯ ତାରିଖ ସକାଳେ ଦିଲ୍ଲୀ-ଆଗ୍ରା ଜାତୀୟ ରାଜପଥରେ ମୃତ୍ୟୁ ବରଣ କରିଥିଲେ । ରଣବୀର ସିଂ ନାମକ ଏହି ଯୁବକଙ୍କ ଘର ମଧ୍ୟପ୍ରଦେଶର ମୋରେନା ଜିଲ୍ଲାରେ । ମାନବିକତାକୁ ଦୋହଲାଇ ଦେବା ଭଳି ଶହ ଶହ ଘଟଣା ଭିତରୁ ଏହା ଗୋଟିଏ ନମୁନା ମାତ୍ର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାର୍ଚ୍ଚ ୨୮ ତାରିଖରେ ବାହାର ଲୋକଙ୍କୁ ରାଜ୍ୟର ସୀମାରେ ଅଟକାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଓ ୧୪ ଦିନ କ୍ୱାରେଣ୍ଟାଇନରେ ଦାଦନ ମାନଙ୍କୁ ରଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଲେ । ହେଲେ ସେମାନେ କରୋନା ମୁକ୍ତ ହେବାର ଯଥେଷ୍ଟ ପ୍ରମାଣ ମିଳିବା ପରେ ବି ଘରକୁ ଫେରିବା ନେଇ କୌଣସି ନିଷ୍ପତ୍ତି ନିଆଗଲା ନାହିଁ । ଏହିଦିନ ଦାଦନ ସମସ୍ୟା ନେଇ ବିରୋଧୀ କଂଗ୍ରେସ ଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଦାଦନ ପ୍ରସଙ୍ଗରେ ସରକାର ଅଧିକ ଚେଇଁ ଉଠିଥିଲେ । ସେହିଦିନ ଦାଦନ ମାନଙ୍କୁ ନିଜ ରାଜ୍ୟକୁ ଫେରାଇ ନେବାକୁ ଉତ୍ତରପ୍ରଦେଶ ସରକାର ବସ ଯୋଗାଇ ଦେଇଥିଲେ । ରାଜ୍ୟ ବାହାରେ ଥିବା ଦେଢ଼ ଲକ୍ଷ ଓଡିଆ ଦାଦନ ଶ୍ରମିକ ମାନଙ୍କୁ ସହାୟତାର ହାତ ବଢାଇବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ସଂଗଠନକୁ ମଧ୍ୟ ଏହିଦିନ ନିବେଦନ କରିଥିଲେ । ପରେ ବିଭିନ୍ନ ରାଜ୍ୟର ଶ୍ରମିକ ମାନଙ୍କୁ ଜୀବନ ଧାରଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକ ଓଡିଶା ସରକାର ନୋଡାଲ ଅଧିକାରୀ ମାନ ନିଯୁକ୍ତି କଲେ । ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ପ୍ରକାର ଆନ୍ତରିକତା ସତ୍ତ୍ୱେ ଦାଦନ ମାନଙ୍କ ସର୍ବନିମ୍ନ ଆବର୍ଶ୍ୟକତା ପେଟକୁ ଗଣ୍ଡେ ଦାନା ବି ସରକାରଙ୍କ ତରଫରୁ ମିଳିପାରିଲା ନାହିଁ । ଗଣମାଧ୍ୟମର ଖବର, ଚିତ୍ର ଏବଂ ବାସ୍ତବତା ହିଁ ଏ ସତ୍ୟକୁ ଆମକୁ ସ୍ୱୀକାର କରିବାକୁ ବାଧ୍ୟ କରୁଛି । ପୁନଶ୍ଚ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଅପ୍ରେଲ ୧୬ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାଶିତ ରାଜ୍ୟକୁ ପତ୍ର ଦିଆଯାଇ ଦାଦନଙ୍କ ରହିବା, ଖାଇବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିରୁ ଦାଦନ ଶ୍ରମିକଙ୍କ ଦୁଃଖ ନେଇ ସରକାର ଚିନ୍ତିତ ଥିବାର ସ୍ପଷ୍ଟ ହେଉଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିକଟ ଅତୀତରେ ଅପ୍ରେଲ ୧୬ ତାରିଖରେ ରାଜ୍ୟ ସରକାର ଚାଷ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତି କରିଛନ୍ତି ।ଏ କ୍ଷେତ୍ରରେ ଏହି ନୋଡାଲ ଅଧିକାରୀଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଇଛି । ଉତ୍ତର ଦାୟିତ୍ୱ ଗୋଟିଏ ବଡ ଆବଶ୍ୟକତା ବୋଲି ଆଉ କିଏ ବୁଝୁ ବା ନବୁଝୁ କିନ୍ତୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଭଲ ଭାବେ ବୁଝିଛନ୍ତି । ହେଲେ ଦାଦନ ଶ୍ରମିକଙ୍କ ସମସ୍ୟା ନେଇ ହୋଇଥିବା ନୋଡାଲ ଅଧିକାରୀଙ୍କୁ ଉତ୍ତରଦାୟୀ କରାଗଲା ନାହିଁ । ଉତ୍ତରଦାୟୀ କରାଯାଇଥିଲେ ଯାଜପୁର ଜିଲ୍ଲାର ଧର୍ମଶାଳାର ମଧୁପୁରଗଡ ଅଂଚଳର ଶତାଧିକ ଦାଦନ ଶ୍ରମିକଙ୍କ ଦୁଃଖ ଓ ଭୋକ ନେଇ ସରକାରଙ୍କୁ ଜଣାଇବା ପରେ ବି ଅଦ୍ୟାବଧି ସେମାନଙ୍କ ପାଖରେ କିଛି ନହେଲେ ଦାନା ମୁଠାଏ ତ ପହଂଚି ପାରିଥାନ୍ତା । ଏହା ଗୋଟିଏ ଦୃଷ୍ଟାନ୍ତ ମାତ୍ର । ୧୯ ଅପ୍ରେଲରେ ମୁଖ୍ୟମନ୍ତ୍ରୀ ଏହି ଦାଦନଙ୍କ ପାଇଁ ବଡ ପ୍ୟାକେଜ ଘୋଷଣା କରିଛନ୍ତି । ମାର୍ଚ୍ଚ ୨୯ ତାରିଖ ରବିବାରରେ ମାନ୍ୟବର ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କଲେ । ବାହାର ରାଜ୍ୟରୁ ଘର ବାହୁଡା ଶ୍ରମିକ ମାନଙ୍କୁ ସୀମାରେ ଅଟକାଇବା ପାଇଁ ପଦକ୍ଷେପ ନେବା ସହ ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । ଶ୍ରମିକ ମାନେ ନିଜ ଗାଁକୁ ଫେରିଲେ କେରୋନା ବ୍ୟାପିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏଭଳି ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ହେଲେ ସେହି ସମୟରେ ମାନ୍ୟବର ହାଇକୋର୍ଟ ଓ ସରକାର ବିଦେଶ ଫେରନ୍ତାଙ୍କ ପ୍ରସଙ୍ଗରେ ନୀରବ ରହିଲେ । ଯେତେବେଳେ କି ୫୩ଟି ଦେଶରେ ଥିବା ୩୩୩୬ ଭାରତୀୟ କରୋନା ଆକ୍ରାନ୍ତ ବୋଲି ଜଣାପଡିଲାଣି । କରୋନାରେ ଦାଦନ ଦୁଃଖ ଏବେ ବଡ ଆବେଗିକ ପ୍ରସଙ୍ଗ ହୋଇଛି । ଯେଉଁ ହାଇକାର୍ଟ ସେମାନଙ୍କୁ ସୀମାରେ ଅଟକାଇ ସବୁ ସୁବିଧା ପ୍ରଦାନ ନିର୍ଦ୍ଦେଶ ଦେଲେ ସେହି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେଟକୁ ଗଣ୍ଡେ ଦାନା ନମିଳିବା ଏବଂ  ସେମାନଙ୍କ ଦୟନୀୟ ଜୀବନ ଯାପନ ହିଁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶର ଉଲଂଘନ  । ଏଥିନେଇ ମାନ୍ୟବର ହାଇକୋର୍ଟ ବି ନିଜ ଆଡୁ ସମୟ ଉପଯୋଗୀ ନିର୍ଦ୍ଦେଶ ଦେବା କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସୁବିଧା କୋଉଠି ?

ମଣିଷ ପଣିଆ ଥିବା ମଣିଷ ପାଇଁ ମାନବିକତାର ସ୍ୱରକୁ ଚାପିଦେବା ବଡ କଷ୍ଟକର । ସେହି ଧାରାରେ ଏହି ମତ ଉପସ୍ଥାପନ ପାଇଁ  ଯଦି ଫାସୀ ମିଳେ, ତେବେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ  ।

ବରିଷ୍ଠ ସାମ୍ବାଦିକ, ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର
ମୋ-୯୪୩୭୦୧୯୧୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଓ ପ୍ରବାସୀ ଭାରତୀୟ



ଅଭିମନ୍ୟୁ ବେହେରା

ଭାରତବାସୀ ବଡ ସାହସୀ । ଉକ୍ତିଟି କୋଟିଏ ତାରା ଗୋଟିଏ ସୂର୍ଯ୍ୟ ପରିସତ । କର୍ମରେ, ଆଚରଣରେ, ଜୀବନଶୈଳୀରେ, ବନ୍ଧୁତାରେ, କଥୋପକଥନରେ ସାହସୀ କଥା ପରିଲକ୍ଷିତ ହୋଇଥାଏ । ସାର ଉଇଲିୟମ୍ସ୍ଲୀମ ତାଙ୍କ 'ହ୍ୱାଟ୍ ଇଜ୍ କରେଜ୍ ?' ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି - ପ୍ରତ୍ୟେକ ବ୍ୟକ୍ତି ନିଜକୁ ସାହସୀ ବୋଲି ପରିଚିତ ହେବାକୁ ଭଲପାଇବ । ଆଶା, ବିଶ୍ୱାସ ଓ ବଦାନ୍ୟତା ପ୍ରଭୃତି ସଦ୍ଗୁଣ ସାହସ ନଥିଲେ ଅର୍ଥହୀନ ହୋଇପଡିବ । ଜଣେ ବ୍ୟକ୍ତି ଖରାପ ଓ ସାହସୀ ହୋଇପାରେ କିନ୍ତୁ ସାହସୀ ନହୋଇ ଜଣେ ଭଲଲୋକ ହୋଇନପାରେ । ସାହସ ଏକ ମାନସିକ ଅବସ୍ଥା । ଆତ୍ମା ସହ ମଧ୍ୟ ସମ୍ପର୍କ ଅଛି । ତେଣୁ ଉଭୟ ମାନସିକ ଓ ଆଧ୍ୟାତ୍ମିକ ଆଧାରରୁ ଏହା ଶକ୍ତି ସଂଗ୍ରହ କରେ । ଏହି ଦୁଇଟିର ସଂଯୋଗରୁ ଦୁଇ ପ୍ରକାର ସାହସର ସୃଷ୍ଟି ହୁଏ । ଶାରିରୀକ ସାହସ ଓ ନୈତିକ ସାହସ । ଅନେକ ଲୋକଙ୍କ ପାଖରେ ଶାରିରୀକ ସାହସ ଅଛି କିନ୍ତୁ ନୈତିକ ସାହସ ନଥାଏ । ନୈତିକ ସାହସ ଥିବା ବ୍ୟକ୍ତି କେବେ ଶାରିରୀକ ବିପଦକୁ ଖାତିର କରିବ ନାହିଁ । ଜାପାନୀ ମାନଙ୍କର ଶାରିରୀକ ଶକ୍ତି ଅନେକ ଅଛି ମାତ୍ର ନୈତିକ ସାହସ ଅଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସେମାନେ ପରାଜିତ ହୋଇଥିଲେ ମାତ୍ର ଇଂରେଜ ମାନେ ଅବିରତ ସାହସୀ । ସେମାନଙ୍କର ସାହସ ନୀରବଚ୍ଛିନ୍ନ ଭାବେ ସଦାସର୍ବଦା ଥାଏ । ଏହା ହେଉଛି ସେ ଜାତିର ବିଶେଷତ୍ୱ । ସାର ଉଇଲିୟମ୍ସ୍ଲୀମ ଆହୁରି ମଧ୍ୟ କହିଛନ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଯେତେବେଳେ ମିତ୍ରପକ୍ଷ ସୈନ୍ୟମାନେ ବ୍ରହ୍ମଦେଶରୁ ହଟି ଆସିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ଭାରତରୁ ଆସୁଥିବା ସୈନ୍ୟମାନେ ଏବଂ ଭାରତୀୟ ନାରୀ ଶରଣାର୍ଥୀ ମାନେ ଯେଉଁ ସାହସ ଓ ସହିଷ୍ଣୁତା ପ୍ରଦର୍ଶନ କରିଥିଲେ ତଦ୍ଦ୍ୱରା ସେ ଅଭିଭୁତ ହୋଇ ପଡିଥିଲେ । ଅତି ଅଳ୍ପ ସଂଖ୍ୟକ ଲୋକଙ୍କର ସ୍ୱାଭାବିକ ନୈତିକ ସାହସ ଅଛି । ତେଣୁ ଏହା ଶିଖାଇବା ଆବଶ୍ୟକ । ଅତି ଅଳ୍ପ ବୟସରେ ଲୋକମାନେ ନିଜ ପିତାମାତ, ସ୍କୁଲ ଓ ବିଶ୍ୱବିଦ୍ୟାଳୟ ଧର୍ମ ଏବଂ ଅନ୍ୟ ସୂତ୍ରରୁ ଏହା ଶିଖିବା ଆବଶ୍ୟକ । ବୟସ୍କ ଲୋକଙ୍କୁ ନୈତିକ ସାହସ ଶିକ୍ଷା ଦେବା କଠିନ ବ୍ୟାପାର ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଆମ ପାଖରେ ଯେତେ ସାହସ ଥିଲେ ବି ନୈତିକ ସାହସ ନ ଥିଲେ ଆମେ କୌଣସି ଯୁଦ୍ଧ ଜିତିପାରିବା ନାହିଁ । କରୋନା ସହିତ ମୁକାବିଲା କୌଣସି ବିଶ୍ୱଯୁଦ୍ଧ ଠାରୁ କମ ନୁହେଁ ବୋଲି ବଡବଡ ବିଶେଷଜ୍ଞମାନେ ମତ ଦେଇ ସାରିଛନ୍ତି । ଏଭଳି ପରିସ୍ଥିତିରେ ସାରା ବିଶ୍ୱ ଯେତେବେଳେ କରୋନା କବଳରେ କବଳିତ ଇଏ ବିଶ୍ୱଯୁଦ୍ଧ ନୁହେଁ ତ ଆଉ କଣ । ବିଶ୍ୱ ସମୁଦାୟଙ୍କ ପାଇଁ ମହାବିପଦ । ଏଠାରେ ଶାରିରୀକ ସାହସ ଠାରୁ ନୈତିକ ସାହସର ଆବଶ୍ୟକତା ବେଶୀ ଅଛି । କରୋନା ଯେମିତି ମହାମାରୀ ରୂପରେ ମୃତ୍ୟୁର ବେଉରା ନେଇ ଆସିଛି । ଦେଶରେ ମୃତ୍ୟୁସଂଖ୍ୟା ଦୁଇଶହ ଟପିଥିଲା ବେଳେ ବିଶ୍ୱରେ ଲକ୍ଷେ ଟପିଲାଣି । ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ, ହାତ ଧୁଅନ୍ତୁ ମାସ୍କ ପିନ୍ଧନ୍ତୁ କରୋନା ସ୍ଲୋଗାନରେ ଯେମିତି କାନ ବଧିରା ହୋଇଗଲାଣି । ଲକଡାଉନ୍ ସଟଡାଉନରେ ମଣିଷ ଅତିଷ୍ଠ ହୋଇ ଉଠିଲାଣି ।

ଏପରି ସ୍ଥଳେ ସୁଦୂର ପ୍ରବାସୀ ଭାରତୀୟ ମାନେ ଆମ ମାନଙ୍କର ନୈତିକ ସାହସ ବଢାଇବା ପାଇଁ ଅବିରତ ଚେଷ୍ଟା ଜାରି ରଖିଛନ୍ତି । ସେମାନଙ୍କର କରୋନା ସଚେତନତା ଉପରେ ସର୍ଟ ଭିଡିଓ ଗୁଡିକୁ ବିଭିନ୍ନ ସୋସିଆଲ୍ ମିଡିଆରେ ସେୟାର କରୁଛନ୍ତି । ନିଶ୍ଚିତ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଆମକୁ ଅନେକ ପ୍ରୋତ୍ସାହନ ଯୋଗାଉଛି । ନିଶ୍ଚିତ ସେମାନେ ବହୁ ପ୍ରଶଂସାର ପାତ୍ର । ସେମାନେ ଆମ ମନରେ ନୈତିକ ସାହସ ବଢାଉଛନ୍ତି । କରୋନା ଭୟ ନକରି ସତର୍କ ରହି ସରକାରଙ୍କ ନିୟମକୁ ପାଳନ କରି ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଉଛନ୍ତି । ଜର୍ମାନୀ, ଅଷ୍ଟ୍ରେଲିଆ, ବ୍ରିଟେନ, ଆମେରିକା ପ୍ରଭୃତି ଦେଶରେ ଥିବା ପ୍ରବାସୀ ଭାରତୀୟ ମାନଙ୍କର ପଠାଇଥିବା ସେଇ ସବୁ କରୋନା ସମ୍ପର୍କିତ ଭିଡିଓ ଗୁଡିକୁ ଲୋକେ ବେଶ ପସନ୍ଦ କରୁଛନ୍ତି ଓ ସଜାଗ ହେଉଛନ୍ତି । ଏହା ସେମାନଙ୍କର ବଦାନ୍ୟତା ନୁହେଁ ତ ଆଉ କଣ । ଯେତେ ଦୂରରେ ଥିଲେ ବି ସେମାନେ ଆମ ମାନଙ୍କ ସହିତ ହାତ ମିଳାଇ ଚାଲିଛନ୍ତି ଓ ମନ ମିଳାଇ ଚାଲିଛନ୍ତି । ଏଭଳି ଦୁର୍ଦ୍ଦିନରେ ଆମ ମାନଙ୍କ ମନରେ ନୈତିକ ସାହସ ବଢାଇବାର ସମୟ ଆସିଛି । ଏହାର ଯଥେଷ୍ଟ ଆବଶ୍ୟକତା ରହିଛି । ତେବେ କରୋନା ଭଳି ମହାମାରୀକୁ ଆମେ ଜୀବନ ଯୁଦ୍ଧରେ ହରାଇ ପାରିବା । ମୋର ଜଣେ କବିବନ୍ଧୁ  ଡ. ନୀଳମାଧବ କର ଯିଏ କି ବ୍ରିଟେନରେ ରୁହନ୍ତି । କିଛିଦିନ ପୂର୍ବରୁ ମୁଁ ତାଙ୍କ ସହିତ ଇମେଲରେ ଯୋଗାଯୋଗ କରିଥିଲି । ଏବେ ବିଶ୍ୱରେ କରୋନାର ଯେଉଁ ଭୟାବହତା ଏଭଳି ସମୟରେ ତାଙ୍କୁ ଅନୁରୋଧ କରିଥିଲି ବ୍ରଟେନ ପରିସ୍ଥିତିକୁ ଲକ୍ଷ୍ୟ ରଖି ଆମ ଦେଶ ପାଇଁ ବିଶେଷ ଭାବରେ ଆମ ରାଜ୍ୟ ଓଡିଶା ପାଇଁ କରୋନା ସମ୍ପର୍କିତ ଗୋଟିଏ ସର୍ଟ ଭିଡିଓ ପଠାଇବା ପାଇଁ ଯାହାକୁ ଆମେ ବିଭିନ୍ନ ପେଜରେ ସେୟାର କରିପାରିବୁ । ଖାଲି ସୋସିଆଲ ମିଡିଆ ନୁହେଁ ସମସ୍ତ ଜନ ସାଧାରଣ ଏ କ୍ଷେତ୍ରରେ ବିଭିନ୍ନ ପ୍ରକାର ସଜାଗ ମୂଳକ ପଦକ୍ଷେପ ନେବା ଉଚିତ । ଆମେ ଜିତିବା କରୋନା ହାରିବ । ଏହି ଆଶା ଓ ବିଶ୍ୱାସ ନେଇ ରହୁଛି  ।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍‌ପବ୍ଲିକ୍‌ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର, ମୋ - ୯୯୩୮୧୬୭୦୬୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନାର ପ୍ରତିକାର



ବିଦ୍ୟାଧର ପଣ୍ଡା

## ଏକତା ଓ ଶୃଙ୍ଖଳା ବିନା କରୋନାକୁ ରୋକିବା ଅସମ୍ଭବ

ପ୍ରତ୍ୟେକ ଦେଶରେ ଏକତାର ଅଭାବ ଥିଲେ ବିପର୍ଯ୍ୟୟ ଆପେ ଆପେ ନିମନ୍ତ୍ରିତ ହେବା ସହ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖିନ ହୁଅନ୍ତି । ପୂର୍ବରୁ ଆମ ଦେଶ ଏହାକୁ ବାରମ୍ବାର ଅଙ୍ଗେ ନିଭେଇଛି । ଅନେକ ଦୁରାଚାରୀ ନିଷ୍ଠୁର ଶାସକ ଏବଂ ଅଗ୍ରେଂଜ ଲୋକମାନେ ମଧ୍ୟ ଏହି ଐକ୍ୟଭାବର ଅଭାବରେ ଆମକୁ ଦିନେ କବଳିତ କରି ଭାରତମାଟିରେ ବର୍ଷବର୍ଷ ଧରି ଶାସନ କରିଛନ୍ତି । ପୁଣି ଥରେ ଜନସାଧାରଣଙ୍କ ମନରେ ଯେତେବେଳେ ଐକ୍ୟଭାବ ଜାଗ୍ରତ ହୋଇ ଏକତା ଫେରିଆସିଛି ସେମାନେ ପରାସ୍ତ ହୋଇ ଦେଶଛାଡି ପଳାଇଛନ୍ତି । ସେମିତି ଆଜି ବି ଆମ ଆଗରେ କରୋନା ଏକ ବିରାଟ ଶତ୍ରୁରୂପରେ ଦଣ୍ଡାୟମାନ । ଦେଶର ଦଶହଜାର ଉପରେ ଲୋକଙ୍କୁ ନିଜପଟକୁ ନେବାରେ ସମର୍ଥ ହୋଇ ହଜାରେ ଉପରେ ମୁଣ୍ଡ ଗଡେଇ ସାରିଲାଣି । ଯଦି ନିଜାମୁଦ୍ଦିନର ତବଲିଗ୍ ଜାମାତି ଘଟଣାକୁ ରୋକାଯାଇ ପାରିଥାନ୍ତା ତେବେ ଏପରି ବିରାଟ ଭାରତଦେଶର ଦୁଇଶହ ସତସ୍ତରି ଜିଲ୍ଲାରେ କ'ଣ କରୋନା ଦିନଦୁଇଟାରେ ପହଁଚିଥାନ୍ତା ! ଏଥିରେ ଅମାନବୀୟ ଷଡଯନ୍ତ୍ର ତ ରହିଛି, କିନ୍ତୁ ଶତ୍ରୁ ଆମର ଏକତା ଓ ସ୍ୱାଭିମାନରେ ରନ୍ଧ୍ର କରି କରୋନା ମାଧ୍ୟମରେ ଦେଶର ଅପର୍ଯ୍ୟାପ୍ତ କ୍ଷତି କରିବା ଦିଗରେ ସଫଳତା ହାସଲ କରିସାରିଛି । ଯେତେବେଳେ ଆମ ବରିଷ୍ଠ ଅଧିକାରୀମାନେ ଜାଣିପାରିଲେ ଯେ ସେଠାରେ ଏସବୁ ଚାଲିଛି, ତାଲାବନ୍ଦି ଆଇନକୁ ପଦାଘାତ କରି କରୋନା ବାହକମାନଙ୍କୁ ଦେଶର ଆକଳନ କ୍ଷତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାପାଇଁ ପ୍ରସ୍ତୁତ କରାଯାଉଛି, ସେତେବେଳେ ନିଜାମୁଦ୍ଦିନ ବାହାରକୁ ସେମାନଙ୍କୁ ଯିବାକୁ କାହିଁକି ଦିଆଗଲା ? ଜମାତି ଲୋକମାନେ ଦିଲ୍ଲୀ ବାହାରକୁ ଯାଇ ଦେଶସାରା ପହଁଚିବାକୁ କେମିତି କାହା ଅନୁମତିରେ ସକ୍ଷମ ହେଲେ ! ଏମିତିରେ କେବଳ ଚୈନାର ଉହାନ ସହରପରି ସେଦିନ ନିଜାମୁଦ୍ଦିନକୁ ବାରିକେଡିଂ କରି କମ୍ପ୍ଲିଟ୍ ସଟ୍‌ଡାଉନ୍ କରିଥିଲେ ଆଜି ଦିନରେ ବହୁତ ରାଜ୍ୟ ଏମିତି ଥାଆନ୍ତା ଯେଉଁଥିରେ କରୋନା ଭୂତାଣୁର ନାଁ ଗନ୍ଧ ବି ଆଦୌ ନଥାନ୍ତା । ଲୁହାମୁଣ୍ଡାଟିରେ ଧାର ଯେତେ ଥାଉ ପଛେ ସିଏ କ'ଣ ଏକା ଏକା ଗଛ କାଟି ପାରିବ ? କାଠ କାଟିପାରିବ ! ସେ ଧାରୁଆ ଲୁହାପଛରେ ଗୋଟିଏ କାଠତିଆରି ବେଂଟ ଦରକାର ! ସେମିତି ପଡୋଶୀ ମୂଲକର ଆକ୍କା ଯେତେ ଦୁଷ୍ଟହେଲେ ବି ଆମଦେଶର ନାଗରିକଙ୍କ ଭିତରେ ଯଦି ତା'ର ଆଜ୍ଞାଧୀନ କିଛି ଦେଶଦ୍ରୋହୀ ଶିଷ୍ୟମାନେ ନଥାନ୍ତେ, ଆମ ନିଜଭିତରେ ଯଦି ଏକତା ଥାଆନ୍ତା ଓ ଆମେ ସମସ୍ତେ ଜଣେଜଣେ ଯଦି ସ୍ୱାଭିମାନୀ ହିନ୍ଦୁସ୍ଥାନୀ ହୋଇଥାଆନ୍ତେ ତେବେ କରୋନାର ଡର ଆମକୁ ଏପରି ଆଦୌ ଅସ୍ତବ୍ୟସ୍ତ କରୁ ନଥାନ୍ତା ।

ଏକତାର ସହଯୋଗରୁ ସମାଜର ସୃଷ୍ଟି । ଏକତ୍ରିତ ଭାବରେ ଅନେକ ଅସମ୍ଭବ କାମ ବି ସମ୍ଭବ କରିଥିବାର ଅଗଣିତ ଉଦାହରଣ ଅଛି । ଆଜି କରୋନା ଭୂତାଣୁସହ ଯୁଦ୍ଧରେ ଜିତିବା ଅସମ୍ଭବ ଜଣାଯାଉଥିଲେ ମଧ୍ୟ ଆମ ଭିତରେ ଏକତାର ଅଭାବ ଓ ପରଷ୍ପର ଭିତରେ ଅବିଶ୍ୱାସର ବାତାବରଣ କରୋନା ଭୂତାଣୁକୁ ବଳଦେଇ ଆମଦେଶର ଗୋଟିଏ ପରେ ଗୋଟିଏ ନାଗରିକର ମୁଣ୍ଡ ଗଡେଇ ଚାଲିଛି । ବିଶ୍ୱରେ ଅନେକ ସକ୍ଷମ ଦେଶର ମଜଭୁତ୍ ସରକାର କରୋନା ଆଗରେ ମୁଣ୍ଡନୁଆଁଇ ସାରିଲେଣି । ଆମେରିକା, ଇଟାଲୀ, ଫ୍ରାନ୍‌ସ, ସ୍ପେନ୍, ଇରାନ୍ ତ୍ରାହି ତ୍ରାହି ଚିତ୍କାର କରି କବରଖୋଳିବାକୁ ସମୟ ପାଉନାହାନ୍ତି । ସାମୁହିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶବ ସତ୍କାର କରାଯାଉଛି । କଫିନ୍ ଉପରେ କଫିନ ରଖାଯାଇ ମାଟି ପକାଉଛନ୍ତି । ମଣିଷ ଶବ ଗୁଡାକୁ ପଶୁଠାରୁ ବି ଅଧିକ ହିନସ୍ତା ହେବାର ଦେଖିବାକୁ ମିଳୁଛି । ଏସବୁ ଦେଖି ଆମେ କ'ଣ କିଛି ଶିଖିବା ଉଚିତ୍ ନୁହେଁ କି ? ଆଜି ବାହୁବଳ ଶରୀରର ରୋଗ ପ୍ରତିରୋଧକ ଅପାର ଶକ୍ତି କରୋନାଆଗରେ କିଛି ନୁହେଁ, ସବୁ ତୁଚ୍ଛ । କରୋନାକୁ ପରାସ୍ତକରିବା ପାଇଁ ଆବଶ୍ୟକ କେବଳ ଗୋଟିଏ ବଳ, ତା'ହେଲା ଏକତାର ବଳ ।

ଏକତା ସହ ଆଉ ଗୋଟିଏ ଔଷଧ କରୋନାପାଇଁ ନିହାତି ଆବଶ୍ୟକ, ତାହା ହେଲା ଶୃଙ୍ଖଳା । ଆଜିକାଲି ପ୍ରାୟ ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ କରୋନା ଖବର ପାଇଁ ଦିନରାତି ସମର୍ପଣ ଭାବରେ ଅବିରତ କାମ କରୁଛନ୍ତି । ତା'ଭିତରେ ଯେମିତି ପୋଲିସଦଳଙ୍କ ଉପରେ କିଛି ମହିଳାମାନଙ୍କ ଦ୍ୱାରା ଛାତଉପରୁ ପଥର ଫିଙ୍ଗାଯିବା ଘଟଣା, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର, ଶରୀର ଉପରକୁ ଛେପପକାଇ ଆକ୍ରମଣ କରିବା, ତାଲାବନ୍ଦିର ନିୟମକୁ ଫୁ'ରେ ଉଡେଇ ଅକାରଣ ରାସ୍ତାଘାଟରେ ବୁଲିବା, ନିଜକୁ କରୋନା ସଂକ୍ରମିତ ଥିବାର ସନ୍ଦେହ କରି ମଧ୍ୟ ଲୁଚିଛପି ଆଗକୁ ନଆସିବା, ପରୀକ୍ଷା ନକରେଇବା ଆଦି ସବୁ ବିଶୃଙ୍ଖଳା ଯୋଗୁଁ କରୋନାର କାୟା ଦିନୁଦିନ ବଢିବାରେ ଲାଗିଛି । ସରକାରଙ୍କ ଅନୁରୋଧ, ଆଇନକାନୁନ ପ୍ରତି କିଛିଲୋକଙ୍କର ତିଳେ ହେଲେ ଧ୍ୟାନ ନାହିଁ । ଏବେ ବିଶ୍ୱରେ ୨୨ଲକ୍ଷ ଲୋକ ଆକ୍ରାନ୍ତ ଏବଂ ୧ଲକ୍ଷ ୪୫ହଜାର ଏଇ କରୋନା ଭୂତାଣୁର ପ୍ରଭାବରେ ମୃତ । ଏସବୁ ଜାଣି ଯଦି ଆମେ ଆମର ବ୍ୟବହାରରେ ଶୃଙ୍ଖଳା ଆଣିବାନି ତେବେ ନିଜଗୋଡକୁ ନିଜେ କୁରାଢିରେ ହାଣିବାସହ ସମାନ ନୁହେଁ କି ! ଅମୃତ ଭରା ଏକ ବିରାଟହଣ୍ଡାରେ ଯେମିତି ମାତ୍ର କେଇଠୋପା ବିଷ ଢାଳିଦେଲେ ସାରାଅମୃତକୁ ବିଷାକ୍ତ କରିଦିଏ ମାତ୍ର କେତେଜଣ ଅମଣିଷଙ୍କ ବିଶୃଙ୍ଖଳ ଆଚରଣ ପାଇଁ ଆମଦେଶ ଆଜି ବିଶ୍ୱ ଦରବାରରେ ନିନ୍ଦିତ ହେବା ସହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୋନା ଭୂତାଣୁ ଜନିତ ଭୟଙ୍କର ପରିସ୍ଥିତିର ସାମ୍ନା ଆଗାମୀ ଦିନରେ କରିବାକୁ ଯାଉଛି । ପ୍ରଥମଥର ପାଇଁ ରାହୁଲ ଗାନ୍ଧୀଙ୍କ ଗଣମାଧ୍ୟମରେ ସିଧା କଥାବାର୍ତ୍ତାରେ ଅଳ୍ପକିଛି ବିରୋଧାଭାଷ ରହିଥିଲେ ମଧ୍ୟ ବହୁତ ପରିପକ୍ୱତା ଦେଖିବାକୁ ମିଳିଛି । ସିଏ ଏକାସାଙ୍ଗରେ ଶୃଙ୍ଖଳିତ ହୋଇ କରୋନାସହ ଯୁଦ୍ଧକରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ଏବଂ ସରକାରଙ୍କର ଅନେକ ପଦକ୍ଷେପ ସପକ୍ଷରେ ନିଜର ସାକାରତ୍ମକ ମତାମତ ଦେଇ ଦେଶବାସୀଙ୍କ ମନରେ ଦଳଗତ ନିର୍ବିଶେଷରେ ଏକତାର ମନ୍ତ୍ର ଫୁଙ୍କିଛନ୍ତି । ଏହା ସମସ୍ତ ରାଜନେତାଙ୍କ ପାଇଁ ଉତ୍ସାହ ବର୍ଦ୍ଧକ ସଞ୍ଜିବନି ହୋଇପାରେ । ଆଗକୁ ସରକାର ଓ ବିରୋଧୀଦଳ ଏକାଠି କାମକଲେ କରୋନାକୁ ହରେଇବା ସହଜ ହେବ ।

ସରକାର ଏବେ କଡାକଡି ଭାବରେ ତାଲାବନ୍ଦିକୁ ମଇମାସ ୩ତାରିଖ ପର୍ଯ୍ୟନ୍ତ ସବୁଜାଗାରେ ପାଳନ କରିବାକୁ ଅସମର୍ଥ ହୋଇ ଅପ୍ରେଲ ୨୦ ତାରିଖରେ ଏକ ସମୀକ୍ଷା ଥାକ ରଖିଛନ୍ତି, ଯେଉଁଦିନ ପରେ ଅନେକ ଜାଗାରେ ଯାନବାହାନର ଆଂଶିକ ଭାବରେ କିଛିଟା କୋହଳ କରାଯିବ । ଏହି ସୁଯୋଗରେ ଆମ ପଡୋଶୀ ଆଲ୍ଲାଙ୍କର ମୁର୍ଖଶିଷ୍ୟମାନେ ସେହିସବୁ କୋହଳ ଜାଗାକୁ ଚରାଭୂଇଁକରି କରୋନା ମାହାମାରୀକୁ ସାହାଯ୍ୟକ ହେବାର ସମ୍ଭାବନା ବି ରହିଛି । ତେଣୁ ସେଥିପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ସହିତ ଆମର ପ୍ରତ୍ୟେକ ଜନସାଧାରଣ ସଜାଗ୍ ରହିବା ଆବଶ୍ୟକ । କରୋନାକୁ ହରାଇବାକୁ ହେଲେ ଆମକୁ ସାହସ ଏବଂ ପ୍ରେରଣା ଦରକାର, ଯାହାକି କେବଳ ମାତ୍ର ଏକତା ବଳରେ ହିଁ ଆମେ ଦେଶବାସୀଙ୍କ ଭିତରେ ପାଇପାରିବା କଥା କେହି ଅସ୍ୱିକାର କରିପାରିବେ ନାହିଁ । ଏକତା ଦ୍ୱାରା ଅସମ୍ଭବ ବି ସମ୍ଭବ ହୁଏ, ଅନେକ ପ୍ରକାରର ବାଧାବିଘ୍ନ ସହଜରେ ଅତିକ୍ରମ କରାଯାଇପାରେ । ଶୃଙ୍ଖଳା ମଣିଷ ଭିତରେ ଆତ୍ମବିଶ୍ୱାସର ବୀଜବପନ କରେ । ମଣିଷକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିର୍ଭୟ ପ୍ରଦାନ ପୂର୍ବକ ଅବିଶ୍ୱାସର ଭାବନା ଦୂରୀଭୂତ କରିଦିଏ । କରୋନାକୁ ହରାଇବାକୁ ଏତିକି ତ ଦରକାର । ତେଣୁ ସମସ୍ତେ ମନେରଖିବା ଉଚିତ୍ ଯେ କରୋନା ଭୂତାଣୁକୁ ସମୂଳେ ବିନାଶକରିବା ପାଇଁ ଆମ ଭିତରେ ଏକତା ଏବଂ ଶୃଙ୍ଖଳା ଦରକାର । ଏକତା ଓ ଶୃଙ୍ଖଳା ବିନା କରୋନାକୁ

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୯, bdpanda1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୌତମ ବୁଦ୍ଧ



ଦେବେନ୍ଦ୍ର ସାମଲ

ବୁଦ୍ଧଙ୍କ ଜନ୍ମଦିନ ହେଉଛି ଏକ ବୌଦ୍ଧ ପର୍ବ ଯାହାକି ପୂର୍ବ ଏସିଆର ଅଧିକାଂଶ ସ୍ଥାନରେ ରାଜକୁମାର ସିଦ୍ଧାର୍ଥ ଗୌତମ / ବୁଦ୍ଧଙ୍କ ଜନ୍ମକୁ ସ୍ମରଣ କରି ପାଳନ କରାଯାଏ ଏବଂ ବୁଦ୍ଧ ଧର୍ମର ପ୍ରତିଷ୍ଠାତା ଥିଲେ । ବୌଦ୍ଧ ପରମ୍ପରା ଏବଂ ଆଧୁନିକ ସହମତି ଅନୁଯାୟୀ ଗୌତମ ବୁଦ୍ଧ ଜନ୍ମ ଖ୍ରୀଷ୍ଟପୂର୍ବ ୫୬୩-୪୮୦ ଲୁମ୍ବିନିରେ (ବର୍ତ୍ତମାନ ନେପାଳରେ ଅବସ୍ଥିତ) ହୋଇଥିଲା । ବୁଦ୍ଧ ପୂର୍ଣ୍ଣିମା - ବୈଶାଖ ପୂର୍ଣ୍ଣିମା ଦିନ ହେଉଛି ବିଶ୍ୱରେ  ଲକ୍ଷ ଲକ୍ଷ ବୁଦ୍ଧଧର୍ମୀଙ୍କ ପାଇଁ ସବୁଠାରୁ ପବିତ୍ର ଦିନ ।  ବୈଶାଖ ଦିନ ୫୬୩ ଖ୍ରୀଷ୍ଟାବ୍ଦରେ, ବୁଦ୍ଧ ଜନ୍ମ ହୋଇଥିଲେ ।  ବୈଶାଖ ଦିନରେ ମଧ୍ୟ ବୁଦ୍ଧ ଜ୍ଞାନ ପ୍ରାପ୍ତ କରିଥିଲେ ଏବଂ ବୈଶାଖ ଦିନରେ ହିଁ ଅଷ୍ଟାଦଶ ବର୍ଷରେ ବୁଦ୍ଧଙ୍କର ଦେହାନ୍ତ ହୋଇଥିଲା । ଯଦିଓ ଅନେକ ବୁଦ୍ଧ ଏପ୍ରିଲ୍ ୩୦ରେ ବୁଦ୍ଧଙ୍କ ଐତିହାସିକ ଜନ୍ମ ପାଳନ କରନ୍ତି, ତଥାପି ପ୍ରକୃତ ତାରିଖ ପ୍ରଶ୍ନବାଚୀ ହୋଇ ରହିଛି ।  ଯଦିଓ ଆଧୁନିକ ପ୍ରତ୍ନତାତ୍ତ୍ୱିକ ଏବଂ ଐତିହାସିକ ଅନୁସନ୍ଧାନ ନିଶ୍ଚିତ କରେ ଯେ ରାଜକୁମାର ସିଦ୍ଧାର୍ଥ ଗୌତମ ଏହି ସମୟରେ ବାସ କରୁଥିଲେ । ବୁଦ୍ଧଙ୍କ ଜୀବନ କାହାଣୀ ନେପାଳ ଏବଂ ଭାରତର ସୀମା ନିକଟ ଲୁମ୍ବିନୀରେ ଆରମ୍ଭ ହୋଇଥିଲା, ପ୍ରାୟ ୨୬୦୦ ବର୍ଷ ପୂର୍ବେ, ଯେଉଁଠାରେ ସିଦ୍ଧାର୍ଥ ଗୌତମ ଜନ୍ମ ହୋଇଥିଲେ । ଯଦିଓ ଜଣେ ରାଜକୁମାର ଜନ୍ମ ହୋଇଥିଲେ, ସେ ଅନୁଭବ କରିଥିଲେ ଯେ ସର୍ତ୍ତମୂଳକ ଅନୁଭୂତି ଚିରସ୍ଥାୟୀ ସୁଖ କିମ୍ବା ଯନ୍ତ୍ରଣାରୁ ରକ୍ଷା କରିପାରିବ ନାହିଁ । ଏକ ଦୀର୍ଘ ଆଧ୍ୟାତ୍ମିକ ସନ୍ଧାନ ପରେ, ସେ ଗଭୀର ଧ୍ୟାନରେ ଗଲେ, ଯେଉଁଠାରେ ସେ ମନର ପ୍ରକୃତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁଭବ କଲେ । ସେ ସର୍ତ୍ତମୂଳକ ଏବଂ ସ୍ଥାୟୀ ସୁଖର ସ୍ଥିତି ହାସଲ କଲେ: ଜ୍ଞାନର ଅବସ୍ଥା । ଭବିଷ୍ୟତର ବୁଦ୍ଧ ସିଦ୍ଧାର୍ଥ ଗୌତମ ଭାରତ ସୀମା ନିକଟରେ ଥିବା ନେପାଳରେ ଏକ ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବଡ ହୋଇ ବୁଦ୍ଧ ଅତ୍ୟନ୍ତ ବୁଦ୍ଧିମାନ ଏବଂ କରୁଣାମୟ ଥିଲେ । ଲମ୍ବା, ଶକ୍ତିଶାଳୀ ଏବଂ ସୁନ୍ଦର, ବୁଦ୍ଧ ଯୋଦ୍ଧା ଜାତିର ଥିଲେ । ସେ ଜଣେ ମହାନ ରାଜା କିମ୍ବା ଆଧ୍ୟାତ୍ମିକ ନେତା ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା । ଯେହେତୁ ତାଙ୍କ ପିତାମାତା ସେମାନଙ୍କ ରାଜ୍ୟ ପାଇଁ ଜଣେ ଶକ୍ତିଶାଳୀ ଶାସକ ଚାହୁଁଥିଲେ, ସେମାନେ ସିଦ୍ଧାର୍ଥଙ୍କୁ ଦୁନିଆର ଅସନ୍ତୁଷ୍ଟ ପ୍ରକୃତି ଦେଖିବା ପାଇଁ ରୋକିବାକୁ ଚେଷ୍ଟା କରିଥିଲେ । ସେମାନେ ତାଙ୍କୁ ସମସ୍ତ ପ୍ରକାରର ଆନନ୍ଦରେ ଘେରି ରହିଲେ ।  ତାଙ୍କୁ ପାଞ୍ଚ ଶହ ଆକର୍ଷଣୀୟ ମହିଳା ଏବଂ ଖେଳ ଏବଂ ଉତ୍ସାହ ପାଇଁ ପ୍ରତ୍ୟେକ ସୁଯୋଗ ଦିଆଯାଇଥିଲା । ସେ ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ତାଲିମକୁ ସମ୍ପୂର୍ଣ୍ଣ ରୂପେ ଆୟତ୍ତ କରିଥିଲେ, ଏପରିକି ତୀରନ୍ଦାଜ ପ୍ରତିଯୋଗିତାରେ ତାଙ୍କ ପତ୍ନୀ ଯଶୋଦରାଙ୍କୁ ଜିତିଥିଲେ ।ହଠାତ୍, 29 ବର୍ଷ ବୟସରେ, ସେ ଅପାରଗତା ଏବଂ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ ।  ତାଙ୍କ ବିଳାସପୂର୍ଣ୍ଣ ପ୍ରାସାଦରୁ ଏକ ବିରଳ ସେ ଦେଖିଲେ ଯେ କେହି ଜଣେ ଅସୁସ୍ଥ ହୋଇପଡିଛନ୍ତି ।  ପରଦିନ ସେ ଦେଖିଲେ ଜଣେ ବୃଦ୍ଧ ଏବଂ ଶେଷରେ ଜଣେ ମୃତ ବ୍ୟକ୍ତି ।  ବୃଦ୍ଧାବସ୍ଥା, ଅସୁସ୍ଥତା ଏବଂ ମୃତ୍ୟୁ ସେ ଭଲ ପାଉଥିବା ସମସ୍ତଙ୍କ ନିକଟକୁ ଆସିବ ବୋଲି ଜାଣି ସେ ଅତ୍ୟନ୍ତ ବିବ୍ରତ ହୋଇଥିଲେ । ସେମାନଙ୍କୁ ଅର୍ପଣ କରିବାକୁ ସିଦ୍ଧାର୍ଥଙ୍କର ଆଶ୍ରୟ ନଥିଲା ।

ପରଦିନ ସକାଳେ ରାଜକୁମାର ଜଣେ ଧ୍ୟାନକାରୀଙ୍କ ପାଖ ଦେଇ ଗଲେ ଯିଏ ଗଭୀର ଅବଶୋଷଣରେ ବସିଥିଲେ ।  ଯେତେବେଳେ ସେମାନଙ୍କର ଆଖି ଦେଖାଗଲା ଏବଂ ସେମାନଙ୍କର ମନ ସଂଯୁକ୍ତ ହେଲା, ସିଦ୍ଧାର୍ଥ ଅଟକି ଗଲେ, ବିସ୍ମିତ ହେଲେ । ସେ ଅନୁଭବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲେ ଯେ ସେ ବାହାରେ ଖୋଜୁଥିବା ସିଦ୍ଧତା ମନ ଭିତରେ ରହିବା ଆବଶ୍ୟକ । ସେହି ବ୍ୟକ୍ତିଙ୍କୁ ଭେଟିବା ଭବିଷ୍ୟତର ବୁଦ୍ଧଙ୍କୁ ମନର ପ୍ରଥମ ତଥା ଆକର୍ଷଣୀୟ ସ୍ୱାଦ ଦେଇଥିଲା, ଏକ ପ୍ରକୃତ ଏବଂ ସ୍ଥାୟୀ ଆଶ୍ରୟ, ଯାହା ସେ ଜାଣିଥିଲେ ଯେ ସେ ସମସ୍ତଙ୍କ ମଙ୍ଗଳ ପାଇଁ ନିଜକୁ ଅନୁଭବ କରିବାକୁ ପଡିବ । ବୁଦ୍ଧ ନିଷ୍ପତ୍ତି ନେଇଥିଲେ ଯେ ତାଙ୍କୁ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ କରିବା ପାଇଁ ତାଙ୍କୁ ତାଙ୍କ ରାଜ ଦାୟିତ୍ୱ ଏବଂ ପରିବାର ଛାଡିବାକୁ ପଡିବ । ସେ ଗୁପ୍ତ ଭାବରେ ରାଜପ୍ରାସାଦ ଛାଡି ଏକାକୀ ଜଙ୍ଗଲକୁ ଚାଲିଗଲେ ।  ପରବର୍ତ୍ତୀ ବର୍ଷ ମଧ୍ୟରେ, ସେ ଅନେକ ପ୍ରତିଭାବାନ ଧ୍ୟାନ ଶିକ୍ଷକଙ୍କୁ ଭେଟି ସେମାନଙ୍କ କୌଶଳକୁ ଆୟତ୍ତ କରିଥିଲେ । ସର୍ବଦା ସେ ପାଇଲେ ଯେ ସେମାନେ ତାଙ୍କୁ ମନର ସାମର୍ଥ୍ୟ ଦେଖାଇଲେ କିନ୍ତୁ ନିଜେ ମନେ କରନ୍ତି ନାହିଁ । ଶେଷରେ, ବୋଧଗୟା ନାମକ ଏକ ସ୍ଥାନରେ, ଭବିଷ୍ୟତର ବୁଦ୍ଧ ଧ୍ୟାନରେ ରହିବାକୁ ସ୍ଥିର କଲେ ଯେପର୍ଯ୍ୟନ୍ତ ସେ ମନର ପ୍ରକୃତ ପ୍ରକୃତି ଜାଣି ନଥିଲେ ଏବଂ ସମସ୍ତ ପ୍ରାଣୀଙ୍କୁ ଉପକୃତ କରିପାରନ୍ତି । ମନର ଅତି ସୂକ୍ଷ୍ମ ବାଧାବିଘ୍ନକୁ ଛଅ ଦିନ ଏବଂ ରାତି ବିତାଇବା ପରେ, ସେ ପଚିଶ ବର୍ଷ ହେବାର ଏକ ସପ୍ତାହ ପୂର୍ବରୁ ମେ ମାସର ପୂର୍ଣ୍ଣିମା ସକାଳେ ଜ୍ଞାନ ପ୍ରାପ୍ତ କରିଥିଲେ । ପୂର୍ଣ୍ଣ ହୃଦୟଙ୍ଗମ କରିବାର ମୁହୂର୍ତ୍ତରେ, ମିଶ୍ରିତ ଭାବନା ଏବଂ କଠିନ ଚିନ୍ତାଧାରାର ସମସ୍ତ ଆବରଣ ବିସର୍ଜନ ହୋଇଗଲା ଏବଂ ବୁଦ୍ଧ ଏଠାରେ ଏବଂ ବର୍ତ୍ତମାନ ସର୍ବବ୍ୟାପୀ ଅନୁଭବ କଲେ । ସମୟ ଏବଂ ସ୍ଥାନର ସମସ୍ତ ପୃଥକତା ଅଦୃଶ୍ୟ ହେଲା । ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ, ନିକଟ ଏବଂ ଦୂର, ଅନ୍ତର୍ନିହିତ ସୁଖର ଏକ ଉଜ୍ଜ୍ୱଳ ଅବସ୍ଥାରେ ତରଳିଗଲା । ସେ ସମୟହୀନ, ସର୍ବବ୍ୟାପୀ ସଚେତନ ହେଲେ । ତାଙ୍କ ଶରୀରର ପ୍ରତ୍ୟେକ କୋଷ ମାଧ୍ୟମରେ, ସେ ସବୁକିଛି ଜାଣିଥିଲେ ଏବଂ ଥିଲେ । ସେ ବୁଦ୍ଧ, ଜାଗ୍ରତ ହୋଇଥିଲେ । ତାଙ୍କର ଜ୍ଞାନବୋଧ ପରେ ବୁଦ୍ଧ ଉତ୍ତର ଭାରତରେ ପାଦରେ ଯାତ୍ରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ । ସେ ପଚିଶ ବର୍ଷ ପର୍ଯ୍ୟନ୍ତ ନିରନ୍ତର ଶିକ୍ଷାଦାନ କଲେ । ରାଜାଠାରୁ ଆରମ୍ଭ କରି ସଜନ୍ୟ ପର୍ଯ୍ୟନ୍ତ ସମସ୍ତ ଜାତି ଏବଂ ବୃତ୍ତିର ଲୋକମାନେ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ସେ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଇଥିଲେ, ଯାହା ସର୍ବଦା ବାସ୍ତବ ଅଟେ । ତାଙ୍କ ଜୀବନସାରା ବୁଦ୍ଧ ତାଙ୍କ ଛାତ୍ରମାନଙ୍କୁ ତାଙ୍କ ଶିକ୍ଷା ଉପରେ ପ୍ରଶ୍ନ କରିବାକୁ ଏବଂ ନିଜ ଅଭିଜ୍ଞତା ମାଧ୍ୟମରେ ନିଶ୍ଚିତ କରିବାକୁ ଉତ୍ସାହିତ କରିଥିଲେ । ଏହି ଅଣ-ତତ୍ପର ମନୋଭାବ ଆଜି ମଧ୍ୟ ବୁଦ୍ଧ ଧର୍ମକୁ ବର୍ଣ୍ଣିତ କରେ । ବୌଦ୍ଧଧର୍ମୀମାନେ ବୁଦ୍ଧଙ୍କ ତିନୋଟି ଗୁରୁତ୍ୱପୂର୍ଣ୍ଣ ଜୀବନ ପର୍ଯ୍ୟାୟକୁ ଭେସ୍କରେ ପାଳନ କରନ୍ତି: ଜନ୍ମ, ଜ୍ଞାନ ଏବଂ ମୃତ୍ୟୁ, ଯାହା ପରମ୍ପରା ଅନୁଯାୟୀ ସମସ୍ତଙ୍କୁ ତାଙ୍କ କ୍ୟାଲେଣ୍ଡରର ଗୋଟିଏ ଦିନରେ ଘଟିଥଲା ବୋଲି କୁହାଯାଏ । ରାଜକୀୟ ପରିବାରରେ ରାଜକୁମାର ଭାବରେ ଜନ୍ମ ହୋଇଥିବା ସିଦ୍ଧାର୍ଥ ଗୌତମ ତାଙ୍କର ଦୀର୍ଘ ଯାତ୍ରା ସମୟରେ ଜଣେ ରୋଗୀ, ବୃଦ୍ଧ, ଶବକୁ ଦେଖିଥିଲେ । ଏହା ତାଙ୍କୁ ଗଭୀର ଭାବରେ ବିଚଳିତ କଲା । ପଚାରିବା ପରେ ତାଙ୍କ ରଥ ସାରଥି ଉତ୍ତର ଦେଲା ଯେ ପ୍ରତ୍ୟେକ ବ୍ୟକ୍ତିଙ୍କ ଭାଗ୍ୟ ଏପରି ଅଟେ, ଏବଂ କୌଣସି ପରିମାଣର ସାମଗ୍ରୀକ ଆରାମ ଜୀବନ ଏବଂ ବୃଦ୍ଧାବସ୍ଥାର ଦୁଃଖରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ ନାହିଁ । ସେହି ମୁହୂର୍ତ୍ତରେ, ପ୍ରିନ୍ସ ସିଦ୍ଧାର୍ଥ ତାଙ୍କର ସମସ୍ତ ରାଜକୁମାରଙ୍କୁ ମୋକ୍ଷ ପାଇଁ ଉଦ୍ୟମ ପଛରେ ଛାଡ଼ିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଏକ ଜଙ୍ଗଲ ଆଡକୁ ଗଲେ । ଜନ୍ମ କାହାଣୀ ଗୁରୁତ୍ୱପୂର୍ଣ୍ଣ କାରଣ ବୁଦ୍ଧ ନେପାଳର ଲୁମ୍ବିନିରେ ଜନ୍ମଗ୍ରହଣ କରିଥିବାବେଳେ ତାଙ୍କ ମା ଏକ ଗଛ ଉପରେ ଠିଆ ହୋଇଥିଲେ । ଥରେ ଜନ୍ମ ହେବା ପରେ ସେ ସାତଟି ପଦକ୍ଷେପ ନେଇଥିବା କୁହାଯାଏ ଯାହା ପରେ ପ୍ରତ୍ୟେକ ପାଦରୁ ଏକ କମଳ ଫୁଲ ଉତ୍ପନ୍ନ ହେଲା । ଏହା ପରେ ସେ ଘୋଷଣା କରିଥିଲେ ଯେ ଏହା ତାଙ୍କର ଶେଷ ପୁନର୍ଜନ୍ମ ଏବଂ ସେ ଜଣେ ଜ୍ଞାନୀ ବ୍ୟକ୍ତି ହେବେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶ୍ୱାସ କରାଯାଏ ଯେ ସିଦ୍ଧାର୍ଥ ଗୌତମ ବିହାରର ବୋଧଗୟା ଠାରେ ଏକ ବୋଧି ଗଛ ତଳେ ଜ୍ଞାନ ପ୍ରାପ୍ତ କରିଥିଲେ । ସେ ସାରନାଥରେ ତାଙ୍କର ପ୍ରଥମ ଉପଦେଶ ଦେଇଥିଲେ । ଶ୍ରୀଲଙ୍କା, ଭିଏତନାମ, ନେପାଳ, କୋରିଆ, ଇଣ୍ଡୋନେସିଆ, ଲାଓସ୍ ଏବଂ ମାଲେସିଆ ଭଳି ଦେଶ ବୁଦ୍ଧ ପୂର୍ଣ୍ଣିମାକୁ ଅତି ଉତ୍ସାହର ସହ ପାଳନ କରନ୍ତି । ଭେସାକ ଏକ ପ୍ରାର୍ଥନା ଦିନ ଏବଂ ଲୋକମାନେ ଶାନ୍ତି, ଶାନ୍ତି ଏବଂ ଶାନ୍ତି ପାଇଁ ତାଙ୍କ ନିକଟରେ ପ୍ରାର୍ଥନା କରିବାକୁ ବସିଥା଼ନ୍ତି । ବୁଦ୍ଧ ପୂର୍ଣ୍ଣିମା ଉପରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ପାଣିରେ ଭର୍ତ୍ତି ଏବଂ ଫୁଲରେ ସଜାଯାଇଥିବା ଏକ ପାତ୍ରରେ ରଖାଯାଇଛି । ଭକ୍ତମାନେ ମଧ୍ୟ ଭଜନ ଗାନ କରନ୍ତି, ବୁଦ୍ଧ ଏବଂ ତାଙ୍କର ଶିକ୍ଷା ଏବଂ ନୀତିକୁ ପ୍ରଶଂସା କରନ୍ତି । ସେମାନେ ଫୁଲ ଏବଂ ମହମବତୀ ପରି ନମ୍ର ନବେଦ୍ୟ ଆଣନ୍ତି । ଶ୍ରୀଲଙ୍କା ଏବଂ ନେପାଳ ପରି ଖୁବ୍ କମ୍ ଦେଶ ମାଂସ ଏବଂ ମଦ୍ୟ ବିକ୍ରିକୁ ନିଷିଦ୍ଧ କରିଛନ୍ତି । କେତେକ ଦେଶରେ ବୁଦ୍ଧ ପୂର୍ଣ୍ଣିମା ଉପରେ ପକ୍ଷୀ, କୀଟ ଏବଂ ପଶୁମାନଙ୍କୁ 'ମୁକ୍ତିର ପ୍ରତୀକାତ୍ମକ କାର୍ଯ୍ୟ' ରୂପେ ମୁକ୍ତ କରିବାର ଏକ ପ୍ରଥା ମଧ୍ୟ କରାଯାଏ ।

ଦେବେନ୍ଦ୍ର ସାମଲ
ଭ୍ରାମ୍ୟଭାଷ : ୯୪୩୯୯୦୯୪୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣମାଧ୍ୟମରେ କିଏ ?



ପଙ୍କଜ ପାଣିଗ୍ରାହୀ

ମଣିଷ ମସ୍ତିଷ୍କରେ ଭିନ୍ନ ଭିନ୍ନ ପ୍ରକୋଷ୍ଠ ସୃଷ୍ଟି ହୋଇ ବିଭିନ୍ନ ପ୍ରକ୍ରିୟା, ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ସ୍ମରଣ ଶକ୍ତି, ଜ୍ଞାନ, ବୁଦ୍ଧି, ବିବେକ, ଚତୁରତା, ଶିକ୍ଷା, ସଂସ୍କାର, ତୃପ୍ତି, ନୈରାଶ୍ୟ, ଦୁଃଖ, ସୁଖ, ଉଦ୍ଦେଶ୍ୟ, ଲକ୍ଷ ପ୍ରାପ୍ତି, ମାନସିକତା, ବିଚାର ଭଳି ଆହୁରି ଅନେକ ବିଷୟ ମସ୍ତିଷ୍କ ମଧ୍ୟରେ ସ୍ଥାନ ପାଇ ମଣିଷର ବାହ୍ୟ ଆବଭାବର ପରିପ୍ରକାଶ ହୋଇଥାଏ । ମସ୍ତିଷ୍କରେ ଯାହା ଆଲୋଡିତ ହୁଏ ସାଧାରଣରେ କାହାକୁ ଗୋଚର ହେଉନଥିବା ବେଳେ ବାହ୍ୟ ପରିପ୍ରକାଶ ଅନ୍ୟମାନଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥାଏ । ଅତଏବ କହିବାକୁ ଗଲେ ଗୋଟିଏ ମଣିଷର ପରିପ୍ରକାଶର ଭାଷା ତାହାର ମାନବିକ ମୂଲ୍ୟବୋଧ ଆକଳନ କରିଥାଏ । ଏବଂ ସେହି ବାସ୍ତବ ମାନବିକ ମୂଲ୍ୟବୋଧ ମଣିଷର ପ୍ରକୃତ ସମ୍ପତ୍ତି ଯାହା ତାକୁ ଗୌରବାନ୍ୱିତ କରିଥାଏ ଚିର ଆମର ହୋଇ ରହିବା ପାଇଁ ।

ଆମ ପୂର୍ବଜଙ୍କ ମାନସିକ ପରିସୀମା ସୀମିତ ଥିବା ବେଳେ ସ୍ୱତଃ ଆଲୋଡନ, ନିରୀକ୍ଷଣ, ଏକାଗ୍ରତା ତଥା ଧ୍ୟାନ ମାଧ୍ୟମରେ ସେମାନେ ବହୁତ କଥା ଜାଣି ପାରୁଥିଲେ ଏବଂ ସେମାନଙ୍କ ସାମାଜିକ ମୂଲ୍ୟବୋଧତା ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ସେମାନଙ୍କ ପାଇଁ ଶିକ୍ଷାର କୌଣସି ଉଚ୍ଛ ନଥିବା ବେଳେ କେବଳ ନିଜସ୍ୱ ଜ୍ଞାନରୁ ଦାର୍ଶନିକ ତତ୍ୱ ତଥା ସାମାଜିକ ଆଚରଣ ବିଧି ଗୁଡିଏ ଉଲ୍ଲେଖ କରି ଯାଇଛନ୍ତି ଯାହା ଯୁଗେ ଯୁଗେ ଅବିସ୍ମରଣୀୟ ହୋଇ ରହି ଯାଇଅଛି । ଶିକ୍ଷା ଏବଂ ତଦ୍ୱାରା ଲାଭ ହୋଇଥିବା କିଛି ଜ୍ଞାତ ତଥ୍ୟ ସୀମିତ ମାତ୍ର । ଶିକ୍ଷା ଜଣଙ୍କୁ ଶିକ୍ଷିତ କିମ୍ବା କାହାଦ୍ୱାରା ଲିଖିତ କୌଣସି ବିଷୟ ଉପରେ ବିଶାରଦ କରିପାରେ ଯାହା ନିଜସ୍ୱ ଜ୍ଞାନ ସୃଷ୍ଟି କରିବାରେ କିଞ୍ଚିତ ସହଯୋଗ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଭର ଯୋଗ୍ୟ ଉଚ୍ଛ ନୁହେଁ । ଜ୍ଞାନ କେବଳ ଧ୍ୟାନରୁ ହିଁ ସମ୍ଭବ ହୋଇଥାଏ ଯାହା ଆଜିର ଶିକ୍ଷିତ ମଣିଷ ଆଦୌ ଲାଭ କରିନଥାନ୍ତି, କାରଣ ନିଜର ଶିକ୍ଷାଗତ ପ୍ରମାଣ ପତ୍ର ପାଇଁ ଏତେ ମାତ୍ରାରେ ଗର୍ବରେ ଅନ୍ଧ ହୋଇଯାଆନ୍ତି ସେମାନେ ଯେ ସଂସାରର ବାସ୍ତବତା ସେମାନଙ୍କୁ ଅଜ୍ଞ ଥାଇ ମଧ୍ୟ ଅହଙ୍କାରରେ ଅନ୍ଧ ହୋଇ ନିଜକୁ ଜ୍ଞାନୀ ବୋଲି କେବଳ ଭାବନ୍ତି, ଯାହା ଅବାସ୍ତବ ! ତେଣୁ ପ୍ରାୟତଃ ଆଜିର ସମସ୍ତ ମଣିଷ ଏକ ପ୍ରକାର ଅଜ୍ଞାନ ଅନ୍ଧ ଭଳି ଜୀବନ ଯାପନ କରୁଥିବା ଦେଖିବାକୁ ମିଳେ ଯାହାଙ୍କ ମନର ଅହଙ୍କାର ଏବଂ ସ୍ୱାଭିମାନ ଆକଳନ ଅସମ୍ଭବ !

ସୀମିତ ଶିକ୍ଷା ସହିତ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଥିବା ବିଷୟ ଗୁଡିକୁ ଦେଖି, ପଢ଼ି ନିଜକୁ ସଂସାରର ସବୁଠାରୁ ବିଶେଷ ଜ୍ଞାନୀ ବୋଲି ଭାବନ୍ତି ସବୁ ମଣିଷ । ହେଲେ ଗଣମାଧ୍ୟମ ହେଉକି ଦୂରଭାଷ ମାଧ୍ୟମ, ସେଗୁଡ଼ିକରେ ପ୍ରଚାରିତ ବାସ୍ତବ ଜ୍ଞାନ ସମ୍ମତ ବିଷୟ ଗୁଡିକ ଉପରେ କାହାର ଧ୍ୟାନ ନଥାଏ । କିଛି ଭ୍ରାନ୍ତିକର ତଥ୍ୟ ତଥା ମନୋରଞ୍ଜନ ବିଷୟ ଗୁଡିକୁ ଅତ୍ୟନ୍ତ ଆଗ୍ରହର ସହିତ ପଢିବା, ଦେଖିବା ବେଳେ କୌଣସି ବିବାଦ, ବିତର୍କ ମୂଳକ ବିଷୟ ଗୁଡିକ ଏତେମାତ୍ରାରେ ଆକର୍ଷଣ କରିଥାଏ ସମସ୍ତଙ୍କୁ ଯେ ଆଜିକାଲି ସବୁ ମାଧ୍ୟମରେ କେବଳ ସେହିଭଳି ନକାରାତ୍ମକ ବିଷୟ ହିଁ ପ୍ରସାରିତ ହେଉଥିବା କେହି ଅସ୍ୱୀକାର କରି ପାରିବେ ନାହିଁ ! ଆଉ ସାଧାରଣ ମଣିଷ କେବଳ ନକାରାତ୍ମକ ଆଲୋଚନା ପ୍ରତି ସମ୍ପୂର୍ଣ୍ଣ ଆକୃଷ୍ଟ ଆଦୃତ ହେଉଥିବା ହେତୁ ସବୁ ମାଧ୍ୟମ ଗୁଡିକ କେବଳ ବ୍ୟବସାୟ ଦୃଷ୍ଟିରୁ ସେସବୁର ବହୁଳ ପ୍ରଚାର ପ୍ରସାର କରିବା ପାଇଁ ବାଧ୍ୟ ହେଉଛନ୍ତି ! ପାଠକଙ୍କ ଆଦୃତତା ଉପରେ ଗୁରୁତ୍ୱ ଦେବା ଲେଖକଙ୍କ ଧର୍ମ ହୋଇଥାଏ । ତେଣୁ ପାଠକଙ୍କୁ ସୁହାଇଲା ଭଳି ଲେଖା କିମ୍ବା କାର୍ଯ୍ୟକ୍ରମ ଗଣମାଧ୍ୟମ ଗୁଡିକ ପ୍ରସାର କରୁଥିବା ବେଳେ ପାଠକ ସେମାନଙ୍କ ରୁଚି ବଦଳାଇଲେ ସେମାନେ ମଧ୍ୟ ଆପେ ବଦଳି ଯିବେ ବୋଲି ଆମର

 Magazine Downloaded from www.aahwaan.com

ଅନୁମାନ !

ଗଣମାଧ୍ୟମ ହେଉକି ଯେକୌଣସି ମାଧ୍ୟମରେ ଆମେ ସବୁବେଳେ ପରଚର୍ଚ୍ଚା, କାହାକୁ ନିନ୍ଦା କରିବା, ଅନ୍ୟପ୍ରତି ଇର୍ସାତ୍ମକ ଆଚରଣ, ଭଳି ନକାରାତ୍ମକ ମନୋଭାବକୁ ଗ୍ରହଣ କରିବା ଏବଂ ବିତରଣ କରିବା ପାଇଁ ସଦା ବ୍ୟାକୁଳ ହୋଇ ରହିଥିବା ଦେଖିବାକୁ ମିଳେ । ତାହା ଛଡା ଅନ୍ୟ କ୍ଷେତ୍ରରେ ବିଭିନ୍ନ ଅଶ୍ଳୀଳ ଚିତ୍ର ହେଉକି ଆନନ୍ଦ ଦାୟକ ମନୋରଞ୍ଜନ କଳାଭଳି ଫୋଟୋ, ଚିତ୍ର, ଚଳଚିତ୍ର ତଥା ପରିଚର୍ଚ୍ଚା ଗୁଡିକ ପ୍ରତି ଅତ୍ୟନ୍ତ ଭାବାବେଗ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ତତ୍ୱଜ୍ଞାନ କିମ୍ବା ପରିମାର୍ଜିତ ମାନବିକତା ଉପରେ ଆଧାରିତ କୌଣସି ବିଷୟକୁ ଆଖି ପିଛୁଳାକେ କାଟିଦେବା କିମ୍ବା ଉପରକୁ ଠେଲିଦେବା ଏକ ସାଧାରଣ ମାନସିକତାରେ ପରିଣତ ହୋଇଛି ସମସ୍ତଙ୍କର । ସେସବୁ ଜୀବନରେ କିଛି ଦେବା ବଦଳରେ ଜୀବନର କିଛି ମୁହୂର୍ତ୍ତ ନଷ୍ଟ କରିଦେଲା ଭଳି ଅନୁଭବ ହେଉଛି ସମସ୍ତଙ୍କୁ ! ଅଧିକନ୍ତୁ କାହାଠାରୁ କୌଣସି ଭଲ କଥାଟିଏ ଶୁଣିଲେ କି ଦେଖିଲେ ଆଖି ପିଛୁଳାକେ ତାକୁ ଅନ୍ୟ ଜଣଙ୍କୁ ପ୍ରେରିତ କରି ସେମାନଙ୍କୁ ସୁଧାରି ନେବାରେ ଆମର ତତ୍ପରତା କହିଲେ ନସରେ, ସତେ ଯେମିତି ନିଜେ ସର୍ବ ଗୁଣ ସମ୍ପର୍ଣ୍ଣ ହୋଇ ଯାଇଛନ୍ତି ଏବଂ ବାକି ସବୁ ଲୋକ ତାକୁ ଦେଖି, ପଢି ମାର୍ଜିତ ହେବା ନିତାନ୍ତ ଜରୁରୀ ! ଏମିତି ସମସ୍ତେ ସମସ୍ତଙ୍କୁ କେବଳ ଉପଦେଶ ଦେବାରେ ଏତେ ବ୍ୟଗ୍ର ଯେ ଗଣମାଧ୍ୟମରେ ସକାଳୁ ରାତି ପର୍ଯ୍ୟନ୍ତ ଉପଦେଶର ମାଳା ପିନ୍ଧୁ ପିନ୍ଧୁ ସମସ୍ତଙ୍କ ବେକ ଭରିଯାଇ ଉଛୁଳି ପଡେ ! ତେଣୁ ଆମେ ସେସବୁ ପ୍ରତି ଭ୍ରୂକ୍ଷେପ ନକରି କେବଳ ସୁନ୍ଦର ଫୋଟୋ ଏବଂ ମନୋରଞ୍ଜନ ସାଙ୍ଗକୁ ନକାରାତ୍ମକ ତଥା ଅନ୍ୟର ଦୁଃଖ, ଦୁର୍ଦ୍ଦଶା ଏବଂ ବିଯୁକ୍ତାତ୍ମକ ଆଚରଣ ଗୁଡିକ ପ୍ରତି ଅତ୍ୟନ୍ତ ଆକର୍ଷିତ ହେଉଥିବା ଏକ ସାଧାରଣ ଲକ୍ଷଣରେ ପରିଣତ ହୋଇ ଯାଇଅଛି ସମସ୍ତଙ୍କର ।

ପିତାମାତାଙ୍କ ଔରସରୁ ଜନ୍ମିତ ଶିଶୁ ସେମାନଙ୍କ ଜିନ ଗତ ଗୁଣ, ଚରିତ୍ର ଆବାହନ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

କରୁଥିବା ବେଳେ ବାଲ୍ୟ କାଳରୁ ପାରିବାରିକ ଲୋକଙ୍କ ଆଚରଣ ବିଧି ଗୁଡିକୁ ଅନୁକରଣ କରିବା ମଣିଷର ଏକ ସାଧାରଣ ଲକ୍ଷଣ । ତେଣୁ ନିଜ ସନ୍ତାନ ତଥା ଆସନ୍ତା ପିଢ଼ି ବା ଆମ ଦେଶର ଭବିଷ୍ୟତ ମାନଙ୍କୁ ଉପଯୁକ୍ତ ରାସ୍ତାରେ ନେବା ପାଇଁ ନିଜର ଇଛା ଶକ୍ତିକୁ ସଙ୍କୁଚିତ କରି କର୍ତ୍ତବ୍ୟତାର ପଥ ବାଛିନେବା ବିଧେୟ । ଦେଶର ଭବିଷ୍ୟତ ଆମ ଆସନ୍ତା ପିଢିଙ୍କ ପାଇଁ ନିଜର କର୍ତ୍ତବ୍ୟବୋଧତାକୁ ଅଣଦେଖା କରି ନିଜ ସ୍ୱାର୍ଥ ହାସଲ ଦିଗରେ ଲାଗି ପଡିଥିବା ସମାଜର ଅଧୋଗତି ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସୁନିଶ୍ଚିତ । ଧ୍ୟାନ ଓ ଜ୍ଞାନ ହିଁ ମାନବିକତାର ପରିଚୟ ଏବଂ ସଂସ୍କାରର ମାର୍ଗ ବୋଲି ଜାଣିନପାରି ଧନ ହିଁ ସବୁକିଛି ବୋଲି ଭାବୁ ଥିବା ମଣିଷ ମନର ଏକ ଭ୍ରାନ୍ତ ଧାରଣାକୁ ସଙ୍କୁଚିତ କରାନଗଲେ କେବଳ କାଗଜ ଟଙ୍କାକୁ ଖାଇ ବଞ୍ଚିବାକୁ ହେବ ଆମ ଆସନ୍ତା ପିଢିଙ୍କୁ ଯାହା ବର୍ତ୍ତମାନ ଆକଳନ କରି ପାରିବା ଭଳି କ୍ଷମତା ହୁଏତ ନାହିଁ ସାଧାରଣ ଅଜ୍ଞାନ ମଣିଷ ମାନଙ୍କର ।

ତେଣୁ କାହାଦ୍ୱାରା ଉପୁଜିଥିବା ଏବଂ ପ୍ରସ୍ତୁତ ହୋଇଥିବା ପେଟପୁରା ଖାଇବାକୁ ଗଣ୍ଡେ ମିଳିଗଲେ ଦିନସାରା ଆଉ ମାନସିକ ଆବେଗରୁ ମୁକ୍ତ ମଣିଷ ଆଉ କାହା ଦ୍ୱାରା ପ୍ରସ୍ତୁତ ବସ୍ତ୍ର ଖଣ୍ଡିଏ ପିନ୍ଧି କୌଣସି ଫଳପ୍ରଦ କାର୍ଯ୍ୟ ନକରି କେବଳ ଗଣମାଧ୍ୟମରେ ନିଜକୁ ନିୟୋଜିତ କରି ନିଜର ମିଥ୍ୟା ପ୍ରତିଭା ପ୍ରଚାର ପ୍ରସାର କାର୍ଯ୍ୟରେ ଲାଗିପଡ଼ିବା ଏବଂ ଅନ୍ୟମାନଙ୍କ ମିଥ୍ୟା ପ୍ରତିଭାରେ ଆଦୃତ ହୋଇ କିଛି ଆନନ୍ଦ ଅନୁଭବ ପୂର୍ବକ ସମୟ ବିତାଇବା ଛଡା ପ୍ରାୟତଃ ୭୦%ରୁ ଅଧିକ ମଣିଷ ସାମାଜିକ ବ୍ୟାଧି ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ଗଣମାଧ୍ୟମରେ ! ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ପ୍ରସ୍ତୁତ ଏହି ଗଣମାଧ୍ୟମ କିମ୍ବା ଦୂରଭାଷ ମାଧ୍ୟମର ଉପକାରିତା ଅପେକ୍ଷା ଅପକାରିତାର ଭୟାବହତା ଦୂର ନହେଲେ ମଣିଷ ସମାଜ ପ୍ରକାଣ୍ଡ ବିଧ୍ୱଂସ ମୁଖରୁ ନିଜକୁ ରକ୍ଷା କରିପାରିବ ନାହିଁ ବୋଲି ଆମର ବିଚାରରେ ଆପଣଙ୍କ ମତାମତ ଅପେକ୍ଷାରେ ?!!

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଗୀତର ଆତ୍ମାପର୍ଯ୍ୟନ୍ତ ଗତି



ଆଶିଷ କୁମାର ପଣ୍ଡା

ଧ୍ୱନୀ ତରଙ୍ଗର ଲୟବଦ୍ଧତାକୁ ସଂଗୀତ କୁହାଯାଏ । ସଂଗୀତରେ ଏହି କ୍ଷମତା ଅଛି ଯାହା ମନୁଷ୍ୟକୁ କିଛି ସମୟ ପର୍ଯ୍ୟନ୍ତ ଆତ୍ମା ସହିତ ଯୋଡ଼ିଦିଏ । ଅନ୍ୟ ସମସ୍ତ ସମ୍ବନ୍ଧ ସ୍ମୃତିହୀନ ହୋଇଯାଏ । ଭଲ ସଂଗୀତ ଆତ୍ମାକୁ ତରଙ୍ଗାୟିତ କରିଥାଏ । ଧ୍ୱନିକୁ ହିଁ ନାଦ କହିଥାଉ । ନାଦ ହିଁ ବିନ୍ଦୁଠାରୁ ଉର୍ଦ୍ଧ୍ୱରେ ରହି ଅନୁସ୍ୱାର ତିଆରି ହେଉଥିବା ଶବ୍ଦକୁ ଧାରଣ କରିଥାଏ । ବାକ୍ ରୂପକୁ ସୃଷ୍ଟି କରିଥାଏ ।

ବାକ୍ (ବାଣୀ) ଦୁଇ ପ୍ରକାରର ହୋଇଥାଏ । ପ୍ରଥମେ ଅର୍ଥବାକ୍ ଏବଂ ଦ୍ୱିତୀୟରେ ଶବ୍ଦବାକ୍ । ଅର୍ଥ - ବାକ୍‌କୁ ବିଜ୍ଞାନ ଭାଷାରେ (ମେଟର) କୁହାଯାଇଥାଏ ଏବଂ ଶବ୍ଦ ବାକ୍‌କୁ (ଏନର୍ଜି) ଉର୍ଜା କୁହାଯାଇଥାଏ । ସୃଷ୍ଟିରେ ମେଟର ଏବଂ ଏନର୍ଜି ଛଡ଼ା ଆଉ ଅନ୍ୟ କୌଣସି ତତ୍ତ୍ୱ ନାହିଁ । ଆମେ ସମସ୍ତେ ଅର୍ଥବାକ୍ ଅଟୁ । ମୁଖ୍ୟଭାବରେ ଦେଖାଯାଏ ଧ୍ୱନିର ଭାବପୂର୍ଣ୍ଣ ଅଭିବ୍ୟକ୍ତି କୁ ହିଁ ସଂଗୀତ କୁହାଯାଇଥାଏ । ସଂଗୀତ ଚେତନାକୁ ଜାଗ୍ରତ କରିଥାଏ, ପ୍ରକାଶିତ କରିଥାଏ । ଧ୍ୱନି ମଧ୍ୟ ଗୋଟିଏ ଉର୍ଜା, ଏଥିରେ ଉଷ୍ମତା ବି ଅଛି, ପ୍ରକାଶ ବି ଅଛି । ମନ୍ତ୍ର ମଧ୍ୟ ସଂଗୀତର କାର୍ଯ୍ୟ କରିବାରେ ସକ୍ଷମ । ଏଠାରେ ମଧ୍ୟ ଲୟବଦ୍ଧତା ଅଛି । ମନ୍ତ୍ର ଅର୍ଥ ପ୍ରୟୋଜନକୁ ସିଦ୍ଧି କରିବା କାମରେ ଆସିଥାଏ ।

ଭାରତୀୟ ସଂଗୀତ ବହୁତ ଗଭୀର ଅଟେ । ଆମର ଶାସ୍ତ୍ରୀୟ ସଂଗୀତ, ଶରୀର, ବୁଦ୍ଧି ଏବଂ ମନକୁ ପଛରେ ପକାଇ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିଯାଏ । ସଂଗୀତ ଆତ୍ମାର ସଂସ୍କାରେ ଅନୁରୂପ ନିଜର ସ୍ରଷ୍ଟାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିପାରିବ । ତାହା ସହିତ ନୃତ୍ୟ କରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାରିବ । ଏକାକାର ହୋଇ ପାରିବ । ପାଶ୍ଚାତ୍ୟ ଧର୍ମ ସଂଗୀତରେ ଏହା ହୋଇନଥାଏ । ସେଠାରେ ଈଶ୍ୱର ବଡ଼ ଏବଂ ବ୍ୟକ୍ତି ଛୋଟ ଭାବରେ ବିଦିତ ହୋଇଥାଏ । ସେମାନେ କାହିଁକି ନା ପିତାପୁତ୍ର ହୋଇଥାନ୍ତି । ଆମେ ସଂଗୀତର ଉପଯୋଗ କେବଳ ସାଧନା ପାଇଁ ହିଁ କରିଥାଉ । ଆମ ଭାରତୀୟ ସଂଗୀତ ଏନର୍ଜି (ଉର୍ଜା)କୁ ମେଟରରେ ବଦଳାଇବାର ଏକ ପ୍ରୟୋଗଶାଳା ଅଟେ । ଏଣୁ ଭାରତରେ ଇଷ୍ଟଦେବଙ୍କର ଚିତ୍ର ସଂଗୀତରେ ଗାୟକଙ୍କ ସହିତ ଥାଏ । ଏଣୁ ତାଙ୍କୁ ପ୍ରସନ୍ନ କରିବାପାଇଁ ଭକ୍ତିଭାବର ସହିତ ତନ୍ମୟ ଭାବରେ ପାଳନ କରାଯାଏ । ଏଥିପାଇଁ ଏହାର ଅଭ୍ୟାସ ବ୍ରାହ୍ମମୁହୂର୍ତ୍ତରେ କରାଯାଏ । ଆମେ ନିଶ୍ଚିତ ଭାବରେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ସଂଗୀତର ଆତ୍ମା ପର୍ଯ୍ୟନ୍ତ ଗତି ଅଛି ।

ବାବୁକେଲଗାଁ, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାସବାବୁଙ୍କ ପରିବାର



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆପଣଙ୍କ ମାତ୍ର ଦୁଇ ମିନିଟ୍ ସମୟ ଦେଇ ଏହି କାହାଣୀକୁ ପଢ଼ିବେ ଏବଂ ଯଦି ଏହି କାହାଣୀ ଆପଣଙ୍କୁ ଚିନ୍ତାଶୀଳ କରିଦେଇଛି ତାହେଲେ ନିଜସ୍ୱ ମତ ରଖିପାରିବେ । ଏହି କାହାଣୀ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସମାଜକୁ ନିନ୍ଦିତ କରିବାର ପ୍ରଚେଷ୍ଟା କରେନାହିଁ । ଏହାକୁ ମାତ୍ର ଏକ କାହାଣୀ ବୋଲି ବିବେଚନା କରି ପଢ଼ିବେ । ଧନ୍ୟବାଦ ।

ଦାସ ବାବୁ ଜଣେ ବଦାନ୍ୟ ବ୍ୟକ୍ତି ଥିଲେ । ତାଙ୍କ ଶାସନରେ ଗାଁରେ କେହି ଭୋକରେ ଶୋଉନଥିଲେ । କାହାର ଅଭାବ ଅସୁବିଧା ହେଲେ ସେ ଦାନଧର୍ମ କରି ପରିବାରକୁ ସାହାଯ୍ୟ କରୁଥିଲେ । ଏହାର ସୁଯୋଗ ଅନେକ ପରିବାର କାଳାତିକ୍ରମେ ନେଇ ଆସୁଥିଲେ । ଦାସବାବୁଙ୍କ ପରିବାରର ଆୟକାରୀ ସନ୍ତାନମାନେ ନିଜର ଆୟର କିଛି ଅଂଶ ଦାନରେ ଦେଉଥିଲେ । ସେଥିରେ ସେହି ଗରିବ ପରିବାରର ପିଲାଙ୍କୁ କର୍ମସଂସ୍ଥାନ ବ୍ୟବସ୍ଥା ବି କରାଇଥିଲେ । କିନ୍ତୁ ସେହି ପରିବାର ସବୁ ସୁଯୋଗ ପାଇବା ସତ୍ତ୍ୱେ ଦାସବାବୁଙ୍କ ଦାନ ଉପରେ ହିଁ ନିର୍ଭରଶୀଳ ହୋଇ ରହିଲେ । ସେମାନଙ୍କ ପରିବାର ବୃଦ୍ଧିପାଇବା ସହ ଦାବୀ ମଧ୍ୟ ଦିନକୁ ଦିନ ବଢ଼ିବାକୁ ଲାଗିଲା, ଯାହା ଫଳରେ ନିଜ ଆୟର କିଛି ଅଂଶ ଦେଉଥିବା ପୁଅମାନେ ଧିରେ ଧିରେ ଏଥିପ୍ରତି ବିମୁଖ ହେବାକୁ ଲାଗିଲେ । ଦାସବାବୁଙ୍କ ଅଭ୍ୟାସଗତ ବଦାନ୍ୟତା ହେତୁ ନିଜ ସନ୍ତାନମାନଙ୍କ ପ୍ରତି ଅନ୍ୟାୟ ନ ହେଉ ବୋଲି ମନେ କରି ସେମାନେ ଧିରେ ଧିରେ ପରିବାରଠାରୁ ଦୁରେଇ ଯିବାକୁ ଉଚିତ ମନେକଲେ । ଯେଉଁମାନେ ପାରିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ କିଛି କିଛି ଦାନ ଦେଉଥିଲେ ଅନ୍ୟମାନେ ନିଜ ଆୟ ବିଷୟରେ ଜଣାଇବାକୁ ଉଚିତ ମନେ କଲେ ନାହିଁ, ଏବଂ କିଛି ପୁଅ ସୁଯୋଗ ଦେଖି ବିଦେଶକୁ ଚାଲିଯାଇ ରହିଲେ ।

ଯେତେବେଳେ ଦାସବାବୁଙ୍କ ପରିବାର ବୃଦ୍ଧିପାଇବାକୁ ଲାଗିଲା, ସେ ନିଜ ପରିବାର ପ୍ରତିପୋଷଣ ପାଇଁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଲେ ଏବଂ ଦାନଧର୍ମ ପ୍ରତି ନିଷ୍ଠା ରଖିପାରିଲେ ନାହିଁ । ନିଜର କ୍ରମବର୍ଦ୍ଧିଷ୍ଣୁ ପରିବାରର ବୋଝ ସମ୍ଭାଳିବାକୁ ଅସମ୍ଭବ ହେଉଥିବା ବେଳେ ଦାନଧର୍ମ ପାଇଁ ଆଉ ମନ ବଳାଇବାକୁ ସେମାନଙ୍କର ସାମର୍ଥ୍ୟ ନଥିଲା । ଏବେ ପରିବାରର ଆୟ କମ ହୋଇ ଆସୁଥିଲା । ମାତ୍ର କେଇଜଣ ହିଁ ଥିଲେ ଯେଉଁମାନେ ଆୟ କରୁଥିଲେ ଏବଂ ଦାସବାବୁଙ୍କୁ ପରିବାର ପ୍ରତିପୋଷଣ ପାଇଁ ଅର୍ଥ ଦାନ କରୁଥିଲେ । ସେମାନଙ୍କ ଦୟାରେ ସବୁ କାର୍ଯ୍ୟ ହେଉଥିଲା, ହେଲେ ସେମାନେ ବି ଯଦି କେଉଁଦିନ ସମୟ ଓ ସୁଯୋଗ ଦେଖି ବାହାରି ନ ଯିବେ ଏହା କିଏ କହିବ ? ତେଣୁ ଦାସବାବୁ ଅତ୍ୟନ୍ତ ଯତ୍ନଶୀଳ ହୋଇ ପରିବାର ପ୍ରତିପୋଷଣ କରିବାକୁ ଚେଷ୍ଟା କରୁଥିଲେ ।

ହେଲେ ଅନେକ ବର୍ଷରୁ ଏହି ପରିବାର ଉପରେ ନିର୍ଭର କରି ଆସୁଥିବା ପରିବାରମାନେ ଏବେ ଅଭାବ ଅନୁଭବ କରିଲେ । ଦାସବାବୁଙ୍କ ଦାୟାଦମାନେ ଏହି ପରିବାରର ପିଲାଙ୍କ କର୍ମନିଯୁକ୍ତି ବ୍ୟବସ୍ଥା ବି କରିଦେଇଥିଲେ, ତଥାପି କାହିଁକି କେଜାଣି ଏମାନେ ସବୁବେଳେ ଦାସବାବୁଙ୍କ ଦାନକୁ ହିଁ ଅପେକ୍ଷା କରି ରହୁଥିଲେ । ଏବଂ ଯେତେବେଳେ ମିଳୁଥିବା ଦାନ କମ ହେବାକୁ ଲାଗିଲା, ସେତେବେଳେ ଏହି ପରିବାର ଲୋକମାନେ ଆନ୍ଦୋଳନ କରିବାକୁ ଆଗେଇ ଆସିଲେ । ସେମାନଙ୍କ ପ୍ରାପ୍ୟ ସେମାନଙ୍କୁ ମିଳୁନାହିଁ ବୋଲି ଦାବୀ କରିବସିଲେ । ସେହି ପରିବାର ଗୁଡ଼ିକର ସମ୍ପର୍କୀୟମାନେ ମଧ୍ୟ ଏଥିରେ ସେମାନଙ୍କୁ ସମର୍ଥନ ଦେଉଥିଲେ । ଦାସବାବୁଙ୍କ ପ୍ରତି ଇର୍ଷାନ୍ୱିତ ଗାଁର କିଛି ଲୋକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ଦାବୀକୁ ସମର୍ଥନ ମଧ୍ୟ କରୁଥିଲେ । ଦାନରେ ପାଉଥିବା ଦ୍ରବ୍ୟକୁ ନିଜର ଅଧିକାର ବୋଲି ଦାବୀ କରୁଥିବା ଏହି ଲୋକମାନଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଉଥିଲା ।

ଆଜୀବନ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ଆସୁଥିବା ଦାସବାବୁ ଏବେ ଧର୍ମସଂକଟରେ ପଡ଼ିଥିଲେ । ନିଜ ପରିବାର ପୋଷିବାକୁ ଅଭାବ ଥିବା ବେଳେ ସେ କେମିତି ଦାନଧର୍ମ କରିବେ ସେ ବିଷୟରେ ଚିନ୍ତା କରି କରି ମାନସିକ ଚାପଗ୍ରସ୍ତ ହୋଇ ଯାଉଥିଲେ । ତାଙ୍କର ଦାନଧର୍ମ କରିବା ହିଁ ମୁର୍ଖତା ଥିଲା ବୋଲି ବିଦେଶରେ ରହୁଥିବା ପୁଅମାନେ ମନ୍ତବ୍ୟ ଦେଉଥିଲେ । କହୁଥିଲେ ଦିନେ ଓଳିଏ କାହାକୁ ଖାଇବାକୁ ଦେଇହେବ କିମ୍ବା ସାହାଯ୍ୟ କରିହେବ, କିନ୍ତୁ ଆଜୀବନ ସମସ୍ତଙ୍କୁ ସାହାଯ୍ୟ କରିବା ଭଳି ମୁର୍ଖତା ହେତୁ ଦାସବାବୁଙ୍କ ପରିବାର ବର୍ତ୍ତମାନ ଦେବାଳିଆଙ୍କ ଭଳି ଅବସ୍ଥା ଭୋଗିବାକୁ ଆସିଲାଣି ।

ବି.ଦ୍ର.: ଏହି କାହାଣୀର ସମସ୍ତ ଚରିତ୍ର କାଳ୍ପନିକ ଏବଂ ଏହାର ସତ୍ୟତା ସହ କୌଣସି ସଂପର୍କ ନାହିଁ, ଏବଂ ଏହି କାହାଣୀର ସାଂପ୍ରତିକ ଭାରତୀୟ ସାମାଜିକ ବ୍ୟବସ୍ଥା ସହ କୌଣସି ସମ୍ପର୍କ ଏକ ସଂଯୋଗ ମାତ୍ର ହୋଇପାରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ୍ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ୍ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : June 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com